(ସମ୍ଭବ - ସାହିତ୍ୟାନୁଷ୍ଠାନ ଦ୍ୱାରା ପ୍ରାୟୋଜିତ)
ପ୍ରତିଷ୍ଠାତା ସମ୍ପାଦକ : ବିଷ୍ଣୁ ସେଠୀ

ଚତୁର୍ଦଶ ବର୍ଷ	ଜାନୁଆରୀ-୨୦୨୩	ପ୍ରଥମ ସଂଖ୍ୟା
Year-14	January -2023	Issue- 1

"ଯାଉ ଏ ଜୀବନ, ଥାଉ ଏ ଜୀବନ
ଯିବା ଥିବା ସବୁ ମୋ ପାଇଁ ସମାନ"

- ବିଷ୍ଣୁ ସେଠୀ


ସଂପାଦନା : ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ

ସୃଜନୀ ସମ୍ପାଦକ : ଅଭୟ ଦ୍ୱିବେଦୀ
ସହ ସଂପାଦିକା : ଉର୍ମିଳା ରାଣୀ ପାଣିଗ୍ରାହୀ
କାର୍ଯ୍ୟ-ନିର୍ବାହୀ ସଂପାଦକ : ବ୍ୟୋମକେଶ ସେନାପତି(ନିଲୁ)
କଳା-ସଂପାଦକ : ଚୂଡ଼ାମଣି ଦାସ
ଅକ୍ଷର ସଜ୍ଜା : ମା' ସନ୍ତୋଷୀ କମ୍ପ୍ୟୁଟର
ମୁଦ୍ରଣ : ରିକି ପ୍ରମୋଟର

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ : ୯୪୩୭୦୫୧୦୯୦, ୯୬୬୮୨୪୭୯୫୦
E-mail : ghasaphula.2010@gmail.com

ମୂଲ୍ୟ
୭୦ଟଙ୍କା ମାତ୍ର

ଅଶ୍ରୁଳ ମେଲାଣି ପ୍ରିୟ ପ୍ରତିଷ୍ଠାତା



ସୂଚୀପତ୍ର

ପ୍ରବନ୍ଧ

୧. ନୀତି, ନୈତିକତା ଓ ଆଦର୍ଶ ଚିନ୍ତାଧାରାର
ବାର୍ତ୍ତାବହ : ମନୋଜ ଦାସ ଡକ୍ଟର ଭଗବାନ ପଟେଲ ୧୧

୨. ଜାତି ପିତାମହ ମହର୍ଷି ଦୟାନନ୍ଦ ସରସ୍ୱତୀ:
ସ୍ୱରାଜ ଓ ଆର୍ଯ୍ୟସମାଜ ଅଭୟ ଦ୍ୱିବେଦୀ ୨୫

୩. ସାରସ୍ୱତ ପୁରୁଷ ସୁରେନ୍ଦ୍ର ମହାନ୍ତି:
ଏକ ଦୃଷ୍ଟିପାତ ଡକ୍ଟର ମନୋରଞ୍ଜନ ବିଷୋୟୀ ୪୭

୪. ୨୦୨୦ ପରବର୍ତ୍ତୀ କବିତାରେ ଆର୍ତ୍ତମଣିଷର
ସ୍ୱର ଓ ସ୍ୱାକ୍ଷର ପତିତପାବନ ଗିରି ୬୨

୫. ଦୁର୍ଗୋତ୍ସବ ତତ୍ତ୍ୱ ଅଧ୍ୟାପକ ରବିନ୍ଦ୍ରକୁମାର ବେହୁରିଆ ୭୧

୬. ମହାଲକ୍ଷ୍ମୀଙ୍କର ପୁତ୍ରବଧୂ -ଏକାବଳୀ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ୭୯

ଲଳିତ ନିବନ୍ଧ

୧. ପ୍ରେତ ପାଇଁ ରାତିଟିଏ ବିନୋଦ ୮୬

ଗଳ୍ପ

୧. ବୁଢ଼ା ବାସୁଦେବ ବାରିକ ୯୩

2. Cc Ú Ú úe ae Se Yû_ ..^ ûd K 100

3. Wûj ûY úe Êe WKêÖ Zâûî _ ..^ ûd K 108

4. ùi ^ û_ Zò ùKâî ai « Kê ûe ùNûh 113

5. G.i òe ê þ a^ c ûk ú ùi ^ û_ Zò 119

୬. ସ୍ୱପ୍ନଜୀବୀ ଡକ୍ଟର କାହ୍ନୁଚରଣ ଶତପଥୀ ୧୨୫

୭. ଧର୍ମରାଜ ଓ ଧର୍ମଦେବ ଦେବେନ୍ଦ୍ର ପୁହାଣ ୧୩୨

୮. ମାର୍ଫତ ପ୍ରଭାତ ନଳିନୀ ମହାପାତ୍ର ୧୩୫

୯. ଚକ୍ରବ୍ୟୂହ ରେଣୁବାଳା ନାୟକ ୧୪୧

୧୦. ଭାବେ ଡାକିଥିଲେ ବନ୍ଧୁ ମହାନ୍ତି ଶକୁନ୍ତଳା ନାୟକ ୧୪୭

୧୧. ଆଜିଯିଏ ବସିଛି.... ଜନ୍ମେଜୟ ବାବୁ ୧୫୦

୧୨. ତମ ସହ ଏମିତି ଭେଟ
ହେବାର ନଥିଲା ମୁକ୍ତିକାନ୍ତ ନାୟକ ୧୫୪

୧୩. ଭିନ୍ନ ଜଣେ ଗୌତମୀ ବଂଶୀଧର ଖୁଣ୍ଟିଆ ୧୬୧

୧୪. ସ୍ୱର୍ଣ୍ଣଭୂମିର ପଥେ ମଥୁରା ମୋହନ ବେହେରା ୧୭୩

୧୬. ମୁଢ଼ିବାଲା ଅଶ୍ୱିନୀ କୁମାର ମହାନ୍ତି ୧୮୧

ଅନୁବାଦ

୧. ନିଷିଦ୍ଧଫଳ ମୂଳବଙ୍ଗଳା ଗଳ୍ପ - ଦିନି ଦାଶଗୁପ୍ତା
ଓଡ଼ିଆ ରୂପାନ୍ତର- ଜୟକୃଷ୍ଣ ସାମଲ ୧୯୧

୨. ରମେଶ ଆସୁଛି ବିନୋଦ ଘୋଷାଲ
ଅନୁସୃଜନ - ଗୀତାରାଣୀ ଆଇଚ ୨୦୮

ସମୀକ୍ଷା

୧. ମାନବବାଦର ଐତିହାସିକ ଦଲିଲ
: 'ଶିରୋଧାର୍ଯ୍ୟ ଶିରୋନାମା' ସମୀକ୍ଷା: ବିଭୂତିଭୂଷଣ ସେନାପତି ୨୨୨

୨.	ପବନ ପଣତରେ ଜୀବନବୋଧ	ମନୋରଞ୍ଜନ ମହାନ୍ତି	୨୩୪
୩.	'ବିଦ୍‌ଗଧ ବସନ୍ତ'ର ସମୀକ୍ଷାୟନ ସଂଯୁକ୍ତା	ଭାରତୀ	୨୪୨
୪.	ଚୋରା ଢ଼େଉ ଓ ସାରାଂଶ :		
	କବି ଶିଶିର ନାୟକ	ଅକ୍ଷୟ କୁମାର ଜେନା	୨୪୪

କବିତା

୧.	ଅନ୍ତିମ ପ୍ରହର ଅତିଥି	ଶ୍ରୀ କିରଣ ଚନ୍ଦ୍ର ଗୁଇ	୨୪୯
୨.	ବିଭୋର ଈଶ୍ୱର	ପ୍ରଫେସର ରମେଶ ଚନ୍ଦ୍ର ସାହୁ	୨୫୧
୩.	ନିଃସର୍ତ୍ତ ସମର୍ପଣ -୧	ନୃସିଂହ ଚରଣ ବେହେରା	୨୫୩
୪.	ବସା ବାନ୍ଧିଥିବା ପକ୍ଷୀ	ଲକ୍ଷ୍ମୀକାନ୍ତ ପାଢ଼ୀ	୨୫୫
୫.	ରାଜାମାନେ	କୃଷ୍ଣ ମିଶ୍ର	୨୫୮
୬.	ସଭ୍ୟତାକୁ ଯୁଦ୍ଧର ଉପହାର	ଶୈବାଳିନୀ ସାହୁ	୨୬୦
୭.	ବାଉଁଶରାଣୀ	ସଚ୍ଚିଦାନନ୍ଦ ମିଶ୍ର	୨୬୨
୮.	ନିରୁତ୍ତର	ଦେବାଶିଷ ଚକ୍ରବର୍ତ୍ତୀ	୨୬୪
୯.	ବ୍ୟଥା	ଶୋଭନା ଜେନା	୨୬୭
୧୦.	ବୁନ୍ଦାଏ ଝାଳ	ସୁଶୀଲ କୁମାର ପାଣିଗ୍ରାହୀ	୨୬୯
୧୧.	ଅଦିନ ମେଘ	ବାବାଜୀ ଚରଣ ଜେନା	୨୭୦
୧୨.	ତୁମେ ଗୋଟେ ମିଛ ଚିତ୍ର	ବାଇଧର ନାୟକ	୨୭୧
୧୩.	ମାଟିରୁ ଆକାଶ	ନୀଳକଣ୍ଠ ସାମଲ	୨୭୩
୧୪.	ତୁମ ଅବର୍ତ୍ତମାନରେ	ରମାକାନ୍ତ ବେହେରା	୨୭୫
୧୫.	ପାନ୍ଥଶାଳାର ସ୍ମୃତି	ଡକ୍ଟର ପ୍ରଦୀପ କୁମାର ମିଶ୍ର	୨୭୭

୧୬.	ଇତିହାସ ଯନ୍ତ୍ରଣା	ଗଣେଶ ପ୍ରସାଦ କରଣଶର୍ମା	୨୭୮
୧୭.	କେମିତି ଅଛ	ଶିଶିର ନାୟକ	୨୮୦
୧୮.	ବୟସ୍କ ପକ୍ଷୀର ଗୀତ	ସୁରଞ୍ଜନ ପାତ୍ର	୨୮୨
୧୯.	ଏଇ କବିତା କଥା	ଡ. ଅବନୀ ପ୍ରଧାନ	୨୮୩
୨୦.	ଇହଲୀଳା	ଡକ୍ଟର ନାରାୟଣ ପଣ୍ଡା	୨୮୬
୨୧.	ବର୍ଷା	ରାଖାଲ ଚନ୍ଦ୍ର ସ୍ୱାଇଁ	୨୮୮
୨୨.	ଅହଂକାର	ଅଶୋକ ମହାନ୍ତି	୨୯୦
୨୩.	ଶାନ୍ତିଧାରା	ଆଦିକନ୍ଦ ରାମ	୨୯୨
୨୪.	ସରଳ ମୋ ପିଲାଦିନ	ହଂସନାଥ ମୁଦୁଲି	୨୯୪
୨୫.	ସନ୍ନିକ୍ଷଣ	ଆଶୁତୋଷ କରଣ	୨୯୬
୨୬.	ସୀମାନ୍ତେ ଚନ୍ଦନ	ଶ୍ରୀମତୀ ମିନାକ୍ଷୀ ମଲିକ	୨୯୭
୨୭.	ଶକୁନ୍ତଳାର ଶ୍ରାବଣ	ଜ୍ଞାନରଞ୍ଜନ ନାୟକ	୨୯୯
୨୮.	ଘାସ	ଡ. ସୁରେଶ ଚନ୍ଦ୍ର ପଣ୍ଡା	୩୦୧
୨୯.	ହେ ବିଶ୍ୱଜୀବନ	ପୂର୍ଣ୍ଣଚନ୍ଦ୍ର ବଳ	୩୦୩
୩୦.	ସ୍ୱପ୍ନମାନଂକୁ ଜେରା	ବିଶ୍ୱନାଥ ନାୟକ	୩୦୪
୩୧.	କାଳବୈଶାଖୀ	ପିନାକୀ ମିଶ୍ର	୩୦୭
୩୨.	ବଢ଼ିପାଣି	ସୁନୀଲ ମିଶ୍ର	୩୦୯
୩୩.	ମାୟାବୀ	ଯୋଗେନ୍ଦ୍ର କୁମାର ନାୟକ	୩୧୧
୩୪.	ନୀପବନ ସନ୍ଧାନେ ନାରୀ	ସୁବ୍ରତ କୁମାର ସେନାପତି	୩୧୪

୩୫.	ରାଜାଧିରାଜ ବସନ୍ତ	ଡ. ସଂଜୀବ କୁମାର ପାଣିଗ୍ରାହୀ	୩୧୬
୩୬.	ସ୍ତୁତିଖଣ୍ଡ	ବିଜୟ କୁମାର ଜେନା	୩୧୮
୩୭.	ନୂତନତ୍ୱର ପଦଧ୍ୱନି	ବନଜା ବିଶ୍ୱାଳ	୩୨୦
୩୮.	ମହାଦ୍ରୁମ	ସୁମିତ୍ରା ମିଶ୍ର	୩୨୧
୩୯.	ମହାତ୍ମାଙ୍କ ଅବର୍ତ୍ତମାନରେ	ଅନସୂୟା ପଣ୍ଡା	୩୨୨
୪୦.	ନିରୁଦ୍ଦିଷ୍ଟ ଜୀବନ	ରାଜେଶ କୁମାର ସେଠୀ	୩୨୪
୪୧.	ବରଫ ମଣିଷ	ପ୍ରଶାନ୍ତ ମହାନ୍ତି	୩୨୫
୪୨.	ଅନ୍ତହୀନ କ୍ଲାନ୍ତି	ଅଧ୍ୟାପକ ଶରତ କୁମାର ଦାସ	୩୨୭
୪୩.	ମୁଁ ଏଇଠି ଅଛି	ଅଙ୍ଗୁରବାଳା ପରିଡ଼ା	୩୨୯
୪୪.	ନୀରବ ଆଖିର ଭାଷା	ଡ. ହରିଶ୍ଚନ୍ଦ୍ର ବେହେରା	୩୩୧
୪୫.	ବଡ଼ଲୋକେ ହୋ	ରତିକାନ୍ତ ବେହେରା	୩୩୩
୪୬.	ଆଉ ଏକ ପ୍ରାର୍ଥନା	ଡକ୍ଟର ଶ୍ରୀହରି ଧଳ	୩୩୫
୪୭.	ଶର୍ବରୀ	କୁମୁଦ ଚନ୍ଦ୍ର ଦାଶ	୩୩୭
୪୮.	ମୂକସାକ୍ଷୀ	ସଂଯୁକ୍ତା ଶରଣ	୩୪୦
୪୯.	ଅବତାର	ଉମାଶଙ୍କର ପାଳ	୩୪୨
୫୦.	ସମୟ	ନରହରି ମିଶ୍ର	୩୪୪
୫୧.	ମୌସୁମୀ ମାଗଇ ମେଲାଣି	ଶାନ୍ତିଲତା ଗିରି	୩୪୬
୫୨.	ଆୟୁଷ ହିଁ ଶବ	ଦୈତାରୀ ଯେନା	୩୪୮
୫୩.	ଶେଷ ସମୟ	ସୁଶାନ୍ତ କୁମାର ନାୟକ	୩୫୦
୫୪.	ଅସହାୟ	ଶ୍ୱେତା ରାଉତ	୩୫୨

୫୫.	ଖେଚୁଡ଼ି	ଡ. ଦୁର୍ଯ୍ୟୋଧନ ଦାସ	୩୫୪
୫୬.	ଉର୍ବଶୀର ପରାଜୟ	ସନାତନ ସେଠୀ	୩୫୬
୫୭.	ଆଣ୍ଡ୍ରଏଡ଼ ମୋବାଇଲ	ଅର୍ଜୁନ ଦାସ	୩୬୪
୫୮.	ସଭିଏଁ ବଡ଼ ଦିଶିଲେଣି	ଅରୂପାନନ୍ଦ ପାଣିଗ୍ରାହୀ	୩୬୬
୫୯.	ତମେ କିଏ ?	ଭଗବାନ ସାହୁ	୩୬୮
୬୦.	ବାଉଁଶରାଣୀ	ଚିନ୍ତାମଣି ମହାଳିକ	୩୬୯
୬୧.	ଏକନ ପାଇଁ ଗୋଟିଏ ଉପକବିତା	ଚକ୍ରଧର ପଣ୍ଡା	୩୭୧
୬୨.	ବିଦାୟ ସମ୍ବର୍ଦ୍ଧନା	ଅର୍ଚ୍ଚନାମୟୀ ପଣ୍ଡା	୩୭୪

ଶିରୋଧାର୍ଯ୍ୟ



ଶିରୋନାମା

ପ୍ରତିଷ୍ଠାତାଙ୍କ ଅବର୍ତ୍ତମାନରେ

ସଂସାରରେ ବହୁ କମ୍ ବ୍ୟକ୍ତି ସାଧନାର ଏକାଧିକ କ୍ଷେତ୍ରରେ ପ୍ରବେଶ କରିବାର ସାମର୍ଥ୍ୟ ରଖନ୍ତି ; ଆହୁରି କମ୍ ବ୍ୟକ୍ତି ସେଥିରେ ପାରଦର୍ଶିତା ହାସଲ କରିଥାନ୍ତି । ସେହି ବିରଳତମ ପ୍ରତିଭାବନ୍ତଙ୍କ ମଧ୍ୟରୁ ବିଷ୍ଣୁ ସେଠୀ ହେଉଛନ୍ତି ଜାଜ୍ୱଲ୍ୟମାନ ଜ୍ୟୋତିଷ୍କ । ସାହିତ୍ୟ , ରାଜନୀତି, ସାମ୍ବାଦିକତା, ସଙ୍ଗୀତ, ଶିକ୍ଷା ଏବଂ କ୍ରୀଡା ପ୍ରତିଟି କ୍ଷେତ୍ରରେ ତାଙ୍କର ପାଦଚିହ୍ନ ସୁସ୍ପଷ୍ଟ । ବିଶେଷକରି, ତାଙ୍କ ଜୀବନ ଥିଲା ସାହିତ୍ୟ ଓ ରାଜନୀତିର ମଧୁର ସଙ୍ଗମ । ସେ ଅନେକବାର ଉଚ୍ଚସ୍ୱରରେ କହିଛନ୍ତି - 'ପଦ୍ମଫୁଲ ମୋର ପ୍ରାଣ ; ଘାସଫୁଲ ମୋ ପ୍ରାଣର ମହକ ।' ରାଜନୀତିରୁ ଉପାଦାନ ସଂଗ୍ରହ କରି ମା ସରସ୍ୱତୀଙ୍କ ପାଦପଦ୍ମରେ ତାହାକୁ କାବ୍ୟରୂପରେ ନୈବେଦ୍ୟ ଅର୍ପଣ କରୁଥିଲେ ।

ଉଣେଇଶ ଶହ ନବେ ଦଶକର ଆଦ୍ୟ ଭାଗରେ ଉତ୍କଳ ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର ଏବଂ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀରୁ ଶିକ୍ଷା ସମାପ୍ତ ପରେ ଓଏସ୍ ଲିଖିତ ପରୀକ୍ଷାରେ ସଫଳତା ପାଇ ମଧ୍ୟ ଇଣ୍ଟରଭିଉରେ ଅଂଶ ଗ୍ରହଣ କରି ନ ଥିଲେ । ସତେ ଯେମିତି ଭାଗ୍ୟଲକ୍ଷ୍ମୀ ତାଙ୍କ ପାଇଁ ରାଜନୀତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ମାର୍ଗ ନିର୍ମାଣ କରିଥିଲେ । ୧୯୯୦ ମସିହାରେ ବିଜେପିରେ ଯୋଗ ଦେବା ପରେ ସବୁ କିଛି ପ୍ରସ୍ଫୁଟିତ ହେବାକୁ ଲାଗିଲା । ୨୦୦୦ ମସିହାରେ ବିଜେପି ଦଳରୁ ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ସେ ନିଜକୁ ସଜାଡି ନେଇଥିଲେ । ସେହି ସମୟରେ ସେ ପ୍ରଥମ ଥର ପାଇଁ ବିଧାନସଭାରେ 'କାନ୍ତକବିଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦାବୀ ପ୍ରସ୍ତାବ ଉତ୍‌ଥାପନ କରିଥିଲେ ।
ତାଙ୍କ କୃତିର ତାଲିକା ବହୁ ଦୀର୍ଘ । ସାଂଗଠନିକ କ୍ଷେତ୍ରରେ ମଧ୍ୟ ସେ ନିଜର ସ୍ଥିତି ସଜାଡି ନେଇଥିଲେ । ୨୦୧୪ରେ ରାଜ୍ୟ ବିଜେପି ସଂପାଦକ, ୨୦୧୬-୧୮ରେ ରାଜ୍ୟ ଉପସଭାପତି ଏବଂ ୨୦୧୯ରେ ଧାମନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ନିର୍ବାଚିତ ହେବା ପରେ ରାଜ୍ୟ ରାଜନୀତିରେ ତାଙ୍କର ଉପସ୍ଥିତି ସମସ୍ତେ ସ୍ୱୀକାର କରିଥିଲେ । ତେଣୁ ସ୍ୱାଭାବିକ ପ୍ରକ୍ରିୟାରେ ସେ ବିରୋଧୀ ଦଳ ଉପନେତା ମନୋନୀତ ହୋଇଥିଲେ । ରାଜନୀତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଦର୍ଶ ଭାବେ ଗ୍ରହଣ କରିଥିଲେ । ସେ ଲେଖିଛନ୍ତି - 'ରାଜନୀତିର ମରୁପ୍ରାନ୍ତରେ ପ୍ରବେଶିଲାବେଳକୁ ତୃଷିତ ପ୍ରାଣଟି ପାଇଁ ଏକ ଓଏସିସ୍ ଥିଲେ ମୋର ଅନୁଜ ତଥା ଏବର କେନ୍ଦ୍ରମନ୍ତ୍ରୀ ଆଦରଣୀୟ ଧର୍ମେନ୍ଦ୍ର, ଶ୍ରଦ୍ଧାଶୀଳ ମୁକୁଭାଇ । ତମାମ ଜୀବନ ତାଙ୍କ ଋଣ ପରିଶୋଧ ସମ୍ଭବ ନୁହେଁ । ସେ କାନ୍ଥ ପକ୍କା ପରି ମୋ ପାଇଁ ନ ଥିଲେ, ହୁଏତ ମୁଁ ସେଇ ମରୁପ୍ରାନ୍ତରେ ହଜିଯାଇଥାନ୍ତି ।'

ବିଷ୍ଣୁବାବୁଙ୍କ ସହିତ ମୋ ସଂପର୍କ ଦୀର୍ଘବର୍ଷର । ଏଇ ବର୍ଷ ଅଗଷ୍ଟ ପନ୍ଦରରେ ତାଙ୍କ ବାସଭବନରେ ଶେଷ ସାକ୍ଷାତ । ତାଙ୍କର ତାଗିଦ ଥିଲା - 'ଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ଘାସଫୁଲ ସଂପାଦନାରେ ସାହାଯ୍ୟ କରିବେ ।' ହସି ହସି ହଁ ଭରିଥିଲି । କିନ୍ତୁ ମା'ଆସିବା ଆଗରୁ ସେ ଅବେଳରେ ଚାଲିଗଲେ ।

ଏବେ ଘାସଫୁଲର ଭବିଷ୍ୟତ ତା'ର ଅଗଣିତ ପାଠକମାନଙ୍କ ହାତରେ ।

- ଅଭୟ ଦ୍ୱିବେଦୀ

ନୀତି, ନୈତିକତା ଓ ଆଦର୍ଶ ଚିନ୍ତାଧାରାର ବାର୍ତ୍ତାବହ : ମନୋଜ ଦାସ

● ଡକ୍ଟର ଭଗବାନ ପଟେଲ

ମାନବବାଦୀ ସାହିତ୍ୟ ଶିଳ୍ପୀ ମନୋଜ ଦାସ ଗଭୀର ଆତ୍ମସନ୍ତୋଷ ଲାଭ ପୂର୍ବକ ସାହିତ୍ୟ ସାଧନାରେ ନିମଗ୍ନ ରହିଛନ୍ତି ଚିରକାଳ । ଜଣେ ଉତ୍ତମ ଚରିତ୍ର ସମ୍ପନ୍ନ ମଣିଷ ରୂପରେ ଆଜୀବନ ସତ୍ୟ, ଧର୍ମ, ନ୍ୟାୟ ଆଦିର ପକ୍ଷପାତୀ ହୋଇ କାର୍ଯ୍ୟ କରିଯାଇଛନ୍ତି ବିମୁଗ୍ଧ ଚିତ୍ତରେ । ତାଙ୍କ ଲେଖନୀ ସର୍ବଦା ସଂଯତ ହୋଇରହିଛି । ସୁତରାଂ, ସେ ହୋଇଛନ୍ତି ଜଣେ ସ୍ଥିତପ୍ରଜ୍ଞ ସାଧକ । ନୀତି, ନୈତିକତା ତଥା ଆଦର୍ଶବୋଧ ହିଁ ତାଙ୍କ ସାହିତ୍ୟ ସାଧନାର ମୂଳମନ୍ତ୍ର । ଉଦାରବାଦୀ ଓ ସତ୍‌ଚରିତ୍ର ସମ୍ପନ୍ନ ସାଧକ ଭାବରେ ସେ ଆଧ୍ୟାତ୍ମିକ ଅନ୍ୱେଷା ମଧ୍ୟରେ ମାନବ ସଂପ୍ରୀତିର ସ୍ୱରକୁ ଶୁଣାଇ ପାରିଛନ୍ତି ଅଧିକ ଆନନ୍ଦିତ ହୋଇ । ତାଙ୍କର ଚିନ୍ତା ଓ ଚେତନା ଭିତରେ ରହିଛି "ବହୁଜନ ହିତାୟ" ନୀତି । ସେ କେବେହେଲେ ପରଶ୍ରୀକାତର ହୋଇନାହାନ୍ତି । ବରଂ, ଅନ୍ୟର ସୁଖ ସମୃଦ୍ଧି କାମନା କରିଯାଇଛନ୍ତି । ନିଜର ନିଃସ୍ୱାର୍ଥପର ଭାବନା ଭିତରେ ବଞ୍ଚିବା ଶିଖିଛନ୍ତି । ଅସୀମ ସନ୍ତୋଷ ଲାଭପୂର୍ବକ ଆଦର୍ଶବାଦୀ ଚିନ୍ତାଧାରାର ପ୍ରତ୍ୟାବର୍ତ୍ତନ କରାଇପାରିଛନ୍ତି ସାହିତ୍ୟ ମାଧ୍ୟମରେ । "Where there is a will, there is a way"- ନ୍ୟାୟରେ ସେ ସର୍ବଦା ଜୀବନରେ ଆହ୍ୱାନର ସମ୍ମୁଖୀନ ହେବାକୁ ଅଧିକ ପସନ୍ଦ କରିଯାଇଛନ୍ତି । ଜଣେ ବିପ୍ଳବୀ ସାହିତ୍ୟିକ ଭାବରେ ସମାଜର ସୁଖ ପାଇଁ ପରିବର୍ତ୍ତନର ସୂତ୍ରପାତ ଘଟାଇଛନ୍ତି ନିଜର ଲେଖନୀ ମାଧ୍ୟମରେ । ଯାହା ସମାଜ ପାଇଁ ହିତକର ତାହାର ବନ୍ଦନା କରିଛନ୍ତି । ସର୍ବୋପରି, ମାନବ ବନ୍ଦନା କରିବା ତାଙ୍କ ସାହିତ୍ୟ ସାଧନାର ପ୍ରଧାନ କର୍ମ ଅଟେ । ସମୟ ସଚେତନ ମାନବବାଦୀ ଶିଳ୍ପୀ ଭାବରେ ସମୟର ପ୍ରାଣ ସ୍ପନ୍ଦନ ତାଙ୍କ ଲେଖାମାନଙ୍କରେ ଅନୁଭୂତ ହେଉଥିବାର ଦେଖାଯାଏ ସ୍ୱତଃସ୍ଫୁର୍ତ୍ତ ରୂପରେ ।

ସମସାମୟିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣେ ଉଚ୍ଚକୋଟୀର ଲେଖକ ଭାବରେ ମାନବ ଚରିତ୍ରକୁ ଉତ୍ତମ ରୂପରେ ଅଧ୍ୟୟନ ତଥା ଅନୁଧ୍ୟାନ କରିପାରିଛନ୍ତି ।

ତାଙ୍କର ଗଳ୍ପ ଓ ଉପନ୍ୟାସମାନଙ୍କରେ ସ୍ଥାନିତ ସମସ୍ତ ଚରିତ୍ର ଗତାନୁଗତିକ ଧାରାରେ ଗତିଶୀଳ ହୋଇନାହାନ୍ତି । ସେମାନେ ଭିନ୍ନ ପଥର ପଥିକ ହୋଇଛନ୍ତି । ବେଳେବେଳେ ସେ ଜଟିଳ ବା ଗୋଲକ ଚରିତ୍ର (Round Character) ସୃଷ୍ଟି କରାଇଥାନ୍ତି । ତାଙ୍କର "ଗୋଧୂଳିର ବାଘ" ଏକ ବହୁ ଚର୍ଚ୍ଚିତ ଉପନ୍ୟାସ ଅଟେ । ଏଣୁ ଏହି ଉପନ୍ୟାସ ସମ୍ପର୍କରେ ସମାଲୋଚକ ଗୁରୁ ଚରଣ ବେହେରା ଯଥାର୍ଥରେ କହନ୍ତି, "ଉପନ୍ୟାସର ମଧୁର ପରିସମାପ୍ତି ହୁଏ ଯେପରି ସବୁ ପରୀ କଥାରେ ଦେଖାଯାଏ । ରାଜକୁମାରୀର କୁହୁକପୁରୀରୁ ଉଦ୍ଧାର ଓ ତା' ସ୍ୱପ୍ନର ରାଜକୁମାର ସହିତ ମିଳନ । କଥାକାର ମନୋଜ ଦାସ ବାଘ ଶିକାରର ସମାପ୍ତିକୁ ବେଶ୍ ଅଭିବ୍ୟକ୍ତିମୂଳକ ଓ କାବ୍ୟିକ କରି ଗଢି ତୋଳିଛନ୍ତି । ସେଦିନ ଦେବଙ୍କୁ ରାତ୍ରି କଟାଇବାକୁ ପଡ଼େ ନିର୍ଜନଗଡ଼ରେ । ପରଦିନ ସକାଳ ଶୋକାକୁଳ ବାଳିକାକୁ ତାଙ୍କ କୋଠରୀରେ ଦେଖି ସେ ଆଶ୍ୱାସନା ଦିଅନ୍ତି ଯେ ତାଙ୍କୁ ଓ ବିମଳା ମାଉସୀଙ୍କୁ ସେ ଦିଗ୍‌ବଳୟକୁ ନେଇଯିବ । ତାଙ୍କ ପିତାଙ୍କ ଇଚ୍ଛା ଥିଲା ସେ ତାଙ୍କ ପାଇଁ ଏହାକୁ କ୍ରୟ କରିବେ, ଏବଂ ତାହା ହିଁ କାର୍ଯ୍ୟକାରୀ ହେବାକୁ ଯାଉଛି ।" (ରୂପ କଥା ସଂରଚନା: ମନୋଜ ଦାସଙ୍କ ଗୋଧୂଳିର ବାଘ - କୋଣାର୍କ-ମନୋଜ ଦାସ ବିଶେଷ ସଂଖ୍ୟା - ୨୦୨୧) ମନୋଜ ମାନସ ଭିତରେ ଆଗେ ଏକ ଉତ୍ତରିତ ଚେତନାର ଭିନ୍ନ ଭିନ୍ନ ଦିଗକୁ ଲକ୍ଷ୍ୟ କରିପାରିବ । ତାଙ୍କର ଭାବନା ଭିତରେ ରହିଛି ଏକ ନୂତନ ଆଭିମୁଖ୍ୟର ପରିକଳ୍ପନା । ସେ କଦାପି କୌଣସି ବିଷୟରେ ସ୍ଥିର ହୋଇ ରହନ୍ତି ନାହିଁ । ସେ ସର୍ବଦା ଗତିଶୀଳ ହୋଇ ରହିବାକୁ ଅଧିକ ପସନ୍ଦ କରିଥାନ୍ତି । ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ନିମନ୍ତେ ବଦ୍ଧପରିକର ହେବା ସଙ୍ଗେ ସଙ୍ଗେ ମଣିଷ ପ୍ରତି ଅଧିକ ସହାନୁଭୂତି ବ୍ୟକ୍ତ କରିବା ହେଉଛି ତାଙ୍କ ସାହିତ୍ୟାଦର୍ଶନର ପ୍ରଧାନ ତଥା ପ୍ରଥମ ଧର୍ମ । ଜଣେ ବିପ୍ଳବୀ ଲେଖକ ଭାବରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆହ୍ୱାନ ଜଣାଇବା ଅଥବା ସମସ୍ୟାର ମୁକାବିଲା ପାଇଁ ମଧ୍ୟ ଯତ୍‌ପରୋନାସ୍ତି ଚେଷ୍ଟା କରିବା ହେଉଛି ତାଙ୍କର ମୁଖ୍ୟ କାର୍ଯ୍ୟ ।

ଯୁଦ୍ଧ ଓ ଶାନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ମନେହୁଏ । ମନୋଜ ଦାସ ଶାନ୍ତି ପ୍ରତିଷ୍ଠା ପାଇଁ ନିରନ୍ତର ଉଦ୍ୟମମାନ କରିଯାଇଛନ୍ତି । ଏଣୁ ତାଙ୍କ ସାହିତ୍ୟ ଭିତରେ ଆଧ୍ୟାତ୍ମିକ ଅନ୍ୱେଷାର ସ୍ୱର ଅଧିକ ପରିମାଣରେ ଶାଣିତ ଓ ତୀବ୍ର ହୋଇ ଉଠିଥିବାର ଉପଲବ୍ଧି କରାଯାଇଥାଏ । ଜଣେ ସମାଜ ସୁଧାରକ ରୂପରେ ଆବିର୍ଭାବ

ହୋଇଛନ୍ତି । ସାମାଜିକ ନ୍ୟାୟ (Social Justice) ନିମନ୍ତେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ସେ ପୁରାପୁରି ଭାବରେ ବିନିଯୋଗ କରିଯାଇଛନ୍ତି । ସେ ସର୍ବଦା ସ୍ୱତନ୍ତ୍ର ଓ ନିରପେକ୍ଷ ବିଚାରଧାରା ଦ୍ୱାରା ପରିଚାଳିତ ହେଉଥିବାର ଦେଖାଯାଏ । ଏଣୁ କ୍ଷଣିକ ଉନ୍ମାଦନା ତାଙ୍କୁ ଗ୍ରାସ କରିପାରିନାହିଁ । ବରଂ, ଯାହା ସମାଜ ପାଇଁ ମଙ୍ଗଳପ୍ରଦ ଓ କଲ୍ୟାଣକର ସେହିପରି କାର୍ଯ୍ୟ କରିବା ପାଇଁ ସେ ଅଧିକ ପସନ୍ଦ କରନ୍ତି । ଏଣୁ ମନୋଜ ଦାସଙ୍କ ଉପନ୍ୟାସ "ଅମୃତ ଫଳ" ସଫଳତାର ଚରମ ସୀମାରେ ଉପନୀତ ହୋଇପାରିଛି । ଏଥିରେ ତାଙ୍କର ଚରମ ଉତ୍କର୍ଷତା ପ୍ରତିପାଦିତ ହୋଇପାରିଛି । ଏ ସମ୍ପର୍କରେ ସମାଲୋଚକ ସନ୍ତୋଷ କୁମାର ରଥ କହନ୍ତି, "ଅମୃତ ଫଳ ଉପନ୍ୟାସଟି ସମୟ ଦୃଷ୍ଟିରୁ ଦେଖିଲେ ଏକ ଐତିହାସିକ ଓ ଏକ ସାମାଜିକ ଉପନ୍ୟାସର ବୟନ । ଏ ବୟନ କଳାରେ ନିପୁଣ ଔପନ୍ୟାସିକ ମନୋଜ ଦାସ ପାଠକକୁ ଆତ୍ମସନ୍ଧାନର ଯେଉଁ ପ୍ରେରଣା ଦେଇଛନ୍ତି, ତାହା ଏ ଉପନ୍ୟାସର ଭାବପକ୍ଷ କିନ୍ତୁ ଉପନ୍ୟାସର ଶୈଳୀ ଦୃଷ୍ଟିରୁ ଯେଉଁ ନିପୁଣତା ପାଠକକୁ ଆଚ୍ଛନ୍ନ କରି ରଖେ, ତାହା ଚିରଦିନ ଓଡ଼ିଆ ସାହିତ୍ୟରେ ସ୍ମରଣୀୟ ହୋଇ ରହିବ ।" (ଔପନ୍ୟାସିକ ମନୋଜ ଦାସଙ୍କ ଅମୃତଫଳ : କାଳ ଓ କଳାର ଅନ୍ତଃବୟନ-କୋଣାର୍କ-ମନୋଜ ଦାସ ବିଶେଷାଙ୍କ- ୨୦୨୧) ମନୋଜ ଦାସଙ୍କ ସାହିତ୍ୟାବର୍ଗ ଭିତରେ ଯେଉଁ ମହତ୍ତର ତଥା ଉଚ୍ଚତର ଦିଗମାନ ରହିଛି, ସେଥିରେ ଏକ ଜୀବନ ବଞ୍ଚିବାର କଳା ଓ କୌଶଳମାନ ଉପସ୍ଥାପନ କରାଯାଇପାରିଛି । ମାନବ ଜୀବନ ହେଉଛି କର୍ମମୟ । କର୍ମ ବିଧି ଜୀବନ ଅସାର ଓ ଅଯୌତିକ ମନେହୁଏ । ଏଣୁ ଉତ୍ତମ ଚରିତ୍ର ସମ୍ପନ୍ନ ବ୍ୟକ୍ତିର ପୂଜା କରାଯାଏ । ସମାଜରେ ତା'ର ଆଦର ବଢ଼ିଥାଏ । ସବୁଠାରେ ସେ ଜୀବନବାଦୀ ଶିଳ୍ପୀର ଉତ୍ତମ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ଖୁବ୍ ସତର୍କତାର ସହିତ । ସାମାଜିକ ପ୍ରତିବଦ୍ଧତା (Social Commitment) ତାଙ୍କ ସାହିତ୍ୟର ଆଧାର ହୋଇରହିଛି ।

ସାଧାରଣ ଭାବରେ ମନୋଜ ଦାସ ଯେଉଁ କଥାର ବ୍ୟାଖ୍ୟା କରିଥାନ୍ତି, ସେଥିରେ ନିଗୁଢ଼ ସତ୍ୟର ପରିପ୍ରକାଶ ହୋଇଥାଏ । ଏଣୁ ତାଙ୍କ ବାକ୍‌ଭଙ୍ଗୀରେ ଏକ ଅସାମାନ୍ୟ ଶକ୍ତି ଓ ସାମର୍ଥ ପ୍ରତିପାଦିତ ହୋଇପାରିଥାଏ । ସରସ, ସୁନ୍ଦର ତଥା ସାବଲୀଳ ଭାବରେ ଉପସ୍ଥାପନ କରିବାର ଅଭିନବ ଉପାୟମାନ ଆବିଷ୍କାର କରିବାରେ ମନୋଜ ଦାସ ଅଧିକ ନିପୁଣ ତଥା ଧୁରୀଣ ଅଟନ୍ତି । ସାହିତ୍ୟର ଭିନ୍ନ ଭିନ୍ନ ବିଭାଗରେ

ସେ ଖୁବ୍ ଚତୁରତାର ସହିତ ଲେଖନୀ ଚାଳନା କରି ଲୋକପ୍ରିୟ ହୋଇପାରିଛନ୍ତି । ତାଙ୍କର ଦୃଷ୍ଟି ଓ ଦର୍ଶନ ଭିତରେ ରହିଛି ପ୍ରେରଣାର ଏକ ଅଫୁରନ୍ତ ଉତ୍ସ । ସେ ସର୍ବଦା ଆନନ୍ଦବାଦୀ ମଣିଷ । ଦିବ୍ୟ ଜୀବନ ପ୍ରତି ଆସ୍ଥା ଓ ବିଶ୍ୱାସ ସ୍ଥାପନ କରନ୍ତି । ମହାକାଳ ବା ମହାଶକ୍ତି ପ୍ରତି ତାଙ୍କର ଅଗାଧ ବିଶ୍ୱାସ ନିହିତ ଅଛି । 'କଳା ପାଇଁ କଳା' (Art for Art's shake) ଅପେକ୍ଷା 'କଳା ଓ ନୈତିକତା' (Art and morality) ଉପରେ ଅଧିକ ଆସ୍ଥା ସ୍ଥାପନ କରିଯାଇଛନ୍ତି । କଳାରେ ନୈତିକତା ନଥିଲେ ତାହା ସାର୍ବଜନୀନ ବିଚାରଧାରାର ପରିଚୟ ସୃଷ୍ଟି କରି ପାରିବ ନାହିଁ । ଏଣୁ ସାଧାରଣ ଜୀବନଚର୍ଯ୍ୟା ଭିତରେ ନୈତିକାର ପ୍ରୟୋଗ କରାଇ ସେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ପ୍ରଦାନ କରିଯାଇଛନ୍ତି । ସୁତରାଂ, ସେ ମାନବବାଦୀ ସ୍ରଷ୍ଟା ପୁରୁଷ ଭାବରେ ଆତ୍ମ-ସନ୍ତୋଷ ଲାଭ କରିପାରିଛନ୍ତି ଖୁବ୍ ମାର୍ମିକ ଅବବୋଧ ମଧ୍ୟରେ । ସମାଲୋଚକ ଡ. ତୀର୍ଥାନନ୍ଦ ମିଶ୍ର ଯଥାର୍ଥରେ ମନୋଜ ମାନସ ସମ୍ପର୍କରେ ଲେଖିଛନ୍ତି । "ମନୋଜ ମୁଖ୍ୟତଃ ଜୀବନବାଦୀ କଥାକାର । ଜୀବନକୁ ବିଭିନ୍ନ ଦୃଷ୍ଟିକୋଣରୁ ଭଲପାଇବା ଏବଂ ତାକୁ ଆପଣାର କରିଦେବା ହିଁ ତାଙ୍କ ଚରିତ୍ରର ମୁଖ୍ୟ ବିଶେଷତ୍ୱ । ଯେଉଁ ସମସ୍ତ ଜୀବନାନୁଭବ ସାଧାରଣ ଭାବରେ ଅପ୍ରକାଶ୍ୟ ତାକୁ ହିଁ ଅତି ଚମତ୍କାର ଭାବେ କଳ୍ପନାଶ୍ରୟୀ ଉଭଟତାର ଆବରଣରେ ଗାଳ୍ପିକ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । × × × × ଏହି ଉଭଟତା ଭିତରେ ଆତ୍ମଗୋପନ କରିଥିବା ବାସ୍ତବତା ହିଁ ତାଙ୍କୁ ଜଣେ ସଫଳ କଥା ଶିଳ୍ପୀର ଗୌରବ ପ୍ରଦାନ କରିପାରିଛନ୍ତି ।" (ମନୋଜ ଦାସଙ୍କ କଳ୍ପନାଶ୍ରୟୀ ଅଲୌକିକ କାହାଣୀ : ଏକ ଆକଳନ - ଯୁଗ ପୁରୁଷ ମନୋଜ ଦାସ) ଏଣୁ ସାହିତ୍ୟ ସର୍ବଦା କଳ୍ପନାଶ୍ରୟୀ ହୋଇଥାଏ । ସତ୍ୟର ଆବରଣ ଭିତରେ କଳ୍ପନା ଲୁକ୍କାୟିତ ହୋଇ ରହିଥାଏ । ସତ୍ୟ ଓ କଳ୍ପନାର ସମାହାରରେ ସାହିତ୍ୟ ହୁଏ ସାରସ୍ୱତ ମର୍ଯ୍ୟାଦାର ଅଧିକାରୀ ।

ସାମାଜିକ ଅଙ୍ଗୀକାରବଦ୍ଧ ଲେଖକ ଭାବରେ ମନୋଜ ଦାସ ଯେଉଁ ସର୍ଜନଶୀଳ ମାନସିକତାର ପରିଚୟ ପ୍ରଦାନ କରିଯାଇଛନ୍ତି, ତାହା ବିଶ୍ୱ ସାହିତ୍ୟ ସମକକ୍ଷ ହେବାର ସମସ୍ତ ଯୋଗ୍ୟତା ହାସଲ କରିପାରିଛି । ତାଙ୍କର ତନୁମନରେ ସୃଷ୍ଟି ହୋଇଛି ଅପୂର୍ବ ଭାବାବେଗ । ସାହିତ୍ୟରେ ଯେଉଁ ବିଭାଗରେ ହାତ ଦେଇଛନ୍ତି, ସେଠାରେ ସେ ପାଇଛନ୍ତି ଆଶାତୀତ ସଫଳତା । ତାଙ୍କ ଦିବ୍ୟ ଚେତନାରେ ସୃଷ୍ଟି ହୋଇଛି ଗଭୀର ଆତ୍ମୀୟତାର

ମହାଭାବ । ଜଣେ ସଫଳତମ ସାହିତ୍ୟ ଶିଳ୍ପୀ ଭାବରେ ଯାହା ଲେଖିଛନ୍ତି, ତାହା ହିଁ ହୋଇଯାଇଛି ଏକ ଏକ ସଫଳତାର ଚାବିକାଠି । ମହାକାଳ ବକ୍ଷରେ ସୃଷ୍ଟି ହୋଇଛି ଅସୁମାରି ସମ୍ଭାବନାର ସ୍ୱର ଓ ସ୍ୱାକ୍ଷର । ମନୋଜ ଦାସଙ୍କ ମତାନୁସାରେ "ଆମ କାର୍ଯ୍ୟକଳାପ ବୋଧ ବାହାରେ ଆମକୁ ଘେରି ରହିଥିବା ସୂକ୍ଷ୍ମ ବାତାବରଣରେ କେତେ ଆଲୋଚନା କେତେ ଆଦାନ ପ୍ରଦାନ ରହିଥାଏ ଅବ୍ୟାହତ । ସ୍ଥୂଳ ଓ ସୂକ୍ଷ୍ମ ଭିତରେ କେବେ କେବେ ସଂଯୋଗ ସ୍ଥାପନ ସକାଶେ, ଅଥବା ମଣିଷ ଚେତନା ସମ୍ଭୂତ ସବୁ ପ୍ରକାର ଲକ୍ଷ୍ୟ ବା ଉଦ୍ଦେଶ୍ୟ- ଅତିକ୍ରାନ୍ତ ପ୍ରେରଣାବଶତଃ ମଧ୍ୟ ଦିବ୍ୟଶକ୍ତି ବା ଦିବ୍ୟ ବିଭୂତି ସ୍ଥୂଳ ରୂପ ପରିଗ୍ରହଣ କରିପାରେ ।" (ଭୂମିକା-ଶେଷ ତାନ୍ତ୍ରିକର ସନ୍ଧାନରେ) ସ୍ଥୂଳ ଚେତନା ଭିତରେ ସୂକ୍ଷ୍ମ ଭାବାବେଗକୁ ତଥା ସୂକ୍ଷ୍ମ ଚେତନାକୁ ସ୍ଥୂଳ ଚେତନା ଭିତରେ ପରିପ୍ରକାଶ କରାଇବାରେ ଧୁରନ୍ଧର ଅଟନ୍ତି । ଏଣୁ ସେ ଯାହା କହିବା ପାଇଁ ଚାହାନ୍ତି, ତାହାକୁ ଅକ୍ଲେଶରେ ତଥା ଅନାୟସରେ ପରିପ୍ରକାଶ କରିପାରନ୍ତି । ଲୋକ ସଂସ୍କୃତିର ପ୍ରୟୋଗ କରିଛନ୍ତି ନିଜର ସୃଷ୍ଟିସମ୍ଭାର ମଧ୍ୟରେ । ସେ ଯେଉଁ ପରିବେଶରେ ଜନ୍ମ ହୋଇଛନ୍ତି, ସେଠାରେ ଥିବା ସାଂସ୍କୃତିକ ପରିବେଶ ସାହିତ୍ୟ ରଚନା ନିମନ୍ତେ ବିଶେଷ ଉପାଦାନମାନ ଯୋଗାଇଛି । ଏଣୁ ଏକ ଗ୍ରାମୀଣ ପରିବେଶ ଭିତରେ ଲୋକ କଳା ତଥା ଲୋକ ସାହିତ୍ୟର ଆବିର୍ଭାବ ଘଟିଥାଏ ଖୁବ୍ ପ୍ରାକୃତିକ ଉପାୟରେ । ମନୋଜ ଦାସଙ୍କ ବାଲ୍ୟ ସ୍ମୃତିଗୁଡ଼ିକ ଜାଗ୍ରତ ହୋଇଛି ପରିଣତ ବୟସମାନଙ୍କରେ । ଏଣୁ ସେ ଯେଉଁ ପରିସ୍ଥିତି ମଧ୍ୟରେ ଗତିଶୀଳ ହୋଇଛନ୍ତି; ତା'ର ଅକ୍ଷତ ପ୍ରଭାବ ତାଙ୍କ ସାହିତ୍ୟାଦର୍ଶକୁ କରିଛି ସମୃଦ୍ଧ ଏବଂ ଐଶ୍ୱର୍ଯ୍ୟ ବିମଣ୍ଡିତ । ସମାଲୋଚକ ଡ. ଗୁରୁଚରଣ ବେହେରାଙ୍କର ମତରେ, "Folk culture comes very naturally to Manoj Das as a store house of images and terms for expressing his sense of mystery and wonder, dreams and imagination, desires and ambitions. He was born and brought up in a rural surrounding in Balasore, Odisha. He grew up in an environment expressed through rituals and festivals held round the year. Close to the village there were hills and woods he often used to visit during childhood. Rained temples and houses and haunted places gave him creepy sensation. He lived with stories and legends about them and they became

part of his subconscious. x x x x Again, when he turned a follower of Sri Aurobindo's Philosophy, he found in folk culture a plenty of material to express Sri Aurobindo's concept of super consciousness man longs for. " (Folk narrative mode in Manoj Das's short stories - Manojayana) ଏଣୁ କୌଣସି ଜଣେ କୃତବିଦ୍ୟ ଲେଖକଙ୍କୁ ତାଙ୍କ ବାଲ୍ୟ ଜୀବନର ପ୍ରଭାବ ଯଥେଷ୍ଟ ପରିମାଣରେ ଆନ୍ଦୋଳିତ କରିଥାଏ । ଯେପରି ପରିବେଶ ମଧ୍ୟ ଦେଇ ମନୋଜ ଦାସ ଆସିଛନ୍ତି, ତା'ର ଅକ୍ଷତ ପ୍ରଭାବ ତାଙ୍କ ସାହିତ୍ୟକୁ କରିଛି କବଳିତ । ଏଣୁ ତାଙ୍କର ଗଳ୍ପମାନଙ୍କରେ ବହୁ ଅଲୌକିକ କାହାଣୀ ଗୁମ୍ଫିତ ହୋଇଥାଏ ଏକ ପ୍ରାକୃତିକ ଉପାୟରେ । ଲୋକକଥା, ଲୋକଗଳ୍ପ, ଲୋକକାହାଣୀ ଇତ୍ୟାଦି ସୃଷ୍ଟି କରିବାରେ ମନୋଜ ହେଉଛନ୍ତି ଜଣେ ଅଦ୍ୱିତୀୟ ସ୍ରଷ୍ଟା ପୁରୁଷ । ତମାମ ଜୀବନ ସେ ଭୂତ ପ୍ରେତ, ପରୀ କାହାଣୀ, ଫେଣ୍ଟାସି ଆଦିର ପ୍ରଭାବରୁ ନିଜକୁ ମୁକ୍ତ କରିପାରି ନାହାନ୍ତି । ଜଣେ ଗ୍ରାମୀଣ ମଣିଷ ହିସାବରେ ସହରୀ ଜୀବନଠାରୁ ସେ ଅଧିକ ଦୂରତା ରକ୍ଷା କରିପାରିଛନ୍ତି ।

ଜାତୀୟ ଅସଙ୍ଗତିକୁ ଦୂର କରିବା ତଥା ଜାତୀୟ ଐକ୍ୟକୁ ବଜାୟ ରଖିବା ହେଉଛି ସତ୍ ସ୍ରଷ୍ଟା ପୁରୁଷର ଧର୍ମ । ସମାଜରେ ଏକ ଶାନ୍ତ ବାତାବରଣ ସୃଷ୍ଟି କରିବା ସହିତ ସଂଘତି ପ୍ରତିଷ୍ଠା କରିବାର ପ୍ରବଳ ଆଗ୍ରହ ନେଇ ହିଁ ସାହିତ୍ୟ ରଚନାର ସୁଦୃଢ ପରମ୍ପରା ନିର୍ମାଣ କରାଯାଇପାରେ । ଏଣୁ ମନୋଜ ସାହିତ୍ୟରେ ସର୍ବଦା ଏକ ଆଦର୍ଶବାଦୀ ପରମ୍ପରାର ସ୍ପଷ୍ଟ ଚିତ୍ରକୁ ସଂଦର୍ଶନ କରାଯାଇପାରେ । କିମ୍ବଦନ୍ତୀ, ମିଥ୍, ଧାର୍ମିକ ବିଶ୍ୱାସ, ଲୋକଧର୍ମ ଆଦିର ସହଯୋଗରେ ମନୋଜ ଦାସ ନୂତନ ପରିପାଟୀରେ ସାହିତ୍ୟ ସର୍ଜନା ପାଇଁ ଆଗ୍ରହାନ୍ୱିତ ହୋଇଛନ୍ତି । ସେ ସର୍ବଦା ଭାରତୀୟ ଚିନ୍ତାଧାରାକୁ ଆଧାର କରି ଲୋକ ସାହିତ୍ୟ ପ୍ରତି ଅନୁରକ୍ତି ପ୍ରକାଶ ପୂର୍ବକ ସ୍ୱତନ୍ତ୍ର ଧାରାରେ ଆତ୍ମବିଶ୍ୱାସ ସୃଷ୍ଟି କରିଯାଇଛନ୍ତି । ତାଙ୍କର କଥା ସାହିତ୍ୟ ଭିତରେ ରହିଛି ମାନବୀୟ ଭାବ ଚେତନାର ଅପୂର୍ବ ଉଚ୍ଚାରଣ । ଉଦାର କଣ୍ଠରେ ଗାନ କରିଛନ୍ତି ଭାରତୀୟ ଚେତନାର ଗୌରବାବହ ଦିଗମାନଙ୍କୁ । ଏଣୁ ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବଙ୍କ ମତରେ "ସମକାଳୀନ ଭାରତୀୟ କଥା ସାହିତ୍ୟରେ ମନୋଜ ଦାସ ଏକ ପ୍ରଜ୍ଞାସ୍ୱର, ପ୍ରଦୀପ୍ତ ଉଚ୍ଚାରଣ । ପଞ୍ଚତନ୍ତ୍ର ଜାତକ କାହାଣୀ ସମନ୍ୱିତ, ବିବିଧ ରହସ୍ୟ- ଅଲୌକିକତା ମଣ୍ଡିତ ରସସ୍ନିଗ୍ଧ

ସୁପ୍ରାଚୀନ ଭାରତୀୟ କଥା କାହାଣୀ ପରମ୍ପରାର ସେ ନବୀକରଣ ଉଦ୍‌ଗାତା- ଭାରତୀୟ ସଂସ୍କୃତି ଓ ଜୀବନ ଚଳଣି ବିଶ୍ୱସ୍ତ ରୂପକାର । କବିତା ରଚନାରୁ ଆରମ୍ଭ ହୋଇଥିଲା ତାଙ୍କ ସାରସ୍ୱତ ଜୀବନରେ ଘୋଷଯାତ୍ରା । ପରବର୍ତ୍ତୀ କାଳରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଓ ସ୍ତମ୍ଭକାର ଭାବେ ଆମ ସାହିତ୍ୟକୁ ସେ କରିଛନ୍ତି ଶ୍ରୀମନ୍ତ ଓ ମହିମା ମଣ୍ଡିତ । ପରିମାଣ ଦୃଷ୍ଟିର ତାଙ୍କ ସମଗ୍ର ସାହିତ୍ୟ ସୃଷ୍ଟିର ଏକ ତୃତୀୟାଂଶ ହେଉଛି ପ୍ରବନ୍ଧ ସାହିତ୍ୟ । ଏହା ତାଙ୍କ ସୃଜନର ଅନ୍ୟ ଦିଗନ୍ତ ହିଁ ଆଲୋକିତ କରେ ।" (କଥାଶିଳ୍ପୀ ମନୋଜ : ଅନ୍ୟ ଦିଗନ୍ତ - ଯୁଗ ପୁରୁଷ ମନୋଜ ଦାସ) ପ୍ରାଜ୍ଞ, ବିଜ୍ଞ ଓ ଶିଷ୍ଟ ପୁରୁଷ ଭାବରେ ମନୋଜ ଅନନ୍ୟ ସିଦ୍ଧିର ଅଧିକାରୀ ଅଟନ୍ତି । ଗଭୀର ତତ୍ତ୍ୱଦର୍ଶୀ ହେବା ସହିତ ମାନବବାଦୀ ଶିଳ୍ପୀର ଆଶା ଓ ବିଶ୍ୱାସକୁ ପାଥେୟ କରି ଅଗ୍ରସର ହୋଇଛନ୍ତି । ଏଣୁ ଭାରତୀୟ ସଂସ୍କୃତ ଓ ଐତିହ୍ୟର ଏକ ନିଷ୍ଠ ଉପାସକ । ସତ୍ୟର ପୂଜାରୀ ଅଟନ୍ତି । ଜାତୀୟ ଜୀବନର ବିଶ୍ୱସ୍ତ ରୂପକାର ଭାବରେ ଯାହା ଖୋଜିଛନ୍ତି, ତାଙ୍କ ସାହିତ୍ୟରେ ତାହା ହୋଇଛି ବହୁ ଭାବରେ ପରିବ୍ୟାପ୍ତ ଓ ମହିମା ମଣ୍ଡିତ ।

ମର୍ମଜ୍ଞ ମନୋଜ ସାରା ଜୀବନ ଯେତେ ପାଇଛନ୍ତି; ତା'ଠାରୁ ଅଧିକ ଦାନ କରିଛନ୍ତି ବିଶ୍ୱ ସାହିତ୍ୟ ଜଗତକୁ । ଇଂରାଜୀରେ ଏକାଧିକ ଗ୍ରନ୍ଥ ରଚନା ପୂର୍ବକ ଏକ ନୂତନ ପରମ୍ପରାର ସୂତ୍ରପାତ ଘଟାଇଛନ୍ତି । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ମଧ୍ୟ ଅତୁଳନୀୟ ଓ ଅପର୍ଯ୍ୟାପ୍ତ ପରି ମନେହୁଏ । ମନୋଜ ଦାସ ସତରେ ଜଣେ ଯୋଗୀ ପୁରୁଷ । କଠିନ ସାଧନା ହିଁ ତାଙ୍କ ଜୀବନର ମାନଦଣ୍ଡ । ସେ ଏକାଧିକ ଉପନ୍ୟାସ ରଚନା କରି ବିଶ୍ୱ ସାହିତ୍ୟରେ ଚହଳ ପକାଇ ଦେଇଥିଲେ । ଉଚ୍ଚମାନର ଉପନ୍ୟାସ ରଚନା କରି ଓଡ଼ିଆ କଥା ସାହିତ୍ୟକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିରେ ପହଞ୍ଚାଇ ପାରିଛନ୍ତି । ଏକଦା Albert Camus କହିଥିଲେ, "What, infact, is a novel but a universe in which action is endowed with form, where final words are pronounced, where people possess one another completely, and where life assumes the aspect of destiny." ଏଣୁ ସାହିତ୍ୟର ବିଭିନ୍ନ ବିଭାଗ ଅପେକ୍ଷା ଉପନ୍ୟାସ ହେଉଛି ଏକ ବଳିଷ୍ଠତମ ବିଭାଗ । ଏହାକୁ ଗଦ୍ୟ ମହାକାବ୍ୟ ମଧ୍ୟ କୁହାଯାଇଛି । ଯୁଗ ପୁରୁଷ ମନୋଜ ଦାସଙ୍କ ସାହିତ୍ୟ ପାଠ କଲେ ପାଠକ ବେଳେ ହତଚକିତ ହୋଇଯାଏ ତ ପୁଣି ଆଉ କେତେବେଳେ ହୋଇଯାଏ ମନ୍ତ୍ରମୁଗ୍ଧ । ଏଣୁ ମନୋଜ ଦାସଙ୍କ ସାହିତ୍ୟ ଭିତରେ

ରହିଛି ଏପରି ଏକ ସ୍ୱାଦ ଯାହା ସହୃଦୟ ପାଠକ ମାତ୍ରେ ହିଁ ହୋଇଯାନ୍ତି ବହୁ ଭାବରେ ଆହ୍ଲାଦିତ । ସବୁଠାରେ ଏକ ଅପୂର୍ବ ଭାବାବେଗର ସ୍ପର୍ଶ ପାଠକକୁ କରେ ଅଧିକ ପ୍ରଚୋଦିତ । ସାହିତ୍ୟକୁ ଏକ ସ୍ୱୟଂ- ଉତ୍ସାହିତ ମହାଶକ୍ତି ବୋଲି ମନୋଜ ଦାସ ମୁକ୍ତ କଣ୍ଠରେ ସ୍ୱୀକାର କରିଯାଇଛନ୍ତି । ମର୍ମଜ୍ଞ ମନୋଜ ଜଣେ ରସଜ୍ଞ ପାଠକ ହୋଇଥିବାରୁ ପାଠକମାନଙ୍କ ପ୍ରତି ଗଭୀର ବିଶ୍ୱସ୍ତ ମହାଭାଗ ପ୍ରକାଶ କରିଯାଇଛନ୍ତି । ସୁତରାଂ, ସୂକ୍ଷ୍ମ ଦର୍ଶନ (Vision) ଓ ପ୍ରେରଣାର ବ୍ୟାପକତାକୁ ସେ ସାହିତ୍ୟର ଏକମାତ୍ର ନିୟାମକ ବୋଲି ମଧ୍ୟ ଗ୍ରହଣ କରିଛନ୍ତି । ସାହିତ୍ୟ ଭିତରେ ଔଚିତ୍ୟବୋଧ ରହିବା ଏକାନ୍ତ ପ୍ରୟୋଜନ ବୋଲି ମତ ଘୋଷଣା କରିବା ସଙ୍ଗେ ସଙ୍ଗେ ସାହିତ୍ୟର ପରିସର ଅତ୍ୟନ୍ତ ବ୍ୟାପକ ତଥା ବିଶାଳ ବୋଲି ମଧ୍ୟ ସେ ଅନୁଭବ କରିପାରିଛନ୍ତି । ଏଣୁ ସେ ସାହିତ୍ୟାନୁରାଗୀ ବ୍ୟକ୍ତି ଭାବରେ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବାକୁ ଅଧିକ ପସନ୍ଦ କରିଛନ୍ତି ।

ମନୋଜ ଦାସଙ୍କ ଦୃଷ୍ଟିରେ ସମାଜ ଗଠନରେ ସାହିତ୍ୟିକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାହିତ୍ୟିକମାନେ ଯେଉଁ କାର୍ଯ୍ୟ କରିପାରନ୍ତି, ତାହା ହୁଏତ ଅନ୍ୟମାନେ ସହଜରେ କରିପାରନ୍ତି ନାହିଁ । ବିଶ୍ୱ ଗ୍ରାମ (World Village) ସୃଷ୍ଟି କରିବାରେ ସାହିତ୍ୟିକମାନେ ଅଧିକ ସକ୍ଷମ ହୋଇଥାନ୍ତି । ବିଶ୍ୱକୁ ଏକ ଗ୍ରାମର ମାନ୍ୟତା ପ୍ରଦାନ କରିବା ଏକ ସହଜ ବ୍ୟାପାର ହୋଇନପାରେ । ତେଣୁ ମନୋଜ ଦାସ ସାହିତ୍ୟର ଭିନ୍ନ ଭିନ୍ନ ଦିଗକୁ ଉନ୍ମୋଚନ କରିବାକୁ ଯାଇ କହିଛନ୍ତି, "ସାହିତ୍ୟର ଚିରନ୍ତନ ଧର୍ମ, ମନୁଷ୍ୟ ଚେତନାକୁ ଉନ୍ନତ କରିବାର ଧର୍ମ । ସାହିତ୍ୟିକ ତା'ର ପ୍ରେରଣାକୁ ଯଥାଯଥ ଭାବରେ ଅନୁଦିତ କଲେ ବଳେ ବଳେ ସାଧୁତ ହେବ । ସେଥିପାଇଁ କୃତ୍ରିମ ଭାବରେ ଧନ୍ଦି ହେବାର ପ୍ରୟୋଜନ ନାହିଁ । ପ୍ରକୃତ ପକ୍ଷରେ ଏପରି କୌଣସି ବିଷୟବସ୍ତୁ ନାହିଁ, ଯାହାକୁ ସୃଜନୀ ପ୍ରେରଣା ସାହିତ୍ୟର ପର୍ଯ୍ୟାୟକୁ ଉନ୍ନିତ ନ କରାଯାଇପାରେ । ଆମର ଏପିକ୍ ସାହିତ୍ୟରେ ଆମେ ତେଣୁ ଦେଖିବାକୁ ପାଉଁ କ୍ଷୁଦ୍ରାତିକ୍ଷୁଦ୍ର ସମସ୍ୟାଠୁଁ ଆରମ୍ଭ କରି ସ୍ଥିତିର ମହତ୍ତମ ଅର୍ଥର ସୂଚନା ପର୍ଯ୍ୟନ୍ତ ।" (ସାହିତ୍ୟ ଓ ଔଚିତାବୋଧ- ବିପୁଳାଚ ପୃଥ୍ୱୀ) ମନୋଜ ଦାସଙ୍କ ସାହିତ୍ୟ ସମ୍ପର୍କିତ ଜ୍ଞାନ ଅଧିକ ସ୍ପଷ୍ଟ ଓ ନିର୍ଭୁକ ପରି ମନେ ହୋଇଥାଏ । ସେ ଜଣେ କ୍ଲାସିକ୍ ପର୍ଯ୍ୟାୟର ଲେଖକ ଅଟନ୍ତି । ତାଙ୍କର ଲେଖାଗୁଡ଼ିକରେ ଯେଉଁ ନୂତନ ଆଭିମୁଖ୍ୟମାନ ପ୍ରକାଶିତ ହୋଇପାରିଛି, ତାହା ତାଙ୍କର ବ୍ୟକ୍ତିତ୍ୱର

ଅଭ୍ରାନ୍ତ ପରିଚୟ ପ୍ରଦାନ କରେ । ତେଣୁ ବିଶ୍ୱ ସାହିତ୍ୟ ସହିତ ସେ ଯୋଡ଼ି ହୋଇଥିବାରୁ, ତାଙ୍କ ଧ୍ୟାନ ଓ ଧାରଣାରେ ଅନେକମୌଳିକତା ଓ ବୈଶିଷ୍ଟ୍ୟତାର ସଂଯୋଗମାନ ସ୍ଥାନୀତ ହୋଇପାରିଛି । ସେ ଜଣେ ବହୁ ଶାସ୍ତ୍ରଦର୍ଶୀ ଲେଖକ ହୋଇଥିବାରୁ ବିଶ୍ୱ ସାହିତ୍ୟ ଅଧ୍ୟୟନ ତଥା ଅନୁଧ୍ୟାନ କରିବାର ସୁଯୋଗମାନ ଲାଭ କରିପାରିଛନ୍ତି । ଅପରପକ୍ଷରେ, ଅନେକ ଦେଶକୁ ପରିଭ୍ରମଣରେ ଯାଇଥିବାରୁ ସେହି ଦେଶର ଶିକ୍ଷା, ସଂସ୍କୃତି, ସଭ୍ୟତା, ଐତିହ୍ୟ, ପରମ୍ପରା ଆଦି ଉପରେ ବ୍ୟାପକ ଜ୍ଞାନ ହାସଲ କରିଥିବାର ଜଣାଯାଏ । ଏଣୁ ତାଙ୍କ ସାହିତ୍ୟରେ ବିବିଧତାର ସ୍ପର୍ଶକୁ ଲକ୍ଷ୍ୟ କରାଯାଇପାରେ । ତାଙ୍କ ଉତ୍ତରିତ ଚେତନା ଅଧିକରୁ ଅଧିକ ପ୍ରଲମ୍ବିତ ଲାଭ ପାରିଛି ସ୍ୱତଃସ୍ଫୁର୍ତ୍ତ ରୂପରେ ।

ଜଣେ ବିଦ୍ୱାନ ବ୍ୟକ୍ତି ଭାବରେ ମନୋଜ ଦାସ ସମଗ୍ର ଭାରତ ବର୍ଷରେ ସୁପରିଚିତ ହୋଇପାରିଛନ୍ତି । ଆପଣାର ଉପସ୍ଥିତ ବୁଦ୍ଧି, ଅମାପଜ୍ଞାନ, ଅସାଧାରଣ ବ୍ୟକ୍ତିତ୍ୱ ବଳରେ ତଥା ଇଂରାଜୀ ଭାଷା ଓ ସାହିତ୍ୟ ମାଧ୍ୟମରେ ଅନେକ ପୁସ୍ତକ ଅଧ୍ୟୟନ କରିପାରିଛନ୍ତି । ତହିଁରୁ ଲବ୍ଧ ଜ୍ଞାନକୁ ନିଜର ସୃଷ୍ଟି ସମ୍ଭାର ଭିତରେ ପ୍ରୟୋଗ ମଧ୍ୟ କରିଯାଇଛନ୍ତି । ସାହିତ୍ୟ ମାଧ୍ୟମରେ ବୃହତ୍ତର ଚେତନାକୁ ଅନୁଭବ କରିବା ମଧ୍ୟ ସମ୍ଭବପର ହୋଇଥାଏ । ଏଣୁ ସାହିତ୍ୟର ଆଭିମୁଖ୍ୟ ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରିବାକୁ ଯାଇ ପ୍ରାଜ୍ଞ ମନୋଜ ଦାସ କହନ୍ତି, "ମନୁଷ୍ୟ ଜାତିର ସୌଭାଗ୍ୟ ଯେ ମାଧ୍ୟମ ହିସାବରେ ବ୍ୟବହାର କରିବାକୁ ଯାଇ ସାହିତ୍ୟ ତଥା କଳାର ବିଭିନ୍ନ ବିଭବକୁ ସେମାନେ ଯେତେଦୂର ଛୋଟ କରିବା କଥା, ତାହା କରିପାରି ନାହାନ୍ତି । ତା'ର କାରଣ ସାହିତ୍ୟ ଏବଂ କଳା ଯେହେତୁ ଉଚ୍ଚତର ଚେତନାର ଅଭିବ୍ୟକ୍ତି, ତାକୁ ଯେତେ ସ୍ଥାନ ବିଚ୍ୟୁତ କଲେ ବି ତା'ର ସ୍ୱୟଂକ୍ରିୟ ଶକ୍ତି ବଳରେ ସେ ଯେଉଁ ସ୍ଥାନକୁ ଓହ୍ଲାଇଯାଏ, ସେହି ସ୍ଥାନକୁ ସେ କିଛିଟା ଗୌରବମୟ କରି ତୋଳେ ।" (ସାହିତ୍ୟର ଆଭିମୁଖ୍ୟ ବିପୁଳାଚ ପୃଥ୍ୱୀ) ପ୍ରକୃତରେ କଳା ବା ସାହିତ୍ୟର ସ୍ଥାନ ଅଦ୍ୱିତୀୟ ଅଟେ । ଏଣୁ ସାହିତ୍ୟ ସର୍ବଦା କାନ୍ତାସମ୍ମତ ଉପଦେଶ ପ୍ରଦାନ କରିଥାଏ । ଏହା ନିଜର କାନ୍ତ କୋମଳ ପଦାବଳୀ ମଧ୍ୟରେ ପାଠକର ତନୁମନକୁ ହରଣ କରିଥାଏ । ମନୋଜ ଦାସ ବହୁ ଭାବରେ ସାହିତ୍ୟର ବ୍ୟାପକ ସଂଜ୍ଞା ଓ ସ୍ୱରୂପକୁ ନିର୍ଣ୍ଣୟ କରିବାର ଉଦ୍ୟମ କରିଯାଇଛନ୍ତି । ସୁତରାଂ, ସାହିତ୍ୟ ସହିତ ଆଧ୍ୟାତ୍ମ ଚେତନାର ସଂଯୋଗ ସମ୍ପର୍କରେ କହନ୍ତି । "ଏକମାତ୍ର ଆଧ୍ୟାତ୍ମ ଚେତନାର ଉତ୍ତରୋତ୍ତର ବିକାଶ ହିଁ ମାନବତାର

ଅଗ୍ରଗତିରେ ସହାୟକ । କେବଳ ଲିଖିତ ପ୍ରମାଣ ଆକାରରେ ସାହିତ୍ୟ ସୃଷ୍ଟି କରି ଆଧ୍ୟାତ୍ମ ମାର୍ଗକୁ ଯାଇ ପ୍ରକୃତରେ କିଛି ଆଧ୍ୟାତ୍ମ ଅନୁଭୂତିର ଅଧିକାରୀ ହୁଏ । ତେବେ ସେ ନିଜେ ନ ଲେଖିଲେ ମଧ୍ୟ ମାନବିକତାର ଚେତନାର ରାଜ୍ୟରେ ତା'ର ଅଲିଖିତ ସଂଯୋଜନ ଦିନେ ନା ଦିନେ ସାହିତ୍ୟ ବା ଶିଳ୍ପୀର ରୂପ ଗ୍ରହଣ କରି ଅନାଗତ ସ୍ରଷ୍ଟାର ଲେଖନୀ ବା ତୁଳୀରେ ପରିସ୍ଫୁଟ ହୋଇ ଉଠିବ ଅଥବା ସଂଗୀତ ରୂପ ନେଇ ଦିନେ କାହା କଣ୍ଠରେ ଝଙ୍କୃତ ହୋଇ ଉଠିବ ।" (ସାହିତ୍ୟ ଓ ଆଧ୍ୟାତ୍ମ- ଜୀବନ, ବିପୁଳାଚ ପୃଥ୍ୱୀ)

ବିଶ୍ୱ ସାହିତ୍ୟରେ ମାନବିକତାର ଉପରେ ଆଉ କାହାରି ସ୍ଥାନ ନପାଇପାରେ । ମାନବିକତାର ଜୟଗାନରେ ସ୍ରଷ୍ଟାମାନେ ସର୍ବଦା ବେଶ୍ ସୁଖର ତଥା ପ୍ରଖର ହୋଇଉଠିଥିବାର ପରିଦୃଷ୍ଟ ହୋଇଥାଏ । ଏଣୁ ଭାରତୀୟ କାବ୍ୟ-ପରମ୍ପରାରେ ନୀତି, ନୈତିକତା ଓ ଆଦର୍ଶକୁ ଶୀର୍ଷ ସ୍ଥାନ ପ୍ରଦାନ କରାଯାଇଅଛି । ଯେଉଁଠାରେ ପ୍ରବନ୍ଧ ଅନୁରାଗୀ ରହିଛି, ସେଠାରେ ଜଗତ ପ୍ରେମମୟ ରୂପରେ ପ୍ରତ୍ୟୟମାନ ହୋଇଥାଏ । ପ୍ରେମ ବିନା ଜୀବନ ଶୁଷ୍କ ଓ ନିରର୍ଥକ ତଥା ଅନ୍ତଃସାରଶୂନ୍ୟ ପ୍ରତୀତ ହୋଇଥାଏ । ବିଶ୍ୱର ପ୍ରତ୍ୟେକ ଉଚ୍ଚକୋଟୀର ସାହିତ୍ୟ ଭିତରେ ପ୍ରେମକୁ ଉଚ୍ଚତର ସ୍ଥାନ ପ୍ରଦାନ କରାଯାଇଆସୁଅଛି । ପ୍ରେମ ସତ୍ୟ ଓ ସନାତନର ସ୍ୱରୂପ ପରି ମନେହୁଏ । ଜୀବନର ଅଳିକତା ଭିତରେ ହିଁ ପ୍ରେମର ମହତ୍ତ୍ୱ ଓ ଗୁରୁତ୍ୱ ଫୁଟିଉଠେ । ଆଦର୍ଶ ନ ହେଲେ ପ୍ରେମର ବ୍ୟାପକତା ନଥାଏ । ଏଣୁ ସର୍ବଦା ଆଦର୍ଶବୋଧ ଉପରେ ବିଶ୍ୱାସ ସ୍ଥାପନ ପୂର୍ବକ ମନୋଜ ଦାସ କହନ୍ତି, "ଆଜି ଭାରତବର୍ଷରେ ସନ୍ତ୍ରାସବାଦ ଆଦର୍ଶ ମୁଖା ପିନ୍ଧିଛି । କିନ୍ତୁ ଏହା ମିଥ୍ୟାଚାର । ବ୍ୟକ୍ତିଗତ ସ୍ତରରେ ନିର୍ମମତା ଓ ଆଦର୍ଶବାଦର ସହାବସ୍ଥାନ ଅସମ୍ଭବ । ରାତି ମଧ୍ୟରେ ଅସହାୟ ଗ୍ରାମବାସୀମାନଙ୍କୁ ଧରି ନେଇଯାଇ ପାଖ ଗଛରେ ଫାଶୀ ଦେବା, ଚୁଲିସପ୍ତରେ ବସିଥିବା ନାରୀ ଓ ଶିଶୁକୁ ଅତର୍କିତ ଗୁଳି କରି ମାରିବା ଭଳି କାମ କେବଳ ନିଷ୍ଠୁରତା ପ୍ରତି ଉତ୍ସର୍ଗୀକୃତ ଅପରାଧୀମାନଙ୍କ ଦ୍ୱାରା ସମ୍ଭବ ଅଥବା ଅଧମ ଦୃଷ୍ଟିଶକ୍ତି କବଳିତ ଅଧମମାନଙ୍କର ଦ୍ୱାରା ଆଜି ଯଦି ସେମାନଙ୍କ 'ଆଦର୍ଶ' ଉପଲବ୍ଧ ହୋଇଯିବ, ତେବେ ବି ସେମାନେ ଅନ୍ୟ କୌଣସି ଆକାରେ ନିର୍ମମ ଆଚରଣ କରିବେ ।" (ଦୁଇ ପ୍ରତିଭା - ବିପୁଳାଚ ପୃଥ୍ୱୀ) ଏଣୁ ଯେଉଁମାନେ ଆଦର୍ଶ ବିଚାରଧାରା ଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ, ସେମାନେ ପଥଭ୍ରଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ସବୁଠାରେ ମାନବ ଜାତିର ଉତ୍କର୍ଷତା ପ୍ରତିପାଦନ

କରିବାକୁ ହେଲେ, ସ୍ୱାର୍ଥ ତ୍ୟାଗର ଆବଶ୍ୟକତା ଅତ୍ୟଧିକ ରହିଛି ବୋଲି ସ୍ୱୀକାର କରାଯାଇପାରେ । ମନୋଜ ଦାସଙ୍କ ସାହିତ୍ୟ ମାଧ୍ୟମରେ ନୀତି, ନୈତିକତା ତଥା ଆଦର୍ଶବୋଧର ପକ୍ଷକୁ ଅଧିକ ରୂପରେ ସମର୍ଥନ କରାଯାଇଅଛି । ଏଣୁ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ମନୀଷୀ ରୂପରେ ମନୋଜ ଦାସଙ୍କ ଆବିର୍ଭାବ ଓଡ଼ିଶା ପାଇଁ ଗୌରବାବହ ବିଷୟ, ତାହାଙ୍କର ମୃତ୍ୟୁ ମଧ୍ୟ ସେହିପରି ଓଡ଼ିଆବାସୀଙ୍କ ନିମନ୍ତେ ଅପୂରଣୀୟ କ୍ଷତି ବୋଲି କୁହାଯାଇପାରେ ।

ମନୋଜ ଦାସ ମାନସିକ ସ୍ତରରେ ଏତେ ଶକ୍ତିଶାଳୀ ଯେ ତାଙ୍କର ସାହିତ୍ୟ ଭିତରେ ନୈତିକତାର ପ୍ରଭାବ ସର୍ବାଧିକ ବୋଲି ମନେହୁଏ । ସମ୍ବେଦନଶୀଳ ମନୋଭାବ ନେଇ ସାହିତ୍ୟ ରଚନା କରିବାର ପରମ୍ପରା ରହିଛି ଭାରତୀୟ ସାହିତ୍ୟ ଭିତରେ । ମନୋଜଙ୍କର ଯେଉଁ ପ୍ରକାର ଆଭିମୁଖ୍ୟ ପରିପ୍ରକାଶ ଘଟିଛି, ସେଥିରେ ସେ କ୍ଲାସିକ୍ (Classic) ସାହିତ୍ୟ ପ୍ରତି ଅଧିକ ଆସ୍ଥା ପ୍ରକଟ କରିଯାଇଛନ୍ତି । ତେଣୁ ତାଙ୍କ ସାହିତ୍ୟାଦର୍ଶରେ ରହିଛି ଜୀବନ ଓ ଜଗତ ପ୍ରତି ଗଭୀର ଅନ୍ତଃଦୃଷ୍ଟି ସମ୍ପନ୍ନ ମନୋଭାବ । ସାରା ଜୀବନ ମନୋଜ ଦାସଙ୍କର ଦୃଷ୍ଟିରେ ସାହିତ୍ୟ ହେଉଛି ମଣିଷ ଜୀବନର ଅଭିନ୍ନ ଅଙ୍ଗ । ତେଣୁ ତାଙ୍କର ଉପନ୍ୟାସରେ ରହିଛି ଜୀବନ ବଞ୍ଚିବାର ଅପୂର୍ବ କଳା ଓ କୌଶଳ । ଏଣୁ ମନୋଜଙ୍କ ଉପନ୍ୟାସ ସମ୍ପର୍କରେ P.Raja କହନ୍ତି, "The novel makes one realize how this the difference between reality end illusion is, how interspersed facts and fantasy are. The author obviously believes that our life is influenced by many more elements then our eye can perceive. Not a page passes without stunting imagery creating a palpable atmosphere and this is enhanced by the meticulous description of nature " (Three English novels of Manoj Das : An admiser's view - Manojayana)ମନୋଜ ଦାସ ଥିଲେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ବିଶେଷ । ସେ ସର୍ବଦା ଜୀବନ ସହିତ ସାହିତ୍ୟକୁ ଯୋଡ଼ିବାର ପ୍ରୟାସମାନ କରି ଆସିଛନ୍ତି । ସେ କ୍ଷଣିକ ଉନ୍ମାଦନାର ବଶବର୍ତ୍ତୀ ନହୋଇ ଏକ ଶାଶ୍ୱତ ଜୀବନକୁ ଅଧିକ ପସନ୍ଦ କରୁଥିଲେ । ଦିବ୍ୟ ଜୀବନ ପ୍ରତି ପ୍ରବଳ ଆକର୍ଷଣ ଥିବା ହେତୁ ନିଜର ଦାୟିତ୍ୱ ତଥା କର୍ତ୍ତବ୍ୟକୁ ବିସ୍ମରି ଯାଇନଥିଲେ । ସର୍ବଦା ଏକ ମହତ୍ତର ଓ ଉଚ୍ଚତ୍ତର ଦିଗରେ ଧାବିତ ହୋଇ ସତ୍‌କର୍ମ

ସାଧନରେ ବ୍ୟସ୍ତ ରହୁଥିଲେ । ତାଙ୍କର ସାହିତ୍ୟ ଭିତରେ ଜାତୀୟ ସଂଘତି, ଐକ୍ୟ ଓ ଐତିହ୍ୟ ପ୍ରତି ଯଥେଷ୍ଟ ଆଲୋକପାତ କରାଯାଇପାରିଛି । ସବୁଠାରେ ଭଗବତ୍ ପ୍ରୀତି ପ୍ରତି ଦୁର୍ବାର ଆକାଂକ୍ଷା ପ୍ରକାଶିତ ହୋଇଆସୁଅଛି । ଯୋଗୀ ଅରବିନ୍ଦ ଓ ଶ୍ରୀମାଙ୍କ ପ୍ରଭାବ ଯୋଗୁଁ ସାହିତ୍ୟରେ ନଗ୍ନ ବାସ୍ତବତାର ଚିତ୍ରକୁ ଅଧିକ ସଂଜତ ଭାବରେ ବ୍ୟକ୍ତ କରିଯାଇଛନ୍ତି ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମନୋଜ ଦାସଙ୍କର ଯେଉଁ ବହୁମୁଖୀ ପ୍ରତିଭା ପ୍ରକାଶିତ ହୋଇଛି, ତାହା ତାଙ୍କୁ ଫକୀର ମୋହନଙ୍କ ପରି ସ୍ରଷ୍ଟାପୁରୁଷ ରୂପରେ ଛିଡ଼ା କରାଇପାରିଛି । ମାତାଙ୍କଠାରୁ ଯେଉଁ ପ୍ରେରଣା ଲାଭ କରିଛନ୍ତି, ତାହା ହେଉଛି ତାଙ୍କର ଜୀବନୀ ଶକ୍ତି (Life force)ର ଆଧାର । ସେ ଜୀବନରେ ନିରାଧାର କଥାକୁ ଲେଖିବାର ପ୍ରଚେଷ୍ଟା ମଧ୍ୟ କରିନାହାନ୍ତି । ସେ ସାରା ଜୀବନ ଏକ ସାତ୍ତ୍ୱିକ ଧାରାର ଅନୁଗାମୀ ହୋଇ ରହିଛନ୍ତି । ତାଙ୍କର କଥା ଓ କାର୍ଯ୍ୟର ଅପୂର୍ବ ସମନ୍ୱୟ ରକ୍ଷା କରାଯାଇ ପାରିଅଛି । ମୋଟାମୋଟି ଭାବରେ, ସେ ହେଉଛନ୍ତି ଆଧୁନିକତାର ବାର୍ତ୍ତାବହ ଓ ସ୍ୱାଧୀନତା ପ୍ରେମୀ । ଯାହା ପ୍ରକୃତରେ ଜୀବନର ଚିନ୍ତାଧାରାକୁ ସଂପ୍ରସାରିତ କରେ, ତା'ର ଅନୁଗାମୀ ହୋଇଛନ୍ତି ଖୁବ୍ ମନ୍ମୟ ଚିତ୍ତରେ । ଗାଳ୍ପିକ ବିଭୂତି ପଟ୍ଟନାୟକ ମଧ୍ୟ ମନୋଜ ଦାସଙ୍କୁ ଆଧୁନିକତମ ସ୍ରଷ୍ଟାପୁରୁଷ ଭାବରେ ଅଭିହିତ କରିବାକୁ ଯାଇ ଯଥାର୍ଥରେ ଲେଖିଛନ୍ତି, "ଷାଠିଏ ଜଶକ ମଝିରେ ମନୋଜ ବାବୁ ଆସ୍ତେ ଆସ୍ତେ ମାର୍କ୍ସବାଦଠାରୁ ଘୁଂଚି ଘୁଂଚି ଆଧ୍ୟାତ୍ମିକତା ପାଖରେ ପହଞ୍ଚି ସାରିଥିଲେ । ଶ୍ରୀଅରବିନ୍ଦଙ୍କ ଦର୍ଶନର ପ୍ରଭାବରୁ ଏପରି ଘଟିଥିଲା କି ମାର୍କ୍ସବାଦର ସୀମାବଦ୍ଧତା ତାଙ୍କ ସୃଜନଶୀଳ ଚେତନାର ପରିବର୍ତ୍ତନ ଆଣିଥିଲା, ସେ ପ୍ରଶ୍ନ ଅବାନ୍ତର ! କିନ୍ତୁ ସମକାଳୀନ ସମସ୍ୟା କଣ୍ଟକିତ ସମାଜ ଜୀବନ ବଦଳରେ ସେ ଯେ ଡିଭାଇନ୍ ଲାଇଫ୍ ବା ବ୍ରହ୍ମ ଲୋକର ସନ୍ଧାନରେ ବାହାରି ଥିଲେ ତାଙ୍କର ପରବର୍ତ୍ତୀ ଗଳ୍ପଗୁଡ଼ିକରେ ତାହା ସ୍ପଷ୍ଟ ହୋଇ ଉଠୁଥିଲା ।" (ଆମ ସମୟର ଶକ୍ତିମାନ ଆଧୁନିକ କଥା ଶିଳ୍ପୀ-ମନୋଜାୟନ) କେହି ଜଣେ ଆଧୁନିକ ହେବାକୁ ହେଲେ, ତାଙ୍କୁ ପରମ୍ପରା ସହିତ ଯୋଡ଼ି ରହିବାକୁ ହୁଏ । ଛିନ୍ନ ମୂଳ (Root less) ହୋଇଗଲେ, ଆଧୁନିକ ହୋଇ ହେବ ନାହିଁ । ସୁତରାଂ, ଭାରତୀୟ ପରମ୍ପରା, ନୀତି, ଆଦର୍ଶ, ମୂଲ୍ୟବୋଧ ଉପରେ ସର୍ବାଧିକ ଆସ୍ଥା ଓ ବିଶ୍ୱାସ ସ୍ଥାପନ ପୂର୍ବକ ମାନବତାର ଜୟଗାନରେ ମୁଖର ହେବାକୁ ଅଧିକ ପସନ୍ଦ କରିଛନ୍ତି । ତାଙ୍କ ସାହିତ୍ୟରେ ଆଧୁନିକତାର ପଦଧ୍ୱନି ଖୁବ୍ ସୁନ୍ଦର ଭାବରେ ପରିପୃଷ୍ଟ ହୋଇଥାଏ । ଫକୀର ମୋହନଙ୍କ

ଉତ୍ତରାଧିକାରୀ ରୂପରେ ସେ ବାଲେଶ୍ୱର ମାଟିର ପ୍ରତିନିଧିତ୍ୱ କରିଛନ୍ତି । ବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୭୦(ସତୁରୀ) ବର୍ଷ ସାହିତ୍ୟ ସାଧନା କରି ନିଜକୁ ଜଣେ କାଳଜୟୀ ସ୍ରଷ୍ଟାର ଆସନରେ ସମାସୀନ କରିଯାଇଛନ୍ତି ।

ମନୋଜ ଦାସ ସାରା ଜୀବନ ଜ୍ଞାନୀ, ଗୁଣୀ, ସତ୍‌ପୁରୁଷ ତଥା ଉତ୍ତମ ଚରିତ୍ର ସମ୍ପନ୍ନ ମଣିଷମାନଙ୍କୁ ସ୍ନେହ, ଶ୍ରଦ୍ଧା, ଭକ୍ତି ତଥା ସମ୍ମାନ କରିଆସିଛନ୍ତି । ସେ ଅନ୍ୟମାନଙ୍କୁ ଅହଂ (Igo)ଠାରୁ ଦୂରତା ରକ୍ଷା କରିବା ପାଇଁ ଶିକ୍ଷା ଦେଇ ଆସିଛନ୍ତି । ତାଙ୍କ ସାହିତ୍ୟରେ ଅହଂକୁ ତିରସ୍କାର କରାଯାଇଛି । ଅହଂକାରୀମାନେ ସମାଜର ସବୁଠାରୁ ବଡ଼ ଶତ୍ରୁ ରୂପରେ ବିବେଚିତ ହୋଇଛନ୍ତି । ଏ ଦୃଷ୍ଟିରୁ ଏକ ସାକ୍ଷାତ୍‌କାରରେ ମନୋଜ ଦାସ ଅହଂ (Igo) ସମ୍ପର୍କରେ ନିଜ ମତ ପୋଷଣ କରିବାକୁ କହିଛନ୍ତି, "ନା, ସାଧ୍ୟାନୁସାରେ ପ୍ରଚେଷ୍ଟା ସତ୍ତ୍ୱେ ଅହଂ ଉପରେ ବିଜୟଲାଭ କାଠିକର ବ୍ୟାପାର । ଜଣେ ସମାଜଠାରୁ ଦୂରେଇ ଯାଇ ମଠ ବା ଆଶ୍ରମ ବା ଅରଣ୍ୟରେ ଏକାକୀ ରହି ତପସ୍ୟା କଲେ କ'ଣ ଅହଂରୁ ନିଷ୍କୃତି ପାଇବ ? ତାହା ମଧ୍ୟ ନୁହେଁ ନିଷ୍କୃତିର ଏକମାତ୍ର ଉପାୟ ଦିବ୍ୟ କରୁଣା ପାଖରେ କ୍ରମାଗତ ଆତ୍ମ ସମର୍ପଣର ବିନମ୍ର ସାଧନା । ସେ ସାଧନା ପାଇଁ ଆପଣ ସାଧାରଣ ବା ସାମାଜିକ ଜୀବନରୁ ଦୂରେଇ ଯିବାର ଆବଶ୍ୟକତା ନାହିଁ । ସେ ସାଧନାରେ ଜଣେ ଯେକୌଣସି ପରିସ୍ଥିତିରେ ଅହରହ ବ୍ୟାପୃତ ରହିପାରେ । ସଂଘର୍ଷମୟ ସମାଜ- ଜୀବନ, ଅରଣ୍ୟ-ଜୀବନ ତୁଳନାରେ ସେ ପାଇଁ ଉପଯୁକ୍ତ । ସମାଜ ବିଚ୍ୟୁତ ହୋଇ ରହିଲେ ଆମ ଅହଂକୁ କାହାରି ସହ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ପଡ଼େ ନାହିଁ । ସେ ନିଜକୁ ଜାହିର ନ କରି ଆମ ଅଜ୍ଞାତରେ ସୁରୁଖୁରୁରେ ରହିଥାଏ । ସଂଗ୍ରାମ ଓ ସଂଘର୍ଷ ଭିତରେ ସାଧାରଣ ମଣିଷଟିଏ ନିଜ ଅହଂର ତୃପ୍ତି କାମନା କରୁଥାଏ, ଯିଏ ଅଭୀଷ୍ଟ; ଯିଏ ଜ୍ଞାନାକାଂକ୍ଷୀ, ସିଏ ନିଜ ଅହଂକୁ ସେହି ସୁଯୋଗରେ ମତ କରିବାର, ତାକୁ ହଟେଇ ଦେବାର ପ୍ରୟାସ କରେ । ଜୀବନ ନାଟକର ସର୍ବାଧିକ ଭୟାବହ ଅହଂ ଯୁଦ୍ଧରେ ହିଁ ଅର୍ଜୁନଙ୍କୁ ଅହଂ ମୁକ୍ତିର ଶିକ୍ଷା ଦେଇଥିଲେ ଶ୍ରୀକୃଷ୍ଣ । ଅର୍ଥାତ୍, ନିଜ ସାମାଜିକ କର୍ମ ବଜାୟ ରଖି ମଧ୍ୟ ଜଣେ ନିଜ ଅନ୍ତଃସର୍ତ୍ତରେ ଅହଂମୁକ୍ତ ରହିପାରେ ।" (ଅସରନ୍ତି ଅନୁରାଗର ଶେଷ ଚିଠି - କୋଣାର୍କ - ମନୋଜ ଦାସ ବିଶେଷ ସଂଖ୍ୟା- ୨୦୨୧) ପ୍ରକୃତରେ ଜଣେ ଅହଂକାରୀ ମଣିଷ କୌଣସି ସତ୍ କାର୍ଯ୍ୟରେ ସଫଳକାମ

ହୋଇପାରେ ନାହିଁ । ଏଥିପାଇଁ ଆସୁରିକ ପ୍ରବୃତ୍ତି ଉପରେ ବିଜୟ ଲାଭ କରାଯିବା ଉଚିତ୍ । ମଣିଷ ସର୍ବଦା ଷଡ଼ରିପୁର ଦମନ କରାଯିବା ଏକାନ୍ତ ବିଧେୟ ଅଟେ । ମନୋଜ ଦାସ ଜଣେ ସାତ୍ତ୍ୱିକ ପୁରୁଷ ହୋଇଥିବାରୁ ଅହଂ ଉପରେ ବିଜୟ ଲାଭ କରିପାରିଛନ୍ତି ।

ସମାଜରେ ସର୍ବଦା ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ପୂର୍ବକ ଜାତୀୟ ଜୀବନକୁ ପରିମାର୍ଜିତ ଓ ପରିବର୍ଦ୍ଧିତ କରିବା ହେଉଛି ମନୋଜ ଦାସଙ୍କର ପରମ ଧର୍ମ । ସେ ଜଣେ ଖାଣ୍ଟି ଓଡ଼ିଆ ଭାବରେ ଜାତୀୟ ମମତାକୁ ବିଶ୍ୱଜନ ପ୍ରୀତିରେ ରୂପାନ୍ତରିତ କରିବାରେ ଆଗ୍ରହାନ୍ୱିତ ହୋଇଉଠିଥିବାର ଦେଖାଯାଏ । ଏ ଜାତିର ପରମ ସୌଭାଗ୍ୟ ଅଟେ ଯେ ତାଙ୍କ ପରି ସନ୍ତାନ ଏ ମାଟିରେ ଜନ୍ମଗ୍ରହଣ କରିଯାଇଛନ୍ତି । ପୂଣ୍ୟଭୂମି ଓଡ଼ିଶାର ସେ ହେଉଛନ୍ତି ଗର୍ବ ଓ ଗୌରବ । ତାଙ୍କରି ଅବର୍ତ୍ତମାନରେ ଓଡ଼ିଆ ଭାଷା ଓ ସାହିତ୍ୟ ଚିରକାଳ ପାଇଁ ଅପୂରଣୀୟ କ୍ଷତି ଓ କ୍ଷତର ଶିକାର ହୋଇଛି । ତାଙ୍କର ନୀତି, ନୈତିକତା ଓ ଆଦର୍ଶ ପ୍ରତି ଥିବା ଅକୁଣ୍ଠ ସମର୍ଥନ, ପ୍ରତିଟି ଓଡ଼ିଆ ପାଠକକୁ ବିସ୍ମିତ କରେ । ତାଙ୍କର ଜୀବନ ଦୃଷ୍ଟି ପ୍ରତି ଏ ଜାତି ଚିରକାଳ ରଋଣୀ ହୋଇରହିବ । ମନୋଜ ଦାସଙ୍କ ସାହିତ୍ୟରେ ମିଥ୍, କିମ୍ବଦନ୍ତୀ, ପୁରାଣ, ରହସ୍ୟବାଦ, ସାମାଜିକ ବାସ୍ତବତା, କୁହୁକ ଐନ୍ଦ୍ରଜାଲିକତା, ଫେଣ୍ଟାସୀ ଆଦିର ମହାସଙ୍ଗମକୁ ସହଜରେ ଲକ୍ଷ୍ୟ କରିହୁଏ । ସେ ଏପରି ଏକ ଅଭେଦ୍ୟ ପ୍ରାଚୀର ନିର୍ମାଣ କରି ଯାଇଛନ୍ତି, ଯାହାର ବିକାଶ ଅସମ୍ଭବ ଅଟେ । ଏକଦା ତାଙ୍କର ଗଳ୍ପଗୁଡ଼ିକ ଅଧ୍ୟୟନ କରି ବିଖ୍ୟାତ ଲେଖକ ଗ୍ରାହାସ ଗ୍ରୀନ୍ ଲେଖିଛନ୍ତି, " I have now read Manoj Das with very great pleasure. He will certainly take a place in my shelves beside the stories of Narayan (R.K Narayan). I Imagine Odisha is far from Malgudi, but there is the same Quality in his stories with perhaps an added mystery." ମନୋଜ ଦାସଙ୍କ ସୃଷ୍ଟି ଉପରେ ଏପରି ଉଚ୍ଚ ମନ୍ତବ୍ୟ ପ୍ରତିଟି ଭାରତୀୟ ପ୍ରାଣରେ ନବ ଉନ୍ମାଦନା ସୃଷ୍ଟି କରେ । ମନୋଜ ଦାସ ହେଉଛନ୍ତି ଉତ୍ତରିତ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କର ମାନସରେ ରହିଛି ଜୀବନବାଦୀ ଆଭିମୁଖ୍ୟ । ସମାଜନିଷ୍ଠ ଓ ମାନବବାଦୀ ସ୍ରଷ୍ଟାପୁରୁଷ ଭାବରେ ସେ ବଂଚିକେ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ।

ଗ୍ରାମ/ପୋ: ଦଳଦଳି, ଭାୟା -କୁଣ୍ଡୁକେଳା, ସୁନ୍ଦରଗଡ଼- ୭୭୦୦୧୯

ମୋ. ୮୯୧୭୪୫୭୩୭୮

❑❑❑

ଜାତି-ପିତାମହ ମହର୍ଷି ଦୟାନନ୍ଦ ସରସ୍ୱତୀ : ସ୍ୱରାଜ ଓ ଆର୍ଯ୍ୟ ସମାଜ

● ଅଭୟ ଦ୍ୱିବେଦୀ

ଜାତି-ପିତାମହ ମହର୍ଷି ଦୟାନନ୍ଦ ସରସ୍ୱତୀ : ବିଶୁଦ୍ଧ ଦେଶ ପ୍ରୀତିର ଉତ୍ତୁଙ୍ଗ ଶିଖର ।

ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ସୋପାନରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ବହୁ ଦେଶପ୍ରେମୀ, ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ପ୍ରଚଳିତ କଳୁଷିତ ବ୍ୟବସ୍ଥାର ବିଲୋପ ନିମନ୍ତେ ପ୍ରୟାସ କରିଥିଲେ , ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଦେଶ ପାଇଁ ତ୍ୟାଗ ବରଣ କରିଥିଲେ । ସେମାନଙ୍କ ଦେଶପ୍ରୀତିର ତୁଳନା ନାହିଁ । ଏହି ତୁଙ୍ଗ ବ୍ୟକ୍ତିମାନେ ବହୁ ଭାବେ ପାଶ୍ଚାତ୍ୟ ଶିକ୍ଷା ଏବଂ ଜୀବନ ଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ । ବିଦେଶର ଜାତି-ଭେଦହୀନ ସାମାଜିକ ବ୍ୟବସ୍ଥା, ନାରୀଙ୍କ ପ୍ରତି କୋହଳ ମନୋଭାବ, ଉଦାର ଶିକ୍ଷା ପଦ୍ଧତି , ସର୍ବୋପରି ଖ୍ରୀଷ୍ଟିଆନ ଧର୍ମର ଏକେଶ୍ୱରବାଦ ଓ ସରଳ ଧାର୍ମିକ ବ୍ୟବସ୍ଥା ସେମାନଙ୍କୁ ବହୁ ଭାବେ ଆକର୍ଷିତ କରିଥିଲା । ସେମାନଙ୍କ ମୁକ୍ତ-ବିଚାରର ଆଧାର ଥିଲା ଇଂରାଜୀ ଶିକ୍ଷା ବ୍ୟବସ୍ଥା ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଫୁଲେ(୧୮୨୭-୧୮୯୦)ଙ୍କ ଦୃଷ୍ଟାନ୍ତ ନେବା । ନାରୀ ଶିକ୍ଷାର ପ୍ରସାର ଏବଂ ଘୃଣିତ ଜାତିପ୍ରଥାଜନିତ କଳଙ୍କିତ ଅସ୍ପୃଶ୍ୟତା ବିଲୋପ ନିମନ୍ତେ ଫୁଲେ ଦମ୍ପତି ଯେଉଁ ମହନୀୟ କାର୍ଯ୍ୟ କରିଛନ୍ତି , ତାହାର ପଟାନ୍ତର ନାହିଁ । ସାମାଜିକ ସିଡ଼ିର ନିମ୍ନ ପାହାଚରେ ବାସ କରୁଥିବା ବର୍ଗଙ୍କୁ ସେ ପ୍ରଥମେ 'ଦଳିତ' ଭାବେ ସମ୍ବୋଧନ କରିଥିଲେ । ସେ ନିଜେ ଥିଲେ ଏହି ବର୍ଗର । ପ୍ରାଥମିକ ଶିକ୍ଷା ସମାପ୍ତ ପରେ ସେ କୌଳିକ 'ଫୁଲ' ବ୍ୟବସାୟରେ (ମାଳୀ ଭାବେ) ଯୋଗ ଦେଲେ । ଫୁଲେ ଦମ୍ପତି ୧୮୪୮ ମସିହାରେ ଦେଶର ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ବାସଭବନ ଦଳିତ ଏବଂ ବାଲ୍ୟ ବିବାହଜନିତ ବିଧବାଙ୍କ ନିମନ୍ତେ ସର୍ବଦା ଉନ୍ମୁକ୍ତ ଥିଲା । ଥମାସ୍ ପାଇନ୍‌ଙ୍କ 'ରାଇଟସ୍ ଅଫ୍ ମାନ୍' (Rights of Man) ପୁସ୍ତକ , ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ମହାତ୍ମା ଫୁଲେଙ୍କୁ

ବହୁ ଭାବେ ପ୍ରେରଣା ଯୋଗାଇଥିଲା । ଏହି କ୍ରମରେ ସେ ହିନ୍ଦୁ ଧର୍ମର ମୂର୍ତ୍ତି ପୂଜା , ସାମାଜିକ ବାସନ୍ଦ ସହିତ ପବିତ୍ର ବେଦ ଗ୍ରନ୍ଥ ଉପରେ ଆକ୍ରମଣ ଆରମ୍ଭ କଲେ । ଇଂଲଣ୍ଡର ସାମାଜିକ ବ୍ୟବସ୍ଥା ତାଙ୍କ ନିମନ୍ତେ ଥିଲା ଆଦର୍ଶ । ଏହା ସତ୍ତ୍ୱେ ମହାତ୍ମା ଫୁଲେଙ୍କ ଦେଶ ପ୍ରୀତିର ତୁଳନା ନାହିଁ । କିନ୍ତୁ ତାଙ୍କ ଦେଶ ପ୍ରେମ, ଇଂରାଜୀ ଶିକ୍ଷା ଆଧାରରେ ଜାଗରୁକ ହୋଇଥିଲା ।

ଏହି କ୍ରମରେ ମହର୍ଷି ଦୟାନନ୍ଦ ସରସ୍ୱତୀ ହେଉଛନ୍ତି ଅନନ୍ୟ, ଅସାଧାରଣ । ସେ ହିନ୍ଦୁ ଧର୍ମରେ ପ୍ରଚଳିତ ମୂର୍ତ୍ତିପୂଜା, ଘୃଣିତ ଜଘନ୍ୟ ଜାତିପ୍ରଥା, ବାଲ୍ୟ ବିବାହ ଆଦି ବିଭିନ୍ନ କୁସଂସ୍କାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । କିନ୍ତୁ ଏଥି ନିମନ୍ତେ ସେ ପାଶ୍ଚାତ୍ୟ ଜଗତରୁ ପ୍ରେରଣା ପାଇ ନ ଥିଲେ । ଭାରତର ପବିତ୍ର ଆର୍ଷଗ୍ରନ୍ଥ ଅଧ୍ୟୟନ କରି ସେହିଥିରୁ ଉଦ୍‌ବୁଦ୍ଧ ହୋଇଥିଲେ । ବେଦ ଗ୍ରନ୍ଥ ଅଧ୍ୟୟନ କରିବା ପରେ ତାଙ୍କର ହୃଦ୍‌ବୋଧ ହେଲା - ଏହା ହିଁ ହେଉଛି ସକଳ ଜ୍ଞାନର ସାର ; ସତ୍ୟ, ନିତ୍ୟ ଏବଂ ସନାତନ । ଏହାର ପ୍ରତିଟି ଶବ୍ଦ ସଂସାରର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ । ମଣିଷକୁ ସତ୍ ମାର୍ଗରେ ଜୀବନ ଧାରଣ ନିମନ୍ତେ ପ୍ରେରଣାର ଉତ୍ସ । ପବିତ୍ର ବେଦ ଗ୍ରନ୍ଥ ଅନୁଶୀଳନ କରି ତାହାରି ଆଧାରରେ ହିନ୍ଦୁ ଧର୍ମର ମୂର୍ତ୍ତି ପୂଜା ଏବଂ ଯାବତୀୟ ସାମାଜିକ ଓ ଧାର୍ମିକ କୁସଂସ୍କାରକୁ କଠୋର ଶବ୍ଦରେ ବିରୋଧ କଲେ । ସେ ଆହୁରି ମଧ୍ୟ ଘୋଷଣା କଲେ - ଯେଉଁ ସମୟରେ ସମଗ୍ର ରାଷ୍ଟ୍ରରେ ବୈଦିକ ବାଣୀର ପ୍ରସାର ଥିଲା, ଆର୍ଯ୍ୟମାନେ ବୈଦିକ ଧାରାରେ ଜୀବନ ନିର୍ବାହ କରୁଥିଲେ, ସେତେବେଳେ ଆର୍ଯ୍ୟାବର୍ତ୍ତ ସାରା ବିଶ୍ୱର ନେତୃତ୍ୱ ନେଉଥିଲା । କିନ୍ତୁ ବୈଦିକ ପରଂପରା କ୍ଷୟ ହେବା ମାତ୍ରେ ଦେଶ ଦୁର୍ବଳ ହୋଇପଡିଲା ଏବଂ ବିଦେଶୀ ଆକ୍ରମଣର ଶିକାର ହେଲା । ହୃତ ଗୌରବ ଫେରି ପାଇବା ନିମନ୍ତେ ବୈଦିକ ଧାରାର ପୁନଃ ପ୍ରସାର ଏକାନ୍ତ ଆବଶ୍ୟକ ।

ମହର୍ଷି ଦୟାନନ୍ଦ ଘୋଷଣା କଲେ - ରାଜନୈତିକ ପରାଧୀନତା ହେଉଛି ଧାର୍ମିକ ଓ ସାମାଜିକ ଅବକ୍ଷୟର ପ୍ରତିଫଳନ । ଧାର୍ମିକ କ୍ଷେତ୍ରରେ ସଂସ୍କାର ଆସିଲେ ସାମାଜିକ ବ୍ୟବସ୍ଥାରେ ଉନ୍ନତି ଘଟିବ । ସମାଜ ସୁସଂଗଠିତ ହେଲେ ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ । ଫଳରେ ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହେବ । ତେଣୁ ମହର୍ଷି ଦୟାନନ୍ଦଙ୍କର ତିନୋଟି ରୂପ ଆମ ଆଗରେ ଉଦ୍‌ଭାଷିତ ହୁଏ - ଧର୍ମ ସଂରକ୍ଷକ,

ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ । ଏ ତିନୋଟି ରୂପ ପରସ୍ପରର ପରିପୂରକ ।

ସ୍ୱାଧୀନତାର ମାର୍ଗକୁ ମହର୍ଷି ଦୟାନନ୍ଦ ଲମ୍ବି ଯାଇଥିବା ସିଡିର ଚାରୋଟି ପାହଚ ସଦୃଶ ବର୍ଣ୍ଣନା କରିଛନ୍ତି - ସ୍ୱଧର୍ମ, ସ୍ୱଭାଷା, ସ୍ୱଦେଶୀ ଏବଂ ସ୍ୱରାଜ । ଗୋଟିକର ପରିପୂର୍ଣ୍ଣତା ଅନ୍ୟଟିକୁ ଆରୋହଣ କରିବା ସକାଶେ ଶକ୍ତି ଓ ସାମର୍ଥ୍ୟ ଯୋଗାଇଥାଏ । ସ୍ୱଧର୍ମ ପ୍ରତିଷ୍ଠା ହେଲେ , ସ୍ୱଭାଷା ପ୍ରତି ଶ୍ରଦ୍ଧା ସୃଷ୍ଟି ହେଲେ ଏବଂ ସ୍ୱଦେଶୀ ବସ୍ତୁ ଆପଣେଇଲେ - ସ୍ୱରାଜ ସମ୍ଭବ । ପରବର୍ତ୍ତୀ ସମୟରେ ଏହି ଚାରୋଟି ଆଦର୍ଶ ସ୍ୱାଧୀନତା ସଂଗ୍ରାମର 'ମହାମନ୍ତ୍ର'ରେ ପରିଣତ ହୋଇଗଲା । ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ 'ଆର୍ଯ୍ୟ ସମାଜ' ଏବଂ 'ସତ୍ୟାର୍ଥ ପ୍ରକାଶ' ପୁସ୍ତକ ସ୍ୱାଧୀନତା ପ୍ରାପ୍ତିର ମାର୍ଗକୁ ପ୍ରଶସ୍ତ ଏବଂ ଆଲୋକିତ କରିଦେଲେ ।

୧୮୫୭ ମସିହା ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ମହର୍ଷି ଦୟାନନ୍ଦ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବାର ବହୁ ତଥ୍ୟ ଉପଲବ୍ଧ । ଏହି ସଂଗ୍ରାମରେ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ଏଥିରେ ତାଙ୍କ ଗୁରୁ ସ୍ୱାମୀ ବିରଜାନନ୍ଦ ଏବଂ ତାଙ୍କ ଗୁରୁ ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସମେତ ବହୁ ସାଧୁ ଓ ସନ୍ନ୍ୟାସୀଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ଇଂରେଜମାନେ 'ସିପାହୀ ବିଦ୍ରୋହ' ନାମରେ ଅଭିହିତ କରିଥିଲେ । ସ୍ୱାଧୀନତା ପାଇବାର ବହୁ ବର୍ଷ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଏହା ସେହି ନାମରେ ଉଲ୍ଲେଖ ଥିଲା । ବିନାୟକ ଦାମୋଦର ସଓ୍ୱାରକର ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ନାମରେ ଅଭିହିତ କରି ୧୯୦୯ ମସିହାରେ 'Indian War of Independence' ନାମରେ ଅତି ଉପାଦେୟ ପୁସ୍ତକ ରଚନା କରିଥିଲେ । ତଥାପି ସ୍ୱାଧୀନତା ପରବର୍ତ୍ତୀ ଭାରତ ସରକାର ରାଜନୈତିକ ଦୃଷ୍ଟିକୋଣରୁ ଏହି ପୁସ୍ତକକୁ ଅଣଦେଖା କରି ବହୁ ବର୍ଷ ପର୍ଯ୍ୟନ୍ତ 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' କୁ ସିପାହୀ ବିଦ୍ରୋହ ନାମରେ ପାଠ୍ୟପୁସ୍ତକରେ ପ୍ରଚଳନ କରିଥିଲେ ।

ଏହି ସଂଗ୍ରାମ କେବଳ ସିପାହୀଙ୍କ ମଧ୍ୟରେ ସୀମିତ ନ ଥିଲା, ଯଦିଓ ସେହିମାନଙ୍କ ବନ୍ଧୁକ ମୁନରୁ ସଂଗ୍ରାମର ପ୍ରଥମ ସ୍ଫୁଲିଙ୍ଗ ଉଦଗୀରଣ ହୋଇଥିଲା । ସୈନିକ, କୃଷକ, ବ୍ୟବସାୟୀ, ସାମନ୍ତ ରାଜା ଏବଂ ସାଧାରଣ ଜନତାଙ୍କର ବ୍ରିଟିଶ ପ୍ରତି ଶତାବ୍ଦୀ ବ୍ୟାପୀ ଅସନ୍ତୋଷର ପ୍ରତିଫଳନ ଥିଲା ଏହି ସଂଗ୍ରାମ । ବନ୍ଧୁକ କାଟ୍ରିଜରେ

ଘୁଷୁରୀ ଓ ଗୋରୁଚର୍ବି , ଏ ସଂଗ୍ରାମକୁ ତ୍ୱରାନ୍ୱିତ କରିବା ନିମନ୍ତେ କେବଳ ଏକ ଇସାରା ଥିଲା । ସଂଗ୍ରାମର ଆଦ୍ୟ ସୋପାନରୁ ଅନ୍ତିମ ଅଧ୍ୟାୟ ପର୍ଯ୍ୟନ୍ତ ହିନ୍ଦୁ ଏବଂ ମୁସଲମାନ , ପ୍ରତିଟି କ୍ଷେତ୍ରରେ, ଦୃଷ୍ଟାନ୍ତମୂଳକ ସମନ୍ୱୟ ରକ୍ଷା କରିଥିଲେ । ସେଥି ନିମନ୍ତେ ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ପରସ୍ପର ପ୍ରତି ବିଦ୍ୱେଷ ଭାବ ଜାଗରୁକ ନିମନ୍ତେ ଯୋଜନା ଆରମ୍ଭ କରିଦେଲେ । ୧୯୦୭ ମସିହାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଅର୍ଦ୍ଧ ଶତାବ୍ଦୀ ସ୍ମାରକୀରେ ଯେଉଁ ରକ୍ତାକ୍ତ ସଂଗ୍ରାମର ସୂତ୍ରପାତ ହେଲା, ତାହା ପୂର୍ବରୁ ୧୯୦୬ ମସିହାରେ ବ୍ରିଟିଶଙ୍କ ପ୍ରୋତ୍ସାହନରେ ମୁସଲିମ ଲିଗ ପ୍ରତିଷ୍ଠା ହେବା ଫଳରେ ହିନ୍ଦୁ-ମୁସଲିମ ବିଭେଦ ସରକାରୀ ନଥିରେ ରେକର୍ଡ ହୋଇଗଲା ।

ସ୍ୱାଧୀନତା ଆନ୍ଦୋଳନର ବହ୍ନି ନିର୍ବାପିତ ହେବା ପୂର୍ବରୁ ୧୮୫୮ ମସିହାରେ ଭାରତ ବର୍ଷ ଇଷ୍ଟ ଇଣ୍ଡିଆ କଂପାନୀ ହାତରୁ ବ୍ରିଟିଶ ସରକାରଙ୍କ ଶାସନ ଅଧୀନକୁ ଆସିଗଲା । ସ୍ୱାଧୀନତା ସଂଗ୍ରାମର ପାଦଚିହ୍ନ ଭାରତର ପ୍ରତିଟି ଅଞ୍ଚଳରେ ସୁସ୍ପଷ୍ଟ ଥିଲା । ତେଣୁ ସାରା ଦେଶରେ ଦମନଲୀଳା ଆରମ୍ଭ ହେଲା । ରକ୍ଷଣଶୀଳ ଆକଳନ ଅନୁଯାୟୀ ୧୮୫୭ ରୁ ୧୮୬୦ ମସିହା ମଧ୍ୟରେ ୧୦ ନିୟୁତ ବ୍ୟକ୍ତି ନିର୍ମମ ଗଣହତ୍ୟାର ଶିକାର ହୋଇଥିଲେ । ଯେଉଁ ଅଞ୍ଚଳରେ ଜଣେ ବ୍ରିଟିଶ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା, ସେ ସମସ୍ତ ଜନବସତିକୁ ଧ୍ୱଂସ କରି ତାହାକୁ 'ଗୈର ଚିରାଗି' ଅର୍ଥାତ୍ ଅଣରାଜସ୍ୱ ଜମି ଭାବେ ରେକର୍ଡ କରାଗଲା । ଉତ୍ତର ପ୍ରଦେଶର ମହୁଆ ଡାବର ସେହିଭଳି ଏକ ଅଞ୍ଚଳ ।

ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଇଷ୍ଟ ଇଣ୍ଡିଆ କଂପାନୀର ଦୁର୍ଦ୍ଧର୍ଷ କର୍ମଚାରୀ ବଙ୍ଗଳା ହସ୍ତତନ୍ତରେ ପ୍ରସିଦ୍ଧି ଲାଭ କରିଥିବା ଶତାଧିକ ମିସ୍ତ୍ରୀଙ୍କର ହାତ କାଟି ଦେଇଥିଲେ । ଉଦ୍ଦେଶ୍ୟ - ଦେଶରେ ବ୍ରିଟିଶ ବସ୍ତ୍ରର ଚାହିଦା ବୃଦ୍ଧି ପାଇବ । ଏଥି ମଧ୍ୟରୁ ୨୦ଟି ପରିବାର ଅଓ୍ୱଧ ରାଜ୍ୟ(ବର୍ତ୍ତମାନର ଉତ୍ତର ପ୍ରଦେଶ)କୁ ପଳାୟନ କରିଥିଲେ । ଅଓ୍ୱଧର ନବାବ ସେମାନଙ୍କୁ ମହୁଆ ଡାବର ଅଞ୍ଚଳରେ ଥଇଥାନ କରାଇଲେ । କ୍ରମଶଃ ସେମାନଙ୍କ ବଂଶଧର କୌଳିକ ବୃତ୍ତିରେ ପାରଦର୍ଶିତା ଅର୍ଜନ କରିବାରୁ ସେ ଅଞ୍ଚଳ ହସ୍ତତନ୍ତ ନିମନ୍ତେ ଖ୍ୟାତି ଅର୍ଜନ କଲା । ୧୮୫୭ ମସିହା ଏପ୍ରିଲ ମାସରେ (ସଂଗ୍ରାମ ଆରମ୍ଭ ହେବାର ମାସକ ପୂର୍ବରୁ) ଜାଫର ଅଲ୍ଲୀ ନାମକ ଜଣେ

ଯୁବକ ନିକଟସ୍ଥ ମନୋରମା ନଦୀରେ ଗୋଟିଏ ଡଙ୍ଗାରେ ବ୍ରିଟିଶ ସୈନ୍ୟଙ୍କୁ ଦେଖି ସ୍ଥାନୀୟ ଲୋକଙ୍କୁ ରୁଣ୍ଡ କରାଇଲେ । ସେହି ଡଙ୍ଗାରେ ଛଅ ଜଣ ବ୍ରିଟିଶ ଅଫିସର ଥିଲେ - ଲେଫ୍‌ଟନାଣ୍ଟ ଟି.ଇ.ଲିଣ୍ଡସେ, ଲେଫ୍‌ଟନାଣ୍ଟ ଡବଲ୍ୟୁ.ଏଚ.ଥମାସ, ଲେଫ୍‌ଟନାଣ୍ଟ ଜିଏଲ କଲ୍‌ଟି, ସର୍ଜେଣ୍ଟ ଏଡଓ୍ୟାର୍ଡସ୍ ଏବଂ ସହକାରୀ ଏ.ଏଫ୍.ଇଂଲିଶ୍ । ଜାଫର ଅଲ୍ଲୀଙ୍କ ଜେଜେବାପା ବଙ୍ଗଳାରେ ବ୍ରିଟିଶ ନିର୍ମମତାର ଶିକାର ହୋଇଥିଲେ । ତାହାର ପ୍ରତିଶୋଧ ସ୍ୱରୂପ ସ୍ଥାନୀୟ ଲୋକେ ଏକତ୍ର ହୋଇ ବ୍ରିଟିଶ୍ କର୍ମଚାରୀଙ୍କୁ ହତ୍ୟା କଲେ । ଏହାର ପ୍ରତିଶୋଧ ସ୍ୱରୂପ, ଜୁନ୍ ୨୦ ତାରିଖରେ ବ୍ରିଟିଶ୍ ସେନା ୫୦୦୦ ଜନସଂଖ୍ୟା ବିଶିଷ୍ଟ ସେହି ସହରକୁ ଚାରିଆଡୁ କମାଣରୁ ଗୋଳି ବର୍ଷଣ କରି ପ୍ରତିଟି ଘରକୁ ନିଆଁରେ ଧ୍ୱଂସ କରିଦେଲେ । ରାଜସ୍ୱ ଖାତାରେ ମହୁଆ ଡାବର ନିଶ୍ଚିହ୍ନ ହୋଇଗଲା ।

ବ୍ରିଟିଶ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କୁ ନିର୍ମମ ହତ୍ୟା କରିବା ସହିତ ଜନସାଧାରଣଙ୍କୁ ଶଙ୍କାଗ୍ରସ୍ତ ଓ ଭୟଭୀତ ରଖିବା ନିମନ୍ତେ ଯୋଜନା କରିଥିଲେ । ଫଳରେ ଭବିଷ୍ୟତରେ କେହି ବ୍ରିଟିଶ ଶାସନକୁ ବିରୋଧ କରିବେ ନାହିଁ । ଏଥି ନିମନ୍ତେ ସର୍ବ ସମ୍ମୁଖରେ ଭିନ୍ନ ଭିନ୍ନ ପଦ୍ଧତିରେ ଲୋମହର୍ଷଣକାରୀ ନୃଶଂସ ଗଣହତ୍ୟାର ବ୍ୟବସ୍ଥା କରିଥିଲେ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଇଂଲଣ୍ଡ ସମେତ ସମଗ୍ର ୟୁରୋପରେ ସର୍ବ ସମ୍ମୁଖରେ ଫାଶୀ ଏବଂ ହତ୍ୟା ପରଂପରା ବିଲୋପ ଘଟିଥିଲେ ସୁଦ୍ଧା ଭାରତରେ ଏହାର ପ୍ରଚଳନ ଥିଲା । ବ୍ରିଟିଶମାନେ ଏହି ଦଣ୍ଡ ବିଧାନକୁ ବିଶେଷ ଭାବେ ଉପଭୋଗ କରୁଥିଲେ । ତେଣୁ ଏହାର ନାଁ ରଖିଥିଲେ 'ଶାସ୍ତିର ପର୍ବ'(Festival of Punishment) । ଏହି ସଂପର୍କରେ 'ଟାଇମସ୍' ପତ୍ରିକାର ସ୍ୱତନ୍ତ୍ର ପ୍ରତିନିଧି ଉଇଲିୟମ ହାୱାର୍ଡ ରସେଲ ଭାରତ ଭ୍ରମଣରେ ଆସି ଲେଖିଥିଲେ- 'ଭାରତରେ ଯେଉଁ ଶାସନ ବ୍ୟବସ୍ଥାର ପ୍ରଚଳନ ଅଛି, ୟୁରୋପରେ ତାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ । 'ଆଇନର ଶାସନ' ନାମରେ ଏଠାରେ ଯାହା ସବୁ ଘଟୁଛି, ଇଂଲଣ୍ଡରେ ଏହାର ସାମାନ୍ୟତମ ପୁନରାବୃତ୍ତି ହେଲେ ପ୍ରବଳ ବିଦ୍ରୋହ ସଂଗଠିତ ହେବ ।'

କୌଣସି ସହର କିମ୍ବା ଗ୍ରାମ ଉପରେ ଆକ୍ରମଣ ସମୟରେ କେଉଁମାନେ ସଂଗ୍ରାମୀ ସେମାନଙ୍କୁ ଚିହ୍ନଟ କରିବା ବ୍ରିଟିଶ ସେନା ପକ୍ଷେ ସମ୍ଭବ ନ ଥିଲା । ତେଣୁ ସଂପୂର୍ଣ୍ଣ ଅଞ୍ଚଳକୁ ଧ୍ୱଂସ କରି ଦିଆଯାଉଥିଲା । ତୋପ ସାମନାରେ ଠିଆ କରି ଉଡେଇ

ଦିଆଯାଉଥିଲା । ଫଳରେ ସେମାନଙ୍କ ଶରୀର ଖୋଜି ପାଇବା ସମ୍ଭବ ନ ଥିଲା । ଆହ୍ମଦାବାଦ ଆଖପାଖ ପ୍ରତିଟି ବୃକ୍ଷରେ ଶହୀଦଙ୍କ ଶରୀର ଫାଶୀରେ ଝୁଲୁଥିବାର ଦେଖିବାକୁ ମିଳିଥିଲା । ମୁସଲମାନଙ୍କୁ ଘୁଷୁରୀ ଚମଡାରେ ଢାଙ୍କି ଏବଂ ହିନ୍ଦୁମାନଙ୍କୁ ବଳପୂର୍ବକ ଗୋରୁ ମାଂସ ପାଟିରେ ଭରି ଫାଶୀ ଖୁଣ୍ଟରେ ଟାଙ୍ଗି ଦିଆଯାଉଥିଲା । ଯେମିତି ମୃତ୍ୟୁ ସମୟରେ ସେମାନଙ୍କ ଅନ୍ତରାତ୍ମା ବିଳପି ଉଠିବ ।

ଜେମସ୍ ଜର୍ଜ ସ୍ମିଥ୍ ନୀଲ୍, ସଂକ୍ଷେପରେ କର୍ଣ୍ଣେଲ୍ ନୀଲ୍ ଏହି ଦମନ ପ୍ରକ୍ରିୟାରେ ନୃଶଂସତାର ପ୍ରତିଶବ୍ଦରେ ଏବଂ ଉଇଲିୟମ ଷ୍ଟିଫେନ୍ ହଡସନ ଅମାନୁଷିକତାର ପ୍ରତୀକରେ ପରିଣତ ହୋଇଯାଇଛନ୍ତି । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା - ଭାରତୀୟମାନେ ଯେତେ ଭୀତତ୍ରସ୍ତ ରହିବେ, ଦେଶକୁ ସେତେ ଦୀର୍ଘ କାଳ ଶାସନ କରିବା ସହଜ ହେବ । ଧର୍ମ ଓ ବର୍ଣ୍ଣ ଆଧାରରେ ଦମନଲୀଳା ଆହୁରି ତୀବ୍ର ହେଲା । କର୍ଣ୍ଣେଲ ନୀଲ୍ କେବଳ ଆହ୍ମଦାବାଦରେ ଯେତିକି ଭାରତୀୟଙ୍କୁ ହତ୍ୟା କରିଥିଲେ, ସଂଗ୍ରାମରେ ସମୁଦାୟ ସେତେ ବ୍ରିଟିଶ ନାଗରିକ ମୃତ୍ୟୁବରଣ କରି ନ ଥିଲେ । ଏହିଭଳି ଶତାଧିକ ବର୍ବର ନୀଲ ଦେଶର କୋଣ ଅନୁକୋଣରେ ଗଣହତ୍ୟା ତାଣ୍ଡବ ଚଳାଇଥିଲେ । ଜଣେ ବ୍ରିଟିଶ ବ୍ୟକ୍ତିର ପ୍ରତିଶୋଧ ନିମନ୍ତେ ଗୋଟିଏ ଜନବସତି ଯଥେଷ୍ଟ ନ ଥିଲା । ନିଜର ଅନ୍ତରାତ୍ମା ନିକଟରେ ପରାହତ ହୋଇ କର୍ଣ୍ଣେଲ୍ ନୀଲ୍ ଜୁନ୍ ୧୭ ତାରିଖରେ ଉଲ୍ଲେଖ କରିଥିଲେ -"God ! grant I may have acted with justice! I know I have acted with severity but, under all the circumstances, I trust for forgiveness. I have done all for the good of my country, to re-establish its prestige and power, and to put down this most barbarous, inhuman insurrection." । ନିଜ ବର୍ବରତାକୁ ଦେଶପ୍ରେମର ଆଳରେ ଢାଙ୍କିବା ପାଇଁ ପ୍ରୟାସ କରିଥିଲେ ।

ସଂଗ୍ରାମରେ ତାନ୍ତିଆ ଟୋପି ପରାସ୍ତ ହେବା ପରେ ଦମ୍ଭର ସହିତ ନର୍ମଦା ନଦୀ ପାର ହୋଇ ଅପର ପାର୍ଶ୍ୱକୁ ଆସିଗଲେ । ମହର୍ଷି ଦୟାନନ୍ଦ ବୟାନ କରିଛନ୍ତି - ୧୮୫୭ରୁ ୧୮୬୦ ମସିହା ପର୍ଯ୍ୟନ୍ତ ସେ ନର୍ମଦା ନଦୀ କୂଳରେ ଅବସ୍ଥାନ କରିଥିଲେ । କିନ୍ତୁ ସେ ହୁହିଁଙ୍କର ସାକ୍ଷାତ ସଂପର୍କରେ କୌଣସି ତଥ୍ୟ ଉପଲବ୍ଧ ନୁହେଁ । ମହର୍ଷି ଦୟାନନ୍ଦଙ୍କ ଜୀବନକାଳର ଗୁରୁତ୍ୱପୂର୍ଣ୍ଣ ତିନି ବର୍ଷ (୧୮୫୭-୬୦) ଏବେ ମଧ୍ୟ

ତାଙ୍କ ଜୀବନୀ ଲେଖକଙ୍କ ନିମନ୍ତେ ରହସ୍ୟାବୃତ୍ତ ହୋଇ ରହିଛି । କାରଣ ତାଙ୍କ ଜୀବନକାଳର ଯେଉଁ ସମସ୍ତ ତଥ୍ୟ ସେ ନିଜେ ବର୍ଣ୍ଣନା କରିଛନ୍ତି, ତାହା ମଧ୍ୟରେ ଏହି ଅବଧି ସଂପର୍କରେ ପ୍ରାୟ ନିରବ ରହିଛନ୍ତି । କିନ୍ତୁ ୧୮୬୦-୬୩ ଏହି ତିନି ବର୍ଷ ସେ ଗୁରୁ ବିରଜାନନ୍ଦଙ୍କ ଠାରୁ ଶିକ୍ଷା ଲାଭ କରିଛନ୍ତି - ଏହା ସର୍ବଜନବିଦିତ ।

ବ୍ରିଟିଶ ଦମନଲୀଳାର ପରିଣାମ ଥିଲା ଅତ୍ୟନ୍ତ ଭୟାବହ - ସାରା ଦେଶରୁ ସଂଗ୍ରାମୀଙ୍କ ସଂଖ୍ୟା ହ୍ରାସ ପାଇଗଲା । ସ୍ୱାଧୀନତା ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା । ୧୮୬୦ ମସିହାରୁ ସାରା ଦେଶକୁ ଯେଉଁ ନିର୍ମମ ଦୁର୍ଭିକ୍ଷର କରାଳ ଗ୍ରାସ କଲା, ଆଜି ମଧ୍ୟ ତାହା ପ୍ରାଣରେ ଶିହରଣ ସୃଷ୍ଟି କରେ । ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ଭୋକ ଓପାସରେ ଟଳି ପଡୁଥିବାବେଳେ, ଗୋଟିଏ ଶାସନକଳ କେତେ ଉଦାସୀନ ହୋଇପାରେ, ବ୍ରିଟିଶ ସରକାର ତାହାର ହୀନ ଦୃଷ୍ଟାନ୍ତ । ୧୮୬୦-୬୧ ଦୁର୍ଭିକ୍ଷରେ ଆଗ୍ରା, ଦିଲ୍ଲୀ, ପଞ୍ଜାବ ଏବଂ ପୂର୍ବ ରାଜପୁତନା ଅଞ୍ଚଳରେ ୨୦ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ । ୧୮୬୬-୬୭ ନଅଙ୍କ ଦୁର୍ଭିକ୍ଷ ଓଡିଶାର କଳଙ୍କିତ ଅଧ୍ୟାୟ ଭାବେ ବିବେଚିତ । ଏଥିରେ ୧୦ ଲକ୍ଷ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ୧୮୭୬-୭୮ ଦକ୍ଷିଣ ଭାରତ ଦୁର୍ଭିକ୍ଷରେ ୧୦ ନିୟୁତ ବ୍ୟକ୍ତି ବଳି ପଡିଥିଲେ । ମୁଖ୍ୟତଃ ଏହା ଥିଲା ବ୍ରିଟିଶ ସରକାରର ଇଚ୍ଛାକୃତ ନିର୍ଯାତନା । ଗୋଟିଏ ଜାତିକୁ ସାମାଜିକ, ଧାର୍ମିକ , ଆର୍ଥିକ ଏବଂ ରାଜନୈତିକ, ପ୍ରତିଟି କ୍ଷେତ୍ରରେ ନ୍ୟୁନ ପ୍ରତିପାଦିତ କରି ତାହାର ଅନ୍ତରାତ୍ମାକୁ ଧ୍ୱଂସ କରି ଦେବା ପାଇଁ ଏହା ଥିଲା ଭୟଙ୍କର ଷଡ଼ଯନ୍ତ୍ର ।

ଏହି ପୃଷ୍ଠଭୂମିରେ ୧୮୭୫ ମସିହାରେ ମହର୍ଷି ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ'ର ପ୍ରତିଷ୍ଠା ଏବଂ 'ସତ୍ୟାର୍ଥ ପ୍ରକାଶ' ଗ୍ରନ୍ଥ ପ୍ରକାଶ କରିଥିଲେ । ଆର୍ଯ୍ୟାବର୍ତ୍ତର ଗୌରବୋଜ୍ଜ୍ୱଳ ସ୍ୱର୍ଣ୍ଣିଭ ଅତୀତକୁ ସ୍ମରଣ କରାଇ, ସୁପ୍ତ ପରାହତ ଜାତିକୁ ଜାଗ୍ରତ କରିବା ନିମନ୍ତେ ଏହା ଥିଲା ଦେବୋପମ ପ୍ରୟାସ । ମହର୍ଷିଙ୍କର ବିଶ୍ୱାସ ଥିଲା, ବୈଦିକ ଯୁଗର ମହାନ ପରଂପରା ଆଧାରରେ ଦେଶ ଅଗ୍ରସର ହେଲେ, ବିଦେଶୀ ଶାସନର ଅବସାନ ଘଟିବ ଏବଂ ଦେଶବାସୀଙ୍କ ମନରୁ ହୀନମନ୍ୟତା ଅପସରି ଯାଇ ଆର୍ଯ୍ୟାବର୍ତ୍ତ ପୁନଶ୍ଚ ବିଶ୍ୱର ନେତୃତ୍ୱ ନେବାକୁ ସକ୍ଷମ ହେବ । ସୁଦୀର୍ଘ ଅତୀତର ପରଂପରାରେ ଜଣେ ଋଷି ଦେଶବାସୀଙ୍କ ପ୍ରାଣରେ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପାଇଁ ଆଗଭର ହୋଇଥିଲେ । ପ୍ରାୟ ଏକ ହଜାର ବର୍ଷ ପୂର୍ବେ ପ୍ରଜ୍ଞା ଦୀପ୍ତ ଶଙ୍କରାଚାର୍ଯ୍ୟ

ଭାରତ ବର୍ଷ ପାଦରେ ବୁଲି ସନାତନ ଧର୍ମର ସଂରକ୍ଷଣ କରିଥିଲେ । ସେ ତୁଳନାରେ ମହର୍ଷି ଦୟାନନ୍ଦଙ୍କ ମାର୍ଗ ଥିଲା ଆହୁରି ଦୁର୍ଗମ । ସ୍ୱଧର୍ମ ପ୍ରତିଷ୍ଠା ସହିତ ରାଜନୈତିକ ଦାସତ୍ୱରୁ ଦେଶକୁ ମୁକ୍ତ କରିବା ଥିଲା ତାଙ୍କର ପରମ ଲକ୍ଷ୍ୟ ।

ବ୍ରିଟିଶ ଶାସନକାଳରେ ଆର୍ଯ୍ୟ ସମାଜ ହେଉଛି ପ୍ରଥମ ଜାତୀୟ ଅନୁଷ୍ଠାନ ଯାହା ସରକାରଙ୍କ ବିନା ଅନୁମତିରେ ପ୍ରତିଷ୍ଠିତ ହୋଇ ସରକାରଙ୍କ ବିନା ଅନୁଦାନ ଓ ଅନୁଗ୍ରହରେ କାର୍ଯ୍ୟ କରୁଥିଲା ।

ସାଧାରଣ ପରିଭାଷାରେ , ଆର୍ଯ୍ୟ ସମାଜ ଏକ ରାଜନୈତିକ ଅନୁଷ୍ଠାନ ଭାବେ ପରିଗଣିତ ହେବ ନାହିଁ । କିନ୍ତୁ ଏହା ମହର୍ଷି ଦୟାନନ୍ଦଙ୍କ ରାଜନୈତିକ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲା । ବୃହତ୍ ଅର୍ଥରେ ଆର୍ଯ୍ୟ ସମାଜ ଏକ ଆନ୍ଦୋଳନ , ଯାହା ଜାତୀୟ ଜୀବନର ପ୍ରତିଟି ବିଭବ ଧର୍ମ, ସମାଜ, ସଂସ୍କୃତି, ଶିକ୍ଷା ଏବଂ ସର୍ବୋପରି ରାଜନୀତିକୁ ଅନ୍ତରଙ୍ଗ ଭାବେ ସ୍ପର୍ଶ କରିଥିଲା ।

ଆର୍ଯ୍ୟ ସମାଜ ପ୍ରତିଷ୍ଠା ହେବାର ପ୍ରାୟ ଦୁଇ ଦଶବ୍ଦି ମଧ୍ୟରେ ଏହାର ଉଦ୍ଦେଶ୍ୟ ଚରିତାର୍ଥର ଲକ୍ଷଣମାନ ପରିସ୍ଫୁଟ ହେବାକୁ ଲାଗିଲା ।

୧୮୮୫ ମସିହାରେ ହେନରୀ କଟନ୍ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ 'ନିଉ ଇଣ୍ଡିଆ' (New India) । ଏଥିରେ ସେ ଆର୍ଯ୍ୟ ସମାଜ ସଂପର୍କରେ ଲେଖିଛନ୍ତି - The strength of the movement (Arya Samaj) lies in its indigenous source, with its roots in the past, adhering to the ancient ritual and a modified caste system,.....and above all in its complete alienation from western thought. (Page 277)..... The Arya Samaj is working as a remarkable force for the amelioration of India and the history of the movement is one of the most important and interesting chapters of modern Hindoo thought. (Page 278) । ହେନରୀ କଟନ ବ୍ରିଟିଶ ସରକାରଙ୍କ ରେଭେନ୍ୟୁ ସେକ୍ରୋଟାରୀ ଭାବେ କଲିକତାରେ ଅବସ୍ଥାନ କରୁଥିଲେ । ୧୯୦୫ ମସିହାରେ ଲର୍ଡ କର୍ଜନଙ୍କ ବଙ୍ଗ ଭଙ୍ଗ ନିର୍ଦ୍ଦେଶକୁ ସେ ଖୋଲାଖୋଲି ବିରୋଧ କରିଥିଲେ ।

ସାର୍ ଏଡ୍ୱ୍ୟାର୍ଡ ଡଗଲାସ୍ ମାକ୍‌ଲାଗନ୍ ଦୀର୍ଘ ବର୍ଷ ବ୍ରିଟିଶ ସରକାର ଅଧୀନରେ ପଞ୍ଜାବରେ କାର୍ଯ୍ୟ କରିଥିଲେ । ୧୯୧୯-୨୪ ପର୍ଯ୍ୟନ୍ତ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ୧୯୨୧-୨୪ ପଞ୍ଜାବର ଗଭର୍ଣ୍ଣର ଥିଲେ । ୧୮୯୧ ମସିହା ଜନଗଣନା ରିପୋର୍ଟରେ ସେ ଉଲ୍ଲେଖ କରିଛନ୍ତି - " Arya Samaj is the most important of the modern sects" ।

୧୯୦୧ ମସିହା ଜନଗଣନା ଉଦ୍ଦେଶ୍ୟରେ ଜନଗଣନା କମିଶନର ହବର୍ଟ ରିସଲେ ଅନେକ ପ୍ରାମାଣିକ ତଥ୍ୟ ସଂଗ୍ରହ କରି ୧୯୦୮ ମସିହାରେ ପ୍ରକାଶିତ The People of India ପୁସ୍ତକରେ ସନ୍ନିବେଶିତ କରିଥିଲେ । ଏହି ପୁସ୍ତକରେ ଉଲ୍ଲେଖ ଅଛି - 'ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଆର୍ଯ୍ୟ ସମାଜ ପ୍ରତିଷ୍ଠା ହେବା ପରଠାରୁ ଏହାର ଖ୍ରୀଷ୍ଟିୟାନ ବିରୋଧୀ ମନ୍ତବ୍ୟ ଶିକ୍ଷିତ ବର୍ଗଙ୍କୁ ଅଧିକ ଆକର୍ଷିତ କରିଛି । ଫଳରେ ଯେଉଁମାନେ ନିକଟ ଅତୀତରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ପୁନଶ୍ଚ ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ପ୍ରାଚୀନ ବୈଦିକ ଧର୍ମ ଆଧାରରେ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ସମୃଦ୍ଧି ସମ୍ଭବ - ଏହି ସାରତତ୍ତ୍ୱ ଅତ୍ୟନ୍ତ ପ୍ରାଞ୍ଜଳ ଓ ସ୍ପଷ୍ଟ ଭାବରେ ପରିବେଷଣ କରାଯାଉଛି । ହିନ୍ଦୁ ଧର୍ମର ପୁନଃ ଅଭ୍ୟୁଦୟ ଫଳରେ ଶିକ୍ଷିତବର୍ଗରେ ଖ୍ରୀଷ୍ଟିୟାନ ଧର୍ମର ପ୍ରସାର ବାଧା ପ୍ରାପ୍ତ ହେବ ।'(The People of India ପୃଷ୍ଠା ୨୪୪-୪୫)

୧୯୧୦ ମସିହାରେ ସ୍କଟଲାଣ୍ଡର ରାଜଧାନୀ ଏଡିନବର୍ଗରେ ବିଶ୍ୱ ମିସନାରୀ ସମ୍ମେଳନ World Missionary Conference ଅନୁଷ୍ଠିତ ହୋଇଥିଲା । ଏହାର ରିପୋର୍ଟରେ ଉଲ୍ଲେଖ ଅଛି - "Chief among the modern Neo-Hindu movements, Arya Samaj , both in point of activity and influence. . . . which hinder the spread of Christianity in India." (Report of the Conference, Vol. I., p. 17.)।

ମହର୍ଷି ଦୟାନନ୍ଦଙ୍କ ଆଭିମୁଖ୍ୟ ଏବଂ ଆର୍ଯ୍ୟ ସମାଜର ସାମଗ୍ରୀକ କାର୍ଯ୍ୟାବଳୀକୁ ମହର୍ଷିଙ୍କର ସୁଯୋଗ୍ୟ ଶିଷ୍ୟ ତଥା ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସେନାନୀ ଲାଲା ଲାଜପତ ରାୟ ୧୯୧୫ ମସିହାରେ ପ୍ରକାଶିତ The Arya Samaj ପୁସ୍ତକରେ ଅତି ଚମତ୍କାର ଶବ୍ଦରେ ପରିବେଷଣ କରିଛନ୍ତି- '୧୯୦୭ ମସିହାରେ ପଞ୍ଜାବର ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ସରକାରୀ ତଥ୍ୟ ଆଧାରରେ ମନ୍ତବ୍ୟ ଦେଇଥିଲେ, ଯେଉଁ

ସମସ୍ତ ସ୍ଥାନରେ ଆର୍ଯ୍ୟ ସମାଜର ଶାଖା ରହିଛି, ସେହି ସ୍ଥାନ ସମୂହ ଦେଶରେ ଅସ୍ଥିରତା ସୃଷ୍ଟି କରିବାର କେନ୍ଦ୍ରବିନ୍ଦୁ । ଏହି ମନ୍ତବ୍ୟ, ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।' (ପୃଷ୍ଠା ୨୫୩-୫୪) । ପ୍ରତିଟି ଭାରତୀୟର ପ୍ରାଣରେ ଏହି ଅସ୍ଥିରତା ସୃଷ୍ଟି କରିବା ପାଇଁ ମହର୍ଷି ଦୟାନନ୍ଦ "Back to Vedas" ଏବଂ 'Aryavarta for Aryans' ଆହ୍ୱାନ ଦେଇଥିଲେ । ଏହି ଅସ୍ଥିରତାରୁ ଜାତୀୟ ଚରିତ୍ର ସୃଷ୍ଟି ହୋଇଥିଲା ।

ଲାଲା ଲାଜପତ ରାୟଙ୍କ ଭାଷାରେ - "That the Arya Samaj is one of the most potent nationalizing forces, no one should or need deny. The Arya Samaj aims at radical changes in the thought and life of the people. It aims at the formation of a new national character, on the fundamental basis of Vedic thought and Vedic life. It was essential for it to create dissatisfaction with the existing conditions in Hindu society; to create an ambition for better thought and better life—an ambition that was bound to bring about unrest.....that mere " quietness, docility, resignation, and obedience " could not form a national character; and that it was necessary to foster also "strength, initiative, sense of responsibility, and power of rebellion.'" (ପୃଷ୍ଠା: ୨୫୪-୫୫) । ମହର୍ଷି ଦୟାନନ୍ଦ ଆର୍ଯ୍ୟ-ମାନସିକତାକୁ ସଂକୀର୍ଣ୍ଣ ସୀମାବଦ୍ଧତାରୁ ଅନନ୍ତ, ନିରାକାରକୁ ପରିବ୍ୟାପ୍ତ କରିବା ସହିତ ତା'ର ବ୍ୟକ୍ତିତ୍ୱରେ ଅଫୁରନ୍ତ ଆଗ୍ରହ, ଅଦମ୍ୟ ଉତ୍ସାହ ଏବଂ ବିଦ୍ରୋହ ନିମନ୍ତେ ଶତ ସିଂହର ଶକ୍ତି ଭରିଦେଇଥିଲେ । ଏହା କ୍ରମଶଃ ଜାତୀୟ ଚରିତ୍ରରେ ରୂପାନ୍ତରିତ ହୋଇଗଲା ।

ଭାଲେଣ୍ଟାଇନ୍ ସିରୋଲ - ଟାଇମସ୍' ସମ୍ବାଦପତ୍ରର ସ୍ୱତନ୍ତ୍ର ପ୍ରତିନିଧି ଏବଂ ବ୍ରିଟିଶ ସାମ୍ରାଜ୍ୟର ଅନ୍ତରଙ୍ଗ ଶୁଭେଚ୍ଛୁ । ଅଠର ଶହ ସତୁରୀ ଦଶକରୁ ଚାରି ଦଶନ୍ଧି ମଧ୍ୟରେ ସେ ୧୭ ଥର ଭାରତ ଆସିଥିଲେ । ତାଙ୍କ ମୃତ୍ୟୁ ପରେ ମେଜର ଜେନେରାଲ୍ ନିଲ୍ ମାଲକମ୍ କହିଥିଲେ - 'ସିରୋଲ ହେଉଛନ୍ତି ଭାଇସ୍‌ରାୟମାନଙ୍କର ବନ୍ଧୁ' । ୧୯୧୦ ମସିହାରେ ସେ ଭାରତ ସଂପର୍କରେ ଗୋଟିଏ ପୁସ୍ତକ ଲେଖିଥିଲେ

- 'Indian Unrest' । ଉନ୍ନବିଂଶ ଶତାବ୍ଦୀର ପ୍ରଥମ ଦଶକରେ ସାରା ଦେଶରେ ବ୍ରିଟିଶ ଶାସନ ବିରୋଧରେ ରାଜନୈତିକ ସଂଗ୍ରାମ ଯେଉଁ ବ୍ୟାପକ ରୂପ ନେଇଥିଲା, ତାହାର କାରଣ ଚିହ୍ନଟ କରି ଆନ୍ଦୋଳନର ସାମଗ୍ରୀକ ଚିତ୍ର ଏହି ପୁସ୍ତକରେ ବର୍ଣ୍ଣନା କରିଥିଲେ । ପୁସ୍ତକର ଅଷ୍ଟମ ଅଧ୍ୟାୟ 'ପଞ୍ଜାବ ଓ ଆର୍ଯ୍ୟ ସମାଜ' ରେ ଆର୍ଯ୍ୟ ସମାଜକୁ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା କାର୍ଯ୍ୟଧାରାର 'କେନ୍ଦ୍ର ବିନ୍ଦୁ' ଭାବେ ଚିତ୍ରଣ କରାଯାଇଛି ।

୧୯୦୮ ମସିହାରେ ପଞ୍ଜାବରେ ଲେଫଟନାଣ୍ଟ ଗଭର୍ଣ୍ଣର ଥିଲେ ଲୁଇସ୍ ଡେନ୍ । ଆର୍ଯ୍ୟ ସମାଜ ସଂପର୍କରେ ସେ ମତ ଦେଇଥିଲେ -" what purports to be a society for religious and social reform and advancement may not be twisted from its proper aims and degenerate into a poltical organization with objects which are not consonant with due loyalty to the Government.(INDIAN UNREST page-115) । ଏହି ଭଳି ଉଦ୍ଧୃତିକୁ ଆଧାର କରି ଭାଲେଣ୍ଟାଇନ୍ ସିରୋଲ ଆର୍ଯ୍ୟ ସମାଜକୁ ଗୋଟିଏ ରାଜନୈତିକ ଅନୁଷ୍ଠାନ ଭାବେ ଚିତ୍ରଣ କରିଥିଲେ । ଆର୍ଯ୍ୟ ସମାଜ, ଲାହୋରର ସଭାପତି ରୋଶନ ଲାଲଙ୍କ ସହିତ ବାର୍ତ୍ତାଳାପକୁ ଆଧାର କରି ସିରୋଲ ଲେଖିଥିଲେ - ' ରୋଶନ ଲାଲ ଯେତେ ଅସ୍ୱୀକାର କଲେ ସୁଦ୍ଧା ଆର୍ଯ ସମାଜର ଅନେକ ସଦସ୍ୟ ବିଗତ କିଛି ବର୍ଷ ଧରି ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ଅଛନ୍ତି । ସେମାନଙ୍କ ମଧ୍ୟରେ ଲାଲା ଲାଜପତ ରାୟ, ଅଜିତ ସିଂହ, ଶ୍ୟାମଜୀ କୃଷ୍ଣ ବର୍ମା, ଭାଇ ପରମାନନ୍ଦ ସନ୍ଦେହର ଉର୍ଦ୍ଧ୍ୱରେ ନାହାନ୍ତି । (ଇଣ୍ଡିଆନ୍ ଅନରେଷ୍ଟ ପୃ-୧୧୨)

ଶ୍ୟାମଜୀ କୃଷ୍ଣ ବର୍ମା ଥିଲେ ମହର୍ଷିଙ୍କର ପ୍ରିୟ ଶିଷ୍ୟ । ମହର୍ଷି ତାଙ୍କୁ ଆର୍ଯ୍ୟ ସମାଜ କାର୍ଯ୍ୟକାରିଣୀ ପରିଷଦର ଆଜୀବନ ସଦସ୍ୟ ଏବଂ ତାଙ୍କ ଅନ୍ତେ ଯେଉଁ ଟ୍ରଷ୍ଟ ସମସ୍ତ କାର୍ଯ୍ୟ ଭାର ଗ୍ରହଣ କରିବ , ତାହାର ସଦସ୍ୟ ଭାବେ ମନୋନୀତ କରିଥିଲେ । ଏହି ପ୍ରିୟ ଶିଷ୍ୟ ସେହି ସମୟରେ କହିଥିଲେ - 'ଯେଉଁ ସମସ୍ତ ଅନୁଷ୍ଠାନ ଦେଶରେ ରାଜନୈତିକ ଜାଗରଣ ନିମନ୍ତେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରେ ଆର୍ଯ୍ୟ ସମାଜ ସବୁ ଠାରୁ ଶକ୍ତିଶାଳୀ । ମହର୍ଷି ଦୟାନନ୍ଦ ଆମ ସମ୍ମୁଖରେ ଏକ ସ୍ୱାଧୀନ ଜାତୀୟ ସରକାରର ଆଦର୍ଶ ପ୍ରତିଷ୍ଠା କରି ଯାଇଛନ୍ତି ।'

ଆର୍ଯ୍ୟ ସମାଜ ପ୍ରତିଷ୍ଠା ହେବା ପର ଠାରୁ ଅନୁଷ୍ଠାନ ସହିତ ସଂପୃକ୍ତ ପ୍ରତ୍ୟେକ, ସେନାର ଯବାନଙ୍କ ଠାରୁ ଗ୍ରାମର ସାଧାରଣ ବ୍ୟକ୍ତିଟିଏ ପର୍ଯ୍ୟନ୍ତ ସମସ୍ତେ , ବ୍ରିଟିଶ ସରକାର ଦୃଷ୍ଟିରେ ଥିଲେ ଦେଶଦ୍ରୋହୀ । ଅଫିସରେ କାମ କରୁଥିବା କିରାଣୀ ଏବଂ ଉଚ୍ଚପଦସ୍ଥ ଅଧିକାରୀ ଯେଉଁମାନେ ଆର୍ଯ୍ୟ ସମାଜର ଅଧିବେଶନରେ ଯୋଗ ଦେଉଥିଲେ ଏବଂ ପ୍ରତ୍ୟକ୍ଷ କାର୍ଯ୍ୟାବଳୀରେ ଅଂଶଗ୍ରହଣ କରୁଥିଲେ, ସେମାନେ ବ୍ରିଟିଶ ସରକାରଙ୍କ କୋପ ଦୃଷ୍ଟିରେ ଆସିଯାଉଥିଲେ । ୧୯୦୮ ମସିହା ଲାହୋର ଆର୍ଯ୍ୟ ସମାଜର ବାର୍ଷିକ ଅଧିବେଶନରେ ମହାତ୍ମା ମୁନସିରାମ (ପରେ ସ୍ୱାମୀ ଶ୍ରଦ୍ଧାନନ୍ଦ)ଙ୍କ ଉଦ୍‌ବୋଧନର ଶୀର୍ଷକ ଥିଲା - 'ଆର୍ଯ୍ୟ ସମାଜ ଓ ରାଜନୀତି' । ପ୍ରାରମ୍ଭରେ ସେ ଏହି କ୍ରମରେ ସ୍ପଷ୍ଟ କରିଥିଲେ - 'ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କର ଆଭିମୁଖ୍ୟ ଥିଲା, ପ୍ରତ୍ୟେକ ଆର୍ଯ୍ୟ ଏକ ସୁସ୍ଥ ସାମାଜିକ, ଆର୍ଥିକ, ଆଧ୍ୟାତ୍ମିକ ଏବଂ ରାଜନୈତିକ ଜୀବନ ଅତିବାହିତ କରିବେ । କିନ୍ତୁ ପ୍ରତିଟି କ୍ଷେତ୍ରରେ ବ୍ରିଟିଶ ସରକାର ଆମକୁ ସେହି ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ରଖୁଛି । ଆର୍ଯ୍ୟ ସମାଜୀ ସେହି ପ୍ରସଙ୍ଗରେ ପ୍ରଶ୍ନ କଲେ ତାଙ୍କୁ ଦେଶଦ୍ରୋହୀ ଏବଂ ତାଙ୍କର କାର୍ଯ୍ୟଧାରାକୁ ରାଜନୈତିକ ଆଖ୍ୟା ଦିଆଯାଉଛି । ଯଦି ଏହା ହିଁ ସରକାରୀ ପରିଭାଷା ହୁଏ, ତେବେ ଆର୍ଯ୍ୟ ସମାଜକୁ 'ରାଜନୈତିକ ସଂଗଠନ' ଅଭିହିତ କରିବାରେ ଆମର କୌଣସି ଆପତ୍ତି ନାହିଁ ।' ସେ ଆହୁରି ଦୃଢ଼ ସ୍ୱରରେ କହିଥିଲେ - "ମହର୍ଷି ଦୟାନନ୍ଦ 'ସତ୍ୟାର୍ଥ ପ୍ରକାଶ' ପୁସ୍ତକର ଷଷ୍ଠ ଅଧ୍ୟାୟରେ ଶାସକର ଯୋଗ୍ୟତା ଓ କର୍ତ୍ତବ୍ୟ ସଂପର୍କରେ ବ୍ୟାଖ୍ୟା କରିଛନ୍ତି । ଜଣେ ବ୍ୟକ୍ତି ଅଧର୍ମ ପଥରେ ଗଲେ, ତାଙ୍କୁ ସୁପଥକୁ ଆଣିବା ନିମନ୍ତେ ଯେମିତି ଭର୍ତ୍ସନା କରାଯାଏ , ଶାସକ ନିଜ ମାର୍ଗରୁ ବିଚ୍ୟୁତ ହେଲେ ତାଙ୍କୁ ମଧ୍ୟ ଚେତାବନୀ ଦେବାକୁ ପଡିଥାଏ । ସେହି କ୍ରମରେ ଆର୍ଯ୍ୟ ସମାଜ ବ୍ରିଟିଶ ସରକାରକୁ ନ୍ୟାୟଯୁକ୍ତ ଶାସନ ପ୍ରଦାନ କରିବା ନିମନ୍ତେ ଚେତାବନୀ ଦେଉଛି ।"

ଆର୍ଯ୍ୟ ସମାଜ ପ୍ରତିଷ୍ଠା ପରଠାରୁ ଏହାର କାର୍ଯ୍ୟଶୈଳୀ ଏହି ମାର୍ଗରେ ସ୍ପଷ୍ଟ ଥିଲା । ମହାତ୍ମା ମୁନସିରାମଙ୍କ ଉଦ୍‌ବୋଧନ ରାଜନୈତିକ କାର୍ଯ୍ୟଧାରାକୁ ସୁସ୍ପଷ୍ଟ କରିଦେଲା । ବ୍ରିଟିଶ ବିରୋଧୀ କାର୍ଯ୍ୟକ୍ରମ ସାରା ଦେଶରେ ବ୍ୟାପକ ହେଲା ।

ପ୍ରତିଷ୍ଠାର ପ୍ରଥମ ଦଶନ୍ଧି ମଧ୍ୟରେ ପଞ୍ଜାବ, ଉତ୍ତର ପ୍ରଦେଶ, ଆଗ୍ରା, ରାଜପୁତନା , ଅଓ୍ୱଧ ଏବଂ ଗୁଜରାଟରେ ଆର୍ଯ୍ୟ ସମାଜକୁ ଅଧିକ ସଫଳତା ମିଳିଥିଲା ।

୧୮୯୧ ମସିହାରେ ସମୁଦାୟ ସଦସ୍ୟଙ୍କ ସଂଖ୍ୟା ୬୫୦୦ ଥିବାବେଳେ ୧୯୧୧ରେ ଏହା ୨,୪୩,୦୦୦କୁ ବୃଦ୍ଧି ପାଇଥିଲା । ଭାରତ ବର୍ଷର ବହୁ ସମ୍ଭ୍ରାନ୍ତ ରାଜ ପରିବାର ଅନୁଷ୍ଠାନର ସଦସ୍ୟତା ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ଉଦୟପୁରର ମହାରାଣା । ଖ୍ୟାତିସଂପନ୍ନ ଏହି ରାଜ ପରିବାର , ସମ୍ରାଟ ଆକବରଙ୍କ ବଶ୍ୟତା ସ୍ୱୀକାର କରି ନ ଥିଲା । (ଆର୍ଯ୍ୟ ସମାଜ-ଲାଲା ଲଜପତ ରାୟ , ପୃ-୫୮) ।

୧୯୧୦ ମସିହାରେ ସେନା ବାହିନୀ ତରଫରୁ ଆର୍ଯ୍ୟ ସମାଜୀମାନଙ୍କୁ ସେନାରେ ବାସନ୍ଦ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଲା । ଯୁକ୍ତି ଥିଲା - ଆର୍ଯ୍ୟ ସମାଜ ସରକାର ବିରୋଧୀ ଅନୁଷ୍ଠାନ । ତେଣୁ ସେହି ସଂସ୍ଥା ସହିତ ସଂପୃକ୍ତ ବ୍ୟକ୍ତିମାନେ ସେନାରେ ପ୍ରବେଶ କଲେ ଦେଶଦ୍ରୋହୀ କାର୍ଯ୍ୟରେ ଲିପ୍ତ ରହିବେ । ୧୮୫୭ ମସିହାକୁ ଦୃଷ୍ଟାନ୍ତ ଭାବେ ନିଆଗଲା । କିନ୍ତୁ ୧୯୦୭ ମସିହାରେ ଆର୍ମିର ଆଡଭୋକେଟ୍ ଜେନେରାଲ କଲୋନେଲ୍ ଥମ୍‌ସନ୍ ମତ ଦେଇଥିଲେ - 'ଯେଉଁ ସେନାଙ୍କ ବିରୋଧରେ ଆର୍ଯ୍ୟ ସମାଜ ସଂପୃକ୍ତିର ପ୍ରମାଣ ମିଳିଛି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ଯଦିଓ ଆର୍ଯ୍ୟ ସମାଜର କିଛି ସଦସ୍ୟ ସରକାର ବିରୋଧି କାର୍ଯ୍ୟରେ ଲିପ୍ତ ଅଛନ୍ତି, ସମସ୍ତଙ୍କୁ ସେହି ପର୍ଯ୍ୟାୟଭୁକ୍ତ କରାଯାଇପାରିବ ନାହିଁ ।' (The Limits of Tolerance: Indian Secularism and the Politics of Religious Freedom By C.S. Adcock ପୃଷ୍ଠା- ୧୦୦)

ଆର୍ଯ୍ୟ ସମାଜ ପ୍ରତିଷ୍ଠା ପର ଠାରୁ ସମାଜର ପ୍ରତିଟି ବର୍ଗରେ ଅସ୍ଥିରତା ସୃଷ୍ଟି ହେଲା । ବିଶେଷ କରି ଶିକ୍ଷିତ ବର୍ଗରେ ଏହାର ପ୍ରଭାବ ଥିଲା ବହୁ ଅଧିକ । ବ୍ରିଟିଶ ସରକାର ନଜରରୁ ଏହା ବାଦ ପଡି ନଥିଲା ।

୧୮୭୬ ମସିହାରେ ବ୍ରିଟିଶ ରାଣୀ ଆଲେକ୍‌ଜାଣ୍ଡ୍ରିନା ଭିକ୍ଟୋରିଆ (ସଂକ୍ଷେପରେ ଭିକ୍ଟୋରିଆ) ପାର୍ଲାମେଣ୍ଟର ଆଇନ ବଳରେ ଭାରତର ସାମ୍ରାଜ୍ଞୀ ଉପାଧିରେ ଭୂଷିତ ହେଲେ । ଭାରତବର୍ଷ ବ୍ରିଟିଶ ସାମ୍ରାଜ୍ୟର ପ୍ରମୁଖ ଅଂଶ ଭାବେ ସ୍ୱୀକୃତି ପାଇଲା । ଏହି ଘୋଷଣାନାମା ସମ୍ମାନାର୍ଥେ ଭାରତର ଭାଇସରୟ ଲର୍ଡ ଲିଟନ୍ ୧୮୭୭ ଜାନୁୟାରୀ ୧ ତାରିଖରେ ଦିଲ୍ଲୀରେ ଚାକଚକ୍ୟଭରା ରାଜକୀୟ ଭବ୍ୟ ସମାରୋହର ଆୟୋଜନ କରିଥିଲେ - ଦିଲ୍ଲୀ ଦରବାର । ୧୮୭୭ ଡିସେମ୍ବର

୨୩ ତାରିଖରୁ ୧୮୭୭ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମାରୋହରେ ୭୫ ଜଣ ସାମନ୍ତ ରାଜା, ୧୨୦୦ ଅଧିକାରୀ, ୧୪,୦୦୦ ସେନା ସମେତ ୬୮,୦୦୦ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରଥମ ସ୍ୱାଧୀନତା ସଂଗ୍ରାମର ଦୁଇ ଦଶନ୍ଧି ପରେ ଏହା ଥିଲା ବ୍ରିଟିଶ ସାମ୍ରାଜ୍ୟର ଅଭୂତପୂର୍ବ ଶକ୍ତି ପ୍ରଦର୍ଶନ ।

ସେହି ସମୟରେ, ୧୮୭୬-୭୮ ମଧ୍ୟରେ , ଦକ୍ଷିଣ ଭାରତ (ମାଦ୍ରାସ, ମହୀଶୂର, ହାଇଦ୍ରାବାଦ ଏବଂ ବମ୍ବେ)ରେ ଦୁର୍ଭିକ୍ଷରେ ପ୍ରାୟ ୫୫ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ । ୬,୭୦,୦୦୦ ବର୍ଗ କି.ମି. ଅଞ୍ଚଳରେ ବାସ କରୁଥିବା ପ୍ରାୟ ୬ କୋଟି ବ୍ୟକ୍ତି ଏହି ଦୁର୍ବିପାକ ଦ୍ୱାରା ପ୍ରଭାବିତ ହୋଇଥିଲେ । ଦିଲ୍ଲୀ ଦରବାରରେ ଯେତିକି ଅର୍ଥ ଖର୍ଚ୍ଚ ହୋଇଥିଲା, ସେଥିରେ ବହୁ ଲକ୍ଷ ଲୋକଙ୍କର ଜୀବନ ରକ୍ଷା ହୋଇ ପାରିଥାନ୍ତା । ୧୯୦୩ ମସିହାରେ ଏହିଭଳି ଏକ ଦରବାର ସପ୍ତମ ଏର୍ଡୱାର୍ଡ ଏବଂ ଦ୍ୱିତୀୟ ଏଲିଜାବେଥଙ୍କ ଅଭିଷେକ ଉପଲକ୍ଷେ ଭାଇସରାୟ ଲର୍ଡ କର୍ଜନ ଆୟୋଜନ କରିଥିଲେ । ସେହି ଉତ୍ସବରେ ସପ୍ତମ ଏର୍ଡୱାର୍ଡଙ୍କ ପୁତ୍ର ପଞ୍ଚମ ଜର୍ଜ ଉପସ୍ଥିତ ଥିଲେ । ପରେ ପଞ୍ଚମ ଜର୍ଜ , ଗୋପାଳ କୃଷ୍ଣ ଗୋଖଲେଙ୍କୁ କହିଥିଲେ - 'ଆମ ସାମ୍ରାଜ୍ୟରେ ପ୍ରଜାମାନେ ଏତେ ଖୁସିରେ ଅଛନ୍ତି , ଆଗରୁ କଳ୍ପନା କରି ନ ଥିଲି ।' ମହୋତ୍ସବର ଜାକଜମକରେ ପ୍ରଜାଙ୍କର କରୁଣ ଆର୍ତ୍ତନାଦ ହଜି ଯାଇଥିଲା । ସେହି ସମୟରେ ସାରା ଦେଶରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥାଏ । ସେହି ପଞ୍ଚମ ଜର୍ଜଙ୍କ ଅଭିଷେକ ଉପଲକ୍ଷେ ୧୯୧୧ ମସିହାରେ ଆଉ ଏକ ଦିଲ୍ଲୀ ଦରବାର ଅନୁଷ୍ଠିତ ହୋଇଥିଲା । ସେତେବେଳେ ବଙ୍ଗ ଭଙ୍ଗ ଆନ୍ଦୋଳନ ଏବଂ ପ୍ରଥମ ସ୍ୱାଧୀନତାର ଅର୍ଦ୍ଧ ଶତାବ୍ଦୀ ଉପଲକ୍ଷେ ସାରା ଦେଶରେ ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହୋଇଥାଏ । ୧୯୧୨ ମସିହାରେ ଭାଇସରୟ ଲର୍ଡ ହାର୍ଡିଞ୍ଜଙ୍କ ଉପରେ ଆକ୍ରମଣ ଏହାର ପ୍ରତ୍ୟକ୍ଷ ପ୍ରମାଣ ।

୧୮୭୭ ମସିହା ଦିଲ୍ଲୀ ଦରବାରକୁ ବହୁ ଖ୍ୟାତନାମା ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଏହିଭଳି ଜଣେ ବ୍ୟକ୍ତି ଥିଲେ ଗଣେଶ ବାସୁଦେବ ଯୋଶୀ । ଧୋବ ଫରଫର ଖଦୀ ପିନ୍ଧି ସେ ଭାଇସରୟଙ୍କୁ ସମ୍ମାନ ଜଣାଇବା ସହିତ ନିବେଦନ କରିଥିଲେ - 'ସାମ୍ରାଜ୍ଞୀ ତାଙ୍କ ବ୍ରିଟିଶ ପ୍ରଜାମାନଙ୍କୁ ଯେଉଁ ସମସ୍ତ ରାଜନୈତିକ ଏବଂ ସାମାଜିକ ଅଧିକାର କରିଛନ୍ତି, ଭାରତକୁ ତାହା ପ୍ରଦାନ କରନ୍ତୁ ।' ସରକାରଙ୍କ

ସମ୍ମୁଖରେ ଏହା ଥିଲା ଦେଶ ତରଫରୁ ପ୍ରଥମ ରାଜନୈତିକ ଦାବୀ । ଗଣେଶ ବାସୁଦେବ ଯୋଶୀ ଥିଲେ ପୁନେ ସାର୍ବଜନିକ ସଭାର ଅନ୍ୟତମ ପ୍ରତିଷ୍ଠାତା । ୧୮୭୦ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ସାଧାରଣ ଜନତାଙ୍କ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନା କରୁଥିଲା । ବାଳ ଗଙ୍ଗାଧର ତିଳକ, ମହାଦେବ ଗୋବିନ୍ଦ ରାନାଡେ ଆଦି ସ୍ୱାଧୀନ ଚେତା ବ୍ୟକ୍ତି ଏହି ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ । ପରବର୍ତ୍ତୀ ସମୟରେ ଅନ୍ୟତମ ସ୍ୱାଧୀନତା ସେନାନୀ ଗୋପାଳ କୃଷ୍ଣ ଗୋଖଲେ , ଗଣେଶ ବାସୁଦେବ ଯୋଶୀଙ୍କ କନ୍ୟାଙ୍କୁ ବିବାହ କରିଥିଲେ ।

୧୮୭୭ ମସିହାରେ ବ୍ରିଟିଶ ସରକାର ଦିଲ୍ଲୀ ଦରବାର ମାଧ୍ୟମରେ ଶକ୍ତି ପ୍ରଦର୍ଶନ ସହିତ ୧୮୭୮ ମସିହାରେ ଆଉ ଦୁଇଟି କଠୋର ଆଇନ ପ୍ରଚଳନ କଲେ - ଭର୍ଣ୍ଣାକୁଲାର ପ୍ରେସ୍ ଆକ୍ଟ ଏବଂ ଇଣ୍ଡିଆନ୍ ଆର୍ମସ୍ ଆକ୍ଟ । ୧୮୩୫ ମସିହାରେ ଚାର୍ଲସ ମେଟ୍‌କାଫ୍ ଗଣମାଧ୍ୟମକୁ ସ୍ୱାଧୀନତା ପ୍ରଦାନ କରିଥିଲେ । ଫଳରେ ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଜନସାଧାରଣଙ୍କ ସମସ୍ୟା ଶାସନକଳ ନିକଟରେ ସଠିକ ଉପସ୍ଥାପନା ସହିତ ପ୍ରଶାସନର ଯାବତୀୟ ଦୁର୍ବଳତା ଗଣମାଧ୍ୟମରେ ପ୍ରକାଶ ପାଉଥିଲା । କିନ୍ତୁ ୧୮୭୭-୭୮ ମସିହାରେ ସରକାର ବିରୋଧୀ ଖବର ଏତେ ପ୍ରକାଶ ପାଇଲା ଯେ ସରକାରଙ୍କ ପକ୍ଷେ ତାହା ବରଦାସ୍ତ କରିବା ସମ୍ଭବ ହେଲା ନାହିଁ । ତେଣୁ ଭର୍ଣ୍ଣାକୁଲାର ପ୍ରେସ୍ ଆକ୍ଟ ମାଧ୍ୟମରେ ସରକାର ତାହା ଉପରେ ଅଙ୍କୁଶ ଲଗାଇଲେ । କିନ୍ତୁ ଇଂରାଜୀ ଖବର କାଗଜ ପାଇଁ ଏହି ଆଇନ ଲାଗୁ ହେଲା ନାହିଁ । ଇଣ୍ଡିଆନ୍ ଆର୍ମସ୍ ଆକ୍ଟର ନିର୍ଯ୍ୟାସ- କୌଣସି ଭାରତୀୟ ବିନା ଲାଇସେନ୍ସରେ ନିଜ ପାଖରେ ମାରଣାସ୍ତ୍ର ରଖିପାରିବେ ନାହିଁ । କିନ୍ତୁ ବ୍ରିଟିଶ ନାଗରିକ ଏହାର ପରିସରଭୁକ୍ତ ନ ଥିଲେ ।

ବ୍ରିଟିଶ ସରକାର ଏତେ ତରବରରେ ଏପରି ଦମନକାରୀ ଆଇନ ପ୍ରଣୟନ କରିବା ପାଇଁ କାହିଁକି ବାଧ୍ୟ ହେଲେ ? ୧୮୭୭ ମସିହାରେ ପର୍ଯ୍ୟାପ୍ତ ଅର୍ଥ ବିନିମୟରେ ଜାକଜକମରେ 'ଦିଲ୍ଲୀ ଦରବାର' ଆୟୋଜନ କରି ଅନୁଗତ ରାଜା ମହାରାଜାଙ୍କ ଉପସ୍ଥିତିରେ ବିପୁଳ ସାମରିକ ଶକ୍ତିର ପ୍ରଦର୍ଶନ କରି ସାରିଥିଲେ । ତାହା ପୂର୍ବରୁ ୧୮୫୭ ମସିହା ସ୍ୱାଧୀନ ସଂଗ୍ରାମର ଦମନଲୀଳା ଏକ ଦଶନ୍ଧି ବ୍ୟାପୀ ଚାଲୁ ରହିଥିଲା । ତଥାପି ସରକାର ଏତେ ଭୀତତ୍ରସ୍ତ ହେଲେ କାହିଁକି ?

ଏଥି ନିମନ୍ତେ ମହର୍ଷି ଦୟାନନ୍ଦଙ୍କ କାର୍ଯ୍ୟଧାରା ଅନୁଧ୍ୟାନ କରିବାକୁ ହେବ । ୧୮୭୫ ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା ସହିତ ସତ୍ୟାର୍ଥ ପ୍ରକାଶ ଗ୍ରନ୍ଥ ପ୍ରକାଶ ପାଇଲା । ସେହି ବର୍ଷ ମହର୍ଷି ଦୟାନନ୍ଦ ପୁନାରେ ଜୁଲାଇ ୪ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ୧୫ଟି ଉଦ୍‌ବୋଧନ ଦେଇଥିଲେ । ଏହାର ଆୟୋଜକ ଥିଲେ ଖ୍ୟାତନାମା ବିଦ୍ୱାନ ମହାଦେବ ଗୋବିନ୍ଦ ରାନାଡେ । ପ୍ରଥମ ୭ଟି ବକ୍ତବ୍ୟ ଧର୍ମ ଏବଂ ଈଶ୍ୱର ସଂପର୍କୀୟ ଥିବାବେଳେ ପରବର୍ତ୍ତୀ ୮ଟି ଥିଲା ଆର୍ଯ୍ୟାବର୍ତ୍ତର ଗୌରବୋଜ୍ଜ୍ୱଳ ଅତୀତର ଗାଥା । ପର ଦୁଇ ବର୍ଷ ମହର୍ଷି ଦେଶର ବିଭିନ୍ନ ପ୍ରାନ୍ତରେ ଆର୍ଯ୍ୟ ସମାଜର ଶାଖା ପ୍ରତିଷ୍ଠା କରି ୨୦୦ରୁ ଊର୍ଦ୍ଧ୍ୱ ଉଦ୍‌ବୋଧନ ଦେଇଥିଲେ । ମହର୍ଷିଙ୍କ ବାଣୀ ଦେଶପ୍ରେମ-ବହ୍ନି ଜାଗରଣ ନିମନ୍ତେ ଆଗ୍ନେୟର ସ୍ଫୁଲିଙ୍ଗ ଥିଲା । ୧୮୭୭ରେ ମହର୍ଷି ଦୟାନନ୍ଦ 'ରଗ୍‌ବେଦ ଭାଷ୍ୟ ଭୂମିକା' ଗ୍ରନ୍ଥରେ ରଗ୍‌ବେଦ ଆଧାରରେ ନିଜସ୍ୱ ରାଜନୈତିକ ଆଦର୍ଶ , ଶାସକର ଯୋଗ୍ୟତା, ଗଣତାନ୍ତ୍ରିକ ପଦ୍ଧତିର ଉପାଦେୟତା ଆଦି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ , ଯାହା ଥିଲା ବ୍ରିଟିଶ ଶାସନ ବ୍ୟବସ୍ଥାର ସଂପୂର୍ଣ୍ଣ ବିରୋଧ । ଏହା ବ୍ରିଟିଶ ସରକାରଙ୍କ ପକ୍ଷେ ବରଦାସ୍ତ କରିବା ସହଜ ନ ଥିଲା ।

୧୮୭୭ ମସିହା ଦିଲ୍ଲୀ ଦରବାର ସମୟରେ ଭାରତବର୍ଷର ପ୍ରାୟ ସମସ୍ତ ରାଜା ମହାରାଜା ଏଥିରେ ଅଂଶ ଗ୍ରହଣ କରିଥିଲେ । ଇନ୍ଦୋରର ମହାରାଜା ତୁକୋଜୀ ରାଓ ହୋଲକର ଦ୍ୱିତୀୟ ଥିଲେ ମହର୍ଷି ଦୟାନନ୍ଦଙ୍କର ପ୍ରିୟ ଶିଷ୍ୟ । ସେହି ସମୟରେ ସେ ମହର୍ଷିଙ୍କୁ ଦିଲ୍ଲୀରେ ଉପସ୍ଥିତ ରହିବା ନିମନ୍ତେ ଆମନ୍ତ୍ରଣ କରିଥିଲେ । ଉଦ୍ଦେଶ୍ୟ ଥିଲା - ସମସ୍ତ ରାଜା , ମହାରାଜା ମହର୍ଷିଙ୍କ ଉଦ୍‌ବୋଧନ ଶୁଣି ବୈଦିକ ବିଚାର ପ୍ରତି ଆକର୍ଷିତ ହେବେ । ଏମାନଙ୍କ ମଧ୍ୟରୁ ଅନେକ ରାଜାଙ୍କ ସହିତ ମହର୍ଷିଙ୍କର ସୁସଂପର୍କ ଥିଲା । କିନ୍ତୁ ସେହି ସମୟରେ ବ୍ରିଟିଶ ସରକାର ସମସ୍ତ ରାଜାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବାରୁ ମହର୍ଷିଙ୍କ ସହିତ ସେମାନଙ୍କର ଏକତ୍ର ଯୋଗାଯୋଗ ସମ୍ଭବ ହେଲା ନାହିଁ । କିନ୍ତୁ ବ୍ୟକ୍ତିଗତ ଭାବେ ବହୁ ରାଜା ମହର୍ଷିଙ୍କୁ ସାକ୍ଷାତ କରିଥିଲେ ।

ସେହି ସମୟରେ ଦେଶର ବହୁ ବିଦ୍ୱାନ ବ୍ୟକ୍ତି ଦିଲ୍ଲୀରେ ଉପସ୍ଥିତ ଥିଲେ । ବିଭିନ୍ନ ବର୍ଗର ସାତ ଜଣଙ୍କ ସହିତ ଆଳାପ ଆଲୋଚନା ନିମନ୍ତେ ମହର୍ଷି ସେମାନଙ୍କୁ ଆମନ୍ତ୍ରଣ କରିଥିଲେ । ମୁସଲମାନ ସଂପ୍ରଦାୟର ସାର୍ ସୟଦ ଅହମଦ ଖାଁ, ବ୍ରାହ୍ମ ସମାଜର କେଶବ ଚନ୍ଦ୍ର ସେନ୍, ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚର ଫାଦର ସ୍କଟ୍, ମୁନସୀ

କହ୍ନେୟାଲାଲ ଅଲଖଧାରୀ, ବାବୁ ନବୀନ ଚନ୍ଦ୍ର ରାୟ, ମୁନସୀ ଇନ୍ଦ୍ରମଣି ମହୋଦୟ, ବାବୁ ହରିଶ୍ଚନ୍ଦ୍ର ଚିନ୍ତାମଣି । ଉଦ୍ଦେଶ୍ୟ ଥିଲା - ସାରା ପ୍ରାନ୍ତରେ ଗୋଟିଏ ଧାର୍ମିକ ପରଂପରା ପ୍ରଚଳିତ ହେଲେ, ଦେଶର ଉନ୍ନତି ସମ୍ଭବ ହେବ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାକୁ ଏକକ ଆଚରଣ ସଂହିତା (Uniform Civil Code) ଭାବେ ଅଭିହିତ କରିହେବ । ସେ ସଂପର୍କରେ ବିସ୍ତୃତ ଆଲୋଚନା ଚାଲିଲା । କିନ୍ତୁ ସମସ୍ତେ ଗୋଟିଏ ନିଷ୍ପତ୍ତିରେ ଉପନୀତ ହୋଇ ପାରିଲେ ନାହିଁ ।

ଉପରୋକ୍ତ ଦୁଇଟି ଖବର ଗଣମାଧ୍ୟମରୁ ଅଛପା ରହିଲା ନାହିଁ । ସେତେବେଳେ କଲିକତାରୁ ପ୍ରକାଶ ପାଉଥିଲା ସମ୍ଭ୍ରାନ୍ତ ଖବରକାଗଜ Indian Mirror । ଏହାର ପ୍ରତିଷ୍ଠାତା ଥିଲେ ଦେବେନ୍ଦ୍ର ନାଥ ଟାଗୋର । ସେ ମଧ୍ୟ ବ୍ରାହ୍ମୋ ସମାଜର ପ୍ରତିଷ୍ଠାତା ଥିଲେ । ୧୮୭୧ ମସିହାରୁ ଏହାର ଦୈନିକ ସଂସ୍କରଣ ପ୍ରକାଶ ପାଇଲା । ଏଥିରେ ଉଲ୍ଲେଖ ଥିଲା - ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଦିଲ୍ଲୀରେ ଅବସ୍ଥାନ କରୁଥିବାବେଳେ, ତାଙ୍କ ବାସଭବନରେ ଏକ ସର୍ବ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସାରା ଦେଶରେ ବ୍ୟାବହାରିକ ସୂତ୍ରରେ ଗୋଟିଏ ଧାର୍ମିକ ପରଂପରା ପ୍ରଚଳନ ନିମନ୍ତେ ମହର୍ଷିଙ୍କ ନେତୃତ୍ୱରେ ଆଲୋଚନା ହୋଇଥିଲା । ଆଶା କରୁଛୁ , ଦେଶବାସୀଙ୍କୁ ଏହାର ସୁଫଳ ମିଳିବ । (ରବିବାର ସଂସ୍କରଣ, ୧୪ ଜାନୁୟାରୀ, ୧୮୭୭) ରାଜାମାନେ ବ୍ୟକ୍ତିଗତସ୍ତରରେ ମହର୍ଷିଙ୍କୁ ସାକ୍ଷାତ କରିଥିବାରୁ ତାହା ଗଣମାଧ୍ୟମରେ ପ୍ରସାର ପାଇ ନ ଥିଲା ।

କିନ୍ତୁ ବ୍ରିଟିଶ ସରକାର ଏହି ସାକ୍ଷାତ ଆଲୋଚନାର ଭୟାବହ ପରିଣାମ ସଂପର୍କରେ ଅବଗତ ଥିଲେ । ୧୮୫୭ ମସିହାରେ ସାଧୁ ସନ୍ଥମାନେ ହିଁ ଦେଶବ୍ୟାପୀ ସଂଗ୍ରାମର ଯୋଜନା ପ୍ରସ୍ତୁତ କରିଥିଲେ । ତେଣୁ ଏ ସାକ୍ଷାତ ଆଲୋଚନା ଥିଲା ସତେ ଯେମିତି ଆଉ ଏକ ସଂଗ୍ରାମର ପୂର୍ବାଭାଷ । ତେଣୁ ଆଞ୍ଚଳିକ ଭାଷାର ଗଣମାଧ୍ୟମକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ଓ ମାରଣାସ୍ତ୍ର ଉପରେ କଟକଣା ଆଣିବା ପାଇଁ ୧୮୭୮ ମସିହାରେ ସରକାର ଭର୍ଣ୍ଣାକୁଲାର ପ୍ରେସ୍ ଆକ୍ଟ ଏବଂ ଇଣ୍ଡିଆନ୍ ଆର୍ମସ୍ ଆକ୍ଟ ପ୍ରଣୟନ କଲେ ।

ତଥାପି ବ୍ରିଟିଶ ସରକାରଙ୍କର ଜଣେ ପଦସ୍ଥ ଅଧିକାରୀ ଏତିକିରେ ସନ୍ତୁଷ୍ଟ ନ ଥିଲେ । ସତେ ଯେମିତି ସେ ଏକ ଭବିଷ୍ୟତ ବିଭୀଷିକାର ରଣ ହୁଙ୍କାର ଶୁଣି ପାରିଥିଲେ ।

ତେଣୁ ବ୍ରିଟିଶ ସାମ୍ରାଜ୍ୟର ସ୍ଥାୟୀତ୍ୱ ନିମନ୍ତେ ଏକ 'ସୁରକ୍ଷା କବଚ' ପ୍ରତିଷ୍ଠା ପାଇଁ ସେ ଯୋଜନା କଲେ । ସେ ବ୍ୟକ୍ତି ହେଉଛନ୍ତି ଆଲାନ୍ ଅକ୍ଟାଭିଆନ୍ ହ୍ୟୁମ୍ ଏବଂ ତାଙ୍କ ଯୋଜନାର ସଫଳ ରୂପାୟନ ହେଉଛି 'ଭାରତୀୟ ଜାତୀୟ କଂଗ୍ରେସ' ।

ଦେଶର ଶିକ୍ଷିତ ମଧ୍ୟବିତ୍ତବର୍ଗ ଧିରେ ଧିରେ ଆର୍ଯ୍ୟ ସମାଜ ପ୍ରତି ଆକୃଷ୍ଟ ହେବା ଫଳରେ ଖ୍ରୀଷ୍ଟିୟାନ ଧର୍ମ ଏବଂ ବ୍ରିଟିଶ ସରକାର ପ୍ରତି ହୀନ ମନୋଭାବ ପୋଷଣ କରିବାକୁ ଲାଗିଲେ । ସେମାନଙ୍କର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା - ଭାରତବର୍ଷର ଆର୍ଥିକ, ସାମାଜିକ, ରାଜନୈତିକ ଆଦି ପ୍ରତିଟି କ୍ଷେତ୍ରରେ ବିପର୍ଯ୍ୟୟ ନିମନ୍ତେ ବ୍ରିଟିଶ ସରକାର ହିଁ ଦାୟୀ । ତେଣୁ ଏହି ସରକାର ବିରୋଧରେ ସଂଗ୍ରାମ ନିମନ୍ତେ ସେମାନେ ପ୍ରସ୍ତୁତ ହେଉଥିଲେ । ହ୍ୟୁମ୍ ଚତୁରତାର ସହିତ ସେହିମାନଙ୍କୁ ବ୍ରିଟିଶ ସରକାର ପ୍ରତି ଆକୃଷ୍ଟ କରିବା ପାଇଁ ଏହି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ ।

ଆଲାନ୍ ଅକ୍ଟାଭିଆନ୍ ହ୍ୟୁମ୍‌ଙ୍କ ଜୀବନୀ-ଲେଖକ ସାର୍ ଉଇଲିୟମ ୱେଡ୍ଡେରବର୍ଣ୍ଣ । ସେମାନେ ଥିଲେ ସହକର୍ମୀ ଏବଂ ଅନ୍ତରଙ୍ଗ ବନ୍ଧୁ । ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠାରେ ଉଇଲିୟମ୍‌ଙ୍କ ଅବଦାନ ଯଥେଷ୍ଟ ଥିଲା । ପରବର୍ତ୍ତୀ ସମୟରେ ସେ ମଧ୍ୟ ଦୁଇଥର (୧୯୮୯ ଏବଂ ୧୯୧୦) କଂଗ୍ରେସର ସଭାପତି ଥିଲେ । ତେଣୁ କଂଗ୍ରେସ ପ୍ରତିଷ୍ଠା ପରିପ୍ରେକ୍ଷୀରେ ହ୍ୟୁମ୍‌ଙ୍କ ଅନ୍ତର୍ଦ୍ୱନ୍ଦ୍ୱ ଅନ୍ତରଙ୍ଗ ଅନୁଭବ କରି ତାହା ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି - "ଭାରତ ବର୍ଷର ମଙ୍ଗଳ ନିମନ୍ତେ ବ୍ରିଟିଶ ସରକାର କାର୍ଯ୍ୟ କରୁଥିଲା । କିନ୍ତୁ ବ୍ରିଟିଶ ଅଫିସରଙ୍କ ଭିନ୍ନ ଜୀବନଶୈଳୀ ଏବଂ ଭାଷାଗତ ପାର୍ଥକ୍ୟ ଯୋଗୁଁ ସୁଶାସନର ପ୍ରଭାବ ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିଲା । ହ୍ୟୁମ୍‌ଙ୍କ ଉଦ୍ଦେଶ୍ୟ ଥିଲା - ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ସୁଶାସନର ବାର୍ତ୍ତା ସାରା ଦେଶରେ ପ୍ରଚାର କରିବ ।" (ପ୍ରାରମ୍ଭିକ ଅଧ୍ୟାୟ ପୃ୧ - "Allan Octavian Hume, C.B.; father of the Indian National Congress, 1829 to 1912" by Sir William Wedderburn)

କିନ୍ତୁ ପ୍ରଶ୍ନ ଉଠୁଛି - ବ୍ରିଟିଶ ସରକାର ଭାରତର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିଲେ କି ? ଭାରତବାସୀଙ୍କ ନିମନ୍ତେ ଏହାର ଉତ୍ତର କେବେହେଲେ ବ୍ରିଟିଶ ସମର୍ଥନରେ ଯିବ ନାହିଁ ।

ଯଦି ପୁସ୍ତକର ପ୍ରଥମ ଅଧ୍ୟାୟର ପ୍ରଥମ ପୃଷ୍ଠାର ତଥ୍ୟ ଭ୍ରାନ୍ତ ଆଧାର ଉପରେ ପ୍ରତିଷ୍ଠିତ, ତେବେ ସମୁଦାୟ ପୁସ୍ତକର ଉଦ୍ଦେଶ୍ୟ ଆଦୌ ମହତ ନୁହେଁ ।

ପର ପୃଷ୍ଠାରେ ଜୀବନୀ-ଲେଖକ ସାର୍ ଉଇଲିୟମ ୱେଡ୍ଡେରବର୍ଣ୍ଣ, ହ୍ୟୁମ୍‌ଙ୍କ କଂଗ୍ରେସ ପ୍ରତିଷ୍ଠାର ଉଦ୍ଦେଶ୍ୟ ସ୍ପଷ୍ଟ କରି ଦେଇଛନ୍ତି । ସେ ଲେଖିଛନ୍ତି - “୧୮୭୮-୭୯ ମସିହା ବେଳକୁ ଭାରତବର୍ଷ ଆର୍ଥିକ ଓ ରାଜନୈତିକ ସଙ୍କଟରେ ଉପନୀତ ହୋଇଥିଲା । ଆର୍ଥିକ ଅନଟନ ସହିତ ଶିକ୍ଷିତବର୍ଗର ବିଦ୍ରୋହ ସାରା ଦେଶରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କରିଥିଲା । ..... ଦାରିଦ୍ର୍ୟ ଓ ଅନାହାରରେ ସାଧାରଣ ଜନତା ଶାସନ ଉପରୁ ଆସ୍ଥା ହରାଇ ସାରିଥିଲେ ଏବଂ ଶିକ୍ଷିତ ବର୍ଗ ଏକ ନୂତନ ଉଦ୍ଦୀପନାରେ ହିଂସାତ୍ମକ ବିଦ୍ରୋହ ମାଧ୍ୟମରେ ଶାସନ ପରିବର୍ତ୍ତନର ସ୍ୱପ୍ନ ଦେଖୁଥିଲେ । ଏହି ସଙ୍କଟପୂର୍ଣ୍ଣ ସ୍ଥିତି ସଂପର୍କରେ ମିଃ ହ୍ୟୁମ୍ ସଂପୂର୍ଣ୍ଣ ଅବଗତ ଥିଲେ । ସେ ଏହା ମଧ୍ୟ ଜାଣିଥିଲେ, କେଉଁ ମୁହୂର୍ତ୍ତରେ ଏ ଗଣ ବିଦ୍ରୋହ, ବିସ୍ଫୋରକ ସ୍ଥିତିରେ ଉପନୀତ ହୋଇପାରେ । ଫଳରେ ଭାରତର ବିକାଶ ଆଉ ସମ୍ଭବ ହେବ ନାହିଁ । ପୁରୁଣା ବୋତଲରେ ନୂଆ ମଦ ଧିରେ ଧିରେ ଉତୁରି ଆସୁଥିଲା । କେତେବେଳେ ହେଲେ ହେଁ ବୋତଲ ଭାଙ୍ଗି ମଦ ନିଶ୍ଚୟ ଉଛୁଳି ପଡିବ । କିନ୍ତୁ ଏହି ଦୁର୍ଭାଗ୍ୟପୂର୍ଣ୍ଣ ସମସ୍ୟାର ସମାଧାନ ତାଙ୍କ ହାତ ପାଆନ୍ତାରେ ଆସିଗଲା ।”(ପ୍ରାରମ୍ଭିକ ଅଧ୍ୟାୟ ପୃଶୀ - "Allan Octavian Hume, C.B.; father of the Indian National Congress, 1829 to 1912” by Sir William Wedderburn) ଏ ସମାଧାନର ନାମ ଥିଲା ଭାରତୀୟ ଜାତୀୟ କଂଗ୍ରେସ ।

ସେହି ସମୟର ‘ସଙ୍କଟ ଓ ବିସ୍ଫୋରକ-ବିଦ୍ରୋହ’ ସଂପର୍କରେ ଅବଗତ ହୋଇ ଭାଇସରୟ ଲିଟନ୍ ଦୁଇଟି ଦମନକାରୀ ଆଇନ ପ୍ରଚଳନ କଲେ ଏବଂ ମି. ହ୍ୟୁମ୍ ବ୍ରିଟିଶ ସାମ୍ରାଜ୍ୟର ‘ସୁରକ୍ଷା କବଚ’(Safety Valve) ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କଲେ ।

ତେବେ କ’ଣ ଥିଲା ସେହି ‘ସଙ୍କଟ ଓ ବିସ୍ଫୋରକ-ବିଦ୍ରୋହ’ ର ଆଧାର ?

ନିଃସନ୍ଦେହରେ କୁହାଯାଇପାରେ - ୧୮୭୫ ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା ହେବା ପରେ ସାରା ଦେଶରେ ଆଲୋଡନ ଖେଳି ଯାଇଥିଲା । ମହର୍ଷି ଦୟାନନ୍ଦ ଉଦ୍‌ବୋଧନ ମାଧ୍ୟମରେ ଶିକ୍ଷିତ ଭାରତୀୟଙ୍କ ପ୍ରାଣରେ ଦେଶପ୍ରେମ ଓ ଜାତୀୟତାବାଦ ଜାଗରୁକ କରିବାରେ ସମର୍ଥ ହୋଇଥିଲେ । ସତ୍ୟାର୍ଥ ପ୍ରକାଶ ଗ୍ରନ୍ଥରେ ପ୍ରାଚୀନ ଐତିହ୍ୟର ପ୍ରଲେପରେ ସ୍ୱାଧୀନ ରାଷ୍ଟ୍ରର ମହତ୍ତ୍ୱ- ବର୍ଣ୍ଣନା ପ୍ରାଣସ୍ପର୍ଶୀ ଥିଲା ।

“ ବର୍ତ୍ତମାନ ଆର୍ଯ୍ୟ ଲୋକେ ଅନ୍ୟ ଦେଶରେ ରାଜତ୍ୱ କରିବା କଥା କ’ଣ କହିବା, ଅଭାଗ୍ୟ ଦୋଷରୁ ଆଳସ୍ୟ,ପ୍ରମାଦ ପରସ୍ପର ବିରୋଧୀ ହେତୁ ନିଜ ଆର୍ଯ୍ୟାବର୍ତ୍ତରେ ମଧ୍ୟ ଅଖଣ୍ଡ,ସ୍ୱତନ୍ତ୍ର,ସ୍ୱାଧୀନ,ନିର୍ଭୟ ରାଜ୍ୟ ସ୍ଥାପନ କରି ପାରିଲେ ନାହିଁ । ତାହା ମଧ୍ୟ ଆଜି ବିଦେଶୀ ପାଦାକ୍ରାନ୍ତ, ଅତ୍ୟଳ୍ପ କେତୋଟା ରାଜ୍ୟରେ ମାତ୍ର ସ୍ୱାୟତ୍ତ ଶାସନ ପ୍ରଚଳିତ ଅଛି । ଯେବେ ଦୁର୍ଦ୍ଦିନ ଆସେ ତେବେ ଦୋଶବାସୀଙ୍କୁ ବହୁ କଷ୍ଟ ଭୋଗିବାକୁ ପଡେ । କିଏ କେତେ କରୁ ପଛକେ, ସ୍ୱଶାସନ ପ୍ରଣାଳୀ ହିଁ ସର୍ବୋତ୍କୃଷ୍ଟ । ମତ ମତାନ୍ତରେ ଆଗ୍ରହ ନ କଲେ ହେଁ, ଆପଣା ପର ବିଚାର ନ କରି ପକ୍ଷପାତ ଶୂନ୍ୟ ହେଲେ ହେଁ, ପ୍ରଜାମାନଙ୍କୁ ନ୍ୟାୟ,ଦୟା ଓ କୃପା ସହିତ ମାତାପିତା ପରି ପାଳନ କଲେ ହେଁ, ବିଦେଶୀୟ ରାଜତ୍ୱ କଦାପି ପୂର୍ଣ୍ଣ ସୁଖଦାୟକ ହୋଇ ପାରେନାହିଁ । ବିଶେଷତଃ କଥିତ ଭାଷା, ଶିକ୍ଷା ପ୍ରଣାଳୀ, ରୀତି, ନୀତି ଓ ଆଚାର ବ୍ୟବହାର ଇତ୍ୟାଦିରେ ପରସ୍ପର ବିରୋଧୀ ଭାବ ଦୂରୀଭୂତ ହେବା ଅତ୍ୟନ୍ତ ଦୁଷ୍କର ; କିନ୍ତୁ ଏହି ଭେଦଜ୍ଞାନ ଦୂରୀଭୂତ ନ ହେବା ପର୍ଯ୍ୟନ୍ତ କୌଣସି ଶାସନପ୍ରଣାଳୀ ଅନ୍ୟୋଽନ୍ୟର ଉପକାରଜନକ ହୋଇପାରେ ନାହିଁ କିମ୍ବା ଅଭୀଷ୍ଟ ସିଦ୍ଧ କରିପାରେ ନାହିଁ । ଅତଏବ ପ୍ରତ୍ୟେକ ଦେଶ ହିତୈଷୀ ଉତ୍ତମ ଲୋକଙ୍କର ବେଦାଦି ଶାସ୍ତ୍ରୋକ୍ତ ବ୍ୟବସ୍ଥାକୁ ମାନି ପ୍ରାଚୀନ ଇତିହାସାନୁସାରେ ଚଳିବା କର୍ତ୍ତବ୍ୟ ।”(ସତ୍ୟାର୍ଥ ପ୍ରକାଶ -ଅନୁବାଦ ଶ୍ରୀବତ୍ସ ପଣ୍ଡା, ଅଷ୍ଟମ ଅଧ୍ୟାୟ, ପୃ-୧୭୮)

୧୮୫୮ ମସିହା ନଭେମ୍ବର ୧ ତାରିଖରେ ମହାରାଣୀ ଭିକ୍ଟୋରିଆ ଭାରତ ଘୋଷଣାନାମା ଜାରୀ କଲେ । ସେଥିରେ ‘ଭାରତୀୟମାନଙ୍କୁ ବ୍ରିଟିଶ ପ୍ରଜା ଭଳି ସୁଶାସନ ଦେବା ପାଇଁ’ ପ୍ରତିଶ୍ରୁତି ଦେଇଥିଲେ । ତାହାରି ପ୍ରତିକ୍ରିୟାରେ ମହର୍ଷି ଦୟାନନ୍ଦ ଉପରୋକ୍ତ ଉକ୍ତି ଉଲ୍ଲେଖ କରିଥିଲେ । ସମୟ କ୍ରମେ ମହାରାଣୀଙ୍କ ପ୍ରତିଶ୍ରୁତି କେବଳ ଘୋଷଣାନାମାରେ ସୀମିତ ରହିଗଲା ।

ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍‌ଙ୍କ ‘ମହତ ଉଦ୍ଦେଶ୍ୟ’ର ଗୋଟିଏ ଦୃଷ୍ଟାନ୍ତ ନେବା । ୧୮୮୩ ମସିହା ମାର୍ଚ୍ଚ ୧ ତାରିଖରେ ସେହି ମହାଶୟ ଦେଶ ସେବାରେ ନିୟୋଜିତ ହେବା ପାଇଁ ଯୁବଶକ୍ତିକୁ ଏକ ପତ୍ର ମାଧ୍ୟମରେ ଆହ୍ୱାନ କରିଥିଲେ । ସେହି ପତ୍ରର ଶୀର୍ଷକ ଥିଲା - “To The Graduates of Calcutta University” । ଜାତୀୟତାବୋଧ ଜାଗରୁକ ନିମନ୍ତେ ଅତି ମର୍ମସ୍ପର୍ଶୀ ଶବ୍ଦରେ ପତ୍ରଟ ଉଲ୍ଲେଖ

ଥିଲା । ତାଙ୍କରି କେତୋଟି ବାକ୍ୟ ଉଦ୍ଧାର କରିବା -"Whether in the individual or the nation, all the vital progress must spring from within, and it is to you, her most favoured sons, that your country must look for the initiative." । ଦୀର୍ଘ ପତ୍ରର ଅନ୍ତିମ ଭାଗରେ ଉଲ୍ଲେଖ ଥିଲା - 'ଯଦି ଛାତ୍ର ସମାଜରୁ ପଚାଶ ଜଣ ଉଚ୍ଚ ଶିକ୍ଷିତ ଏବଂ ସମ୍ଭ୍ରାନ୍ତ ଯୁବକ ତମାମ ଜୀବନ ଦେଶ ହିତରେ ସର୍ବସ୍ୱ ତ୍ୟାଗ ନିମନ୍ତେ ଆଗଭର ନ ହୁଅନ୍ତି, ତେବେ ଭାରତ ନିମନ୍ତେ କିଛି ଆଶା କରିବା ନିରର୍ଥକ ।' ହ୍ୟୁମ୍‌ଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ବହୁ ଯୁବକ ଆଗେଇ ଆସିଲେ । ସଦସ୍ୟମାନଙ୍କୁ ନେଇ 'Indian National Union' ଗଠନ କରାଗଲା । ଅନୁଷ୍ଠାନ ଏବଂ ତାହାର ସଦସ୍ୟମାନଙ୍କ ଯୋଗ୍ୟତା ନିରୀକ୍ଷଣ ନିମନ୍ତେ କିଛି ସର୍ତ୍ତାବଳୀ ରଖାଗଲା ଏବଂ ଅନୁଷ୍ଠାନର ଆଭିମୁଖ୍ୟ ସ୍ପଷ୍ଟ କରିଦିଆଗଲା । ପ୍ରଥମଟି ହେଲା- ବ୍ରିଟିଶ ସିଂହାସନ ପ୍ରତି ସର୍ତ୍ତହୀନ ଆନୁଗତ୍ୟ । ମୂଳ ଭାଷାରେ -In the first place, the Union , so far as it has been constituted, appears to be absolutely unanimous in insisting that unswerving loyalty to the British Crown shall be the key note of Institution. । ଦେଶପ୍ରେମ ନାମରେ ଯୁବସମାଜକୁ ବ୍ରିଟିଶ ସରକାରଙ୍କ ପ୍ରତି ଅନୁଗତ କରି ରଖିବା ହ୍ୟୁମ୍‌ଙ୍କ ଏକମାତ୍ର ଉଦ୍ଦେଶ୍ୟ ଥିଲା । ଭାରତୀୟ ଜାତୀୟ କଂଗ୍ରେସ ଏଥିରୁ ବାଦ ପଡି ନ ଥିଲା ।

ଜୀବନୀ ପୁସ୍ତକରେ ଉଇଲିୟମ ୱେଡ୍ଡେରବର୍ଣ୍ଣ ପରୋକ୍ଷରେ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍‌ଙ୍କୁ ମହର୍ଷି ଦୟାନନ୍ଦଙ୍କ ସହିତ ଏବଂ ଆର୍ଯ୍ୟ ସମାଜକୁ ଭାରତୀୟ ଜାତୀୟ କଂଗ୍ରେସ ସହିତ ତୁଳନା କରିଛନ୍ତି । ମହର୍ଷି ଦୟାନନ୍ଦ ଯେପରି ଭାରତର ମଙ୍ଗଳ ନିମନ୍ତେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ , ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍‌ଙ୍କ ଭାରତୀୟ ଜାତୀୟ କଂଗ୍ରେସ ସେହି ମହତ ପରଂପରାରେ ସ୍ଥାପନା କରାଯାଇଥିଲା । ମହର୍ଷି ଦୟାନନ୍ଦ ସମୃଦ୍ଧ ଅତୀତ ଆଧାରରେ ନୂତନ ଭାରତବର୍ଷର ସ୍ୱପ୍ନ ଦେଖିଥିଲେ । ଉଇଲିୟମ ୱେଡ୍ଡେରବର୍ଣ୍ଣଙ୍କ ମତରେ କଂଗ୍ରେସ ପ୍ରତିଷ୍ଠା ପରିପ୍ରେକ୍ଷୀରେ ଅନୁରୂପ ଉଦ୍ଦେଶ୍ୟ ଥିଲା । ପୁସ୍ତକରେ ଉଲ୍ଲେଖ ଅଛି -The fundamental objects of this national movement*(Indian National Congress)* were three fold, and were recorded in the following terms.....This, in simple language, sets forth his*(Hume's)* great scheme for restoring the ancient grandeur of India, in happy partnership with the British people.(Page 47-48) । ଉଇଲିୟମ ୱେଡ୍ଡେରବର୍ଣ୍ଣ ଲଜ୍ୟାଜନକ ଭାବେ ହ୍ୟୁମ୍‌ଙ୍କୁ ପାଶ୍ଚାତ୍ୟ ଜଗତର 'ଆର୍ଯ୍ୟ ସନ୍ତାନ' 'ଋଷିପ୍ରତିମ' 'ତପସ୍ୱୀ' ଭାବେ ଅଭିହିତ କରିଛନ୍ତି - In him (Hume) we see the true Aryan breed ; of the Western type, in character and physique .....He was thus in full brotherly accord with the Aryan of the East, the meditative and saintly type .(Page 48) û

ମହର୍ଷି ଦୟାନନ୍ଦ ଥିଲେ ଋଷି, ତପସ୍ୱୀ ଏବଂ ଆର୍ଯ୍ୟ । ହ୍ୟୁମ୍‌ଙ୍କ ଜୀବନୀ ଲେଖକ ଏହି ସମସ୍ତ ବିଶେଷଣ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍‌ଙ୍କ ପ୍ରତି ପ୍ରୟୋଗ କରି ସତ୍ୟର ଅପଳାପ କରିଛନ୍ତି । ଉପରୋକ୍ତ ବର୍ଣ୍ଣନାରେ ଜୀବନୀ ଲେଖକ ପ୍ରମାଣ କରିବାକୁ ଚାହିଁଛନ୍ତି - ଭାରତୀୟମାନେ ଯେପରି ଭାବେ ମହର୍ଷି ଦୟାନନ୍ଦଙ୍କୁ ଭକ୍ତିପୂତ ଶ୍ରଦ୍ଧା ଜଣାଉଛନ୍ତି, ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ ମଧ୍ୟ ସେହି ସମ୍ମାନର ହକ୍‌ଦାର । ପରୋକ୍ଷରେ, ବ୍ରିଟିଶ ସରକାରଙ୍କ ତରଫରୁ ସେ ମହର୍ଷି ଦୟାନନ୍ଦ ଏବଂ ଆର୍ଯ୍ୟ ସମାଜର ପ୍ରଭାବକୁ ସ୍ୱୀକାର କରିଛନ୍ତି । ଉପରୋକ୍ତ ବର୍ଣ୍ଣନାରୁ ଏହା ମଧ୍ୟ ସ୍ୱତଃସିଦ୍ଧ: ଆର୍ଯ୍ୟ ସମାଜର ଉଦ୍ଦେଶ୍ୟ ପ୍ରତିହତ ନିମନ୍ତେ ବ୍ରିଟିଶ ସରକାରଙ୍କ ତରଫରୁ ଜଣେ ଅଧିକାରୀ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପନ କରିଥିଲେ ।

୧୮୫୭ ମସିହା ସ୍ୱାଧୀନତା ସଂଗ୍ରାମରେ ଯେଉଁ ଗୋଷ୍ଠୀ , ମୁଖ୍ୟତଃ ବଡ ବ୍ୟବସାୟୀ ଏବଂ ରାଜା ମହାରାଜାମାନେ, କୋମ୍ପାନୀ ସରକାରକୁ ସମର୍ଥନ କରି ଦେଶ ପ୍ରତି ବିଶ୍ୱାସଘାତକତା କରିଥିଲେ, ସେହିମାନେ ମୁଖ୍ୟତଃ କଂଗ୍ରେସକୁ ଅକ୍ତିଆର କରିନେଲେ । ଏହିମାନଙ୍କ ମଧ୍ୟରେ ସିନ୍ଧିଆ, ହୋଲକର,ଗାଏକ୍ୱାର୍ଡ, ପାତିଆଲା, ହାଇଦ୍ରାବାଦ,ରାମପୁର ନୱାବ ଏବଂ ବଣିଆ, ମାରୱାଡି,ପାର୍ସି ଅନ୍ୟତମ (War of Civilisations, India AD 1857 Vol.II - by Amaresh Mishra , page-1873) । ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗ ପର୍ଯ୍ୟନ୍ତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଜୀବିତ ରହିଥିଲା ।

ଭଦ୍ରାଣୀ, ସାଳନ୍ଦୀ ନଗର, ଭଦ୍ରକ

ସେଲ୍-୯୪୩୭୧୯୧୩୫୦

email-saiabhay19@gmail.com

❐❐❐

ସାରସ୍ୱତ ପୁରୁଷ ସୁରେନ୍ଦ୍ର ମହାନ୍ତି: ଏକ ଦୃଷ୍ଟିପାତ

● ଡକ୍ଟର ମନୋରଞ୍ଜନ ବିଷୋୟୀ

କଥାକାର ସୁରେନ୍ଦ୍ର ମହାନ୍ତି ଏକ ବହୁମୁଖୀ ପ୍ରତିଭାର ଅଧିକାରୀ । ସେ ଏକାଧାରରେ ଥିଲେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର, ସମାଲୋଚକ ଓ ସମ୍ପାଦକ । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ସବ୍ୟସାଚିତ୍ୱ ପ୍ରତିପାଦିତ । ସମଗ୍ର ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏପରି ବିପୁଳ ସାହିତ୍ୟ ବିଭବର ସ୍ରଷ୍ଟା ବିରଳ । କାରଣ ''ସମୃଦ୍ଧ, ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି ପାଇଁ ମାନସିକ ବିଳାସ କେବଳ ଯଥେଷ୍ଟ ନୁହେଁ; ସେଥିପାଇଁ ମଧ୍ୟ ରହିଥିବା ପ୍ରୟୋଜନ କିଛି ସଂପୃକ୍ତି ଓ କିଛି ସଂକଳ୍ପର ସ୍ୱାକ୍ଷର !''(୧) ଯାହା ସୁରେନ୍ଦ୍ରଙ୍କ କ୍ଷେତ୍ରରେ ବେଶ୍ ଲକ୍ଷଣୀୟ ।

ପ୍ରକୃତପକ୍ଷେ ଦେଖିବାକୁ ଗଲେ ସ୍ରଷ୍ଟା ସୁରେନ୍ଦ୍ରଙ୍କ ଚେତନାକୁ ଯାହା ସ୍ପର୍ଶ ନ କରିଛି, ଯାହା ତାଙ୍କର ସୃଷ୍ଟି ପ୍ରବଣତାକୁ ଧକ୍କା ନ ଦେଇଛି, ଯାହା ତାଙ୍କର ଅନ୍ତର ପୁରୁଷର କଣ୍ଠରେ ମର୍ମେ ମର୍ମେ ଉଚ୍ଚାରିତ ନ ହୋଇଛି, ତାହାକୁ ସେ କଲମମୁନରେ ଆଙ୍କିନାହାନ୍ତି । ତେଣୁ ସେ ସ୍ୱୀକାର କରନ୍ତି- ''ମୋର ସବୁ ରଚନାରେ ସୁସ୍ପଷ୍ଟ ଥାଏ ଏକ ନିଃସଂକୋଚ ବକ୍ତବ୍ୟ । ମୋର ଗଳ୍ପଗୁଡ଼ିକରେ ଘଟଣା ଅପେକ୍ଷା ଚରିତ୍ର ଓ ବକ୍ତବ୍ୟ ହିଁ ପ୍ରଧାନ ।''(୨)

ବସ୍ତୁତଃ ଦେଖିବାକୁ ଗଲେ ସୁରେନ୍ଦ୍ରଙ୍କ କୃତିଗୁଡ଼ିକରେ ବିଭିନ୍ନ ଚେତନାର ପରିପ୍ରକାଶ ପରିଲକ୍ଷିତ ହୁଏ । କାରଣ ସୁରେନ୍ଦ୍ରଙ୍କ ସାହିତ୍ୟିକ କୃତିଗୁଡ଼ିକ ଗତାନୁଗତିକ ଧାରାରେ ପ୍ରବାହିତ ନୁହେଁ, ବରଂ ପ୍ରତ୍ୟେକ ସ୍ତଳରେ ନିତ୍ୟ ନୂତନତାର ଝଲକରେ ଉଦ୍‌ଭାସିତ । କେତେବେଳେ ଉତ୍କଳୀୟ ପରମ୍ପରା ତ ଆଉ କେତେବେଳେ ମହାଭାରତୀୟ ପରମ୍ପରାର ମହାନତା ସୁରେନ୍ଦ୍ର କୃତିରେ ସୁସ୍ପଷ୍ଟ । ସେ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ରହିଯାଇନାହାଁନ୍ତି ବରଂ ସେ ରାଜନୀତିର ମଞ୍ଚ ହେଉ ବା ସାମ୍ବାଦିକତା ହେଉ ସର୍ବତ୍ର ଏକ ଭିନ୍ନ ବାତାବରଣରେ ବିଚରଣ କରିଛନ୍ତି । ଏହା ସହ ତାଙ୍କର ଅବଶିଷ୍ଟ ଜୀବନ ବି ବିତାଇଥିଲେ ଭିନ୍ନ ଭିନ୍ନ ଜୀବନ ଜୀବିକା ମାଧ୍ୟମରେ । ଫଳସ୍ୱରୂପ ଏହି ଜୀବନ ଜିଜ୍ଞାସାର ପ୍ରତିଫଳନ ଭିନ୍ନ ଭିନ୍ନ ବାଗରେ ପ୍ରକାଶ ପାଇଛି ସୁରେନ୍ଦ୍ରଙ୍କ କଥାସୃଷ୍ଟିରେ । ତେଣୁ ପାଠକ ସୁରେନ୍ଦ୍ରଙ୍କ ଗଳ୍ପ, ଉପନ୍ୟାସ ପଢ଼ିଲା ବେଳେ 'ସୁରେନ୍ଦ୍ରଙ୍କୁ'

ହିଁ ନାୟକ ଭାବରେ ଦେଖିବାକୁ ପାଇଥାଏ । ଅଭିଜ୍ଞତାର କଷଟି ପଥରରେ ତାଙ୍କର ସ୍ରଷ୍ଟା ଜୀବନ ତେଜୋଦୀପ୍ତ; ଯାହା 'ନେତିନେତି'ରୁ ସୁସ୍ପଷ୍ଟ । 'ଇୟେ ନୁହେଁ, ଇୟେ ନୁହେଁ ! ତାହାହେଲେ କ'ଣ ? ଖୋଜ-ଖୋଜ-କ୍ଲାନ୍ତ ହୁଅନାହିଁ-ଚରୈବତି, ଚରୈବତି-ଅନ୍ୱେଷଣ କର ?''(୩) ଏହି ସାରକଥାକୁ ହିଁ ଭିତ୍ତି କରି କଥାକାର ସୁରେନ୍ଦ୍ର ତମାମ ଜୀବନ ଖୋଜି ଚାଲିଛନ୍ତି । ଯା'ର ଫଳଶ୍ରୁତି ତାଙ୍କ ସୃଷ୍ଟି ସମ୍ଭାର । ସ୍ରଷ୍ଟାଙ୍କ ସ୍ୱୀକାରୋକ୍ତି- ''ମୋର ସାରା ଜୀବନ ତେଣୁ ଏକ ଅତଳ ଅତୃପ୍ତି ମଧ୍ୟରେ କଟିଛି । ଆଜି ମଧ୍ୟ ମୁଁ ଅତୃପ୍ତ । ମୋତେ ଲାଗୁଛି ; ତଥାପି, ସନ୍ଧାନ ପାଇଲି ନାହିଁ । ତଥାପି ଯାହା ଲେଖିବାର , ଲେଖିପାରିଲି ନାହିଁ ।''(୪)

'ଗଳ୍ପ' ପରିସରରେ ସ୍ରଷ୍ଟା ସୁରେନ୍ଦ୍ର

''କ୍ଷୁଦ୍ରଗଳ୍ପ, କାହାଣୀ ନୁହେଁ ବା ଉପନ୍ୟାସର ସଂକ୍ଷିପ୍ତ ରୂପ ନୁହେଁ । ସଙ୍ଗୀତର ପରିଭାଷାରେ, ଏହା ହୁଏତ ନାଦ, ହୁଏତ କମ୍ପନ, ହୁଏତ ବା ମୂର୍ଚ୍ଛନା କିନ୍ତୁ ସଂପୂର୍ଣ୍ଣ ସଙ୍ଗୀତ ନୁହେଁ । କ୍ଷୁଦ୍ରଗଳ୍ପ ଗୋଟିଏ ସୁବିସ୍ତୃତ କାଳ ନୁହେଁ । ଏହା କେବଳ ଗୋଟିଏ ମୁହୂର୍ତ୍ତ । କ୍ଷୁଦ୍ରଗଳ୍ପ ଗୋଟିଏ ଜୀବନ ଚରିତ ନୁହେଁ । ଏହା ଅନନ୍ତ ବିଶ୍ୱର ଏକ ଆଣୁବୀକ୍ଷଣିକ ଚିତ୍ର ! ଅସୀମର ଏକ ସସୀମ ସଙ୍କେତ !''(୫)

ବସ୍ତୁତଃ ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟକୁ ନୂଆ ଭାବ, ନୂଆରଙ୍ଗ ଓ ନୂଆ ଚେତନା ପ୍ରଦାନ କ୍ଷେତ୍ରରେ ସୁରେନ୍ଦ୍ର ମହାନ୍ତିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନିଜର ସଂସ୍କୃତି, ପରମ୍ପରା, ମାନବିକ ମୂଲ୍ୟବୋଧ ଓ ନୈତିକ ଆଦର୍ଶ ଉପରେ ଗୁରୁତ୍ୱପ୍ରଦାନ କରିବା ସଙ୍ଗେ ସଙ୍ଗେ ଆଧୁନିକ ମଣିଷର ନିଃସଙ୍ଗତା, ଅହଂସର୍ବସ୍ୱ ଚିନ୍ତାଧାରା ଓ ବିଡ଼ମ୍ବିତ ଜୀବନକୁ ବେଶ ମାର୍ମିକ ଭାବରେ ବର୍ଣ୍ଣନା କରିଛନ୍ତି ଗାଳ୍ପିକ ନିଜ କ୍ଷୁଦ୍ରଗଳ୍ପରେ ।

ସ୍ରଷ୍ଟା ସୁରେନ୍ଦ୍ରଙ୍କ ୧୪ଟି ଗଳ୍ପ ସଂକଳନ ପ୍ରକାଶିତ । ଏହି ସଂକଳନ ଗୁଡ଼ିକ ୧୯୪୮ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ ପ୍ରଲମ୍ବିତ । କାଳାନୁକ୍ରମିକ ଧାରାରେ ଏହି ସଂକଳନଗୁଡ଼ିକୁ ଏହିପରି ଉପସ୍ଥାପିତ କରାଯାଇପାରେ ଯଥା- 'ମହାନଗରୀର ରାତ୍ରି' (୧୯୫୦), 'କୃଷ୍ଣଚୂଡ଼ା' (୧୯୫୧), 'ରୁଚି ଓ ଚନ୍ଦ୍ର'(୧୯୫୪), 'ଶେଷ କବିତା' (୧୯୫୫), 'ସବୁଜ ପତ୍ର ଓ ଧୂସର ଗୋଲାପ' (୧୯୫୮), 'ମରାଳର ମୃତ୍ୟୁ' (୧୯୬୨), 'ଦୁଇ ସୀମାନ୍ତ' (୧୯୭୧), 'ମହାନିର୍ବାଣ' (୧୯୭୩), 'ଓଃ କାଲକାଟା'(୧୯୭୩), 'କବି ଓ ନର୍ତ୍ତକୀ' (୧୯୭୫), 'ମାଂସର କୋଣାର୍କ'

(୧୯୮୧), 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' (୧୯୮୩), 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ' (୧୯୮୬), 'ଶ୍ରେଷ୍ଠ ଗଳ୍ପ' (୧୯୯୦) ଇତ୍ୟାଦି ।

କଥାକାର ସୁରେନ୍ଦ୍ରଙ୍କ ପାଇଁ ସାହିତ୍ୟ ଏକ ତପସ୍ୟା । ତେଣୁ ସେ କହନ୍ତି- ''ଲେଖକର ସଂଜ୍ଞା ମୋ ପାଖରେ ସ୍ୱତନ୍ତ୍ର- ପାଦଥିଲେ ଚାଲିହୁଏ, କିନ୍ତୁ ହାତ ଥିଲେ ସବୁବେଳେ ଲେଖି ହୁଏନା । ଲେଖକ ଏ ଯୁଗର ମହାମୌନ ତପସ୍ୱୀ ଓ ଲେଖା ତାର ତପସ୍ୟା । ସତ୍ୟର ସନ୍ଧାନ ପାଇଁ ଓ ନୂତନ ମୂଲ୍ୟବୋଧର ପରିଚୟ ପାଇଁ ତପଶ୍ଚରତା ମଧ୍ୟରେ ଯେତିକି, ସ୍ଖଳନ ମଧ୍ୟରେ ମଧ୍ୟ ସେତିକି ।''(୬)

ଗାଳ୍ପିକ ସୁରେନ୍ଦ୍ରଙ୍କ ଏହି ନିଷ୍ଠାପର ଉଦ୍ୟମର ଆଦ୍ୟ ସୃଷ୍ଟି 'ମହାନଗରୀର ରାତ୍ରି' ଗଳ୍ପ ସଂକଳନ । ଏଥିରେ ସ୍ଥାନିତ 'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'ଅପରାଜିତ', 'ଧ୍ୱଂସାବଶେଷ', 'ପ୍ରଥମ ଆଷାଢ଼', 'ସମ୍ପାଦକ', 'ଅତିଥି', 'ସିଗାରେଟ' ଓ 'ମହାନଗରୀର ରାତ୍ରି' ଭଳି ଆଦି ଗଳ୍ପରେ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଭାରତୀୟ ସମାଜ ଓ ଜନଜୀବନର କେତେକ ସ୍ୱତନ୍ତ୍ର ଚିତ୍ର ଉଦ୍‌ଭାସିତ । ଯେଉଁଥିରେ ଗାଳ୍ପିକ କିଛି ସମସ୍ୟା ଉତ୍‌ଥାପନ କରିଛନ୍ତି ଏବଂ ସମସ୍ୟା ଘେରରେ ଚରିତ୍ରମାନଙ୍କର ଚାରିତ୍ରିକ ମୌଳିକତାକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ବିଶ୍ଳେଷଣ କରିବା ସହ ଆଦର୍ଶବୋଧ ଓ ବ୍ୟକ୍ତିତ୍ୱର ସଂଘର୍ଷକୁ ଉପସ୍ଥାପିତ କରିଛନ୍ତି ।

'କୃଷ୍ଣଚୂଡ଼ା' ସ୍ରଷ୍ଟାଙ୍କ ଦ୍ୱିତୀୟ ଗଳ୍ପ ସଂକଳନ । ଏହି ସଂକଳନ 'ନୟନପୁର ଏକ୍‌ସପ୍ରେସ୍', 'କାଳିମାଟି', 'ଦୁଇବନ୍ଧୁ', 'ପତାକା ଉତ୍ତୋଳନ', 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ଭାଗାବଣ୍ଡ', 'କୃଷ୍ଣଚୂଡ଼ା' ଭଳି ଗଳ୍ପକୁ ନେଇ ପରିକଳ୍ପିତ । ଏହି ସଂକଳନରେ ସ୍ଥିତିବାଦୀ ଦର୍ଶନର ପ୍ରାବଲ୍ୟ ସ୍ୱତଃ ଅନୁଭବ କରିହୁଏ । ଯାହା ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ଅବସ୍ଥାକୁ ସାର୍ଥକତାର ସହ ଉପସ୍ଥାପିତ କରିଛି । ଏହି ସଂକଳନ ଭିତରେ ସ୍ରଷ୍ଟା ସୁରେନ୍ଦ୍ରଙ୍କ ଭାବବିହ୍ୱଳ ଭାବସତ୍ତା, ସାମାଜିକ ବାସ୍ତବତାର ଆହ୍ୱାନରେ ନେଇଛି ଭିନ୍ନରୂପ । ଏହା ତାଙ୍କ ବିକାଶଧାରାର ଆଦ୍ୟ ସ୍ମାରକୀ କହିଲେ ଅତ୍ୟୁକ୍ତି ହେବନାହିଁ ।

୧୯୫୯ ମସିହା ବେଳକୁ ସ୍ରଷ୍ଟା ସୁରେନ୍ଦ୍ରଙ୍କ ପ୍ରକାଶ ପାଏ ତୃତୀୟ ଗଳ୍ପ ସଂକଳନ 'ରୁଟି ଓ ଚନ୍ଦ୍ର' । ଯୁବସୁଲଭ ଭାବବିହ୍ୱଳତାକୁ ଭିତ୍ତି କରି ଏ ସଂକଳନ ପରିକଳ୍ପିତ । ସଂକଳନରେ ସ୍ଥାନପାଇଥିବା 'ନର୍ତ୍ତକୀ', 'ଭଗ୍ନଦୂତ', 'ନିତ୍ୟବର୍ତ୍ତମାନ

କାଳ', 'ଅଣ୍ଡର ଗ୍ରାଉଣ୍ଡ', 'ରୁଟି ଓ ଚନ୍ଦ୍ର' ଭଳି ଅନେକ ଗଳ୍ପ ସ୍ୱତନ୍ତ୍ର ସ୍ୱରକୁ ବହନ କରିଥିବା ଅନୁଭବ କରିହୁଏ । ବୌଦ୍ଧିକତାର ସ୍ପର୍ଶ ସହ ଭାବବ୍ୟଞ୍ଜନାର ଅପୂର୍ବ ମହକ ଓ ଆଗାମୀ ସମସ୍ୟା ପାଇଁ ସମାଧାନର ପନ୍ଥାକୁ ଧାରଣ କରି ଏ ସଂକଳନ ପାଠକକୁ ଦିଏ ଏକ ନୂତନ ସ୍ୱାଦ । ବସ୍ତୁତଃ ଅନ୍ଧ ଆଦର୍ଶ ପଛରେ ଅନୁଧାବନ ନକରି ସେହି ଆବର୍ଜନାର ପଙ୍କ ମଧ୍ୟରୁ ବାସ୍ତବବାଦ ପଙ୍କଜର ସନ୍ଧାନ ଦେବାପାଇଁ ସ୍ରଷ୍ଟାଙ୍କ ଲେଖନୀ ଅଧିକ ଆଗ୍ରହୀ ଥିବା ଆଲୋଚ୍ୟ ଗଳ୍ପ ସଙ୍କଳନରେ ଅନୁଭବ କରିହୁଏ ।

ସ୍ରଷ୍ଟାଙ୍କ ଆଠଟି ଗଳ୍ପକୁ ନେଇ ଗର୍ବିତ 'ଶେଷ କବିତା' ଗଳ୍ପ ସଂକଳନ । ଯେଉଁଥିରେ 'ଖାଦାନୀ', 'ଇଜିମାଲି', 'ଘଇତାମାରୀପାଟ', 'ଶେଷ କବିତା', 'ଘନିଆର ଗଣେଶ ଚତୁର୍ଥୀ', 'ମରୁଡ଼ି', 'ସୀମାରେଖା', 'ସାଇକେଲ ଚୋର' ଭଳି ଗଳ୍ପ ସ୍ଥାନୀତ । ପଲ୍ଲୀ ସଭ୍ୟତାର ଅବକ୍ଷୟ ଭିତରେ ଚିରନ୍ତନ ସୁଷମା ବୈଚିତ୍ର୍ୟକୁ ଏଠାରେ ସନ୍ଧାନ କରିଛନ୍ତି ସ୍ରଷ୍ଟା ସୁରେନ୍ଦ୍ର ।

ପ୍ରତୀକାତ୍ମକ ଅଭିବ୍ୟଞ୍ଜନା ଓ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀକୁ ନେଇ ପରିକଳ୍ପିତ ହୋଇଛି 'ସବୁଜପତ୍ର ଓ ଧୂସର ଗୋଲାପ' ସଂକଳନ । ଏହା 'ସବୁଜ ପତ୍ର ଓ ଧୂସର ଗୋଲାପ', 'ଶାଳଭଞ୍ଜିକା', 'ସେ ଓ ମୁଁ', 'ନରବଳି', 'ସାତଭଉଣୀ', 'ମେଣ୍ଢାଖାଇ', 'ଅମୃତ', 'ବାସିମଡ଼ା' ଭଳି ୮ଟି ଗଳ୍ପକୁ ନେଇ ସମୃଦ୍ଧ । ପଲ୍ଲୀଜୀବନରେ ଭରି ରହିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ପ୍ରତିଫଳିତ କରିବା ସହ ଗ୍ରାମୀଣ ଚରିତ୍ରର ସଫଳ ରୂପାୟନ ଘଟିଛି ଏ ସର୍ଜନାକର୍ମରେ । ପ୍ରକୃତପକ୍ଷେ ଆଲୋଚ୍ୟ ଗଳ୍ପ ସଂକଳନ ସଂପର୍କରେ କୁହାଯାଇପାରେ -''ସବୁଜ ପତ୍ରରେ ଧୂସର ଗୋଲାପର ଅନ୍ୱେଷଣ ଅମୃତ ଭିତରେ ମୃତ୍ୟୁର ବାର୍ତ୍ତା ପ୍ରଚାର କରିଅଛି । ସେଥିପାଇଁ ବସ୍ତୁବାଦୀ ସଭ୍ୟତା ଆଦର୍ଶବାଦ ବା ଆଧ୍ୟାତ୍ମବାଦର ମୁଖା ଭିତରେ ଆତ୍ମଗୋପନ କରିବାକୁ ହୋଇଛି ବାଧ୍ୟ । ସର୍‌ରିଆଲିଜମ୍ ବା ଅତିବାସ୍ତବବାଦୀ ଚେତନା ଗାଳ୍ପିକ ସୁରେନ୍ଦ୍ରଙ୍କର ଷଷ୍ଠ ଦଶକର ଗଳ୍ପକୁ କରିଛି ନଗ୍ନ ବାସ୍ତବତାର ଉଚ୍ଚାରଣରେ ବିହ୍ୱଳ ଓ ଗତିଶୀଳ ।''(୭)

ସ୍ରଷ୍ଟା ସୁରେନ୍ଦ୍ରଙ୍କ ପରବର୍ତ୍ତୀ ଗଳ୍ପ ସଂକଳନ ପ୍ରେମ, ତ୍ୟାଗ, ଆଦର୍ଶ, ସାମାଜିକ ସହାବସ୍ଥାନ ଓ ମନସ୍ତାତ୍ତ୍ୱିକ ଅନ୍ତଃଚିତ୍ରକୁ ବହନ କରି ପ୍ରକାଶ ପାଇଛି 'ମରାଳର ମୃତ୍ୟୁ' । 'ମରାଳର ମୃତ୍ୟୁ', 'ପାଗଳ ଗାରଦର କାହାଣୀ', 'ତୃଷ୍ଣାବିତୃଷ୍ଣା',

'ନୀଳଜ୍ୟୋସ୍ନା', 'ଜୀଅନ୍ତା ଭୂତ' ଭଳି ଗଳ୍ପ ଏହି ସଂକଳନରେ ସ୍ଥାନିତ । ଯାହା ସଂପର୍କରେ କୁହାଯାଏ- ''ଚୈତନ୍ୟଙ୍କ ଓଡ଼ିଶା ଆଗମନ ପୂର୍ବବର୍ତ୍ତୀ କାଳରେ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ ଉତ୍କଳୀୟ ଭକ୍ତିମତ୍ତାର ପ୍ରାଣ ଥିଲା । ଗାହ୍ନିକ ସୁରେନ୍ଦ୍ର 'ମରାଳର ମୃତ୍ୟୁ' ଗଳ୍ପରେ ଉତ୍କଳୀୟ ଆଧ୍ୟାତ୍ମିକ ଜୀବନରେ ପୁଣି ପ୍ରାଣଶକ୍ତି ରୂପକ 'ମରାଳର ମୃତ୍ୟୁ'ର ହୃଦୟ ଦ୍ୱାହି ଉପପାଦ୍ୟକୁ ସାଙ୍କେତିକତା କରିଛନ୍ତି । ××× ଯୁଗ ପରିବର୍ତ୍ତନ ସଙ୍ଗେ ରୁଚି ପରିବର୍ତ୍ତନ ଘଟୁଥିଲେ ମଧ୍ୟ ସାଧାରଣ ଜନତାର ଚିତ୍ତକୁ ଏହା ସ୍ପର୍ଶ କରିପାରେନାହିଁ । ପ୍ରାଚୀନ ବିଶ୍ୱାସର ସରଳତା ମଧ୍ୟରେ ଯୁଗଯୁଗର ମରାଳ ଖେଳି ବୁଲୁଛି । ନିରୀହ ଆତ୍ମବିଶ୍ୱାସର ଏ ହଂସ ଭିତରେ ଦ୍ୱନ୍ଦ୍ୱ ନାହିଁ, ସଂଘର୍ଷ ନାହିଁ । କେବଳ ଆତ୍ମବିସ୍ମୃତି- ସବୁ ସଂସ୍କାର ଓ ଅସଂସ୍କାର ଭୁଲି ଜୀବନ ଭିତରେ ଡୁବିଯିବାର ଏକ ଅହେତୁକ ମାଦକତା ।''[୮]

୧୯୭୧ ମସିହା ବେଳକୁ ପ୍ରକାଶ ପାଏ ସ୍ରଷ୍ଟାଙ୍କ ଗଳ୍ପ ସଂକଳନ 'ଦୁଇ ସୀମାନ୍ତ' । ଏଥିରେ 'ଗଣଦେବତା', 'ଡ଼ାଡ଼ା', 'ସାପ', 'ବିସର୍ଜନ', 'ଜହ୍ନିଲଟା', 'ମୃତ୍ତିକାର ଆତ୍ମା', 'ଶୂନ୍ୟ-ପଞ୍ଜୁରୀ', 'ବଇଷମ-ପାଠଶାଳା', 'ସୁନା-ମାହାରୀ', 'କାଠଘୋଡ଼ା' ଭଳି ଗଳ୍ପ ସନ୍ନିବେଶିତ । ଏଥିରେ ବ୍ୟକ୍ତିର ଯୌନବିକୃତି ଜନିତ ମନୋବିକାର, ରାଜନୀତିର ଶଠତାକୁ ଲକ୍ଷ୍ୟ କରିହୁଏ । ପୁନଶ୍ଚ ମାନବିକ ମୂଲ୍ୟବୋଧର ବିପର୍ଯ୍ୟସ୍ତ ଦିଗ ସହ ଜୀବନର ବାସ୍ତବତାର ଚିତ୍ର ଅତିସାର୍ଥକ ଭାବରେ ରୂପଲାଭ କରିଛି । ସୁରେନ୍ଦ୍ର କଥାଧାରାରେ ୧୯୭୩ ବେଳକୁ ପ୍ରକାଶ ପାଏ ସ୍ରଷ୍ଟାଙ୍କ ପରବର୍ତ୍ତୀ ଗଳ୍ପ ସଂକଳନ 'ମହାନିର୍ବାଣ' । 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'ନିର୍ମ୍ମଳୀ ଲତାର ଫୁଲ', 'ନିଃସଙ୍ଗ ଆକାଶ', 'ମହାନିର୍ବାଣ', 'ଆକାଶ ତଥାପି ସୁନୀଳ', 'ନିଯୁକ୍ତି ପତ୍ର', 'ମାଲ୍ୟାର୍ପଣ', 'କାକ୍‌ଟସ୍' ଆଦି ଗଳ୍ପକୁ ନେଇ ଏହାର କଳେବର ସମୃଦ୍ଧ । ଏଥିରେ ସହରୀ ଜୀବନ ଚଳଣି ସହ ଗ୍ରାମୀଣ ସୌକୁମାର୍ଯ୍ୟ, ରୂପଗତ ମାଦକତା ଭଳି ସମ୍ବେଦନଶୀଳ ବିଷୟକୁ ଆଧାର କରି ଗଢ଼ିଉଠିଛି ଏହି ଗଳ୍ପ ସଂକଳନ । ଆଲୋଚ୍ୟ ସଂକଳନଟି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବଦଳରେ ମିଶ୍ରଧର୍ମୀ ଜୀବନର ସତ୍ୟତାକୁ ଉପସ୍ଥାପିତ କରିଛି ।

'ସଭ୍ୟତାର ଗ୍ରାସ', 'ବଳୀବର୍ଦ୍ଦ', 'ଇନ୍ଦ୍ରଦ୍ୟୁମ୍ନ', 'ଗୋଟିଏ ଘୋଡ଼ାର ମୃତ୍ୟୁ', 'ଓଃ କାଲ୍‌କାଟା' ଭଳି ୧୩ଟି ଗଳ୍ପର ସମାହାରକୁ ନେଇ ପ୍ରକାଶ ପାଇଛି ସ୍ରଷ୍ଟା

ସୁରେନ୍ଦ୍ରଙ୍କ ଆଉ ଏକ ସମ୍ଭାବନାମୟ ସ୍ୱାକ୍ଷର 'ଓଃ କାଲକାଟା' । ସଂକ୍ଷେପରେ କହିଲେ - ''ଏ ଗଳ୍ପଗୁଡ଼ିକର କେନ୍ଦ୍ରଭୂମିରେ ରହିଛି ଆଧ୍ୟାତ୍ମିକ ଓ ଆବେଗଗତ ସମସ୍ୟା । ତେଣୁ ସମସ୍ୟାର ଏକ ଆଲୋଡ଼ିତ ପୃଷ୍ଠଭୂମିରେ ଗଳ୍ପଗୁଡ଼ିକ ରସ ଅପେକ୍ଷା 'ଆଇଡ଼ିଆ' ବା 'ଧାରଣା', ହେତୁବାଦ ଓ ଆବେଗ ଉପରେ ଅଧିକ ପ୍ରତ୍ୟୟଶୀଳ । ଯାହାର ସତ୍ୟତା 'ଓଃ କାଲ୍‌କାଟା' ଶୀର୍ଷକ ଗଳ୍ପରୁ ସୁସ୍ପଷ୍ଟ । ''ମହାନଗରୀ କଲିକତାର ଉଦ୍‌ବୋଧନ ନୁହେଁ ଭଗ୍ନ ସ୍ୱପ୍ନ, ଯୌବନର ବିଭ୍ରାନ୍ତି, ବିସ୍ଫୋରଣ ଓ ବିକୃତିର ଏହା ଏକ ସାଂକେତିକ ଇତିବୃତ୍ତ । ସଂଘର୍ଷ କୁଟିଳ ସାଂପ୍ରତିକ କାଳର ଏହା ଏକ ଅସହାୟ ଆର୍ତ୍ତନାଦ ।''[୯]

ଯିଏ ପ୍ରେମିକ ସେ କବି, ଯିଏ ପ୍ରେମିକ ସେ ହିଁ ଶିଳ୍ପୀ । ପ୍ରେମର ମଧୁର ଉପଲବ୍ଧି ବିନା କାଳଜୟୀ କଳା ସୃଷ୍ଟି ଅସମ୍ଭବ । ଏଭଳି ସୂକ୍ଷ୍ମ, ଉଦାର ଓ ଆବେଗପ୍ରବଣ ଏକ କାବ୍ୟିକ, ଭାବାବେଗକୁ ନେଇ ସମୃଦ୍ଧ ହୋଇଉଠିଛି ପରବର୍ତ୍ତୀ ଗଳ୍ପ ସଂକଳନ 'କବି ଓ ନର୍ତ୍ତକୀ' । ଠିକ୍ ସେପରି ଅବ୍ୟକ୍ତ ମୂର୍ଚ୍ଛନାର ଯନ୍ତ୍ରଣାଦଗ୍ଧ ବର୍ଣ୍ଣାଳୀ ସ୍ରଷ୍ଟାଙ୍କ ପରବର୍ତ୍ତୀ ଗଳ୍ପ ସଂକଳନ ହେଉଛି 'ମାଂସର କୋଣାର୍କ' । ଏଥିରେ ସ୍ଥାନିତ ୧୧ଟି ଗଳ୍ପରେ ଭରି ରହିଛି ଜୀବନ ଜଞ୍ଜାଳର ଅବ୍ୟକ୍ତ ଯନ୍ତ୍ରଣା । ସ୍ରଷ୍ଟାଙ୍କ ଜୀବନ ସହ ଏହା ଅନେକାଂଶରେ ସମ୍ବନ୍ଧାନ୍ୱିତ । କାରଣ ପ୍ରାୟ ଗଳ୍ପର ବର୍ଣ୍ଣନା ପ୍ରଥମ ପୁରୁଷ ଭିତ୍ତିକ । ଯେଉଁଥିରେ ଚରିତ୍ର ଓ ବକ୍ତବ୍ୟ ହିଁ ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି ।

ଭାରତବର୍ଷର ଗୌରବାବହ ପୌରାଣିକ ଆଖ୍ୟାନ, ଉଗ୍ର ଆଧୁନିକ ମଣିଷର ଜୀବନଚିତ୍ର, ବୃଥା ଆସ୍ଫାଳନ, ବେଦନାବୋଧ, କାରୁଣ୍ୟ ଆଦିର ଭାବଧାରା ବହନ କରିଥିବା ୧୧ଟି ଗଳ୍ପକୁ ନେଇ ପ୍ରକାଶ ପାଇଛି ସ୍ରଷ୍ଟାଙ୍କ 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' । ଏଥିରେ ସନ୍ନିବେଶିତ 'ଯଦୁବଂଶ' ପୌରାଣିକ ଗଳ୍ପ, ପରଲୋକ ତତ୍ତ୍ୱ ଆଧାରିତ 'ବାସାଂସି ଜୀର୍ଣ୍ଣାନି', ସ୍ମୃତି ସମ୍ବଳିତ 'ଶାରଦଶ୍ରୀ', ପ୍ରେମମୂଳକ 'ପ୍ରେତିନୀର ନାଚ' ଆଦି ଗଳ୍ପ ମାଧ୍ୟମରେ ସ୍ରଷ୍ଟା ମୌଳିକ ତଥ୍ୟ ଉପସ୍ଥାପିତ କରିବାର ପ୍ରଚେଷ୍ଟା କରିଛନ୍ତି ।

'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନ ୧୯୮୬ ମସିହା ବେଳକୁ ପ୍ରକାଶ ପାଏ । ଏଥିରେ ପ୍ରକାଶ ପାଇଥିବା ଅଧିକାଂଶ ଗଳ୍ପରେ 'ରାଜଧାନୀ', 'ବେଗମ୍‌କୋଠି', ଆଭିଜାତ୍ୟପୂର୍ଣ୍ଣ ସଭ୍ୟତାର ବାତାବରଣ, ନବାବୀ ବେଗମଙ୍କ ଅବକ୍ଷୟୀ ଆଭିଜାତ୍ୟ, କଲିକତା ମହାନଗରୀ ତଳବସ୍ତିର ଅସ୍ୱସ୍ତିକର ପଚନଶୀଳ

ବାତାବରଣ ବର୍ଣ୍ଣନା ସହ ଚରିତ୍ରମାନଙ୍କର ବାସ୍ତବତା ଓ ଅଭିନବତ୍ୱର ପରିପ୍ରକାଶ ଘଟିଅଛି ।

କଥାକାର ସୁରେନ୍ଦ୍ରଙ୍କ ତିରୋଧାନର ୩ମାସ ପୂର୍ବରୁ ପ୍ରକାଶ ପାଏ ଶେଷ ଗଳ୍ପ ସଂକଳନ 'ଶ୍ରେଷ୍ଠଗଳ୍ପ' । ୧୯୪୬ ମସିହାଠାରୁ ୧୯୮୭ ମସିହା ସୁଦ୍ଧା ରଚିତ ୧୭ଟି ଗଳ୍ପକୁ ନେଇ ପରିକଳ୍ପିତ । ଗଳ୍ପଗୁଡ଼ିକ ସ୍ୱୟଂ ଲେଖକ ଓ ଗାଳ୍ପିକ ବିଭୂତି ପଟ୍ଟନାୟକଙ୍କ ମିଳିତ ଆଲୋଚନା କ୍ରମେ ସଂକଳନ ପାଇଁ ନିର୍ବାଚିତ ହୋଇଛି ।

'ନାଟକ' ପରିସରରେ ସ୍ରଷ୍ଟା ସୁରେନ୍ଦ୍ର

ସୁରେନ୍ଦ୍ର ମହାନ୍ତିଙ୍କ ରଚିତ 'ପଥ ଓ ପୃଥିବୀ'ର ତଥ୍ୟ ଅନୁଯାୟୀ; ବାଳକୃଷ୍ଣ ମହାନ୍ତିଙ୍କ ଗୀତିନାଟ୍ୟ 'ସୁଶୀଳ ମାଳତୀ' ଦ୍ୱାରା ଅନୁପ୍ରାଣିତ ହୋଇ 'ମାଧବୀ ମାଳତୀ' ରଚନା କରିଥିଲେ । ଏହି ରଚନା ନିମନ୍ତେ ସେ ୧୯୪୫ ମସିହାରେ ମୟୁରଭଞ୍ଜ ମହାରାଜାଙ୍କ ଜନ୍ମୋତ୍ସବ ସମିତି ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହାପରେ ତାଙ୍କ ପରବର୍ତ୍ତୀ ନାଟକ ରଚନା 'ପୃଥ୍ୱୀବଲ୍ଲଭ' । ଏ ବିଷୟରେ ସ୍ରଷ୍ଟା ଉଲ୍ଲେଖ କରିଛନ୍ତି – ''ଛାତ୍ରାବସ୍ଥାରେ ଏଡ୍‌ଉଇନ୍ ଆର୍‌ନୋଲ୍‌ଡ଼ଙ୍କ 'ଦି ଲାଇଟ୍ ଅଫ୍ ଏସିଆ' କାବ୍ୟ ମୋତେ ଖୁବ୍ ପ୍ରଭାବିତ କରିଥିଲା । ବସ୍ତୁତଃ ବୁଦ୍ଧ ଓ ବୌଦ୍ଧଧର୍ମ ପ୍ରତି ମୁଁ ଆକୃଷ୍ଟ ହୋଇଥିଲି ସେଇଦିନୁ, ସେଇ କାବ୍ୟ ପଢ଼ି ବୁଦ୍ଧଙ୍କ ଜୀବନଚରିତକୁ ଉପଜୀବ୍ୟ କରି ମୁଁ ଆରମ୍ଭ କରିଦେଲି ଏକ ନାଟକ । ନାଟକଟିର ନାମ 'ପୃଥ୍ୱୀବଲ୍ଲଭ' ।''[୧୦]

''ପୃଥ୍ୱୀବଲ୍ଲଭ' ମୋ ବାକ୍‌ସ ଭିତରେ ବନ୍ଦୀ ହୋଇ ରହିଲା । ତା'ପରେ ପୁଣି ନାଟକ ଲେଖିଲି 'ମହାକ୍ଷୁଧା' । ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚର ସତ୍ତ୍ୱାଧିକାରୀ ବାଉରୀବନ୍ଧୁ ମହାନ୍ତି କିଛିଦିନ ନାଟକଟିକୁ ନିଜ ପାଖରେ ରଖିଲା ପରେ ଫେରାଇଦେଲେ.. ମଞ୍ଚୋପଯୋଗୀ ନୁହେଁ। ମୁଁ ମନେ ମନେ ସ୍ଥିର କଲି -ଠିକ୍ ଅଛି, ଆଉ ନାଟକ ଲେଖିବି ନାହିଁ। କିନ୍ତୁ ଆଶ୍ଚର୍ଯ୍ୟ କଥା, ତଥାପି ନାଟକ ଲେଖିଲି ଓ ବୋଧହୁଏ ୧୯୫୦ ସାଲରେ କଟକ ବେତାର କେନ୍ଦ୍ର ନାଟକ ପ୍ରତିଯୋଗିତାରେ ମୋର ନାଟକ 'ବକ୍‌ସି ଜଗବନ୍ଧୁ' ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା।''[୧୧] ପରବର୍ତ୍ତୀ ସମୟରେ ଏହି ନାଟକଟି ନିଖିଳ ଭାରତୀୟ ନାଟକ କାର୍ଯ୍ୟକ୍ରମରେ କଟକ ତରଫରୁ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇଥିଲା । ଏହାସହ ଇବ୍‌ସନ୍‌ଙ୍କ 'A Doll's house' ଅନୁବାଦ କରିଥିଲେ ଯାହାକି କଟକରେ ମଞ୍ଚସ୍ଥ ହୋଇପାରିନଥିଲା । କିନ୍ତୁ 'ସେନାପତି' ଓ

'ପ୍ରଦୀପ' ନାଟକ ଦ୍ୱୟ ଓଡ଼ିଆ ସମାଜରେ ବେଶ୍ ଆଦୃତ ହୋଇ ସ୍ରଷ୍ଟା ମହାନ୍ତିଙ୍କ ନାଟ୍ୟଜୀବନକୁ ସଫଳତା ପ୍ରଦାନ କରିପାରିଥିଲା ଏବଂ 'କଙ୍କାଳ' ନାଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଦ୍ୱାରା ମଞ୍ଚସ୍ଥ ହୋଇ ପ୍ରଶଂସା ସାଉଁଟି ପାରିଥିଲା । ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ଉପରେ ଆଧାରିତ 'ବାପୁ' ନାଟକ କ୍ରମାଗତ ଭାବରେ ରେଡ଼ିଓରେ ପ୍ରଚାରିତ ହୋଇ ପରବର୍ତ୍ତୀ ସମୟରେ ୧୯୭୧ ମସିହାରେ କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶ ଲାଭ କରିଥିଲା ।

ନାଟ୍ୟରଚନା ସୁରେନ୍ଦ୍ର ସ୍ରଷ୍ଟା ଜୀବନର ଅନ୍ୟାନ୍ୟ ସାରସ୍ୱତ ସର୍ଜନା ଭଳି ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିନଥିଲେ ମଧ୍ୟ 'ବାପୁ' ନାଟକଟି ତାଙ୍କ ନାଟ୍ୟ ରଚନାର କଷଟି ପଥର ବୋଲି ମନେ କରାଯିବା ଯଥାର୍ଥ ମନେହୁଏ । ଏହି ନାଟକଟି ସ୍ରଷ୍ଟା ସୁରେନ୍ଦ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ କରାଇପାରିଛି । କାରଣ ସ୍ରଷ୍ଟା ଜାତିର ପିତାଙ୍କ ପୂର୍ଣ୍ଣାଙ୍ଗ ଜୀବନ ଚିତ୍ରକୁ ଜନତାଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି ।

'ଆଲୋଚନା' ଓ 'ପ୍ରବନ୍ଧ' ପରିସରରେ ସ୍ରଷ୍ଟା ସୁରେନ୍ଦ୍ର

କଥାକାର ଭାବରେ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ପାଠକମାନଙ୍କ ମଧ୍ୟରେ ବହୁ ସଫଳତା ଲାଭ କରି ପ୍ରତିଷ୍ଠିତ ହୋଇପାରିଥିଲେ; କିନ୍ତୁ ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ ମଧ୍ୟ ସୁରେନ୍ଦ୍ରଙ୍କ ସଫଳତା କୌଣସି ଗୁଣରେ ନ୍ୟୁନ ନୁହେଁ । ସମାଲୋଚନା କ୍ଷେତ୍ରରେ ସ୍ରଷ୍ଟା ସୁରେନ୍ଦ୍ର ଏକ ନିଜସ୍ୱ ଦୃଷ୍ଟିଭଙ୍ଗୀ ନେଇ ମୌଳିକତାର ମହତ୍ତ୍ୱକୁ ଉପସ୍ଥାପିତ କରିପାରିଛନ୍ତି । ପରମ୍ପରାର ଅନୁରଣନ ସହିତ ସମକାଳର ମୂଲ୍ୟବୋଧକୁ ସମନ୍ୱିତ କରି ସାହିତ୍ୟ ଆଲୋଚନା କ୍ଷେତ୍ରରେ ସ୍ରଷ୍ଟାଙ୍କ ଅବଦାନ ଏକ ନୂଆ ପରଂପରା ସୃଷ୍ଟି କରିପାରିଛି ।

ସ୍ରଷ୍ଟାଙ୍କ ସମାଲୋଚନା ମୂଳକ ପୁସ୍ତକ ମଧ୍ୟରେ ଓଡ଼ିଆ ସାହିତ୍ୟର ଆଦିପର୍ବ, 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ', ଓଡ଼ିଆ ସାହିତ୍ୟର କ୍ରମବିକାଶ ଆଦି ପ୍ରଧାନ । ବାସ୍ତବପକ୍ଷେ ଏସବୁ ଓଡ଼ିଆ ସାହିତ୍ୟର ଇତିହାସ ଭିତ୍ତିକ ଅନୁଧ୍ୟାନ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ସାହିତ୍ୟର ପ୍ରାଥମିକ ଉନ୍ମେଷ ଧାରାକୁ ଆଦିପର୍ବରେ ସ୍ରଷ୍ଟା ବୌଦ୍ଧଚର୍ଯ୍ୟାପଦଠାରୁ ସାରଳାଙ୍କ ମହାକାବ୍ୟ ମହାଭାରତ ପର୍ଯ୍ୟନ୍ତ ବିସ୍ତୃତ ପରିସରରେ ଅନୁଧ୍ୟାନ କରିଛନ୍ତି । ପରବର୍ତ୍ତୀ ସମୟ ଅର୍ଥାତ୍ ଉନବିଂଶ ଶତକର ଶେଷ ପାଦ ପର୍ଯ୍ୟନ୍ତ ଅନୁଶୀଳନକୁ ନେଇ

ମଧ୍ୟପର୍ବର ଅନୁଧ୍ୟାନ କରାଯାଇଛି । ଏହାକୁ ସେ ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ ନାମରେ ଦୁଇଭାଗରେ ବିଭକ୍ତ କରି ଐତିହାସିକ କ୍ରମିକତା ରକ୍ଷା କରିଛନ୍ତି ।

ପ୍ରକୃତପକ୍ଷେ କହିବାକୁ ଗଲେ ସ୍ରଷ୍ଟା ସୁରେନ୍ଦ୍ର ଆଦିପର୍ବ, ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ ବ୍ୟତିରେକ 'ଓଡ଼ିଆ ସାହିତ୍ୟର କ୍ରମବିକାଶ'ନାମରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଛନ୍ତି ।

ସ୍ରଷ୍ଟା ସୁରେନ୍ଦ୍ରଙ୍କ ୧୯୫୦ ମସିହା ବେଳକୁ ପ୍ରକାଶ ପାଏ 'ଫକୀରମୋହନ' ଓ ପରବର୍ତ୍ତୀ ସମୟରେ ଏହାର ପରିବର୍ଦ୍ଧିତ ରୂପ ପ୍ରକାଶ ପାଏ 'ଫକୀରମୋହନ ସମୀକ୍ଷା, (୧୯୫୫) ପୁସ୍ତକ । ଆଲୋଚ୍ୟ ପୁସ୍ତକ ଦୁଇଟିରେ ଫକୀରମୋହନଙ୍କ ରଚନାଶୈଳୀକୁ ଇଂରେଜ ଔପନ୍ୟାସିକ ଚାର୍ଲସ୍ ଡ଼ିକେନ୍‌ସଙ୍କ ସହ ତୁଳନା କରାଯାଇ ଆନ୍ତର୍ଜାତିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯିବା ସହ ଫକୀରମୋହନଙ୍କର ସର୍ବଭାରତୀୟ ଭାବମୂର୍ତ୍ତିଟିଏ ଗଢ଼ିବାର ପ୍ରଚେଷ୍ଟା ଅନୁଭବ କରିହୁଏ । ସତେ ଯେପରି ଫକୀରମୋହନ ପାରମ୍ପରିକ ଚଳଣି ଆଧାରରେ ଏକ ନୂତନ ମୂଲ୍ୟବୋଧ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛନ୍ତି । ଏ ସଂପର୍କରେ ସ୍ରଷ୍ଟା କହନ୍ତି - ''ଫକୀରମୋହନ ଯଥାର୍ଥରେ ଥିଲେ ସଂସ୍କାରକ । ରକ୍ଷଣଶୀଳତାର ଭିତ୍ତି ଉପରେ ସମାଜକୁ ସଂସ୍କୃତି ଓ ନିର୍ମଳ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାହାହିଁ ତାଙ୍କ ସାହିତ୍ୟର ଆଦର୍ଶ । ସମାଜରେ ଯାହା କିଛି ପରମ୍ପରାରେ ପ୍ରତିଷ୍ଠିତ, ତାକୁ ପୂରାପୂରି ବର୍ଜନ ନ କରି ସେଥିରେ ପରିସ୍ଥିତିକୁ ଚାହିଁ ସାମାନ୍ୟ ଅଦଳବଦଳ କରିବା ସେହି ପରମ୍ପରାକୁ ମାର୍ଜିତ କରି, ତା'ରି ଦ୍ୱାରା ସମାଜ ଜୀବନକୁ ନିୟନ୍ତ୍ରଣ କରିବା ଫକୀରମୋହନଙ୍କ ସମାଜ ସଂସ୍କାରର ଆଦର୍ଶ ଥିଲା ।''[୧୨] ଏତଦ୍‌ଭିନ୍ନ ସୁରେନ୍ଦ୍ର ମହାନ୍ତି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ପ୍ରକାଶିତ 'ଦୀନକୃଷ୍ଣ ଦାସ' ଶୀର୍ଷକ ପୁସ୍ତକଟିଏ ଇଂରାଜୀରେ ରଚନା କରିଥିଲେ । ଦୀନକୃଷ୍ଣଙ୍କ କୃତିତ୍ୱ ଓ କବିତ୍ୱ ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ସହ 'ରସକଲ୍ଲୋଳ' କାବ୍ୟକୁ ଆଧାର କରି କବିଙ୍କ ସ୍ୱରୂପ ଉଦ୍‌ଘାଟନ ଦିଗରେ ଏ ପୁସ୍ତକ ମୁଖ୍ୟଭୂମିକା ଗ୍ରହଣ କରିଥିବା ଅନୁଭବ କରିହୁଏ । ଏହାସହ ଉଭୟ ଓଡ଼ିଆ ଓ ଇଂରାଜୀରେ 'ମଧୁସୂଦନ ଦାସ' ନାମକ ରଚନା ସହ 'ଲର୍ଡ଼ ଜଗନ୍ନାଥ' ଶୀର୍ଷକ ଅନ୍ୟ ଏକ ରଚନା ମଧ୍ୟ ଦେଖିବାକୁ ମିଳେ ।

ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ବିଚାର ଧାରାର ଆଦ୍ୟ ପ୍ରବର୍ତ୍ତକ ଭାବରେ ସୁରେନ୍ଦ୍ରଙ୍କ 'ସୁରେନ୍ଦ୍ର ବିଚିତ୍ରା', 'ଶେଷସ୍ତନ୍ୟ' ପୁସ୍ତକ ଦୁଇଟିକୁ ଗ୍ରହଣ କରାଯାଇପାରେ । ସ୍ରଷ୍ଟା ମହାନ୍ତିଙ୍କ 'ରମ୍ୟରଚନା' ବା ମୁକ୍ତ ରଚନା ପର୍ଯ୍ୟାୟରେ 'ସାହିତ୍ୟ ଓ ସମାଜ' ପୁସ୍ତକକୁ ଗ୍ରହଣ କରାଯାଇପାରେ । ରମ୍ୟରଚନାର ମୁଖ୍ୟ ଦୃଷ୍ଟିଭଙ୍ଗୀ 'Lyric in Prose' ବା 'A lucky dip into Experience'ସୁରେନ୍ଦ୍ରଙ୍କ ମୁକ୍ତ ଆଲୋଚନାରେ ପାଠକ ଅନୁଭବ କରିଥାଏ ।

'ଭ୍ରମଣ କାହାଣୀ' ପରିସରରେ ସ୍ରଷ୍ଟା ସୁରେନ୍ଦ୍ର

ସ୍ରଷ୍ଟା ସୁରେନ୍ଦ୍ରଙ୍କ 'ପେକିଙ୍ଗ୍ ଡ଼ାଏରୀ' ଓଡ଼ିଆ ଭ୍ରମଣ ସାହିତ୍ୟରେ ଏକ ନବଦିଗନ୍ତ ଉନ୍ମୋଚନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ପ୍ରକାଶ ଶୈଳୀ ଅଭିନବ । କମ୍ୟୁନିଷ୍ଟ ଚୀନର ଏହା ଏକ ସାମାଜିକ ଇତିହାସ । ଏହା ଚୀନ୍‌ବାସୀଙ୍କ ସାମାଜିକ, ରାଜନୈତିକ, ଆର୍ଥନୀତିକ, ନୈତିକ ତଥା ବୈଷୟିକ ଜୀବନର ଏକ ତଥ୍ୟପୂର୍ଣ୍ଣ ସମାହାର । ୧୯୫୬ ମସିହା ସେପ୍ଟେମ୍ବର ମାସ ଶେଷ ବେଳକୁ ତତ୍କାଳୀନ ଚୀନ୍ ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଲିଭସ୍ ଓ ଚୀଙ୍କ ନିମନ୍ତ୍ରଣ କ୍ରମେ ଭାରତ ପାର୍ଲିଆମେଣ୍ଟର ଯେଉଁ ପ୍ରତିନିଧି ଦଳ ବାଚସ୍ପତି ଅନନ୍ତଶୟନମ୍ ଆୟଙ୍ଗାରଙ୍କ ନେତୃତ୍ୱରେ ଚୀନ୍ ପରିଭ୍ରମଣରେ ଯାଇଥିଲେ, ଓଡ଼ିଶାର କଥାକାର ସୁରେନ୍ଦ୍ର ମହାନ୍ତି ଥିଲେ ସେହି ଦଳର ଜଣେ ସଦସ୍ୟ । ୧୯୫୬ ସେପ୍ଟେମ୍ବର ୨୮ ତାରିଖରୁ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ଚୀନ୍‌ରେ ଏହି ପ୍ରତିନିଧି ଦଳ ପରିଭ୍ରମଣ କରିବାର ସୁଯୋଗ ଲାଭ କରିଥିଲେ । ସେଦିନର ପେକିଙ୍ଗ୍ ଆଜି ବେଇଜିଙ୍ଗ୍‌ର ନୂତନ ନାମଗ୍ରହଣ କରିସାରିଛି । ସୁରେନ୍ଦ୍ର ମହାନ୍ତି ଜଣେ ରାଜନୀତିକ ନେତା ଭାବରେ ସେଠାକୁ ଯାଇଥିଲେ ହେଁ ତତ୍କାଳୀନ ଚୀନ୍‌କୁ ସେ ସାହିତ୍ୟିକର ଦୃଷ୍ଟିଭଙ୍ଗୀ ନେଇ ବିଚାର କରିଛନ୍ତି । 'ପେକିଙ୍ଗ୍'ର ପ୍ରତ୍ୟକ୍ଷାନୁଭୂତି ଅପୂର୍ବ କଳାକୁଶଳତା ନେଇ ଏକ ଭିନ୍ନଧର୍ମୀ ଭ୍ରମଣ ବୃତ୍ତାନ୍ତରେ ପରିଣତ ହୋଇପାରିଛି । ଏତିକି କହିଲେ ଯଥେଷ୍ଟ ହେବ ଐତିହାସିକ, ରାଜନୈତିକ ଓ ସାହିତ୍ୟିକ ତିନୋଟି ଦୃଷ୍ଟିଭଙ୍ଗୀର ଅପୂର୍ବ ମିଶ୍ରଣ ହେଉଛି 'ପେକିଙ୍ଗ୍ ଡ଼ାଏରୀ' ।

'ଉପନ୍ୟାସ' ପରିସରରେ ସ୍ରଷ୍ଟା ସୁରେନ୍ଦ୍ର

ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ଆଦ୍ୟ ଅନୁପ୍ରବେଶ ଘଟେ ଗଳ୍ପ ଜଗତରେ । କିନ୍ତୁ ଉପନ୍ୟାସ ମାଧ୍ୟମରେ ସେ ସର୍ବଭାରତୀୟ ସ୍ତରରେ ଓଡ଼ିଆ ସାହିତ୍ୟକୁ

ପ୍ରତିଷ୍ଠା କରିଥିବା କଥା ନିର୍ବିବାଦରେ ସ୍ୱୀକାର କରାଯାଏ । ଆଦ୍ୟ ପର୍ଯ୍ୟାୟର ତନ୍ମୟ ତାରୁଣ୍ୟର ପରିଭାଷା ଠାରୁ ପରବର୍ତ୍ତୀ ସମୟର ଭାବଗାମ୍ଭୀର୍ଯ୍ୟ ଅଭିବ୍ୟକ୍ତି ଭିତରେ ସ୍ରଷ୍ଟା ସୁରେନ୍ଦ୍ର ଓଡ଼ିଆ ସାହିତ୍ୟକୁ କରିଛନ୍ତି ଶ୍ରୀମନ୍ତ । କଲେଜ ବୟ/ ପ୍ରଜାପତି (୧୯୪୭), ବଧୂ ଓ ପ୍ରିୟା (୧୯୪୮), ସହସ୍ର ଶଯ୍ୟାର ନାୟିକା (୧୯୫୨), ଅନ୍ଧ ଦିଗନ୍ତ (୧୯୬୪), ନୀଳଶୈଳ (୧୯୬୮), ଶତାବ୍ଦୀର ସୂର୍ଯ୍ୟ (୧୯୬୮), ହଂସଗୀତି (୧୯୭୫), କୁଳବୃଦ୍ଧ (୧୯୭୮), ନୀଳାଦ୍ରି ବିଜୟ (୧୯୮୦), ଅଚଳାୟତନ (୧୯୮୧), କାଳାନ୍ତର (୧୯୮୨), ନେତିନେତି (୧୯୮୨), କୃଷ୍ଣାବେଣୀରେ ସନ୍ଧ୍ୟା (୧୯୮୫), ଆଜୀବକର ଅଟ୍ଟହାସ (୧୯୮୭), ଫଟାମାଟି (୧୯୮୮) ଆଦି ଉପନ୍ୟାସ ରଚନା କରି ଗୁଣାତ୍ମକ ଦିଗରୁ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିବାସହ ଏକ ନୂତନ ପରମ୍ପରା ମଧ୍ୟ ସୃଷ୍ଟି କରିଛନ୍ତି ।

ପରାଧୀନ ଭାରତ ଇଂରେଜ ସଂସ୍କୃତି ଓ ରୁଚି ପ୍ରତି ଆକର୍ଷିତ ହେବା ଏବଂ ନବ୍ୟଶିକ୍ଷିତ ଭାରତୀୟ ଗୋଷ୍ଠୀ ନିଜ ସଂସ୍କୃତି ଓ ରୁଚି ପରମ୍ପରା ମୂଳରେ ଯେତେବେଳେ କୁଠାରଘାତ କରିଛନ୍ତି; ତା'ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସ୍ରଷ୍ଟା ସୁରେନ୍ଦ୍ର ଆଗେଇ ଆସିଛନ୍ତି । 'କଲେଜ ବୟ' ଉପନ୍ୟାସ ତା'ର ଏକ ପ୍ରତିଫଳନ । ଶିକ୍ଷିତ ସମାଜରେ ସଭ୍ୟତା, ସଂସ୍କୃତି ଓ ରୁଚିବୋଧର ଅବକ୍ଷୟ ଘଟିବା ଫଳରେ ଯେଉଁ ନୈତିକ ମୂଲ୍ୟବୋଧର ଅବକ୍ଷୟ ଘଟୁଛି, ତାହାର ଏକ ନିରପେକ୍ଷ ବିଶ୍ଳେଷଣ ହିଁ ସ୍ଥାନ ପାଇଛି 'କଲେଜବୟ' ଉପନ୍ୟାସରେ । ଔପନ୍ୟାସିକଙ୍କ ପରବର୍ତ୍ତୀ ଉପନ୍ୟାସ 'ବଧୂ ଓ ପ୍ରିୟା'ରେ ଅବଚେତନ ମନର ପ୍ରାଧାନ୍ୟ ପରିଲକ୍ଷିତ । ସ୍ୱପ୍ନବାଦୀ ଶିଳ୍ପୀ ପଙ୍କଜ ଜୀବନର ବାସ୍ତବତା ଓ କଳ୍ପନା ଭିତରେ ଆସିଛି ସଂଘର୍ଷ । ଏହି ବିରୋଧାଭାଷର ଚିତ୍ର ବେଶ ମାର୍ମିକତାର ସହ ପ୍ରତିଫଳିତ ହୋଇଛି 'ବଧୂ ଓ ପ୍ରିୟା' ଉପନ୍ୟାସରେ । ସମସାମୟିକ ଯୁବଗୋଷ୍ଠୀର ବାସ୍ତବ ଚିତ୍ରକୁ ନେଇ ପରିକଳ୍ପିତ 'ସହସ୍ର ଶଯ୍ୟାର ନାୟିକା' । ଏହାସହ ତ୍ୟାଗ ଓ ତପସ୍ୟାର କରୁଣ ମୂର୍ଚ୍ଛନାକୁ ନେଇ ପରିକଳ୍ପିତ ହୋଇଛି 'ଅନ୍ଧଦିଗନ୍ତ' । ଅସହଯୋଗ ଆନ୍ଦୋଳନଠାରୁ ପ୍ରଥମ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ କାଳର କାହାଣୀ ଏଥିରେ ପ୍ରତିଫଳିତ ହୋଇଛି । ସ୍ୱାଧୀନତା ପରେ ପ୍ରକୃତ ଲୋକସେବକ କିଭଳି ନିର୍ଯ୍ୟାତିତ ଓ ନେତାମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ କିପରି ଜାତୀୟ ଜୀବନକୁ ବିପର୍ଯ୍ୟସ୍ତ କରିଛି, ତାହାରି ପୃଷ୍ଠଭୂମି ଉପରେ ରଚିତ ହୋଇଛି ଏ ଉପନ୍ୟାସ ।

ଇତିହାସର ଅଭିନବ ରୂପାନ୍ତରଣକୁ ନେଇ ପରିକଳ୍ପିତ 'ନୀଳଶୈଳ' । ଐତିହାସିକ ଚରିତ୍ର ରାମଚନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ କରି ଜନଶ୍ରୁତିର କୁଞ୍ଜ ଗଡ଼ନାୟକ ଏବଂ କାଳ୍ପନିକ ଚରିତ୍ର ସରଦେଇ ଓ ଜଗୁନି ଏ ଉପନ୍ୟାସକୁ ଅନନ୍ୟ କରି ଗଢ଼ିତୋଳିଛନ୍ତି । ଇତିହାସର ଏକ ସଂକଟମୟ କାଳରେ ମାନବୀୟ ତ୍ୟାଗ ଓ ଅମିୟ ଆଭାକୁ ନେଇ ପରିକଳ୍ପିତ ହୋଇଛି ଏ ଉପନ୍ୟାସ ।

'ଶତାବ୍ଦୀର ସୂର୍ଯ୍ୟ' ଏକ ଚରିତୋପନ୍ୟାସ । ଉନବିଂଶ ଶତାବ୍ଦୀରେ ଓଡ଼ିଶାର ନବଜାଗରଣ ଓ ସେଥିରେ ମଧୁସୂଦନଙ୍କ ଭୂମିକାକୁ ନେଇ ଏହା ପରିକଳ୍ପିତ । କିନ୍ତୁ ଏହା କେବଳ ବ୍ୟକ୍ତିଗତ ଜୀବନର ଚିତ୍ରର ସମାହାର ମାତ୍ର ନୁହେଁ; ଏହା ଓଡ଼ିଶାର ସମକାଳୀନ ରାଜନୀତିକ, ସାମାଜିକ, ଅର୍ଥନୀତିକ ଜୀବନର ଏକ ଜୀବନ୍ତ ଦଲିଲ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଧୁନିକ ଜୀବନର ବହୁ ଜାନ୍ତବ ଓ ବାସ୍ତବ ସମସ୍ୟାକୁ ନେଇ ସୃଷ୍ଟିଲାଭ କରିଛି ସ୍ରଷ୍ଟାଙ୍କ 'ହଂସଗୀତି' ଉପନ୍ୟାସ । ସାଂପ୍ରତିକ ଯୁଗ ଯନ୍ତ୍ରଣାର ସ୍ୱର ଏହି ଉପନ୍ୟାସରେ ସୁସ୍ପଷ୍ଟ । ମଣିଷ ଜୀବନକୁ ହଂସ ସହ ତୁଳନା କରାଯାଇ, ଆଧୁନିକ ପରିପ୍ରେକ୍ଷୀରେ ଏହି ହଂସରୂପୀ ମାନବର ଜୀବନ ନିର୍ଯ୍ୟାସକୁ ଔପନ୍ୟାସିକ 'ହଂସଗୀତି' ନାମକରଣ କରିଛନ୍ତି ।

ସ୍ରଷ୍ଟା ସୁରେନ୍ଦ୍ରଙ୍କ 'କୁଳବୃଦ୍ଧ' ଓଡ଼ିଆ ଜାତିର ଇତିହାସ ତଥା ଦୁର୍ଦ୍ଦିନର ରାଷ୍ଟ୍ରନାୟକ ମଧୁସୂଦନଙ୍କ ଜୀବନ କାହାଣୀ ତଥା ସମଗ୍ର ପରାଧୀନ ଉତ୍କଳୀୟଙ୍କ ମର୍ମବାଣୀ । ଅଷ୍ଟାଦଶ ଶତାବ୍ଦୀର ସାମାଜିକ ଓ ରାଜନୀତିକ ପଟ୍ଟଭୂମିକୁ ନେଇ ରଚିତ ହୋଇଛି ଐତିହାସିକ ଉପନ୍ୟାସ 'ନୀଳାଦ୍ରି ବିଜୟ' । ଓଡ଼ିଶାର ବହୁ ବିଡ଼ମ୍ବନା, ପରାଜୟ ଓ ଯନ୍ତ୍ରଣାଚିତ୍ର ଏ ଉପନ୍ୟାସରେ ରୂପପାଇଛି । ତକୀ ଖାଁର ଧର୍ମାନ୍ଧ ଆକ୍ରମଣରୁ ଓଡ଼ିଶାର ଇଷ୍ଟଦେବତାଙ୍କୁ ରକ୍ଷା କରିବା ଆଳରେ ଆଉ ଅଧିକ ଦିନ ଚିଲିକା ଗର୍ଭରେ ନ ରଖି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର କାହାଣୀକୁ ନେଇ ଏହା ପରିକଳ୍ପିତ । ଶେଷବିନ୍ଦୁରେ ରାମଚନ୍ଦ୍ରଦେବଙ୍କ ନିଃସଙ୍ଗ ସଂଗ୍ରାମ ଓ ଶ୍ରୀମନ୍ଦିର ବାହୁଡା ହିଁ ଏହାର କଥାବସ୍ତୁ ।

ରକ୍ଷଣଶୀଳତା ବିରୁଦ୍ଧରେ ଉଗ୍ର ପ୍ରତିବାଦର ସ୍ୱର ଦେଖିବାକୁ ମିଳେ 'ଅଚଳାୟତନ' ଉପନ୍ୟାସରେ । ସ୍ୱାଧୀନତା ପରବର୍ତ୍ତୀ ଯେଉଁ ଭାବଧାରା ଜନମାନସକୁ ପ୍ରଭାବିତ କରିଚି, ତାହାର କେତେକ ନିଦର୍ଶନ ଏହି ଉପନ୍ୟାସରେ ସୁସ୍ପଷ୍ଟ ।

ସ୍ରଷ୍ଟା ସୁରେନ୍ଦ୍ର ବାସ୍ତବରେ ଥିଲେ ଉତ୍କଳୀୟ ପରମ୍ପରା ଓ ଐତିହ୍ୟର ଜଣେ ମୁଗ୍ଧ ସ୍ତାବକ । ତାଙ୍କ ଜୀବନଧର୍ମୀ ଉପନ୍ୟାସ ପାଠକକୁ କିଭଳି ଏକ ଭିନ୍ନ ଇଲାକାରେ ପହଞ୍ଚାଇପାରେ, ତାହା 'କାଳାନ୍ତର' ଉପନ୍ୟାସରେ ଲକ୍ଷ୍ୟ କରିହୁଏ । ଏହି ଉପନ୍ୟାସରେ ୧୯୭୧ ମସିହା ଓଡ଼ିଶାର ଉପକୂଳ ଅଞ୍ଚଳରେ ଅକ୍ଟୋବର ୨୯ ଓ ୩୦ ତାରିଖରେ ଘଟିଥିବା ପ୍ରବଳ ବାତ୍ୟାର ଚିତ୍ର ସ୍ପଷ୍ଟ । ସ୍ୱାଧୀନତା ପ୍ରାପ୍ତି ପରେ ବି ଭାରତୀୟ ସମାଜ ସମସ୍ୟାର ବିକଟ ପରିସରରୁ ମୁକ୍ତିଲାଭ କରିପାରିନି । ଦୈବୀ ଦୁର୍ବିପାକ, ମହାମାରୀ, ବନ୍ୟା ଓ ବାତ୍ୟାର ହୃଦୟ ବିଦାରକ କରୁଣ ଇତିବୃତ୍ତକୁ ନେଇ ପରିକଳ୍ପିତ ହୋଇଛି 'କାଳାନ୍ତର' ।

କଥା ସ୍ରଷ୍ଟା ସୁରେନ୍ଦ୍ରଙ୍କ ଅଭିବ୍ୟକ୍ତି ଭିତରେ ଅନୁଭବ କରିହୁଏ ଯେ, ସାମ୍ପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତା'କୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ଦିଗରେ ପରିବର୍ତ୍ତିତ ପୃଥିବୀ ତା'କୁ ପ୍ରତିଷ୍ଠା ଓ ସଫଳତା ପାଇଁ ଆହ୍ୱାନ ପ୍ରଦାନ କରିଥାଏ । ବଞ୍ଚିବାର ସରଳତମ ସୂତ୍ରଟିଏ ଖୋଜୁ ଖୋଜୁ କ୍ରମେ ସେ ହୋଇଉଠେ ଉଦ୍‌ଭ୍ରାନ୍ତ । ଆଧୁନିକ ସୃଷ୍ଟିରେ ଚରିତ୍ରର ସ୍ୱୀକାରୋକ୍ତି ଭିତରେ ଚେତନରୁ ଅବଚେତନ ଦିଗକୁ ଯାତ୍ରାର ଇତିବୃତ୍ତ ସୁସ୍ପଷ୍ଟ । କାହାଣୀର ବୈଚିତ୍ର୍ୟଠାରୁ ଚରିତ୍ରର ମହକ ଆଜି ପାଠକକୁ କରିଛି ଆତ୍ମହରା । ଏଭଳି ଏକ ଉଦ୍‌ଭ୍ରାନ୍ତ ଯୁବକର ଆତ୍ମଲିପିକୁ 'ନେତିନେତି' ଉପନ୍ୟାସ ମାଧ୍ୟମରେ ଉପସ୍ଥାପିତ କରିଛନ୍ତି ସ୍ରଷ୍ଟା ସୁରେନ୍ଦ୍ର ।

ଓଡ଼ିଶାର ଅବକ୍ଷୟୀ ଯୁଗର ଏକ କରୁଣ କାହାଣୀକୁ ଆଧାର କରି ଗଢ଼ିଉଠିଛି ସ୍ରଷ୍ଟା ସୁରେନ୍ଦ୍ରଙ୍କ 'କୃଷ୍ଣାବେଣୀରେ ସନ୍ଧ୍ୟା' । ଏଠାରେ ପ୍ରତାପରୁଦ୍ରଦେବଙ୍କ ପାଇଁ ଜୀବନର ସନ୍ଧ୍ୟା ଆସିନାହିଁ; ଏଠି ସମଗ୍ର ଉତ୍କଳ ଗୌରବର ସୂର୍ଯ୍ୟାସ୍ତ ହୋଇଯାଇଛି । ଓଡ଼ିଶାର ବୀର ରାଜପୁତ୍ର ବୀରଭଦ୍ରଙ୍କର ଦେଶପାଇଁ ଆତ୍ମୋତ୍ସର୍ଗ ଓ ବୀରାଙ୍ଗନା ଜଗନ୍ମୋହିନୀର ଦେଶ ପାଇଁ ନିଜର ସ୍ୱାର୍ଥତ୍ୟାଗ ଉପନ୍ୟାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ।

ସ୍ରଷ୍ଟାଙ୍କ ପରବର୍ତ୍ତୀ 'ଆଜୀବକର ଅଟ୍ଟହାସ' ଏକ ଐତିହାସିକ ଉପନ୍ୟାସ । ମୌର୍ଯ୍ୟ ସମ୍ରାଟ ଅଶୋକଙ୍କର ରାଜତ୍ୱକୁ ଏହାର ପୃଷ୍ଠଭୂମି ରୂପେ ଗ୍ରହଣ କରାଯାଇଛି । ବୌଦ୍ଧଯୁଗର ଅବସ୍ଥା ସଂପର୍କରେ ଏଥିରେ କେତେକ ଚିତ୍ର ପ୍ରଦାନ କରାଯାଇଛି ।

ସମଗ୍ର ଉପନ୍ୟାସର ସୀମା ଭିତରେ ଆଜୀବକ ମାତ୍ର ଦୁଇଥର ହସିଛି । ଏହି ଦୁଇଥରର ହସ ଭିତରେ ସହସ୍ର ବ୍ୟଞ୍ଜନା ଯେପରି ଅଜାଡ଼ି ହୋଇପଡ଼ିଛି । ଔପନ୍ୟାସିକ କହିବାକୁ ଚାହିଁଛନ୍ତି ଯେ ପ୍ରବୃତ୍ତିର ତାଡ଼ନା ନିକଟରେ ସମସ୍ତ ଶୃଙ୍ଖଳା, ଶୀଳ ଓ ସଦାଚାର କୌଣସି ମୂଲ୍ୟ ରଖେନାହିଁ ।

'ଫଟାମାଟି' ଔପନ୍ୟାସିକଙ୍କ ଜୀବନର ଶେଷ ସାହିତ୍ୟକୃତି । 'ଅନ୍ଧଦିଗନ୍ତ' ପରି 'ଫଟାମାଟି' ରାଜନୈତିକ କ୍ଷେତ୍ରକୁ ଆଧାର କରି ଗଢ଼ି ଉଠିଥିଲେ ହେଁ, ଏହା ପୂର୍ଣ୍ଣମାତ୍ରାରେ ଏକ ରାଜନୈତିକ ଉପନ୍ୟାସ ନୁହେଁ । ରାଜନୀତିର ଆଧାର କ୍ଷେତ୍ରଉପରେ ସମକାଳୀନ ସାମାଜିକ ଚିତ୍ର ଏଥିରେ ସୁସ୍ପଷ୍ଟ । ଏଥିରେ ଜାତୀୟ ଆନ୍ଦୋଳନର ଏକ ସଂକ୍ଷିପ୍ତ ବିବରଣୀ ସ୍ଥାନ ପାଇଛି ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ସ୍ରଷ୍ଟା ସୁରେନ୍ଦ୍ର କୌଣସି ମତବାଦ, କୌଣସି ଦର୍ଶନ କିମ୍ବା କୌଣସି ଆଦର୍ଶର ସୀମାରେଖାରେ ଆବଦ୍ଧ ହୋଇନାହାନ୍ତି । ଏପରିକି କୌଣସି ନିର୍ଦ୍ଦିଷ୍ଟ ଶୈଳୀ ବା ରଚନାରୀତିରେ ତାଙ୍କୁ ବାନ୍ଧି ରଖିପାରିନାହିଁ । ତାଙ୍କର ପ୍ରତ୍ୟେକ ସୃଷ୍ଟି ନିଜର ସ୍ୱାତନ୍ତ୍ର୍ୟରେ ଅଭିବ୍ୟଞ୍ଜିତ । ସେ ବାସ୍ତବତାର ଖିଅ ଧରି ଆଧୁନିକତାକୁ ମାପିଛନ୍ତି ସତ, କିନ୍ତୁ ପରମ୍ପରାକୁ ଉପେକ୍ଷା କରିନାହାନ୍ତି । ସେ ସର୍ବତ୍ର ଜୀବନକୁ ମୁକ୍ତ ଓ ଶୃଙ୍ଖଳାହୀନ ଭାବରେ ଆଙ୍କିବାର ଉଦ୍ୟମ ଭିତରେ ଶିଳ୍ପୀମନର ଅନନ୍ୟ ଆଭାଟି ପାଠକକୁ ମୁଗ୍ଧ କରିଛି । ସଂକ୍ଷିପ୍ତରେ କହିଲେ ସୁରେନ୍ଦ୍ର ଓ ତାଙ୍କ କଳା-ଉଭୟ ପାଠକଙ୍କ ଆଗରେ ଉପସ୍ଥାପିତ କରିଛି ମୁକ୍ତ ମନର ମାନଚିତ୍ର ।

ସଂକେତ ସୂଚୀ:

୧. ମହାନ୍ତି, ସୁରେନ୍ଦ୍ର, ପଥ ଓ ପୃଥିବୀ, ଇଷ୍ଟର୍ଣ୍ଣ ମିଡ଼ିଆ, ଭୁବନେଶ୍ୱର-୩, ପ୍ରଥମ ପ୍ରକାଶ, ୧୯୮୬, ଉପୋଦ୍‌ଘାତ

୨. ମହାନ୍ତି, ସୁରେନ୍ଦ୍ର, ମାଂସର କୋଣାର୍କ, ପ୍ରସଙ୍ଗକ୍ରମେ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ଦ୍ୱିତୀୟ ସଂସ୍କରଣ, ୧୯୯୩

୩. ମହାନ୍ତି, ସୁରେନ୍ଦ୍ର, ଶାରଦୀୟ ଆବର୍ତ୍ତ, ନିଜେ ହିଁ ନାୟକ, କଳିଙ୍ଗ ପ୍ରକାଶନ, ଭୁବନେଶ୍ୱର, ୧୯୮୫, ପୃ-୮

୪. ମହାନ୍ତି, ସୁରେନ୍ଦ୍ର, ଶାରଦୀୟ ଆବର୍ତ୍ତ, ନିଜେ ହିଁ ନାୟକ, ପୃ-୮

୫. ମହାନ୍ତି, ସୁରେନ୍ଦ୍ର, ସୁରେନ୍ଦ୍ର ସଂଚୟନ, ଆଲୋକ ପ୍ରତିଷ୍ଠାନ, ଗୌରଚନ୍ଦ୍ରିକା, କଟକ, ୧୯୬୭, ତିନି

୬. ମହାନ୍ତି, ସୁରେନ୍ଦ୍ର, ସୁରେନ୍ଦ୍ର ବିଚିତ୍ରା, ଜଗନ୍ନାଥ ରଥ, ବିନୋଦବିହାରୀ, କଟକ, ୧୯୬୭, ପୃ-୪

୭. ଡ. ପ୍ରକାଶ ପରିଡ଼ା, ସାହୁ, ଗିରୀଶ ଚନ୍ଦ୍ର (ସଂ), ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ, ସବୁଜପତ୍ର ଓ ଧୂସର ଗୋଲାପରେ ଅମୃତର ସନ୍ଧାନ, ଭୁବନାନନ୍ଦ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୮, ପୃ-୧୪୧

୮. ପ୍ରଧାନ, ପୀତାମ୍ବର, କଥାକାର ସୁରେନ୍ଦ୍ର, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୨, ପୃ-୭୦

୯. ମହାନ୍ତି, ସୁରେନ୍ଦ୍ର, ଓଃ କାଲକାଟା, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୧୯୭୩, ଭୂମିକା

୧୦. ପଥ ଓ ପୃଥିବୀ, ପୃ-୫୨

୧୧. ପଥ ଓ ପୃଥିବୀ, ପୃ-୫୬

୧୨. ମହାନ୍ତି, ସୁରେନ୍ଦ୍ର, ଫକୀରମୋହନ ସମୀକ୍ଷା, ନିଉଷ୍ଟୁଡ଼େଣ୍ଟସ୍ ଷ୍ଟୋର, ସଂଶୋଧିତ ସଂସ୍କରଣ, ୧୯୭୨, ପୃ-୨୧୮-୨୧୯

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

❐❐❐

୨୦୨୦ ପରବର୍ତ୍ତୀ କବିତାରେ ଆର୍ତ୍ତମଣିଷର ସ୍ୱର ଓ ସ୍ୱାକ୍ଷର

● ପତିତପାବନ ଗିରି

'ଓ ଜୟନ୍ତ ମହାପାତ୍ର ? ସେଇ ଲୋକଟି ? / ଏତେ ବଡ଼ ଆକାଶକୁ ଏକା ଏକା ଧରି କେତେ ଦିନ ବଞ୍ଚିବ ।' (ଗପଟିଏ ଆରମ୍ଭରୁ)

କବି ଜୟନ୍ତ ମହାପାତ୍ରଙ୍କ ଭଳି ଆଜିର ମଣିଷ ଜୀବନ ବଞ୍ଚିବାରେ ଅନେକ ସବୁ ଝଡ଼ଝଞ୍ଜା ସାମ୍ନା କରୁଛି । ବଞ୍ଚିବା ପାଇଁ ଖୁବ୍ ଘୃଣ୍ୟ ଭୂମିକା ନିଭାଉଛି । ନିଜ ମନ ହିଁ ନିଜ ଆକାଶ । ନିଜ ମନ ହିଁ ଗୋଟେ ସ୍ୱର୍ଗୀୟ ପୃଥିବୀର ସ୍ପନ୍ଦନ । କେଉଁ ଅନନ୍ତ କାଳରୁ ଜୀବନର ମହିମା, ପ୍ରକୃତିର ଗାରିମା ଗାଇ ଗାଇ ମାଟି ଓ ଆକାଶ କେତେ ତରଙ୍ଗାୟିତ, କଲ୍ଲୋଳିତ ହେଉଛନ୍ତି । ମଣିଷ ମରେ, ପୁଣି ଜନ୍ମ ନିଏ, ପୁଣି ମରେ- ଏଇ ଜନ୍ମମୃତ୍ୟୁର ଯେମିତି କେବେ ଶେଷ ନଥାଏ । ପ୍ରକୃତି ଓ ମଣିଷ ଭିତରେ ଥିବା ଏକାନ୍ତ ଆତ୍ମୀୟତାରୁ ଏକ ମହତ୍ତର ଭାବ (Sublimate) ସୃଷ୍ଟି ହୁଏ । ଏଇଠୁ ହିଁ ସୃଷ୍ଟି ହୁଏ କଳା, ସାହିତ୍ୟ, ଧର୍ମ, ଦର୍ଶନ । କବି ହରପ୍ରସାଦ ଦାସଙ୍କ ମନ୍ତବ୍ୟରେ- 'ମୂକ ମଣିଷର ନିଦ ଭାଙ୍ଗିଲା ଭଳି ଫାଟେ ସିନ୍ଦୂରା ଏଠି / ମୂକ ମଣିଷର ଆଖି ଭଳି ଉଏଁ ଜହ୍ନ / × × × ସୀତା ବିଞ୍ଜର ପାହାଡ଼ ଖୋଲରେ ଅନ୍ଧାରକୁ ପଢେ ଅନ୍ଧାର । ମୂକ ପାଟିରେ ଭାତ ନୁହେଁ / ଭାଷା ଦେ ସର୍କାର ।' (ରାବଣ-ଛାୟା) ସୀତାବିଞ୍ଜର 'ରାବଣ-ଛାୟା' ଗୁମ୍ଫା ଚିତ୍ରରେ ଅଙ୍କିତ ଆଦିମ ମଣିଷର ଚିତ୍ର ଏକ ଚିରନ୍ତନ ମଣିଷର ସର୍ବକାଳୀନ ଜୀବନର ଦୁଃଖାନୁଭୂତିର କଥା କହିଥାଏ । ଏଠି ମାନବିକ ସମ୍ବେଦନଶୀଳତା ସବୁଠାରୁ ବଡ଼ ବିଷୟ । ମଣିଷ ହିଁ କଳା ଓ କବିତାର କେନ୍ଦ୍ରବିନ୍ଦୁ । ଶିକ୍ଷା ହିଁ ଚେତନାର ଅସ୍ତିତ୍ୱ । ବଣପାହାଡ଼, ଚନ୍ଦ୍ରସୂର୍ଯ୍ୟ କାହାର ଅସ୍ତିତ୍ୱ ନାହିଁ । ଏଣୁ ସରକାରଙ୍କୁ ନିଜ ସ୍ୱାଧୀନତା ମାଗିଛି କବି । ଅମରେନ୍ଦ୍ର ଖଟୁଆଙ୍କ ମନ୍ତବ୍ୟରେ- *"ପ୍ରାଥମିକ ଦୁଃଖର ଗଣିତରୁ / ମତେ ଜୀବନଯାପନର ସାଂଖ୍ୟ ଶିଖୁଥିବା ସାଧାରଣତା ଦିଅ / ବାରମ୍ବାର ଭିକ ଓ ଭୟ ମାଗୁଥିବା ସାଲବେଗ ସଂହିତାରୁ / ଜଞ୍ଜିର ଭଙ୍ଗା ପ୍ରସ୍ଥାନ ଦିଅ ।"* (ପ୍ରାର୍ଥନା, କବିର ସମୟ)

ସାଲବେଗ ଏକ ମିଥ୍ ଚରିତ୍ର । ସାଲବେଗ ଏକ କବି ଚରିତ୍ର ମଧ୍ୟ । ସେ ଏକ ଦଳିତ, ଅବହେଳିତ, ସଂଖ୍ୟାଲଘୁ ମଣିଷର ପ୍ରତୀକ । ସାମ୍ପ୍ରତିକ ଭୋଟ ପାଇଁ ଭିକ ଓ ଭୟ ବାଣ୍ଟୁଥିବା ସରକାର ସାମ୍ନାରେ ସେ ମୁଣ୍ଡ ଗୁଞ୍ଜି ଚଳିବାକୁ ଚାହେଁ ନାହିଁ । ଦୁର୍ନୀତି ଓ ଭ୍ରଷ୍ଟାଚାରୀ ମଣିଷର ଜଞ୍ଜିର ଭାଙ୍ଗି ସେ ଏକ ନୂଆ ଦୁନିଆଁ, ନୂଆ ଜୀବନର ରୂପକାର ହେବାକୁ ଚାହେଁ । ସାହିତ୍ୟ ଯୁଗାଶ୍ରୟୀ, ଯୁଗଧର୍ମକୁ ନେଇ ବଞ୍ଚିଥାଏ । କବି ଗୋପାଳ କୃଷ୍ଣ ରଥ କହନ୍ତି- 'ମୁଁ କବି / କ୍ଲାନ୍ତ ପକ୍ଷୀ / ଅନାଦିକାଳରୁ ଅନନ୍ତ କାଳକୁ ଯୋଡୁଥିବା ଏକ ନିଷ୍ପାପ କରୁଣ ହାଇଫେନ୍ ।' (ଏକଲା ମଣିଷ)

ହଁ, ଦୁଃଖରେ ଦୀପ୍ତ ହୁଏ ଜୀବନ । ଦୁଃଖବୋଧ ହିଁ ସକଳ ସୃଷ୍ଟିର ମୂଳଉତ୍ସ । କବି ଏକ କ୍ଲାନ୍ତ ପକ୍ଷୀ । ସେ ଆଜି ନାନା ସମସ୍ୟା, ସଂକଟ ଓ ଦୁର୍ଦ୍ଦିନକୁ ସାମ୍ନା କରି ବଞ୍ଚୁଛି । ବଞ୍ଚିବାର ଶୈଳୀ ହିଁ ଜୀବନର କଳା ବସ୍ତୁ (Art Object) ଅଟେ । କଳା ହିଁ ଜୀବନ ଓ ଜଗତକୁ ଚିହ୍ନାଇ ଥାଏ । ଜୀବନର ଅନ୍ତସ୍ଥଳର କାରୁଣ୍ୟ ହିଁ ଭଲ କବିତାକୁ ଜନ୍ମ ଦିଏ । କାରୁଣ୍ୟରେ ଭିଜିଥିବା ମାଟି ଓ ମଣିଷ ହିଁ ସାହିତ୍ୟକୁ କାଳଜୟୀ କରେ । ଗୋପାଳ କୃଷ୍ଣଙ୍କ ଏକଲା ମଣିଷ ଭଳି ଇବ୍‌ସନଙ୍କ କବିତା କହେ- 'I must stand quite alone, if I am to understand myself and every things about me' ଏ ଯୁଗରେ ମଣିଷର ସବୁଠୁ ବଡ଼ ଦାବୀ ହେଲା ନିଜକୁ ଜାଣିବା, ନିଜକୁ ଚିହ୍ନିବା, ନିଜ ଆତ୍ମବିଶ୍ୱାସ ଓ ସାହସ ବଢାଇବା । ଏଥିପାଇଁ ତ କବି କହନ୍ତି- *'ସେଇ ଜୀବନ / ନୀଳପ୍ରୋଳ ହୋଇ ଫୁଟୁ ସମୁଦ୍ରରେ/ ଛୁଇଁ ଆକାଶକୁ ଓ ପୁଣି ଆନନ୍ଦରେ ବିଲୀନ ହୋଇଯାଉ ନୀଳ ସବୁଜ ବିଶ୍ୱରୂପରେ ।'* (ଶୋକ ପ୍ରସ୍ତାବ) କବିତାର ମୂଳ ପ୍ରେରଣା ଜୀବନରୁ ହିଁ ମିଳିଥାଏ । ଆନ୍ତର୍ଜାତିକ ତଥା ଜାତୀୟ ସ୍ତରରେ ନୂଆ ନୂଆ ଗଢି ଉଠୁଥିବା ସଂକଟ ଓ ସମସ୍ୟା ସାମ୍ନାରେ କବିତା ଦେଶ ଓ ଜାତିର ନିର୍ଭୀକ ମୁଖପତ୍ର ପାଲଟିଛି । କବିତା ମଣିଷର ଆତ୍ମଲିପି ହୋଇପାରିଛି । ଆଜିର କବି ମୁକ୍ତ ଆକାଶର ବିହଙ୍ଗ ଭଳି ନିଜର ମାଟି ଓ ମଣିଷକୁ ହିଁ ଖୋଜୁଛି । କବି ଗାୟତ୍ରୀବାଳା ପଣ୍ଡାଙ୍କ ବକ୍ତବ୍ୟରେ - *"ଯୋଉଠି ଯୋଉଠି ଝୁଣ୍ଟିପଡ଼େ / ସେଇଠୁ ଆରମ୍ଭ ହୁଏ କବିତା / × × କବି ଯାହା କରେ କେବଳ କବିତାରେ / କବି ଯାହା କହେ କେବଳ କବିତାରେ / କବି କବିତାରେ ଜୀଏଁ / କବିତାରେ ମରେ / କବିତାରେ କ୍ଷୋଭ ବାଢେ / କବିତାରେ ଶୋକ ପାଳେ /"* (କବି)

ଏ ସମୟର କବିତାରେ ସଂସ୍କାରବାଦୀ ଓ ଶୋଷଣମୁକ୍ତ ସମାଜର ସ୍ୱର ଦେଖିବାକୁ ମିଳେ । ଜୀବନର ବହୁବିଧ ଚେହେରା, ବିଭିନ୍ନ ରୂପ, ଅଭିବ୍ୟକ୍ତି ଲୋକ ମୁହଁର ଭାଷାରେ ଦେଖିବାକୁ ମିଳେ । କବିଙ୍କ ମନ୍ତବ୍ୟରେ- *'ଦିଲ୍ଲୀ ଦୁଷ୍କର୍ମର ଦୁଃଖକୁ କବି ଭୋଗେ / ପିପିଲି ପୀଡ଼ିତାର ବିକଳପଣ କବିଙ୍କୁ ଘାରେ / କଳିଙ୍ଗ ନଗରର କଟା ପାପୁଲିକୁ ଦେଖି ବିବ୍ରତ ହୁଏ କବି / କନ୍ଧମାଳର ନିଆଁ ଧାସରେ ତାତି ଯାଏ କବି / ନନ୍ଦୀଗ୍ରାମରୁ ନାରାୟଣ ପାଟଣା ଯାଏଁ ନିଜକୁ ବିଚ୍ଛେଇ ଥାଏ ଘଟଣା ମେଳିରେ ।'* (କବି) ମାଟି-ପାଣି-ପବନ-ଆକାଶ- ଅନ୍ତରୀକ୍ଷ ସବୁଠି ଥାଏ କବି । କବି କେବେ ରାଜନୀତିରେ ନଥାଏ କି, ନଥାଏ ସମାଜ କର୍ମୀଙ୍କ ମେଳିରେ । ସେ ସବୁ ଦେଖୁଥାଏ, ଆକ୍ରାନ୍ତ ହେଉଥାଏ, ଧ୍ୱସ୍ତ ବିଧ୍ୱସ୍ତ ସମୟ ସାଥୀରେ । ସେ ସମ୍ବେଦନଶୀଳତାର ଆକାଶରେ, ଅନେକ ସମ୍ଭାବନାମୟ ଭୂଇଁରେ ଥାଏ । ଚନ୍ଦ୍ର, ସୂର୍ଯ୍ୟଙ୍କ ଭଳି କିଛି କ୍ଷଣ ରହେ, ପୁଣି କିଛି କ୍ଷଣରେ ଲିଭିଯାଏ । କ୍ରୋଚେ କହନ୍ତି- 'The beauty lies in the eyes of the beholder' ଅର୍ଥାତ୍ ସାହିତ୍ୟର ସବୁ ଚିତ୍ର ଓ ଚରିତ୍ର ଜରିଆରେ ଜୀବନର ସୌନ୍ଦର୍ଯ୍ୟ ହିଁ ଯେମିତି ଆଖିରେ ଉଦ୍‌ଭାସିତ ହୁଏ । ନିଜ ଭାଗ୍ୟ ଭୋଗୁଥିବା ପୃଥିବୀର ସବୁ ମଣିଷ ତା' ଅର୍ନ୍ତଜୀବନରେ ସବୁଠି ଅଭିଷେକ ହୋଇଛି ସ୍ଥାନ (Place) ଓ କାଳ (Time) ସାଥିରେ । ଜଗତର ଚିତ୍ର ଆଙ୍କୁଥିବା ମହାନ ସ୍ରଷ୍ଟା ସବୁବେଳେ ଭାରି ଯନ୍ତ୍ରଣା ଭୋଗେ ଏକାନ୍ତ ନିବିଡ଼ ଭାବରେ । କବି ତ୍ରିନାଥ ସିଂହଙ୍କ ଦୃଶ୍ୟବୋଧରେ- *"ସେ ଆଖିରେ ଝଲମଲ କେରାଏ ସୁଖଦ ସ୍ୱପ୍ନ ତ / ଏ ଆଖିରେ ଝର୍‌ଝର୍ ଧାରେ ଲୁହ / × × ପାହାଡ଼ ଶୀର୍ଷକୁ ପହଞ୍ଚି ଯାଇଥିବା ସିସିଫସ / ପିଠିରୁ ଉତୁରେଇ ଦେଇଥିଲା ପଥର / ଅଥଚ ଆଖି ସଳଖି ଠିଆ ହେଉ ହେଉ ନିଜେ ଖସି ପଡୁଥିଲା ପାହାଡ଼ ତଳ ।" (ସିସିଫସ)*

କବିଟିଏ- ମଣିଷର ଯେତେ ପ୍ରକାର କଷ୍ଟ ଓ ଯନ୍ତ୍ରଣା ଅଛି ସଂସାରରେ 'ସିସିଫସ' ଭଳି ତାକୁ ହିଁ ଭେଟିଥାଏ ଗୋଟେ ସମୁନ୍ନତ କାବ୍ୟିକ ଉନ୍ମାଦନାରେ । ଗଭୀର ଯନ୍ତ୍ରଣା ବୋଧରେ ଛଟ୍‌ପଟ୍ ହୋଇ ହିଁ ନିଜକୁ ପ୍ରକାଶ କରିବା ପାଇଁ ସେ ରାସ୍ତା ଖୋଜେ । କବି ପ୍ରଦ୍ୟୁମ୍ନ କେଶରୀଙ୍କ ଭାଷାରେ- 'ଏଠି କାମ ନଥିଲେ / କେହି କାହାକୁ ଖୋଜେନି / ଭାବେ ନାହିଁ ଅନ୍ୟ ବିଷୟରେ / ନିଛାଟିଆ ଏକଲାପଣ ନିଜକୁ ନ ଡରେଇଲେ ।' (ଉତ୍ତରାପବନ)

ନିଃସଙ୍ଗ ଓ ନିଛାଟିଆ ଜୀବନର ଏକଲାପଣ ନିଜକୁ ନ ବାଧିଲେ ଜଣେ କେବେ କବି ହୁଏ ନାହିଁ । କବିର ଜୀବନ ତାତିଲା ମରୁଭୂମି ଭଳି କେବେ ତ କେବେ ସମୁଦ୍ରର ନୀଳ ପ୍ରଶାନ୍ତ ରୂପ, ପୁଣି କେବେ ଶାଗୁଆ ଘାସଠୁ କାକ୍‌ଟସ ଫୁଲ । କବି ପୀତାମ୍ବର ତରାଇଙ୍କ ମନ୍ତବ୍ୟରେ- *"କେତେ ବାଗରେ ଉଠିଲି ପଡ଼ିଲି, ଛାଡ଼ି ଆସିଲି ଦୂର ଅଦୂର ଅମଡ଼ାବାଟ / × × ଭାବିନି, ଧେଡ଼୍ ଅଳ୍ପଦିନର ଜୀବନ ।"* (ସଁବାଲୁଆ)

ସେ ସଁବାଲୁଆ ହେଉ କି ପ୍ରଜାପତିର ଜୀବନ ହେଉ ସବୁଠି ଜୀବନର ଗାଥା ଶୃଙ୍ଖଳିତ, ମାର୍ଜିତ, ଆବେଗ ମିଶ୍ରିତ । ସବୁ ଜୀବନରେ ଯନ୍ତ୍ରଣାର ଦହନ ଓ କ୍ଲାନ୍ତି ଅଛି । ଆନନ୍ଦ ଓ ଅମୃତର ଭାବଧାରା ଅଛି । ଆଜିର କବିତା ଏକ ଭାବନିଷ୍ଠ ବିଶ୍ୱର ଶାଶ୍ୱତ ଅଭିବ୍ୟକ୍ତି (Basic oneness of the Universe) ଦ୍ୱାରା ପରିଚାଳିତ । ସାର୍ବଜନୀନ ପ୍ରକୃତି ଓ ମହାଜାଗତିକ ବିଜ୍ଞାନ ମାନବ ଜାତିର ଅଶେଷ କଲ୍ୟାଣ ସାଧନାରେ ବ୍ରତୀ ହୋଇଛି ଯେମିତି ଆଜି । କବି ଦେବଦାସ ଛୋଟରାୟ କହନ୍ତି- *"କେବେ ନିଆଁ କେବେ ପାଣି / ଓଡ଼ିଶା ମାଆର ଦେହକୁ ଖାଉଛି / ଟିକି ଟିକି କରି ହାଣି ।"* (ମାୟା-ଦର୍ପଣ)

୨୦୨୦ ମହାମାରୀ କରୋନା (Covid-19) ଓ ବିଶ୍ୱଯୁଦ୍ଧ ସ୍ଥିତି ସମଗ୍ର ବିଶ୍ୱର ଦୃଶ୍ୟପଟକୁ ବଦଳାଇ ଦେଇଛି । ଗୋଟେ ଅଜଣା ଆତଙ୍କରେ ଏଠି କି ବ୍ୟକ୍ତି, କି ପରିବାର, କି ରାଷ୍ଟ୍ର, ଏପରିକି ସମଗ୍ର ପୃଥିବୀ ଏକ ପାରସ୍ପରିକ ବିଚ୍ଛିନ୍ନ ମନୋଭାବ, ଏକ ହତାଶ, ଏକ ଦ୍ୱନ୍ଦ୍ୱର ବାତାବରଣ ଦେଇ ଗତି କରୁଛି । ଆଜି ଆମେ ଶିଳ୍ପ ବିଜ୍ଞାନର ଚରମ ସ୍ଥାନକୁ ଉପନୀତ ହୋଇସାରିଛୁ କିନ୍ତୁ ଆମ ଭିତରେ ମଣିଷ ପଣିଆ ହଜିଯାଇଛି । ଆଜିର ବିଶ୍ୱ ଯୁଦ୍ଧ, ବେକାରୀ, ଦାରିଦ୍ର୍ୟ, କ୍ଷୁଧା, ରୋଗ, ଲୋକ ଭିତରୁ ସାର୍ବଜନୀନ ମାନବାତ୍ମାର ଉତ୍ତରଣ ସହ ଆମେ ପ୍ରକୃତ ଐଶ୍ୱର୍ଯ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟର ଅଧିକାରୀ ହୋଇପାରି ନାହାନ୍ତି । ଆମ ସାହିତ୍ୟରୁ ଆମେ ବିଶୁଦ୍ଧ ମାନବୀୟ ଚେତନା କିମ୍ବା ମଣିଷର ମନର ସର୍ବୋଚ୍ଚ ବିକାଶ ଲାଭ କରିବାର ପ୍ରେରଣା ଏ ଯାଏ ପାଇ ପାରିନାହୁଁ । ଜୀବନ ସବୁଠାରୁ ମୂଲ୍ୟବାନ ସମ୍ପଦ । ସମୟ ସବୁଠୁ ବଳବାନ- ଏ ସମ୍ପର୍କରେ ଆମେ ଏ ଯାଏଁ ଚିନ୍ତା କରିବାର ସୁଯୋଗ ନାହାନ୍ତି । ଡନ୍‌ଲେଭୀ କହନ୍ତି- 'Poetry is not exactly the life, but the shadows of the life.'

କବିତାର ଜୀବନ, ଅବିକଳ ଜୀବନ ନୁହେଁ, ଏଠି ଜୀବନର ଜଳଛବି ହିଁ ଅଙ୍କିତ ହୋଇଥାଏ । କବିତା ଯଦି ଜନ୍ମି ନଥାନ୍ତା ଏ ପୃଥିବୀରେ କିଏ ଗାଇଥାନ୍ତା ମାଟିର ଗୀତ ବିହ୍ୱଳ ପ୍ରାଣରେ ? କିଏ ଲେଖିଥାନ୍ତା ଆକାଶର ବିଚିତ୍ର ଠାଣି ବିମୁଗ୍ଧ ଶିଳ୍ପୀ ପ୍ରାଣରେ ? ସମସାମୟିକ ଯୁଗ ଓ ଜୀବନକୁ ନେଇ ଖୁବ୍ ରସୋତୀର୍ଣ୍ଣ କବିତା ରଚିତ ହୋଇଛି ଏ ସମୟରେ । କବି ପ୍ରବୀର କୁମାର ଦାସ କହନ୍ତି- *'ଏବେ ବାରି ହୁଏ / କେମିତି ମାଟିର ଦୀର୍ଘଶ୍ୱାସ ମିଳେଇ ଯାଏ ଆକାଶରେ / କଢ ହେବା ଆଗରୁ ଫୁଲର ଆୟୁଷ କେମିତି ସରେ / ସନ୍ଧ୍ୟା ଆକାଶରେ ଫୁଟିବା ଆଗରୁ ତାରା କେମିତି ଝରେ ।'* (ଏବେ)

କବି ଜୀବନ ଗୋଟିଏ ନିଃସଙ୍ଗ କୃଷ୍ଣଚୂଡ଼ା ଗଛ ଭଳି । ବାଟୋଇ ଆଖିରେ ଏ ଗଛ କେବଳ ମୁଠାମୁଠା ସ୍ୱପ୍ନ ଓ ଅନୁରାଗ ଭରି ଦେଇଛି । ପକ୍ଷୀ ଏଠି ବସା ଗଢିଛି, ପଥିକ ଶୀତଳ ଛାଇରେ ବସିଛି । ଆମ ସମୟର କବିତାରେ ମହାପ୍ରକୃତିକୁ ଖୁବ୍ ଭାବମୟ ଦୃଷ୍ଟିରେ ମୁଗ୍ଧ ନୟନରେ ଚାହିଁ ରହେ ଶିଳ୍ପୀଟିଏ । ଭାରତବର୍ଷର ତଥା ଓଡ଼ିଶାର ସଞ୍ଜ ସକାଳ, ଋତୁଚକ୍ର, ମାଟି, ପାଣି- ପବନର ମହକ, ଖୁବ୍ ଆମୋଦିତ କରେ ପାଠକକୁ । କବି ହେମନ୍ତ ରାଉତଙ୍କ ମନ୍ତବ୍ୟରେ- *'କେତେ ଯନ୍ତ୍ରଣା ଜୀବନରେ ଉଠେ / କେତେବାର ଜଳେ / କେତେବାର ଯାଏ ଲିଭି / ସେଇ ଜ୍ୱଳନରେ ଟିକି ଟିକି କେତେ ଶବ୍ଦ ଗଢି / ମୁଁ ପାଲଟି ଯାଇଛି କବି ।'* (ଜ୍ୱଳନ)

ଆଜିର ଯୁବଗୋଷ୍ଠୀ ଜୀବନର ଟ୍ରାଜେଡ଼ିକୁ ସାହିତ୍ୟରେ ସାର୍ଥକ ରୂପ ଦେଇଛନ୍ତି । ବିଶ୍ୱସ୍ତ- ଜୀବନର କୁତ୍ସିତ ଓ ଘୃଣ୍ୟ ବିଷୟକୁ ସାହିତ୍ୟରେ ଅତ୍ୟନ୍ତ ନିଷ୍ଠାର ସହିତ ରୂପାୟନ କରୁଛନ୍ତି ଯୁବ ଲେଖକ ଗୋଷ୍ଠୀ । ଭାଗ୍ୟଲିପି ମଲ୍ଲଙ୍କ କବିତାରେ- *'କେମିତି ଭୁଲିବି ସାଥୀ / ତୁମର ସେ ମିଠା ମିଠା ମଧୁର ଆଘାତ / ଛାତି ତଳେ ଓଠ ଛୁଆଁ କଳିଜାର କ୍ଷତ ।'* (ନିରୁତ୍ତର)

ଆଜିର ମଣିଷ ଖୁବ୍ ଦୁଃଖୀ ଲୋକଟିଏ । ଯାଯାବର ପରି ଉଚ୍ଛନ୍ନାରେ ତା'ର କାନ୍ଦ କାନ୍ଦ ମୁହଁ ଓ ହୃଦୟର ବିଶାଳତାକୁ ମାପି ହୁଏ । ଅକ୍ଷୟ ପାତ୍ରଙ୍କ ଭାଷାରେ- 'ମୁଁ ଉଡ଼େ ମୁହୂର୍ତ୍ତ ମୁହୂର୍ତ୍ତର ଭାବନାର ଆକାଶରେ / ଅର୍ଥବହ ଶବ୍ଦଙ୍କ ଉର୍ଜାରେ / ମହା ଉଲ୍ଲାସରେ ।' (ଉଡ଼ାଣ)

ଆଜି ଜୀବନର ଉଡ଼ାଣ ଖୁବ୍ ଚମତ୍କାର । ଜୀବନର କିଛି ଅଂଶ ତ ପକ୍ଷୀ ଭଳି, ଜଙ୍ଗମ ସତ୍ତାର । ଆଉ କିଛି ଅଂଶ ଆକାଶ ଭଳି, ମାଟି ଭଳି, ସ୍ଥାବର ସତ୍ତାର । ଜୀବନ-ଅକ୍ଷୟ-ଅନନ୍ତ କବିଟିଏ ନିଜ ଜୀବନକୁ ନେଇ କାଠିକୁଟାର ସଂସାରର ନୀଡ଼ ରଚିବାକୁ ଚେଷ୍ଟା କରେ । ଅଥଚ ଅଥୟ ଜଳସ୍ରୋତରେ ତା'ର ଛାଇ ଭାସି ଭାସି ଯାଉଥାଏ । ଶ୍ରୀକାନ୍ତ ମହାନ୍ତିଙ୍କ ଭାଷାରେ- 'ଉଦ୍ଦେଶ୍ୟ ନଥାଇ କିମ୍ବା ଗନ୍ତବ୍ୟ ନଥାଇ / କାହିଁକି ଚିହ୍ନିକି ଯାଏ ମନ ?' (ଶୂନ୍ୟ-ବଳୀ)

ଆଜିର କବିତା ହେଉଛି ନିଃସର୍ତ୍ତ ସମୟର ଛବି । ଆଜିର କବିତା ବିଶ୍ୱଜୀବନ ପ୍ରକ୍ରିୟାର ଆବେଗ-ଉତ୍କଣ୍ଠା, ହସଲୁହ, ପ୍ରେମବିରହ, ବିବାହ, ପ୍ରଜନନ ଆଦି ତମାମ୍ ଜୀବନଗାଥା ସହିତ ସାମିଲ ହୋଇ କଳା ଦୃଷ୍ଟିର ସକଳ ସଂକୀର୍ଣ୍ଣତାକୁ ଅତିକ୍ରମ କରି ମାନବିକ ଆବେଦନର ଏକ ଉଚ୍ଚତମ ତୁଙ୍ଗିମା'କୁ ସ୍ପର୍ଶ କରୁଛି । ଜଗତ ଓ ଜୀବନର ଗଭୀର ଅନୁଶୀଳନରୁ ହିଁ ଭଲ କବିତା ସୃଷ୍ଟି ହୋଇଛି । ମୋଟା ମୋଟି ଭାବରେ କହିଲେ, ୨୦୨୦ ପରବର୍ତ୍ତୀ କବିତାରେ ନିମ୍ନ ଲକ୍ଷଣମାନ ପ୍ରକାଶିତ ହେଉଛି-

(୧) ୨୦୨୦ ପରବର୍ତ୍ତୀ କବିତାରେ ଆର୍ତ୍ତ ମଣିଷର ସ୍ୱର ଓ ସ୍ୱାକ୍ଷର ଦେଖିବାକୁ ମିଳେ । ଆଜିର କବିତା ସ୍ଥାନୀୟ ଭୂଗୋଳ ଓ ସ୍ଥାନୀୟ ସମସ୍ୟାକୁ ନେଇ ଅଧିକ ଆନ୍ତର୍ଜାତିକ ଦୃଷ୍ଟି ସମ୍ପନ୍ନ ହେବାକୁ ଚେଷ୍ଟା କରୁଛି । ଟି.ଏସ.- ଇଲିଅଟ, ୟେଟସ୍, ହୁଇଟ୍ ମ୍ୟାନଙ୍କ ବିଷାଦବାଦୀ ଚେତନା ଏବଂ କବିତାର ଅନ୍ୟାନ୍ୟ ବିଭବକୁ ନେଇ ଗୁରୁପ୍ରସାଦ, ସଚ୍ଚି ରାଉତରାୟ, କମଳାକାନ୍ତ ପ୍ରମୁଖ ଯେଉଁ କାବ୍ୟ ସ୍ୱର ଗଢିଛନ୍ତି; ଆଜିର ଜୟନ୍ତ, ହରପ୍ରସାଦ, ଆଶୁତୋଷ, ହୃଷିକେଶ, ପୀତାମ୍ବର ପ୍ରମୁଖ ନିଜସ୍ୱ ଶୈଳୀରେ ଠିକ୍ ସେହି ମାନବୀୟତାର ପରିମଣ୍ଡଳ ଗଢୁଛନ୍ତି । କବିତାର ଆଙ୍ଗିକ, ଉପମା, ଚିତ୍ରକଳ୍ପରେ ନୂତନତା ରହୁଛି । ଯୁଗ ଚେତନାରେ ଜୀବନ ବନ୍ଧା ପଡ଼ିଛି । ଆଲବର୍ଟ କାମ୍ୟୁ କହନ୍ତି- 'Poetry contains only the solitary man'

(୨) ଆଜିର କବିତା ନିଜସ୍ୱ ସଂସ୍କୃତି, ଚଳଣି, ରୁଚି ଓ ଆଦର୍ଶକୁ ନେଇ ମାଟିରେ ଠିଆ ହେବାକୁ ଚେଷ୍ଟା କରୁଛି । କବି ଅମରେନ୍ଦ୍ର ଖଟୁଆ, ହୃଷି ମଲ୍ଲିକ, ଅମରେଶ ପଟ୍ଟନାୟକ, ସରୋଜିନୀ ଷଡ଼ଙ୍ଗୀ, ପ୍ରତିଭା ଶତପଥୀ, ପ୍ରଦ୍ୟୁମ୍ନ କେଶରୀ, ଶ୍ରୀହରି ଧଳ, ହୃଦାନନ୍ଦ ପାଣିଗ୍ରାହୀ, ଗାୟତ୍ରୀବାଳା ପଣ୍ଡା ପ୍ରମୁଖ ଏଥିରେ ଅତ୍ୟନ୍ତ ନିଷ୍ଠା ଓ

ସାଧନା ବିସ୍ତାର କରିଛନ୍ତି । ନୂଆ ଜୀବନ, ନୂଆ ଆକାଶ, ନୂଆ ପୃଥିବୀର ଛବି ଅଧିକ ସାର୍ବଜନୀନ ହୋଇଛି । ପ୍ଲାଟୋ କହନ୍ତି- 'Poets are the ideal legislature of republic.'

(୩) ଆଜିର କବିତାରେ ଗୋଟିଏ ଦୃଢ କାବ୍ୟ ପରମ୍ପରାକୁ ଭାଙ୍ଗିବାର ଚେଷ୍ଟା କରାଯାଉଛି । ତ୍ରିନାଥ ସିଂହ, ବସୁଦେବ, ନରେନ୍ଦ୍ର, ଭାଗ୍ୟଲିପି, ପିନାକୀ, ପିତବାସ, ନୃସିଂହ ତରାଇଙ୍କର ଚିନ୍ତା ଓ ଚେତନାରୁ ଜଣାପଡୁଛି । ଅବଶ୍ୟ ଏମାନେ ଟ୍ରେଣ୍ଡ ଭାଙ୍ଗିପାରୁନାହାନ୍ତି । ହୁଏତ ନୂଆ ଟ୍ରେଣ୍ଡ ଗଢିବାରେ ସକ୍ଷମ ହୋଇଛନ୍ତି । କୁହାଯାଏ- 'Poetry has an idealistic tendency to uplift humanity.'

(୪) କବିତାର ଆବେଗ ଓ ମନନରେ ନିଃସଙ୍ଗ ମଣିଷ, ଅସହାୟତା ଓ ବିଷର୍ଣ୍ଣତାବୋଧ କେମିତି ମାଟିକୁ ଜାବୁଡ଼ି ଧରିଛି । ସୌଭାଗ୍ୟକାନ୍ତ, ବିପିନ, ଆଶୁତୋଷ, ଚକ୍ରପାଣି, ପ୍ରୀତିଧାରା, ସୁଜାତା, ତନ୍ମୟୀ, ଇତିଶ୍ରୀ, ନୂତନ ମହାନ୍ତି, ମମତାମୟୀ ଚୌଧୁରୀ ପ୍ରମୁଖ ଏ ଦିଗରେ ବେଶ୍ ସଚେତନଶୀଳ ଅଟନ୍ତି । କୁହାଯାଏ- 'Poetry is quite a game.'

(୫) ଦାନବ, ବିସ୍ଥାପନ ଓ ଦଳିତ ଭୂମିଟି ଅସହିଷ୍ଣୁତାରେ ଫାଟି ପଡୁଛି । ସରକାରଙ୍କ ଉଦାସୀନତା, ପ୍ରଶାସନିକ ବ୍ୟବସ୍ଥା ଲୋକପ୍ରିୟ ନହେବା, ଦଳେ ଅଣସାମ୍ବିଧାନିକ ବ୍ୟକ୍ତି ହାତରେ ଦେଶ ଚଳିବା କଥାଟା ସର୍ବସାଧାରଣରେ ସହ୍ୟ ହେଉନାହିଁ । ପିତାମ୍ବର, ଭାରତ, ବାସୁଦେବ, ନରେନ୍ଦ୍ର, ଗାଁକୁ ନେଇ ଗାଁର, ଦାନବ ଓ ଦଳିତକୁ ନେଇ ଯେମିତି ଅସ୍ଥିର କରି ଦେଉଛନ୍ତି ଗୋଟିଏ ମାନବୀୟ ଭାବ ଚେତନାରେ । ସମାଜର ତଳସ୍ତର ମଣିଷର ସମସ୍ୟା ଫୁଟ୍‌ପାଥ୍ ଜୀବନ- ମାନବିକ କରୁଣାରେ ମୂର୍ତ୍ତିମନ୍ତ ହୋଇଛି । ନିତ୍‌ସେ କହନ୍ତି- 'Poetry is a joyful wisdom.'

(୬) ପ୍ରକୃତି ମୁଗ୍ଧତା ଓ ପ୍ରତ୍ୟୟ ଚେତନା ପ୍ରତି କବିଙ୍କର ଅହେତୁକ ଭାବପ୍ରବଣତା ବଢିଛି । ହରିଶ୍ଚନ୍ଦ୍ର ବେହେରା, ଭରତ, ପ୍ରତିଭା, ଅଖିଳ, ଅଜୟ, ଧନଞ୍ଜୟ, ତ୍ରିନାଥ, ସରୋଜିନୀ ଏଥିରେ ଦୃଢ ଅଙ୍ଗୀକାର ଅଟନ୍ତି । ବିଜ୍ଞାନ ଭିତ୍ତିକ ଜୀବନକୁ ସହ ବନ୍ଧନରେ ଭିଡ଼ି ରଖିଛି ଏମାନଙ୍କ କାବ୍ୟଧାରା । ମାଟି ଓ ମଣିଷ ପ୍ରତି ଏଠି ଗଭୀର ଦରଦ ଅଛି । ଦୁଃଖ ବୋଧ ହିଁ ସକଳ ସୃଷ୍ଟିର ମୂଳ ପ୍ରେରଣା ।

(୭) ଦୁଃଖ, ଅସହାୟତା ଓ ବିଷର୍ଣ୍ଣତା ବୋଧ ଏ ସମୟର କବିତାର ମୁଖ୍ୟସ୍ୱର । ବ୍ୟକ୍ତି , ପାରିବାରିକ ହିଂସା, ଷଡ଼ଯନ୍ତ୍ର, ବିଚ୍ଛିନ୍ନ ଦାମ୍ପତ୍ୟ, ଅଭାବ ଅନଟନ, ମୁଦ୍ରାସ୍ଫୀତି- ଏସବୁର ମୁଖ୍ୟ କାରଣ । ହରପ୍ରସାଦ, ପ୍ରତିଭା, ରାଜେନ୍ଦ୍ର, ରମାକାନ୍ତ, ଅୟସକାନ୍ତ, ଅତୁଳ, ଦିଲ୍ଲୀପ, ଶତ୍ରୁଘ୍ନ, ମମତା, ଗିରିବାଳା, ବୈକୁଣ୍ଠ, ଶର୍ମିଷ୍ଠା, ବ୍ରହ୍ମାନନ୍ଦ, ସୁସ୍ମିତା, ସୌଭାଗ୍ୟ, ଶୁଭଶ୍ରୀ, ସୂର୍ଯ୍ୟ, ପ୍ରଦୀପ ପ୍ରମୁଖ ଏଥିରେ ଅଣ୍ଟା ଭିଡ଼ିଛନ୍ତି । ବହିର୍ବିଶ୍ୱର ଚିତ୍ର ଅପେକ୍ଷା ଏଠି ଅନ୍ତର୍ବିଶ୍ୱର ଚିତ୍ର ଅଧିକ ଅନୁଭବ ଧର୍ମୀ ।

(୮) ଆଧୁନିକ ବିଶ୍ୱର ଜରା, ମୃତ୍ୟୁ, ଲୁହ, ବିପଦ, ସ୍ୱପ୍ନ, ସଂଘର୍ଷ, ରୋଗ, ବୈରାଗ୍ୟ, ଭୋକ, ଭୂଇଁ- ଜୀବନର ଚିତ୍ର ସବୁଠି ଅଛି । ଅପର୍ଣ୍ଣା, ସୀମା, ସ୍ୱପ୍ନା, ଗିରିବାଳା, ପଲ୍ଲବୀ, ସ୍ୱୟଂପ୍ରଭା, ସୌରୀନ୍ଦ୍ରୀଙ୍କୁ କାବ୍ୟ ସ୍ୱର ଏଥିରେ ଖୁବ୍ ଶାଣିତ । ଦଙ୍ଗା, କୃଷକ ଆତ୍ମହତ୍ୟା, ଗଣଧର୍ଷଣ, ମରୁଡ଼ି, ଦୁଃଖଯାତନା ଚିତ୍ର ଏମାନଙ୍କ ସୃଷ୍ଟିରେ ବିଭୋର ।

(୯) ଜୀବନର ସ୍ୱରଲିପି ପାଲଟିଛି ଆଜିର କବିତା । କଳିଙ୍ଗନଗର, କାଶୀପୁର, ରାଇଘର, ରାଉରକେଲା ଓ ରାଜଧାନୀର ଘଟଣା ଚିରନ୍ତନ ଅଭାବି ମଣିଷର ଓ ଶୋଷିତ ହେବା, ଶୋଷଣ ଓ ସାମାଜିକ ନ୍ୟାୟ ଦାବୀ କରେ ।

ନୃସିଂହ ଭୋଇ, ଶୁଭଶ୍ରୀ, କେ. ଶ୍ୟାମବାବୁ, ରଞ୍ଜିତା, ନରେଶ ମଣ୍ଡଳ ପ୍ରମୁଖ ଘଟଣା ପ୍ରବାହକୁ ହିଁ ତାରିଫ କରନ୍ତି । ଏଠି ସାଧାରଣ ମଣିଷର ହାତ-ଗୋଡ଼-ପେଟ-ପିଠିର ଯନ୍ତ୍ରଣା, କାରୁଣ୍ୟ ଓ ନିରବ ବିଦ୍ରୋହକୁ ସାଥୀ କରିଛି । କୁହାଯାଏ- 'Poetry begins in relationship, not in isolation.'

(୧୦) ଲୋକ ମିଥ, ଲୋକଭାଷା ଓ ଲୋକ ପରମ୍ପରାକୁ ନେଇ ଏ ସମୟର କବିତା ଖୁବ୍ ଜୀବନ୍ତ । ହରପ୍ରସାଦ, ହୁସେନ ରବି ଗାନ୍ଧୀ, ଅମରେନ୍ଦ୍ର, ଭିକାରୀ ଧଳ, ଭାଗିରଥି ମିଶ୍ର, ହୃଷିକେଶ, ଫନୀ, ହୃଦାନନ୍ଦ, ନାରାୟଣ ପ୍ରମୁଖ, ପ୍ରାୟ ସଭିଁଙ୍କ କବିତାରେ ସାମ୍ପ୍ରତିକ ଜୀବନ ଓ ସମୟ ଗୋଟିଏ ଚଳନ୍ତି କାବ୍ୟ ପରମ୍ପରାକୁ ନୂଆ ରୂପ ଦେଇଛନ୍ତି । ମାଟି ଓ ମଣିଷ ପ୍ରତି ଏଠି ମମତା ଅଧିକ ଅଛି । ବ୍ରୁକ୍ସ କହନ୍ତି- 'Only poetry can give to make us more fully conscious of ourselves in relation to our world.'

(୧୧) ନୂତନ ସ୍ଥାପତ୍ୟ ନିର୍ମାଣ ଓ ନାଟକୀୟ ଭାଷା ଆଧୁନିକ ଜୀବନକୁ ବହୁବିଧ ରଙ୍ଗରେ ତଥା ରୂପରେ ଆକର୍ଷିତ କରିଛି । ସବୁଠି ଜୀବନର ଅଭାବନୀୟ ସ୍ଥିତି, ଅସହାୟ ଅନୁଭବ, କବିର କାନ୍‌ଭାସରେ ଯେମିତି ଅହେତୁକ ସଚେତନତା ସୃଷ୍ଟି କରିଛି । ଅମରେଶ, ଗିରିବାଳା, ହରପ୍ରସାଦ, ଦେବଦାସ, ଜୟନ୍ତ, ଅମରେନ୍ଦ୍ର, ପ୍ରତିଭା, ସୌଭାଗ୍ୟ ପ୍ରମୁଖ ନୂଆ ସଭ୍ୟତା ଓ ନୂଆ ଜୀବନର ସୂତ୍ରଧର ପାଲଟିଛନ୍ତି । ଯୁଦ୍ଧ ବିଧ୍ୱସ୍ତ ପୃଥିବୀ, ବିଶ୍ୱ ମଣିଷର ଆତ୍ମିକ ଯନ୍ତ୍ରଣା, ମାନବବାଦୀ ଚିନ୍ତାଧାରା ଓ ମୁକ୍ତି ପିପାସା ଏଠି ପର୍ଯ୍ୟାପ୍ତ ଅଛି ।

(୧୨) ଭଲ କବିତା ପାଇଁ ଭଲ ବିଷୟଗତ ଉପାଦାନ, ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଅପୂର୍ବ ସମନ୍ୱୟ ଲୋଡ଼ା । ଆଜିର କବିତାରେ ଏସବୁର ଅଭାବ ରହୁଛି । ସଂକୀର୍ଣ୍ଣତାର ଗଣ୍ଡି ଭିତରେ କବିତା ଚିରକାଳ ତିଷ୍ଠି ପାରିବ ନାହିଁ । ଯେଉଁ ସବୁ କବିଙ୍କ କବିତାରେ ଏସବୁର ଅଭାବ ଅଛି, ତା'ର ସୃଜନଶୀଳତା ସେତେ ଶସ୍ତା ମନେ ହେଉଛି । ପାଠକୀୟ ଶ୍ରଦ୍ଧା କମୁଛି । ବିଶେଷ କରି ଯୁବଗୋଷ୍ଠୀଙ୍କ ସାହିତ୍ୟ ଅଧିକ ସଚେତନଶୀଳ ହେବା ଜରୁରୀ ।

(୧୩) ଗଣତନ୍ତ୍ର ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅଧିକ ଗୁରୁତ୍ୱ ଦିଏ ଏ ସମୟର କବିତା । ୨୦୨୦ ପରବର୍ତ୍ତୀ ଓଡ଼ିଆ କବିତା ଅଧିକରୁ ଅଧିକ ଜୀବନ ମନସ୍କ ଓ ମାଟି ମନସ୍କ ହେଉ, ଯୁଗଚେତନା ଓ ଜୀବନ ଜିଜ୍ଞାସାକୁ ନେଇ କବିତାରେ ଇନ୍ଦ୍ରଧନୁର ରଙ୍ଗ ଚହଟି ଥାଉ । ସବୁ ସମୟ ଭଲ ସମୟ ହେଉ । ଫୁଲ ଫୁଟିବାର ଋତୁଟିଏ, ନୂଆ ଜୀବନର ଧାରାଟିଏ, ବିଶ୍ୱଭାତୃତ୍ୱ, ଅହିଂସା, ଶାନ୍ତି ଓ ସଦ୍‌ଭାବରେ ସମଗ୍ର ମାନବ ଜାତିକୁ ବୃହତ୍ତର କଲ୍ୟାଣ ଦିଗରେ ଏକାଠି ସଂଗଠିତ କରୁ- ଏହା ହିଁ କାମନା । ଯଥାର୍ଥରେ କୁହାଯାଏ- 'First vision, then poetry.'

ପାଳଗୁଡ଼ା, ଅଟବା, ମୟୂରଭଞ୍ଜ
ମୋ. ୭୬୦୬୯୯୫୬୯୯

❑❑❑

ଦୁର୍ଗୋତ୍ସବ ତତ୍ତ୍ୱ

● ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ଭାରତୀୟ ସଂସ୍କୃତିରେ ଦେବୀ ଦୁର୍ଗା- ଆଦ୍ୟାଶକ୍ତି, ବିଶ୍ୱ ପ୍ରସବିନୀ, ବିଶ୍ୱ ପାଳୟିତ୍ରୀ, ମହାପ୍ରକୃତି, ଜଗଦ୍ଧାତ୍ରୀ । ଅନ୍ୟ ଦିଗରେ ସେ ଶିବ ଘରଣୀ- ପାର୍ବତୀ, ହିମାଳୟ- ମେନକା କନ୍ୟା ହୈମବତୀ ଉମା । ଏଇ ଦ୍ୱି- ରୂପରେ ଦେବୀ ଦୁର୍ଗା ବିରାଜମାନ । ଭାରତବର୍ଷର ଆଦର୍ଶ ସତ୍ୟମ୍- ଶିବମ୍- ସୁନ୍ଦରମ୍; ତେନ ତ୍ୟାକ୍ତେନ ଭୂଞ୍ଜିଥାଃ ଇତ୍ୟାଦି । ଦେବୀ ମହାମାୟା ଆଦ୍ୟାଶକ୍ତି ଜଗଜ୍ଜନନୀ ମା' ଦୁର୍ଗା ଆମ ଭାରତୀୟ ସଂସ୍କୃତିରେ ଓତଃପ୍ରୋତ ଭାବେ ମିଶିଯାଇଛନ୍ତି । ଆମେ ଭାରତବାସୀଗଣ ବିଶେଷ କରି ବଙ୍ଗାଳୀ ଓ ଓଡ଼ିଆ ଭାଷାଭାଷୀ ଲୋକମାନେ ଦେବୀ ଦୁର୍ଗାଙ୍କୁ ଆମର ହୃଦୟରେ ଐତିହ୍ୟର ଧାରାବାହିକତାରେ ନିଜ ନିଜର ମା ବା କନ୍ୟା ବିଚିତ୍ର ରୂପରେ ଦେବୀ ଦୁର୍ଗାର ସ୍ୱରୂପ ଉପଲବ୍ଧ କରିବାର ପ୍ରଚେଷ୍ଟା କରାଯାଇଛି । ଦେବୀ ଦୁର୍ଗା ମହିଷାସୁରମର୍ଦ୍ଦିନୀ, ଅସୁର ବିନାଶିନୀ, ଦଶଭୁଜା, କେତେବେଳେ ଅଷ୍ଟଦଶଭୁଜା, କେତେବେଳେ ସହସ୍ରଭୁଜା; କେତେବେଳେ ଚଣ୍ଡୀ, କେତେବେଳେ କାଳୀ, କେତେବେଳେ ଅନ୍ନପୂର୍ଣ୍ଣା, କେତେବେଳେ ଶାକମ୍ଭରୀ, କେତେବେଳେ ଜଗଦ୍ଧାତ୍ରୀ, କେତେବେଳେ ସ୍ନେହର ଦୁଲାଳୀ କନ୍ୟା ଉମା । ଦେବଦେବ ମହାଦେବ ଶିବ ଆମ ଘରର ଜାମାତା । କେତେବେଳେ ସିଦ୍ଧି ଦାତା ଭାବରେ ବିଚିତ୍ର ରୂପ ଉପଲବ୍ଧ କରାଯାଇଛି । ସେଇ ରୂପ ଓ ଭାବ ପ୍ରକାଶିତ ହୋଇଛି ବେଦରେ,ବିଭିନ୍ନ ପୁରାଣରେ, ଜାତୀୟ ମହାକାବ୍ୟ- ରାମାୟଣ, ମହାଭାରତ ଓ ବିଭିନ୍ନ ତନ୍ତ୍ରଶାସ୍ତ୍ରରେ ଏବଂ ଅନ୍ୟାନ୍ୟ ଶାସ୍ତ୍ର ଗ୍ରନ୍ଥରେ । ତାଙ୍କର ବିଚିତ୍ର ରୂପ ଏଠାରେ ପ୍ରକାଶିତ । ଦୁର୍ଗୋତ୍ସବ ତତ୍ତ୍ୱ ତାହାର ଗୋଟିଏ ଦିଗ ମାତ୍ର । ସର୍ବୋପରି ଦେବୀଦୁର୍ଗା ସର୍ବମଙ୍ଗଳକାରିଣୀ, ବିଘ୍ନନାଶକାରିଣୀ, ଆନନ୍ଦମୟୀ ମା' ଦୁର୍ଗା, ଜଗଦ୍ଧାତ୍ରୀ, ଶାକମ୍ଭରୀ, ଚଣ୍ଡୀ, ତାରା, ଅନ୍ନଦାତ୍ରୀ ରୂପେ ପରିଚିତ, ସେ ବିଶ୍ୱର ମା, ଆମର ମା, ଆମ୍ଭମାନଙ୍କର ଘରର ମା, ଆମ୍ଭମାନଙ୍କର ଘରର କନ୍ୟା ଉମା- ପାର୍ବତୀ ଇତ୍ୟାଦି ।

"ଦୁର୍ଗୋଦୈତ୍ୟ ମହାବିଘ୍ନେ ଭବବନ୍ଧେ କୁକର୍ମାଣି
ଶୋକେଦୁଃଖେ ନ ନରକେ ଯମଦଣ୍ଡେ ଚ ଜନ୍ମାନି ।"

"ମହାଭୟେ ଅତିରୋଗେ ଚାପ୍ୟଶବ୍ଦୋ ହନ୍ତୁ ବାଚକଃ
ଏତାନ୍ ହନ୍ତେବ୍ୟ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା ।"
(ବ୍ରହ୍ମବୈବର୍ତ୍ତପୁରାଣ, ପ୍ରକୃତିଖଣ୍ଡ ୫୩ ଅଧ୍ୟାୟ)

ଦୁର୍ଗ ଶବ୍ଦର ବାଚ୍ୟ ଦୁର୍ଗନାମକ ଦୈତ୍ୟ, ମହାବିଘ୍ନ, ଭବବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମ, ମହାଭୟ, ଅତିରୋଗ ଏବଂ ମା' ଶବ୍ଦ ହେଲା ହନ୍ତୁବାଚକ । ଏଇ ସବୁକୁ ହନନ କରନ୍ତି ଯେଉଁ ଦେବୀ ସେ ଦୁର୍ଗା ନାମରେ ପରିକୀର୍ତ୍ତିତା । (ଶବ୍ଦକଳ୍ପଦ୍ରୁମ ଅନୁସାରେ ବ୍ୟାଖ୍ୟା)

ଯୁଗଯୁଗ ଧରି ଗୋଲକରେ, ସ୍ୱର୍ଗରେ ଓ ମର୍ତ୍ତଧାମରେ ମହାତ୍ମାଗଣ ବିପଦରେ ସମ୍ମୁଖୀନ ହୋଇ ଆଦ୍ୟାଶକ୍ତି ମହାମାୟା ତଥା ଦୁର୍ଗାପୂଜାର ଦୁଇଟିରୂପ ଉପଲବ୍ଧ କରିଥିଲେ ଦୁର୍ଗାପୂଜାର ଶାସ୍ତ୍ରରେ ଉଲ୍ଲେଖ ଅଛି । ପ୍ରଥମଟି ଶାରଦୀୟ ପୂଜା, ଅପରଟି ବାସନ୍ତୀ ପୂଜା । କାଳିକା ପୁରାଣ, ଦେବୀ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ କେବଳ ଶାରଦୀୟ ଦୁର୍ଗାପୂଜା ବିଧି ଦୃଷ୍ଟିଗୋଚର ହୁଏ । ଓଡ଼ିଶାରେ ଶରତ ଋତୁ (ଆଶ୍ୱିନମାସ ଶୁକ୍ଳପକ୍ଷ) ଓ ବସନ୍ତ ଋତୁ(ଚୈତ୍ରମାସ ଅମାବାସ୍ୟାଠାରୁ ଶୁକ୍ଳପକ୍ଷ)ରେ ଯଥାକ୍ରମେ ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜା ଜନସାଧାରଣଙ୍କ ଦ୍ୱାରା ପାଳନ କରାଯାଉଅଛି । ପୁରାଣରେ ଉଲ୍ଲେଖ ଅଛି, ଦୁର୍ଜୟ ରାକ୍ଷସ କୂଳର ଧ୍ୱଂସ ପାଇଁ ରଘୁକୂଳତିଳକ ଶ୍ରୀରାମଚନ୍ଦ୍ର ଅକାଳରେ ଦେବୀଙ୍କର ବୋଧନ କରି ପୂଜା କରିଥିଲେ,- ଏଇ ପୂଜା ହିଁ ବାସନ୍ତୀ ପୂଜା ନାମରେ ଅଭିହିତ । ଆମ୍ଭେମାନେ ରାମଚନ୍ଦ୍ରକୃତ 'ଶାରଦୀୟପୂଜା'ର ବିଷୟ ପୁରାଣରେ ଦେଖିବାକୁ ପାଇଥାଉଁ । କିନ୍ତୁ ସୁରଥକୃତ 'ଦୁର୍ଗାପୂଜା'ର କିଛି ନିଦର୍ଶନ ପାଉନା । ଯଦିଓ ବ୍ରହ୍ମବୈବର୍ତ୍ତ ପୁରାଣ 'ପ୍ରକୃତିଖଣ୍ଡ' ସୁରଥକୃତ ଦୁର୍ଗାପୂଜାର ଉଲ୍ଲେଖ ଅଛି ତାହା ବାସନ୍ତୀ ପୂଜା ନୁହେଁ, ଶାରଦୀୟ ଦୁର୍ଗା ପୂଜା ନାମରେ ଖ୍ୟାତ ।

ବ୍ରହ୍ମବୈବର୍ତ୍ତ ପୁରାଣରେ ପ୍ରକୃତି ଖଣ୍ଡର ୫୭ ଅଧ୍ୟାୟରେ ଏଇ ଦୁର୍ଗା ପୂଜାର ଉଲ୍ଲେଖ ଅଛି-

ପ୍ରଥମେ ପୂଜିତା ସାଚ କୃଷ୍ଣେଣ ପରମାତ୍ମନା । / ବୃନ୍ଦାବନେ ଚ ସୃଷ୍ଟାଦୌ
ଗୋଲକେ ରାସମଣ୍ଡଳେ । ମଧୁ କୈଟଭ ଭୀତେନ ବ୍ରହ୍ମଣାସା ଦ୍ୱିତୀୟତଃ ।/ ତ୍ରିପୁର
ପ୍ରେରିତ ନୈତ ତୃତୀୟେ ତ୍ରିପୁରାରିଣା । / ଭ୍ରଷ୍ଟଶ୍ରିୟା ମହେନ୍ଦ୍ରେଣ ଶାପାଦ୍ ଦୁର୍ବାସସ

ପୁରା । / ଚତୁର୍ଥେ ପୂଜିତା ଦେବୀ ଭକ୍ତା ଭଗବତୀ ସତୀ ।/ ତଦା ମୁନୀନ୍ଦ୍ରେଃ ସିଦ୍ଧେନ୍ଦ୍ରଃ ଦୈବେସୂ ମୁନି ପୁଙ୍ଗୈବଃ । / ପୂଜିତା ସର୍ବବିଶ୍ୱେଷୁ ବଭୁବ ସର୍ବତ ସଦା । / ତେଜଃସୁ ସର୍ବଦେବାନାଂ ଆବିର୍ଭୂତା ପୁରାମୁନେ । / ସର୍ବେ ଦେବାଃ ଦଦୁସ୍ତେସ୍ୟ ଅସ୍ତ୍ରାଣି ଭୂଷଣାନି ।/ ଦୁର୍ଗାଦୟଶ୍ଚ ଦୈତ୍ୟଶ୍ଚ ନିହତା ଦୁର୍ଗୟା ଭୟା ।/ ଦତ୍ତ ସ୍ୱରାଜ୍ୟେଂ ଦେବଭ୍ୟୋ ବରଞ୍ଚଯଦ ଭୀପ୍ତିତମ୍ । / କଳ୍ପାନ୍ତରେ ପୂଜିତାସା ସୁରଥନ ମହାତ୍ମନା ।/ ରାଜ୍ଞା ମେଧସ୍ ଶିଷ୍ୟେନ ପୁନ ଯ୍ୟାଞ୍ଚ ସହତଟେ ।

ସୃଷ୍ଟିର ପ୍ରଥମାବସ୍ଥାରେ ପରମାତ୍ମା ଶ୍ରୀକୃଷ୍ଣ ରାସମଣ୍ଡଳ ଗୋଲକ ଓ ବୃନ୍ଦାବନରେ ପ୍ରଥମେ ଦେବୀଙ୍କ ପୂଜା କରିଥିଲେ । ଦ୍ୱିତୀୟରେ, ମଧୁକୈଟଭ ଭୟରେ ବ୍ରହ୍ମା, ତୃତୀୟରେ ତ୍ରିପୁରାସୁର ଭୟରେ ତ୍ରିପୁରାରି ମହାଦେବ, ଚତୁର୍ଥରେ ପ୍ରାଚୀନ କାଳରେ ଦୁର୍ବାସାର ଶାପରେ ଭ୍ରଷ୍ଟଶ୍ରୀ ଦେବେନ୍ଦ୍ର ଭକ୍ତି ପୂର୍ବକ ଚିନ୍ମୟୀ ଭଗବତୀ ଦେବୀର ଆରାଧନା କରିଥିଲେ, ସେଇ ସମୟରେ ମୁନୀନ୍ଦ୍ର, ସିଦ୍ଧେନ୍ଦ୍ର, ଦେବ ଓ ମୁନିପୁଙ୍ଗବଗଣ ଦୁର୍ଗାପୂଜା କରିଥିଲେ । ସେଇ ସମୟରୁ ଦେବୀ ଦୁର୍ଗାଙ୍କ ପୂଜା ପ୍ରଚାରିତ ହୋଇଥିଲା । ହେ ମୁନିଗଣ ! ପ୍ରାଚୀନ କାଳରେ ଦେବୀ ଦୁର୍ଗା ସମସ୍ତ ଦେବବୃନ୍ଦଙ୍କ ତେଜପୁଞ୍ଜରୁ ଆବିର୍ଭାବ ହୋଇଥିବା କାରଣରୁ ଦେବଗଣ ତାଙ୍କୁ (ଦେବୀ ଦୁର୍ଗାଙ୍କୁ) ଅସ୍ତ୍ରଶସ୍ତ୍ର ଓ ଭୂଷଣାଦି ନାନା ସ୍ୱର୍ଣ୍ଣ ମଣିରତ୍ନ ଅଳଙ୍କାର ପ୍ରଦାନ କରିଥିଲେ । ସେଇ ଦୁର୍ଗାଦେବୀ ଶତ୍ରୁମାନଙ୍କୁ ଓ ଦୈତ୍ୟଗଣଙ୍କୁ ବିନାଶ କରି ଦେବତାମାନଙ୍କୁ ଅଭିଷ୍ଟ ବର ଓ ସ୍ୱରାଜ୍ୟ ଫେରାଇ ଦେଇଥିଲେ । ହେ ମୁନିଗଣ, କଳ୍ପାନ୍ତରେ ମେଧସ୍ ଶିଷ୍ୟ ମହାତ୍ମା ସୁରଥ, ନଦୀ ତୀରରେ ମୃଣ୍ମୟୀ ମୂର୍ତ୍ତିରେ ସେଇ ଦୁର୍ଗାଦେବୀଙ୍କ ପୂଜା କରିଥିଲେ ତାହା ମନୋବାଞ୍ଛା ପୂରଣ ଓ ରାଜ୍ୟ ଫେରିପାଇବା ଉଦ୍ଦେଶ୍ୟରେ ।

ତାଃ ସର୍ବା ପୂଜିତାଃ ପୃଥ୍ୱ୍ୟାଂ ପୂର୍ଣ୍ଣ୍ୟକ୍ଷେତ୍ରେ ଚ ଭାରତେ ।/ ପୂଜିତା ସୁରଥେ ନାଦୌ ଦୁର୍ଗା ଦୁର୍ଗତିନାଶିନୀ ।/ ତତଃ ଶ୍ରୀରାମଚନ୍ଦ୍ରେନ ରାବଣସ୍ୟ ବଧାର୍ଥିନା ।/ ତତ୍‌ପଶ୍ଚାତ୍ ଜଗତାଂ ମାତା ତ୍ରିଶୁଲୋକେଷୁ ପୂଜିତା । (ଦେବୀ ଭାଗବତ ୮ମସ୍କନ୍ଦ, ପ୍ରଥମ ଅଧ୍ୟାୟ) ।

ପୃଥିବୀର ଭିନ୍ନ ସ୍ଥାନରେ ଦେବୀଙ୍କ ଅନ୍ୟାନ୍ୟ ପୂଜା ପ୍ରଚଳନ ହୋଇଥିଲା, କିନ୍ତୁ ପୁଣ୍ୟକ୍ଷେତ୍ର ଏଇ ଭାରତବର୍ଷରେ ପ୍ରଥମତଃ ସୁରଥ ଦୁର୍ଗତିନାଶିନୀ ଦୁର୍ଗାଦେବୀଙ୍କ ପୂଜା ଆରମ୍ଭ କରିଥିଲେ । ପୁଣି ଶ୍ରୀରାମଚନ୍ଦ୍ର ରାବଣର ବିନାଶ ପାଇଁ ଦେବୀ ଦୁର୍ଗାଙ୍କ

ଅର୍ଚ୍ଚନା କରିଥିଲେ । ତା'ପରେ ତ୍ରିଭୁବନରେ ଆଦ୍ୟାଶକ୍ତି ଜଗନ୍ମାତା ଦେବୀଦୁର୍ଗାଙ୍କ ପୂଜାର ପ୍ରଜାର ପ୍ରସାର ହୋଇଥିଲା ।

ସୁରଥ କର୍ତ୍ତୃକ ଶାରଦୀୟ ଦୁର୍ଗାପୂଜା

ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତିଖଣ୍ଡରେ ୫୮/୬୧/୬୫ ଅଧ୍ୟାୟରେ ବର୍ଣ୍ଣିତ ଅଛି-

ବ୍ରହ୍ମାଙ୍କ ପୁତ୍ର ଅତ୍ରି, ଅତ୍ରିଙ୍କ ପୁତ୍ର ଚନ୍ଦ୍ର, ଚନ୍ଦ୍ରଙ୍କ ଔରସରୁ ତାରାଙ୍କ ଗର୍ଭରେ ବୁଦ୍ଧ ଜନ୍ମଲାଭ କରେ, ବୁଦ୍ଧଙ୍କ ପୁତ୍ର ଚୈତ୍ର, ଚୈତ୍ର ବଂଶ ସମୁଦ୍‌ଭବ ସୁରଥ । ସ୍ୱୟଂଭୁ ମନୁଙ୍କ ବଂଶରେ ଧ୍ରୁବ ପୌତ୍ର ଉତ୍କଳ ନନ୍ଦନ ବଳବାନ ନନ୍ଦୀ ଶତାଧିକ ସୈନ୍ୟ ନେଇ ମହାମତି ସୁରଥ ରାଜାଙ୍କ ରାଜଧାନୀ କୋଳନଗର ଆକ୍ରମଣ କଲେ । ସୁରଥ ରାଜାଙ୍କ ସହିତ ନନ୍ଦୀଙ୍କ ବର୍ଷବ୍ୟାପୀ ଯୁଦ୍ଧ ହେଲା । ଯୁଦ୍ଧରେ ନନ୍ଦୀ ମହାରାଜା ସୁରଥଙ୍କୁ ତାଙ୍କ ରାଜ୍ୟରୁ ବିତାଡ଼ିତ କଲେ । ତା'ପରେ ମହାରାଜ ସୁରଥ ରାତ୍ରିକାଳରେ ଘୋଡ଼ାରେ ଚଢ଼ି ଗହନ ବନରେ ପ୍ରବେଶ କରିଥିଲେ । ସେହିପରି ସମାଧି ନାମକ ବୈଶ୍ୟ, ସ୍ତ୍ରୀ ପୁତ୍ରଙ୍କ ଦ୍ୱାରା ବିତାଡ଼ିତ ହୋଇ ଜଙ୍ଗଲକୁ ପ୍ରସ୍ଥାନ କରିଥିଲେ । ସେଠାରେ 'ପୁଷ୍ପଭଦ୍ରା' ନଦୀ ତୀରରେ ବିବେକାବାନ ବୈଶ୍ୟଙ୍କ ସହିତ ସୁରଥଙ୍କ ସାକ୍ଷାତ ହୁଏ । ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ହୁଏ । ଉଭୟେ ଗଭୀର ଶୋକ ଓ ଦୁଃଖରେ ମହାମୁନୀ ମେଧସଙ୍କ ଆଶ୍ରମକୁ ଯାଇ ତାଙ୍କୁ ସେମାନଙ୍କର ଦୁଃଖ ଜଣାନ୍ତି । ସେଠାରେ ମେଧସ୍ ଋଷି ସେମାନଙ୍କୁ ମାୟାର ପ୍ରଭାବ ବିଷୟ ବୁଝାଇଥିଲେ ଓ କେବଳ ମହାମାୟାଙ୍କ ଉପାସନା ଦ୍ୱାରା ମାୟା ପରାହତ ହେବ ବୋଲି କହିଲେ । ଏହି ମର୍ମରେ ସେ ଦେବାସୁର ସଂଗ୍ରାମ ଓ ଶ୍ରୀଚଣ୍ଡୀ ମାହାତ୍ମ୍ୟ ଶୁଣାଇଲେ । ସେତେବେଳେ ମହାମୁନି ମେଧସ ସୁରଥ ଓ ବୈଶ୍ୟଙ୍କୁ ନଦୀତୀରରେ ଆଦ୍ୟାଶକ୍ତି ମହାମାୟା ଦେବୀ ଦୁର୍ଗାଙ୍କ ଆରାଧନା କରିବାକୁ ଉପଦେଶ ଦେଲେ । ତେଣେ ରାଜା ଓ ବୈଶ୍ୟ ମାଟିରେ ମୂର୍ତ୍ତି ତିଆରି କରି ଶରତ କାଳରେ ନଦୀ ତୀରରେ ମହାମାୟା ସନାତନୀ ଆଦ୍ୟାଶକ୍ତି ଦୁର୍ଗାଙ୍କ ଆରାଧନା କଲେ । ଏହା ଚୈତ୍ର ନବମୀ ଦିନ ହୋଇଥିଲା । ଫଳରେ ରାଜା ଭ୍ରଷ୍ଟ ରାଜ୍ୟ ଫେରି ପାଇଲେ ଓ ସମାଧିଙ୍କ ଆତ୍ମଜ୍ଞାନ ଲାଭ ହେଲା । ସେହି ଦିନ ଠାରି ମୃଣ୍ମୟୀ ଦେବୀପୂଜା ରାଷ୍ଟ୍ରୀୟସ୍ତରରେ ପ୍ରଚଳନ ହେଲା । ପ୍ରକାଶ ଥାଉକି, ମହାରାଜ ସୁରଥ ଜନ୍ମାନ୍ତରେ ମନୁ ହୋଇ ଜନ୍ମଗ୍ରହଣ କଲେ ।

ରାମଚନ୍ଦ୍ର କର୍ତ୍ତୃକ ଶାରଦୀୟ ଦେବୀ ଦୁର୍ଗାଙ୍କ ପୂଜା/ ଅକାଳବୋଧନ:-

ମହାଶକ୍ତିରୂପିଣୀ ଶ୍ରୀ ଶ୍ରୀ ମହିଷାସୁରମର୍ଦ୍ଦିନୀ ଦୁର୍ଗାଙ୍କ ପୂଜା ବିଶ୍ୱ ବୈଚିତ୍ର୍ୟର କାରଣ ସ୍ୱରୂପିଣୀ ମହାଶକ୍ତି- ମହାମାୟାଙ୍କ ପୂଜା, ଯେ ମହାଶକ୍ତି ମହାମାୟା ବିଶ୍ୱ ବୈଚିତ୍ର୍ୟର ସୃଷ୍ଟି- ସ୍ଥିତି- ବିନାଶର ମୂଳ କାରଣ ସ୍ୱରୂପ । କଥିତ ଅଛି ଯେ, ଶ୍ରୀରାମଚନ୍ଦ୍ର ସୀତା ଦେବୀଙ୍କୁ ଉଦ୍ଧାର ଓ ଲକ୍ଷାଧିପତି ରାଜା ଦଶାନନଙ୍କୁ ବଧ ବା ବିନାଶ କରିବା ପାଇଁ ମହାଶକ୍ତି ଶ୍ରୀଶ୍ରୀ ଦୁର୍ଗାଦେବୀଙ୍କ ପୂଜା କରିଥିଲେ । କିନ୍ତୁ ଦେବୀଙ୍କର ଅକାଳ ପୂଜା କରାଯିବା ସଂପର୍କରେ ମତଭେଦ ଅଛି । ଏହି ମତ ଭେଦ ଶାସ୍ତ୍ର ଓ ଯୁକ୍ତି ସମ୍ମତ । ମହର୍ଷି ବାଲ୍ମିକୀ ରଚିତ ରାମାୟଣ ମହାକାବ୍ୟରେ ଅଛି ଯେ, ଶ୍ରୀରାମଚନ୍ଦ୍ର ସୂର୍ଯ୍ୟବଂଶରେ ଜାତ ପରମ କ୍ଷତ୍ରିୟ ବୋଲି ଦଶାନନଙ୍କୁ ବିନାଶ କରିବା ପାଇଁ ସୂର୍ଯ୍ୟପୂଜା କରିଥିଲେ । ସେଥିପାଇଁ ସୂର୍ଯ୍ୟ ଦେବତାଙ୍କ ପାଖରୁ ବର ଲାଭ କରିଥିଲେ । କିନ୍ତୁ ବଙ୍ଗଳା ରାମାୟଣ ମହାକାବ୍ୟରେ ଫୁଲିଆର କବି କୃତିବାସ ସେଇ ଘଟଣାକୁ ଭିନ୍ନ ଭାବରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ଶ୍ରୀରାମଚନ୍ଦ୍ର ଦେବୀ ମହାମାୟାଙ୍କ ପୂଜା କରିଥିଲେ । ଅକାଳେ ଆଶ୍ୱିନ ମାସରେ ଦଶାନନଙ୍କୁ ଯୁଦ୍ଧରେ ବଧ କରିବା ପାଇଁ ଏବଂ ଯୁଦ୍ଧରେ ଜୟ ଲାଭ କରିବା ଉଦ୍ଦେଶ୍ୟରେ । କିନ୍ତୁ କୃତିବାସଙ୍କ ବର୍ଣ୍ଣନା ଠିକ୍ ନୁହେଁ ବୋଲି ଐତିହାସିକମାନେ ମନେକରନ୍ତି । ଅଥଚ ବାଂଲାଦେଶରେ ତଥା ଭାରତୀୟ ସମାଜରେ ଲୋକମାନେ କୃତିବାସଙ୍କ ବଙ୍ଗଳା ରାମାୟଣକଥା ଓ ଘଟଣାକୁ ଅନୁସରଣ କରି ଅକାଳେ ଆଶ୍ୱିନ ମାସରେ ଶ୍ରୀ ଶ୍ରୀ ଦୁର୍ଗାଦେବୀଙ୍କ ପୂଜା କରିଆସୁଛନ୍ତି । କବି କୃତିବାସ ରାମାୟଣ ମହାକାବ୍ୟ ମାଧୁର୍ଯ୍ୟର ସୁଷମା ଦେଇ ଅପରୂପ ଭାବେ ଦେବୀଦୁର୍ଗାଙ୍କ ବର୍ଣ୍ଣନା କରିଛନ୍ତି । ଶ୍ରୀରାମଚନ୍ଦ୍ର ଦେବୀ ଆରାଧନାରେ ପ୍ରଥମେ ସଫଳ ହୋଇନାହାନ୍ତି । କିନ୍ତୁ ଦେବୀ ଭକ୍ତର ପରୀକ୍ଷା ନିମନ୍ତେ ଗୋଟିଏ ପଦ୍ମ ଲୁଚାଇ ରଖିଥିଲେ । ୧୦୮ ନୀଳପଦ୍ମ ଦେଇ ଦେବୀଙ୍କ ପୂଜା କରିଥିଲେ । ସେତେବେଳେ ଶ୍ରୀରାମଚନ୍ଦ୍ର ଗୋଟିଏ ପଦ୍ମ ଖୋଜି ନ ପାଇ ତାଙ୍କର ଧନୁର୍ବାଣ ଦ୍ୱାରା ନିଜର ଗୋଟିଏ ଚକ୍ଷୁ ଦାନ କରି ମାଆଙ୍କ ପୂଜାପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ । ସେତେବେଳେ ଦେବୀ ମହାମାୟା ଶ୍ରୀରାମଚନ୍ଦ୍ରଙ୍କ ପରୀକ୍ଷାରେ ସନ୍ତୁଷ୍ଟ ହୋଇ ଭକ୍ତର ମନସ୍କାମନା ପୂରଣ କରିଥିଲେ ।

"ଦେବୀ ଭାଗବତ" ଓ "କୃତ୍ତିବାସ ରାମାୟଣ" ବର୍ଣ୍ଣନାନୁଯାୟୀ ଶ୍ରୀରାମଚନ୍ଦ୍ର ଶରତ କାଳରେ ଦେବୀ ପୂଜା କରି ରାବଣକୁ ଦଶମୀ ଦିନ ବଧ କରିଥିଲେ । ଏଣୁ

ଶାରଦୀୟ ଦୁର୍ଗୋତ୍ସବ ବା ନବରାତ୍ରି ପାଳନ ହୁଏ ଓ ରାବଣ ବଧର ସ୍ମାରକୀରେ ବିଜୟା ଦଶମୀ ପାଳିତ ହୁଏ ।

କାହିଁକି ହୁଏ ମାତୃଶକ୍ତିର ଉପାସନା :-

ଅନାଦି କାଳରୁ ଭାରତ ମାତୃତାନ୍ତ୍ରିକ ଦେଶ ଭାବରେ ପରିଚିତ । ଏ ସଂପର୍କରେ ସିନ୍ଧୁ ସଭ୍ୟତାର ନାରୀମୂର୍ତ୍ତି, ମାତୃଶକ୍ତିଙ୍କ ମୂର୍ତ୍ତି, ପ୍ରସ୍ତର ଓ ଚକ୍ର ସମୂହ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ପ୍ରମାଣ ଦିଏ । ଏତଦ୍‌ବ୍ୟତୀତ ଭାରତୀୟ ସଂସ୍କୃତିରେ ବୈଦିକ ଯୁଗରୁ ଏ ପର୍ଯ୍ୟନ୍ତ ଏ ସୃଷ୍ଟିର ଆଦ୍ୟାଶକ୍ତି ରୂପେ ମାତୃଶକ୍ତିକୁ ଗ୍ରହଣ କରାଯାଇଛି । କାରଣ ମାତୃ ଉପାସନା ମୋକ୍ଷଧର୍ମୀ ଓ ଆଦିମ ଉପାସନା । ମାନବଜାତିର ସୃଷ୍ଟି ମାତୃଶକ୍ତି ମାଧ୍ୟମରେ ହୁଏ । ଏଥିଷର 'ପୁରୁଷ' ସଂଶ୍ଳିଷ୍ଟ ଥିଲେ ମଧ୍ୟ, ବୈଜ୍ଞାନିକ ଓ ଶାସ୍ତ୍ରୀୟ ମତରେ ସୃଷ୍ଟି କାର୍ଯ୍ୟର ଏକ ମୌଳିକ ଆଧାର ହେଲା ମାତୃଶକ୍ତି । ଏ ସିଦ୍ଧାନ୍ତଟି ଜୀବଜଗତ, ପ୍ରାଣୀଜଗତ ଓ ଉଦ୍ଭିଦଜଗତ ସର୍ବତ୍ର ଉପଲବ୍ଧ । ଏଣୁ ସୃଷ୍ଟିର ମୂଳ ଆଧାର (ଆଧାର ଭୂତାଃ ଜଗତସ୍ତ୍ୱ ମେକା, ମହାସ୍ୱରୂପେଣ ଯତଃ ସ୍ଥିତାଂସି)କୁ ଭାରତୀୟ ଶାକ୍ତମାନେ "She Power" ଅର୍ଥାତ୍ ମାତୃଶକ୍ତି ରୂପେ ପ୍ରତିଷ୍ଠା କରିଛନ୍ତି । ଏ ବିଷୟରେ ଭାରତର ବିଭିନ୍ନ ତନ୍ତ୍ର ସାହିତ୍ୟରେ ଦାର୍ଶନିକ ବିଶ୍ଳେଷଣ କରାଯାଇଛି । ଏଣୁ ଆଚାର୍ଯ୍ୟ ଶଙ୍କର ସର୍ବ ପ୍ରଥମେ ଅଷ୍ଟମ ଶତାବ୍ଦୀରେ ଏହି ଶକ୍ତିଙ୍କ ପରାକାଷ୍ଠାର ଉପଲବ୍ଧି କରି ସ୍ୱରଚିତ 'ଆନନ୍ଦଲହରୀ'ରେ ଶକ୍ତି ଓ ଶିବଙ୍କ ସମ୍ମିଳିତ ଉପାସନାର ଧାରା ପ୍ରବର୍ତ୍ତନ କରିଥିଲେ ।

ଶକ୍ତି ପୂଜାର ରହସ୍ୟ:

ପ୍ରତୀକାତ୍ମକ ଭାବରେ ଦାର୍ଶନିକମାନେ କହିଛନ୍ତି ଯେ ଏ ମନୁଷ୍ୟର ହୃଦୟ ରୂପକ ଦୁର୍ଗରେ ସତ୍ୟ, ଜ୍ଞାନ ଓ ଆନନ୍ଦରୂପୀ ଶକ୍ତି ବା ଦୁର୍ଗାଙ୍କୁ ଅଧିଷ୍ଠିତ କରାଯାଏ । ମହିଷ ଅଜ୍ଞାନର ପ୍ରତୀକ । ଏଣୁ ଯୁଗେ ଯୁଗେ ଶାକ୍ତମାନେ ହୃଦୟ ରୂପକ ଦୁର୍ଗରେ ସତ୍ୟ, ଜ୍ଞାନ, ଶକ୍ତି ଓ ଆନନ୍ଦରୂପୀ ଦୁର୍ଗାଙ୍କୁ ଅଧିଷ୍ଠିତ କରି ସକଳ ଅଜ୍ଞାନ, ହିଂସା, ପାଶବିକତା ଓ ପ୍ରବୃତ୍ତିରୂପୀ ଅସୁରମାନଙ୍କୁ ଦୂର କରିବା ପାଇଁ ଶକ୍ତି ଆରାଧନା କରିଆସୁଛନ୍ତି । ଏଥିପାଇଁ ଶରୀର ମଧ୍ୟରେ ଏକ ଷଟଚକ୍ର ରୂପୀ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଯାଏ ଓ ପରିଶେଷରେ ଶିବ ଶକ୍ତିଙ୍କ ଐକ୍ୟ ଉପଲବ୍ଧି କରାଯାଏ ।

ଉପସଂହାର-

ବିଜ୍ଞାନ ଓ ବେଦ ଉଭୟ ଦୃଷ୍ଟିରେ ସୃଷ୍ଟିର ସଂସ୍ଥିତିଠାରୁ ଆରମ୍ଭ କରି ସର୍ବାଙ୍ଗୀଣ ଅଭ୍ୟୁତ୍‌ଥାନ ପର୍ଯ୍ୟନ୍ତ ସକଳ କ୍ଷେତ୍ରରେ ଶକ୍ତିଙ୍କର ମହିମା ପ୍ରକଟିତ । ସେ ସୂର୍ଯ୍ୟଙ୍କର ଜ୍ୟୋତି, ଚନ୍ଦ୍ରରେ ଜ୍ୟୋସ୍ନା, ଜଳରେ ତରଳତା, ଅଗ୍ନିରେ ଉତ୍ତାପ, ବାୟୁରେ ପ୍ରବାହ, ଆକାଶରେ ବ୍ୟାପକତା, ଜୀବରେ ଚେତନା, ଅଙ୍କୁରରେ ବୀଜ, ପୁଷ୍ପରେ ସୌନ୍ଦର୍ଯ୍ୟ, ମଧୁରେ ମାଧୁର୍ଯ୍ୟ, ସୃଷ୍ଟିରେ ପ୍ରାଚୁର୍ଯ୍ୟ ସଦୃଶ ଆତ୍ମିକ ଭାବରେ ନିହିତ । ସ୍ଥାନ କାଳ ଭେଦରେ ସେ ଦୁର୍ଗତିନାଶିନୀ ଦୁର୍ଗା, ଐଶ୍ୱର୍ଯ୍ୟପ୍ରଦାୟିନୀ ଲକ୍ଷ୍ମୀ, ପ୍ରଜ୍ଞାପ୍ରଦାୟିନୀ ସରସ୍ୱତୀ, ମଙ୍ଗଳଦାୟିନୀ ମଙ୍ଗଳା ପ୍ରଭୃତି ବହୁ ରୂପରେ ଉପାସିତ । ସାଂପ୍ରତିକ ଦ୍ୱନ୍ଦ୍ୱ ବହୁଳ, ଯୁଦ୍ଧ ବିଧ୍ୱସ୍ତ ପ୍ରାକୃତିକ ବିପର୍ଯ୍ୟୟ ପରିପୂରିତ ଓ ପ୍ରଳୟାସନ୍ନ ଜଗତର ସକଳ ଦୁର୍ଗତି ବିନାଶ କରିବା ନିମିତ୍ତ ସେହି ମହାଶକ୍ତି ଦୁର୍ଗା ରୂପରେ ସର୍ବଜନାରାଧ୍ୟା । ବିଜ୍ଞାନର ଅଗ୍ରଗତି ଓ ଧର୍ମର ଅଧୋଗତି ହେତୁ ସାଂପ୍ରତିକ ବିଶ୍ୱର ଅସମନ୍ୱୟ ଚେତନା ସମ୍ଭୂତ ଅଜ୍ଞାନରୂପୀ ମଣିଷକୁ ବିନାଶ ପୂର୍ବକ ବିଶ୍ୱକୁ ଜ୍ଞାନାଲୋକରେ ଉଦ୍ଭାସିତ କରିବା ନିମିତ୍ତ ତାଙ୍କ ମହିଷମର୍ଦ୍ଦିନୀ ରୂପ ହିଁ ଅଚିନ୍ତନୀୟ ମାନବୀୟ ପରିକଳ୍ପନା । ସେ ହିଁ ବିଜ୍ଞାନ ଓ ବେଦର ସମନ୍ୱୟରେ ଅତୀନ୍ଦ୍ରିୟଜ୍ଞାନ ଓ ଅନ୍ତଦୃଷ୍ଟିର ଆଧାରରୂପୀ ତଥା ଆସୁରିକ ଶକ୍ତି ବିନାଶ କାରିଣୀ ଦେବୀ ଦୁର୍ଗା ।

ମହିମାମୟୀ ମହାଶକ୍ତି ଜଗଜ୍ଜନନୀ ଉଚ୍ଚ, ନୀଚ, ଧନୀ, ଦରିଦ୍ର, ରୋଗୀ, ଭୋଗୀ ସଭିଏଁ ତାଙ୍କରି ସନ୍ତାନ । ସେ କରୁଣାମୟୀ, କଲ୍ୟାଣମୟୀ ଓ ବିଶ୍ୱଜନନୀ । ତାଙ୍କ ଉପାସନା ଐତିହ୍ୟରେ ଶତାବ୍ଦୀ ଶବ୍ଦାତୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଲୁକ୍କାୟିତ । ଜ୍ଞାନ, କର୍ମ ଓ ଭକ୍ତିକୁ ପାଥେୟ କରି ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଜ୍ଞାନରେ ଜଗଜ୍ଜନନୀ ମହାଶକ୍ତିଙ୍କ ଶ୍ରୀଚରଣରେ ସମର୍ପଣ ପୂର୍ବକ ଜୀବନଯାପନ କରିବା ହିଁ ଭାରତୀୟ ଶକ୍ତି ଉପାସନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ସହାୟକ ଗ୍ରନ୍ଥସୂଚୀ :-

(୧) ମିଶ୍ର, ଅନ୍ତର୍ଯ୍ୟାମୀ, ଭାରତୀୟ ଧର୍ମ ଓ ସଂସ୍କୃତି

(୨) ବେହୁରିଆ, ରବୀନ୍ଦ୍ର କୁମାର । ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା । ଘାସଫୁଲ ଶରତ ୨୦୧୬

(୩) ବେହୁରିଆ, ରବୀନ୍ଦ୍ର କୁମାର । ଦେବୀ ଉପାସନା ଓ ଦଶହରା । ଉତ୍କଳ ପ୍ରସଙ୍ଗ । ଅକ୍ଟୋବର ୨୦୧୧ ।

(୪) ନନ୍ଦ, ନୀଳାମ୍ବର ଓ ନନ୍ଦ, ପୂର୍ଣ୍ଣେନ୍ଦୁ । ଓଡ଼ିଶାରେ ଦେବଦେବୀ ପୂଜା ଓ ଶକ୍ତି ଦର୍ଶନ । ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୦୪ । ପୃ.୪୫ ।

(୫) ଚୌଧୁରୀ, ମାନବେନ୍ଦ୍ର ନାଥ । ଭାରତୀୟ ସଂସ୍କୃତିରେ ଦେବୀ ଦୁର୍ଗା: ବିଚିତ୍ର ରୂପେ । କୋଲକାତା, ଜୟଶ୍ରୀ, ନଭେମ୍ବର ୨୦୧୫ ।

ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,
ଚାନ୍ଦବାଲି, ଭଦ୍ରକ (ଓଡ଼ିଶା), ପିନ୍ - ୭୫୬୧୩୩
ମୋ: ୯୬୬୮୪୫୮୩୦୫

❐❐❐

ମହାଲକ୍ଷ୍ମୀଙ୍କର ପୁତ୍ରବଧୂ- ଏକାବଳୀ

● ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ

ଯଦି ପ୍ରଶ୍ନକରାଯାଏ ତ୍ରିଦେବୀ- ଯଥା- ବ୍ରାହ୍ମଣୀ, ଲକ୍ଷ୍ମୀ ଓ ପାର୍ବତୀଙ୍କର ପୁତ୍ରମାନେ କିଏ କିଏ ? ତେବେ ଉତ୍ତର ଦେବାକୁ ଟିକିଏ ଚିନ୍ତାକରିବାକୁ ହେବ । ବ୍ରହ୍ମାଣୀଙ୍କର ଗର୍ଭଜାତ ପୁତ୍ର କେହି ଅଛନ୍ତି କି ? ଉତ୍ତର ଆସିବ ନା, ମନୁ ଶତରୂପା ତ ବ୍ରହ୍ମାଙ୍କର ଶରୀରରୁ ଜାତ, ନାରଦ ଏବଂ ଦକ୍ଷ ଇତ୍ୟାଦି ହେଉଛନ୍ତି ବ୍ରହ୍ମାଙ୍କର ମାନସପୁତ୍ର । ସୁତରାଂ ବ୍ରହ୍ମଣୀଙ୍କର ଗର୍ଭଜାତ ସନ୍ତାନ ନାହାନ୍ତି । ପାର୍ବତୀଙ୍କର ପୁତ୍ରଙ୍କ କଥା ପ୍ରଶ୍ନହେଲେ ସମସ୍ତେ ସହଜରେ କହିଦେବେ କାର୍ତ୍ତିକେୟ ଓ ଶ୍ରୀଗଣେଶ, କିନ୍ତୁ କାର୍ତ୍ତିକେୟ ପାର୍ବତୀଙ୍କର ଗର୍ଭଜାତ ସନ୍ତାନ ନୁହଁନ୍ତି, ଷଡ଼ କୃତିକାଙ୍କର ମିଳିତ ପ୍ରଚେଷ୍ଟାରୁ କାର୍ତ୍ତିକେୟଙ୍କର ଜନ୍ମ, ପୁଣି ଦେବୀପାର୍ବତୀଙ୍କ ଦେହର ମଳିରୁ ଶ୍ରୀଗଣେଶଙ୍କର ଜନ୍ମ । ତେଣୁ ଏଦୁହେଁ ପାର୍ବତୀଙ୍କର ଗର୍ଭଜାତ ପୁତ୍ର ନୁହଁନ୍ତି । ମହାଲକ୍ଷ୍ମୀଙ୍କର କ'ଣ ପୁତ୍ର ଅଛନ୍ତି ? ଯଦି ଉତ୍ତର ହଁ ହୁଏ ତେବେ ମହାଲକ୍ଷ୍ମୀଙ୍କର ଗର୍ଭଜାତ ପୁତ୍ର କିଏ ? ଉତ୍ତର ଦେଇଛନ୍ତି ଶ୍ରୀମଦ୍ ଦେବୀଭାଗବତ । ମହାଲକ୍ଷ୍ମୀ ମହାବିଷ୍ଣୁଙ୍କ ଔରସରୁ ଗୋଟିଏ ପୁତ୍ରକୁ ଜନ୍ମ ଦେଇଛନ୍ତି । ସେ ପୁତ୍ରର ନାମ ହେଉଛି "ଏକବୀର"

ପୁଣି ପ୍ରଶ୍ନ ଆସିବ । କେବେ କେଉଁଠି ?

ତାର ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି ଶ୍ରୀମଦ୍ ଦେବୀଭାଗବତ,

ଶ୍ରୀମଦ୍ ଦେବୀଭାଗବତର ୨୦-୨୧ ଅଧ୍ୟାୟରେ କୁହାଯାଇଛି ସେକଥାକୁ ସଂକ୍ଷିପ୍ତଭାବରେ କୁହାଗଲେ ଏହିପରି ହେବ, କୌଣସି ଏକ କଳ୍ପରେ ମହାବିଷ୍ଣୁଙ୍କ ଅଭିଶାପରେ ଦେବୀମହାଲକ୍ଷ୍ମୀ ଅଶ୍ୱୀ ବା ଘୋଡ଼ୀ ହୋଇ ଚାଲିଯାଇଥିଲେ । ଯମୁନା ଏବଂ ତମସାର ସଂଗମ ସ୍ଥଳ ସୁପର୍ଣ୍ଣାକ୍ଷ ନାମକ ତୀର୍ଥରେ ଅବସ୍ଥାନ କରି ଭଗବାନଶଙ୍କରଙ୍କୁ ତପସ୍ୟା କରିଥିଲେ ଆତୁର ଭାବରେ । ଶଙ୍କର ଭଗବାନ ମହାଲକ୍ଷ୍ମୀଙ୍କୁ ସାକ୍ଷାତ ଦର୍ଶନ ଦେଇ ତାଙ୍କର ଦୁଃଖ ଶୁଣିଥିଲେ । ପରେ ପରେ ନିଜଗଣଙ୍କ ମଧ୍ୟରୁ ଚିତ୍ରରୂପକୁ ଦୂତରୂପରେ ପଠାଇ ମହାବିଷ୍ଣୁଙ୍କୁ ଅନୁରୋଧ କରିଥିଲେ । ମହାବିଷ୍ଣୁଙ୍କ ସହିତ ମିଳିତ ହେବାପାଇଁ । ଭଗବାନ ଲୀଳାମୟ ଶ୍ରୀବିଷ୍ଣୁ ଅଶ୍ୱରୂପ ଧାରଣକରି ଲକ୍ଷ୍ମୀଙ୍କ ନିକଟକୁ ଆସିଥିଲେ । ତାଙ୍କ ସହିତ ମିଳିତ ହୋଇଥିଲେ । ଅଶ୍ୱୀ ବା ଘୋଡ଼ୀରୂପୀ

ମହାଲକ୍ଷ୍ମୀ ଗର୍ଭବତୀ ହୋଇଥିଲେ ଓ ତାଙ୍କଗର୍ଭରୁ ଶ୍ରୀବିଷ୍ଣୁଙ୍କ ଔରସରୁ ଯେଉଁପୁତ୍ରଟି ଜନ୍ମନେଲା ତାର ନାମ ହେଲା ଏକବୀର । ଅନ୍ୟନାମ 'ହୈହୟ' । ଭଗବାନ ସ୍ୱୟଂ ପୁତ୍ରକାମୀ ତୁର୍ବସୁ ବା ହରିବର୍ମାଙ୍କୁ ସେହିଗୁଡ଼ିକୁ ଦାନ କରିଥିଲେ, ପ୍ରସିଦ୍ଧ ହୈହୟ ବଂଶର ପ୍ରତିଷ୍ଠା କରିଥିଲେ ଏଇରାଜା ଏକବୀର ବା ହୈହୟ । ଏହି ପୁତ୍ର ଏକବୀରଙ୍କର ଅର୍ଦ୍ଧାଙ୍ଗିନୀ ବା ପତ୍ନୀ ହେଉଛନ୍ତି 'ଏକାବଳୀ' ତେଣୁ ଏକାବଳୀ ହେଉଛନ୍ତି ମହାଲକ୍ଷ୍ମୀଙ୍କର ପୁତ୍ରବଧୂ । ଏବେ ଆସିବା ମୂଳପ୍ରଶ୍ନକୁ । କିଏ ଏହି ଏକାବଳୀ ? ସେ କିପରି ଏକବୀରଙ୍କର ପତ୍ନୀହେଲେ ? ମହାଲକ୍ଷ୍ମୀଙ୍କର ପୁତ୍ରବଧୂ ହେଲେ ?

ସେଦିନ ମହାରାଜ ଏକବୀର ମନ୍ତ୍ରୀକୁମାରଙ୍କ ସଂଗରେ ଗଙ୍ଗାତୀରରେ ମୁଗୟା ଉଦ୍ଦେଶ୍ୟରେ ଭ୍ରମଣ କରୁଥିବା ବେଳେ ଦେଖିଛନ୍ତି ଜଣେ କୁମାରୀ କନ୍ୟା, ବସି କାନ୍ଦୁଛି । ତାର ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିଯାଉଛି ।

ରାଜା ଏକବୀରଙ୍କର ମନେହୋଇଛି ଯେମିତି ଗୋଟିଏ କପୋତୀ ପକ୍ଷୀ କାନ୍ଦୁଛି । ସେହି କୁମାରୀ କନ୍ୟା ନିକଟକୁ ଯାଇଛନ୍ତି ଏକବୀର ଓ ପଚାରିଛନ୍ତି, "ଶୁଣ ! ତୁମର ପରିଚୟ ଦିଅ, କିଏ ତୁମେ ? ତୁମେ କାହାର କନ୍ୟା ? ତୁମେ କାନ୍ଦୁଛ କାହିଁକି ? କେଉଁ ଦୁଃଖରେ କାନ୍ଦୁଛ ? ତୁମକୁ ଏଠି କଣ କେହି ଏକୁଟିଆ ଛାଡ଼ି ଦେଇଛି ବା କିଛି ଦୁଃଖ ଦେଇଛି ? ତୁମର ପିତା କେଉଁଠି ଅଛନ୍ତି ? ଯଦି ବିବାହ କରିଥାଅ ତେବେ ତୁମର ସ୍ୱାମୀ କ'ଣ ତୁମକୁ ତ୍ୟାଗ କରିଛନ୍ତି ? ତୁମର ଦୁଃଖର କାରଣ କୁହ । ମୁଁ ତୁମର ଦୁଃଖ ଦୂର କରିବାକୁ ପ୍ରସ୍ତୁତ ଅଛି । ମୋ ରାଜ୍ୟରେ ଦୁଃଖ କାହାରିକୁ କଷ୍ଟ ଦେଇ ପାରିବନି । ମୋ ରାଜ୍ୟରେ ଚୋର କିମ୍ବା ରାକ୍ଷସମାନଙ୍କର ଭୟନାହିଁ, ମୁଁ ଏହି ରାଜ୍ୟର ରାଜା । ମୋ ଶାସନକାଳରେ କୌଣସି ଭୟଙ୍କର ଉତ୍‌ପାତ ହୋଇନପାରେ, କୁହ ! କୁହ ତୁମର ଦୁଃଖର କାରଣ ।"

ବାରମ୍ବାର ରାଜା ଏକବୀରଙ୍କର ପ୍ରଶ୍ନ ଶୁଣି କୁମାରୀ ଜଣକ ଉତ୍ତର ଦେଇଛି ।

"ହେ ରାଜେନ୍ଦ୍ର ! ଶୁଣନ୍ତୁ, ମୁଁ ମୋର ଶୋକର କାରଣ କହୁଛି । ମଣିଷ ବିପଦରେ ନପଡ଼ିଲେ କାନ୍ଦିବ କାହିଁକି ? ଆପଣଙ୍କର ଏଇ ବିଶାଳ ରାଜ୍ୟର ଗୋଟିଏ ଛୋଟ ନଗର ରାଜ୍ୟର ରାଜା ହେଉଛନ୍ତି ରୈଭ୍ୟ, ତାଙ୍କର ସ୍ତ୍ରୀ ହେଉଛନ୍ତି "ରୁକ୍ମରେଖା" । ରାଣୀ ରୁକ୍ମରେଖା ଯେପରି ସୁନ୍ଦରୀ ସେହିପରି କାର୍ଯ୍ୟକୁଶଳା, ସେ ପତିବ୍ରତା ଓ ସମସ୍ତ ଶୁଭଲକ୍ଷଣ ସମ୍ପନ୍ନା । କିନ୍ତୁ ରାଜାରାଣୀ ଥିଲେ ସନ୍ତାନହୀନ,

ସେଇଥିପାଇଁ ସେ ସମସ୍ତ ଜାଗତିକ ସୁଖରୁ ବଂଚିତ ଥିଲେ । ସୁତରାଂ ମହାରାଣୀ ରୁକ୍ମରେଖାଙ୍କ ପ୍ରେରଣାରେ ରାଜା ରୈଭ୍ୟ ବ୍ରାହ୍ମଣମାନଙ୍କୁ ଡ଼ାକି ପୁତ୍ରକାମେଷ୍ଟି ଯଜ୍ଞର ଆୟୋଜନ କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ସେହି ପ୍ରଜ୍ୱଳିତ ଅଗ୍ନି ଶିଖାଭିତରୁ ବାହାରି ଆସିଥିଲା ଗୋଟିଏ ଦିବ୍ୟଜ୍ୟୋତିର୍ମୟୀ କନ୍ୟାରତ୍ନ । ଯଜ୍ଞର ପ୍ରଧାନ ହୋତା ରାଜା ରୈଭ୍ୟକୁ କହିଥିଲେ, "ହେ ରାଜା ! ଏ ପୁତ୍ରୀକୁ ନିଅ, ଇଏ ସମସ୍ତ ଲକ୍ଷଣରେ ପରିପୂର୍ଣ୍ଣା । ଏହାର ନାମ ହେବ 'ଏକାବଳୀ' । ତୁମେ ପୁତ୍ର କାମନା କରିଥିଲ, ହେଲେ ଏହି କନ୍ୟାକୁ ଲାଭକରି ସନ୍ତୁଷ୍ଟ ହୁଅ । ଏକାବଳୀ ନାମରେ ଏହି କନ୍ୟା ପ୍ରସିଦ୍ଧି ଲାଭକରିବ ।"

ମହାରାଜ ରୈଭ୍ୟ ଓ ରୁକ୍ମରେଖା ଅତ୍ୟନ୍ତ ଆନନ୍ଦିତ ହୋଇ ସେହି କନ୍ୟାଟିକୁ କୋଳକୁ ନେଇଛନ୍ତି । ସେହି କନ୍ୟା ଏକାବଳୀ ଅତିଯତ୍ନରେ ବଢିଛି । ଯୁବତୀ ହୋଇଛି । ରାଜା ଏକବୀରଙ୍କ ସମ୍ମୁଖରେ ଏ କାହାଣୀ ବର୍ଣ୍ଣନା କରୁଥିବା ଯୁବତୀ ଜଣକ ହେଉଛି ରୈଭ୍ୟଙ୍କର ମନ୍ତ୍ରୀକନ୍ୟା 'ଯଶୋବତୀ' । ଦୁହେଁ ରାତିଦିନ ଏକସଂଗରେ ଘୂରିବୁଲନ୍ତି । ଏକାବଳୀର ଗୋଟିଏ ଅଭ୍ୟାସ ଓ ଆଗ୍ରହ ହେଉଛି ପଦ୍ମଫୁଲଟିଏ ଦେଖିଲେ ସେଇଟିକୁ ପାଇବା ପାଇଁ ବ୍ୟଗ୍ର ହୋଇଉଠେ; ଅନ୍ୟ କୌଣସି ବସ୍ତୁରେ ସେ ସୁଖଲାଭ କରେନାହିଁ । ସେଦିନ ଗଂଗାତୀରରେ ଯଶୋବତୀ ସହିତ ଭ୍ରମଣ କରୁଥିବାବେଳେ ଦେଖିଛି ଗଂଗାଜଳରେ ତୀରର ଧାରେ ଧାରେ ପଦ୍ମଫୁଲମାନ ଫୁଟିଛି । ସେହି ଫୁଲମାନଙ୍କୁ ଦେଖି ଦେଖି ବହୁ ଦୂରକୁ ଚାଲିଯାଇଛି । ଦିନେ ଯଶୋବତୀ ମହାରାଜଙ୍କୁ କହିଛି । "ମହାରାଜା ! ଆପଣଙ୍କର ଏହି ଗୁଣବତୀ କନ୍ୟା ଏକାବଳୀ ଗଂଗାଜଳରେ ଫୁଟିଥିବା ପଦ୍ମଫୁଲମାନଙ୍କୁ ଦେଖିଦେଖି ଅରଣ୍ୟଭିତରେ ବହୁ ଦୂରପର୍ଯ୍ୟନ୍ତ ଚାଲିଯାଉଛନ୍ତି ।" ରାଜା ନିଜର କନ୍ୟାର ଏପରି ଆଚରଣ କଥା ଶୁଣି ତାକୁ ବାରଣ କରିଛନ୍ତି, ନିଜର ରାଜବାଟୀ ପରିସରରେ ବହୁ ଜଳାଶୟ ସୃଷ୍ଟି କରିଛନ୍ତି ଓ ତହିଁରେ ପଦ୍ମଫୁଲ ଚାରା ଲଗାଇ ଦେଇଛନ୍ତି । ବହୁ ପରିମାଣରେ ପଦ୍ମଫୁଲ ଫୁଟିଛି । ଭ୍ରମରମାନଙ୍କର ମଧୁର ଗୁଂଜରଣରେ ରାଜନବର ପରିସର ଗୁଞ୍ଜରିତ ହୋଇଛି ତଥାପି ଗଂଗାଜଳରେ ଫୁଟୁଥିବା ପଦ୍ମମାନଙ୍କର ଆକର୍ଷଣରେ ଏକାବଳୀ ଗଂଗାତୀରକୁ ଚାଲିଯାଏ, ରକ୍ଷୀମାନେ ତାର ସୁରକ୍ଷାପାଇଁ ତା ପଛରେ ଧାଇଁଥାଆନ୍ତି ।

ଯଶୋବତୀ ଏକବୀରଙ୍କ ସମ୍ମୁଖରେ କାହାଣୀ ବର୍ଣ୍ଣନାକରୁଛି, ଦିନେ ସଖୀମାନଙ୍କ ଗହଣରେ ଏକାବଳୀ ଓ ମୁଁ ଗଂଗାତୀରରେ ବୁଲୁଥିବା ବେଳେ 'କାଳକେତୁ' ନାମକ ଭୟଙ୍କର ରାକ୍ଷସ ସେହି ବଣଭୂମିରେ ପହଂଚିଛି । ତା ସହିତ ଅଛନ୍ତି ତାର ରାକ୍ଷସ ବାହିନୀ । ହାତରେ ସେମାନଙ୍କର ନାନା ଅସ୍ତ୍ରଶସ୍ତ୍ର । କାଳକେତୁର ଆଖିପଡ଼ିଛି ସୁନ୍ଦରୀ ଏକାବଳୀ ଉପରେ, କାଳକେତୁ ଏକାବଳୀ ଆଡ଼କୁ ଧାଇଁ ଆସୁଥିବାର ଦେଖି ଯଶୋବତୀ ଓ ଏକାବଳୀ ଧାଇଁବାକୁ ଲାଗିଛନ୍ତି, ରକ୍ଷକମାନେ ରାଜକୁମାରୀଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ସେମାନେ ମହାପରାକ୍ରମୀ କାଳକେତୁକୁ ବାଧା ଦେଇ ପାରିନାହାନ୍ତି । କାଳକେତୁ ରାଜକୁମାରୀ ଏକାବଳୀଙ୍କୁ ଧରିଛି । ସଖୀ ଯଶୋବତୀ କାନ୍ଦି କାନ୍ଦି କହିଛି, "ତୁମେ ଏଇ ରାଜକୁମାରୀକୁ ଛାଡ଼ିଦିଅ । ମୁଁ ତୁମ ସଂଗରେ ଯିବାକୁ ପ୍ରସ୍ତୁତ ଅଛି" । ଦୁଷ୍ଟ ଦୈତ୍ୟ କାଳକେତୁ ସେ କଥାକୁ କର୍ଣ୍ଣପାତ କରିନାହିଁ । ଏକାବଳୀଙ୍କର ରକ୍ଷକମାନଙ୍କୁ ହତ୍ୟାକରିଛି ଓ କାଳକେତୁ ଏକାବଳୀଙ୍କୁ ନେଇଯାଇଛି । ରାଜକୁମାରୀଙ୍କର ବିକଳ କ୍ରନ୍ଦନ ଶୁଣି ସଖୀ ଯଶୋବତୀ ମଧ୍ୟ ରାଜକୁମାରୀଙ୍କ ସଂଗେ ସଂଗେ କାଳକେତୁର ରାଜନବରକୁ ଯାଇଛି । ଯଶୋବତୀର ଉଦ୍ଦେଶ୍ୟଥିଲା, କୌଣସି ପ୍ରକାରେ ରାଜକୁମାରୀକୁ ମୁକ୍ତକରି ଘେନି ବାହାରକୁ ବାହାରି ଆସିବା । ରାଜକୁମାରୀ ଏକାବଳୀ ପ୍ରିୟସଖୀ ଯଶୋବତୀକୁ ପାଖରେ ପାଇ ଟିକିଏ ଶାନ୍ତିପାଇଛି । କିନ୍ତୁ ତାର ଭୟଦୂର ହୋଇନାହିଁ, ସେ ଅତି ମାତ୍ରାରେ ଆତଙ୍କିତ ହୋଇଯାଇଛି, ଆତଙ୍କିତ ଅବସ୍ଥାରେ ଥିବା ସମୟରେ କାଳକେତୁ ସଖୀ ଯଶୋବତୀକୁ କହିଛି, "ତୁମର ସଖୀ ଏକାବଳୀ ଭୟ କରିଯାଇଛି, ତୁମେ ତାକୁ ଆଶ୍ୱାସନା ଦେବା ସଂଗେ ସଂଗେ ମୋର ବାର୍ତ୍ତାଦିଅ, ମୋର ନଗର ସ୍ୱର୍ଗ ସମାନ ସୁନ୍ଦର ଅଟେ, ଏବେ ତୁମେ ସେହି ସ୍ୱର୍ଗପ୍ରାୟ ରାଜପ୍ରସାଦକୁ ଆସି ଯାଇଛ, ମୁଁ ତୁମର ଦାସାନୁଦାସ, ମୋତେ ଗ୍ରହଣ କର ।" ରାକ୍ଷସରାଜ କାଳକେତୁ ରାଜକୁମାରୀ ଏକାବଳୀକୁ ଏକ ସୁନ୍ଦର ମହଲରେ ରଖାଇଛି । କାଳକେତୁ ବାରଂବାର ସଖୀ-ଯଶୋବତୀ ମାଧ୍ୟମରେ ପ୍ରେମ ନିବେଦନ କରି ବାର୍ତ୍ତା ପଠାଇଛି କିନ୍ତୁ ଏକାବଳୀ ଉପରେ ବଳାତ୍କାର କିମ୍ବା ଅତ୍ୟାଚାର କରି ନାହିଁ । ସେଦିନ ଏକାବଳୀ ଗୋଟିଏ ଗୋପନୀୟ କଥା ପ୍ରକାଶ କରିଛି । ସେ କହିଛି,

"ରାଜକୁମାର ହୈହୟ (ଏକବୀର) ବଡ଼ ଭାଗ୍ୟଶାଳୀ ପୁରୁଷ, ତାଙ୍କ ସହିତ ମୋର ବିବାହ କରାଇବାପାଇଁ ମୋର ପିତା ସ୍ଥିର କରିସାରିଛନ୍ତି ମୁଁ ମଧ୍ୟ ମନେମନେ ତାଙ୍କୁ ବରଣ କରିସାରିଛି, ବର୍ତ୍ତମାନ ମୁଁ ତାଙ୍କୁ ପରିତ୍ୟାଗ କରି ଆଉ କାହାରିକୁ ବରଣ କରିପାରିବି ନାହିଁ । ଗୋଟିଏ କୁମାରୀ କନ୍ୟା ସନାତନ ହିନ୍ଦୁଧର୍ମର ନୀତିକୁ ପାଳନ କରିବା ଉଚିତ । ପିତା ତାଙ୍କର କନ୍ୟାକୁ ଉପଯୁକ୍ତ ପାତ୍ରହସ୍ତରେ ସମର୍ପଣ କରି ଥାଆନ୍ତି । କନ୍ୟାଟିଏ ସବୁବେଳେ ପିତାଙ୍କର ଇଚ୍ଛାର ଅଧୀନ ହେବା ଉଚିତ୍ ।"

ରାଜକୁମାରୀ ଏକାବଳୀଙ୍କର ଏଇସବୁ ନୀତିପୂର୍ଣ୍ଣ କଥା ଦୁଷ୍ଟ କାଳକେତୁ ଉପରେ କିଛି ପ୍ରଭାବ ପକାଇ ପାରିନାହିଁ କାରଣ କାଳକେତୁ ଏକାବଳୀଙ୍କ ପ୍ରତି ଅତିମାତ୍ରାରେ ଆସକ୍ତ ହୋଇସାରିଥିଲା ।

ଯଶୋବତୀ ପୁଣି କହିଛି, "କାଳକେତୁର ରାଜନବର ଗୋଟାଏ ବିଶାଳ ପର୍ବତ କନ୍ଦରା ଭିତରେ ଅବସ୍ଥିତ । ସଖୀ ରାଜକୁମାରୀ ଏକବଳୀ ସେଠାରେ ବହୁ ଦୁଃଖରେ ଅଛି । କୌଣସି ଉପାୟରେ ମୋର ସଖୀକୁ ମୁକୁଳାଇବା ପାଇଁ ପଳାଇ ଆସିଛି ।"

ଏବେ ରାଜ ହୈହୟ ଏକବୀର ଯଶୋବତୀ କିପରି ମୁକୁଳିଆସିଛି ସେକଥା ଜାଣିବାକୁ ଚାହିଁଛନ୍ତି । ଯଶୋବତୀ ବର୍ଣ୍ଣନା କରି କହିଛି, "ମୁଁ ବାଲ୍ୟକାଳରୁ ଭଗବତୀ ଜଗଦମ୍ବାଙ୍କର ବୀଜମନ୍ତ୍ରକୁ ଧ୍ୟାନପୂର୍ବକ ଜପ କରିଥିଲି । ହେ ରାଜନ୍ ! ମୁଁ ଯେତେବେଳେ କାଳକେତୁର ବନ୍ଦୀ ଗୃହରେ ଥିଲି ସେତେବେଳେ ଜଗଦମ୍ବାଙ୍କର ସେହି ବୀଜମନ୍ତ୍ରଙ୍କୁ ଜପକରିବାକୁ ଲାଗିଲି । ମୁଁ ତ ସ୍ୱଭାବତଃ ଦେବୀ ଚଣ୍ଡିକାଙ୍କର ଉପାସନାରେ ନିରନ୍ତର ଲାଗିରହିଥାଏ । ମୋର ସବୁବେଳେ ବିଶ୍ୱାସ ଉପାସନା ଦ୍ୱାରା ଭଗବତୀଙ୍କୁ ସନ୍ତୁଷ୍ଟ କରାଯାଇପାରେ । ଶକ୍ତିମୟୀ ଭଗବତୀ ସନ୍ତୁଷ୍ଟ ହେଲେ ବନ୍ଧନରୁ ମୁକ୍ତି କରିଦେବେ ନିଶ୍ଚୟ । ଭକ୍ତଉପରେ କୃପା କରିବାରେ କୃପାମୟୀ ବ୍ୟକ୍ତିଦେବୀ କେବେ କୁଣ୍ଠିତା ହୁଅନ୍ତି ନାହିଁ । ସେ ସବୁ ଦେବାକୁ ସମର୍ଥ । ଯିଏ ନିଜର ସାମର୍ଥ୍ୟବଳରେ ଜଗତର ସୃଜନ ଓ ପାଳନ କରନ୍ତି ଏବଂ କଳ୍ପର ଶେଷରେ ସଂସାରର ନାଶ କରନ୍ତି ସେଇ ଭଗବତୀ ନିରାକାର ଓ ନିରାଶ୍ରୟ ଅଟନ୍ତି । ସେ ସର୍ବ ରୂପମୟୀ ଏବଂ ସର୍ବ ବ୍ୟାପିନୀ ଅଟନ୍ତି । ମୁଁ ତାଙ୍କୁ ଅନବରତ ଜପ କରିବାକୁ ଲାଗିଲି । ସମାଧି ଲଗାଇ ମାସେକାଳ ବସି ରହିଲି । ମୋର ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବତୀ ମୋତେ ସ୍ୱପ୍ନରେ ଦର୍ଶନ

ଦେଲେ । ସେ ତାଙ୍କର ସେହି ଅମୃତମୟୀ ବାଣୀରେ ମୋତେ କହିଲେ, "କାହିଁକି ଶୋଇଛୁ ? ଉଠ ଏବଂ ଗଂଗାର ତଟଦେଶକୁ ଚାଲିଯାଅ, ରାଜା ହୈହୟ ସେଇଠିକି ଆସିବେ । ସେ ଶତ୍ରୁନାଶନକାରୀ ଅଟନ୍ତି, ସେ ନିଶ୍ଚୟ ଶତ୍ରୁକୁ ନାଶ କରାଇବେ । ମହାମୁନି ଦତ୍ତାତ୍ରେୟ ତାଙ୍କୁ ଭଲଭାବରେ ମୋର ବୀଜମନ୍ତ୍ରରେ ଅଭ୍ୟସ୍ତ କରାଇଛନ୍ତି । ସେ ମୋର ଶକ୍ତିରେ ଶକ୍ତିମାନ । ସେହି ମହାମହୀପାଳ ଏକବୀରଙ୍କ ଦ୍ୱାରା ତୁମର ଦୁଃଖ ଦୂରହେବ । ଏକବୀର କାଳକେତୁକୁ ହତ୍ୟା କରିବେ ଏବଂ ଏକାବଳୀଙ୍କ ସହିତ ଏକବୀରଙ୍କର ନିଶ୍ଚୟ ବିବାହହେବ ।"

ଏଠାରେ ଲକ୍ଷ୍ୟ କରାଯାଇପାରେ ଦେବୀ ଭାଗବତ ଦେବୀ ଜଗଦମ୍ବାଙ୍କର ମହିମା ପ୍ରଖ୍ୟାପନ କରିଛନ୍ତି । ଏହା ମହାଗ୍ରନ୍ଥର ମୁଖ୍ୟ ଏବଂ ମୂଳ ଉଦ୍ଦେଶ୍ୟ ତ ସେଇଆ । ଦେବୀ ଶକ୍ତିମୟୀ ଜଗଦମ୍ବାଙ୍କ କରୁଣା ହେଲେ ଅସାଧ୍ୟ ସାଧନ ହୋଇପାରେ ।

ଏବେ ଯଶୋବତୀ ଏକବୀରକୁ ତାଙ୍କର ପରିଚୟ ପଚାରିଛି । ମହାରାଜ ହୈହୟ ଏକବୀର କହିଛନ୍ତି, "ମୁଁ ହେଉଛି ମହାରାଜ ହୈହୟ । ମହାଲକ୍ଷ୍ମୀ ହେଉଛନ୍ତି ମୋର ମାତା, ପିତା ହେଉଛନ୍ତି ଭଗବାନ ବିଷ୍ଣୁ ସ୍ୱୟଂ । ତୁମେ ତୁମର ସଖୀଙ୍କର ରୂପଲାବଣ୍ୟର ବର୍ଣ୍ଣନା କରି ମୋତେ ବିହ୍ୱଳ କରିଦେଇଛ । ପୁଣି ତୁମେ କହିଛ- କାଳକେତୁ ଦୈତ୍ୟ ଆଗରେ ଏକାବଳୀ କହିଛନ୍ତି ଯେ ସେ ହୈହୟଙ୍କୁ ବରଣ କରିସାରିଛନ୍ତି । ତାଙ୍କ ବିନା ସେ ଆଉ କାହାକୁ ବରଣ କରିବେ ନାହିଁ । ମୁଁ ମହାରାଜା ହୈହୟ ଏକବୀର । ମୁଁ ନିଶ୍ଚୟ ଏକାବଳୀଙ୍କୁ କାଳକେତୁର କବଳରୁ ମୁକ୍ତ କରିବି ।"

ଏବେ ଯଶୋବତୀ ଏକବୀରଙ୍କୁ ବାଟ କଢାଇଛି । ମହାବୀର ହୈହୟ କାଳକେତୁ ସହିତ ଭୟଙ୍କର ଯୁଦ୍ଧକରିଛନ୍ତି । ତେବେ ଯଶୋବତୀର ପରାମର୍ଶରେ ମହାରାଜ ହୈହୟ ମହାଦେବୀ ଯୋଗମାୟାଙ୍କର ବୀଜମନ୍ତ୍ର ଜପ କରିଛନ୍ତି, ଦତ୍ତାତ୍ରୟଙ୍କ ଦ୍ୱାରା ଦତ୍ତ ବୀଜମନ୍ତ୍ରର ଶକ୍ତିବଳରେ କାଳକେତୁ ତଥା ତାର ବିଶାଳ ସୈନ୍ୟବାହିନୀକୁ ଧ୍ୱଂସ କରିଦେଇଛନ୍ତି । ଉଦ୍ଧାର କରିଛନ୍ତି ଏକାବଳୀଙ୍କୁ । ଏକାବଳୀଙ୍କୁ ସଂଗରେ ଧରି ମହାରାଜ ଏକବୀର ପହଞ୍ଚିଛନ୍ତି ରାଜା ରୈଭ୍ୟ ଓ ମହାରାଣୀ ରୁକ୍ମରେଖାଙ୍କ ନିକଟରେ । ରାଜାରାଣୀ ନିଜର କନ୍ୟାକୁ ଫେରି ପାଇବା ସଂଗେ ସଂଗେ୍ ତାଙ୍କର ଇପ୍ସିତ ବର ହୈହୟଙ୍କୁ ପାଖରେ ପାଇ ଧନ୍ୟ ହୋଇଛନ୍ତି । ଏକବୀରଙ୍କ ସହିତ ଏକାବଳୀଙ୍କର

ବିବାହ କରାଇଛନ୍ତି । ଏହି ଦମ୍ପତିଙ୍କ ଠାରୁ ଜନ୍ମ ନେଇଛନ୍ତି କୃତବୀର୍ଯ୍ୟ ଓ କୃତବୀର୍ଯ୍ୟଙ୍କ ଠାରୁ କାର୍ତ୍ତବୀର୍ଯ୍ୟ । ଆଗକୁ ବଢିଛି ହୈହୟ ବଂଶ ।

ଏକାବଳୀଙ୍କ ଚରିତ୍ରକୁ ନେଇ ଏକ ସୁଦୀର୍ଘ କାହାଣୀ ଉପସ୍ଥାପିତ କରିଛନ୍ତି ଶ୍ରୀମଦ୍ ଦେବୀଭାଗବତକାର । ସବୁକଥା ଓ କାହାଣୀ ଭିତରେ କିନ୍ତୁ ଗୋଟିଏ କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଏହି ମହାଗ୍ରନ୍ଥ । ଏ ଗ୍ରନ୍ଥର ଉଦ୍‌ଘୋଷଣ ହେଉଛି- ଭଗବତୀ ଜଗଦମ୍ବା ହିଁ ସର୍ବଶକ୍ତିମୟୀ । ମନୁଷ୍ୟ ସେହି ଶକ୍ତିମୟୀଙ୍କର ଶକ୍ତିକୁ ଉପଲବ୍ଧି କରି ତାଙ୍କର ଆରାଧନା କରିବା ଉଚିତ୍ ।

ସନାତନ ହିନ୍ଦୁ ଧର୍ମରେ କାଳକାଳ ଧରି ଜଗଦମ୍ବା ମାତୃସ୍ୱରୂପିଣୀ ମହାମାୟୀ ଯୋଗମାୟାଙ୍କୁ ଉଚ୍ଚସ୍ଥାନ ଦିଆଯାଇଛି । କୁହାଯାଇଛି 'ମାତୃକୃପା ହିଁ କେବଳମ୍' । ସେହି ମାତୃକୃପାର ଫଳକୁ ନେଇ ବିଭିନ୍ନ ଶାସ୍ତ୍ରପୁରାଣରେ ବିଭିନ୍ନ ଉଦାହରଣାତ୍ମକ କାହାଣୀମାନ ସ୍ଥାନିତ କରାଯାଇଛି । ଦେବୀ ଭାଗବତର ଏଇ ଏକବୀର-ଏକାବଳୀ ମିଳନ କାହାଣୀ ଆମକୁ ଦେବୀଶକ୍ତି ସମ୍ପର୍କରେ ସ୍ମରଣ କରାଇ ଦେଉଛି । ତେଣୁ ଉଚ୍ଚାରଣ କରିବା ବିଧେୟହେବ;

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ସେହି ଶକ୍ତିଙ୍କର ପଦାରବିନ୍ଦରେ କୋଟି କୋଟି ଦଣ୍ଡବତ ।"

ବେଗନା, କୋରାଇ, ଯାଜପୁର
ମୋ: ୮୮୯୫୬୦୫୭୭୮

❐❐❐

ଲଳିତ ନିଂବଧ -

ପ୍ରେତ ପାଇଁ ରାତିଟିଏ

● ବିନୋଦ

ପିଲାଟି ଦିନରୁ ମୁଁ ଶୁଣି ଆସୁଛି ଭୂତପ୍ରେତ କଥା । ରାତିରେ ଅଝଟ କଲେ ବାପା କହୁଥିଲେ ଭୂତ ଆସିବ । ଅନ୍ଧାରେ ବୁଲିଲେ ପ୍ରେତ ନେଇଯିବ । ସେମାନେ ଅଶରୀରୀ । କେଉଁ ମୁହୂର୍ତ୍ତରେ ଟେକିନେଇଯିବେ ।

ମା' ବି କହୁଥିଲା ସେମାନଙ୍କ କଥା । ମଶାଣି ଆଡ଼କୁ ଯିବା ମନା । ସେଠାରେ କାହିଁ କେତେ ପ୍ରେତ ବରଗଛରେ ରହୁଛନ୍ତି । ଆଖପାଖ ଅଂଚଳରେ ଉତ୍ପାତ କରୁଛନ୍ତି । ରାତି ହେବା ମାତ୍ରେ ନାନା ପ୍ରକାର ଗର୍ଜନ କରନ୍ତି ଇତ୍ୟାଦି ।

ଯେଉଁଦିନଠାରୁ ମୋର ଜ୍ଞାନ ଟିକେ ଟିକେ ଆସିଲା ସେହିଦିନଠାରୁ ମୁଁ ନିଶ୍ଚିତ ଭାବେ ଭୂତପ୍ରେତ ସମ୍ପର୍କରେ ଡରିଯାଇଥିଲି । ବାପା, ମା' ଓ ଅନ୍ୟମାନଙ୍କ କଥାକୁ ଗ୍ରହଣ କରିଆସିଥିଲି । ଅନ୍ଧାର ରାତିରେ ଯଦି ଭୂତମାନେ ଆସିଯାନ୍ତି ତେବେ ପ୍ରାଣ ନାଶ କରିବେ । ହୁଏତ ସେମାନଙ୍କୁ ଦେଖି ମୁଁ ହୃଦ୍‌ଘାତର ଶିକାର ହେବି । ନଚେତ ରକ୍ତବାନ୍ତି କରି ମରିଯିବି । ଗାଁର କିଛି ଲୋକ ବି କୁହାକୁହି ହେବାର ମୁଁ ଶୁଣିଛି । ଅନ୍ଧାର ରାତିରେ ଗାଁର ପ୍ରଭାକର ଏକୁଟିଆ ନଦୀ କୂଳରୁ ଫେରୁଥିବାବେଳେ ଅକସ୍ମାତ ଏକ ଭୂତକୁ ଦେଖି ଛାନିଆ ହୋଇଗଲା । ସେଠାରେ ରକ୍ତବାନ୍ତି କରି ମରିଗଲା । ଆଉ ଜଣେ ନବବିବାହିତା ବି ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଥିଲେ । ସେହି ଧରଣର ପ୍ରେତ କୁଆଡ଼େ ଅଧିକ ହିଂସ୍ର ଏବଂ ଦିନ ବେଳା ବି ଉତ୍ପାତ କରନ୍ତି ବୋଲି ମୁଁ ଶୁଣିଛି ।

ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳେ ବାଣପୁର କଲେଜ ନିକଟରେ ଏକ ଘର ଥିବା ମୁଁ ଦେଖିଛି । ଏହି ଘରେ କେହି ରହୁ ନଥିଲେ । ଚାରିଆଡ଼େ ବର ଓ ଓସ୍ତ ଗଛ ଉଠିଯାଇଥିଲା । ସ୍ଥାନେସ୍ଥାନେ ଇଟା ଖସିପଡ଼ିଥିଲା । ଲୋକେ କହୁଥିଲେ ଏଠାରେ ଭୟଙ୍କର ଭୂତ ରହୁଛି ଏବଂ ଉତ୍ପାତ କରୁଥିବାରୁ କେହି ଏଠାରେ ରହିପାରନ୍ତି ନାହିଁ । ଏପରି ନାନା ପ୍ରକାର କଥା, ଦୃଶ୍ୟ ଆଦି ଦେଖି ଦେଖି ଏହି ନିଷ୍ପତ୍ତିରେ ମୁଁ ପହଂଚିସାରିଥିଲି ଯେ, ନିଶ୍ଚୟ କିଛି ଗୋଟାଏ ଭୂତପ୍ରେତ ରହିଛନ୍ତି । ସେମାନେ ଅଧିକ ହିଂସ୍ର ଏବଂ

ମଣିଷ ଲାଗି ବିପଦ ସାବ୍ୟସ୍ତ ହୋଇଥାନ୍ତି । ସେମାନଙ୍କ ଶକ୍ତି ଅମାପ ଏବଂ ସେମାନଙ୍କୁ ମୁକାବିଲା କରିବା ସମ୍ଭବ ନୁହେଁ ।

ବିଶ୍ୱାସ ଅନୁସାରେ ମୋ ଗଳାରେ ଏକ ମାଳି ପିନ୍ଧାଇ ଦିଆଯାଇଥିଲା ଯେଉଁଥିରେ ଲୁହା ଲାଗିଥିଲା । ସମସ୍ତେ କହନ୍ତି ପାଖରେ ଲୁହା ଥିଲେ ଭୂତପ୍ରେତ ଆସନ୍ତି ନାହିଁ । ଏହା ସହ କେହି କେହି ବି କହନ୍ତି ଏକୁଟିଆ କେଉଁ ରାସ୍ତାରେ ରାତିରେ ଯାଉଥିଲେ ଯଦି ଦେହରେ ପରିସ୍ରା ବୋଳିଦିଅନ୍ତି ତେବେ ବି ଭୂତପ୍ରେତ ପାଖ ଲାଗନ୍ତି ନାହିଁ । ମୋତେ ଏହା ଘୃଣା ଲାଗେ । ମାତ୍ର ଯାହା ଲୋକକଥା ଅନୁସାରେ ଚାଲିଆସିଛି ତାହାକୁ ସତ ମଣିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ । ଏହା ବି ମୁଁ ଦେଖିଛି କେତେକ ଆଦିବାସୀ ସମ୍ପ୍ରଦାୟର ଲୋକ ଏହି ପ୍ରକ୍ରିୟା ଅବଲମ୍ବନ କରନ୍ତି । ସେମାନଙ୍କୁ ଯେତେ କହିଲେ ବି ସେମାନେ ଶୁଣନ୍ତି ନାହିଁ । ସେମାନଙ୍କ ନିକଟରେ ବିଶ୍ୱାସ ସବୁଠାରୁ ବଡ଼ କଥା ।

ମୁଁ କେବେ ଭୂତପ୍ରେତ ସମ୍ପର୍କରେ କଳ୍ପନା କରିନାହିଁ । କେବଳ ମନରେ ଯାହା ଭୟ ଥାଏ । ତଥାପି ସମସ୍ତଙ୍କ କଥାକୁ ଗ୍ରହଣ କରି ରାତିରେ କୁଆଡ଼େ ଯିବାବେଳେ ନାନା ପ୍ରକାର ମନ୍ତ୍ରଯନ୍ତ୍ର ପଢ଼ିଥାଏ, ପକେଟରେ ଲୁହା କଂଟାଟିଏ ଧରିଥାଏ । ସାଇକେଲରେ ଯିବା ବେଳେ ଆଦୌ ଭୟ କରୁ ନଥାଏ । କାରଣ ମୋ ନିକଟରେ ବିଶାଳ ଲୁହାର ସାମଗ୍ରୀ ରହିଛି ।

ମଣିଷ ମରିଯିବା ପରେ ଭୂତ ହୋଇଯାଏ କାହିଁକି ? ସବୁ ମଣିଷ ଭୂତ ପାଲଟୁନାହାନ୍ତି କାହିଁକି ? କିଛି ମଣିଷ କାହିଁକି ଉଗ୍ର ପ୍ରେତ ସାଜନ୍ତି ? ନବବଧୂମାନେ କାହିଁକି ଅଧିକ ଭୟଙ୍କର ହୋଇଥାନ୍ତି ? କବରଖାନାର ଭୂତମାନେ ଅତି ନିଷ୍ଠୁର କାହିଁକି ? ଅନ୍ୟ ଜୀବମାନେ ପ୍ରାଣ ହରାଇବା ପରେ ଭୂତପ୍ରେତ ହୋଇଥାନ୍ତି କି ନାହିଁ ? ଯେଉଁ ଭୂତପ୍ରେତମାନେ ଆତଙ୍କ ସୃଷ୍ଟି କରିଆସୁଛନ୍ତି ସେମାନେ ମଣିଷର ନା ଅନ୍ୟ କୌଣସି ପ୍ରାଣୀର ? ଯଦି ସବୁ ମଣିଷ ପ୍ରେତ ପାଲଟି ନ ଥାନ୍ତି ତେବେ କେଉଁ ରୂପରେ ବିବର୍ତ୍ତିତ ହୋଇଥାନ୍ତି ? ଯଦି ଗୁଣିର ପ୍ରଭାବରେ ସେମାନେ ଚାଲିଯାଆନ୍ତି ତେବେ କେଉଁଠିକି ଯାଇଥାନ୍ତି ? ସାଧାରଣତଃ ସେମାନେ ବରଗଛରେ କାହିଁକି ରହିଥାନ୍ତି ? ଏପରି ନାନା ପ୍ରଶ୍ନ ମୋତେ ସାରା ଛାତ୍ର ଓ କଲେଜ ଜୀବନରେ ବିଚଳିତ କରିଆସିଛି ।

ସତ କହିବାକୁ ଗଲେ ମୁଁ ଆଜି ଯାଏ କୌଣସି ସ୍ଥାନରେ ଭୂତପ୍ରେତ ଦେଖିନାହିଁ । ଜାଣତରେ ହେଉ ବା ଅଜାଣତରେ- ଅନେକ ଶ୍ମଶାନ ଦେଇ ଯାଆସ କରିଛି । ଥରେ

ଜଣେ ବନ୍ଧୁଙ୍କ ଘରୁ ଫେରିବାବେଳେ ରାତି ହୋଇଯାଇଥିଲା । ବାଟରେ ଏକ ମଶାଣି ପଡ଼େ । ଦେଖିଲି କେହି କୁଆଡ଼େ ନାହାନ୍ତି । ଏକ ଜୁଇ ଜଳୁଛି । ଲୋକମାନେ ଏତେ ନିଷ୍ଠୁର ଯେ, ଦରପୋଡ଼ା ଶବ ଛାଡ଼ି ଚାଲିଯାଇଛନ୍ତି । ଚିତାନଳରୁ ବାହାରି ଯାଇ ଗୋଡ଼ ଦିଟା ପଦାକୁ ଦିଶୁଛି । ମୋତେ ସାମାନ୍ୟ ଦକ ଲାଗିଲା । ତଥାପି ସାହସ ବାନ୍ଧି ଆଗେଇଲି । ଘରେ ପହଂଚି ଏସବୁ କହିବା ପରେ ମୋତେ ପରିବାର ସଦସ୍ୟ ଗାଳି କଲେ । କହିଲେ- ଏତେ ରାତିରେ ମଶାଣି ବାଟରେ ଆସିବା କ'ଣ ଦରକାର ଥିଲା ? ମୋତେ ଝଡ଼ାଫୁଙ୍କା କଲେ । ମାତ୍ର ମୁଁ ଏସବୁ ବେକାର ବୋଲି ଧରି ନେଇଥିଲି । ମୋର ସେପରି କିଛି ହୋଇ ନଥିଲା ।

ସମୟ କ୍ରମେ ମୁଁ ଭୂତପ୍ରେତକୁ ଡରିବା ନାଁ ମନରୁ କାଢ଼ି ଦେଇଥିଲି । ଭାବିନେଇଥିଲି ଏସବୁ ମନର ଏକ ମନସ୍ତାତ୍ତ୍ୱିକ କଳ୍ପନା । ବାସ୍ତବରେ ଭୂତପ୍ରେତ କେହି ନାହାନ୍ତି । ଅନେକ ବହି ମଧ୍ୟ ଏବାବଦରେ ପଢ଼ିଲି । ଯେଉଁମାନେ ହେତୁବାଦୀ ସେମାନଙ୍କ ସହ ବି ମୋର ବନ୍ଧୁତା ରହିଛି । ସେମାନେ ଭୂତପ୍ରେତକୁ ପ୍ରଥମରୁ ହିଁ କାଟି ଦେଇଥିବାବେଳେ ନିଜ ମନର ଦୁର୍ବଳତା ହିଁ ଭୂତପ୍ରେତ ସମ୍ପର୍କିତ ଭାବନାର ମୂଳଦୁଆ ବୋଲି କହିଥିଲେ । ଏସବୁ ଦୃଷ୍ଟିରୁ ମୁଁ ବି ନିଶ୍ଚିତ ହୋଇଯାଇଥିଲି ଯେ, ଭୂତପ୍ରେତ କେହିନାହାନ୍ତି ।

ଲୋକେ କହନ୍ତି ଯେଉଁମାନେ ଆତ୍ମହତ୍ୟା କରନ୍ତି ସେମାନେ ନିଶ୍ଚିତ ଭୂତ ହୁଅନ୍ତି ଏବଂ ସେମାନଙ୍କ ଅତୃପ୍ତ ଆତ୍ମା ଚାରିଆଡ଼େ ଘୂରିବୁଲେ ।

ଅନେକ ଦିନ ତଳେ ମୁଁ ଭୁବନେଶ୍ୱର ଛଅ ନମ୍ବରରେ ଏକ ସରକାରୀ ଘରର ପଛ ପଟେ ଥିବା ଏକ ଘରେ ବାସ କରୁଥିଲି । ସେହି ଘରେ ମୋର ପ୍ରିୟ ପରିଚିତ ମନୁ ନାମକ ଜଣେ ବନ୍ଧୁ ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଥିଲେ । ସାରା ରାତି ଓହଳିବା ପରେ ସକାଳେ ଜଣାପଡ଼ିଥିଲା ଖବର । ସେ ସେହି ଘରେ ଆତ୍ମହତ୍ୟା କରିଥିବା ଖବର ଜାଣି ସୁଦ୍ଧା ମୁଁ ସେହି ଘରେ ରହିଥିଲି । ଅନେକ ରାତି ଏକୁଟିଆ କଟିଛି । ମହାବାତ୍ୟା ବେଳେ ବି ସେହି ଘରେ ସମ୍ପୂର୍ଣ୍ଣ ଏକୁଟିଆ ଥିଲି । ଭୟଙ୍କର ପରିବେଶ, ଚାରିଆଡ଼େ ଅନ୍ଧକାର । ଆଖପାଖରେ କେହିନାହାନ୍ତି । ପ୍ରବଳ ବତାସ । ମରିଗଲେ ବି କେହି ପଚାରିବାର ନାହିଁ । ଘରୁ ବାହାରିବା ବି ଅସମ୍ଭବ । ଏପରି ଅବସ୍ଥାରେ ପ୍ରାୟ ଷାଠିଏ ଘଣ୍ଟା ସେହି ଘରେ କଟିଥିଲା । ମାତ୍ର ମୁଁ ମନୁଙ୍କୁ କେନ୍ଦ୍ର କରି ଡରି ନଥିଲି । ଯଦି ବାସ୍ତବରେ ମନୁ ଭାଇ ପ୍ରେତ ହୋଇ ବୁଲିଥାନ୍ତେ ତେବେ ସେ

ଅନ୍ଧାରର ସୁଯୋଗ ନେଇ ଥରେ ତ ନିଶ୍ଚୟ ଆସିଥାନ୍ତେ । ମୋତେ ଡରାଇଥାନ୍ତେ କିମ୍ବା ମାରିଦେଇଥାନ୍ତେ । ମାତ୍ର ସେସବୁ କିଛି ଘଟିଲା ନାହିଁ । କୌଣସିମତେ ବାତ୍ୟାକାଳ ବିତିଯାଇଥିଲା ।

ମୁଁ ବହୁଥର କ୍ୟାପିଟାଲ ହସ୍ପିଟାଲ ଯାଇଛି । ନିଜର ସ୍ୱାସ୍ଥ୍ୟ କାରଣ ହେଉ ବା ଅନ୍ୟ ଲାଗି । ବେଳେବେଳେ କୌଣସି ପରିଚିତ ବ୍ୟକ୍ତିର ମୃତ୍ୟୁ ପରେ ତାଙ୍କ ପୋଷ୍ଟମର୍ଟମ ଲାଗି ମଧ୍ୟ ହସ୍ପିଟାଲ ପଛକୁ ଯାଇଛି । ସେଠାରେ ଝଙ୍କାଳିଆ ବରଗଛଟିଏ ରହିଛି । ଲୋକଙ୍କ କଥା ଅନୁସାରେ ସେଠାରେ ଅନେକ ପ୍ରେତ ବସବାସ କରିବା କଥା । ମାତ୍ର ଦିନ ହେଉ ବା ରାତି କେବେ ବି କୌଣସି ପ୍ରେତର ସୁରାକ୍ ମୁଁ ପାଇନାହିଁ । ସେଠାରେ ତ ଦୈନିକ ଆଠ ଦଶଜଣଙ୍କ ପୋଷ୍ଟ ମର୍ଟମ ହୋଇଥାଏ । ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା, ସ୍ୱାଭାବିକ ମୃତ୍ୟୁ, ସର୍ପକାମୁଡ଼ା, ରୋଗ ଆଦି କାରଣରୁ ସେହିସବୁ ଲୋକଙ୍କ ମୃତ୍ୟୁ ଘଟିଥାଏ । ପୁଣି ପିଲା, ଯୁବକ, ଯୁବତୀ, ବୟସ୍କ, ବିଧବା ଆଦି ସମସ୍ତ ପ୍ରକାର ଲୋକଙ୍କ ପୋଷ୍ଟମର୍ଟମ ସେଠାରେ ହୋଇଥାଏ । ଲୋକକଥା ଅନୁସାରେ ସେଠାରେ ଭୂତମାନଙ୍କ ସଂଖ୍ୟା ବଢ଼ିବା କଥା । ମାତ୍ର କାହିଁକି କେଜାଣି ସେଠାରେ କୌଣସି ପ୍ରମାଣ ମୁଁ ଖୋଜିବା ସତ୍ତ୍ୱେ ପାଇନାହିଁ ।

ଭୂତମାନଙ୍କର କଥାକୁ ନେଇ ମୁଁ ସର୍ବଦା ସନ୍ଦେହରେ । ଏହାର କୌଣସି ବୈଜ୍ଞାନିକ ପ୍ରମାଣ ବି ଆଜି ଯାଏ ମିଳିପାରିନାହିଁ । ମଣିଷର ପୁନର୍ଜନ୍ମ ନେଇ ବି ପ୍ରମାଣ ନାହିଁ । ମଣିଷର ପାପ ଓ ଧର୍ମର ଫଳ ଯେ ଫଳେ ଏହାର ବି କୌଣସି ବିଜ୍ଞାନସମ୍ମତ ପ୍ରମାଣ ନାହିଁ । ନିର୍ଦ୍ଦିଷ୍ଟ ଦିନରେ ଆମିଷ ନ ଖାଇ ପରେ ଖାଇବା, ନିର୍ଦ୍ଦିଷ୍ଟ କେତେକ ଦିନ ବ୍ୟତୀତ ଅନ୍ୟ କେତେକ ବାରରେ ଛେଳି, କୁକୁଡ଼ା କାଟିବା, ବିଭିନ୍ନ କୁକର୍ମ କରିବା ପରେ ମନ୍ଦିର ଯାଇ ପ୍ରାର୍ଥନା କରିବା ଏସବୁର ମୁଁ ଘୋର ବିରୋଧୀ । ଏହା ମଣିଷର ଗୋଟିଏ ଗୋଟିଏ ହିପୋକ୍ରାସି ବୋଲି ମୁଁ ଗ୍ରହଣ କରେ ।

ଭୂତପ୍ରେତ, ଡାହାଣୀ ଆଦି ସମ୍ପର୍କରେ ଜାଣିବା ଲାଗି ମୋ ମନ ଦିନେ ଛଟପଟ ହେଲା । ସତଟା କ'ଣ ? କାହିଁକି ମୁଁ କେବେ ବି ଭୂତପ୍ରେତଙ୍କ ସନ୍ଧାନ ପାଇଲି ନାହିଁ ? ଅନ୍ୟ କେତେଜଣ କିପରି ଭୂତକୁ ଦେଖିଥିବା ଦାବି କରନ୍ତି ?

ମୁଁ ନିଷ୍ପତ୍ତି ନେଲି, ଏହାର ଅନୁଧ୍ୟାନ କରିବି । ପୂର୍ବରୁ ଶୁଣିଥିଲି, ମାସାନ୍ତ, ସଂକ୍ରାନ୍ତି, ଶନିବାର ଆଦିରେ ଭୂତପ୍ରେତ ବାହାରନ୍ତି ।

ଦିନେ ସଂଯୋଗବଶତଃ ଶନିବାର ଦିନ ସଂକ୍ରାନ୍ତି ପଡ଼ିଥିଲା । ମୁଁ ମନେ କଲି ଏହା ଏକ ଠିକଣା ସମୟ । ନିଶ୍ଚିତ ଆଜି ରାତିରେ ଭୂତଙ୍କ ଠାବ କରିବା ସହଜ ହେବ । ରାତି ପ୍ରାୟ ଏଗାର । କାହାକୁ କିଛି ନ କହି ମୁଁ ଏକୁଟିଆ ଗାଁର ମଶାଣି ଆଡ଼େ ବାହାରିଲି । ଭୂତ ଯେପରି ପାଖ ନ ମାଡ଼ିବ ସେଥିଲାଗି ଲୁହା କଣ୍ଢା ଧରିବା କଥା । ମାତ୍ର ତାହା ସାଥୀରେ ନେଲିନାହିଁ ।

ଗାଁର ଅନେକ ଶବ ଏହି ମଶାଣିରେ ପୋଡ଼ାଯିବା ମୁଁ ଦେଖିଛି । ନିଜର ପରିଜନଙ୍କ ଶେଷକୃତ୍ୟ ଲାଗି ବି ମୁଁ ଏଠାକୁ ଆସିଛି । ଏଠି ଦୁର୍ଘଟଣା, ରୋଗ, ଆତ୍ମହତ୍ୟା, ହତ୍ୟା ଆଦି ଘଟଣାରେ ମୃତ ବ୍ୟକ୍ତିଙ୍କ ଶବ ଦାହ ହୋଇଛି । ପିଲା, ବୁଢ଼ାବୁଢ଼ୀ, ଯୁବକଯୁବତୀ, ଗର୍ଭବତୀଙ୍କୁ ବି ଦାହ କରାଯାଇଛି । ସେମାନଙ୍କ ଭିତରୁ କେହି ନା କେହି ଭୂତ ହୋଇଥିବେ ନିଶ୍ଚୟ । ପୁଣି ମଶାଣିରେ ଯେଉଁ ବୃହତ ଝଙ୍କାଳିଆ ବଟ ବୃକ୍ଷ ରହିଛି ତାହା ବି ହୋଇପାରେ ଭୂତପ୍ରେତଙ୍କ ଅମରାବତୀ । ମୁଁ ନିଶ୍ଚିତ ହେଲି ଯେ, ଆଜି ଏକ ଘଡ଼ିସନ୍ଧି ଦିନରେ ଭୂତଙ୍କ ଦେଖା ନିଶ୍ଚୟ ମିଳିବ । ଦୈବାତ ସେହିଦିନ ବି ଜଣେ ବ୍ୟକ୍ତିଙ୍କ ଶବ ଦାହ ହୋଇଥିଲା । ନିଆଁ ଲିଭି ନଥିଲା । ମୁଁ ସେଠାରେ ପହଂଚି ଖୋଦ୍ ସେହି ବରଗଛ ମୂଳେ ବସିଲି । ମୋ ଆଗରେ ଝୁଲି ରହିଥିଲା କେତେକ ଓହଳ । ଚାରିଆଡ଼େ ଅନ୍ଧାର । ବିଲୁଆମାନଙ୍କ ରଡ଼ି, ଦୂରରୁ ବାହାରୁଥିବା କୁକୁରଙ୍କ ଭୁକିବା ଶବ୍ଦ, ଉପରୁ ଖସ୍ ଖସ୍ ଶବ୍ଦ ଇତ୍ୟାଦି ଭିତରେ ଦେହରେ ଛନକା ପଶିବା କଥା । ମାତ୍ର ତାହା ମୋ କ୍ଷେତ୍ରରେ ଘଟିଲା ନାହିଁ । ଖସ୍ ଖସ୍ ଶବ୍ଦ ସମ୍ପର୍କରେ ମୁଁ ଜାଣିଥିଲି ଏସବୁ ବଗ, ପେଚା, ବାଦୁଡ଼ିଙ୍କ କାର୍‌ନାମା । ତେଣୁ ମୋତେ ଡର ଲାଗିଲା ନାହିଁ । ଚାରିଆଡ଼େ ଚାହୁଁଥିଲି କାଳେ କିଛି ଭୂତଙ୍କ ସନ୍ଧାନ ମିଳିବ । କିଛି ସମୟ ବି ବରଗଛ ଚାରିପଟେ ବୁଲାବୁଲି କଲି । ଏପରିକି ଚିତା ନିକଟକୁ ବି ଗଲି । ମାତ୍ର କିଛି ଦେଖିଲି ନାହିଁ । ପ୍ରାୟ ଦୁଇ ଘଣ୍ଟା ବିତିଲା । ସବୁ ବେକାର ।

ପରେ ନିଷ୍ପତ୍ତି ନେଲି । ହିନ୍ଦୁ ମଶାଣିରେ ହୁଏତ ଭୂତଙ୍କ ଦେଖା ମିଳିଲା ନାହିଁ । କବରଖାନାରେ ନିଶ୍ଚୟ କିଛି ନା କିଛି ସନ୍ଧାନ ମିଳିବ ।

ଆମ ଗାଁଠାରୁ ଅଳ୍ପ ଦୂରରେ ଏକ ମୁସଲିମ ବସ୍ତି ରହିଛି । ସେଠାରେ ଅନେକ ପୁରୁଷ ଧରି ମୁସଲିମ ସମ୍ପ୍ରଦାୟ ବାସ କରନ୍ତି । ମୋର ବି କିଛି ପରିଚିତ ବ୍ୟକ୍ତି ସେଠାରେ ଅଛନ୍ତି । ମୁଁ ସେହି ଗ୍ରାମର କବରସ୍ଥଳୀ ଆଡ଼େ ଚାଲିଲି ।

ଅନ୍ଧାର ରାତି । ବାଟରେ ଘାଟରେ କାହାର ଦେଖାନାହିଁ । ତଥାପି ମୁଁ ଟର୍ଚ୍ଚ ଧରି ଆଗେଇ ଚାଲିଥାଏ । କିଛି ସମୟ ପରେ ସେହି ସ୍ଥାନରେ ପହଞ୍ଚିଲି ।

ଲୋକେ କହନ୍ତି କବରସ୍ଥଳୀରେ ଅନେକ ପ୍ରକାର କାଣ୍ଡ ଦେଖିବାକୁ ମିଳେ । ଅତୃପ୍ତ ଆତ୍ମାମାନେ ଏଠାରେ ଅବିରତ ଘୂରି ବୁଲନ୍ତି । କଙ୍କାଳ ରୂପରେ ଗଛରେ ଡିଆଁନ୍ତି । ଭୟଙ୍କର ଗର୍ଜନତର୍ଜନ କରନ୍ତି ।

ମୁଁ ସେହି ଖୋଲା କବରସ୍ଥଳୀ ଭିତରକୁ ଚାଲିଗଲି । କେତେକ ସ୍ଥାନରେ ମୃତବ୍ୟକ୍ତିମାନଙ୍କ ବିଭିନ୍ନ ସାମଗ୍ରୀ ବିଛାଇ ହୋଇ ପଡ଼ିରହିଥିଲା । ଆଉ କିଛି ସ୍ଥାନରେ ଅଧାପୋତା କଫିନ ପଦାକୁ ଦିଶୁଥିଲା । ଏପରି ସ୍ଥଳେ ମୁଁ ସେଠାରେ ଥିବା ଏକ ସିମେଣ୍ଟ ଚଉକି ଉପରେ ବସି ଚାରିଆଡ଼େ ନଜର ପକାଇଲି । କିଛି ଦୂରରେ ଏକ ବିଜୁଳି ବତି ଜଳୁଥିଲା । ମାତ୍ର ତାହାର ଆଲୋକରେ ଏହି ସ୍ଥଳୀ ଆଲୋକିତ ହେଉ ନଥିଲା । ଚାରିଆଡ଼କୁ ମୁଁ ଟର୍ଚ୍ଚ ପକାଇ ନଜର ରଖିଥାଏ । ହଠାତ୍ କିଛି ଚିକ୍ ଚିକ୍ ଦୃଶ୍ୟ ଟର୍ଚ୍ଚ ଆଲୋକରେ ଝଲସି ଉଠିଲା । ମୁଁ ନିର୍ବିଘ୍ନରେ ସେଠାକୁ ଯାଇ ଦେଖିଲି ତାହା ଏକ ଲକେଟ । ବୋଧହୁଏ କାହାର ଲକେଟ ଏଠାରେ ଖସିପଡ଼ିଥିବ । ପୁଣି ମୁଁ ପୂର୍ବ ସ୍ଥାନକୁ ଫେରିଆସିଲି ।

ରାତି ବଢ଼ିବାରେ ଲାଗିଥିଲା । ଏଠି ବି ପ୍ରାୟ ଦୁଇ ଘଣ୍ଟା ବିତିଗଲାଣି । ତଥାପି କୌଣସି ଭୂତପ୍ରେତଙ୍କ ସୂଚନା ନାହିଁ । ସେହି ଅନ୍ଧାର ରାତିରେ କବରଖାନା ଚାରିପଟେ ବୁଲିଲି । ମାତ୍ର ସବୁ ନିଷ୍ଫଳ । ବାଧ୍ୟ ହୋଇ ସେଠାରୁ ଫେରିବାକୁ ବସିଲି ।

ଏଥର ନିଷ୍ପତ୍ତି ନେଲି ସ୍ଥାନୀୟ ଖ୍ରୀଷ୍ଟିଆନ ବସ୍ତିକୁ ଯିବା ଲାଗି । ଅନେକ ଆଶା ଥିଲା ସେଠାରେ ନିଶ୍ଚୟ କାହାର ନା କାହାର ସାକ୍ଷାତ ମିଳିବ ।

ସେହି ରାତିରେ ହିଁ ମୁଁ ସେଠାକୁ ବାହାରିଲି । ଅଳ୍ପବାଟ । ଖୁବ୍ କମ୍ ସମୟରେ ସେଠାରେ ପହଞ୍ଚିଗଲି ।

ରାତିର ପ୍ରାୟ ଶେଷ ପ୍ରହର । ସବୁଆଡ଼େ କିଟିକିଟି ଅନ୍ଧାର ବିରାଜମାନ । ସେହି ନିଦଭରା ଆଖିରେ କିନ୍ତୁ ଥାଏ ଅନୁସନ୍ଧିତ୍ସୁ ଭାବନା । ମନରେ ଗୋଟିଏ ଜିଦ୍ କୌଣସି ନା କୌଣସି ପ୍ରକାରେ ଆଜି ଭୂତପ୍ରେତ ଦେଖିବି ।

ଖ୍ରୀଷ୍ଟିଆନମାନଙ୍କ କବରସ୍ଥଳୀରେ ପହଞ୍ଚିଲି । ପ୍ରାୟ ସମସ୍ତ ସ୍ଥାନରେ ଖଣ୍ଡିଏ ଖଣ୍ଡିଏ କ୍ରୁଶ ଚିହ୍ନ ଖୋଦିତ ହୋଇଥାଏ ବା ପୋତାଯାଇଥାଏ । ଏହା ବି ଏକ ବିପଜ୍ଜନକ

ସ୍ଥଳ ବୋଲି ଲୋକେ କୁହାକୁହି ହୁଅନ୍ତି । ଏସବୁର ପ୍ରମାଣ ଖୋଜିବା ଲାଗି ଯେହେତୁ ମୁଁ ନିଷ୍ପତ୍ତି ନେଇଛି ତେଣୁ ଜାଣିଶୁଣି ସେହି ଖୁଆଡ଼ ଭିତରେ ପଶିଲି ।

ସେଠି ମଧ୍ୟ ପ୍ରାୟ ଦୁଇ ଘଣ୍ଟା ବିତିଗଲା । ମାତ୍ର ଭୂତମାନଙ୍କ କୌଣସି ସୋରଶବ୍ଦ ଶୁଣିବାକୁ ପାଇଲିନାହିଁ କିମ୍ବା କୌଣସି ଛାୟା, ପ୍ରଛାୟା ଦେଖିପାରିଲି ନାହିଁ । ମନରେ ଅନେକ କ୍ଷୋଭ ଜାତ ହେଲା । ଭୂତପ୍ରେତ ଖବର ଯେ ସମ୍ପୂର୍ଣ୍ଣ କପୋଳକଳ୍ପିତ ଏବଂ ଭ୍ରାନ୍ତ ତାହାର ପ୍ରମାଣ ମୁଁ ପାଇଲି । ସାରା ରାତି କ'ଣ ଗୋଟିଏ ବି ଭୂତଙ୍କ ଦର୍ଶନ ମିଳି ନଥାନ୍ତା ? ପୁଣି ତିନି ତିନିଟି ସ୍ଥାନରୁ ?

ସେତେବେଳକୁ ରାତି ପାହିଆସୁଥିଲା । ବିଫଳ ମନୋରଥ ହୋଇ ଘରକୁ ଫେରୁଥିଲି । ତେବେ ଦେଖିଲି ଏକ ବାଇକ ସେହି ରାସ୍ତାରେ ଆସୁଛି । ମୁଁ ଗୋଟିଏ ଗଛ ଆଡୁଆଳକୁ ଚାଲିଗଲି । କିଏ କାହିଁକି ମୋତେ ସନ୍ଦିଗ୍ଧ ଅବସ୍ଥାରେ ଦେଖିବ । ଦ୍ରୁତଗତିରେ ବାଇକଟି ଚାଲିଗଲା ।

ତେବେ ବାଇକଚାଳକ ଓ ପଛରେ ବସିଥିବା ବ୍ୟକ୍ତିଙ୍କୁ ମୁଁ ଜାଣିପାରିଲି । ଯଦିଓ ସେମାନେ ମୋତେ ଦେଖି ନଥିଲେ, ମୁଁ କିନ୍ତୁ ସେମାନଙ୍କୁ ଦେଖି ଜାଣିପାରିଥିଲି । ସେମାନେ ଥିଲେ ପାଖ ଗାଁର ଦୁଇ ଜଣ ଯୁବକ ।

ସେମାନେ କୁଆଡ଼େ ଯାଇଥିଲେ, କାହିଁକି ଏତେ ଭୋରରେ ଫେରିଲେ ତାହା ଲାଗି ଜିଜ୍ଞାସା କଲିନାହିଁ ।

ମାତ୍ର ପରେ ପରେ ଯେଉଁ ଖବର ଆସିଲା ତାହା ଶୁଣି ମୁଁ ଘାବରେଇଗଲି ।

ଦୂର ଗାଁରେ ଏକ ବୀଭତ୍ସ ଘଟଣା ଘଟିଥିଲା । ସେଥିରେ ଜଣେ ଯୁବତୀଙ୍କୁ ବଳାତ୍କାର କରି ହତ୍ୟା କରିଦିଆଯାଇଛି । ଏହି ଘଟଣାରେ ପୋଲିସ ଛାନବିନ କରୁଛି । ପରଦିନ ଖବର ଆସିଲା ଏହି ଘଟଣାରେ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି । ଆଉ ସେମାନେ ହେଲେ ସେହି ଦୁଇ ବ୍ୟକ୍ତି ଯାହାଙ୍କୁ ମୁଁ ଘଟଣା ଦିନ ଭୋର୍‌ରେ ଦେଖିଥିଲି । ମୋର ପାଟିରୁ ଅଜାଣତରେ ବାହାରି ଗଲା ଓଃ ! ଭୂତ କି ଭୟଙ୍କର !

ଭୁବନେଶ୍ୱର

ମୋ- ୯୪୩୭୧୬୪୭୬୪

❐❐❐

ବୁଢ଼ା

● ବାସୁଦେବ ବାରିକ୍

ଲୋକଗୁଡ଼ାଙ୍କ ଭିତରୁ କେହି ଜଣେ ବୁଢ଼ାକୁ ଚିହ୍ନି ପକେଇଲା ଯେ ତା' ମୁଣ୍ଡାରେ ମସିହା ହେଇ ଗୁଡ଼ା ହେଇଥିବା ଛୋଟବଡ଼ କାଠିତୁଳି ସବୁରେ ଘୁଣ ଖାଇସାରିଛି । କିଛି ବଡ଼କରି ଅଙ୍କା ଚିତ୍ରକୁ ଧୀରେ ଧୀରେ ସଜାଡୁ ସଜାଡୁ କହିଲା ସେ, 'ଆବେ, ମାରନା ବେ, ତାକୁ ଆଉ ଛୁଅଁନା ।'

ଉପରୋକ୍ତ ଶବ୍ଦସବୁ ଆସ୍ତେରୁ ଜୋର ହେଇ ଉପସ୍ଥିତ ଥିବା ସଭିଙ୍କୁ କିପରି ବା ଆକର୍ଷିତ କଲା । ସେମାନେ ହାମୁଡ଼େଇବା ଛାଡ଼ି ଦେଇ ଠିଆହୋଇ ପଡ଼ିବାକୁ ବାଧ ହେଲେ । ଆଖି ପୁଅଡ଼ୋଳା ଗୁଡ଼ିକରେ ବିସ୍ମୟର ପତିଆରା । ଜଣାପଡ଼ିଲା ବେଳକୁ ବୁଢ଼ା ଦରମରା ହେଇ ସାରିଥିଲା ।

କାହିଁକି କେଜାଣି ନିରବତା ରକ୍ଷା କଲାବେଳେ ସମୟର ଝାଂଜରେ ପିଟିହେଲା ଠଣ୍ ଠଣ୍, ଆକାଶରେ ନିରୀହ ଚଢ଼େଇସବୁ ଫୁର୍‌କିନା ଉଡ଼ିବା ଆରମ୍ଭ କରି ଦେଇଥିଲେ ।

ଏପରି ଏକ ବିଚିତ୍ର ଦୃଶ୍ୟ ଦେଖୁଥିବା ବେଳେ ଟୋକାଟା ଚିତ୍କାର କରି କହିଲା, 'ଆବେ ଇଏ ସେହି ଚିତ୍ରକର, ପାଞ୍ଚବର୍ଷ ତଳେ ଦେଶ ବିଦେଶରେ ଖୁଉବ୍ ନାଁ କରିଥିଲା । ତା' ଚିତ୍ରକୁ କିଣି ନେଇଥିଲା ସୁଇଜର୍‌ଲାଣ୍ଡର ଝିଅଟି । ଇଏ ସେଇ ବିଖ୍ୟାତ !

କିନ୍ତୁ ବିଖ୍ୟାତ ମଣିଷର କିଛି ବି ଭାବାନ୍ତର ହଉ ନ ଥିଲା ଏଇଥିପାଇଁ ଯେ ସେ କେବଳ ନିସ୍ତାର ଚାହୁଁଥିଲା । ଦିହରେ ତ ଖାଇଛି ଆଉ ପୁଣି ପାଟିରେ ଖାଇବା କ'ଣ ଦରକାର ରହିଛି ଯେ ।

ଉଠିବାକୁ ବେଶ୍ କିଛି କଷ୍ଟ ଅନୁଭବ କଲାବେଳେ ବୁଢ଼ାକୁ ଦେଖି ସାରା ଜଗତର ନିରବତା ଯେପରି ଏଠାକୁ ଘୋଟି ଆସିଲା । ସେମାନେ ନିଜ କାନମୁଣ୍ଡ ଅଣ୍ଡାଳି ଅଣ୍ଡାଳି ନିସ୍ତେଜ ହେଇ ପଡୁଥିଲେ । ଏଥର ସେ ଟୋକାଟା ବୁଢ଼ା ସମ୍ପର୍କରେ ଅନବରତ ବଖାଣି ଚାଲିଥିଲା, ସମସ୍ତିଙ୍କି ସ୍ତବ୍ଧକାତର କରେଇ ବୁଢ଼ାର ମହାନତା ଗପୁଥିଲା ।

କ୍ରମଶଃ କୋଳାହଳ କମିଯାଇ ସେଥିରେ ଶାନ୍ତ ହେଇ ଆସୁଥିଲା ମଣିଷ ହାତ ଅଙ୍ଗୁଳିର ପରସ୍ତ ସବୁ । ପରକ୍ଷଣରେ ନିଜ କଲାକର୍ମ ପାଇଁ ବହେ କାନ୍ଦି ପକେଇ ବୁଢ଼ାର ପାଦ ଦୁଇଟିକୁ ଅଣ୍ଡାଳିବାରେ ପ୍ରତିଯୋଗିତା ଆରମ୍ଭ କରିଦେଲେ ।

ଅପରପକ୍ଷରେ ନିଜଠାରେ କିଛି କେଉଁଠି ଭୁଲ୍ ରହିଛି କି ମଣିଷମାନେ ତା' ପାଦ ଟାଣୁଥିଲେ ବୋଲି ଭାବି ହଉଚି ସେ । ଅଜଣା ଆଶଙ୍କାରେ ନିଜ ଦୁର୍ବଳ ଶରୀରକୁ ହଠାତ୍ ଘୋଷାରି ନେବା କଷ୍ଟ ମନେ କଲା ବୁଢ଼ା । କାହିଁ ସେତ ପିଇ ନାହିଁ, ବେଶ୍ୟା ଘରେ ହାଜିରା ପକେଇ ନାହିଁ । ବିଡ଼ି ଗଂଜେଇ ଅବା ଭାଙ୍ଗଭର୍ତ୍ତି ପାନ ଚୋବେଇ ରାସ୍ତାରେ ଚାଲିନାଇଁ । ଟଳିଟଳି କାହାକୁ ଟଳିବାର ଟେଳା ଖୁଆଇ ନାହିଁ । ପୁଣି ତେବେ ଏମାନେ କାହିଁକି ତାକୁ ଗୋଡ଼ଉଥିଲେ, ତା' ପିଠିରେ ପୋଖରୀ ଖୋଳେଇ ତା' ଦିହମୁଣ୍ଡ ପରାଶ କରେଇ ତଥାପି ଛାଡ଼ି ପାରୁନାହାନ୍ତି ଜମାରୁ ।

ବିରକ୍ତ ଲାଗିଲେ ବି କ'ଣ କରିବ ଏବେ ଉଠିଲେ, ପାଦ ତ ଟିକିଏ ଚଳୁନାହିଁ । ସେଥିରେ ପୁଣି ଏମାନଙ୍କ କଟାଳ କହିଲେ ନ ସରେ । ଅରିମାନା ମେଣ୍ଟେଇବା ଅପରାଧରେ ପୁଣି ସେ ଭୁଲ୍ କରିବ ନାହିଁ ଭାବିବା ବେଳେ ଅନୁଭବ କଲା ତା' ଦିହଟାକୁ ଟେକି ନେଇ ସେମାନେ ପରିଷ୍କାର କରି ପକେଇଲେ । ନୂଆଲୁଗା ପିନ୍ଧେଇ ଚଉତରା ଜାଗାରେ ଥୁଆ ହେଇ ଥିବା ଖଟୁଲିରେ ତାକୁ ବସେଇ ଦେଲେ । ତହିଁ ପୂର୍ବରୁ ଦିବ୍ୟ ଭୋଜନ ଦେଇ ତାକୁ ଆପ୍ୟାୟିତ କରିଥିଲେ ।

ତା'ପରେ ଚାଲିଲା କେତେ କେତେ ମାଇପି ମର୍ଦ୍ଦଙ୍କ ପାଟିତୁଣ୍ଡ, ସବୁକଥାକୁ ଢ଼କ ଢ଼କ କରି ପିଇଦେବାର ନିଶା ଓ ତାକୁ ନେଇ କାହାଣୀ କୁହା ସବୁକୁ ଠିକ୍ ଠିକ୍ କାନେଇବାର ପ୍ରଚେଷ୍ଟା । ତା' ଦିହମୁଣ୍ଡରେ ସଲସଲ ହଉଥିଲା ଗଜରାମାଳା, ତା' ମଥାରେ ଚନ୍ଦନ ଲେପି ହରିବୋଲ / ହୁଳହୁଳୀ ପକେଇ କମ୍ପେଇ ଦଉଥିଲେ ସଭା ଚଉଦିଗରେ ବସି । ଖାଲି କହି ଚାଲିଥିଲେ ଜଣକ ପରେ ଜଣେ ବିଭାନରେ ବସିଥିବା ତାକୁଇ ଲକ୍ଷ୍ୟକରି ।

ହେଲେ ସମସ୍ତିଙ୍କି ଥରେ ଥରେ ନଜର ପକେଇ ତା'ପରେ ତଳକୁ ମୁହଁ ପୋତି କାନ୍ଦୁଥିଲା ଅଜାଣତରେ - ଲୁହବୁନ୍ଦା ଧସ୍‌କି ଯାଇ ଆସ୍ଥାନ କପଡ଼ାରେ ଟପ୍ ଟପ୍ ପଡ଼ିବାକୁ ଆରମ୍ଭ କରୁଥିଲା ଭାରି ଜୋରରେ । ଧୀରେ ଧୀରେ ସେଗୁଡ଼ିକ ଶୁଖିଆସି ବୁଢ଼ାର ହାଡୁଆ ଶରୀରକୁ କମ୍ପେଇ ଦଉଥିଲା ।

ଝିଅଟା ହେଲେ ଆସନ୍ତା ଯେ ତାକୁ ଏ ସମୟରେ ପ୍ରବୋଧନା ଦିଅନ୍ତା । କାହିଁ କାଳୁ ସେ ତା' ରଜା ସଙ୍ଗେ ବଣକୁ ପାରିଧିକରି ଚାଲିଯାଇଛି, ଖତିଆନପତ୍ର ଧରି

ସହଜେ ବାହୁଡ଼ି ଆସିବ ବୋଲି କହି ସେ ସେଇଠି ରାଣୀ ହୋଇ ରହିଗଲା, ଫେରିବାକୁ ମନ କରୁନାଇଁ କେତେବେଳେ ।

କେତେ ନା କେତେ ପାଠପଢ଼ି ମୁଣ୍ଡ ସଳଖି ସିଧା ସିଧା ରାସ୍ତାକୁ ଆସିବା ବେଳେ ତା' ରଜା ତାକୁ ଜିଗର କଲା ବଣକୁ ଚାଲିଯିବାକୁ । ସେମାନେ ସେଠାରେ ବାସ ବନେଇ ରାଜ୍ୟ ଶାସନଭାର ଗ୍ରହଣ କରିବେ ଏବଂ ଶାସନ କଲାବେଳେ ସହରରେ ଉପଦ୍ରବ କରୁଥିବା ସବୁ ବଣମଣିଷଙ୍କୁ ଧରିନେଇ ପିଞ୍ଜରାରେ ରଖିବେ ପରା । ସେ ରଜା କଥାରେ ଭଳି ଝିଅଟି ଚାଲିଗଲା ଯେ ଟିକିଏ ବାତାନି ପଠେଇ ନାଇଁ ଏ ଯାଏଁ । ହଁ, ଥରେ ଆସିଥିଲେ ଦୁହେଁ ହାତୀରେ ଚଢ଼ି, ଟିକିଏ ନ ଓହ୍ଲେଇ ତାଙ୍କ ପଛରେ ଲପଟିଯିବା ପାଇଁ ନେହୁରା ହେଲେ; ଜୀବନ କାଳକୁ ଦୁଃଖରେ ନ ରଖିବାର ଅଭୟବାଣୀ ଶୁଣେଇଲେ ।

ହେଲେ ବୁଢ଼ାର ମନ ଚହଁକିଲା ନାହିଁ । ଘାଉଡ଼ ଘାଇଲାରେ ଆକ୍ରମିତ ହେଲେ ବି ଭିଟାମାଟି ଛାଡ଼ିବ ନାହିଁ ବୋଲି ବୁଝେଇ ବସିଲା । ଆଉରି ନିଜବାପ କହିଯାଇଥିବା କଥାକୁ ଦୋହରେଇ ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ପ୍ରତିଜ୍ଞା କରିପକେଇଲା ।

ଝିଅ ତା' ରଜା ସଂଗେ ପୁଣି ଫେରିଗଲା ଖପ୍ପା ହେଇ, ଯିବାବେଳେ ବୁଢ଼ା କେବଳ ଅନୁଭବ କରୁଥିଲା ସେ କାନ୍ଦି କାନ୍ଦି ଅନୁରୋଧ କରିବାକୁ ଜଣାଉଥିଲା, 'ଝିଅ ଜନମ ଖାଲି ପର ଘରକୁ, ଖାଲି ପର ଘରକୁ ।'

ତା' ଅସହାୟତାକୁ ବୁଝିଥିଲେ ବି ସେଥିରେ ପରବାୟ କରିବାର କାରଣ ବୁଢ଼ା ଖୋଜି ନ ଥିଲା । ସେ କେବଳ ସେମାନଙ୍କ ଯିବାରାସ୍ତାକୁ ଡ଼ବଡ଼ବ କରି ଚାହିଁ ରହିଥିଲା, ମୁର୍ଚ୍ଛନା ଜାଗାରେ ଘା ହେଇ ମୂଢ଼ ହେବା ଯେପରି ଜଣାପଡୁଥିଲା ।

ବିରାଟ ଜନସମୁଦ୍ର, ପୁଣି ତା' ସାମ୍ନାରେ ଠିଆ ହୋଇ ଲୋକଙ୍କୁ ସତର୍କ କରେଇଥିବା ଟୋକାଟା କେତେ କଳାସଂସ୍କୃତି କଥା କହିଚାଲିଛି ଯେ ତହିଁର ଇୟତ୍ତା ନାହିଁ । ତା' ଭଣତିରେ ଆଁ କରି ରହି ଯାଇଛନ୍ତି ଲୋକମାନେ ଯେପରି ଖାଲି ଚାଟୁଛନ୍ତି ତା' ପ୍ରତିଟି ମହୁବୋଳା ଅକ୍ଷରକୁ ।

ଟୋକାକୁ ଅନେଇ ରହିଛି ବୁଢ଼ା । ତା' କଥାରେ ଚାଲିଯିବା ପାଇଁ ନୁହଁ, ତା' ଗୋରା ନିଟୋଳ ଚେହେରାକୁ ଆଖି ପକେଇ ମୁଗ୍ଧ ହେଇ ଯିବାପରେ । ତା'

ଏକୋଇରବଳା ବିଶିକେସନ ଏ ଟୋକା ପରି ଅବିକଳ ଦିଶେ । ଏଭେଁ ବିଦେଶଭୂଇଁରେ ଜମାନା ଚଳେଇ ନିଜ ଚେହେରାକୁ ଚିକ୍କଣ କଲାଣି ପରା ।

ଗଳଦ୍‌ଘର୍ମ ହେଇ ସବୁପାଠକୁ ହଜମ କରି ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଗଲା ଯେ ଗଲା, ଆଉ ଫେରି ଆସିବାକୁ ଇଚ୍ଛା କରିନାହିଁ କଦାଚ । ସେ ମାଟିର ଗୁରିଆ କହଁରାବାଳା ଚିଲା ଆଖିଥିବା ଝିଅଟେ ବାହାହେଇ ପିଲାକବିଲାର ବାପ ହେଇଗଲାଣି ବୋଲି ଲେଖିଲାବେଳକୁ ବୁଢ଼ାକୁ ବେଘର ହେବାକୁ ପଡ଼ିଥିଲା ।

ପୁଅଝିଅ ଦିହିଁଙ୍କ ବିଚ୍ଛେଦ ଜନିତ ଦୁଃଖରେ ଘାରିହେଇ ବୁଢ଼ା ଶେଷରେ ଆବିଷ୍କାର କରିଥିଲା ନିଜ ନ ପାରିଲା ପଣିଆକୁ । ସେଥିପାଇଁ ଦିନେ ଶୀତ ସକାଳେ ସୂର୍ଯ୍ୟଙ୍କର ମତାଣିଆ କିରଣକୁ ଉପଭୋଗ କଲାବେଳେ ନିଜକୁ 'ବଟି ଦାଦା' ବୋଲାଉଥିବା ଲୋକର ହବ୍‌କା ଖାଇ ସେ ଖୁବ୍ ଦୂରକୁ ଛିଟିକି ପଡ଼ିଲା; ଆଣ୍ଠୁଗଣ୍ଠି ଛିଡ଼ି ପିଚ୍‌କରି ରକ୍ତ ବହୁଥିଲା । ପୁଣି ନିଶ୍ୱାସ ମାରିବାବେଳକୁ ସମୟ ଅତିକ୍ରାନ୍ତ ହେଇ ସାରିଥିଲା ଓ ନିଜ ବାପ ଅଜାର ଭିଟାମାଟିରେ ଡେରାକୁ ଜବରଦସ୍ତ ଛଡ଼େଇ ନେଲା ତା' ଗୁଣ୍ଡାହାତ ଦୁଇଟି । ଏହା ସହିତ ଶିଳ୍ପୀ ଜୀବନ ବିତେଇବାକୁ ତାକୁ ସରକାର ଘରୁ ମିଳିଥିବା ଅନୁଦାନକୁ ମଧ୍ୟ ଲୁଟି ନେଲା ।

ବେଘର ହେଲାପରେ ବୁଢ଼ା ଆହୁରି ବୟସ୍କ ହେଇଗଲା ଓ ତା' ହାତ ଦୁଇଟିର ଚମତ୍କାର ଚିତ୍ର ଆଙ୍କୁଥିବା ଅଙ୍ଗୁଳିଗୁଡ଼ିକ କ୍ରମଶଃ ନିସ୍ତେଜ ହେଇ ପଡ଼ିଲେ । ତେଣୁ ସତୁରୀବର୍ଷରେ ହାତ ଅଚଳ ହେବାପରେ ତା' ଟିପଚିହ୍ନ କାଗଜରେ ଘଷି ଆଉସବୁ ଲୁଟିବା ପାଇଁ ତାକୁ ବିଚ୍ ରାସ୍ତାକୁ ଘୋଷାରି ନେଲେ ଯେ ଅଣାୟତ୍ତ ମନରେ ଲଗାମ୍ ଦବାକୁ ସେ ସବୁକିଛି ହରେଇଥିଲା ବସ୍ତୁତଃ ।

ଏପରି ଏକ ଉପକ୍ରମଣିକା ଉତ୍‌ଥାପିତ ହେଲା ବେଳକୁ ଥରେ ଦଳେ ଖଣ୍ଡଙ୍କ ଅଚାନକ ଆକ୍ରମଣର ସୁରାକ ପାଇ ଗଛ ମୂଳେ ଆଶ୍ରିତ ସ୍ଥଳରୁ ବୁଢ଼ା ଝାମ୍ପ ମାରିଲା, କୁଦି କୁଦି ବହୁଦୂରକୁ ଚାଲିଗଲା; ନଈକୂଳରେ ଗାଁଟିଏ ଦେଖି ସେଇଠି ଅଟକିଗଲା । ସେତେବେଳକୁ ଯିଏ ଦେଖିବ ତାକୁ ସାଧୁଟିଏ କହିବ । ଅଥଚ ଏସବୁ ଅବସ୍ଥା ସମ୍ପର୍କରେ କାହାରିକୁ ବୁଝେଇବାକୁ ଦର୍କାର ପଡ଼ିଲା ନାହିଁ । ନଈକୂଳରେ ବସି ବସି ଆକାଶ ଓ ମାଟିର ଦିଗହଜା ରୂପରେ ମୋହିତ ହେଇ ତା' ଆଖିଯୋଡ଼ିକ ବୁଜି ହେଇଗଲା । ଏପରି ପଡ଼ିରହି ଚାଖଣ୍ଡେ ପେଟର ଦାଉ ସହି ନ ପାରି ସେ ମାଟି

କାମୁଡ଼ି ପକେଇବାକୁ ବିଚାର କରିବସିଲା । କ୍ରମେ ଉଆଁସ ରାତି ଆବିର୍ଭାବ ହେଲାବେଳକୁ ସେ ଅନୁଭବ କଲା ତା' ଚାରିପାଖେ ସର୍‌ର ସର୍‌ର ହେଇ କିଏ ଭୂଇଁ ବିଦାରୁଛି । ନିରାସକ୍ତ ବୁଢ଼ାର ଛାତିରୁ ଦୁଲକିନା ଅତଡ଼ା ଖସିବାକୁ ଉପକ୍ରମ କଲା । ଏହା କ୍ରମଶଃ ବଳବତ୍ତର ହେବାରୁ ଏକମାତ୍ର ପ୍ରାଣଘଟକୁ ଲୁଚେଇବା ପାଇଁ ସେ ଅତର୍କ୍ଟ ଦୌଡ଼ିବାକୁ ଆରମ୍ଭ କଲା । ବସ୍ତୁତଃ ଗାଁ ଭିତରେ ସେ ପ୍ରବେଶ କଲା ଏବଂ ନୂଆଣିଆ ଘର ପିଣ୍ଡାରେ ବସି ପାକୁଳି କରୁଥିବା ମଣିଷଟି ବୁଢ଼ାକୁ ଦେଖିପକେଇ ରଡ଼ି ଛାଡ଼ିଲା, ଚୋର, ଚୋର । ଦଉଡ଼ି ଆସ ହୋ, ଚୋର ।'

ସତକୁ ସତ ନଗ୍ର ସାରା ଲୋକ ଝପ୍‌ଟି ଆସି ବୁଢ଼ାକୁ କାବୁକରି ବହେ ଛେଚିଲେ । ପ୍ରଭାତ ପରେ ବି ତା' ହାତଗୋଡ଼ ଛନ୍ଦି ସେମାନେ ପୁଣିଥରେ ସେ ପର୍ଯ୍ୟାୟ ସୁରୁକଲେ । ସେତେବେଳେ ବୁଢ଼ାର ଅନୁଭବ ଶକ୍ତି ଲୋପ ପାଇ ଆସୁଥିଲା, ପିଣ୍ଡମୟ ପ୍ରାଣରେ ମୃତ୍ୟୁ ଯନ୍ତ୍ରଣା ସୃଷ୍ଟି ହେଇ ତାକୁ ଚହଲେଇ ଦେଲା । ଦିଗହଜା ଅନନ୍ତ ସମ୍ଭାବନାର ସୁରଭି ମ୍ଲାନ ହେଉଥିଲା କ୍ଷଣକରେ । କ'ଣ କିଛି ଭାବନା ସାଉଁଟିବାକୁ ସାହସ ଓ ଶକ୍ତି ବିକଳ ହେଇ ତାକୁ ହିଁ ଅପେକ୍ଷା କରିଥିଲେ । ଯୋଗକୁ ବୁଢ଼ାର କେରେ ଗୁଡ଼ା ହେଇଥିବା ମୁଣାରୁ ତା' ଇତିହାସକୁ ପଢ଼ି ଏଇ ଟୋକାଟା ସେ ପର୍ବକୁ ବନ୍ଦ କରିଦେଲା । ଟୋକା ଶୋକସନ୍ତପ୍ତ ହେଇସାରିଥିଲା ଓ ଅନ୍ୟମାନେ ତା' ଉପଦେଶକୁ ମାନିବା ପରେ ବିମୁଢ଼ ହେଲେ ।

ଫିଟିକିରି ମିଶା ଗୋଳିଆ ପାଣି କାଚକେନ୍ଦୁ ହେବାପରି ବୁଢ଼ା ଚାରିପାଖେ ଅସଂଖ୍ୟ ଆଖିସବୁ ତାକୁ ଚାହିଁ କିଛି କହିବାର ଅର୍ଦ୍ଧଳିରେ ସବୁ ଅବର୍ଜ୍ୟାକୁ ପାଶୋରିଦେଇ ସେ ବର୍ତ୍ତମାନ କାଳକୁ ଫେରି ଆସିଲା ।

'ଆଜ୍ଞା, ଆପଣଙ୍କ ଭଳି ମହାନ ମଣିଷ ମୁହଁରୁ ଆମେ ପଦିଏ ଶୁଣିବୁ ।'

ସେମାନେ ତାକୁ ପାଟି ଖୋଲିବାକୁ ନେହୁରା ହେଉଛନ୍ତି ଜାଣିବା ପରେ ବୁଢ଼ାର ଛୋଟ ଆଖି ଦୁଇଟି ବଲବଲ୍ କରି ଅନେଇ ରହିଲା । ପାଖରେ ଥିବା ଜଗ୍‌ର ପାଣିକୁ ତଳେ ଢ଼ାଳି ତହିଁ ଉପରେ କିଛିଥର ଗଡ଼ିଗଲା ଏବଂ ଠିଆହେବା ବେଳକୁ ସେ ପିନ୍ଧିଥିବା ଲୁଗାଜାମା ମାଟିବର୍ଣ୍ଣ ପାଲଟି ଯାଇଥିଲା । ସେଥିରେ ମିଶୁଥିଲା ତା' ତାଲୁର ଝାଳ, ଆଖିଚାହାଣୀ ଓ ନିରବରେ ଗାର ଟାଣିଥିବା ହଟିଆ ମନ ।

ସତକୁ ସତ ବୁଢ଼ା ଏଥର ମଥାସଳଖି ଠିଆ ହେଲା ଓ ସମସ୍ତଙ୍କୁ ଯୋଡ଼ହସ୍ତ କଲା । ଲୋକଙ୍କ ଉତ୍ତେଜନାକୁ ଟିକିଏ ମାତ୍ର ଖାତିର ନ କରି ଆଗଉଥିଲା । ଟୋକାଠାରୁ ଆରମ୍ଭ କରି ଅନ୍ୟ ସମସ୍ତେ ବୁଢ଼ାର ଗତିପଥକୁ ରୋକି ପାରିଲେ ନାହିଁ । କେବଳ ଭକୁଆ ହେଇ ତା' ଅକଳିଆ ଚାଲିକୁ ଚାହିଁ ରହିଥିଲେ ।

ଅପରପକ୍ଷେ ଲୋକ ଦୃଷ୍ଟିରୁ ଅନ୍ତର୍ହିତ ହେଇ ଅନେକ ପଥ ଅତିକ୍ରମ କରି ହାଲିଆ ହେବା ପରେ ନିଜ ପରିଚିତ ସ୍ଥାନରେ ପହଞ୍ଚିଲା ବୁଢ଼ା । ବିଶ୍ରାମ ନେଲା । ଯଥେଷ୍ଟ କସରତ୍ କରିଥିବାରୁ ତା' ହଂସା ଉଡୁଥିଲା ପ୍ରବଳ ଭୋକ ଓ ଶୋଷରେ । କିନ୍ତୁ ଏ କାର୍ଯ୍ୟ ଦୀର୍ଘ ସମୟ ଧରି ହେବା ସମ୍ଭବ ହେଲା ନାହିଁ । ଅପ୍ରତ୍ୟାଶିତ ହୁବମ୍ ଶବ୍ଦରେ ସେ ଚାଉଁଖାଇ ଦେଖିଲା ତା' ଆଡ଼କୁ ଦଳେ ତସ୍‌କରଙ୍କୁ ଧରି ବଟିଦାଦା ଉହୁଙ୍କି ଆସୁଛି ।

ସବୁ କଥା ଭଲ କରି ବୁଝିନେବାରେ କ'ଣ ଅବା କଷ୍ଟ ରହିଛି ବୁଢ଼ାର ? ପୁଣି ଏପଟ ସେପଟ ହବ ଅବା କାହିଁକି ? ଆସୁ ଅସୁରଟା, ଆସନ୍ତୁ ଗୋଧୀମାନେ, ତାଙ୍କ ଭିତରେ ଶାଣ ଦିଆ ଦେଇଥିଲେ ବି ପରିଚୟ କ'ଣ ଅଛି ? ସବୁତ ନେଲା, ମାନମହତ, ଘରବାଡ଼ି, ଟଙ୍କା ଓ ଇଷ୍ଟମାରୀ । କଳନ୍ତରରେ ବସେଇ ଦେଇ ଆଉ କ'ଣ ପାଇବ ଯେ ହେଣ୍ଡି ମାରିବରେ !

ବୁଢ଼ା ପଡ଼ି ରହିଥିଲା ନିସ୍ତେଜ ହେଇ ହାମୁଡ଼େଇ ମାଟି କାମୁଡ଼ି । ନୈରାଶ୍ୟରେ ବିସ୍ଫୋରଣଟିଏ ଯୋଡ଼ିହେଇ ତାକୁ ହତଭମ୍ବ କରି ଦଉଥିଲା । ଆଶାକୁ ନିଅଣ୍ଟ, ଭରସାକୁ କାଣ୍ଟଛାଣ୍ଟ, ଚରିବାକୁ ସଦାବର୍ତ୍ତ ମଠ; ଜଠର କଲା ଜୀବନ ଜୀଇଲେ କେତେ ଯେ !

ସେମାନେ ପାଖେଇ ଆସିଥିଲେ । କେହି ଜଣେ ଚିତ୍କାର କଲା, 'ହେଇବେ ଶୋଇଛି ଶଳା' । ଆହୁରି ପାଖେଇ ଆସି ଅନ୍ୟ ଜଣେ କହିଲା, 'ବେଲି ହଉଚି, ଶଳାର ଟିପ ଛିଣ୍ଡେଇ ଆଣ ।'

'ବାଃ, ବା !ରେ', ଟିପ ଛିଣ୍ଡା କାର୍ଯ୍ୟ ପ୍ରସ୍ତୁତି ପଥରେ ଥାଇ ସଭିଏଁ ମିଳିତ ଭାବେ ଠୋ ଠୋ ହସିଲେ, ହେଣ୍ଡି ମାରିଲେ ଓ ଧସ୍ତାଧସ୍ତିର ପର୍ବ ଆରମ୍ଭ କଲେ । ପୁଳେ ମାଂସ ନଥିବା ବୁଢ଼ାର ହାଡୁଆ ଦେହକୁ କେହି ମାଡ଼ିବସିଲା, ଗୋଡ଼ ଦୁଇଟିକୁ ଶକ୍ତକରି ଧରିଥିଲା ଧେଣ୍ଡଟା ଓ ଇଷ୍ଟମାଲ୍ କରି ବୁଢ଼ାର ଟିପ ଗୁଡ଼ିଏ ଧଳାକାଗଜରେ ମଚକି ହେଇ ଚାଲିଥିଲା ।

'ଶଳାର ସବୁ ପାଉଣା ଆମ ମୁଣାରେ ଏଣିକି ପଶିବ । ଆଉ ରହିବ ଯେ ଯିବ ।'

ଏତେ ଗୁଡ଼ିଏ ଝିଙ୍ଗାଂସା ଭିତରେ ବୁଢ଼ାର ପ୍ରତିକ୍ରିୟାହୀନ ଚେହେରା ଦେଖି ସେମାନେ ଫେରିଯିବାକୁ ଇଚ୍ଛା କରୁ ନ ଥିଲେ । ଝାଡ଼ିଝୁଡ଼ି ହେଇ ଠିଆ ହେବା ବେଳେ ସେମାନଙ୍କ ଭିତରୁ କେହି ଜଣେ ବୁଢ଼ାର ବେଲିଆ ମୁହଁକୁ ସଳଖି ଧରିଲା । ବୁଢ଼ାଥିଲା ନିସ୍ତେଜ ପ୍ରାଣୀଟିଏ; ତା ଆଖି ଦୁଇଟି ଭିତରକୁ ପଶି ଯାଇଥିଲା ଓ ପାଟିଟି ମେଲା ଥିଲା ।

କାଳ ପୁରୁଷମାନେ ବୁଢ଼ାର ଏପରି ଚେହେରାକୁ ରୁଣ୍ଡ ହେଇ ଦେଖିଲେ ଓ ପରକ୍ଷଣରେ ସେମାନେ ତତଲା ପାଣିରେ ବୁଡ଼ିରହି ଶେଥା ପଡ଼ି ଆସୁଥିବା ଅନୁଭବ କଲେ ।

ସେତେବେଳେ ସମୟର ଝାଞ୍ଜି ଖୁବ୍ ଜୋର୍‌ରେ ପିଟି ହେଉଥିଲା ଓ ନିରୀହ ଚଢ଼େଇମାନେ ବାଟବଣା ହେଇ ଆକାଶରେ ଉଡୁଥିଲେ ଫର୍ ଫର୍ ।

ପ୍ରଗତିମାର୍ଗ, ପ୍ରାଚୀନଗର, ଭଦ୍ରକ
ମୋ: ୯୪୩୭୧୪୭୮୧୮

❑❑❑

ଉମାନାନୀର ବର

● **ଝରଣା ପଟ୍ଟନାୟକ**

କାମ ହାତରେ ଗୋଡ଼ରେ ପଡୁ ନ ଥିଲା ସୁନୟନାର । ବହେ କାମ ଅଛି । ଘରଟାକୁ କିଛିଟା ତ ନୂଆ ରୂପ ଦେବାକୁ ହେବ । ଅତି କମ୍‌ରେ ସଦର ଦର୍ଜାର ପର୍ଦ୍ଦା, ବେଡ୍‌ସିଟ୍, ଟେବୁଲ କ୍ଲଥ ବଦଳେଇବାକୁ ପଡ଼ିବ । ବାକି ରହିଲା ଘରଝଡ଼ା କାମ । ଜିନିଷ କିଣିବାକୁ ରାଉରକେଲା ଯିବାବେଳେ ତା'ର କର୍ମଚାରୀ ରତ୍ନମଣିକୁ ଘରର ଚାବି ଦେଇ ଯିବାକୁ ପଡ଼ିବ । ଝାଡ଼ଣଟେ ଧରି ବହିଥାକ, ଝର୍କା, କବାଟ ଝାଡୁଝାଡୁ ସୁନୟନା ଅନେଇଲା ଛାତକୁ । ସ୍ଲୁଲକ୍ୱାର୍ଟର । ପଚାଶ ଦଶକରେ ତିଆରି । ଛାତର ରଡ୍ କେବେଠୁ ଦିଶିବାକୁ ଆରମ୍ଭ କଲେଣି । ତା'ର ବା ଯାଏ ଆସେ କେତେ । ଆରବର୍ଷକୁ ଅବସର ନେବ ସେ ।

ହଠାତ୍ ଭାବବିହ୍ୱଳ ହୋଇ ଚୌକି ଉପରେ ବସି ପଡ଼ିଲା ସୁନୟନା । ଏତେ ବର୍ଷ ପରେ ବସନ୍ତ ଭାଇନାଙ୍କର ତା ପାଖରେ କି କାମ ପଡ଼ିଲା ଯେ ସେ ତାକୁ ଦେଖା କରିବାକୁ ଆସୁଛନ୍ତି । ମନଟା କୋଉ କାମରେ ବି ଲାଗୁନଥିଲା ତା'ର । ପୁଣି ପୁଣି ମୋବାଇଲ ମେସେଜ୍‌କୁ ପଢ଼ି ଆମୋଦିତ ହେଉଥିଲା ସେ । ବସନ୍ତ ଭାଇନା କେବେଠୁ ଅବସର ନେଲେଣି । ବାହାଘର ବେଳେ ଆମ ଗାଁ ସ୍ତ୍ରୀ ଲୋକଙ୍କ ଭିତରେ ଟୁପୁରୁଟାପୁରୁ ଚାଲିଥିଲା । ଉମାନାନୀ ତେରବର୍ଷକୁ ସେ କୁଆଡ଼େ ସେତେବେଳକୁ ବାଇଶ ବର୍ଷର । ସରକାରୀ ଚାକିରୀ କରୁଥିଲେ ଭୁବନେଶ୍ୱରରେ । ଉମାନାନୀ ଶାଶୁଘରର ଯୋଉ ମୁରବି ସବୁ ଆସୁଥିଲେ ସେମାନଙ୍କ ମଧ୍ୟରେ ବି ଚର୍ଚ୍ଚା । ପୁଅକୁ ଝିଅ ହେଲାନି । ଆମ ବସନ୍ତ ସାକ୍ଷାତ କନ୍ଦର୍ପ । ଏ ଝିଅ ତ ଲାଗୁଛି ଭୂଇଁରୁ ଉଠିନି ।

ପୁଣି କାମରେ ଲାଗିଲା ସେ । ମଝିରେ ଶନିବାର ଗୋଟିଏ ଦିନ । ପୌଷର ଦିହ ଉଲୁସା ଥଣ୍ଡା । ମନେ ପଡ଼ିଗଲା ପେଡ଼ି ସାଇତା କମ୍ବଳ ତା ପାଖରେ ନାହିଁ । ଭୁବନେଶ୍ୱରରେ ଚାକିରୀ ଜୀବନ କଟେଇଥିବା ଲୋକ ସୁନ୍ଦରଗଡ଼ ଶୀତକୁ ଠଉରେଇ ନ ପାରି ଫାଙ୍କା ପଳେଇ ଆସିଥିବେ । ତାଙ୍କ ଲାଗି ପୁରା ହାତ ସ୍ୱେଟରଟେ ବି

ମାଡ଼ାମ୍ ! ରାଉରକେଲା ଯିବେ ? ଆସନ୍ତୁ' । ବସ୍‌କଣ୍ଡକ୍ଟରର ଡାକରେ ସଚକିତ ହୋଇ ଗାଡ଼ିକୁ ଉଠିଲା ସୁନୟନା । ଆଜି ସଂଧ୍ୟାସୁଦ୍ଧା ଫେରିଲେ କାଲି ଦିନସାରା ଘର ସଜାଡ଼ିବେ ସେ । ତିନୋଟିଯାକ କୋଠରୀରେ ଭୂଇଁଗୁଡ଼ା କାଇଁ କୋଉ ଅମଳର । କାର୍ପେଟ ଯେମିତି ହେଲେ ପକେଇବାକୁ ପଡ଼ିବ । ହଁ, ଭୂଇଁ ସିନା ଲୁଚିଯିବ ଡାଇନିଂର ୱାଲ ଚାରିଟା । ହାତଦୋଷ । ମସଲା ଦାଗ । ନଖରେ ଖୋଳି ପକେଇ ଶୁଙ୍ଘିଲେ ଲେଥା, କରଡ଼ି, ରୁଗୁଡ଼ା ଛତୁର ବାସ୍ନା ଆସିବ । ସେ ତ ଏଇ ପାଞ୍ଚବର୍ଷ ହେଲାଣି ଏ କ୍ୱାର୍ଟରକୁ ଆସିଛି । ତା' ଆଗରୁ କାଦମ୍ବିନୀ ଦିଦି ହେଡ଼ମିଷ୍ଟ୍ରେସ୍ ଥିଲେ । ସୁନୟନାର ପରିବାର ନାହିଁ ବୋଲି ଯେତେବେଳେ ସେତେବେଳେ ତାକୁ ଜବରଦସ୍ତ ଡାକି ଲଞ୍ଚ୍ ଟେବୁଲରେ ବସାନ୍ତି । ଖୁସିରେ ଲୁତୁପୁତୁ ହୋଇ ସୁନୟନା କହେ, "ମୋ ମା ପେଟ ବଡ଼ ଭଉଣୀ ନ ହେଲେ କ'ଣ ହେଲା, ଆପଣ ତ ମୋ ପାଇଁ ଭଉଣୀ ଠୁ ବି ଅଧିକ ।" ଆନନ୍ଦରେ ଓଦା ହୋଇ ସୁନୟନା ତାଙ୍କର ପାଦ ଛୁଇଁ ଦିଏ । ଦିଦି କଥା ଲହରେ ତା ପିଠିଟି ଥାପୁଡ଼େଇ ଦିଅନ୍ତି । କହନ୍ତି, ତୁମକୁ ବାହାହେବା ପାଇଁ ଭାଗ୍ୟ କରିଥିବା ଭାଗ୍ୟବାନ୍ ହୁଏତ ମର୍ତ୍ତ୍ୟକୁ ଆସିନାହାନ୍ତି । ତପସ୍ୟା କରୁଥିବେ ଆର ଜନ୍ମରେ ପାଇବେ ବୋଲି । ଦୁହେଁ ବେଦମ୍ ହସନ୍ତି । ସୁନୟନା ସ୍କୁଲ୍ ଛୁଟି ପରେ ଯାଇ ଖଟରେ ଗଡ଼ିଯାଏ । ସ୍କୁଲ ଛୁଆଙ୍କ ରୋଳରଡ଼ିଠୁ କାନକୁ ହଟେଇ କାନ ପାତେ ନିଜ ଛାତିରେ । ବସନ୍ତ ଭାଇନାଙ୍କ ଗେହ୍ଲାଳିଆ କଥା । 'ତୁ ତ କଷିଟେ, ବଢ଼ିଲେ ଜଗତ ଧାଇଁବ ତୋ ପଛରେ । ମୁଁ କିନ୍ତୁ ଛାଡ଼ିବିନି । କୋଉଦିନ ଗୋଟେ ସଂଜ ସଂଜବେଳେ ତତେ ହାତଧରି ନେଇଯିବି ।" ସେଇ ଯୋଉ ଗାଡ଼ିଆ ପାଖର ନୂଆ ବିଲ, ତା'ରି ଗୁଳାରେ ତତେ ନେଲାବେଳେ କାନ୍ଧରେ ବସେଇ ନେଇଯିବି । ଉମାକୁ ସିନା ବାହା ହୋଇଛି, ତୁ କିନ୍ତୁ ଗୋଟାପଣେ ମୋର ।"

ବସ୍ ରହିଗଲା ସିଭିଲ୍ ଟାଉନସିପ୍‌ରେ । ଓହ୍ଲେଇଲା ସୁନୟନା । ଗୋଟେ ଅଧେ ନୁହଁ, ବହୁ ଦୋକାନରେ ପଶିବାକୁ ପଡ଼ିବ । ବ୍ଲାଂକେଟ ଦୋକାନରେ ମିଳିଯିବ ଟର୍କିସ । ବାକି କାଚଗ୍ଲାସ, ପ୍ଲେଟ ଅନ୍ୟ ଛୋଟମୋଟ ଜିନିଷ ଗୋଟିଏ ଦୋକାନରେ

କିଣିବାକୁ ପଡ଼ିବ । ହଁ ତିଆରି ପର୍ଦ୍ଦା ହିଁ ଆଣିବାକୁ ହେବ । ବେଳ ନାହିଁ ଅନ୍ୟ କିଛି ଚିନ୍ତା କରିବାକୁ ।

ଏ ଭିତରେ ରନ୍ମଣି ଆସି ପହଞ୍ଚି ଯାଇଛି । ଦିଦିଙ୍କୁ ଖୁସିଆ ଖୁସିଆ ଦେଖି ପଚାରିଲା, "କିଏ ଆସୁଛନ୍ତି ଗୋ ? ତମର ଭଉଣୀ ଆସିବାର ଥିଲା ପରା ? ଆଇଲେ ଭଲ । ଭଲ ଚା ବନାସନ୍ ସେ ।

"ରନ୍ମଣି କାମ କରିବାର ଅଛି ନା ନାଇଁ ?"

"ଆଜ୍ଞା ଦିଦି । ଯାଉଛେ, କିଚେନ୍‌ଟା ଆଗ ସଜାଡ଼ି ଦେବି ।"

ରନ୍ମଣି କିଚେନ୍‌ରେ ପଶିଲା । ଗାଡ଼େଇ କରି ଅନେଇଲା ଚୁଲି, ବାସନଆକ ଆଉ ଗ୍ରୋସରୀ ଡବାମାନଙ୍କୁ । କୋଉ ଥାକରେ କିଛି ନାଇଁ । ସବୁ କଢ଼ା ହୋଇ ଘର ମଝିରେ ଗଦା ହୋଇଛି । ଆଚମ୍ବିତ ହେଲା ରନ୍ମଣି । ତା'ର ଭାବନାର ଥଳକୂଳ ପାଇଲା ନାହିଁ । ସୁନୟନା ନିଜେ ଆସିଲା । କହିଲା, ଆଶ୍ଚର୍ଯ୍ୟ ହେଲୁ କି ? ଆଉ ବର୍ଷେ ପରେ ଏ ଜାଗା ଛାଡ଼ିବି । ଗୁଡ଼ାଏ ନୂଆ ଜିନିଷ ଘରେ ଭର୍ତ୍ତି ହୋଇଛି । ତୋର କାମ ହେଲା ପୁରୁଣା ଡବାର ଜିନିଷ କାଢ଼ି ନୂଆ ଡବାରେ ରଖିବୁ । ଘର ସଫା କରିବୁ । ମୁଁ ଛୁଟି ନେଇଛି । ରାଉରକେଲା ଏବେ ବାହାରିବି ଆଉ କିଛି ସାମାନ୍ ଆଣିବାକୁ । ବୁଝିଲୁ ?

ଦୁଇ ଆଖି ଫାଡ଼ି କରି ଦିଦିଙ୍କୁ ଅନେଇଥିଲା ରନ୍ମଣି । ଦିଦି ଗୁଣୁଗୁଣୁ ଗୀତ ଗାଇ ଲୁଗାପଟା ପିନ୍ଧୁଥିଲେ । ଘରସାରା ଫିକା ଅତରର ବାସ୍ନା ପହଁରୁଥିଲା । ବେଶପଟା ହେଲାବେଳେ ସୁନୟନା ଭାବୁଥିଲା କେତେଥର କଥା ଦେଇ ଆସିନାହାନ୍ତି ବସନ୍ତ ଭାଇନା । ସତରେ ଖୁବ୍ ଏକଲା ସୁନୟନା, ସଂଜ ଆକାଶର ନିଛାଟିଆ ତାରା ପରି ।

ସୁନ୍ଦରଗଡ଼ ବସ୍‌ଷ୍ଟାଣ୍ଡରେ ପହଞ୍ଚି ସୁନୟନାକୁ ଅଧଘଣ୍ଟା ଅଟକି ରହିବାକୁ ହେଲା । ଡ଼ିଲକ୍ସ ଗାଡ଼ିଟେ ଦେଖି ଚଢ଼ିବି । ଗଲା ଦୁଇଦିନ ହେଲାଣି ଥୟ ଧରୁନି ମନ । ଅନେକ ଥର କଥା ଦେଇ ଆସିନାହାନ୍ତି ବସନ୍ତ ଭାଇନା । ରାତିରେ କେବେ କେମିତି ସ୍ୱପ୍ନରେ ଆସି ପହଞ୍ଚନ୍ତି ତା ପାଖରେ । କହନ୍ତି, "ଆସିବି, ଆସିଲେ ଏଠୁ ଆଉ ହଲିବିନି । ରାତିର ମୁହଁ ଦିଶୁ ନ ଥିବା ଅନ୍ଧାରରେ ଆଖିରୁ ଲୁହ ଖସିପଡ଼େ ସୁନୟନାର, ବର୍ଷା ଅନ୍ଧାରରେ ପୁଣି ଧୋଇ ଯାଆନ୍ତି ବର୍ଷା ମାଡ଼ରେ ବତୁରା କାନ୍ଥରେ ଝୋଟିଚିତା ପରି ।

ମିଳିଯିବ । ଏତେ ବର୍ଷ ପରେ ଆସୁଛନ୍ତି ତାଙ୍କୁ ସାର୍ଟପ୍ୟାଣ୍ଟ କିଣି କରିଦେଲେ ହୁଅନ୍ତା । ହେଲେ ଗଲା ଦଶବର୍ଷ ଭିତରେ ତାଙ୍କ ସାଙ୍ଗେ ଦେଖା ହୋଇନି ।

ଦଶବର୍ଷ ତଳେ ସୁନୟନା ଯାଇଥିଲା ଗାଁକୁ । ତା' ମା ବେମାର ଥିଲା । ବସନ୍ତ ଭାଇନା ଓ ଉମାନାନୀ ଆସିଥିଲେ ତାଙ୍କର ଏକମାତ୍ର ଝିଅ ଅପରାଜିତାର ବାହାଘର ନିମନ୍ତ୍ରଣ ଦେବାକୁ । ଡ଼ିମିରି ଗୋଟେ ବ୍ରାହ୍ମଣକରଣ ଅଧ୍ୟୁଷିତ ଗାଁ । ପଟ୍ଟଯୋଶୀ, ପରମଗୁରୁ ଓ ପ୍ରହରାଜ ପରିବାରକୁ ଛାଡ଼ିଦେଲେ ମିଶ୍ର ପରିବାର, ପୁରୋହିତ ପରିବାର ଓ କର ପରିବାରମାନେ ବି ଜାଗା ମାଡ଼ି ବସିଥିଲେ । ସକାଳ ପାଇଲେ କିଛିଟା ପରିବାର ପାଖଆଖର ଗାଁକୁ ଯାଇ ବାହାବ୍ରତ କରି ଗୁଜୁରାଣ ମେଣ୍ଟାନ୍ତି । ଆଉ କିଛି ଜଣ ସଂଜରେ ଭାଗବତ ଟୁଙ୍ଗୀରେ ବସି ଭାଗବତ ପାରାୟଣ କରନ୍ତି । ମହାନ୍ତି ସାହିରେ ଲୋକମାନେ ପାଠପତୁଆ । ସହରିବାବୁ । ସୁନୟନା ସେମିତି ଗୋଟିଏ ଘରର ଝିଅ । ସେଦିନ ଦେଖା କରିବାକୁ ଯାଇନଥିଲା ବସନ୍ତ ଭାଇନାଙ୍କୁ । ଉମାନାନୀ ଭାଇନା ଦୁହେଁ ଆସି ତା ପାଖରେ ପହଞ୍ଚିଥିଲେ । ବସନ୍ତ ଭାଇନା ତାକୁ ଦେଖୁ ଦେଖୁ କହିଲେ କୋଡ଼ିଏ ବର୍ଷ ହେଲାଣି ଚାକିରୀ କଲୁଣି ତୋ ବୟସରେ ଟିପ ବାଜିନି । ସୁନ୍ଦୁରୀଟେ ତୁ । ତୋ ଲାଗି କେମିତି ରାଜକୁମାର ଜନ୍ମ ହୋଇନାହାନ୍ତି କେଜାଣି ।"

କପାଳରେ ମୁକ୍ତାବିନ୍ଦୁ । ଦେହରେ ଅଲଗା ଭାବ । ମୁହଁରେ ଲାଜର ପରସ୍ତ । ଜାଗା ଛାଡ଼ି ଚାଲିଗଲା ସୁନୟନା । ପରିସ୍ଥିତିକୁ ସମ୍ଭାଳିବା ପାଇଁ କ'ଣ ତାର ଏ କୁଚ୍ଛ ସାଧନା ? ମୋଟେ ନୁହେଁ । ବାପାଙ୍କର ପେନସନ୍ ଥିଲା । ବାପା ଗାଁର ଚାଷ ବାସ ବୁଝୁଥିଲେ । ସାନଭାଇ ସୁବ୍ରତର କ୍ରମାଗତ ନଖରାମିରେ ବିଚଳିତ ହୋଇ ବାପା ତା'ର ସ୍କୁଲ ପଢ଼ାଟା ସୁନୟନା ପାଖେ ତାକୁ ରଖି ଶେଷ କରେଇ ଥିଲେ । ତା'ପରେ ତ ସିଏ ଭାରଶୂନ୍ୟ ହୋଇ ବଞ୍ଚିଥିଲା ? ବହୁ ପ୍ରସ୍ତାବ ଆସିଛି । ସେ ନାକଚ କରିଛି । ମିଛ ସପନରେ ଭାସିଛି । ଝୁରି ହୋଇଛି ବସନ୍ତ ଭାଇନାଙ୍କୁ ।

ଦୋକାନ ଦୋକାନ ବୁଲି ମନଲାଖି ଜିନିଷ କିଣିସାରିବା ପରେ ସୁନ୍ଦରଗଡ଼ ଫେରିଲା ସୁନୟନା । ଭୀଷଣ କ୍ଲାନ୍ତି ଯୋଗୁ ଶୋଇପଡ଼ିଲା ସେ ।

ସକାଳୁ ରନ୍ଦମଣିର ଜଂଜୀର ଖଡ଼ଖଡ଼ । ରନ୍ଦମଣି ପାଖାପାଖି ଅଧଘଣ୍ଟାଏ ହେଲାଣି ଦୁଆର ଧଡ଼୍ ଧଡ଼୍ ଜଜିଂର ଖଡ଼୍ ଖଡ଼୍ କରିବାରେ ଲାଗିଛି । ତରାଟଫୁଲ

ଗଛକୁ ଡେଇଁ ସକାଳର ଖରା ଝର୍କାବାଟେ ଆସି ପଇଁତରା ମାରିଲାଣି । ଉଠି ପଡ଼ିଲା ସୁନୟନା । ଦୁଆର ଖୋଲିଲା ।

ରନ୍ଦମଣି ଘର ଭିତରେ ପଶୁ ପଶୁ ସୁନୟନା କହିଲା, 'ବ୍ୟସ୍ତ ହେବୁନି, ଦୁଇଜଣ ମିଶି ଘର ସଜାଡ଼ିବା ।

ଘରସାରା ବିଛେଇ ହୋଇ ପଡ଼ିଛି ଜିନିଷ । ମନେ ମନେ ଭାବିଲା ଦିଦିଙ୍କର ସାଙ୍ଗସାଥୀ ଆଠଦଶ ବୋଧେ ଆସିବାର ଅଛି । ନ ହେଲେ ରକମ, ରକମ ଜିନିଷମାନଙ୍କର ଭିଡ଼ ଏଠି କାହିଁକି ଜମିଥାଆନ୍ତା ?

ସୁନୟନା ୱାସରୁମ୍‌ରୁ ଆସିଲା ପରେ ଚା' ତିଆରି କରିଦେଲା ରନ୍ଦମଣି ତାକୁ । ସୁନୟନା ଲକ୍ଷ୍ୟ କରୁଥିଲା ରନ୍ଦମଣିର ଚାହାଣୀକୁ । ଅବିଶ୍ୱାସର ଦୁଇଟି ଘଡ଼ା ଯେମିତି ଦୁଇ ଆଖିରେ ଉଛୁଲୁଛି । କହିଲା, 'ଏମିତି ଅନେଇଛୁ କାହିଁକି ଲୋ ?'

କିଛି ନାଇଁ । କହିଲା ରନ୍ଦମଣି । ଜିନିଷ ଗଦା ଦେଖି ରନ୍ଦମଣୀ କହିଲା, "ଡ଼ବା ସଟ୍ ଗୋ ଦିଦି । ଜିନିଷ ପ୍ୟାକେଟ୍ ଥାଉ ।"

ସୁନୟନା ରନ୍ଦମଣି ଆଡ଼େ ଚାହିଁଥିଲା । ଜୁଡ଼ାରେ ଗୋଲାପ । ସେ ଦେଇଥିବା ସପ୍‌ଟାପରଶାଢ଼ୀଟି ପିନ୍ଧି ଚମକୁଛି ସେ । ବର ତା'ର ମାଳି । ନାଆଁଟି ଧୀର । ସତରେ ଧୀର । ପିଆପିଇ ନାହିଁ । ସତରେ ଭାଗ୍ୟବତୀଟିଏ ସେ ।

କିଛିସମୟ ସୁନୟନାର ବରାଦକୁ ଅପେକ୍ଷା କଲାପରେ ରନ୍ଦମଣି ପଚାରିଲା, "କିଏ ଆସୁଛନ୍ ଦିଦି ? ବର୍ଷ ବର୍ଷ ଧରି ତ କେହି ନାଇଁ ଆଇବାର । ହେଲେ ଖୁସି ଖୁସି ଦିଶୁଛନ୍ ?"

ଶୀତ କୁହୁଡ଼ି ଭିତରୁ ମୁହଁ କାଢ଼ି କଅଁଳି ଖରା ଖେଳିଗଲା ସୁନୟନାର ମୁହଁରେ । କହିଲା, "ଖୁସି ହେବିନି ? ତୋ ମନଟା ସିନା ବାରମାସୀ ଫସଲର କ୍ଷେତ । ମୋ ମନ ଏଇ ବଉଳେଇଛି ଯାହା । ଏମିତି ତ ତୁ ଦେଖିଛୁ ମାଛି ଅନ୍ଧାରରୁ ରାତି ଅଧ ଯାଏଁ, ରାତିରୁ ତା ପରଦିନ ସକାଳ ଯାଏଁ ମୁଁ ଏକା । ସକାଳ, ସଂଜ ସବୁଦିନ ତା'ର ରୋଷଣୀ ନେଇ ଆସୁଛି । ଏଇ ଯୋଉ ରତରତ ସଂଜ ପହର ମୋତେ ଭାରି ଭଲ ଲାଗେ ଲୋ ! ତାରା ଗଣିବାରେ ମନକୁ ଥାପିଦିଏ ମୁଁ ।" ରନ୍ଦମଣି ବୁଝୁଥିଲା । ବୁଝୁ ବି ନ ଥିଲା ।

ରନ୍ମଣିର ବର ଧୀର ଆସି ପହଞ୍ଚିଲା । ତାକୁ ଦେଖୁ ଦେଖୁ ରନ୍ମଣି କହିଲା, 'ଏଠାକାର କାମରୁ ଛୁଟ୍‌କାରା ମିଳିଲେ ତ ? ତୁମେ ଯାଅ ମୁଁ ଯିବି କାମ ସରିଲେ'

ଏମାନଙ୍କ କଥାବାର୍ତ୍ତା ଶୁଣି ସୁନୟନା ଖଟରୁ ଓହ୍ଲାଇ ଆସିଲା । କହିଲା, ରନ୍ମଣି ଆଜି ଏଇଠି ରହିବ । କାମ ବହୁତ । କାଲି ସକାଳେ ଉମାନାନୀର ବର ଆସି ପହଞ୍ଚିବେ ।

ରନ୍ମଣି ଆଉ ଧୀର ପରସ୍ପରକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ । ଧୀର ସୁନୟନାକୁ ପଚାରି ପାରିଲାନି ତ କିଛି । ମନେ ମନେ ଭାବିଲା, ବର୍ଷ ବର୍ଷ ଧରି ଚୁପ୍ ପଡ଼ିଥିବା ପାଟିରୁ ଆଜି ଗୋଟେ ପୁରୁଷର ଆସିବା କଥା ବାହାରିପଡ଼ିଲା ? ଦିଦିଙ୍କର ବହେନ୍‌ର ବର ତାହାଲେ ଆସୁଛନ୍ ।

ଧୀର ଚାଲିଗଲା । ସୁନୟନାର ସରକାରୀ କ୍ୱାର୍ଟରରେ ପ୍ରସ୍ତୁତି ଲାଗି ରହିଲା । ରନ୍ମଣି କାମ କରି କରି ହାଲିଆ । ରାତି ହେଲା । ରନ୍ମଣି ମନରେ ଗାଡ଼ିଏ ପ୍ରଶ୍ନ । ଶେଷକୁ ପଚାରିଲା: "ଏ ଉମାନାନୀ ବର କିଏ ଦିଦି ? ତମର ଭିଣୋଇ ? ହଁ । କହିଲା ସୁନୟନା । ରାତି ଘନେଇ ଆକାଶକୁ ବେଶି ବେଶି ଅଂଧାର ଆଡ଼କୁ ଠେଲୁଥିଲା । ରାତି ଅଧରେ ଢୁଳେଇ ପଡ଼ି ସ୍ୱପ୍ନବୋଳା ଆଖିରେ ସୁନୟନା ଫେରି ଦେଖୁଥିଲା ଅତୀତକୁ ।

ତର୍କସଭା ପରେ ଫୁଲସଭାରୁ ଉଠି ବସନ୍ତ ଭାଇନା ବୈଠକଖାନା ଆଡ଼କୁ ଗଲେ । ସୁନୟନା ତାଙ୍କର ପିଛା କରିଥିଲା । ବସନ୍ତ ଭାଇନା ୟାଡ଼େସାଡ଼େ ଚାହିଁ କୁଣ୍ଢେଇ ପକେଇଲେ ସୁନୟନାକୁ । କହିଲେ; "ଯାହାକୁ ବାହାହେଲି ତା'ର ଦର୍ଶନ ନାହିଁ । ତୁ କିଏ ମୁଁ ଜାଣିନି, ହେଲେ ମୋ ମନର ରାଣୀ ହୋଇ ରହିଥିବୁ ।"

ଆଖି ମେଲେଇ ଚାରିଆଡ଼କୁ ଚାହିଁଲା ସୁନୟନା । କେହି କୁଆଡ଼େ ନ ଥିଲେ । ରାତି ଅଂଧାରରେ କେବଳ ଝଲସୁଥିଲା ବସନ୍ତ ଭାଇନାଙ୍କ ମୁହଁ । କିଛି ଘଣ୍ଟାପରେ ସକାଳ ହେଲା । ଡହକା ଖରା ନେଇ ଆସିଲା ସକାଳ ।

କବାଟ ଖୋଲିଲା ସୁନୟନା । ରନ୍ମଣି ନୂଆଶାଢ଼ୀ ପିନ୍ଧି ଉଭା ହୋଇଥିଲା ଅତିଥିଙ୍କୁ ସ୍ୱାଗତ କରିବା ଭଂଗୀରେ । ପଚାରିଲା; ଜନେ ନା ଦୁଇଜଣ ? କେତେ ଜନକର ଲାଗି ଚା ବନାମି ?

ଏମିତି ଗୋଟିଏ ସଂଜରେ ଉମାନାନୀ ବାହାଘରର ଫୁଲ ସଭାରେ ସୁନୟନା ବସିଥିଲା ବସନ୍ତ ଭାଇନା ଆଉ ଉମାନାନୀ ପାଖରେ । ତାଳ, ନଡ଼ିଆ ବାହୁଙ୍ଗା ଛାଉଣୀ ସଜା ହୋଇଥିଲା ଗେଣ୍ଡୁ ଫୁଲରେ । ଇୟେ ଥିଲା ପଣ୍ଡିତମାନଙ୍କର ତର୍କ ସଭା । ବରପକ୍ଷର ପଣ୍ଡିତମାନେ ଆଉ କନ୍ୟାପକ୍ଷର ପଣ୍ଡିତମାନେ ଶାସ୍ତ୍ର ଚର୍ଚ୍ଚା କରୁଥିଲେ । ସୁନୟନା ସେ ଜାଗା ଛାଡ଼ି ନ ଥିଲା । 'ଫୁଲସଭା' କଥାଟା ଶୁଣିଦେଇ ସେ ଆମୋଦିତ ହେଉଥିଲା । ହସୁଥିଲା ବି । ଦିନରେ ଉମାନାନୀର ବାହାଘର । ରାତିରେ ବନକନିଆ ବସିବେ ସଭାରେ ।

ବସନ୍ତ ଭାଇନା ବର ବେଶରେ ବସିଥିଲେ । ଉମାନାନୀ ଘୋଡ଼େଇ ହୋଇ ବସିଥିଲା ତାଙ୍କ ପାଖରେ । ତର୍କ ଚାଲିଥିଲା । ରାତି ବଢୁଥିଲା । ଉମାନାନୀକୁ ଉଠେଇ ନେଲେ ଘରକୁ । ବସନ୍ତ ଭାଇନା ରାଗରେ ବେକରୁ ମାଳି ଛିଡ଼ଉଥିଲେ । ପାଖରେ ଥିବା ଫଳ ଡାଲାର ଫଳ ଗୋଟେ ଗୋଟେ ପାଟିରେ ପୂରେଇ ଥୁ ଥୁ କରୁଥିଲେ ସେଇଠି ।

ସୁନୟନା କିଛି ବୁଝିପାରୁନଥିଲା । ବିସ୍ମୟ, ଖାଲି ବିସ୍ମୟ । ନିଜକୁ ନିଜେ ପଚାରି ହେଉଥିଲା, 'ୟା ପରେ କ'ଣ ହେବ ।' ଉମାନାନୀ ଶୋଇ ପଡ଼ିଥିଲା । ତାକୁ ହଲେଇ ଦେଇ ଉଠେଇ ପକେଇଲା ସୁନୟନା । କହିଲା, 'ତୋ ବର ଶୋଇନି । ମୁଁ ତାକୁ ଅନିଦ୍ରା ହୋଇ ଜଗି ବସିଛି । ତୁ ଇୟାଡ଼େ ଘୁଘୁଡ଼ି ମାରୁଥା' ।

ଉମାନାନୀ ହସିଦେଇ କହିଲା, ଜଗିଛୁ ଯଦି ସାଙ୍ଗରେ ରଖ । ମୋର ଆପତ୍ତି ନାହିଁ । ଉମାନାନୀ ଉତ୍ତର ପଦକ ମହୁ ହୋଇ ସୁନୟନା ଓଠ, ପାଟିରୁ ସିଧା ହୃଦୟ ଭିତରକୁ ଚାଲିଗଲା । ସେଇଦିନଠୁ କେଜାଣି କାହିଁକି ସତେଜ ହେଲେ ଆଶାମାନେ, ସ୍ୱପ୍ନମାନେ । ବଢ଼ନ୍ତି ବୟସରେ ବି କୋଉ ଖଞ୍ଜରେ ଦିନ ସବୁ ଚାଲିଗଲେ ସେ ଧରି ପାରିଲାନି ତା'ର ଖିଅକୁ । ଆସିଛି ତା' ପାଇଁ ବହୁ ବିବାହ ପ୍ରସ୍ତାବ । ବେଳେବେଳେ କୁଲୁରି ଉଠିଛି ମନ । ଚଢ଼େଇମାନେ କେତେ ସମ୍ଭାବନା ନେଇ କିଚିରିମିଚିରି ହୋଇଛନ୍ତି ତା' ମନରେ । ସେସବୁ ପୁଣି ଉଭେଇ ଯାଇଛି ମନରୁ ଆକାଶର ସଂଜୁଆ ଜହ୍ନ ଚିରୁଡ଼ାପରି ।

ଏ ଭିତରେ ରନ୍ମଣି ଜିନିଷ ସଜାଡ଼ି ରୋଷେଇ ଆରମ୍ଭ କରିବାକୁ ଗଲାଣି । କେତେଜଣଙ୍କ ଲାଗି ରାନ୍ଧିବ ବୋଲି ଅର୍ଡ଼ରକୁ ଅପେକ୍ଷା କରିଛି । ଏଇ ସମୟରେ

ଡାହାଣୀର ସ୍ୱର

● ଡକ୍ଟର ତ୍ରିନାଥ ପଟ୍ଟନାୟକ

ମୁଁ ଶୁଣିଥିଲି, ବହୁ ଅଶରୀରୀ ଆତ୍ମା ଅଛନ୍ତି ଏଇ ବାୟୁମଣ୍ଡଳରେ । ସେମାନେ ଅଶାନ୍ତ ଭାବେ ଘୂରି ବୁଲୁଛନ୍ତି । ଅଶାନ୍ତ ସେମାନେ । ମଲା ପୂର୍ବରୁ ମଣିଷ ମନର ଏମିତି କିଛି କାମନା ଯଦି ଅପୂରଣୀୟ ରହିଯାଏ, ତେବେ ଆତ୍ମା ମୁକ୍ତି ହୁଏ ନାହିଁ । ଇତରରେ ଘୂରିବୁଲେ କେବଳ ତାର ଅତୃପ୍ତ ଆତ୍ମା ।

ସହରରେ ବାସ କରୁଥିବା ଲୋକମାନଙ୍କ ଅପେକ୍ଷା ଗାଁ ଗହଳିରେ ରହୁଥିବା ଲୋକମାନଙ୍କର ଭୂତ ପ୍ରେତ ବିଶ୍ୱାସ ବେଶି । ଅନ୍ଧାର ଘର, ଗାଁ ମୁଣ୍ଡରେ ଥିବା ଝଙ୍କାଳିଆ ଗଛ, ମଶାଣି; ଭୂତ ଡାହାଣୀଙ୍କର ଘର ବୋଲି ଆମେ ଧାରଣା କରି ନେଇଥାଉ ।

ମୁଁ କେବେ ଭୂତ କି ଡାହାଣୀ ଆଖିରେ ଦେଖିନଥିଲି । କିନ୍ତୁ ନାନା କଥା ନାନା ଲୋକଙ୍କ ଠାରୁ ଶୁଣିଥାଏ । ଗାଁ ପିଲାମାନେ ସାଧାରଣତଃ ଯେମିତି ବଡ଼ଙ୍କ ଠାରୁ ଶୁଣିଥାନ୍ତି ।

କେମିତି କା ଘରେ ହାଡ଼ବାଈ ଡାହାଣୀ ରହି, ଧନଧାନ୍ୟରେ ତା ଘର ଉଛୁଳାଇ ଦେଲାଣି, ହେଲେ ଘରେ ପୁଅଟିଏ କି ଝିଅଟିଏ ରଖିଦେଉନି । କଅଁଳା ପିଲାଙ୍କ ତଣ୍ଟି କଣାକରି ରକତ ଶୋଷି ନେଉଛି । ଗାଁ ମୁଣ୍ଡ ଆମ୍ବଗଛରେ ରହି ତନୁ ଡାହାଣୀ କେମିତି ସଞ୍ଜବେଳଟାରେ ଆମ୍ବଗଛର ଡାଳ ଦୋହଲାଉଛି । ଆଉ ଶନିବାର କି ଅମାବାସ୍ୟା ସଂକ୍ରାନ୍ତିରେ କେହି ନୂଆ ଭୁଆସୁଣୀ ସେଇ ବାଟ ଦେଇ ଚାଲିଗଲେ, ତେବେ ତା ଦେହରେ ଡାହାଣୀ କେମିତି ଅବତରି ଯାଉଛି ।

ତାପରେ ସେ କେମିତି ନାନା କଥା ଗପି ଯାଉଛି । ଆଉ ପୁଷ ମାସର ପାହାନ୍ତି ପହରରେ ସାକେରୀ ତୋଟାରେ ପିତାଶୁଣୀ (ପିଶାଚୀ) ପିଲା କନ୍ଦାଏ । ଯେଉଁ ସ୍ତ୍ରୀଲୋକ ପେଟରେ ଛୁଆ ଥାଇ ମରିଯାଏ, ସେ ହୁଏ ପିତାଶୁଣୀ ।

ମୋ ବଡ଼ମା', ମୋ ବୋଉକୁ ଡାକି ସେ କାନ୍ଦ ଶୁଣାଇଦିଏ । ଆମେ ପିଲାଏ ତାହା ଶୁଣି ବଡ଼ମା' କୋଳରେ ଭୟଭୀତ ହୋଇ ଶୋଇଯାଉ ।

ସୁନୟନା କହିଲା; ନାଇଁ, ନାଇଁ, ଉମାନାନୀର ବର ବସନ୍ତ ଭାଇନା ଆସିବେ । ଆମେ ସାଙ୍ଗ ହୋଇ ଚା' ପିଇବୁ ।

ଗଛପତ୍ର ଗେଣ୍ଡୁଫୁଲର ସମ୍ଭାର ନେଇ ଦୋହଲୁଥିଲେ । ଗେଟ୍ ପାଖରେ ଉଜ୍ଜ୍ୱଳ ଖରାକୁ ଠେଲି କଳାରଙ୍ଗର ଗାଡ଼ିଟିଏ ରହିଲା । ଓହ୍ଲେଇଲେ ବସନ୍ତ ଭାଇନା ଓ ତାଙ୍କ ପଛେ ପଛେ ଜଣେ ସ୍ତ୍ରୀ ଲୋକ । ସୁନୟନାର ଆଖିଡ଼ୋଳାରେ ବିସ୍ମୟର ଝଲକ । ଦୁଇଜଣ ଯାକ ବାରଣ୍ଡା ଆଡ଼େ ଆଗେଇଲେ । ସୁନୟନା ବାରଣ୍ଡା ତଳକୁ ଓହ୍ଲେଇ ଆସି ପାଦ ଛୁଇଁଲା ତା' ବସନ୍ତ ଭାଇନାଙ୍କର । ସେ ସଙ୍ଗେ ସଙ୍ଗେ କହିଲେ, "ସୁନୟନା ! ଇଏ ନମିତା ମିଶ୍ର, ଟିଚର । ତୋ ପାଖେ ଦୁଇଦିନ ପାଇଁ ଛାଡ଼ିଗଲି ତାଙ୍କୁ । ଭବାନୀପାଟଣାରେ ସରକାରୀ କାମ ପ୍ରାୟ ତିନିଦିନ ଲାଗିଯିବ । ନମିତା ରହିଲା ତୋ ପାଖରେ ।" ସୁନୟନା ଆଖିର ପ୍ରଶ୍ନକୁ ଏଡ଼ାଇ ନ ପାରି ବସନ୍ତ ଭାଇନା କହିଲେ, 'ସେ ଅସୁବିଧାରେ ଥିଲେ । ତାଙ୍କୁ ଥଇଥାନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲି । ଏବେ ତାଙ୍କ ଦୁଃଖସୁଖ, ମୋ ସୁଖଦୁଃଖ । ତୋ ଉମାନାନୀକୁ ଜଣେଇନି ।"

ରନ୍ଦମଣି ଚା' ଧରି ଠିଆ ହୋଇଥିଲା ।

ସୁନୟନା କହିଲା: ଭାଇନା ଚା' ! ଆରେ ନାଇଁ । - କହିଲେ ବସନ୍ତ ଭାଇନା । କାଲି ରାତିରେ ଆମେ ଗେଷ୍ଟ ହାଉସ୍‌ରେ ଥିଲୁ । ଚା ପର୍ବ ସରିଛି । ବସନ୍ତ ଭାଇନା ଗେଟ୍ ଆଡ଼େ ଆଗେଇଗଲେ । ସୁନୟନାର ଆଖି ଦୁଇଟି ଭରାଭରା । ପୋଇତିର ଥନପରି ।

ମୋ: ୯୪୩୭୫୪୪୦୪୫

❐❐❐

ବଡ଼ ହେଲା ପରେ ବଡ଼ ଭାଇଙ୍କ ଠାରୁ ଶୁଣିଲି, ତାହା ଡାହାଣୀର ସ୍ୱର ନୁହେଁ, ଏକ ପ୍ରକାର ରାତ୍ରିଚର ପକ୍ଷୀ । ତାର ରାବ ଆମକୁ ମଣିଷର ସ୍ୱର ଭଳି ଶୁଣାଯାଏ । ହେଲେ ଏହା କ'ଣ ସମ୍ଭବ ?

ଠିକ୍ କଅଁଳା ପିଲାଟିଏ କୁଆଁ କୁଆଁ କରି କାନ୍ଦିବାର ସ୍ୱର । ପୁଣି ଏକ ନାରୀକଣ୍ଠ... ତୁନି ହୋଇଯା ... । ତୋ ବାପା ତ ତେଲ ଦେଇନି, କଜ୍ଜଳ ଦେଇନି ।

ଏ ସବୁ କ'ଣ କେବେ ପକ୍ଷୀର ସ୍ୱର ? ହଁ ହୋଇପାରେ,ଶୁଆ ଜାତୀୟ ପକ୍ଷୀ ହୋଇପାରେ । ଶୁଆ ତ ପୁଣି କେତୋଟି ଶବ୍ଦ ଅନୁକରଣ କରି କହିପାରୁଛି ।

ମୁଁ ଗାଁରୁ ଆସି ସହରରେ ରହିଲି । ସେକଥା ସବୁ ଭୁଲିଗଲି । ଅନ୍ଧବିଶ୍ୱାସ ବୋଲି ଧରିନେଲି । ଏବେ ଆଉ ଆମ ଗାଁର ଡରକୁଳା ପିଲା ମୁଁ ନୁହେଁ । ମୁଁ ଭୂତପ୍ରେତ ବିଶ୍ୱାସ କରେନି । ବରଂ ଯୁକ୍ତି କରେ ମଣିଷ ମଲା ପରେ ଅନ୍ୟ କେଉଁଠି ଜନ୍ମ ନିଏ ।

ମଣିଷର ଆତ୍ମା ପଡ଼ିରହି ଅନ୍ୟକୁ ଭୟ ଦେଖାଇବ କାହିଁକି ?

ସହରରୁ ଗାଁକୁ ଫେରୁଥାଏ । ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲି । ସେଠୁ ମୋ ଘର ପାଞ୍ଚ କିଲୋମିଟର ଦୂର । ବୁଦିବୁଦିକିଆ ପାଦଚଲା ରାସ୍ତା । କଷ୍ଟରେ ସାଇକେଲରେ ଯାଇହେବ । ବସ୍‌ଷ୍ଟାଣ୍ଡରେ ବସ୍ ଅଟକିବା ବେଳକୁ ରାତି ୧୧ଟା ହେଲାଣି । କିନ୍ତୁ ସନ୍ଧ୍ୟା ଆଠଟାରେ ବସ ପହଞ୍ଚିବା କଥା; ରାସ୍ତାରେ ବସ୍ ଖରାପ ହେଲା । ସଜଡ଼ା ହୋଇ ଆସୁ ଆସୁ ଡେରି ହେଲା । ଦୋକାନ ବଜାର ସବୁ ବନ୍ଦ ହୋଇଗଲାଣି । ସମୟ ମେ' ମାସ ହେବ । ଅସରାଏ ପିତାପାଣିଆ ବର୍ଷା ହୋଇଯାଇଛି । ପୂର୍ବାକାଶରେ କେଉଁ ଅଜଣା ତିଥିର କାଳି ଜହ୍ନ । ଝାପ୍‌ସା ଝାପ୍‌ସା ରାସ୍ତା ଦେଖାଯାଉଥାଏ । ବହୁ କଷ୍ଟରେ ଜଣେ ପାନ ଦୋକାନୀକୁ ଉଠାଇ ତା ଠାରୁ ଭଡ଼ାରେ ସାଇକେଲଟିଏ ଯୋଗାଡ଼ କଲି । ସାହସ ବାନ୍ଧି ଘରମୁହାଁ ବାହାରିଲି ।

ସତରେ ସେତେବେଳେ ଡାହାଣୀ କି ପିତାଶୁଣୀ କଥା ମୋ ମନରେ ନ ଥାଏ । ନୟାଗଡ଼ରେ ଏବେ ମଧ୍ୟ ବହୁ ଭାଲୁଙ୍କୁ ନଣ୍ଡା ପାହାଡ଼ ତଳମାନଙ୍କରେ ଦେଖିବାକୁ ମିଳେ । ଗଛପତ୍ରଭରା ଶୂଳିଆ ପାହାଡ଼ ତଳେ ଭାଲୁ ସହିତ ମୁହାଁମୁହିଁ ହୋଇଯିବାଟା କିଛି ନୂଆ କଥା ନୁହେଁ । ଏମିତି କେତେଥର ବି ମୁଁ ଭାଲୁ ହାବୁଡ଼େ ପଡ଼ିଛି ।

ଓଦା ମାଟିର ଗନ୍ଧ । ତା ପୁଣି ପାଗ ଆଷାଢ଼ର । ରାସ୍ତା ସାରା ଦୁଇପାଖରେ ଛୋଟ ବଡ଼ ଗଛ । ଆଉ ରାସ୍ତା ଠାରୁ ଖୁବ୍ ପାଖରେ, ରାସ୍ତାକୁ ଛୁଇଁ କେତେ ଦୂରଯାଏ ବହି ଚାଲିଛି କୁସୁମୀ ନଈ । ସେତେବେଳକୁ ମୁଁ ଦୁଇଟି ମଶାଣି ହୋଇ ଯାଇଥାଏ । ଆଉ ଗୋଟିଏ ମଶାଣି ପାରି ହେଲେ ଗାଁ ପଡ଼ିବ ।

ମଶାଣୀକୁ ଲାଗି ଗହଳିଆ ଆମ୍ବ ତୋଟା । ହଠାତ୍ ଗୋଟିଏ କଅଁଳା ପିଲା କାନ୍ଦିବାର ଶବ୍ଦ ଶୁଣାଗଲା କୁଆଁ... କୁଆଁ... କୁଆଁ... ।

ପୁଣି ଏକ ଗାଉଁଲି ଅଭିମାନୀ ସ୍ତ୍ରୀର କଣ୍ଠସ୍ୱର, ତୋ ବାପା ତ ତେଲ ଦେଇନି, କଜ୍ଜଳ ଦେଇନି ଇତ୍ୟାଦି ଦୁଇ ତିନୋଟି ବାକ୍ୟ ।

ମୋ ସାଇକେଲର ପେଡ଼େଲ ଥପ୍ କରି ଅଟକିଗଲା । ମୁଁ ଏକ ପ୍ରକାର ସାଇକେଲରୁ ପଡ଼ିଗଲି । ହୃତପିଣ୍ଡର ରକ୍ତ ସଂଚାଳନ ଦ୍ରୁତଗତିରେ ଚାଲୁଥାଏ । ଯେମିତି ଅଦିନ ବର୍ଷାରେ ଗାଁର ଛୋଟ ନଈନାଳ ଫୁଲି ଉଠନ୍ତି ।

ମୋର ଯେମିତି ସବୁ ଶିରା ପ୍ରଶିରା ଗତିହୀନ ହୋଇ ଉଠୁଛନ୍ତି ! ମୁଁ କିଛି ଦେଖିପାରୁନି, କିଛି ଜାଣିପାରୁନି । ସାଇକେଲରେ ଚଢ଼ି ଚାଲିଯିବାର ଶକ୍ତି ସଂପୂର୍ଣ୍ଣ ହରାଇ ବସିଲିଣି ।

ଏହା ଡାହାଣୀର ସ୍ୱର ନୁହେଁ, ପକ୍ଷୀର ସ୍ୱର ବୋଲି ଯୁକ୍ତି କରିବା ପାଇଁ ମୋ ମସ୍ତିଷ୍କରେ ବୁଦ୍ଧି ନାହିଁ । ମୁଁ ଯାହା ଶୁଣିଛି, ତାହା ସତ୍ୟ ନା ସ୍ୱପ୍ନ ।

ସ୍ୱପ୍ନ ନୁହେଁ ବୋଲି ଜାଣିଲି, ଯେତେବେଳେ ଆମ ଗାଁ ପାଖରେ ଆଉ ଦୁଇଜଣ ପରିଚିତ ଲୋକଙ୍କର ସାଇକେଲ ମୋ ପାଖରେ ଅଟକିଗଲା । ସେତେବେଳକୁ ମୋ ଦେହସାରା ଝାଳରେ ବୁଡ଼ି ଯାଇଥାଏ । ସେ ଦୁହେଁ ଝାଳରେ ବୁଡ଼ି ଯାଇଥିଲେ କି ନାହିଁ ମୁଁ ଜାଣେନି; କିନ୍ତୁ ସେମାନେ ଯେ ମାତ୍ରାଧିକ ଭାବେ ଭୟଭୀତ, ତାଙ୍କ କଥାବାର୍ତ୍ତାରୁ ଜାଣିପାରିଲି ।

ଆମେ ଗାଁକୁ ଆସୁଥାଉ ଚାଲିଚାଲି । ସାଇକେଲରେ ଚଢ଼ି ନୁହେଁ । ସେମାନେ କହିଲେ, ଆମେ ସାଇକେଲରେ ଥିଲେ । ଏଣୁ ଡାହାଣୀ ଆମ ପାଖକୁ ଆସି ପାରିଲା ନାହିଁ । ଲୁହାକୁ ସେ କୁଆଡ଼େ ଡରେ ।

ମୁଁ ସେମାନଙ୍କୁ ପ୍ରଶ୍ନ କଲି, ସତରେ ତୁମେ ଦୁହେଁ ଶୁଣିଛ ?

ସେମାନେ କହିଲେ, କେବଳ ଶୁଣିଛୁ, ତୋଟା ଭିତରୁ ଡାହାଣୀ ଆଲୁଅ ବି ଦେଖିଛୁ । ଡାହାଣୀ ନିଆଁ ଜାଳି ତା ପିଲାକୁ ସେକୁଥିଲା । ମୁଁ କିନ୍ତୁ ଆଲୁଅ ଦେଖିନି । ଶବ୍ଦ ଶୁଣିଛି । ମଣିଷର ସ୍ୱର କି ପକ୍ଷୀର ସ୍ୱର କହିପାରିବି ନାହିଁ । ଯାହା ହେଲେ ବି ତାହା ନିଶାଚରର ସ୍ୱର । ଆଉ ସ୍ୱର ଏତେ ଭୟଙ୍କର ଓ କର୍କଶ ଯେ, ଯାହା ଫଳରେ ଦେହରୁ କେତେ ପଳ କଅଁା ରକ୍ତ ଶୁଖିଯିବା ବିଚିତ୍ର ନୁହେଁ ।

ରାତି ଅଧରେ ଘରେ ପହଞ୍ଚିଲି । ବଡ଼ମା' ଏକଥା ଶୁଣି ବ୍ୟସ୍ତ ହେଲା । ବୋଉ ଅନାଗତ ଆଶଙ୍କାରେ କାନ୍ଦି ଉଠିଲା । ବଡ଼ମା' ମନ୍ତ୍ର ପଢ଼ି ଝାଡ଼ିଦେଲା । ବୋଉ ଆମ ଘର ଠାକୁରାଣୀ ମଙ୍ଗଳାଙ୍କ ପାଦୁକ ପାଣି ପିଆଇ ଦେଲା । ରାତିଟା ଅବଶ୍ୟ ଭୟରେ କଟିଲା ।

ସକାଳୁ ଗାଁ ଲୋକ ମୋ ମୁହଁରୁ କଥା ଶୁଣି, ଜଣେ ନିର୍ଦ୍ଦିଷ୍ଟ ସ୍ତ୍ରୀଲୋକର ନାଁ କହିଲେ । ଯିଏ କି ଛ' ମାସ ତଳେ ଡାହାଣୀ ହୋଇଛି । ଛୁଆ ପେଟରେ ଥାଇ ମରିଗଲା । ତାର ଛୁଆକୁ ଓ ମା'କୁ ନ ପୋଡ଼ି ଅଲଗା ଅଲଗା ଗାତରେ ପୋତି ଦିଆଯାଇଥିଲା ।

ଆଉ କେତେକ ଏହାକୁ ଡାହା ମିଛ କହି ହସରେ ଉଡ଼ାଇ ଦେଲେ ।

ତାପରେ ଆଉ କେବେ ଡାହାଣୀର ସ୍ୱର ଶୁଣିନି । କିନ୍ତୁ ମୋର ଏ ବିଶ୍ୱାସ ଅଛି ଯେ, କେତେକ ଅତୃପ୍ତ ଆତ୍ମା ଏ ପୃଥିବୀରେ ଅଛନ୍ତି, ସେମାନଙ୍କର କାମନା ବାସନା ପୂରିନାହିଁ । ସେମାନେ ପ୍ରେତଯୋନି ଲାଭକରି ପଡ଼ି ରହିଛନ୍ତି । ମନର ସାଧ ମେଣ୍ଟିଲେ, କାମନା ପୂର୍ଣ୍ଣ ହୋଇଗଲେ ମୁକ୍ତ ହୋଇଯିବେ ।

ଆମେ ଗୋଟିଏ ଘରେ ବହୁଦିନ ଧରି ରହି ଆସୁଛେ । ଅବଶ୍ୟ ଭଡ଼ାରେ । ଘର ପ୍ରତି ଆମ ମନରେ ଏକପ୍ରକାର ମୋହ ଆସିଗଲାଣି । ଘରଟିର ଯତ୍ନ ନେଉଛେ, ରୀତିମତ ରଙ୍ଗରେ ରଙ୍ଗାଉଛେ, ମରାମତି କରୁଛେ, ଆଉ ଅଗଣାର କେତେ ପ୍ରକାରର ଫୁଲଗଛ ଲଗାଇ ଫୁଲ ଫୁଟାଇଛେ । ଆମେ ଧରି ନେଇଛୁ ଘରଟି ଆପାତତଃ ଆମର ।

ହଠାତ୍ ଦିନେ ଘର ମାଲିକ ଆସି ସେହି ଘରୁ ଆମକୁ ବାହାର କରିଦେବ । ଆମର ଆପତ୍ତି ଶୁଣିବା ପାଇଁ ଟିକିଏ ବି ସମୟ ଦେଲା ନାହିଁ । କ'ଣ କରିବା,

ଯେତେ ହେଲେ ତ ପରଘର, ଘର ଛାଡ଼ିବାକୁ ବାଧ୍ୟ ହେଲୁ । ଘର ସିନା ଛାଡ଼ିଦେଲୁ, କିନ୍ତୁ ମନରୁ ଘର ପ୍ରତି ଯେଉଁ ମୋହ ଓ ମାୟା ତାକୁ ସହଜରେ ଛାଡ଼ିପାରୁନୁ ।

ସବୁବେଳେ ପୁରୁଣା ଘରଟି କଥା ମନେ ପଡୁଛି । ସେଇ ଘରଆଡ଼େ ଥରେ ବୁଲି ଆସିବାକୁ ମନ ହେଉଛି ।

ଯଦି ନୂଆ ଘରଟି ପୁରୁଣା ଘରଠାରୁ ଅଧିକ ଆକର୍ଷଣୀୟ ହୋଇଥାଏ, ମନ ନୂଆ ଘରର ମାନିଗଲା ତେବେ ମନ ଆଉ ପୁରୁଣା ଘରକୁ ମନେ ପକାଏନି । ପୁରୁଣା ଘର ପ୍ରତି ଆକର୍ଷଣ କମିଆସେ କି ମୋଟ ଉପରେ ଆକର୍ଷଣ ରହେ ନାହିଁ ।

ଆତ୍ମା ସେହିପରି । ଘଟ ଛାଡ଼ିଲେ ବି ପୁରୁଣା ଘଟ ପ୍ରତି ତାର ମମତା ରହିଯାଏ । ପାର୍ଥିବ ସଂସାରରେ ବିଦେହୀ ବି ହେଲେ ବିଭିନ୍ନ କ୍ରିୟାକଳାପ କରିବସେ । ଯଦି ପାର୍ଥିବ ସଂସାର ପ୍ରତି ତାର ମୋହ ମମତା ତୁଟି ଯାଇଥାଏ, ତେବେ ଅନ୍ୟ ଯୋନି ଲାଭ କରି ଶାନ୍ତିରେ ରୁହେ ।

ବଡ଼ ବିଚିତ୍ର ଏ ଜନ୍ମ ପରଜନ୍ମ କଥା ।

ସା/ପୋ: ନିଆଳୀ, ଜିଲ୍ଲା: କଟକ,ପିନ୍-୭୫୪୦୦୪
ମୋ: ୯୯୩୭୮୪୦୩୮୭

❐❐❐

ସେନାପତିଙ୍କ କ୍ରୋଧ

● ବସନ୍ତ କୁମାର ଘୋଷ

ବିଶାଳ ସାମ୍ରାଜ୍ୟର ଅଧିକାରୀ । ସୀମା ଲମ୍ବିଥିଲା ପଶ୍ଚିମରେ ଗୁଜୁରାଟ ଉପକୂଳରୁ ପୂର୍ବ ପ୍ରାନ୍ତରେ ଅଧୁନା ବଙ୍ଗଳାଦେଶର ସମଗ୍ର ଅଞ୍ଚଳ । ତାହା ଛଡ଼ା ସାମ୍ରାଜ୍ୟରେ ଆହୁରି ରହିଥିଲା କେନ୍ଦ୍ରୀୟ ଭାରତ ଏବଂ ଦକ୍ଷିଣର ବିସ୍ତୃତ ଅଞ୍ଚଳ । ମଧ୍ୟଯୁଗୀୟ ଭାରତର ଥିଲା ଏହା ଅନ୍ୟତମ ଶକ୍ତିଶାଳୀ ସାମ୍ରାଜ୍ୟ । ଅଜେୟ ଗୁପ୍ତ ସାମ୍ରାଜ୍ୟର ବହୁକୀର୍ତ୍ତିତ କିମ୍ବଦନ୍ତୀର ଅଧିକାରୀ ରହିଥିଲେ ସମ୍ରାଟ କୁମାର ଗୁପ୍ତ । କିନ୍ତୁ ଏକ ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇ ମଧ୍ୟ ମନରେ ନ ଥିଲା ସାମାନ୍ୟ ଗର୍ବ ବା ଅହଂକାର । ନ ଥିଲା ମଧ୍ୟ ଯୁଦ୍ଧଖୋର ମନୋବୃତ୍ତି । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ମଧ୍ୟରେ ପ୍ରଜାମାନଙ୍କୁ ଏକ ଆତଙ୍କବିହୀନ ଶାସନ ଦେବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଏହି କାରଣରୁ ତଥା ତାଙ୍କର ବୀରତ୍ୱ ପ୍ରତିପାଦନ କରିଥିଲେ ସେ ଏକ ବିରାଟ ଅଶ୍ୱମେଧ ଯଜ୍ଞ ଆୟୋଜନ କରି । ସମ୍ରାଟ କୁମାର ଗୁପ୍ତ ଯେ ଥିଲେ କେବଳ ଜଣେ ସୁଶାସକ ତା ନୁହେଁ ବରଂ ଜ୍ଞାନର ପୂଜାରୀ ହିସାବରେ ସେ ଜଣେ ଇତିହାସ ବିଖ୍ୟାତ ନରପତି । ବିଦ୍ୟାର ବିକାଶ ନିମନ୍ତେ ତାଙ୍କର ଉଦ୍ୟମ ଏବଂ ନିଷ୍ଠା ଯେ କେବଳ ଭାରତରେ ସୀମାବଦ୍ଧ ରହିଥିଲା ତା ନୁହେଁ; ବରଂ ଏହି ଯଶ ବ୍ୟାପିଥିଲା ସମଗ୍ର ପ୍ରାଚ୍ୟରେ । ଗୁପ୍ତ ସାମ୍ରାଜ୍ୟର ଅନ୍ୟତମ ସମ୍ରାଟ ସମୁଦ୍ର ଗୁପ୍ତଙ୍କ ଶାସନ କାଳରେ ବୌଦ୍ଧଭିକ୍ଷୁମାନଙ୍କ ଦ୍ୱାରା ପ୍ରତିଷ୍ଠିତ ନାଳନ୍ଦା ଧର୍ମ ବିହାରର ସେ ଥିଲେ ଅନ୍ୟତମ ପୃଷ୍ଠପୋଷକ । ଦେଶ ବିଦେଶର ଅନେକ ମେଧାବୀ ଛାତ୍ର ଏହି ଧର୍ମ ବିହାରରେ ଅଧ୍ୟୟନ କରିବାକୁ ଏକ ସୌଭାଗ୍ୟ ବୋଲି ମନେ କରୁଥିଲେ । ଏହି ବିଶ୍ୱବିଦ୍ୟାଳୟରେ ନିଃଶୁଳ୍କ ଅଧ୍ୟୟନ ନିମନ୍ତେ ଏକମାତ୍ର ଯୋଗ୍ୟତା ଭାବେ ପ୍ରଚଣ୍ଡ ମେଧାଶକ୍ତିକୁ ମାନଦଣ୍ଡ ଭାବେ ବିଚାର କରାଯାଉଥିଲା । ପ୍ରାୟ ଦୁଇ ସହସ୍ରାଧିକ ବିଦ୍ୱାନ ପଣ୍ଡିତମାନେ ଏଠାରେ ଏକ ଅୟୁତରୁ ଅଧିକ ଶିକ୍ଷାର୍ଥୀଙ୍କ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ସମ୍ରାଟ କୁମାର ଗୁପ୍ତ ନିଜ ରାଜକୋଷରୁ ଅର୍ଥ ବ୍ୟୟକରି ଏହି ବିପୁଳ ଖର୍ଚ୍ଚର ଭାର ବହନ କରୁଥିଲେ । ବିଭିନ୍ନ ସମୟରେ ବିଖ୍ୟାତ ଗାଣିତଜ୍ଞ ଆର୍ଯ୍ୟଭଟ୍ଟଙ୍କ ଭଳି ମହାଜ୍ଞାନୀ ଏହି ଧର୍ମ ବିହାରର ଅଧ୍ୟକ୍ଷ ରହିଥିଲା ବେଳ ମହାଜ୍ଞାନୀ ବାସୁବନ୍ଧୁ, ଧର୍ମପାଳ, ନାଗାର୍ଜୁନ, ପଦ୍ମସମ୍ଭବ

ଏବଂ ଏକ ସମୟରେ କିଛି କାଳ ନିମନ୍ତେ ଚୀନ ପରିବ୍ରାଜକ ହୁଏନସାଂ ଏଠାରେ ଅଧ୍ୟାପନା କରିଥିବା ବିଶ୍ୱାସ କରାଯାଏ । କୁମାର ଗୁପ୍ତଙ୍କ ସମୟରେ ସେ ନିଜେ ଏହାର ଦେଖାଶୁଣା କରୁଥିଲେ ବୋଲି ଇତିହାସରୁ ପ୍ରମାଣ ମିଳେ ।

ପାବନଭୂମି ଭାରତବର୍ଷର ଜ୍ଞାନର ସୁରଭି ଯେ କେବଳ ଏହି ଉପଦ୍ୱୀପ ମଧ୍ୟରେ ସୀମାବଦ୍ଧ ରହିଥିଲା ତା ନୁହେଁ ଏହାର ସୁବାସ ବାୟୁର ସ୍ନିଗ୍ଧ ଆଲିଙ୍ଗନରେ ଭାସି ବୁଲିଥିଲା ସମଗ୍ର ବିଶ୍ୱରେ । ନାଳନ୍ଦାର ଅର୍ଥ ହେଲା ଜ୍ଞାନର ଅନନ୍ତ ପ୍ରବାହ । ମେଧାବୀ ଛାତ୍ରମାନେ ଏଠାକୁ ଛୁଟି ଆସୁଥିଲେ ହିନ୍ଦୁ ଦର୍ଶନ, ବେଦ, ଧର୍ମତତ୍ତ୍ୱ, ଯୁକ୍ତିବିଦ୍ୟା, ଚିକିତ୍ସା ବିଜ୍ଞାନ, ବ୍ୟାକରଣ, ଭାଷାତତ୍ତ୍ୱ ବ୍ୟତୀତ ବିଭିନ୍ନ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବାକୁ । ନାଳନ୍ଦାର ପ୍ରକୃତ ଅର୍ଥର ମହତ୍ତ୍ୱ ବୁଝାଇବାକୁ ସମ୍ରାଟ କୁମାର ଗୁପ୍ତ ଏହି ମହାବିହାରରେ ପ୍ରତିଷ୍ଠା କରିଥିଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପାଠାଗାର ଧର୍ମଗଞ୍ଜ । ନାଳନ୍ଦା ପରିସରରେ ତିନୋଟି ଅତିକାୟ ଅଟ୍ଟାଳିକା ରତ୍ନସାଗର, ରତ୍ନୋଦଧି ଏବଂ ରତ୍ନରଞ୍ଜକ ନିର୍ମାଣ କରି ସେହିଠାରେ ଧର୍ମଗଞ୍ଜ ସ୍ଥାପନା କରିଥିଲେ ।

ଏହା ମଧ୍ୟରେ କାଳସ୍ରୋତରେ ଦୀର୍ଘ ଆଠଶହ ବର୍ଷ ଅତିକ୍ରାନ୍ତ । ଅନେକ ଘାତ ପ୍ରତିଘାତ, ଅନେକ ବୈଦେଶିକ ଆକ୍ରମଣ, ଅନେକ ଚକ୍ରାନ୍ତର ଚକ୍ରବ୍ୟୂହକୁ ଭୃକ୍ଷେପ ନ କରି ନାଳନ୍ଦା ଦୃଢ଼ ଭାବେ ଦଣ୍ଡାୟମାନ ରହି ତାର ସ୍ଥିତି ଜାହିର କରୁଛି । ଏଠାରୁ ବିଚ୍ଛୁରିତ ଜ୍ଞାନର ପ୍ରକାଶରେ ସମଗ୍ର ବିଶ୍ୱ ସମ୍ମୋହିତ । ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ନିଜର ଜ୍ଞାନ ପିପାସାକୁ ପରିପୂର୍ଣ୍ଣ କରିବାକୁ ବିଶ୍ୱବ୍ୟାପୀ ଛାତ୍ରକୁଳରେ ଉନ୍ମାଦନା । ଏହା ମଧ୍ୟରେ ଧର୍ମଗଞ୍ଜ ମଧ୍ୟ ପୂର୍ବାପେକ୍ଷା ଯଥେଷ୍ଟ ସମୃଦ୍ଧ, ପରିପୁଷ୍ଟ । ଲକ୍ଷଲକ୍ଷ ପୁସ୍ତକରେ ସଜ୍ଜିତ ଏହାର ଅସଂଖ୍ୟ କୋଠରୀ । ଏବେ ଏହା ନାଳନ୍ଦାର କେନ୍ଦ୍ରବିନ୍ଦୁ, ଛାତ୍ରମାନଙ୍କୁ ଭବିଷ୍ୟତର ପଥପ୍ରଦର୍ଶନ କରିବାକୁ ଏହା ଏକ ଦିବ୍ୟାଙ୍ଗ ପାଲଟିଯାଇଛି । ପ୍ରତ୍ୟେକ କୋଠରୀରେ ଅଧ୍ୟୟନରତ ଛାତ୍ରଙ୍କ ସମାବେଶ । ତଥାପି ଏହି ଜ୍ଞାନମନ୍ଦିର ଅତୀତରେ ଅନେକ ଥର ବୈଦେଶିକ ଆକ୍ରମଣରେ ଥରହର ହୋଇଛି । ହୁନ ସମ୍ରାଟ ମିହିରକୁଳଙ୍କ ବର୍ବର ଆକ୍ରମଣରେ ଏହି ମହାବିହାରର ଯେଉଁ କ୍ଷତି ତାହାକୁ ତ ବେଶ୍ ଭଲ ଭାବେ ଭରଣା କରିଥିଲେ ଗୁପ୍ତ ସାମ୍ରାଜ୍ୟର ସୁଯୋଗ୍ୟ ଉତ୍ତର ଦାୟାଦମାନେ, ଯେଣୁ ଆଜି ନାଳନ୍ଦା ଛାତ୍ରକୁଳର ଆକର୍ଷଣର ଜ୍ୟୋତି । ଆଜି ଅବଶ୍ୟ ଆଉ ଗୁପ୍ତଯୁଗ ନାହିଁ କିମ୍ବା ନାହାନ୍ତି ମଧ୍ୟ ତାଙ୍କର କେହି ଉତ୍ତର ଦାୟାଦ । ଏବେ

ନାଳନ୍ଦାର ରକ୍ଷଣାବେକ୍ଷଣାର ଭାର ପଡ଼ିଛି ଜଣେ ଅଖ୍ୟାତ ରାଜାଙ୍କ ଉପରେ । କିନ୍ତୁ ନାଳନ୍ଦାରେ ମ୍ଳାନ ପଡ଼ିନାହିଁ ବିଦ୍ୟାର ଜ୍ୟୋତି । ତମସାକୁ ଦୂରୀଭୂତ କରୁଥିବା ଏକ ଉଜ୍ଜ୍ୱଳ ଦୀପଶିଖା ଭଳି ଅନବରତ ବିଚ୍ଛାଡୁଛି ଅନ୍ତହୀନ ଆଲୋକ ଯେ ସାରା ବିଶ୍ୱ ଆଲୋକିତ ।

ବର୍ତ୍ତମାନର ଏହି ଜ୍ଞାନପୀଠର ଅଧ୍ୟକ୍ଷ ପଣ୍ଡିତ ରାହୁଲ ଶ୍ରୀଭଦ୍ର । ଜଣେ ଗୁଣୀ, ଜ୍ଞାନୀ, ଶୀଳ ତଥା ଦରଦୀ ମଣିଷ ଭାବେ ବେଶ ପରିଚିତ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଅଦ୍ଭୁତ ଦଖଲ । ଅର୍ଥାତ୍ ନାଳନ୍ଦାର ବିଗତ ଆଠଶହ ବର୍ଷର ଇତିହାସ ଅନୁଧ୍ୟାନ କରି ବର୍ତ୍ତମାନ ସହିତ ତୁଳନା କଲେ ଏହା ହିଁ ଉପଲବ୍ଧ ଯେ ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଏଠାରେ ଶିକ୍ଷାର ମାନରେ ଟିକିଏ ମଧ୍ୟ ପରିବର୍ତ୍ତନ ଘଟିନାହିଁ । ଆଦ୍ୟରୁ ହିଁ ଏହି ଅନୁଷ୍ଠାନଟି ମହାପଣ୍ଡିତମାନଙ୍କର ଚରଣ ସ୍ପର୍ଶରେ ଧନ୍ୟ ହୋଇଛି । ଶ୍ରୀଭଦ୍ରଙ୍କର ଅଧ୍ୟାପନା ସହିତ ତାଙ୍କର ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ତାଙ୍କୁ ଆଣି ଦେଇଛି ଅଶେଷ ସୁଖ୍ୟାତି । ନାନାଦି ଜଟିଳ ରୋଗର ନିରାକରଣ ତାଙ୍କ ଦ୍ୱାରା ସମ୍ଭବ ହୋଇପାରୁଥିବାରୁ ଏବେ ସେ ଏହି ଧର୍ମ ବିହାରର ନୟନମଣି ।

ସମୟ ସର୍ବଦା ସମାନ ରହେ ନାହିଁ । ସୁଖ - ଦୁଃଖ, ଅଭାବ - ଅନଟନ, ସୁଖ୍ୟାତି ଅଖ୍ୟାତି ବା ଉନ୍ନତି ଅବନତି କେହି ସ୍ଥିର ନୁହନ୍ତି । ମୁଦ୍ରାର ଦୁଇପାର୍ଶ୍ୱ ଭଳି ଏମାନେ କଡ଼ ଲେଉଟାଇ ଜଡ଼ ଓ ଜୀବନ୍ତ ବସ୍ତୁର ଜୀବନାକାଶରେ ଦୃଷ୍ଟିଗୋଚର ହୁଅନ୍ତି । ବୋଧହୁଏ ନାଳନ୍ଦାର ଉତ୍ଥାନ କାଳର ପରିସମାପ୍ତି ଘଟିବା ଆରମ୍ଭ ହେବାକୁ ଯାଉଥିଲା । ବୈଦେଶିକ ଶତ୍ରୁ କବଳିତ ଦିଲ୍ଲୀ ମସନଦର ସ୍ୱାଦ ଚାଖିବା ପରେ ସମ୍ପଦଶାଳୀ ଭାରତର ଆକର୍ଷଣ ପରିବ୍ୟାପ୍ତ ହୋଇଥିଲା ସମଗ୍ର ମଧ୍ୟ ଏସିଆକୁ । ମହମ୍ମଦ ଘୋରୀଙ୍କ ପରେ ମଧ୍ୟ ଏସିଆର ଛୋଟ ବଡ଼ ରାଜ୍ୟମାନେ କ୍ଷମତାପ୍ରାପ୍ତି ଲାଳସାରେ ଆର୍ଯ୍ୟଭୂମି ଭାରତର ବିଭିନ୍ନ ସ୍ୱାଧୀନ ହିନ୍ଦୁ ରାଜ୍ୟଗୁଡ଼ିକ ଉପରେ ବାରମ୍ବାର ଆକ୍ରମଣ କରିବାକୁ ଲାଗିଲେ । ସେହିଭଳି ଏକ ମହତ୍ତ୍ୱାକାଙ୍କ୍ଷାର ବଶବର୍ତ୍ତୀ ହୋଇ ତୁରସ୍କର ଘୁରୀ ସାମ୍ରାଜ୍ୟର ସେନାଧ୍ୟକ୍ଷ ବଖତିୟାର ଖିଲିଜି ଏକ ଶକ୍ତିଶାଳୀ ସେନା ସହିତ ଭାରତ ଆକ୍ରମଣରେ ମନଯୋଗୀ ହେଲେ । ଜଣେ ଅତ୍ୟାଚାରୀ ଏବଂ କଠୋର ଇସଲାମୀୟ ଧର୍ମାବଲମ୍ବୀ ଭାବେ ସେନାପତି ବଖତିୟାର ତାଙ୍କର ଯୁଦ୍ଧଯାତ୍ରା ପଥରେ ସୃଷ୍ଟି କରୁଥିଲେ ଘୋର ଆତଙ୍କ । ଦିଲ୍ଲୀରେ ଘୋରୀଙ୍କ ଉତ୍ତରାଧିକାରୀ ଭାବେ

ସମ୍ରାଟ ଇଲତୁତମିସ ଘୁରୀ ସେନାଧ୍ୟକ୍ଷଙ୍କ ଯୁଦ୍ଧ ପରିଚାଳନାରେ ମୁଗ୍ଧ ହୋଇ ତାଙ୍କୁ ନିଜ ସାମ୍ରାଜ୍ୟର ସେନାଧ୍ୟକ୍ଷ ପଦରେ ଅଭିଷିକ୍ତ କରିବାକୁ ପ୍ରସ୍ତାବ ଦିଅନ୍ତି । କିନ୍ତୁ ସ୍ୱାଧୀନ ଭାବେ ରକ୍ତକ୍ଷୟୀ ଯୁଦ୍ଧରେ ନିରୀହ ମଣିଷକୁ ହତ୍ୟା କରିବାର ଆନନ୍ଦ ଏବଂ ପୈଶାଚିକ ଆତଙ୍କର ସୃଷ୍ଟିକର୍ତ୍ତାଟିଏ ବା ନିଜକୁ ଏକ କର୍ତ୍ତବ୍ୟ କିମ୍ବା ବନ୍ଧନରେ କାହିଁକି ଆବଦ୍ଧ ହେବାକୁ ମନ କରିବ ? ବଖତିୟାର ଖିଲିଜି ଉତ୍ତର ଭାରତରୁ ଦୃଷ୍ଟି ଅପସାରଣ କରି ପୂର୍ବ ଭାରତ ଉପରେ ନିବଦ୍ଧ କଲେ । ଉଚ୍ଚାକାଙ୍କ୍ଷୀ ବଖତିୟାରଙ୍କ ଲକ୍ଷ୍ୟ ଥିଲା ନିଜର ବାହୁ ବଳରେ ବଙ୍ଗଳାର ଦୁର୍ବଳ ରାଜା ଲକ୍ଷ୍ମଣ ସେନାଙ୍କୁ ପରାସ୍ତ କରି ସେଠାକାର ଶାସକ ହେବାର । ଏହି ଧର୍ମାନ୍ଧ ସେନାପତି ନିଜ ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ଦ୍ରୁତ ସୈନ୍ୟ ଚାଳନା କରି ଉତ୍ତର ଭାରତ ପଟୁ ପୂର୍ବ ଭାରତ ଦିଗକୁ ଅଗ୍ରସିତ ହେବା ପଥରେ ଅଜସ୍ର ହିନ୍ଦୁ ଏବଂ ବୌଦ୍ଧ ପୀଠଗୁଡ଼ିକୁ ଧ୍ୱଂସସ୍ତୂପରେ ପରିଣତ କରି ନିଜ କୁକାର୍ଯ୍ୟବଳୀରେ ଅଶେଷ ସନ୍ତୁଷ୍ଟି ପ୍ରାପ୍ତ ହେଲେ । ଏହି କ୍ରମରେ ଉଦାନ୍ତପୁର ବିହାର ଅଞ୍ଚଳରେ ଆକ୍ରମଣ ଜାରି ରଖିଥିଲା ବେଳେ ଜଳବାୟୁ ପରିବର୍ତ୍ତନ ଏବଂ ଦୀର୍ଘପଥ ଯାତ୍ରା ଯୋଗୁଁ କ୍ଲାନ୍ତିରେ ସେ ଅସୁସ୍ଥ ହୋଇପଡ଼ିଲେ । ସୈନ୍ୟବାହିନୀରେ ଥିବା ତାଙ୍କର ତୁରସ୍କ ଚିକିତ୍ସକଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା କିନ୍ତୁ ତାଙ୍କୁ ଟିକେ ମଧ୍ୟ ଆରୋଗ୍ୟ କରିପାରିଲାନି ।

ଖିଲିଜିଙ୍କର ଆଶୁ ଆରୋଗ୍ୟ ନିମନ୍ତେ ତାଙ୍କଠାରୁ ଯୁଦ୍ଧରେ ପରାଜିତ ହୋଇ ବଶ୍ୟତା ସ୍ୱୀକାର କରିଥିବା ଜନୈକ ଭାରତୀୟ ରାଜା ନାଳନ୍ଦା ଧର୍ମବିହାରରେ ଅଧ୍ୟାପନାରତ ବିଖ୍ୟାତ ଆୟୁର୍ବେଦିକ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ନିମନ୍ତେ ପ୍ରସ୍ତାବ ରଖିଲେ । କିନ୍ତୁ ଆତ୍ମଗର୍ବୀ କ୍ରୁର ସେନାଧ୍ୟକ୍ଷ ସେହି ପ୍ରସ୍ତାବକୁ ପ୍ରତ୍ୟାକ୍ଷାନ କରି କହିଥିଲେ "ଅସମ୍ଭବ । ତୁରସ୍କ ଚିକିତ୍ସକଙ୍କ ତୁଳନାରେ ଯେ ବିଶ୍ୱର ଆଉ କେଉଁଠାରେ ଉନ୍ନତ ଏବଂ ଜ୍ଞାନୀ ବ୍ୟକ୍ତିତ୍ୱ ରହିଥାଇ ପାରନ୍ତି ଏହା ଆଦୌ ଗ୍ରହଣୀୟ ନୁହେଁ । ଭବିଷ୍ୟତରେ ଏ ପ୍ରକାର ପ୍ରସ୍ତାବକୁ ମୁଁ ମୋର ଅପମାନ ଭାବେ ଗ୍ରହଣ କରି ଉଚିତ୍ ଶାସ୍ତି ବିଧାନ କରିବି ।" ମହାନ ଭାରତୀୟ ପରମ୍ପରାକୁ ସମ୍ମାନ ଜଣାଇ ଶତ୍ରୁସମ ଖିଲିଜିଙ୍କ ଆରୋଗ୍ୟ କାମନା କରୁଥିବା ରାଜା ଚୁପ୍ ରହିବାକୁ ଶ୍ରେୟ ମଣିଥିଲେ । କିନ୍ତୁ ରୋଗବ୍ୟାଧି ତ ଆଉ ଗର୍ବ କିମ୍ବା ଅହଙ୍କାର ଅଧୀନରେ ରହି ନ ଥାଏ । ବଖତିୟାର ଖିଲିଜି ତାଙ୍କର ଅହଙ୍କାର ଏବଂ ପ୍ରାଚୀନ ଭାରତୀୟ ଚିକିତ୍ସା ବିଜ୍ଞାନକୁ ଉପେକ୍ଷା ଏବଂ ତାତ୍ସଲ୍ୟକରି

ଯଥେଷ୍ଟ ଉନ୍ନତ ଏହା ତାଙ୍କର ଅସହ୍ୟ ହେଲା । ଏହା ହିଁ ଜଣେ ଆକ୍ରମଣକାରୀକୁ ଗୋଟିଏ ଉନ୍ନତ ସଂସ୍କୃତିକୁ ଧ୍ୱଂସ କରିବାର ପରିକଳ୍ପନାକୁ ସାକାର କରିବାରେ ଯଥେଷ୍ଟ । ତାଙ୍କର ସମସ୍ତ କ୍ରୋଧ ନିବଦ୍ଧିତ ହେଲା ପଣ୍ଡିତ ରାହୁଲ ଶ୍ରୀଭଦ୍ର ଏବଂ ବିଶ୍ୱର ଏକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ନାଳନ୍ଦା ଧର୍ମବିହାର ଉପରେ ।

ନାଳନ୍ଦାର ଉଜ୍ଜ୍ୱଳ ଆକାଶକୁ ଘୋଟି ଆସିଲା ଅମା ଅନ୍ଧକାର । ଏକଦା ସୁରଭି ବିତରଣ କରୁଥିବା ବାୟୁରେ ଭାସି ବୁଲିଲା ଆତଙ୍କର ଆର୍ତ୍ତ ଚିତ୍କାର । କ୍ରୁରତା ସୀମା ଟପିଗଲା । ବଖତିୟାର ଖିଲିଜିଙ୍କ ବିଶାଳ ସେନା ବାହିନୀ ନାଳନ୍ଦା ପରିସରରେ ପ୍ରବେଶ କରି ସୃଷ୍ଟି କଲେ ଅଭୂତପୂର୍ବ ଧ୍ୱଂସଲୀଳା । ହଜାର ହଜାର ନିରୀହ ବିଦ୍ୱାନଙ୍କ ହତ୍ୟାରେ ରକ୍ତ ରଞ୍ଜିତ ହେଲା ଶାନ୍ତିର ବାର୍ତ୍ତା ବାଣ୍ଟୁଥିବା ମାଟି । ହାହାକାର ପଡ଼ିଗଲା ନାଳନ୍ଦା ଧର୍ମବିହାରରେ । ବଖତିୟାରଙ୍କ ନିର୍ଦ୍ଦେଶରେ ଅଗ୍ନି ସଂଯୋଗ କରାହେଲା ପ୍ରାଚ୍ୟବିଶ୍ୱର ବୃହତ୍ତମ ପାଠାଗାରରେ । କୁମାର ଗୁପ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମଗଞ୍ଜର ସମସ୍ତ ତିନୋଟି ଅତିକାୟ ଅଟ୍ଟାଳିକା ରତ୍ନସାଗର, ରତ୍ନୋଦଧି ଏବଂ ରତ୍ନରଞ୍ଜକ ଏବଂ ସେଥିରେ ସଂରକ୍ଷିତ ସମସ୍ତ ବହୁମୂଲ୍ୟ ପୁସ୍ତକଗୁଡ଼ିକ ଏକ ଈର୍ଷାଳୁ ସେନାଧ୍ୟକ୍ଷଙ୍କ କ୍ରୋଧର ପ୍ରତିଫଳନରେ ଜଳିବାକୁ ଲାଗିଲା । ଜୀବନ ସିନା ଚାଲିଯାଏ କ୍ଷଣିକରେ କିନ୍ତୁ ଜଡ଼ର ଅନ୍ତହେବାକୁ ସମୟ ଲାଗିଥାଏ । ଜ୍ଞାନର ଗନ୍ତାଘର ଧର୍ମଗଞ୍ଜ ଜଳିପୋଡ଼ି ପାଉଁଶ ହେବାକୁ ପ୍ରାୟ ତିନିମାସ ଲାଗିଗଲା । ସେହି ବିଶାଳ ଜ୍ଞାନପୀଠର ଅନ୍ତ ସହିତ ଏହି ଧରାରୁ ଚିରଦିନ ନିମନ୍ତେ ନିଶ୍ଚିହ୍ନ ହୋଇଗଲା ଏକ ଉନ୍ନତ ଶିକ୍ଷାନୁଷ୍ଠାନ ଯାହାର କି କେବଳ ଗୋଟିଏ ଲକ୍ଷ୍ୟ ରହିଥିଲା ସମାଜରେ ଏକ ଜ୍ଞାନଦୀପ୍ତ ମାନବଗୋଷ୍ଠୀ ଗଠନ କରିବାର ।

ସମ୍ପାଦକ, କଳିଙ୍ଗ ସାହିତ୍ୟ ଏକାଡ଼େମୀ, ବହୁଗ୍ରାମ, କଟକ
ମୋ: ୯୯୩୮୭୯୨୧୫୨

❑❑❑

ଆତ୍ମସୁଖ ଲଭିଲେ ମଧ୍ୟ ବ୍ୟାଧିରୁ ଆରୋଗ୍ୟ ଲାଭ କରିପାରିଲେନି । ସେହିଭଳି ଯନ୍ତ୍ରଣାରେ କଲବଲ ହେବାକୁ ଲାଗିଲେ । କିଛିଦିନ ଅନ୍ତରେ ଆସନ୍ନ ମୃତ୍ୟୁ ଏବଂ ଏକ ସମ୍ଭାବନାମୟ ଜୀବନର ଅବସାନ ଘଟିବା ଭୟରେ ଭାରତୀୟ ଚିକିତ୍ସକଙ୍କ ସେବା ଗ୍ରହଣ କରିବାକୁ ସ୍ଥିର କଲେ । ଏଥର ନାଳନ୍ଦା ଧର୍ମବିହାରର ଅଧ୍ୟକ୍ଷ ତଥା ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ବିଶେଷଜ୍ଞ ପଣ୍ଡିତ ରାହୁଲ ଶ୍ରୀଭଦ୍ରଙ୍କୁ ତୁରସ୍କ ସେନାଧ୍ୟକ୍ଷ ବଖତିୟାର ଖିଲିଜିଙ୍କର ଚିକିତ୍ସା ନିମନ୍ତେ ଅନୁରୋଧ କରାଗଲା । ସୁଜ୍ଞାନୀ ଦରଦୀ ଶ୍ରୀଭଦ୍ର ଖିଲିଜିଙ୍କର ଭାରତୀୟଙ୍କ ପ୍ରତି ତାଙ୍କର କ୍ରୁରତା ଏବଂ ଅସୂୟାଭାବକୁ ନିଜ ମନ ମଧ୍ୟରେ ସ୍ଥାନ ନ ଦେଇ ଜଣେ ମହାନ୍ ଭାରତୀୟ ଭାବେ ସେବାଭାବକୁ ପ୍ରାଧାନ୍ୟ ଦେଇ ତାଙ୍କୁ ଚିକିତ୍ସା କରିବାକୁ ଆଗଭର ହେଲେ । କିନ୍ତୁ ଅହଙ୍କାରୀ ଖିଲିଜି ରୋକଠୋକ ଭାବେ ଶ୍ରୀଭଦ୍ରଙ୍କୁ କହିଲେ "ଦେଖନ୍ତୁ ଶ୍ରୀଭଦ୍ର ! ମୋର ଏଭଳି ଚିକିତ୍ସା କରିବେ ଯେଭଳି ମୋର ଔଷଧ ସେବନର ଆବଶ୍ୟକତା ନପଡ଼େ । ମୋର ଭାରତୀୟ ଔଷଧ ଉପରେ ସାମାନ୍ୟତମ ବିଶ୍ୱାସ ନାହିଁ ।" ପଣ୍ଡିତ ରାହୁଲ ଶ୍ରୀଭଦ୍ରଙ୍କଙ୍କ ଜ୍ଞାନଦୀପ୍ତ ମୁଖମଣ୍ଡଳରେ ହସର ଝଲକଟିଏ ଖେଳିଗଲା । ଅତି ବିନୟର ସହିତ କହିଲେ "ମହାଭାଗ ! ମୋର ଏହି ଚିକିତ୍ସା ପ୍ରଣାଳୀରେ ଆପଣଙ୍କ ନିମନ୍ତେ ଔଷଧ ସେବନର ଆବଶ୍ୟକତା ନାହିଁ । କିନ୍ତୁ ଆପଣଙ୍କୁ ଇସଲାମ ଧର୍ମଶାସ୍ତ୍ର କୋରାନ ଶରୀଫରୁ ମାତ୍ର କିଛି ପୃଷ୍ଠା ପାଠ କରିବାକୁ ପଡ଼ିବ । ଈଶ୍ୱର ବିଶ୍ୱାସ ଏବଂ ପ୍ରାର୍ଥନା ହିଁ ଆପଣଙ୍କୁ ଦୃତ ଆରୋଗ୍ୟ ପ୍ରଦାନ କରିବ ।" କହିବା ବାହୁଲ୍ୟ ଯେ ଜ୍ଞାନୀ ଶ୍ରୀଭଦ୍ର ଧର୍ମାନ୍ଧ ଏବଂ ଅହଙ୍କାରୀ ବଖତିୟାର ଖିଲିଜିଙ୍କୁ ପ୍ରଦାନ କରିଥିବା କୋରାନ ଶରୀଫ ଗ୍ରନ୍ଥର ପୃଷ୍ଠାରେ ଆବଶ୍ୟକୀୟ ଔଷଧର ଲେପନ ଦେଇଥିଲେ । ଆଉ ତାହା ହିଁ ଖିଲିଜିଙ୍କୁ ଆରୋଗ୍ୟ କରିବାରେ ସହାୟକ ହୋଇଥିଲା ।

ଏ ସଂସାର ବଡ଼ ବିଚିତ୍ର । ଯୁଗର ନିୟମାନୁଯାୟୀ କ୍ରିୟାର ବିପରୀତରେ ପ୍ରତିକ୍ରିୟା ଆସିଥାଏ । ଉପକାର କରିଥିବା ବ୍ୟକ୍ତିର ଅପକାର ନ କଲେ ଆତ୍ମା ଶାନ୍ତି ପାଇ ନ ଥାଏ । ସମ୍ପ୍ରତି ସମାଜରେ ଏହିଭଳି ବ୍ୟକ୍ତିଙ୍କ ବହୁଳତା ପରିଲକ୍ଷିତ ହୋଇଥାଏ । ବଖତିୟାର ଖିଲିଜି ମାନବ କୁଳରେ ଜନ୍ମ ହେଲେ ମଧ୍ୟ ତାଙ୍କ ମଧ୍ୟରେ ଦାନବୀକ ଗୁଣ ହିଁ ଅଧିକ ପ୍ରକାଶିତ । ଧର୍ମାନ୍ଧତା, ଅହଂକାର, ଈର୍ଷା ଆଦି ବଦଗୁଣରେ ତାଙ୍କର ଅନ୍ତର ପରିପୂର୍ଣ୍ଣ । ଭାରତୀୟ ଚିକିତ୍ସା ଶାସ୍ତ୍ରର ଉତ୍କର୍ଷତା ପ୍ରମାଣିତ ହେବାପରେ ତାଙ୍କ ମଧ୍ୟରେ ରହିଥିବା ଈର୍ଷା ବହୁଗୁଣିତ ହେଲା । ତୁରସ୍କ ତୁଳନାରେ ଭାରତର ଜ୍ଞାନ ବିଜ୍ଞାନ ଯେ

ଏ.ସି. ରୁମ୍

● ବନମାଳୀ ସେନାପତି

ସକାଳ ସାତଟାରୁ ଏଇଠି ବସିଛି ପାର୍ଥ । ହସପିଟାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପେସେଣ୍ଟର ଆଟେଣ୍ଡାଣ୍ଟକୁ ଦିନସାରା ଆଇ.ସି.ୟୁ ବାହାରେ ଅପେକ୍ଷା କରିବାକୁ ପଡ଼ିବ । ସେଇଥିପାଇଁ ସେ ସକାଳ ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ରହେ ଓ ୨ଟା ପରେ ଘର କାମ ଶେଷ କରି ତା ସ୍ତ୍ରୀ ସୋମା ଆସି ସେଇଠି ବସେ ଆଉ ପାର୍ଥ ଘରକୁ ଯାଇ ମଧ୍ୟାହ୍ନ ଭୋଜନ ପରେ ପୁଣି ହସ୍‌ପିଟାଲକୁ ଫେରିଆସେ । ରାତି ୯ଟା ପର୍ଯ୍ୟନ୍ତ ତାକୁ ସେଠାରେ ରହିବାକୁ ପଡ଼େ । ଏହାପରେ ହସପିଟାଲ ଆଟେଣ୍ଡାଣ୍ଟଙ୍କ ଛଡ଼ା ଆଉ କାହାରିକୁ ଅନୁମତି ନାହିଁ । ସେମାନେ ଏହି କାମ ପାଇଁ ଦିନକୁ ଦେଢ଼ଶହ ଟଙ୍କା ନେଇଥାନ୍ତି । ଅଧିକ ଜରୁରୀ କିଛି ଦରକାର ପଡ଼ିଲେ, ଫୋନ୍‌ରେ ଆସିବା ପାଇଁ ଜଣାଇ ଦିଆଯାଏ ।

ଆଜିକୁ ଛଅ ଦିନ ହେଲା ପାର୍ଥର ମା' ଶିବାନୀ ଆଇ.ସି.ୟୁରେ ଅଛି । ସଦା ଚଳଚଞ୍ଚଳ ଲୋକଟା ବିଛଣାରେ ନିସ୍ତେଜ ହୋଇ ପଡ଼ି ରହିଛି । ପ୍ରଥମ ଦୁଇଦିନ ସେ କଥା ହୋଇପାରୁଥିଲେ । ସେ ପାର୍ଥକୁ କହିଥିଲେ "ଆରେ ମୋର ଏଠି ରୋଗ କମିବ କ'ଣ, ଏତେ ଥଣ୍ଡାରେ ମୁଁ କେମିତି ସୁସ୍ଥ ହେବି, ତୁ ବରଂ ଡାକ୍ତରଙ୍କୁ କହି ମୋତେ ଜେନେରାଲ ୱାର୍ଡ଼କୁ ସିଫ୍ଟ କରିଦେ ।"

ମା' ସବୁଦିନେ ଏଇମିତି । ଥଣ୍ଡା ସେ ସହ୍ୟ କରି ନାହିଁ । ଗତ ତିରିଶ ବର୍ଷ ହେଲା ସେ ଫୁସ୍ ଫୁସ୍ ସଂକ୍ରାନ୍ତୀୟ ରୋଗରେ ଆକ୍ରାନ୍ତ । କେବେ ତାଙ୍କୁ ହସ୍‌ପିଟାଲକୁ ଯିବାକୁ ପଡ଼ିନି କିନ୍ତୁ ଆଜି ସେ ହସପିଟାଲରେ ବନ୍ଦୀ ଜୀବନ କଟାଇଛନ୍ତି । ଡାକ୍ତରଙ୍କୁ ମା'ର ଶୀତ କାତରତା କହିବା ପରେ ବି କିଛି ଲାଭ ହେଲା ନାହିଁ । ଡାକ୍ତର କହିଲେ– "ପେସେଣ୍ଟର ଯାହା ଅବସ୍ଥା ତାଙ୍କୁ ଜେନେରାଲ ୱାର୍ଡ଼କୁ ନେଇ ହେବ ନାହିଁ ।" ତେଣୁ ଚୁପ୍ ରହିଲା ହିଁ ସାର ହେଲା ।

ହସପିଟାଲକୁ ଆଣିବା ପୂର୍ବରୁ ପାର୍ଥ ମା'କୁ ଘର ପାଖ ଗୋଟିଏ ନର୍ସିଂହୋମ୍‌ରେ ଆଡ଼ମିଟ୍ କରେଇଥିଲା । ସେଦିନ ସନ୍ଧ୍ୟାରେ ପ୍ରବଳ ଜର ଓ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ, ପାର୍ଥ ସଙ୍ଗେ ସଙ୍ଗେ ନିକଟସ୍ଥ ନର୍ସିଂହୋମ୍‌କୁ ନେଇ

ଆସିଥିଲା । ସେଠାରେ କେବଳ ପରୀକ୍ଷା ନିରୀକ୍ଷା ପରେ ସେ ଏହି ହସପିଟାଲକୁ ମା'କୁ ନେଇ ଆସିଥିଲା । କିନ୍ତୁ ଶୀତ କାତର ତା' ମା'କୁ ପୁଣି ଆଇ.ସି.ୟୁ ରହିବାକୁ ପଡ଼ିବ ଏ କଥା ସେ ଜାଣିବ ବା କିପରି ?

ଗୋଟିଏ ପଟେ ମା'ର ଏପରି ଅବସ୍ଥା ଆୟୁ.ସି.ୟୁ ମଧ୍ୟରେ ଜୀବନ ଧରିଛି ଅପରପକ୍ଷେ ଘରେ ଏ.ସି. ଲଗାଇବାକୁ ନେଇ ଅଶାନ୍ତି । ଭାରି କଷ୍ଟ ଲାଗୁଥିଲା ପାର୍ଥକୁ । ଏକ ଅବ୍ୟକ୍ତ ବେଦନାରେ ସେ ଛଟପଟ ହେଉଥିଲା । ଦୁଇଦିନ ତଳେ ରାତିରେ ଘରେ ଏ.ସି. ଲଗାଇବାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର । ଏମିତି ଦେଖିବାକୁ ଗଲେ ଅନେକ ଦିନ ହେଲା ଘରେ ଗୋଟିଏ ଏ.ସି. ଲଗାଇବା ପାଇଁ ସୋମାର ଜିଦ୍ ଥିଲା । ହଠାତ୍ ସେଦିନ ସେ ପୁରୁଣା କ୍ୟାସେଟଟା ବଜାଇ ପାର୍ଥର ମୁଣ୍ଡଟାକୁ ଗରମ କରିଦେଲା । ସମୟର ଅବସ୍ଥାକୁ ଲକ୍ଷ୍ୟ କରି ଅଗତ୍ୟା ପାର୍ଥ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲା । ମା'ଙ୍କ ଭଳି ପାର୍ଥ ମଧ୍ୟ ନିଜେ ଫ୍ୟାନ କି କୁଲର ହାଇସ୍ପିଡ଼ ଦେଇ ଶୋଇ ପାରେନା । ସୋମା ଆଉ ପାର୍ଥଙ୍କ ଝିଅ ତିଥି କିନ୍ତୁ ତାଙ୍କଠାରୁ ସଂପୂର୍ଣ୍ଣ ବିପରୀତ । ଗରମ ଆଳରେ ମା', ଝିଅ ଏମିତି ଫାନ୍ ସ୍ପିଡ଼୍ ବଢ଼ାନ୍ତି ଯେ ପାର୍ଥ ବେଳେବେଳେ ନିଜ ଦେହକୁ କୌଣସି ବେଡ଼ସିଟ୍ କିମ୍ବା ପତଳା ଚଦରରେ ଆବୃତ କରନ୍ତି । ଆଉ ଏ.ସି. ଲାଗିଲେ ତାର ଯାହା ଅବସ୍ଥା ହେଉ ଭଗବାନଙ୍କୁ ଜଣା ।

ସୋମା ଏ.ସି. କିଣିବା ଜିଦ୍‌ରେ ଅଟଳ । ପାର୍ଥଙ୍କ ନୀରବତାକୁ ସେ ତାର ଦୁର୍ବଳତା ଭାବି ଉଚ୍ଚସ୍ୱରରେ କହୁଥିଲା ଗରମରେ ମୁଁ ସିଝି ସିଝି ମରିଗଲେ ତୁମର କିଛି ଯାଏ ଆସେନି କିନ୍ତୁ ତିଥି କଥା ଟିକେ ଚିନ୍ତାକର । ଘର ପାଖରେ ସମସ୍ତଙ୍କର ଏ.ସି. ରୁମ୍ । ରାତିରେ ଏତେ ଭୋଲଟେଜ କମ୍ ରହୁଛି ଫ୍ୟାନ୍ ଚାଲିପାରୁନାହିଁ । ଝିଅଟା ରାତିସାରା ଛଟପଟ ହେଉଛି, ସେଇଟା କ'ଣ ତୁମେ ଦେଖି ପାରୁନ ?

ହସ୍‌ପିଟାଲ ବେଡ୍‌ରେ ମା' ଶୋଇ ରହି ମୃତ୍ୟୁସହ ସଂଗ୍ରାମ କରୁଛି । ଅଠସ୍ତୋରୀ ବୟସର ମୁମୂର୍ଷୁ ମଣିଷଟିର ସାରା ଶରୀରରେ ନାଗଫାଶ ପରି ଡାକ୍ତରୀ ଯନ୍ତ୍ରପାତି । ହାତ ଦୁଇଟି ବେଡ଼ର ଦୁଇପାର୍ଶ୍ୱରେ ବନ୍ଧା । ତାପରେ ପୁଣି ଏ.ସି.ର ଶୀତଳ ସ୍ରୋତ । ପ୍ରତି ମୁହୂର୍ତ୍ତରେ ମା'ର ଯନ୍ତ୍ରଣା ପାର୍ଥକୁ ବିଚଳିତ କରୁଥିଲା । ଆଶା ଓ ଆଶଙ୍କାରେ ସେ ଜର୍ଜରିତ ଥିବାବେଳେ ଏ ଯୁକ୍ତିତର୍କକୁ ସେ ସହିପାରିଲା ନାହିଁ । ଅତ୍ୟଧିକ ରାଗରେ ହାତରେ ଧରିଥିବା କପ୍‌କୁ ସେ ଫିଙ୍ଗି ଦେଇଥିଲେ କାନ୍ଥ ଉପରକୁ ।

ଚୁରମାର ହୋଇଯାଇଥିଲା ଶଙ୍ଖ କପ୍‌ଟି । ତା'ପର ଠାରୁ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ।

ସେଦିନ ଅବେଳରେ ହସ୍‌ପିଟାଲ ଭିତରକୁ ପଶି ଯାଇଥିଲା ପାର୍ଥ । ଦେଖିଲା ରୁମ୍‌ଟି ବରଫ ଭଳି ଥଣ୍ଡା ଅଛି ପୁଣି ମା'ଙ୍କ ଗୋଡ଼ ଉପରେ ଠିକ୍ ଉପରେ ଫ୍ୟାନଟି ଫୁଲ ସ୍ପିଡ୍‌ରେ ଚାଲୁଛି । ମା' ଶରୀରର ଆବରଣ କହିଲେ ଗୋଟିଏ ପତଳା ମ୍ୟାକ୍ସି ତା'ଉପରେ ଗୋଟିଏ କମ୍ବଳ । ସେଇଟି ପୁଣି ପେଟ ପାଖରେ ରହିଛି । ସେ ଦେଖୁଥିଲା ତା' ମା' ଥଣ୍ଡାରେ ଥରୁଛି । ଏ ଦୃଶ୍ୟ ଦେଖି ସେ ଅଧୈର୍ଯ୍ୟ ହୋଇ ପଡ଼ିଲା । ଡ଼ିୟୁଟିରେ ଥିବା ନର୍ସକୁ ଚଢ଼ା ଗଳାରେ କହିଲା । ଏମିତି ତ ଘରେ ବରଫ ଭଳି ଥଣ୍ଡା, ତା'ପରେ ପୁଣି ଫୁଲ୍ ସ୍ପିଡ୍‌ରେ ଫ୍ୟାନ୍ । ଆପଣ କ'ଣ ପେସେଣ୍ଟକୁ ମାରି ଦେବେ ନା କ'ଣ ?

ନର୍ସ ଜଣଙ୍କ ଚମକି ପଡ଼ି କହିଲା- ରୁମ୍ ଓ୍ୱାସ ହେଉଥିଲା । ତେଣୁ ଫ୍ୟାନଟି ଚାଲୁଛି । ଏବେ ବନ୍ଦ କରିଦେବି । ଆଚ୍ଛା ଆପଣ କେମିତି ରୁମ୍ ଭିତରକୁ ଆସିଲେ । ବର୍ତ୍ତମାନ ତ ଭିଜିଟିଂ ଆୱାର ନୁହେଁ । ଚାଲନ୍ତୁ ବାହାରକୁ । ଶୀଘ୍ର ଯିବେ ନା ସିକ୍ୟୁରିଟି ଡାକିବି ।

ନର୍ସଠାରୁ ତଡ଼ା ଖାଇ ବାହାରକୁ ଆସି ପାର୍ଥ ଦେଖିଲା ଦୀପକ ବୋଲି ପିଲାଟି ମନଦୁଃଖରେ ବାହାରେ ଠିଆ ହୋଇଛି । ଗତ ଦୁଇଦିନ ତଳେ ସିଭିଅର ହାର୍ଟଆଟାକରେ ତା'ର ବାବା ଏହି ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି । ଅଡ଼ଷଠି ବର୍ଷ ବୟସ ତ ବାବାଙ୍କ ପାଇଁ ପାର୍ଥ ପରି ସେ ବି ଉଦ୍‌ବେଗରେ ଅଛି । ପାର୍ଥ ବାହାରକୁ ବାହାରିବା ପରେ ସେ କହିଲା- ଭାଇ, ଆପଣ ତ ଭିତରକୁ ଯାଇଥିଲେ ବାବା କିପରି ଅଛନ୍ତି ଦେଖିଲେ ।

ଅପରାଧୀ ପରି ମୁହଁ କରି ପାର୍ଥ କହିଲା । ସେ ନର୍ସ ଜଣଙ୍କ ମୋତେ ଏମିତି ଅପମାନ କରି ତଡ଼ିଦେଲା ଯେ ମୁଁ କୁଆଡ଼େ ଅନେଇବା ପାଇଁ ସୁଯୋଗ ପାଇଲି ନାହିଁ ।

ବାବାଙ୍କୁ ଦେଖିପାରୁ ନ ଥିବାରୁ ଦୀପକ କେବଳ ଛଟପଟ ହେଉଥିଲା । ବେଳେବେଳେ ହସପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ତା'ର ରାଗ ହେଉଥିଲା । ସାରାଦିନ ପେସେଣ୍ଟ ଠାରୁ ଦୂରେଇ ରହିବେ ଆଉ ସନ୍ଧ୍ୟାରେ ମାତ୍ର ଅଧଘଣ୍ଟାର ଭିଜିଟିଂ ଆୱାର । ରୋଗୀ ସେବାରେ ଯେତିକି ନିଅତ ନାହିଁ ଅନୁଶାସନ ପାଳନ ତା' ଠାରୁ ଢ଼େରଗୁଣ ଅଧିକ । ଏଠି ତ ଅନେକ ଅନ୍ୟତ୍ର ରେଫର ହେଉଛନ୍ତି ନଚେତ ଶବ ହୋଇ

ବାହାରୁଛନ୍ତି । ଏମାନଙ୍କୁ ଧର୍ମ ସହିବ ନାହିଁ ।

ଶବ ହୋଇ ବାହାରିବା କଥାଟା ଶୁଣି, ପାର୍ଥର ଛାତି ଭିତରେ ଯେମିତି କିଛି ଗୋଟିଏ ହୋଇଗଲା ପରି ଲାଗିଲା । ଚୁପ୍‌ଚାପ୍ ସେ ଯାଇ ୱେଟିଙ୍ଗ ପ୍ଲେସରେ ବସିଲା । ନିର୍ଦ୍ଧାରିତ ସମୟରେ ସୋମା ଆସିଲା । ପାର୍ଥ ଘରକୁ ଯିବାକୁ ଠିଆହେଲା । ତା' ଆଡ଼କୁ ନ ଚାହିଁ ସୋମା ପଚାରିଲା- 'ମା'ଙ୍କ ଖବର କ'ଣ ? 'ହଁ ସେଇଭଳି ଅଛି ।' କହି ପାର୍ଥ ଗେଟ୍ ଆଡ଼କୁ ଆଗଉଥିଲା ବେଳେ କହିଲା 'ମୁଁ ଆସୁଛି' ।

ରାତି ଗୋଟାଏ ପାଖାପାଖି ମୋବାଇଲ ରିଙ୍ଗ ହେଲା ଧଡ଼ପଡ଼ ହୋଇ ବିଛଣାରୁ ଉଠି ପାର୍ଥ ଦେଖିଲା - ଗୋଟିଏ ଅଜଣା ନମ୍ବରରୁ କଲ୍ ଆସିଛି । କଲ୍ ରିସିଭ୍ କଲା ସେ । ସେ ପଟରୁ ଶୁଭୁଥିଲା - 'ମୁଁ ହସ୍‌ପିଟାଲରୁ କହୁଛି । ପେସେଣ୍ଟ ଶିବାନୀ ରାୟଙ୍କର ଅବସ୍ଥା ଭଲ ନାହିଁ ଶୀଘ୍ର ଆସନ୍ତୁ ।' ମୋବାଇଲ ରିଙ୍ଗରେ ମଧ୍ୟ ସୋମାର ନିଦ ଭାଙ୍ଗି ଯାଇଥିଲା । ସେ ପଚାରିଲା- "ଫୋନ୍ କିଏ କରିଥିଲେ ?"

ବାଷ୍ପରୁଦ୍ଧ କଣ୍ଠରେ ସେ ଉତ୍ତର ଦେଲା - "ହସପିଟାଲରୁ କଲ୍ ଆସିଥିଲା ଯିବାପାଇଁ ।" ଅଭିମାନ ଭୁଲିଯାଇ ସୋମା କହିଲା - "ରାଜୁ ଭାଇଙ୍କୁ ଫୋନ୍ କର ସେ ଆସନ୍ତୁ, ଦୁଇଜଣ ସାଙ୍ଗ ହୋଇଯାଅ । ଏତେ ରାତିରେ ଏକାଏକା ଯିବାଟା ଠିକ୍ ନୁହେଁ ।"

ପାର୍ଥ ଆଉ ବିଳମ୍ବ କଲା ନାହିଁ । ରାଜୁ ଭାଇଙ୍କୁ ଡାକି ଦୁଇଜଣ ହସ୍‌ପିଟାଲ ଅଭିମୁଖେ ଗାଡ଼ି ଛୁଟେଇ ଦେଲେ । ଗାଡ଼ି ଚଳଉଥିବା ବେଳେ ରାଜୁ ଭାଇ କହିଲେ- "ମନକୁ ଶକ୍ତ କର ପାର୍ଥ । ମୋର ଯା ମନେ ହେଉଛି । ମାଉସୀ ଆଉ ନାହାନ୍ତି । ପାର୍ଥ ମଧ୍ୟ ସେଇ କଥା ଭାବୁଥିଲା । କିନ୍ତୁ ଏକଥାକୁ ସେ ମାନିନେଇ ପାରୁ ନ ଥିଲା । ଯଦି ମା'ର ସେଭଳି କିଛି ହୋଇଥାଏ ତାହେଲେ ସେଥିପାଇଁ ଦାୟୀ ଏ.ସି.ର ପବନ ।"

ହସ୍‌ପିଟାଲରେ ପହଞ୍ଚି ସେ ପାଗଳଙ୍କ ଭଳି ଦୌଡ଼ିଯାଇଥିଲା ଆଇ.ସି.ୟୁ ଭିତରକୁ । ତାକୁ ଦେଖି ଡାକ୍ତର ଶର୍ମା କହିଲେ, ସରି ! ଆମେ ପାରିଲୁନି । ଅନେକ ଚେଷ୍ଟା କରି ରିକୁଭ କରିବାକୁ ଲାଗିଥିଲୁ କିନ୍ତୁ ଏ ଯେଉଁ ଷ୍ଟ୍ରୋକ୍ ହେଲା - ସେଥିରେ ମେଡ଼ିକାଲ ସାଇନ୍ସ ଫେଲ୍ ମାରିଗଲା । ଆଗରୁ ଦୁଇଟା ଷ୍ଟ୍ରୋକ୍ ହୋଇଥିଲା ଆଉ ଥାର୍ଡ଼ ଷ୍ଟ୍ରୋକ୍ ସବୁ ଶେଷ କରିଦେଲା । ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା ପାର୍ଥ । ରାଜୁ ତାକୁ ସମ୍ଭାଳି ନେଲା ।

କାଗଜପତ୍ର କାର୍ଯ୍ୟ ଶେଷ ହେଲାବେଳକୁ ସକାଳ ହୋଇଯାଇଥିଲା । ପାର୍ଥ ତା'ର କମ୍ପିତ ହାତରେ ମା'ମୁଣ୍ଡରେ ହାତ ମାରି ଚମକି ଉଠିଲା । ତାକୁ ଲାଗୁଥିଲା ସତେ ଯେପରି ଖଣ୍ଡେ ବରଫ ଭିତରେ ସେ ହାତ ପୁରାଇ ଦେଇଛି । ପାର୍ଥ ଅନୁଭବ କରୁଥିଲା ଆଶୀର୍ବାଦର ଶେଷ ହାତଟି ଦୁନିଆରୁ ବିଦାୟ ନେଇ ତାକୁ ଆଶୀର୍ବାଦ ଶୂନ୍ୟ କରିଦେଲା । ଦୁଇ ଆଖିରୁ ଧାର ଧାର ଲୁହ ବୋହି ଯାଉଥିବାବେଳେ, ସେ ତା ମା'କୁ ପ୍ରଶ୍ନ କରୁଥିଲା । "ତୁ କହ ମା, ରୋଗର ଆକ୍ରମଣ ନା ଏ ଶୀତତାପ ନିୟନ୍ତ୍ରିତ ଘର ତୋ ଜୀବନ ନେଇଗଲା ? କହ ମା, କହ ?" ପାଗଳଙ୍କ ଭଳି ଅନେକ କଥା ଗପି ଯାଇଥିଲା ସେ । ଅନେକ ବୁଝାଇଲା ପରେ କାନ୍ଦ ବନ୍ଦ କରାଇଲା ରାଜୁ । ଏବେ ସେମାନେ ଆମ୍ବୁଲାନ୍ସ ଯୋଗେ ଗାଁକୁ ଫେରିଲେ ।

ଛଳଛଳ ଆଖିରେ ଶାଶୁର ଶବ ନିକଟରେ ବସି ରହିଥିଲା ସୋମା । ଛ' ବର୍ଷର ଝିଅ ତିଥି କିଛି ବୁଝି ନ ପାରି ମା'କୁ ଜାବୁଡ଼ି ଧରି ସେ କାନ୍ଦୁଥିଲା । ସାଇ ପଡ଼ିଶା, ବନ୍ଧୁବାନ୍ଧବମାନେ ଶବ ସଂସ୍କାର କାର୍ଯ୍ୟପାଇଁ ପ୍ରସ୍ତୁତିରେ ଥିଲେ । ପାର୍ଥ ଚୁପଚାପ ବସି ମା' ଶୋଇବା ଘରର ବିଭିନ୍ନ ଦିଗକୁ ଚାହୁଁଥିଲା । ମା' ଶଯ୍ୟାର ଧଳାଚାଦର ଯେମିତି ଦେଖାଯାଏ, ସେହିଭଳି ରହିଥିଲା । ଘରର ଗୋଟିଏ କୋଣରେ ମା' ଲକ୍ଷ୍ମୀଙ୍କର ଆସନ । ପାଖରେ ଭାଇ ଭଉଣୀଙ୍କ ସହ ବଡ଼ଠାକୁରଙ୍କର ଏକ କ୍ୟାଲେଣ୍ଡର ଅନ୍ୟପଟ କାନ୍ଥରେ ବାପାଙ୍କ ଯୁବକ ବେଳର ଗୋଟିଏ ବନ୍ଧେଇ ଫଟୋ । ମା' ମେଡ଼ିକାଲରୁ ଭଲ ହୋଇ ଶୀଘ୍ର ଫେରିଆସିବ, ଏ ଦୃଢ଼ ବିଶ୍ୱାସ ଥିଲା ପାର୍ଥର । ତେଣୁ ମା'ର ବ୍ୟବହାର ପାଇଁ ଗୋଟେ ବେଡ଼ପ୍ୟାନ ଓ ନେବୁଲାଇଜର ମେସିନ ଗୋଟିଏ କିଣି ଆଣି ରଖିଛି । ଘରର ଏହିସବୁ ଜିନିଷପତ୍ର ଦେଖିବା ପରେ ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ । ଭୋ ଭୋ ହୋଇ କାନ୍ଦି ଉଠିଲା । ସମସ୍ତେ ମିଶି ତା'ର କାନ୍ଦବନ୍ଦ କରାଇ, ଗାଁ ଶ୍ମଶାନ ଅଭିମୁଖେ ଶବ କାନ୍ଧେଇ 'ହରିବୋଲ' 'ବୋଲହରି' ଡାକ ଦେଇ ଚାଲିଲେ । ଶବ ସଂସ୍କାରର ରୀତିନୀତି ଅନୁଯାୟୀ ତାକୁ ମୁଖାଗ୍ନି ଦେବାକୁ ପଡ଼ିଲା । ଫେରି ଆସିଲେ ସମସ୍ତେ । ଶୋକସନ୍ତପ୍ତ ଏହି ପରିବାରକୁ ଆଶ୍ୱାସନା ଦେଇ ଯେ ଯେମିତି ଫେରିବା କଥା ଫେରିଗଲେ ।

ସକାଳ ଯାଇ ସନ୍ଧ୍ୟା ହେଲା । ପାର୍ଥ ତା' ମା'ର ସେହି ଶୂନ୍ୟ ବେଡ଼ ପାଖରେ ବସି ରହିଥିଲା । ଆଖିରୁ ତା'ର ଲୁହ ଶୁଖିଯାଇଥିଲା । କାନ୍ଦିବାକୁ ଚାହିଁଲେ ବି ସେ

କାନ୍ଦିପାରୁ ନ ଥିଲା । ପାଖରେ ବସିଥିଲା ସୋମା । ସେ ସୋମାକୁ ଚାହିଁ କହିଲା 'କାମ ସରିଗଲେ ମୁଁ ଘର ପାଇଁ ଗୋଟେ ଏ.ସି. କିଣିବି ।'

ପାର୍ଥ ମୁହଁରୁ ଏ.ସି. କିଣିବା କଥା ଶୁଣି, ସୋମା ଆଶ୍ଚର୍ଯ୍ୟ ହୋଇଗଲା । ପାର୍ଥ ହାତକୁ ଧରି ସୋମା କହିଲା "ସେଦିନର ସେ କଥା ପାଇଁ ମୁଁ ଅନୁତପ୍ତ । ଏଭଳି ସମୟରେ ଏ.ସି କିଣାପାଇଁ ଜିଦ୍ ଧରିବା ମୋର ଆଦୌ ଉଚିତ୍ ନ ଥିଲା ।"

- "ମୁଁ ଏକଥା ରାଗ କି ଅଭିମାନରେ କହୁନାହିଁ ସୋମା । ପ୍ରକୃତରେ ମା'ଙ୍କର ମୃତ୍ୟୁ ମୋତେ ଗୋଟିଏ ବଡ଼ ଶିକ୍ଷା ଦେଇଗଲା । ଆମେ ଜନ୍ମ ହୋଇଛନ୍ତି, ଦିନେ ନା ଦିନେ ମରିବା କିନ୍ତୁ କୌଣସି କାରଣ ପାଇଁ ମରିବା ଅଧିକ କଷ୍ଟଦାୟକ । ଯଦି ମୁଁ ପୂର୍ବରୁ ଏ.ସି ଲଗାଇଥାନ୍ତି ଆଉ ମା ସେହି ଏ.ସି.ରେ ଅଭ୍ୟସ୍ତ ହୋଇଯାଇଥାନ୍ତା । ତେବେ ଏତେ ବଡ଼ ଅଘଟଣ ଘଟି ନ ଥାନ୍ତା । ମା' ଭଲ ହୋଇ ହସ୍‌ପିଟାଲରୁ ଫେରି ଆସିଥାନ୍ତା । ଆଉ ସହି ପାରିଲାନି ସୋମା । କଇଁ କଇଁ ହୋଇ କାନ୍ଦି ଉଠି ଚଟାଣରେ ଗଡ଼ିଗଲା ।"

ସଂପାଦକ , ପରାଗ,
ଆଳି, କେନ୍ଦ୍ରାପଡ଼ା

❐❐❐

ସ୍ୱପ୍ନଜୀବୀ

● ଡକ୍ଟର କାହ୍ନୁଚରଣ ଶତପଥୀ

ବଟକୃଷ୍ଣ ଆଗେଇ ଚାଲିଛି ରାସ୍ତା କଡ଼େ କଡ଼େ । ପେଟରେ ଶୂନ୍ୟତା ଓ ଚେତନାର ହତୋତ୍ସାହିତ ଏକାକାର ମୁହୂର୍ତ୍ତଟିଏ ଭିତରେ ସୀମାବଦ୍ଧ ହେଇଯାଉଛି ଜୀବନ । ଅତୀତ ଓ ଭବିଷ୍ୟତ କିଛି ବି ଯେପରି ନାହିଁ । ବଞ୍ଚି ରହିଲେ ଖାଦ୍ୟପେୟ ଓ ଏକ ସଂଯୋଗ ସୂତ୍ର ମାଧ୍ୟମରେ ତ ସେ କେବଳ ଯୋଡ଼ି ପାରିବ ଅତୀତକୁ ଭବିଷ୍ୟତ ଓ ଜନ୍ମମୃତ୍ୟୁକୁ ।

ମନେହୁଏ ଅଭାବର ପ୍ରତିଧ୍ୱନି ସାଥିରେ ମୃତ୍ୟୁ ଯେପରି ପାଖେଇ ଆସୁଛି । ବର୍ତ୍ତମାନର ଗୋଟିଏ ମୁହୂର୍ତ୍ତ ବି ବଞ୍ଚିବା କଠିନ, ସମସ୍ୟାପ୍ରଦ । ବଞ୍ଚିବା ପ୍ରତି ଏକ ଅନାସ୍ଥା ହିଁ ସଜାଗ ଥାଏ ଚେତନାରେ । ରାସ୍ତା, ଘର, ବଜାର ଓ ସମାଜ ଜୀବନ ପ୍ରତି କେବଳ ଏକ ଖିଆଲ ଦ୍ୱାରା ଓଜନ କରି ହୋଇଯାଏ ସବୁ । ବଟକୃଷ୍ଣ ପାଇଁ ରାସ୍ତା ଏକ ଦୀର୍ଘ ଯନ୍ତ୍ରଣା । ଯେତେ ପାଦ ଆଗେଇଯାଏ ସେତେ ପ୍ରଲମ୍ବିତ ହୋଇଯାଏ ରାସ୍ତା, ସେତେ ଦୂରେଇ ଯାଏ ଲକ୍ଷ୍ୟ ସ୍ଥଳ । ନିଜକୁ ନିଜ ବୋଝର ମାଲିକ ଭାବି କିମ୍ବଦନ୍ତୀ ଭିତରକୁ ପଶିଯାଏ ବଟକୃଷ୍ଣ । ରାସ୍ତାରେ ହିଁ ପ୍ରଶ୍ନ କରେ ସୁଯୋଗକୁ ସନ୍ଦେହ କରେ, ବାଟ ଛାଡ଼ି ପାରେନା, ଅଥଚ ଗ୍ରହଣ କରି ନେଇ ପାଇପାରେ ? ପୁରାଣର ଉଗ୍ରସେନ ଚରିତ୍ରର ଅବସ୍ଥା ତ ତା' ନିଜର ।

ବେସରକାରୀ ଉଚ୍ଚ ବିଦ୍ୟାଳୟର ବେତନହୀନ ଶିକ୍ଷକ, ସାହି ପଡ଼ିଶାଙ୍କ ଛୁଆଙ୍କୁ ଟ୍ୟୁସନ,ବାପାଙ୍କ ଦାବିର ବିବାହ ଓ ଯୌତୁକ-ପ୍ରତ୍ୟେକକୁ ଅସ୍ୱୀକାର ଓ ଅଗ୍ରାହ୍ୟ କରି ସତେବା ନିଜ ସିଂହାସନକୁ ହରେଇ ବସିଛି । ନିଜର ଆତ୍ମବିଶ୍ୱାସ ଓ ଆଶା ହିଁ ତା'ର ଏବର ଶତ୍ରୁ ପାଲଟିଛନ୍ତି । ଏବେ ସେ କେବଳ ସମ୍ଭାବନାର ପ୍ରହରୀଟିଏ ! ବଟକୃଷ୍ଣ ଖବରକାଗଜ ବିଜ୍ଞାପନ ଓ କର୍ମ ନିୟୋଜନ କେନ୍ଦ୍ରର ଅବୈତନିକ ପ୍ରହରୀଟିଏ ପାଲଟି ଯାଇଛି ।

ପିଲାଦିନର ଖାମ୍‌ଖିଆଲ କିଶୋରଟି ଯିଏ ଡାକ୍ତର ହେଇ ରୋଗୀମାନଙ୍କର ସେବା କରିବାର ସ୍ୱପ୍ନ ଦେଖୁଥିଲା; ସମୟଚକ୍ର ତାକୁ ସାଧାରଣ ସ୍ନାତକଟିଏ କରି

ଚାକିରୀ ପ୍ରାର୍ଥୀଟିଏ କରିଦେଇଛି । ରାସ୍ତାରେ ଚାଲୁ ଚାଲୁ ଯେମିତିକି ଅନ୍ୟମନସ୍କ । ପଛରେ କେଉଁଠି ଛାଡ଼ି ଆସିଛି ତା'ର ଭଡ଼ାଘର । ଏକ ବଖୁରିଆ ଝର୍କାହୀନ ଘରଟିକୁ ନେଇ ସେ ପଡିଚି ବେକାର ଭାବେ । ଚାକିରୀ - ପ୍ରାର୍ଥୀ ସ୍ନାତକ ତା'ଘର ପରି ତା'ର ଜୀବନ । ତିନି ଶହ ଟଙ୍କାର ଭଡ଼ାଘର, ଟ୍ୟୁସନରୁ ପନ୍ଦରଶହ । ଗାଁରୁ ବାପାଙ୍କ ପାଖରୁ ଡାକରେ କିଛି ହାତ ଖର୍ଚ୍ଚ ଆସେ । ସେଥିରେ ଚଳିଯାଏ ମାସକର ଜୀବନ ।

ବେଳେ ବେଳେ ବଟକୃଷ୍ଣ ନିଜକୁ ନିରର୍ଥକ ମଣିଷଟିଏ ବୋଲି ଭାବେ । ତା'ର ସହପାଠୀ ଓ ପିଲାଦିନ ବନ୍ଧୁ ପରିଚିତ ଲୋକେ ଯାହାକିଛି କର୍ମ ସଂସ୍ଥାନ କ୍ଷେତ୍ରରେ ପହଞ୍ଚି ନିଜକୁ ସମର୍ଥ ମଣିଷ କରିଥିବା ବେଳେ ନିଜେ ବ୍ୟର୍ଥ ମଣିଷଟିଏ ଭାବେ ପ୍ରମାଣିତ କରି ଫେରେ । ତେବେ ପ୍ରତ୍ୟେକ ନୈରାଶ୍ୟଜନକ ସୁଯୋଗକୁ ସେ କେତେ ସହଜରେ ଡେଇଁ ଆସେ । ଠିକ୍ ସିନେମା ହଲ୍‌ରେ ପଚିଶି ଟଙ୍କାର ଦ୍ୱିତୀୟ ଶ୍ରେଣୀ ଟିକେଟ୍ କିଣି ରଙ୍ଗିନଛବି ଦେଖିବା ଭଳି ଗର୍ବ ଅନୁଭବ କରେ ।

କଲେଜରେ ପଢୁଥିବା ବେଳେ ସମୟ ଦେଖି ବଟକୃଷ୍ଣ ସର୍ବଦା ପାହାଡ଼ ଆଡ଼କୁ ହିଁ ଯାଏ । ବୃଦ୍ଧ ବାଘଟିଏ ଯେମିତି ଶିକାରକୁ ଅପେକ୍ଷା କରେ, ସେପରି ଅପେକ୍ଷା କରେ କେହି ତାକୁ ଅନୁସରଣ କରି କାଳେ ଆସୁଥିବ ! କେହି ବନ୍ଧୁ, କେହି ତରୁଣୀ କିମ୍ବା ନାରୀ । ହେଲେ ଅନେକ ଦିନ ବ୍ୟର୍ଥରେ ଯାଏ ।

ଏବେ ବଟକୃଷ୍ଣ ଆହୁରି ଅଧିକ ହତୋତ୍ସାହିତ ହୋଇ ପଡୁଛି । ଯେତେବେଳେ ସାକ୍ଷାତକାରରେ ବ୍ୟର୍ଥତା'ର ଖବର ପହଞ୍ଚି ଯାଏ ତା'ପାଖରେ । ନଚେତ୍ ସେ ଶିଳ୍ପ ବିକାଶ ଅଧିକାରୀ ନାମ ନେଇ କିଛି ଅତିରିକ୍ତ ଅର୍ଥ ବ୍ୟବସ୍ଥାରେ ଲାଗିପଡ଼ିବାକୁ ବାଧ ହୋଇଥାନ୍ତା, ଆଗାମୀ ତିଥିରେ ତା'ର ବିବାହର ସୁଯୋଗ ସକାଶେ ।

ପୁନଶ୍ଚ ବେକାରୀତ୍ୱର କ୍ୟାଲେଣ୍ଡରରେ ଗୋଟିଏ ପୃଷ୍ଠା ଓଲଟିଯାଏ ।

ଏକୁଟିଆ ବଟକୃଷ୍ଣ ରାସ୍ତା କଡ଼େ କଡ଼େ ଗୋଟିଏ ପାଦ ପକେଇ ପକେଇ ଚାଲେ । ପୋଲ ଉପରେ କିଏ ଦି'ଜଣ ! ବଟକୃଷ୍ଣ ଅନ୍ୟମନସ୍କ ହୋଇଯାଏ । ଢେଉ ଢେଉକା ପାହାଡ଼ ସେ କଡ଼େ ଦୂର ଜିଲ୍ଲାରେ ତା'ର ସ୍ଥାୟୀତ୍ୱର ଖଣ୍ଡେ ପଟା ତା' ଜନ୍ମ ମାଟି । ମାତୃହୀନ ପରିବାରର ସେ ପ୍ରଥମ ସନ୍ତାନ, ତା'ପଛକୁ ଆହୁରି ପାଞ୍ଚ ଜଣ । ବାପା କ୍ଷେତରେ ଖଟି ଚାଲିଥିବେ । ଯେତେଥର ସେ ଭାବିଛି, କଳ୍ପନା କରିଛି ଚାଷୀଟିଏ ହେବ । ସ୍ୱାଧୀନ ମଣିଷଟିଏ ହେବ, ସେତେ ହତୋତ୍ସାହ ହୋଇପଡ଼ିଛି । ଜୀବନର

ସୁଯୋଗମାନେ ପକ୍ଷୀ ଭଳି ଫଡ଼୍‌ଫଡ୍ କରିଛନ୍ତି ସହରର କୋଠା,ଗାଡ଼ି,ସିନେମା, ଥିଏଟରକୁ ଡାକିଛନ୍ତି ଅପରିଚିତ ଅସୁମାରି ଜନତା । ଏଣୁ ସେ ନିଜ ଗାଁ ମାଟି ଜିଲ୍ଲା ଛାଡି ଏ ଆଦିବାସୀ ଅଞ୍ଚଳକୁ ଧାଇଁ ଆସିଥିଲା,କାଳେ କିଛି ଗୋଟେ ଚାକିରି ପାଇଯିବ । ସେଇଠୁ ତା'ର ଜୀବନ । ପ୍ରତିଦିନ ଗୋଟିଏ ଗୋଟିଏ ଦୁର୍ଗ ସିନା ଭାଙ୍ଗି ବିଶ୍ୱାସ ତୁଟିଯାଏ ସମ୍ଭାବନା ଆତ୍ମହତ୍ୟା କରେ, ଅଥଚ ସେ ଅନିଶ୍ଚିତତାର ପ୍ରବଳ ତୋଫାନ ଘେରରେ ସେମିତି ଅପେକ୍ଷା କରେ । ସେଇ ଏକମୁହାଁ । ଝର୍କାହୀନ କୋଠରୀଟିର ଭଡ଼ାଦେଇ ନପାରିବାର ଅଣନିଶ୍ୱାସୀତ୍ୱ-ସେଇ ନିରୁପାୟତାର ଝଲମଲ ରାସ୍ତା ଓ ସକାଳ ।

ବଟକୃଷ୍ଣ ସଞ୍ଜବେଳକୁ ଏମିତି ସହରରୁ ବାହାରି ରାସ୍ତା କଡ଼େ କଡ଼େ ବୁଲିବାରେ ବିତେଇଦିଏ । ନିଜକୁ ସ୍ୱପ୍ନଜୀବୀ ବିନା ଆଉ କିଛି ଭାବି ନ ପାରିବାର ଅବସାଦରେ ମଧ୍ୟ ଚିନ୍ତା କରେ କାହାକୁ ଲେଖି ପଠାଇଦେବ ପ୍ରତିଦିନର ଚିନ୍ତାଗୁଡ଼ିକ । କିଏ ଅଛି ?

ଆଉରି ଅନ୍ଧାର ଅନେକ ଦୂରରେ ଅଛି । ଘରକୁ ଫେରିବାର ସୁଯୋଗ ମଧ୍ୟ ଦୂରରେ । ପୋଲ ଉପରେ ଦୁଇଜଣ କଥୋପକଥନରେ ରତ । ବଟକୃଷ୍ଣ ଅନ୍ୟମନସ୍କ ଭାବେ ଚାଲି ଚାଲି ଓସ୍ତ ଗଛ ତଳେ ଅଟକିଯାଏ । ପାଦତଳେ ଟିକି ଟିକି ପଥର । ଚିକ୍‌ମିକ୍ ବାଲି ତା' ଭିତରେ ଝଲସି ଉଠୁଛି ଦୂର ଗାଡ଼ିର ସାମ୍ନା ଆଲୁଅରେ କ'ଣ ଟାଏ । କ୍ଲାନ୍ତ ବଟକୃଷ୍ଣ ଅଣ୍ଟା ନୁଆଇଁ ଗୋଟେଇ ଆଣିଲା ନାମ ଲେଖାଥିବା ସାନ ମୁଦିଟିଏ ।

'ବୈଜୟନ୍ତୀ' ! କିଏ ଏହି ବୈଜୟନ୍ତୀ ତା ହାତ ମୁଦି ଏଇ ଦୂର ରାସ୍ତାକଡ଼କୁ କେମିତି ଆସିଲା ! ଜାଣେନା ସେ । ବଟକୃଷ୍ଣର ଚିନ୍ତାର ପରିସର ଓଲଟି ଆସୁଛି ପଛକୁ ପଛକୁ ମୁଦି ଆଡ଼କୁ । ସେ ଢେଉ ଢ଼େଉକା ପାହାଡ଼ମାନଙ୍କ ପାଚେରୀରୁ ଆଖି ଫେରେଇ ପଛକୁ ଆସିଲା ହାତରେ ମୁଦିଟା ଧରି ଘରେ ପହଞ୍ଚିଲାବେଳକୁ ସଞ୍ଜ ହୋଇଗଲାଣି । ସାରା ଦିନ ବିଫଳତା, କ୍ଲାନ୍ତି । କୁଣ୍ଡଳୀ ବାନ୍ଧି ସାପଟିଏ ପରି ଶୋଇଗଲାଣି ତା' ଭିତରେ । ଘର କବାଟରେ ଝୁଲୁଛି ତାଲା । ଏକାକୀତ୍ୱର ପ୍ରତୀକ ଏଇ ତାଲାଟି ଯେପରି । ବଟକୃଷ୍ଣ ତାଲା ଖୋଲୁ ଖୋଲୁ ପଛରୁ କିଏ ଡାକିଲେ "ଦାସ ବାବୁ !" ପଛକୁ ଫେରି ବଟକୃଷ୍ଣ ଘର ମାଲିକକୁ ଦେଖି ଚମକିପଡିଲା । ଦୁଇମାସର ଘର ଭଡ଼ା ଦେବାକୁ ବାକି, ବୁଢ଼ା ସେଥିପାଇଁ ବୋଧେ ଆସିଥିବ । ବଟକୃଷ୍ଣ ଆଗୁଆ ପଡ଼ି କହିଲା,

"ମଉସା ! ଭଡ଼ା ପନ୍ଦର ଦିନରେ ଦେଇ ଦେବି" କହିବା ବେଳକୁ ସେ ଉତ୍ତର ଦେଲେ, ନା ନା ବ୍ୟସ୍ତ ହୁଅନ୍ତୁ ନାହିଁ ସୁବିଧା କରି ଦେବେ । ଉତ୍ତରଟା ତା' ପାଇଁ ବିସ୍ମୟକର ।

ଘର ଭିତରେ ନିଜ ବିଛଣାରେ ବସୁ ବସୁ ନିଜ ଅସହାୟତାର ଶୂନ୍ୟତାରେ ଛୋଟ ହେଇଗଲା ନିଜ ମନକୁ ମନ ।

ଘର ମାଲିକ ଗୋପୀ ନନ୍ଦଙ୍କ କଣ୍ଠରେ ଆଜି ଯେପରି ଅନାସ୍ୱାଦିତ ଆତ୍ମୀୟତା । ରହସ୍ୟର କାରଣ କ'ଣ ? ଜାଣେନା ବଟକୃଷ୍ଣ । ଗୋପୀ ବାବୁ କହିଲେ,ଗୋଟେ କାମରେ ମୁଁ ଆସିଥିଲି ତୁମ ପାଖକୁ । ବହୁ ଦିନ ହେଲା ଭାବୁଥିଲେ ବି ଭେଟି ପାରୁନଥିଲି । କହିବି ? ବଟକୃଷ୍ଣ ନିଜର ସମ୍ଭ୍ରମତା ଦେଖାଇ ଆହୁରି ଅଧିକ ନମ୍ର ହୋଇ କହିଲା , "କୁହନ୍ତୁ !"

"ତୁମ୍ବନାଥ ପାଠୀ ମତେ ପଠେଇଛନ୍ତି । ତାଙ୍କ ଝିଅ ବୈଜୟନ୍ତୀ ପାଇଁ । ଆପଣଙ୍କୁ ଚୟନ କରିବା ପାଇଁ । ତାଙ୍କର ବହୁତ ସମ୍ପତି ଅଛି, କେହି ନାହାଁନ୍ତି ଘରେ । ସବୁ ପାଇବ, ଯଦି ଚାହିଁବ ତାଙ୍କ ଘରେ ରହିବ, ନହେଲେ ନାହିଁ । ତମେ କଥା ଦେଲେ ମୁଁ ତାଙ୍କୁ ଜଣେଇବି, ତୁମ ଘରକୁ ବି ଖବର ଦେବି । ଆଉ ତୁମ ଚାକିରି ବ୍ୟବସ୍ଥା ନିଜେ ପାଠୀ ବାବୁ କରିବେ । ତାଙ୍କର ବହୁତ ଲମ୍ବା ହାତ । କ'ଣ କହୁଛ କୁହ ।"

ବଟକୃଷ୍ଣ,ପୁରାଣର ଦେବକୀ ଓ ବସୁଦେବ ଉପାଖ୍ୟାନ ମନେ ପକାଇଲା, ମନେ ପକାଇଲା ବାପା ଓ ସାନ ଭାଇ,ଭଉଣୀ ମାନଙ୍କର ମୁହଁ, ମନେପକାଇଲା କର୍ମ ନିୟୋଜନ ଅଫିସ୍ ଓ ବିଭିନ୍ନ ଇଣ୍ଟରଭ୍ୟୁର ଅନୁଭୂତି - ଅସହାୟତା ଓ ବାକି ଘରଭଡ଼ା ଟଙ୍କା କଥା । କ'ଣ ତା'ର ଭବିଷ୍ୟତ କିଏ ଜାଣେ ? ବୟସର ପେଣ୍ଡୁଲମ୍ ତେତିଶିଟି ବର୍ଷ ଠନ୍ ଠନ୍ ଆବାଜ୍ ଦେଇ ସାରିଲାଣି । ବଟକୃଷ୍ଣ ଗୋପୀ ନନ୍ଦଙ୍କ ମୁହଁକୁ କେବଳ ବୋକାଙ୍କ ଭଳି ଚାହିଁଲା ।

"କିଛି ଭାବନି ବାବୁ । ଝିଅକୁ ଦେଖିବ, ଚିନ୍ତା କରିବ, ଘରେ ବାପାଙ୍କ ସହ କଥା ହେବ,ତା'ପରେ ମତ ଦବ । ମୁଁ ପଛେ ଆସିବି ।"

ବୁଢ଼ା ଚାଲିଗଲା ପରେ ବଟକୃଷ୍ଣ ଦୀର୍ଘଶ୍ୱାସ ଛାଡ଼ି ତା'ର ଧୂଳି ଆଚ୍ଛାଦିତ ସୁଟ୍‌କେଶ ଉପରେ ମୁଦିଟି ଥୋଇ ବିଛଣା ଉପରେ ଶୋଇଗଲା । ମୁଣ୍ଡ ପଛପଟକୁ ସମ୍ଭାଳି ନେଇ ଭାବିଲା,ମୁଦିରେ ଲେଖା ଥିବା ବୈଜୟନ୍ତୀ ସେହି ବୈଜୟନ୍ତୀ ନୁହେଁ ତ ? ଏତେ ଦିନ ପରେ ତା'ର କିଛିଟା ସ୍ୱପ୍ନ ସତ ଆଡକୁ ଯାଉଛିକି ? ତା' ଦୁଃଖର,

ମାଲିକ ପଣିଆରେ ସ୍ୱପ୍ନରେ ବର୍ଗାକାର କୋଠରୀରେ, ଚାକିରି ଖୋଜାରେ ସବୁ ଭିତରେ ସେ ଅତିଷ୍ଠ । ଏଇ ଅତିଷ୍ଠତା ଭିତରୁ ଖସିଲେ ସମସ୍ତ ପ୍ରକାର ସୁଯୋଗ, ରଙ୍ଗିନ ସମ୍ଭାବନା ଠାରୁ ବିଚ୍ଛିନ୍ନ ଏକ ଗତାନୁଗତିକ ତା'ର ଗାଆଁ । ଅବସାଦ ଗ୍ରସ୍ତ ଦାଢ଼ି ଭର୍ତ୍ତି ଏକ ମୁହଁ ବାପାଙ୍କର, ତା' ଆଡ଼କୁ ପ୍ରତିଦିନ ଆଶାରେ ଅନେଇ ବସିଥିବା ଦି' ଭାଇ ତିନି ଭଉଣୀ ଓ ସବୁଠାରୁ ବେଶୀ, ପ୍ରବଳ ନିର୍ଜନତା ଭରା ତା ଘର । ଗାଆଁ ଦାଣ୍ଡରେ ପଙ୍କ କାଦୁଅ, କ୍ଷେତରେ ସବୁଜ ଧାନ କେଣ୍ଡାରେ ପାଣି ବୁନ୍ଦା, ଆକାଶରେ ଗୁମୁସୁମ ମେଘ ଓ ହାତ ଗଣତି ନଡ଼ିଆ ଗଛ ଗଣ୍ଡାଏ ଯେଉଁଠି କୁଆ ଓ ବଗଙ୍କର ଚିତ୍କାର । ସର୍ବୋପରି ସୀମାବଦ୍ଧ ଜନସଂଖ୍ୟା ଓ ପଙ୍କ ପୋଖରୀ । ଯେତେ ଭାବପ୍ରବଣ ହେଲେ ମଧ୍ୟ ସେଇ ନିଃସଙ୍ଗ ପିଲାଦିନର ଗାଆଁ ତାକୁ ଟାଣି ପାରେ ନାହିଁ, ବରଂ ଠେଲିଦିଏ ଯେପରି କହୁଥାଏ, ତୁ ଯା ବଟକୃଷ୍ଣ,ତୁ ଏଠୁ ଯା । ସହରରେ ମାଟିକାମୁଡ଼ି ପଡ଼ିରହ ଅଲାଜୁକ ଢଙ୍ଗରେ ସେଠି ପଡିରହ ।

ପରଦିନ ପୁଣି କଲ୍ ଲେଟର୍‌କୁ ଅପେକ୍ଷା କରିଥିବା ବଟକୃଷ୍ଣ ବାପାଙ୍କର ଚିଠିଟି ପାଏ । ସେଇ ଏକା ପ୍ରଶ୍ନ "ଚାକିରି ପାଇଲୁକି ? ଏତେ ଲୋକ ଚାକିରି ପାଉଛନ୍ତି ତୁ କାହିଁକି ପାଉନୁ ? ନହେଲେ ଗାଁକୁ ଚାଲିଆସୁନୁ, ବ୍ୟବସାୟ କରିବୁ" ପ୍ରଭୃତି ଶବ୍ଦଗୁଡ଼ିକ ପଢ଼ିଲା ପରେ ଉତ୍ତର ଲେଖିବାର ସାହାସ ଆଦୌ ଆସେ ନାହିଁ । ତେଣୁ ସେ ଧ୍ୟାନ ଦେଲା ଯଦି ସମ୍ଭବ ଆଉ ଗୋଟିଏ ଦୁଇଟି ଟ୍ୟୁସନ ବଢ଼େଇ ଦେଲେ ସହରରେ ରହିବା ପାଇଁ ଆଉ କିଛିଟା ମାଧ୍ୟମ ହୋଇ ଯିବ । ଏଇ ପ୍ରଚେଷ୍ଟା ଭିତରେ ସେ ତା'ର ପୂର୍ବତନ ଟ୍ୟୁସନ ଛାତ୍ରମାନଙ୍କ ପ୍ରତି ସାମାନ୍ୟ ଅନ୍ୟମନସ୍କ ହେଇପଡ଼ିଲା । ସେମାନେ ଥିଲେ ନବମ ଶ୍ରେଣୀ ର ଦୁଇ ଜଣ ଛାତ୍ର ତଥା କଲେଜର ଓଡ଼ିଆ ଓ ଇଂରାଜୀରେ ଦୁର୍ବଳ ଦୁଇଜଣ ତରୁଣ । ସେମାନଙ୍କ ସହ ସମ୍ପର୍କ ଭିତରେ ସେ ନିଜର ଦୈନନ୍ଦିନ ଦୁଃଖ ଗୁଡ଼ିକ ସମାଧାନ କରିବା ପାଇଁ ମାନସିକ ପ୍ରସ୍ତୁତି ହାସଲ କରିପାରିଥିଲା । ତଥାପି ସଂଧ୍ୟାରେ ପହଞ୍ଚିବା ବେଳକୁ ସେଇ ପୁରୁଣା ବିଷାଦ ଘେରା ବଟକୃଷ୍ଣର ଦୁଇଦିନ ତଳର ସଫା ମୁହଁରେ ପୁଣି ଦାଢ଼ି ବଲବଲ ହୋଇ ତା'ର ଛାତ୍ରମାନଙ୍କର ଆତ୍ମୀୟତାଭରା ସମୟ ଗୁଡ଼ିକ ଲୋପ ପାଇ ଯାଉଥିଲା ।

ପର ଦିନ ସକାଳୁ ବଟକୃଷ୍ଣ ଷ୍ଟୋଭ ଲଗାଇ ଭାତ ଡାଲମା ରାନ୍ଧିବା ବେଳକୁ ପୁଣି ଗୋପୀ ନନ୍ଦଙ୍କ ପାଟି ଶୁଭିଲା ଦାଣ୍ଡରେ । "ଦାସ ବାବୁ ! ଘରେ ଅଛ !" ବଟକୃଷ୍ଣ

ଭାବିଲା ଦିଇ ମାସର ଟ୍ୟୁସନ୍ ଟଙ୍କାରୁ ମାତ୍ର ଛଅଶହ ଟଙ୍କା ହିଁ ବଳିଛି,ତାହା ଭଡ଼ା ବାବଦରେ ଦେଇ ଦେଲେ ବଳକା ଚାରିଶହ ଆର ମାସକୁ ଦେଇ ଦେବ । ଏ ମାସର ଦିନ ସରିବାକୁ ଆହୁରି ବାର ଦିନ ଅଛି,ସବୁ ତକ ଦେଇ ଦେଲେ ଚଳିବ କେମିତି ? ଏମିତି ଭାବି ଭାବି କବାଟ ଖୋଲି ବାହାରକୁ ଆସିଲା । ପକେଟ୍‌ରୁ ଛଅ ଶହ ଟଙ୍କା ବାହାର କରି ନନ୍ଦ ବୁଢା ହାତକୁ ବଢାଇ ଦେଉ ଦେଉ ବୁଢା ଚଟ୍ କିନା ନୋଟ୍‌ଗୁଡାକୁ ଧରି ସାର୍ଟ ପକେଟରୁ ଫଟୋଟିଏ ବାହାର କରି ଦେଖେଇଲେ, ହାତଲେଖା କାଗଜର ଟିପ୍ପଣୀ ଦେଖେଇ ଝିଅ ଘରର ପାରିବା ପଣିଆ ଗୋଟି ଗୋଟି କରି ବଖାଣିଲେ । ବଟକୃଷ୍ଣ ଭାବୁଥାଏ । ହୁଏତ ଉପାୟ ନାହିଁ । ମଧ୍ୟବିତ ଜୀବନର ଅସହାୟତା ଓ ନିରୁପାୟତାଠାରୁ ଏ ପ୍ରଲୋଭନ ହୁଏତ ଯଥେଷ୍ଟ ବେଶୀ ବିରାଟ, ଏ ପ୍ରଲୋଭନକୁ ଭୁଲି ହୁଏନା । ଆହୁରି ଛଅମାସର ଅସରନ୍ତି କାଳ ଓ ଆଗାମୀ ଦିନଗୁଡିକର ଅନିଶ୍ଚିତତା ଠାରୁ ଏଇ ଆଶାନ୍ୱିତ ସମ୍ବାଦଟି ହୁଏତ ଯଥେଷ୍ଟ ବଡ । ସେ ଏକାକୀତ୍ୱରୁ ମୁକ୍ତି ପାଇବା ସହ, ଝରକା ବିହୀନ ଏହି ଏକ ବଖୁରିଆ ଘରୁ ମୁକ୍ତି ପାଇ ଏକ ମୁକ୍ତ ବନ୍ଦୀଶାଳା ଗୃହ ପାଇ ପାରିବ । କିଛି ଶୃଙ୍ଖଳତା, ସୁଖ, ସୁରକ୍ଷା ଓ ମାଧ୍ୟମ ସ୍ୱରୂପ କୌଣସି ଏକ ଚାକିରି ମଧ୍ୟ ପାଇପାରେ । ନିଜ ତାଳପତ୍ରର ଜାତକଟି ସୁଟକେଶ୍ ଭିତରୁ ବାହାର କରି ନନ୍ଦେଙ୍କୁ ଦେଖେଇଲା ଓ ଛୋଟ କାଗଜଟିଏରେ ଲେଖିଦେଲା ରାଶିନକ୍ଷତ୍ର ସହ ଜନ୍ମ ତାରିଖ । ଝିଅଟି ତଥାପି ତା'ଠାରୁ ଚାରି ବର୍ଷ ସାନ, ଫୋଟୋରେ ଦେଖାଯାଉଛି ଆକର୍ଷଣୀୟ ।

ବଟକୃଷ୍ଣ ନମ୍ର ଭାବରେ ନନ୍ଦଙ୍କୁ କହିଲା ମୁଁ ଚିନ୍ତା କଲି ଠିକ୍ ଅଛି , ବାପାଙ୍କୁ ମଧ୍ୟ ଜଣେଇବି ହେଲେ ଝିଅର ବାପା ଆସି ମୋର ଅବସ୍ଥା ଦେଖିଗଲେ ଭଲ ହେବ । ନନ୍ଦେ କହିଲେ,ସେଥିରୁ କ'ଣ ମିଳିବ ? ବିବାହ ପରେ ,ପାଠୀ ବାବୁଙ୍କ ର ଯାହା ସବୁ ତୁମର ।

ଏଥର କଳ୍ପନାର ଚକ୍ଷୁରେ ବାପା, ଭାଇ ଭଉଣୀ ଓ ମୃତା ମାଆର ଛବି ଆଙ୍କିବାକୁ ଚେଷ୍ଟା କଲା । ସେ ଦିନ ରାତିର ଆକାଶ ଛାତି ଚିରି ଉଡି ଯାଉଥିବା ସେଇ ଶୋକାର୍ତ୍ତ ପକ୍ଷୀଟିକୁ ଲକ୍ଷ୍ୟକଲା । ତା' ପାଇଁ ତା' ଜୀବନର ଅନେକ ଅନିଦ୍ରା ରାତିର ଅମୀମାଂସିତ ଲଗ୍ନ ପରି ଆଉ ଗୋଟିଏ ରାତି ପହଁରୁଛି । ଗାଁରେ ଅପେକ୍ଷା କରିଥିବା ବାପାଙ୍କ ପାଇଁ ସେ ତ ଅକର୍ମଣ୍ୟ । ନିଜ ପାଇଁ ବି ତା'ର ଭରସା ନାହିଁ । ସେଇ ପ୍ରଶ୍ନବାଚୀଟି ନେଇ ତୁମ୍ବନାଥ ବାବୁ ତା'ସାମ୍ନାରେ ବସିଛନ୍ତି । ସୁଯୋଗ ହାତମୁଠାରେ ଓ

ତାକୁ ଖୁବ୍ ଶୀଘ୍ର ନିଜ ଅକ୍ତିଆର ଭିତରେ ବାନ୍ଧି ରଖିଦେବାକୁ ହେବ । ଉଭୟଙ୍କର ସମସ୍ୟା ସେଇ ଏକ ପ୍ରକାର । ଉଭୟେ ତ ସ୍ୱପ୍ନଜୀବୀ କିଏ କାହାକୁ କି ଉତ୍ତର ଦେବେ ?

କିଛି ଦିନ ଭିତରେ ବଟକୃଷ୍ଣ ଚିହ୍ନି ସାରିଲାଣି ବୈଜୟନ୍ତୀକୁ । ନିଜ ଭାଗ୍ୟକୁ ବୈଜୟନ୍ତୀ ଭିତରେ ଆବିଷ୍କାର କରିସାରିଲାଣି । ଅଥଚ ତୁମ୍ବନାଥ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ହେବ- ନୀରବତା ଏପ୍ରଶ୍ନର ସଠିକ୍ ଉତ୍ତର ହୋଇପାରେନା ଶବ୍ଦ ହିଁ ଗୁରୁତ୍ୱପୂର୍ଣ୍ଣ ।

ଅଥଚ ବଟକୃଷ୍ଣକୁ ତା'ର ଅତୀତ ପରମ୍ପରା,ସହିତ ତା ବାପା,ତା ମୃତା ମାଆ, ଭାଇ ଭଉଣୀ ତଥାପି ସମସ୍ତେ ଟାଣି ଚାଲିଛନ୍ତି । ପ୍ରଶ୍ନ କରୁଛନ୍ତି,ତୁ ତ ବିବାହ କରି ତୁମ୍ବନାଥ ବାବୁଙ୍କ ଘର ଜ୍ୱାଇଁ ମାଲିକ ହେବୁ,ଏଠି ଆମର କ'ଣ ହେବ ?

ହଠାତ୍ ବଟକୃଷ୍ଣ ବାହାରକୁ ଚାଲିଆସିଲା । ଯଦି ତୁମ୍ବ ନାଥ ବାବୁଙ୍କ କଥାରେ ରାଜି ନହୁଏ ପୁଣି,ରାତି ଆଠଟା ପର୍ଯ୍ୟନ୍ତ କର୍ମ ନିୟୋଜନ ଅଫିସ୍, ଟ୍ୟୁସନ ଓ ଇଣ୍ଟରଭ୍ୟୁ ଦେଇ ଫେରିବା ପାଳି । ସବୁଠାରେ ନୀରବତା । ନାହିଁ ! ନାହିଁର ସ୍ୱର । କୌଣସି ଠାରେ ସୌଜନ୍ୟତା ନାହିଁ ,କେବଳ ହତୋତ୍ସାହିତା । ଏପରି ସ୍ଥଳେ ବୈଜୟନ୍ତୀ ପାଇଁ ସ୍ୱପ୍ନଜୀବୀ ହୋଇ ଯିବାଟା ଅନ୍ତତଃପକ୍ଷେ ଠିକ୍ ହେବ ।

ମାଷ୍ଟରପଡ଼ା, ଫୁଲବାଣୀ-୦୧
ମୋ- ୯୪୩୮୩୬୪୩୨୩

❐❐❐

ଧର୍ମରାଜ ଓ ଧର୍ମଦେବ

● **ଦେବେନ୍ଦ୍ର ପୁହାଣ**

ଦ୍ୱାପର ଯୁଗ ସରିସରି ଆସୁଛି, ଚାରିଆଡ଼େ କଳିର ପ୍ରଭାବ ବିସ୍ତାରିତ ହେଉଛି । ଯଦୁବଂଶ ନାଶକରି, ଲୀଳାମୟ କୃଷ୍ଣ ଧର୍ମପ୍ରତିଷ୍ଠା ପୂର୍ବକ ଦ୍ୱାପରର ଲୀଳା ସମାପ୍ତ କରି, ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ପାର୍ଥଙ୍କଠାରୁ କଳା ହରଣ କରି, ସ୍ୱଦେହକୁ ତ୍ୟାଗ କରି ସାରିଲେଣି । କଥାରେ ଅଛି;

"ମର୍ତ୍ୟ ମଣ୍ଡଳେ ଦେହ ବହି / ଦେବତା ହୋଇଲେ ମରଇ ।"

କଳାହରଣ ପରେ ଅର୍ଜୁନ ଦୁର୍ବଳ । କଳିର ଦୌରାତ୍ମ୍ୟ ଦିନୁଦିନ ପ୍ରବଳ । ଧର୍ମରାଜ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ପାଣ୍ଡବମାନେ ତାଙ୍କର ଏକମାତ୍ର ନାତି, ଉତ୍ତରା - ଅଭିମନ୍ୟୁଙ୍କ ପୁତ୍ର ପରିକ୍ଷୀତଙ୍କୁ ରାଜ୍ୟାଭିଷେକ କରାଇ ସ୍ୱର୍ଗଯାତ୍ରା ନିମନ୍ତେ ପ୍ରସ୍ତୁତି କଲେ । ହିମାଳୟ ପଥ ଦେଇ ସ୍ୱର୍ଗଯାତ୍ରା କରିବା ପାଇଁ ହସ୍ତିନା ନଗରୀରୁ ବାହାରି ବହୁ ତୀର୍ଥସ୍ଥାନ ଭ୍ରମଣ କରି, ହିମାଳୟ ପାଦ ଦେଶରେ ପହଁଞ୍ଚି ମେରୁ ନାମକ ପର୍ବତ ପଥ ଦେଇ ସ୍ୱର୍ଗଯାତ୍ରା ଆରମ୍ଭ କଲେ । ତାଙ୍କ ସହିତ ସହଯାତ୍ରୀ ଭାବରେ ଏକ ଶ୍ୱାନ ମଧ୍ୟ ଯାତ୍ରା କରୁଥାଏ । ସଂଗରେ ଶ୍ୱାନଟିକୁ ଦେଖି ଭୀମ ବିରକ୍ତି ପ୍ରକାଶ କଲେ । ଧର୍ମରାଜ ଭୀମଙ୍କୁ ସାନ୍ତ୍ୱନା ଦେଇ ଶ୍ୱାନଟିକୁ ସାଙ୍ଗରେ ଆସିବାକୁ ସଙ୍କେତ ଦେଲେ । ବରଫାବୃତ ଅମଡ଼ା ରାସ୍ତା ଚାଲୁଥାଆନ୍ତି ପାଣ୍ଡବ ପାଞ୍ଚ ଭାଇ, ଦ୍ରୌପଦୀ ଓ ସହଯାତ୍ରୀ କୁକୁର ।

ପଛପଟୁ ଡାକ ଦେଲେ ବୃକୋଦର, "ଭାଇ ! ଦ୍ରୌପଦୀ ତଳେ ପଡ଼ିଗଲେ ।" ଧର୍ମରାଜ ନିର୍ବିକାର ଭାବରେ କିଛି ନ ହେଲା ପରି କହିଲେ, ଆ ଭୀମ ! ତୁ ଆଗକୁ ଗଲେ ।" "ଏ କି କଥା ଭାଇ ? ଯେଉଁ ଯାଜ୍ଞସେନୀ ଦ୍ରୌପଦୀ ସମାଜକୁ ଭୟ ନ କରି, ଆମ ମାତାଙ୍କ ବଚନକୁ ସମ୍ମାନ ଦେଇ ଆମ ପଞ୍ଚଭ୍ରାତାଙ୍କୁ ବିବାହ କଲେ, ଆମ ସହିତ ବନବାସରେ କେତେ ଦୁଃଖ ନ ସହିଛନ୍ତି ! ତାଙ୍କୁ ଦ୍ୟୁତକ୍ରୀଡ଼ାରେ ବାଜି ଲଗାଇ ହାରିଲା ପରେ ଯେଉଁଭଳି ଭାବରେ ଦୁଃଶାସନ ତାଙ୍କର କେଶ ଆକର୍ଷଣ କରି ସଭା ମଧ୍ୟକୁ ଘୋଷାରି ଘୋଷାରି ଆଣିଲା, ଏତେ ଲାଂଛନା

ଯେ ଆମ ପାଇଁ ସହିଛନ୍ତି; ତାଙ୍କର ଏପରି ଅବସ୍ଥାରେ ଆପଣ ? ତାଙ୍କର ଦୋଷ କ'ଣ ?"

"ଭୀମ ! ଦ୍ରୌପଦୀଙ୍କର ପାପ ବା ଦୋଷ ହେଉଛି ଏଇଆ ଯେ ସେ ଆମ ପାଞ୍ଚ ଭାଇଙ୍କୁ ବିବାହ କରିଥିଲେ ମଧ୍ୟ ତାଙ୍କର ଅର୍ଜୁନଙ୍କ ପ୍ରତି ଅଧିକ ଆସକ୍ତି ଥିଲା । "ଆ ଭୀମ ! ଆଗକୁ ଚାଲ ।"

ବରଫାଚ୍ଛନ୍ନ ରାସ୍ତାରେ ପାଞ୍ଚ ଭ୍ରାତା ଓ ଶ୍ୱାନ । ପୁଣି ଆରତ ସ୍ୱରରେ ଭୀମ ଡାକ ଦେଲେ, "ଭାଇ । ସହଦେବ ଟଳି ପଡ଼ିଲା ।" "ଆ ଭୀମ ପଛକୁ ଚାହାଁନା", ଭୀମ ମିନତୀ ସ୍ୱରରେ କହିଲେ "ଭାଇ ସହଦେବ ବିମାତାଙ୍କର ପୁତ୍ର ହେଲେ ମଧ୍ୟ ଆମର ବିପଦ ସମୟରେ ଆମ ସାଙ୍ଗ ଛାଡ଼ି ନାହିଁ । କିନ୍ତୁ ତାର କ'ଣ ପାପ ?" ଆଗକୁ ଚାହିଁ ଚାଲୁ ଚାଲୁ ଧର୍ମରାଜ ଉତ୍ତର ଦେଲେ "ରେ ଭୀମ ତୋ କଥା ଠିକ, କିନ୍ତୁ ସହଦେବର ଅଧିକ ବିଦ୍ୟା ଜ୍ଞାନ ଥିବାରୁ ସେ ନିଜକୁ ମହାଜ୍ଞାନୀ ଭାବରେ ସମ୍ବୋଧିତ କରେ । ଜ୍ଞାନର ଗର୍ବ ତାକୁ ପାପିଷ୍ଠ ପଦବାଚ୍ୟ କରିଛି । ତେଣୁ ସହଦେବ ଟଳି ପଡ଼ିଲା ।" କିଛି କ୍ଷଣ ପରେ ନକୁଳ ସଂଜ୍ଞାହୀନ ହୋଇ ପଡ଼ିଯିବା ଉତ୍ତାରୁ ଭୀମ ବ୍ୟତିବ୍ୟସ୍ତ ହୋଇ ପଚାରିଲେ, "ଭାଇ, ନକୁଳ ତ ଆମ ବିମାତାର ପୁତ୍ର ହେଲେ ସୁଦ୍ଧା କେବେ ଆମ କଥାରେ ଅବାଧ ହୋଇନାହିଁ । ତା ହେଲେ ତାର ପାପ କ'ଣ ?" "ନକୁଳର ପାପ ହେଲା ତାର ରୂପ ପାଇଁ ତାର ବହୁତ ଗର୍ବ ଓ ଅହଂକାର ।"

ପୁଣି ଆଗକୁ ଭୀମ ଜୋର ଆର୍ତ୍ତ ଚିତ୍କାର କରି ଡାକିଲେ, "ଭାଇ ? ଅର୍ଜୁନ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର କୁର୍ଣ୍ଣଙ୍କର ସଖା । ଆମେ ବହୁ ଯୁଦ୍ଧ ତାଙ୍କ ପାଇଁ ଜିତିଛନ୍ତି । ତାଙ୍କର ପୁଣି ପାପ କ'ଣ ?" "ସେ ନିଜକୁ ଶ୍ରେଷ୍ଠ ଧନୁର୍ଦ୍ଧର ଭାବି ବହୁତ ଅହଂ କରୁଥିଲା, ସେ କହୁଥିଲେ ଆମର ସବୁ ଶତ୍ରୁମାନଙ୍କୁ କ୍ଷଣକରେ ନିପାତ କରିଦେବି କିନ୍ତୁ ସେ ତାହା କରି ପାରି ନ ଥିଲା ।"

ଆଉ ରହିଗଲେ ଭୀମ, ଯୁଧିଷ୍ଠିର ଓ ଶ୍ୱାନ ଆଗକୁ ଆଗକୁ ପାଦ ପକାଇ ଚାଲୁଥାଆନ୍ତି । କିଛି ରାସ୍ତା ଗଲା ପରେ ଭୀମ ଗଛ କାଟିଲା ପରି ବିରାଟ ଶରୀରକୁ ନେଇ ବରଫାବୃତ ରାସ୍ତା ଉପରେ ଟଳି ପଡ଼ିଲେ । ବୁଝିଗଲେ ଧର୍ମରାଜ ଭୀମ ମଧ୍ୟ ଭୂପତିତ ହେଲା । ନିଜମନକୁ ମନ କହିଚାଲିଲେ ଧର୍ମଦେବ । "ଭୀମ ତାର ଶରୀର

ଠାରୁ ବହୁତ ଅଧିକ ଖାଏ, ନିଜକୁ ମହା ବଳବାନ ବୋଲି ଭାବେ, ଉଚିତ୍ ସମୟରେ ତାର ବଳକୁ ପ୍ରଦର୍ଶନ କରିପାରେ ନାହିଁ ।"

ଶେଷ ସହଯାତ୍ରୀ ଭାବରେ ଧର୍ମରାଜଙ୍କ ସହିତ ଶ୍ୱାନଟି ଥିଲା । ସ୍ୱର୍ଗର ନିକଟବର୍ତ୍ତୀ ହେବା କ୍ଷଣକୁ ସୁବର୍ଣ୍ଣ ରଥ ସହିତ ଇନ୍ଦ୍ରଦେବ ଓ ଅନ୍ୟ ଦେବତାମାନଙ୍କ ସହିତ ସ୍ୱର୍ଗର ଅପସରାମାନେ ପୁଷ୍ପମାନ ଧରି ସ୍ୱାଗତ କରିବାକୁ ମହା ଆନନ୍ଦରେ ଅପେକ୍ଷାରତ ଥିଲେ । ଇନ୍ଦ୍ରଦେବ ରଥରେ ବସାଇ ସ୍ୱର୍ଗକୁ ଆମନ୍ତ୍ରଣ କଲେ । ସମସ୍ତ ଦେବତା ସାଧୁ ସାଧୁ ଧ୍ୱନିରେ ଆକାଶ ମଣ୍ଡଳ ପ୍ରକମ୍ପିତ କଲେ ; କିନ୍ତୁ ଧର୍ମରାଜ ଇନ୍ଦ୍ରଙ୍କୁ ନିବେଦନ କଲେ "ହେ ! ସୁର ଶ୍ରେଷ୍ଠ ମୋତେ ଆଜ୍ଞା ପ୍ରଦାନ କରନ୍ତୁ ମୋ ସହିତ ଆସିଥିବା ଶ୍ୱାନକୁ ସ୍ୱର୍ଗ ରାଜ୍ୟକୁ ଯିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ।" ହସିଲେ ଦେବରାଜ ସେତେବେଳକୁ ଶ୍ୱାନରୂପୀ ଧର୍ମଦେବତା ନିଜ ପ୍ରକୃତ ସ୍ୱରୂପକୁ ଫେରି ଆସିଥାଆନ୍ତି । ପ୍ରଣାମ ଜଣାଇ ଧର୍ମରାଜ ଅନୁରୋଧ କଲେ "ମୋ ଭାଇ ଓ ସ୍ତ୍ରୀ ଦ୍ରୌପଦୀଙ୍କୁ ମଧ୍ୟ ସ୍ୱର୍ଗରାଜ୍ୟରେ ରହିବା ପାଇଁ ଅନୁମତି ଦିଅନ୍ତୁ ।" ଧର୍ମଦେବତା, ଧର୍ମରାଜଙ୍କୁ ନର୍କପୁରୀକୁ ନେଇ ଭାଇ ଓ ସ୍ତ୍ରୀଙ୍କୁ ଉଦ୍ଧାର କରି ସ୍ୱର୍ଗ ରାଜ୍ୟରେ ସ୍ଥାନ ଦେଲେ ।

ସ୍ତ୍ରୀ ଓ ଭାଇମାନଙ୍କ ପାଇଁ ପ୍ରତି ଥିବା ଅହେତୁକ ଆବିଳତା ଓ ମାୟା ନିମନ୍ତେ ଧର୍ମରାଜଙ୍କୁ ନର୍କ ଦର୍ଶନ କରିବାକୁ ପଡ଼ିଲା !

ସଂପାଦକ, କାନ୍ତକବି ସାଂସ୍କୃତିକ ମଞ୍ଚ
ଗଳଗଣ୍ଡପୁର, ବିଲଣା, ତିହିଡ଼ି

❐❐❐

ମାର୍ଫତ

● ପ୍ରଭାତ ନଳିନୀ ମହାପାତ୍ର

"ହଇଲୋ ! ଝିଅପିଲା ହେଇ ଏତେ ଉଦ୍ଦଣ୍ଡୀପଣ କ'ଣ ! ପୁଅ ପିଲାଙ୍କ ସାଙ୍ଗେ ଯାଇ ଖେଳୁଚୁ । ସେମାନେ ତାଙ୍କର ଗୁଡ଼ି ଉଡ଼େଇବେ, କବାଡ଼ି ଖେଳିବେ, କି ଦୌଡ଼ିବେ, ତୁ କ'ଣ ତାଙ୍କ ସାଙ୍ଗେ ସମାନ"- ଜେଜେମାଆ ପାଟି କରେ ।

ଆଠବର୍ଷର ଶ୍ରଦ୍ଧା ବୁଝିପାରନ୍ତିନି ତାଙ୍କ ଦୋଷ କ'ଣ ? ଭାଇ ସୁକାନ୍ତ ତାଙ୍କଠାରୁ ମାତ୍ର ବର୍ଷଟିଏ ବଡ଼ । ଗୋଟିଏ ଉପର ଶ୍ରେଣୀରେ ପଢେ । ସିଏ କିନ୍ତୁ ସାଇକେଲ୍ ଶିଖିପାରିବ, ବାପାଙ୍କ ସାଇକେଲ ନେଇ । ଅଥଚ ଶ୍ରଦ୍ଧା ହାପ୍ ପେଡାଲ୍ ମାରି ଯଦି ଟିକେ ସାଇକେଲ୍ ଶିଖିବାକୁ ଚେଷ୍ଟା କଲେ, ଭାଇ ଯାଇ ଜେଜେମାଆକୁ ଫୋଡ଼ିଦିଏ, ଆଉ ସେ ପାଟି କରେ । ତାଙ୍କର ବି ଇଚ୍ଛା ହୁଏ ଭାଇ ଭଳି ଫୁଟ୍‌ବଲ, ବାସ୍କେଟବଲ୍ କି କ୍ରିକେଟ୍ ଖେଳନ୍ତେ । କିଛି ନ ହେଲେ କବାଡ଼ି ଖେଳନ୍ତେ । ଜେଜେମାଆର କିନ୍ତୁ ଏ ସବୁରେ ଆପତ୍ତି । ଝିଅ ପିଲା ଖାଲି ଖଣ୍ଡେଇ ବାହାଘର, ରନ୍ଧାବଢା ଖେଳ ଖେଳିବ, ଅତି ବେଶିରେ ବୋହୂ ଚୋରୀ ଖେଳିବ, ଆଉ କିଛି ଖେଳିପାରିବ ନାହିଁ- ଇୟେ ଏକ ଅଲିଖିତ ନିର୍ଦ୍ଦେଶ । ଶ୍ରଦ୍ଧା ଅଭିଯୋଗ କରିବେ କାହା ପାଖରେ, ବୋଉତ ଜେଜେମାଆ ଆଗରେ ମୁଁହ ଖୋଲିବନି, ବାପା ବି ତାକୁ କିଛି କହିବେନି । ସେ ଯେ ଝିଅପିଲା ହେଲେ, ଏଇଟା କ'ଣ ତାଙ୍କର ଦୋଷ ।

ଆସ୍ତେ ଆସ୍ତେ ଭାଇ ସାଇକେଲ୍ ଶିଖିଗଲା, ଆଉ ସାଇକେଲ୍‌ରେ ହିଁ ସ୍କୁଲ ଗଲା । ବଡ଼ ଗର୍ବରେ ଶ୍ରଦ୍ଧାକୁ ଅନେଇ ସେ ସାଇକେଲ୍ ଚଲାଇ ସ୍କୁଲ୍ ଯାଏ, ଆଉ ସେ ନିଜ ଝିଅ ସାଙ୍ଗମାନଙ୍କ ସାଙ୍ଗରେ ଚାଲିଚାଲି । ଘରଠାରୁ ସ୍କୁଲ ପ୍ରାୟ ଦେଢକିଲୋମିଟର ଦୂର । ଚାଲି ଚାଲି ଥକି ଯାଆନ୍ତି ସିଏ । କିନ୍ତୁ ଭାଇ କେବେ ତାଙ୍କୁ ସାଇକେଲ୍‌ରେ ବସେଇ ସ୍କୁଲ୍ ନେଇ ଯାଏନା, ବାପାଙ୍କର ବି ସମ୍ବଳ ନାହିଁ ତାଙ୍କୁ ଆଉ ଗୋଟେ ସାଇକେଲ୍ କିଣି ଦେବାକୁ । ଆଉ ଯଦି ବାପା ବି ସାଇକେଲ୍‌ଟେ କିଣି ଦିଅନ୍ତି, ଜେଜେମାଆ କ'ଣ ତାଙ୍କୁ ସାଇକେଲ୍ ଚଳେଇବାର ଅନୁମତି ଦେବ ! ସେ ସମୟଟା ସେମିତି ଥିଲା । ପ୍ରାୟ ଝିଅମାନେ ସାଇକେଲ୍ ଚଳଉ ନଥିଲେ । ଯିଏ ଚଳଉଥିଲା, ସେ ଥିଲା ଉଦ୍ଦଣ୍ଡୀ, ଘୋଡ଼ୀ ଆଉ ଉପରମୁହିଁ ।

ବାପା ବନମାଳୀ ମିଶ୍ର, କଲେକ୍‌ଟର ଅଫିସ୍‌ରେ କିରାଣୀଟିଏ । ପିଲାବେଳୁ ବାପ ଛେଉଣ୍ଡ । ବଡ଼ କଷ୍ଟରେ ପାଠ ପଢି, ଚାକିରୀ କରି ସାନ ବି ଭଉଣୀକୁ ହାତକୁ ଦି'ହାତ କରିପାରିଛନ୍ତି । ବିଧବା ମାଆ ତାଙ୍କ ପାଠ ପଢା ପାଇଁ ବହୁତ କଷ୍ଟ କରିଛନ୍ତି । ଗାଆଁରେ ଥିବା ଅଳ୍ପ କିଛି ଜମି ଭାଗ ଚାଷକୁ ଦେଇ, ଗାଈ ରଖି କ୍ଷୀର ବିକି ଓ ବାଡ଼ିରେ ପନିପରିବା ଲଗେଇ ପୁଅକୁ ପାଠ ପଢେଇଛନ୍ତି । ତେଣୁ ସେ ମାଆ ମୁହଁରେ ପଦେ କିଛି କହନ୍ତି ନାହିଁ । ସ୍ତ୍ରୀଙ୍କୁ ବି ଏ ବାବଦରେ ସତର୍କ କରେଇ ଦେଇଛନ୍ତି ।

ସହରରେ ଭଡ଼ା ଘର । ସବୁ କିଛି କିଣା । ସେଥିରେ ପିଲା ଦୁଇଟି ପାଠ ପଢୁଛନ୍ତି । ତାଙ୍କର ସାମର୍ଥ୍ୟ କାହିଁ ଯେ ଝିଅ ସ୍କୁଲ୍ ଯିବା ପାଇଁ ରିକ୍ସା ବ୍ୟବସ୍ଥା କରିଦେବେ । ତେଣୁ ଶ୍ରଦ୍ଧା ବାଧ ହୋଇ ଚାଲି ଚାଲି ସ୍କୁଲ୍ ଯାଏ । ମ୍ୟାଟ୍ରିକ୍ ପରୀକ୍ଷାରେ ଭାଇ ସୁକାନ୍ତ ତୃତୀୟ ଶ୍ରେଣୀ ପାଇଲା । ହେଲେ ପୁଅ, କୁଳ ଦୀପକ । ଜେଜେମାଆ ଇଚ୍ଛାରେ ସେ କଲେଜ୍‌ରେ ପଢିଲା । ତା'ପର ବର୍ଷ ଶ୍ରଦ୍ଧା ପ୍ରଥମ ଶ୍ରେଣୀରେ ମ୍ୟାଟ୍ରିକ୍ ପାସ୍ କଲେ । ହେଲେ ଜେଜେମାଆର ବିରୋଧ- "ଝିଅ ପିଲାଟା ଏତେ ପାଠ ପଢି ହେବ କ'ଣ ? ସେ ଘରେ ରହି କାମ ଦାମ ଶିଖୁ, ତା' ବାହାଘର ଶୀଘ୍ର କରିଦେ ।" କିନ୍ତୁ ବାପାଙ୍କର କ'ଣ ହେଲା କେଜାଣି, କହିଲେ- "ସେ ତ ଫାଷ୍ଟକ୍ଲାସ୍ ପାଇଛି, ସ୍କଲାରସିପ୍ ପାଇବ, କଲେଜରେ ପଢୁ ।"

କଲେଜରେ ବି ସେଇ ଅବସ୍ଥା । ଚାଲି ଚାଲି କଲେଜ ଯାଆନ୍ତି ସେ । ବାପାଙ୍କର ରିକ୍ସା ବ୍ୟବସ୍ଥା କରିଦେବାକୁ ସମ୍ବଳ ନାହିଁ । କଲେଜ ଘରଠାରୁ ଦୁଇକିଲୋମିଟର ଦୂର । ଆଇ.ଏ.ରେ ବି ସେ ଫାଷ୍ଟକ୍ଲାସ୍ ହିଁ ପାଇଲେ, ଆଉ ନିଷ୍ପତ୍ତି ନେଲେ ସି.ଟି. ଟ୍ରେନିଂ ନେଇ ଶିକ୍ଷୟିତ୍ରୀ ହେବେ । ପ୍ରଥମ ଶ୍ରେଣୀ ପାଇଥିବାରୁ ସି.ଟି.ରେ ବି ସିଟ୍ ମିଳିଗଲା । ଆଉ ପାସ୍ କଲା ପରେ ସେଇ ସହରରେ ଥିବା ଗୋଟିଏ ପ୍ରାଇମେରୀ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଚାକିରୀ ମିଳିଗଲା ।

ଭାଇ ସୁକାନ୍ତ ଆଇ.ଏ. ଶ୍ରେଣୀ ଡେଇଁ ପାରିଲାନି, ହାମୁଡ଼ି ପଡ଼ିଲା । କହିଲା ବ୍ୟବସାୟ କରିବ । ବାପା ଜି.ପି.ଏଫ୍.ରୁ ଟଙ୍କା ଉଠେଇ ତାକୁ ବ୍ୟବସାୟ ପାଇଁ ଦେଲେ । ହେଲେ ସେ ବାରମ୍ବାର ବିଭିନ୍ନ ବ୍ୟବସାୟରେ ହାତ ଦେଇ ଅସଫଳ ହେଲା । ଶେଷରେ ସବୁ ମୂଳ ପୁଞ୍ଜି ବୁଡ଼ାଇ ଘରେ ବସିରହିଲା । ତାକୁ କିନ୍ତୁ କେହି କିଛି କହିପାରିବେନି । ସେ ବଂଶର ରକ୍ଷାକର୍ତ୍ତା, କୁଳନନ୍ଦନ, ଜେଜେମାଆ ଗଳାର

ହାର । ବାପା ବୋଉଙ୍କର ନୟନତାରା । ବାପା ବୁଢା ବୟସରେ ତା' ଭବିଷ୍ୟତ କଥା ଭାବି ହାଇଁ ପାଇଁ ହୁଅନ୍ତି, ହେଲେ ତା'ର ସେଥିକୁ ଖାତିର ନଥାଏ ।

ଏ ଭିତରେ ଗୋଟିଏ ଖୁସି ଖବର ଥିଲା ଶ୍ରଦ୍ଧାଙ୍କର ଚାକିରୀ ହେଲେ- "ଝିଅ ତ ପରଘରୀ, ତା' ଚାକିରୀରେ ଗୋଟେ ଖୁସି ହେବ କ'ଣ ? ସେ କ'ଣ ସବୁଦିନ ବାପା ମାଆଙ୍କୁ ପୋଷିବ ?"

ଶ୍ରଦ୍ଧା ଯେଉଁଦିନ ପ୍ରଥମ ମାସର ଦରମାଟା ପାଇଲେ ସେଦିନ ସେ ବହୁତ ଖୁସି ଥିଲେ । କେତେ କ'ଣ ରଂଗୀନ କଳ୍ପନା ତାଙ୍କ ମନରେ । ପ୍ରଥମ କରି ହାତରେ ଏତେ ଗୁଡ଼େ ଟଙ୍କା ଧରିଛନ୍ତି, କେମିତି ତାକୁ ଖର୍ଚ୍ଚ କରିବେ, କେତେ ଯୋଜନା କଲେ । ଘରେ ପହଞ୍ଚି ବୋଉକୁ କହିଲେ- "ବୋଉ ମୁଁ ଆଜି ଦରମା ପାଇଲି । ଭାରି ଖୁସି ଲାଗିଲା । ସବୁ ପଇସା ଉଠେଇ ଆଣିଛି ।" ବୋଉ କିନ୍ତୁ କହିଲେ- "ମାଆରେ ! ସେ ଟଙ୍କା ବାପାଙ୍କ ହାତକୁ ଦେଇଦେ । ସେ ଭାରି ଖୁସି ହେବେ । ତୋତେ ପାଠ ପଢେଇବା ସାର୍ଥକ ହେଲା ବୋଲି ଭାବିବେ ।"

ଶ୍ରଦ୍ଧାଙ୍କ ମନ ମରିଗଲା । ଯେମିତି କେହି ତାଙ୍କୁ ଆକାଶରୁ ତଳକୁ କଚାଡ଼ି ଦେଲା । କେତେ ସ୍ୱପ୍ନ ଦେଖିଥିଲେ ସେ ନିଜ ରୋଜଗାରକୁ ନେଇ । ତଥାପି ଖୁସି ଖୁସି ଅଭିନୟ କରି ବାପାଙ୍କୁ ଟଙ୍କାତକ ନେଇଦେଲେ । ସେ ଲକ୍ଷ୍ୟ କଲେ, ବାପାଙ୍କ ଆଖି ଖୁସିରେ ଟଲ୍‌ମଲ୍ ହୋଇଉଠିଲା । ତଥାପି ନିଜକୁ ସଜାଡ଼ି ସେ କହିଲେ- "ତୋ ଟଙ୍କା ମତେ କାହିଁକି ଦେଉଛୁ ? ତୁ ରଖିଥା ।" ଶ୍ରଦ୍ଧା କହିଲେ- "ନାଁ, ବାପା ତମେ ରଖିଥାଅ, ମୁଁ ଦରକାର ହେଲେ ମାଗିନେବି ।"

ବାପା ଟଙ୍କାତକ ରଖିଲେ । ଦି'ହଜାର ଟଙ୍କା ସେଥିରୁ କାଢି କହିଲେ- 'ନେ ତୋ ପାଖରେ ରଖିଥା । ରିକ୍ସା କରି ସ୍କୁଲ୍ ଯିବୁ ଆଉ ଜଳଖିଆ ଖାଇବୁ । ଏମିତି ସବୁ ମାସରେ ଚାଲିଲା ନିଜ ରୋଜଗାରକୁ ଆଉ ନିଜର ବୋଲି ଅନୁଭବି ପାରିଲେ ନାହିଁ । ସେ ୟା' ଭିତରେ ଦୁଇବର୍ଷ ବିତିଗଲା । ଦିନେ ଘରେ ପହଞ୍ଚି ଦେଖିଲେ କିଛି ଭଦ୍ରଲୋକ ଦାଣ୍ଡ ଘରେ ବସିଛନ୍ତି । ଶ୍ରଦ୍ଧାଙ୍କୁ ସେଠାକୁ ଡକାହେଲା । କିଛି ସମୟ କଥାବାର୍ତ୍ତା କରି ସେମାନେ ଚାଲିଗଲେ । ପଛରେ ଜଣାଇଦେଲେ ଝିଅ ତାଙ୍କର ପସନ୍ଦ ହୋଇଛି । ଦେଖିବାକୁ ବେଶ୍ ସୁନ୍ଦର ଶ୍ରଦ୍ଧା, ପୁଣି ସରକାରୀ ଚାକିରୀ, ଭଲ ପରିବାର କାହାର ପସନ୍ଦ ନ ହେବ ଯେ ! ପୁଣି ପରେ ନିଜେ ବରପାତ୍ର ଆସିଲେ କିଛି ସାଙ୍ଗଙ୍କ ସହ ।

ତାଙ୍କର ବି ଝିଅ ପସନ୍ଦ ହୋଇଗଲା । ଆଉ ଡେରି କାହିଁକି ! ଶୁଭସ୍ୟ ଶୀଘ୍ର । ତା'ପରେ ବାପା ଅବସର ନେବା ବେଳ ହେଲାଣି । ଶ୍ରଦ୍ଧାଙ୍କ ମତ ନେବାର ପ୍ରଶ୍ନ ଉଠିଲାନି । ବାହାଘର ହୋଇଗଲା ।

ସ୍ୱାମୀ ବିକାଶ ବାପା ମାଆଙ୍କର ଗୋଟିଏ ପୁଅ । ଆଉ ତିନି ଭଉଣୀ । ଶ୍ୱଶୁର ଜଣେ ଅବସରପ୍ରାପ୍ତ ଶିକ୍ଷକ । ବିକାଶ ରାଜ୍ୟ ସଚ୍ଚିବାଳୟରେ କିରାଣୀ । ବାହାଘରର ଚତୁର୍ଥୀଦିନ ବିକାଶ ଶ୍ରଦ୍ଧାଙ୍କୁ କହିଲେ- "ମତେ ଗୋଟେ ପ୍ରତଶ୍ରୁତି ଦିଅ । ତମେ କେବେ ଚାକିରୀ କରିଛି ବୋଲି ମୋ ଆଗରେ ଫୁଟାଣି ମାରିବନି, କି କିଛି କହିବନି । ମୁଁ ସେ ସବୁ ଗର୍ବ ସହିପାରିବିନି । ଘରର ପରିସ୍ଥିତି ଦୃଷ୍ଟିରୁ ମୁଁ ଚାକିରୀଆ ଝିଅ ବାହାହେଲି । କିନ୍ତୁ ଝିଅମାନେ ଅହଂକାର ପ୍ରକାଶ କଲେ ମୋ ଦେହ ସହିବନି । ଯୋଉଦିନ ଏ ବାବଦରେ କିଛି କହିଛ, ତୁମର ମୋର କିଛି ସମ୍ପର୍କ ରହିବନି ।"

ବାସ୍, ଖାଲି ଗୋଟେ ଦୀର୍ଘଶ୍ୱାସ ଛଡ଼ା ଶ୍ରଦ୍ଧାଙ୍କ ପାଖରେ କିଛି ରହିଲାନି । ତାଙ୍କ ବ୍ୟାଙ୍କ୍ ଏ.ଟି.ଏମ୍. କାର୍ଡ ବିକାଶଙ୍କ ପାଖରେ । ଖାଲି ରିକ୍ସାଭଡ଼ା ଓ ହାତଖର୍ଚ୍ଚ ପାଇଁ ମାସ ଆରମ୍ଭରୁ ସେ କିଛି ଟଙ୍କା ଶ୍ରଦ୍ଧାଙ୍କୁ ଧରେଇ ଦିଅନ୍ତି । ଲୁଗାପଟା ଗହଣାଗାଣ୍ଠି ସବୁ ବିକାଶଙ୍କ ଇଚ୍ଛାରେ କିଣା ହୁଏ ।

ସ୍କୁଲ୍‌ରେ ପଢିବାବେଳେ ଶ୍ରଦ୍ଧା ଟିକିଏ କବିତା ଲେଖୁଥିଲେ । ସେଥିରୁ କିଛି ପତ୍ର, ପତ୍ରିକାରେ ବାହାରୁଥିଲା । ଝିଅବେଳେ ବାପା କୌଣସି ସଭା, ସମିତିକୁ ଛାଡୁ ନଥିଲେ । ବାହାଘର ପରେ ମଧ୍ୟ ବିକାଶ କହିଦେଲେ- "ହଁ ଲେଖାଲେଖି କର । ମୋର ମନା ନାହିଁ । କିନ୍ତୁ ଘରେ ବସି, ବାହାରକୁ ଯିବନି ।" ବାପ ଘରେ ଚିଠି କି ପତ୍ର ପତ୍ରିକା ଆସୁଥିଲା, ବାପାଙ୍କ ମାର୍ଫତରେ ଏବେ ଆସିଲା ସ୍ୱାମୀଙ୍କ ମାର୍ଫତରେ । ଶ୍ରଦ୍ଧା କେବଳ ଟଙ୍କା ଉପାର୍ଜନରେ ମେସିନ୍‌ଟିଏ ହୋଇ ରହିଗଲେ । ମନର ଦୁଃଖ ସେ କବିତାର ପଂକ୍ତିରେ ଅଜାଡ଼ି ଦେଲେ ଯାହା ।

ଦିନ ବିତିବା ସଙ୍ଗେ ସଙ୍ଗେ ନଣନ୍ଦ ବାହା ହୋଇଗଲେ । ଶାଶୁ, ଶ୍ୱଶୁର ବି ଚାଲିଗଲେ ସଂସାରରୁ । ତାଙ୍କର ଦୁଇ ପୁଅ । ପାଠଶାଠ ପଢି ବଡ଼ ହାଇକୋର୍ଟରେ ଓକିଲାତି କଲା, ସାନ ଇଞ୍ଜିନିୟର ହୋଇ ଦିଲ୍ଲୀରେ ରହିଲା । ଦୁଇ ପୁଅଙ୍କ ବାହାଘର ହୋଇ ବୋହୂମାନେ ବି ଆସିଗଲେ । ଚାକିରୀରୁ ଅବସର ନେଲେ ବିକାଶ ଏବଂ ଶ୍ରଦ୍ଧା

ବି । ଚାକିରୀ କାଳ ଭିତରେ ଶସ୍ତାରେ ଖଣ୍ଡେ ଜାଗା କିଣିଥିଲେ ବିକାଶ । ବ୍ୟାଙ୍କ୍ ଲୋନ୍ ଆଣି ସେଠି ଘର ଖଣ୍ଡିଏ କଲେ । ପୁଅମାନେ ବି କିଛି କିଛି ସାହାଯ୍ୟ କଲେ ।

ଘର ପାଇଁ କେତେ ସ୍ୱପ୍ନ ଦେଖିଥିଲେ ଶ୍ରଦ୍ଧା । ଘରର ନାଆଁ ଦିଆଯିବ 'ପୁଣ୍ୟତୋୟା' । ଥରେ ହରିଦ୍ୱାର ଯାଇଥିଲେ ସେମାନେ । ସେଠି ଗଙ୍ଗାନଦୀକୁ ଦେଖି ଏ ନାଆଁଟି ତାଙ୍କ ମନକୁ ଆସିଥିଲା । ସେଇ କଥା ସେ ସ୍ୱାମୀଙ୍କୁ କହିଲେ । କିନ୍ତୁ ବିକାଶ କହିଲେ- "ନାଁ , ନାଁ ସେ କଥା ହେବନି । ମୋ ଘରର ନାଆଁ ରହିବ 'ଶ୍ରୀକ୍ଷେତ୍ର' । ବହୁତ ଦିନରୁ ଏ ନାଆଁଟି ମୁଁ ଠିକ୍ କରି ରଖିଛି ।"

'ମୋ ଘର' ଛାତିରେ କଣ୍ଟା ଲାଗିଗଲା ଶ୍ରଦ୍ଧାଙ୍କର । ଘର ତେବେ ତାଙ୍କର ନୁହେଁ । ଜୀବନସାରା ତେବେ ସେ କ'ଣ ପାଇଁ ଲାଗିଥିଲେ । ଘର ପ୍ରତିଷ୍ଠା ହେଲା, ଗେଟ୍ ପାଖରେ ମାର୍ବଲ ପଥରର ନାମ ଫଳକ ଲାଗିଲା- 'ଶ୍ରୀକ୍ଷେତ୍ର', ତା' ତଳକୁ 'ଶ୍ରୀଯୁକ୍ତ ବିକାଶ ରଞ୍ଜନ ଦାଶ ।' ଶ୍ରଦ୍ଧାଙ୍କର ସେଠି ସ୍ଥାନ ନାହିଁ । ମନ ମାରି ରହିଲେ ସେ । ମୁହଁରେ ହସ ଫୁଟାଇଲେ । ସାରାଜୀବନ ତ ଏମିତି ସାଲିସ୍ କରି ବଞ୍ଚି ଆସିଛନ୍ତି ସେ ।

ଘର କାମ ସରିବାର ପାଞ୍ଚଟା ବର୍ଷ ସରିନି । ଦିନେ ଜଳଖିଆ ଖାଇ ସାରି ଚେୟାର୍‌ରେ ବସିଥିଲେ ବିକାଶ । ଛାତି ଯନ୍ତ୍ରଣା ହେଲା । କ୍ରମେ ଯନ୍ତ୍ରଣା ବଢିଲା । ଅଟୋ ଡାକି ଡାକ୍ତରଖାନା ନେଉନେଉ ବାଟରେ ଚାଲିଗଲେ । ଡାକ୍ତର କହିଲେ, ହାର୍ଟଆଟାକ୍ । ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଲା ଶ୍ରଦ୍ଧାଙ୍କ ମୁଣ୍ଡରେ । କ'ଣ କରିବେ ସେ ? ସାରା ଜୀବନ ତ ସ୍ୱାମୀଙ୍କ ଉପରେ ନିର୍ଭର କରି ଚଳି ଆସିଛନ୍ତି । ଏବେ ଏକା କ'ଣ ସେମିତି ଚଳିବେ ।

ଦୁଇ ପୁଅ ଖବର ପାଇ ଆସିଲେ । ବାପାଙ୍କ କାମ ଭଲରେ ହୋଇଗଲା । କାମ ସରିବା ପରେ ଦୁଇ ପୁଅ ନିଜ ନିଜ ଜାଗାକୁ ଫେରିଗଲେ । ଘରେ ରହିଲେ ଏକୁଟିଆ ଶ୍ରଦ୍ଧା । ପରେ ବଡ଼ ପୁଅ ଆସି ଘରର କିଛି ଅଂଶ ଭଡ଼ା ଦେଇ ଚାଲିଗଲା, ଗୋଟେ ଛୋଟ ପରିବାରକୁ । ଏକୁଟିଆ ଘର ଭିତରେ ବସି ବସି ବିରକ୍ତ ଲାଗିଲେ ଶ୍ରଦ୍ଧା ଆସି ବାହାରେ ଛିଡ଼ା ହୁଅନ୍ତି । ଗେଟ୍ ପାଖରେ ଘରର ନାଆଁ 'ଶ୍ରୀକ୍ଷେତ୍ର' ଓ ତା' ତଳକୁ 'ଶ୍ରୀଯୁକ୍ତ ବିକାଶ ରଞ୍ଜନ ଦାଶ' ତାଙ୍କୁ ଖତେଇ ହେଲା ପରିଲାଗେ ।

ବଡ଼ ପୁଅ ମଝିରେ ମଝିରେ ଆସି ତାଙ୍କର ଭଲମନ୍ଦ ବୁଝେ । ଏବେ ତାଙ୍କର ଦେହ ଏତେ ଭଲ ରହୁନି । ତେଣୁ ତା' ପାଖକୁ ଡାକେ । କିନ୍ତୁ ଶ୍ରଦ୍ଧା ମନା କରନ୍ତି । ସାରାଜୀବନ ପରାଧୀନ ରହି ରହି ପୁଣି ଆଉଥରେ କାହା ଅଧୀନରେ ରହି ପାରିବେନି ସେ । ଏବେ ନିଜ ଜୀବନ ନିଜେ ଜିଇଁବେ । ସେ କବିତା ଲେଖନ୍ତି, ବହି ପଢନ୍ତି, ପତ୍ର ପତ୍ରିକାକୁ ଲେଖାପଠାନ୍ତି । ବେଳେବେଳେ ପତ୍ର, ପତ୍ରିକା ଡାକରେ ଆସେ- ଶ୍ରଦ୍ଧାଞ୍ଜଳି ଦାଶ ମାର୍ଫତ- ବିକାଶ ରଞ୍ଜନ ଦାଶ, ଶ୍ରୀକ୍ଷେତ୍ର, ମଠସାହି, ବାଲେଶ୍ୱର ଠିକଣାରେ ।

ସ୍ୱାମୀଙ୍କ ବର୍ଷିକିଆ ଶ୍ରାଦ୍ଧ ଯିବା ପରେ ସେ ବଡ଼ପୁଅକୁ କହିଲେ- "ଗେଟ୍ ପାଖରୁ ବାପାଙ୍କ ନାଆଁଟା ଉଠେଇ ଦଉନୁ । ଏବେ ତ ବାପା ଆଉ ନାହାଁନ୍ତି ।" ପୁଅ କହିଲା- ହଉ, ଏବେ ଲେଖେଇ ଆଣିବା । ଯୋଉଦିନ ନୂଆ ନାମ ଫଳକ ଆସିଲା ଶ୍ରଦ୍ଧା ମନେ ମନେ ଭାରି ଖୁସି । ଏବେ ଗେଟ୍ ପାଖରେ ତାଙ୍କ ନାଆଁ ଲେଖା ହେବ । ସିଏ ଆଉ କାହା ମାର୍ଫତରେ ରହିବେନି ।

ଯୋଉଦିନ ମିସ୍ତ୍ରୀ ଆସିଲା, ଆଉ ନାମ ଫଳକ ଆସି ଲାଗିଲା ଗେଟ୍ ପାଖରେ, ଘର ଭିତରେ ଥାଇ ଶ୍ରଦ୍ଧା ମନେ ମନେ ଖୁସି ହେଉଥାନ୍ତି । ନ ହେଲେ ନାହିଁ, ତାଙ୍କ ଇଚ୍ଛାଅନୁସାରେ ଘରର ନାଆଁ । ଏବେ 'ଶ୍ରୀକ୍ଷେତ୍ର' ତଳକୁ ଲେଖା ହେବ ତାଙ୍କ ନାଆଁ- ଶ୍ରଦ୍ଧାଞ୍ଜଳି ଦାଶ । ଥରକୁ ଥର ଖୁସିରେ ମନେ ମନେ ନିଜ ନାଆଁକୁ ଆବୃତ୍ତି କରୁଥାନ୍ତି ସିଏ ।

ପୁଅ ଡାକିଲା- ମମି ଆସ ! ଦେଖିବ ! ଏବେ ନୂଆ ନାମ ଫଳକ ଲାଗିଗଲା । ବଡ଼ ଖୁସିରେ ଗେଟ୍ ପାଖରେ ପହଞ୍ଚିଗଲେ ସେ । ଆଗରୁ ନାନ ଫଳକଟା ଦେଖିପାରିନାହାନ୍ତି, ଦୋକାନରୁ ଆସି ସିଧା ଲଗା ହୋଇଛି । ହେଲେ ଏ କ'ଣ ! 'ଶ୍ରୀକ୍ଷେତ୍ର' ତଳକୁ ଲେଖାଯାଇଛି- 'ସ୍ୱାଗତ ଦାଶ, ଆଡ୍‌ଭୋକେଟ୍ ।'

ଶ୍ରଦ୍ଧାଙ୍କ ଆଖିରେ ଲୁହ ଟଳମଳ ହେଉଥିଲା । ସାରାଜୀବନ ସେ ତା'ହେଲେ ମାର୍ଫତ ହୋଇ ରହିଗଲେ । ପୁଅ ପଚାରୁଥିଲେ ମମି ଠିକ୍ ହୋଇଛି ନାଁ । ଲୁହ ଲୁଚାଇ ଶ୍ରଦ୍ଧା ଉତ୍ତର ଦେଲେ- "ହଁ ! ହଁ ! ଭଲ ହୋଇଛି ।"

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସାମରାଏପୁର, ଭଦ୍ରକ
ମୋ. ୯୪୩୭୧୯୩୯୪୦

❑❑❑

ଚକ୍ରବ୍ୟୂହ

● ରେଣୁବାଳା ନାୟକ

ମନ୍ଦିରାର ମେଳାରେ ଯାହା ସହ ଧକ୍କା ହେଲା, ସେଥିଲା ଯଶୋଧାରା ମହାପାତ୍ର । ଭଲକରି ଅନେଇଲା ମନ୍ଦିରା । ମେଳାର ଗହଳି ଭିତରେ ଧୀରେ ଧୀରେ ଅଦୃଶ୍ୟ ହେଉଥିଲା ଯଶୋଧାରା । ପାଦ ଅଟକି ଯାଇଥିଲେ ବି, ଭିଡ଼ର ଠେଲାପେଲାରେ ମନ୍ଦିରା ବାଧ୍ୟ ହେଲା ଆଗକୁ ବଢ଼ିବାକୁ । ଯଶୋଧାରାକୁ ଚିହ୍ନିବାରେ ତା ଆଖି କେବେ ଧୋକା ଖାଇବନି । ଦୁହେଁ ଏକା ସାଙ୍ଗରେ କଲେଜରେ ପଢୁଥିଲେ । ରହୁଥିଲେ ହଷ୍ଟେଲର ଗୋଟିଏ ରୁମ୍‌ରେ । ମନ୍ଦିରାର ପୁରା ବିଶ୍ୱାସ ସେ ହିଁ ଯଶୋଧାରା । ଅନେକ ଦିନରୁ ଦୁହିଁଙ୍କର ଯୋଗଯୋଗ ନ ଥିବାରୁ ମନ୍ଦିରା ତା'ର ଫୋନ ନମ୍ବରଟିଏ ବି, ରଖିପାରିନି ।

ମେଳାରୁ ଫେରିଆସିଲା ମନ୍ଦିରା । ମନଟା ଭାରି ଭାରି, ଖଟରେ ପଡ଼ି ଝଟପଟ ହେଲା । ଯେତେ ଆଖିବନ୍ଦ କଲେ ବି, ଯଶୋଧାରାର ସ୍ମୃତି ସବୁ ଭିଡ଼ ବାନ୍ଧିଲେ ମୁଦା ଆଖିର ଅନ୍ଧାର ଭିତରେ । ଆଲମିରାରୁ କାଢ଼ିଲା ପୁରୁଣା ଆଲବମ୍ । ବାରମ୍ବାର ଦେଖିଲା ତା'ର ଆଉ ଯଶୋଧାରାର ଫଟୋକୁ । ଆଲବମ୍‌କୁ ବିଛଣା ପାଖରେ ଥୋଇ ପୁଣି ଚେଷ୍ଟା କଲା ଶୋଇବାକୁ । ମୁଦା ଆଖିରେ ସ୍ପଷ୍ଟ ଦୃଶ୍ୟମାନ ହେଲା : ସେଦିନ ଥାଏ ଗୋଟାଏ ବର୍ଷାରାତି । ସନ୍ଧ୍ୟାରୁ ଆକାଶ ଲୁଚିଥାଏ ମେଘରେ । ଲାଇଟ୍ ନ ଥାଏ । ମହମବତୀର ଅସ୍ପଷ୍ଟ ଆଲୋକରେ ହଷ୍ଟେଲ ରୁମ୍ ଝରକା ବାଟେ ଯଶୋଧାରା ଆଉ ମନ୍ଦିରା ଚାହିଁ ରହିଥିଲେ ମେଘଭର୍ତ୍ତି ଆକାଶକୁ । ରହି ରହି ବିଜୁଳିର ଝଲମଲ ଆଲୁଅ ଝରକା ଦେଇ ପଶି ଆସୁଥାଏ । ଦୁଇଜଣ ସାଙ୍ଗ ବର୍ଷଣ ମୁଖ ରାତ୍ରିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ ମନ ଭରି ନିରବରେ । ଯଶୋଧାରା ପ୍ରଥମେ ମୁହଁ ଖୋଲିଲା ଭାରି ଭାବପ୍ରବଣ ହୋଇ- ଅନ୍ଧାର ସବୁ କିଛି ଲୁଚେଇ ରଖିପାରେ । ଏମିତି କିଛି ଘଟଣାକୁ ସବୁଦିନ ପାଇଁ ତା ପୃଥିବୀରେ ନ ଲୁଚେଇ କାହିଁକି ଠେଲିଦିଏ ଆଲୁଅକୁ । ଯେଉଁ ଆଲୋକରେ ଘୂରି ବୁଲୁଥାଏ ଶହଶହ ଆଖି ?

- ତୁ କ'ଣ କହୁଛୁ ? କି ଗୁମର ଫିଟେଇ ଦେଲା ଅନ୍ଧାର ? ମୁଁ ତୋ କଥା କିଛି ବୁଝିପାରୁନାହିଁ ଯଶୋଧରା । ଅନ୍ଧାର କ'ଣ ନିରବ କି ? ତାର ବି ସ୍ୱର ଅଛି । ଅନ୍ଧାର ଭିତରେ ବି ଘୂରୁଥାଏ ଅନେକ ଆଖି । ଅନ୍ଧାରରେ ଅଦୃଶ୍ୟ ହୋଇଯାଇଥିବା

ଘଟଣାଗୁଡ଼ିକ ଆଲୋକକୁ ଫେରି ଆସିବା ପାଇଁ ଆତୁରତାରେ ଦିନରାତି ଭିଜନ୍ତି । କହିଲା ମନ୍ଦିରା ।

ବହୁ ଚେଷ୍ଟା କରିବି ମନ୍ଦିରା ସେଦିନ ତା' ଅନ୍ତରଙ୍ଗ ସାଥୀ ପେଟରୁ କାଢ଼ି ପାରି ନ ଥିଲା । ସେ ଅନ୍ଧାରର ରହସ୍ୟ । ହୃଦୟଙ୍ଗମ କରିଥିଲା, ଯଶୋଧାରା ତାକୁ କିଛି କଥା ଲୁଚଉଛି । ଛୁଟିରେ ଘରକୁ ଗଲେ ଫେରି ଆସି ଗାଁ କଥା, ମାମୁଁଘର କଥା ନଈ, ପୋଖରୀ, ବିଲତୋଟା ବହୁତ ଗପେ । ମନ୍ଦିରା ମନରେ ଗାଁର ପୁଳାପୁଳା ସ୍ମୃତି ଜାଗିଉଠେ । କ୍ଷତବିକ୍ଷତ ହୋଇଯାଏ ତା'ମନ । ଚାହିଁଲେ ବି ତା' ଜୀବନରେ ସେମିତି ସୁଯୋଗ ଆଉ କେବେ ଆସିବନି । ଗାଁର ମମତା ତୁଟେଇ ବାପା ସହର ଆଡ଼କୁ ମୁହାଁଇଛନ୍ତି ତା ପିଲାଟି ଦିନରୁ ।

ମନ୍ଦିରାର ଭାବନା ଭାଙ୍ଗି ଯଶୋଧାରା କହିଲା, ତୁ କେଉଁ ଅନ୍ଧାରକୁ ନେଇ ଚୁପ୍ ହେଇଗଲୁକି ? ମନ୍ଦିରା ତା ଛଳାକି ବୁଝିଛି । ଶବ୍ଦର ଯାଦୁଗରୀ ତାକୁ ବେଶ୍ ଜଣା । ସେଇ ଯାଦୁଗରୀରେ ଯଶୋଧାରା ଭୁଲେଇ ଦେଇଥିଲା, ମନ୍ଦିରା ମନରେ ଆନ୍ଦୋଳିତ ହେଉଥିବା ପ୍ରଶ୍ନକୁ ।

କଲେଜ ଜୀବନ ପରେ ଦୁହିଁଙ୍କର ଭେଟ ହେବାର ସୁଯୋଗ କେବେ ଆସିନି । ମନ୍ଦିରା ଅନେକବାର ଯଶୋଧାରାର ମିଠା ମିଠା ସ୍ମୃତିରେ ଭିଜିଛି । ଆଜି ସୁଯୋଗଟା ହାତଛଡ଼ା ହେଲା । ଦେଖା ହୋଇଥିଲେ ପଚାରିଥାନ୍ତା ସେଦିନ ଅନ୍ଧାରର ରହସ୍ୟ କଥା । ନିଶ୍ଚୟ ଅନାବରଣ କରିଥାନ୍ତା ସେ ରହସ୍ୟକୁ । ଏମିତି ସବୁ ଅସଜଡ଼ା ଭାବନା ଭିତରେ ଚାହିଁଥାଏ ଝରକା ସେପଟକୁ ମନ୍ଦିରା । ହାଲ୍‌କା ହାଲ୍‌କା ଶୀତୁଆ ପବନ ତାକୁ ଛୁଇଁ ଫେରିଯାଉଥାନ୍ତି ।

ଭାବନା ରାସ୍ତାରୁ ମନ୍ଦିରା ଫେରି ଆସିଲା ମୋବାଇଲ ରିଙ୍ଗ୍‌ରେ । ଅଜଣା ନମ୍ବରଟିଏ । ହାଲୋ, କହିବା କ୍ଷଣି ଚଢ଼ା ଗଳାରେ ସେପଟରୁ ଗାଳିବର୍ଷଣ । ଅଭିମାନ ଭରା ଅନେକକଥା । ଧଡ଼କିନା ବାଡ଼େଇ ହୋଇଗଲା- ମନ୍ଦିରା ଶୋଇବା ଘରର କବାଟ । ଚମକିପଡ଼ିଲା ମନ୍ଦିରା । ଆଖି ଲାଖିଗଲା ଦୁଆର ବନ୍ଧ ପାଖରେ । ଯଶୋଧାରା ! ନିଜ ଆଖିକୁ ବିଶ୍ୱାସ କରିପାରିଲାନି ମନ୍ଦିରା । ଯଶୋଧାରା କହିଲା, ଆରେ ଚାହିଁଛୁ କ'ଣ ? ମୁଁ ଯଶୋଧାରାର ଭୂତ ନୁହେଁ । ତୁ ସିନା ଭୁଲିଗଲୁ । ମଉସା ଭୁଲି ନାହାଁନ୍ତି । ମେଳାରେ ଦେଖି ଚିହ୍ନିନେଲେ । ତୁ ଆସିଛୁ ବୋଲି କହିଲେ । ସାଥୀରେ ନେଇ

ଆସିଲେ ତୋ ସହ ଦେଖା କରିବାକୁ । ମୋ ସ୍ୱାମୀ ଶାନ୍ତନୁଙ୍କ ମାମୁଁ ଘର ଏଇ ଭଦ୍ରକ । ଆମେ ପ୍ରତିବର୍ଷ କାଳୀପୂଜା ମେଳା ଦେଖିବାକୁ ଆସିଥାଉ । ତୋ ଘର ଏଇଟି ଏ' କଥା କେବେ ମୋ ମନକୁ ଆସି ନ ଥିଲା ।

ଖଟ ଉପରୁ ଧାଇଁଯାଇ ଯଶୋଧାରାକୁ ଜାବୋଡ଼ି ଧରିଲା ମନ୍ଦିରା । ଦୁହିଁଙ୍କ ଆଖିପତା ଓଦା ହେଲା । ଲୁହର ରଙ୍ଗ ତ ଏକା, କିଏ ଚିହ୍ନିବ ଏତେ ବର୍ଷପରେ ସୁଖର ଲୁହ କି ଦୁଃଖର ଲୁହ । ଯଶୋଧାରା ସାଧାରଣତଃ ପ୍ରାୟ ଗମ୍ଭୀର ରୁହେ । ତା' ଗମ୍ଭୀର ବ୍ୟକ୍ତିତ୍ୱର ଅନ୍ତଃସ୍ଥଳରୁ ଲୁହଗୁଡ଼ାକ ବୋହି ଆସୁଥାଏ । ମନ୍ଦିରା କୋହକୁ ଚାପି କହିଲା, "ମା' କାଳୀଙ୍କ ଆଶୀର୍ବାଦରୁ ଏତେ ଦିନ ପରେ ଆମେ ଦୁହେଁ ଭେଟ ହେଲେ । ଏମିତି ଦିନଟିଏ ଆସିବ ମୁଁ କେବେ କଳ୍ପନା କରି ନ ଥିଲି । ତୁ ଗୋଟେ ମିନିଟ୍ ବସ । ମୁଁ କଫି କରି ଆଣେ ମନଭରି ଗପିବା ।"

ମନ୍ଦିରା ଚାଲିଗଲା । ଯଶୋଧାରା ଆଖି ପହଁରେଇ ଆଣିଲା ଘର ଭିତରେ । ନଜର ପଡ଼ିଲା ବିଛଣା ପାଖରେ ଥିବା ଆଲବମ୍ ଉପରେ । ଦୁଇଜଣଙ୍କ କଲେଜ ବେଳର କିଛି ଫଟୋ ସାଇତା ଥିଲା ଆଲବମ୍‌ରେ । ଲୁଚିଥିବା ଅତୀତର ଅନ୍ତରଙ୍ଗ ମୁହୂର୍ତ୍ତଗୁଡ଼ିକ ସ୍ମୃତିର କାନଭାସ୍‌ରେ ପ୍ରତିଫଳିତ ହୋଇ ଉଠିଲେ । ଆଖି ଅଟକିଗଲା ମନ୍ଦିରାର ବାହାଘର ଫଟୋ ପାଖରେ । ବିଶ୍ୱାସ କରିପାରିଲାନି ନିଜ ଆଖିକୁ ।

ମନ୍ଦିରା ଆଉ ମନୀଷ୍ ପତି- ପତ୍ନୀ ? ଉଭେଇଗଲା ଖୁସିର ବିହ୍ୱଳଭାବ । ହତବାକ୍ ହୋଇ ସ୍ଥାଣୁବତ୍ ବସି ରହିଥିଲା ଯଶେଧାରା । ତା' ମନର ମଣିଷ ମନୀଷର ପତ୍ନୀ ତାରି ଅନ୍ତରଙ୍ଗ ସାଥୀ ମନ୍ଦିରା ? ଜୀବନର ଆଦର୍ଶ ଭାବେ ଯାହାକୁ ଭଲ ପାଇ ମନ ସମର୍ପି ଦେଇଥିଲା, ସେ ମନ୍ଦିରାର ମନ ମନ୍ଦିରରେ ପୂଜା ପାଉଛନ୍ତି ? ଅମାନିଆ ଲୁହଗୁଡ଼ାକ ଜବରଦସ୍ତ ଆଖିରୁ ଉତୁରି ପଡ଼ିଲେ । ମନ୍ଦିରା ଆସିବା ପାଦ ଶବ୍ଦରେ ନିଜକୁ ସମ୍ଭାଳି ସହଜ କରିବାକୁ ଚେଷ୍ଟା କଲା ଯଶୋଧାରା ।

ମନ୍ଦିରା ପହଞ୍ଚି କହିଲା, ଦେଖିଲୁ ତ ମୋ ସ୍ୱାମୀଙ୍କୁ ? କାଠଗଡ଼ଟିଏ । କୌଣସି କଥାରେ ସ୍ପୃହା ନାହିଁ । ସତେ ଯେମିତି ମୋତେ ବିବାହ କରିବା ଆଗରୁ ସେ ସନ୍ନ୍ୟାସ ନେଇଛନ୍ତି । ମୋର ଟିକେ ଟିକେ କଥାରେ ଚିଡ଼ି ଉଠନ୍ତି । ଅନ୍ୟମାନଙ୍କ ଆଗରେ ମୋତେ ପ୍ରଶଂସା କରନ୍ତି । ଏମିତି ଅଜବ ନିରସ ମଣିଷଟିଏ ମୋ ଭାଗ୍ୟରେ ଜୁଟିଛନ୍ତି- ମନୀଷ ମହାନ୍ତି ।

ଯଶୋଧାରା ଛାତି ଭିତରେ ପୁଣି ଥରେ ଜୋର୍ କରି କଣ୍ଟାଟିଏ ଫୁଟିଗଲା । ଅଦୃଶ୍ୟରେ ଝରିପଡ଼ିଲା ଲହୁ । କହିଲା, ତୋର ସେ ନଖରା କଥା ଛାଡ଼ । ଏତେ ଗୁଣବତୀ ପତ୍ନୀ ପାଇ କିଏ କେବେ ଏମିତି ନିଷ୍ଠୁର ହୋଇପାରେନା । ମନୀଷ ତ କେବେ ବି ନୁହେଁ । ମନ୍ଦିରା ହସି ହସି କହିଲା, ଯେମିତି ଲାଗୁଛି ମନୀଷଙ୍କୁ ତୁ ମୋ ଠୁ ବେଶୀ ଜାଣିଛୁ । ଯଶୋଧାରା କଥାର ମୋଡ଼ ବଦଳେଇ କହିଲା, ସତରେ ତୁ ବଡ଼ ଭାଗ୍ୟବତୀ ମନ୍ଦିରା କଥା ଛଡ଼େଇ କହିଲା, ତୁ କ'ଣ ଶାନ୍ତନୁଙ୍କୁ ଜୀବନସାଥୀ ରୂପେ ଖୁସି ନାହୁଁ ?

ମନ୍ଦିରା ପ୍ରଶ୍ନରେ ଯଶୋଧାରା ଓଠରେ ଧାରେ ଶୁଖିଲା ହସ ଖେଳେଇ କହିଲା, ହଁ ଦଶଦିଗପାଳଙ୍କୁ ସାକ୍ଷୀ ରଖି ହୋମାଗ୍ନି ସମ୍ମୁଖରେ ଶପଥ ଯେତେବେଳେ କରିଛନ୍ତି କର୍ତ୍ତବ୍ୟ ନିଭାଇବାକୁ ତ ପଡ଼ିବ । ଦୁଇ ପରିବାର ସହମତିରେ ବିବାହ ହୋଇଛି । ପତି ସିନା କହନ୍ତି- ତୁମେ ମୋ ଜୀବନର ସବୁକିଛି । ମୋ ଜୀବନ ତୁମ ଦ୍ୱାରା ପରିପୂର୍ଣ୍ଣ । ତୁମକୁ ଛାଡ଼ି ମୋ ସ୍ଥିତି ଅସମ୍ଭବ । ଆମେ ଦୁହେଁ ମିଶି ଗଢ଼ିବା ଏକ ନୂଆ ଦୁନିଆ । ହେଲେ କିଏ କିଏ କାମରେ ଲଗାଇପାରେ ?

- ଜାଣିଲୁ ମନ୍ଦିରା, ଯୌବନରେ ପ୍ରେମ ଅନ୍ଧ କରିଦିଏ । ସମସ୍ତେ କେବେ କେମିତି ଅନ୍ଧ ହୋଇଥାନ୍ତି । ଏ' ଯଶୋଧାରା ବି ଦିନେ ସେଇ ପ୍ରେମରେ ଅନ୍ଧ ହୋଇଯାଇଥିଲା । କେମିତି କେତେବେଳେ ପଡ଼ିଗଲା ପ୍ରେମରେ ତାକୁ ଜଣା ନ ଥିଲା । ମାମୁଁଘର ଗାଁରେ ଦୁହେଁ ଦୁହିଁଙ୍କୁ ଭେଟିଥିଲୁ । ସେଇଠୁ ଶିଖିଥିଲି ଜୀବନର ମାନେ କ'ଣ ? କେମିତି ଜୀଇଁବାକୁ ହୁଏ ଜୀବନ । ମୋ ଆଖିରେ ସେ ଭରିଥିଲେ ପୁଳାପୁଳା ସ୍ୱପ୍ନ । ମନ ମନ ମିଶିଥିଲା । ହେଲେ, ସହରର ଉଚ୍ଚଶିକ୍ଷା ପାଇଁ ସେ ଦୂରେଇ ଯାଇଥିଲେ । ପ୍ରତିଶ୍ରୁତି ଦେଇଥିଲେ ବିଶ୍ୱାସ ରଖିବାକୁ ।

ଯଶୋଧାରା ଆଖିରେ ଛଳଛଳ ଲୁହ । ଟିକିଏ ଅଟକି ଯାଇ ଓଠ ପିଇଯାଉଥିବା ଲୁହକୁ ଅଟକାଇ କହିଲା, ଅନ୍ଧାର ଭିତରେ ଲୁଚି ଲୁଚି ଦୁହେଁ ସ୍ୱପ୍ନ ଦେଖିଥିଲୁ । ଆସନ୍ତା କାଲିକୁ ମଧୁମୟ କରିବାକୁ ସଜାଡ଼ିଥିଲୁ ଅନେକ ଆଶା ଆଉ ଭରସା । ସହରରୁ ଦେଇଥିବା ମୋ ପାଖକୁ ଚିଠିଟିଏ ମାଇଁଙ୍କ ହାତକୁ ଆସିଥିଲା । ମାଇଁ କଥା ଉଡ଼େଇ ଦେଲେ ବୋଉ କାନକୁ ହଜାରେ କଥା ବନେଇ । ମୁଁ ହଷ୍ଟେଲରେ ରହିଲି । ସେ ଚାକିରୀ କଲେ । ପ୍ରତିଶ୍ରୁତି ରଖିପାରିଲେନି । ତାଙ୍କ ଘରେ ଅଶାନ୍ତିର ଝଡ଼ ଉଠିଲା

ଜାତିପ୍ରଥାକୁ ନେଇ । ଗୋଟେ ଅଧାଗଢ଼ା କାହାଣୀର ମୃତ୍ୟୁ ହେଲା । ଶେଷଥର ଚିଠିରେ ଲେଖିଥିଲେ ମୋତେ ଭୁଲିଯାଅ । ଗୋଟେ ନୂଆ ବାଟକୁ ଆପଣେଇବାକୁ ଚେଷ୍ଟାକର । ତା'ପରେ ସେ ହୋଇଗଲେ ମୋ ପାଇଁ ଅଚିହ୍ନା ବାଟୋଇ । ସେ ସିନା ସହଜରେ କହିଦେଲେ । ମୋ ପାଇଁ ଥିଲା ତାହା ଗୋଟେ ପରୀକ୍ଷା । ମୁଁ ପାଲଟିଗଲି ଏକ ଶିଉଳି ମାଡ଼ି ଯାଇଥିବା ଗୋଟେ ପଥର । ମୋ ସ୍ୱପ୍ନର ବାଇ ଚଢ଼େଇ ବସା ଭାଙ୍ଗି ପଡ଼ିଲା । ତାପରେ ମୋର ବାହାଘର । ଅଚିହ୍ନା ଅଜଣା ଲୋକ ଶାନ୍ତନୁ ହେଲେ ମୋ ଆଦର୍ଶ ସ୍ୱାମୀ । ଆଦର୍ଶ ସ୍ୱାମୀଙ୍କ ଆଦର୍ଶ ପଥରେ ମୁଁ ଚାଲି ଚାଲି ଥକିଗଲିଣି । ତାଙ୍କୁ ନେଇ ପରମ ସନ୍ତୋଷ ମୋ ବାପା ମା' ମୋ ପରିବାର । ହେଲେ, କେହି କେବେ ବୁଝନ୍ତିନି ମୋ ମନ ତଳର ବ୍ୟଥାକୁ ।

ମନ୍ଦିରାର ଉତ୍କଣ୍ଠା ବଢୁଥାଏ । ଯଶୋଧାରା ଆଜି ତା ମନ ତଳର ଅବ୍ୟକ୍ତ ଯନ୍ତ୍ରଣାକୁ ଖୋଲିଦେଇଛି । ଛାତିର କୋହକୁ ଚାପି କହିଲା ଯଶୋଧାରା, ମୋ ଜୀବନର ଅବ୍ୟକ୍ତ ଯନ୍ତ୍ରଣା କେବେ ଦୂର ହେବନି । ଶାନ୍ତନୁ ମୋ ଜୀବନରେ ଆସିବା ପରେ ତାହା ପ୍ରମାଣିତ ହୋଇଛି ।

ଘରଟାଯାକ ଛାଇ ଯାଇଥାଏ ନୀରବତା । ଯଶୋଧାରା ସାମ୍ନାରେ ମନ୍ଦିରା ଆଉ ମନୀଷର ବିବାହ ଫଟୋ । ଯଶୋଧାରାର ଦୃଷ୍ଟି ସ୍ଥିର ହେଇଗଲା ମନୀଷର ଫଟୋ ଉପରେ ।

- କାନରେ ଗୁଂଜରିତ ହେଲା, ଏ' କେମିତିକା ଜୀବନ ତୁମେ ଜୀଉଁଛ ଯଶୁ ? ଏ ଯାଏ ଶିଖିପାରିଲନି କେମିତି ଜୀଇଁବାକୁ ହୁଏ ବୟସର ପ୍ରତିଟି ପାଖୁଡ଼ା ଶାନ୍ତନୁ ପାଖରେ ତୁମେ ଅଚିହ୍ନା ହୋଇ ରହିଗଲ ? ଶିଖିପାରିଲନି ଥଣ୍ଟା ଗଛରେ କେମିତି ଫୁଲ ଫୁଟିବ । ଶିଖିପାରିଲନି କୌଶଳ କେମିତି ଗଛସାରା ଖୁନ୍ଦିଯିବ ଫୁଲ ଆଉ ଫଳ । ତୁମେ ଶାନ୍ତନୁଙ୍କ ପଥୁରିଆ ହୃଦୟକୁ ଉଖାରି ପ୍ରେମର ମଂଜି ବୁଣିଦିଅ । ଦେଖିବ ତୁମ ଦାମ୍ପତ୍ୟରେ ଭରିଯିବ ପ୍ରେମ- ପ୍ରୀତିର ପୀୟୂଷର ଧାରା । ସାରା ଦୁନିଆ ତୁମକୁ ସୁନ୍ଦର ଆଉ ସବୁଜ ଦିଶିବ ।

ଭାବବିହ୍ୱଳ ହେଇ ଉଠିଲା ଯଶୋଧାରା । ପ୍ରଳାପ କରି ଉଠିଲା ତୁମେ ଠିକ୍ କହୁଛ ମନୀଷ । ଏହା ମୋର ଦୁର୍ଭାଗ୍ୟ । ଏ ଯାଏ ମୁଁ ଏହି ନିରାଟ ସତ୍ୟକୁ ସ୍ୱୀକାର କରିପାରିନାହିଁ । ଯାହାକି ବାସ୍ତବ । ରୁଦ୍ଧ ହେଇ ଆସୁଥାଏ ଯଶୋଧାରାର କଣ୍ଠ ।

ମନ୍ଦିରା ହତବାକ୍ । କିଏ ମନୀଷ ? ଯଶୋଧାରା କେଉଁ ମନୀଷ ସହ ମନକୁ ମନ କଥା ହେଉଛି ଆଉ ଖୋଲା ପଡ଼ିଛି ମନ୍ଦିରା ଆଉ ମନୀଷର ବିବାହ ଆଲବମ୍ ।

ଯଶୋଧାରା ମନତଳ ଅନ୍ଧାରରେ ଲୁଚିଥିବା ଅବ୍ୟକ୍ତ ଯନ୍ତ୍ରଣା ଲୁହର ନଈ ପାଲଟିଛି । ଏତେଦିନ ପରେ ଯଶୋଧାରା ଅନ୍ଧାରର ରହସ୍ୟ ଖୋଲିଛି ଦୁଃଖରେ ବିଳାପ କରି ।

ସେଥିପ୍ରତି ତାର ନଜର ନାହିଁ । ସେ ଅଛି ତା ନିଜସ୍ୱ ଜଗତରେ ।

ମନ୍ଦିରା ଫସିଯାଇଛି ଅନେକ ପ୍ରଶ୍ନର ଚକ୍ରବ୍ୟୁହରେ । ତା ପ୍ରଶ୍ନିଳ ଚାହାଣୀ ବେଢ଼ିଯାଇଛି ଯଶୋଧାରାକୁ । କ'ଣ ଗୋଟିଏ ପଚାରିବାକୁ ଚାହିଁବି ପଚାରି ପାରୁ ନ ଥାଏ । ଗୋଟାଏ ଅଜଣା କମ୍ପନ ଖେଳି ଯାଉଥାଏ ଭିତରେ ଭିତରେ ।

- ତା' ଗୁମ୍‌ସୁମ୍ ଦାମ୍ପତ୍ୟରେ ଯୋଡ଼ି ହୋଇଯାଇଥାଏ ଆଉ ଗୋଟିଏ ଅଲେଖା ପୃଷ୍ଠା ।

ଚରମ୍ପା, ଭଦ୍ରକ
ମୋ: ୯୮୬୧୩୯୦୨୫୯

❑❑❑

ଭାବେ ଡାକିଥିଲେ ବନ୍ଧୁ ମହାନ୍ତି

● ଶକୁନ୍ତଳା ନାୟକ

ଯୁଗେ ଯୁଗେ ଭଗବାନ ଭକ୍ତ ପାଇଁ ବ୍ୟାକୁଳ । ଭକ୍ତଟି ମଣିଷ ହେଉ ବା ପଶୁପକ୍ଷୀଟିଏ ହେଉ; ଯଦି ସେ ମନ ଓ ହୃଦୟଭରି ତା'ର ପ୍ରଭୁଙ୍କୁ ବିପଦ ସମୟରେ ଡାକିଥାଏ, ଯେତେ ଦୂରରେ ଥିଲେ ମଧ୍ୟ ତତ୍‌କ୍ଷଣାତ୍ ପ୍ରଭୁ ତାକୁ ଉଦ୍ଧାର କରିବାକୁ ତତ୍ପର ହୋଇ ଉଠିଥାନ୍ତି । ଏହା ଆମେ ଜାଣିଛେ । କୁରୁସଭା ସ୍ଥଳରେ ଦ୍ରୌପଦୀଙ୍କୁ କୌରବଗଣ ବସ୍ତ୍ରହୀନ କରୁଥିବା ସମୟରେ ପ୍ରଭୁ କୋଟିବସ୍ତ୍ର ପ୍ରଦାନ କରିଥିବାର ଶୁଣିଛେ । ଦାଶିଆ ବାଉରୀ ହାତରୁ ନଡ଼ିଆ ଗ୍ରହଣ କରି "ପ୍ରଭୁ ! ଯେ ଭକ୍ତର" ବୋଲି ପ୍ରମାଣ ଦେଇଛନ୍ତି । ବଳରାମ ଦାସର ବାଲିରଥରେ ଯାଇ ମଧ୍ୟ ବସିଛନ୍ତି । ଭକ୍ତ ପ୍ରହ୍ଲାଦର ରକ୍ଷାପାଇଁ ନୃସିଂହ ଅବତାରରେ ପ୍ରଭୁ ସ୍ତମ୍ଭରୁ ବାହାରି ହିରଣ୍ୟ କଶ୍ୟପୁର ବକ୍ଷ ବିଦାରଣ କରିଛନ୍ତି । ପ୍ରଭୁ ମଧ୍ୟ ନିଘଂଚ ବନରେ ପଶୁ ମୃଗୁଣୀକୁ କୃପାଦୃଷ୍ଟିରେ ଉଦ୍ଧାର କରିବା ସହିତ ଘୋର ଜଳରେ ହସ୍ତୀର ଆରତ ଡାକରେ ମଧ୍ୟ ଚକ୍ରପେଷଣ ଦ୍ୱାରା କୁମ୍ଭୀରର ପ୍ରାଣ ନାଶ କରିଅଛନ୍ତି । ଧନ୍ୟ ସେ ପ୍ରଭୁ ! ଧନ୍ୟ ତାଙ୍କର ଭକ୍ତ ପ୍ରତି ଅପାର ମମତା !

ଆଜି ଆମେ ସେପରି ଆଉ ଏକ ଭକ୍ତ ଦିବ୍ୟସିଂହ ମହାପାତ୍ରଙ୍କର ଭାବର କାହାଣୀ ବିଷୟରେ ଜାଣିବା । ଆଜକୁ ପ୍ରାୟ ୬୦୦ ବର୍ଷ ପୂର୍ବର ଘଟଣା । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଯାଜପୁର ଠାରୁ ୩୦୦ କି.ମି. ଦୂରରେ ବୈତରଣୀ କୂଳରେ ଦତ୍ତପୁର ବୋଲି ଗ୍ରାମଟିଏ ଥିଲା । ସେଠାରେ ଦିବ୍ୟସିଂହ ମହାପାତ୍ର ନିଜର କର୍ମଜୀବନ ଅତିବାହିତ କରୁଥିଲେ । କେତେକ ପୁରୁଣାଗ୍ରନ୍ଥ ସେ ଖୋର୍ଦ୍ଧାଗଡ଼ ରାଜପରିବାର ବଂଶଜ ବୋଲି ମତଦିଅନ୍ତି । ତାଙ୍କର ପିତାଙ୍କ ନାମ - ଶ୍ୟାମସୁନ୍ଦର ହରିଚନ୍ଦନ ମହାପାତ୍ର ଓ ମାତାଙ୍କ ନାମ ଅପର୍ତ୍ତୀଦେବୀ ଥିଲା । ପ୍ରଥମେ ସେମାନଙ୍କର ବାସସ୍ଥାନ ଯାଜପୁର ନିକଟରେ ଯୋଗେଶ୍ୱରରେ ଥିଲା ଓ ପରେ ସେମାନେ ଦତ୍ତପୁରକୁ ଚାଲି ଆସିଥିଲେ । ତାଙ୍କ ପତ୍ନୀଙ୍କ ନାମ ମାଳତୀ ଦେବୀ । ଏକମାତ୍ର ପୁତ୍ର ଶ୍ୟାମସୁନ୍ଦର ଓ ଦୁଇକନ୍ୟା ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ତାଙ୍କ ପରିବାର ଥିଲା ।

କିନ୍ତୁ ଦିବ୍ୟସିଂହ ସଂସାର କଥା ଯେତିକି ଭାବୁଥିଲେ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ସେତିକି ରହିଥିଲା । ବେଳେବେଳେ ସେ ତାଙ୍କ ସେବାରେ ଏପରି ମଜ୍ଜି ଯାଉଥିଲେ ଯେ ଘରଲୋକ ତାଙ୍କୁ ପୂଜା ସମୟରେ ନିର୍ଜୀବ ପରି ରହିଥିବାର ଲକ୍ଷ୍ୟ କରୁଥିଲେ । ଏହା ତାଙ୍କରି "ପ୍ରଭୁଭକ୍ତି"; କେତେକ ଅନୁମାନ କରୁଥିଲେ ।

ଥରେ ସେ ଅଞ୍ଚଳରେ ଖାଦ୍ୟର ବହୁ ଅଭାବ ପଡ଼ିଲା । ବିଲରେ ବର୍ଷା ଆଦୌ ହେଲାନି । ସ୍ୱଳ୍প ବର୍ଷାରେ ଯେଉଁ ଗଛ ଉଠିଥିଲା ତାହା କ୍ରମଶଃ ପୋଡ଼ି ଜଳିଗଲା । ଲୋକମାନେ ଖାଦ୍ୟ ଅଭାବଜନିତ କଷ୍ଟ ପାଇଲେ । ସେ ଅଞ୍ଚଳରେ ଦୁର୍ଭିକ୍ଷ ପଡିଲା ବୋଲି ଅନୁମାନ ହେଲା । ଦିବ୍ୟସିଂହଙ୍କ ପରିବାର ଭୋକରେ ଆଉଟୁ ପାଉଟୁ ହେଲେ । ଦିନେ ଦୁଇ ଦିନଗଲା, ଶେଷରେ ପତ୍ନୀଙ୍କ ଅନୁରୋଧରେ ଦିବ୍ୟସିଂହ ଏକମାତ୍ର ବଂଧୁ ନୀଳକନ୍ଦରର ଶ୍ରୀଜଗନ୍ନାଥଙ୍କ ନିକଟକୁ ସମସ୍ତ ପିଲାପିଲିଙ୍କୁ ନେଇ ବାହାରିଲେ । ଯାହାର ରୋଷଘରେ ଦିନକୁ ଷାଠିଏ ପଉଟିର ରାନ୍ଧଣା ହେଉଛି, ସେଇଠି ପିଲାପିଲି କିଛିଦିନ ଚଳିଯିବେ ଭାବି ବଡ଼ଦାଣ୍ଡର ବଡ଼ ଦେଉଳରେ ପହଞ୍ଚିଲେ ପାଦରେ ଚାଲି ଚାଲି ଯାଇ ବହୁକଷ୍ଟରେ ପହଞ୍ଚିବା ବେଳକୁ ବହୁତ ରାତି ହୋଇଯାଇଥିଲା । ବଡ଼ ଦାଣ୍ଡର ଗହଳି କ୍ରମେ କମି ଯାଇଥିଲା । ବଡ଼ଠାକୁର ତ ସେ ଶୋଇପଡ଼ିବେଣି, ଦିବ୍ୟସିଂହ ଆସନ୍ତାକାଲି ସକାଳେ ତାଙ୍କୁ ଭେଟ କରିବେ ଭାବି ମନକଥା ଜଣାଇ ସିଂହଦ୍ୱାର ନିକଟରେ ସମସ୍ତେ ନିଦ୍ରାଗଲେ ।

କିଛିଦିନ ଧରି ପରିବାର ଉପାସରେ, ସ୍ତ୍ରୀ- ମାଳତୀଙ୍କ ଆଖିକୁ ନିଦ ନାହିଁ । ପିଲାମାନଙ୍କର ଉପାସରେ ଯନ୍ତ୍ରଣାଜନିତ ଅନିଦ୍ରା ଦେଖି ସେ ଚିନ୍ତାରେ ତାତ୍ସଲ୍ୟ ଭାବ ପ୍ରକାଶ କରୁଥାଆନ୍ତି । ପାଟିରୁ ବାହାରି ଆସୁଥାଏ "ଯେ କେମିତିକା ବଂଧୁ ?" ସ୍ୱାମୀଙ୍କ କଥା କ'ଣ କହିବା ! ସେ ପଥଶ୍ରମ ଥକ୍କାରେ ବିଚଳିତ, ପୁନଃ ଉପବାସ । ନିକଟରେ ଭୋକିଲା - ପରିବାର । ସବୁଗୁଡ଼ିକ କଷ୍ଟକୁ ସହି ନ ପାରି ସେ ସେହି ପରମ କାରୁଣିକଙ୍କ ଉଦ୍ଦେଶ୍ୟରେ ହାତ ଟେକିଦେଲେ । ହଠାତ୍ ତାଙ୍କୁ ନିଦ ଆସିଗଲା । କିନ୍ତୁ କିଛି ସମୟ ଅନ୍ତେ ବିଭିନ୍ନ ଦିବ୍ୟ ଅନ୍ନବ୍ୟଞ୍ଜନ, କ୍ଷୀରି, ମହୁର, ଶାକର ଇତ୍ୟାଦି ଏକ ରତ୍ନଥାଳିରେ ଧରି ଜଣେ ସେବାୟତ ତାଙ୍କ ପାଖରେ ଆସି ପହଞ୍ଚିଲେ ଦେହରେ ହାତମାରି ତାଙ୍କୁ ନିଦରୁ ଉଠାଇଲେ । ଦିବ୍ୟସିଂହ କାହାର କର ସ୍ପର୍ଶରେ ହଠାତ୍

ଉଠିପଡ଼ିଲେ । ସାମନାରେ ଜଣେ ସେବାୟତଙ୍କୁ ଦେଖି ସେ ଆଶ୍ଚର୍ଯ୍ୟ ହେଲେ । ଏହା କେବଳ ବଂଧୁଙ୍କର ମହିମା ବୋଲି ଦୃଢ଼ କରିଦେଲେ । ସକାଳ ହେଲା, ପଣ୍ଡାମାନଙ୍କ ଡାକରେ ସମସ୍ତ ଉଠିଲେ । କିନ୍ତୁ ଦିବ୍ୟସିଂହଙ୍କ ମୁଣ୍ଡତଳେ ଏକ ରତ୍ନଥାଳି ଦେଖି ସମସ୍ତେ ତାଙ୍କୁ ଚୋର ବୋଲି ସନ୍ଦେହ କଲେ । ଅନେକ ମାଡ଼ ମାରିଲେ । ଶେଷରେ ପିଲାପିଲିଙ୍କ ସହ ତାଙ୍କୁ ନେଇ ତତ୍କାଳୀନ ରାଜା ପ୍ରତାପରୁଦ୍ରଦେବଙ୍କ ବନ୍ଦୀଶାଳାରେ ବନ୍ଦୀ କରି ରଖିଲେ । ସବୁ କାର୍ଯ୍ୟ ଯନ୍ତ୍ରବତ୍ ଚାଲିଯାଉଥିଲା ଆଉ ଦିବ୍ୟସିଂହ ସେହି ପ୍ରଭୁଙ୍କୁ ଏକ ଲୟରେ ଚାହିଁ ରହି କେବଳ ଡାକି ଚାଲୁଛନ୍ତି । ସକାଳ ଯାଇ ସଞ୍ଜ ହେଲା । ପରିବାର ସେମିତି ଉପାସରେ ବନ୍ଦୀଶାଳାରେ । କିଛି ସମୟ ପରେ ରାତି ହେଲା । ସମସ୍ତେ ନିଜ ନିଜ ସ୍ଥାନରେ କାର୍ଯ୍ୟ ସାରି ନିଦ୍ରା ଗଲେ । ରାଜା ଗଭୀର ନିଦ୍ରାରେ ମଗ୍ନ । ପ୍ରଭୁ ଜଗତନାଥ ଦିବ୍ୟସିଂହଙ୍କୁ ଶୀଘ୍ର ମୁକ୍ତିଦେବାକୁ ସ୍ୱପ୍ନାଦେଶ ହେଲେ ।

ସ୍ତ୍ରୀ- ମାଳତୀ ଦେବୀ ଏହା ସ୍ୱାମୀଙ୍କର ବନ୍ଧୁଙ୍କର ଯେ ଏକ ଅଲୌକିକ ଲୀଳା ଅଙ୍ଗେ ଅଙ୍ଗେ ଅନୁଭବ କଲେ । ପୁନଃ ରାଜା ପ୍ରତାପରୁଦ୍ର ଦେବ ଦକ୍ଷିଣଦ୍ୱାର ନିକଟରେ ଏକ ସ୍ଥାୟୀ ଗୃହ ନିର୍ମାଣ କରାଇ ଦେଲେ ଓ ପ୍ରତିଦିନ ରତ୍ନଥାଳିରେ ସ୍ୱାମୀ ଦିବ୍ୟସିଂହଙ୍କ ପାଖକୁ ଖାଦ୍ୟ ଦେବାର ବ୍ୟବସ୍ଥା କରାଇଲେ । ସେହିଦିନ ଠାରୁ ବଂଧୁ ଦିବ୍ୟସିଂହ ମହାପାତ୍ର ପ୍ରତିଦିନ ଭକ୍ତ ସମୂହଙ୍କର ପାଦଧୂଳିକୁ ସାଉଁଟିବା କାର୍ଯ୍ୟ ତୁଲାଉଥିଲେ ଓ ସେହିଦିନ ଠାରୁ ସେ ବନ୍ଧୁ ମହାନ୍ତି ନାମରେ ଖ୍ୟାତ ହେଲେ ।

ପୂର୍ବ ତଥ୍ୟାନୁଯାୟୀ ବନ୍ଧୁ ମହାନ୍ତି ଶ୍ରୀକ୍ଷେତ୍ରରୁ ରାଧାମାଧବଙ୍କ ମୂର୍ତ୍ତି ଆଣି ଦତ୍ତପୁରରେ ରଖିଥିଲେ । ଦତ୍ତପୁର ଗ୍ରାମ ଶ୍ରୀଶ୍ରୀ ରାଧାମାଧବ ଜୀଉ ପୀଠସ୍ଥଳୀ ଭାବରେ ପରିଚିତ ହେଲା । ବର୍ତ୍ତମାନ ଦତ୍ତପୁର ଏବଂ ଏହାର ଆଖପାଖ ୫୦ଖଣ୍ଡ ଗ୍ରାମରେ ରାଧାମାଧବ ଗୋପୀନାଥ ଜୀଉ ଭାବରେ ପରିଚିତ । ଦତ୍ତପୁରକୁ ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ମିଳିଛି । ବନ୍ଧୁମହାନ୍ତିଙ୍କ ସ୍ମାରକୀ ପାଇଁ ଗ୍ରାମବାସୀ ଓ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାର ପ୍ରୟାସ ଜାରି ରଖିଛନ୍ତି ।

ସାମରାଇପୁର, ପ୍ରାଚୀନଗର, ଭଦ୍ରକ

❑❑❑

ଆଜି ଯିଏ ବସିଛି ରାଜ ସିଂହାସନେ କାଲି ସିଏ ଦାଣ୍ଡର ଭିକାରୀ

● ଜନ୍ମେଜୟ ବାବୁ

ଜନଗହଳି ପୂର୍ଣ୍ଣ ସହରର ରାସ୍ତାରେ ଯାଉଁ ଯାଉଁ ହଠାତ୍ ବିକାଶ ବ୍ରେକ୍ ଦେଇ ନିଜର କାର୍‌କୁ ଅଟକାଇ ଦେଲା । ବିକାଶ ନିଜର କାର୍‌ରୁ ହଠାତ୍ କାହିଁକି ଏମିତି ଅଟକାଇ ଦେଲା, ସେଥିର ବି କାରଣ ଅଛି । ସମ୍ମୁଖରେ ସେ ଦେଖୁଥିଲା, ଜଣେ ବ୍ୟକ୍ତିକୁ । ବ୍ୟକ୍ତିଜଣକ ବୋଧହୁଏ ଭିକାରୀଟିଏ । ଭିକାରୀଟି ମୁଣ୍ଡଟି ନୁଖୁରା - ଅନେକ ଦିନରୁ ତା'ର ମୁଣ୍ଡ ବାଳରେ ତେଲ ବାଜି ନାହିଁ । ସେଥିପାଇଁ ତା' ମୁଣ୍ଡର ବାଳତକ କହରା ହୋଇଯାଇଥିଲା । ଭିକାରୀଟି ପିନ୍ଧିଥାଏ, ଗୋଟେ ଛୋଟିଆ ବସ୍ତ୍ରର ଧୋତି, ମୁଁ ସେହି ଛୋଟିଆ ବସ୍ତ୍ରକୁ ଧୋତି କହୁଛି । ଯେହେତୁ ଭିକାରୀଟି ଅଣ୍ଟାରୁ ଜଙ୍ଘଯାଏଁ ସେହି ଛୋଟିଆ ବସ୍ତ୍ରକୁ ଧୋତି ପିନ୍ଧିଲା ପରି ପିନ୍ଧିଛି ବୋଲି । ନ ହେଲେ, ସେହି ବସ୍ତ୍ରଟି ଯେ ତୁଚ୍ଛା ଗୋଟେ ବଡ଼ ଗାମୁଛା, ଏଥିରେ ସନ୍ଦେହର ଅବକାଶ ନାହିଁ । ସେହି ବସ୍ତ୍ରଟି ଶେଷଥରପାଇଁ କେବେ ଧୂଆ ହୋଇଥିଲା, ସେଥିର ଗୋଟେ ସଠିକ୍ ତିଥି କହିବା ଏବେ ସମ୍ଭବପର ନୁହେଁ । ପୁନଶ୍ଚ, ସେହି ବସ୍ତ୍ରଟିରେ ପରସ୍ତ ପରସ୍ତ ହୋଇ ଏତେ ପରସ୍ତ ମଇଳା ଜମାଟ ବାନ୍ଧି ରହିଥିଲା ଯେ, ତା'ର ପ୍ରକୃତ ଅସ୍ତିତ୍ୱ କେବେ କେଉଁ ରଙ୍ଗଧାରଣ କରିଥିଲା, ସେଥିର ଗୋଟେ ଆନୁମାନିକ ଧାରଣା ଦେବା କେବଳ କଠିନ, ତାହା ନୁହେଁ କାଠିକର ପାଠ ବି । ଅବଶ୍ୟ ବାଜି ମାରି କୁହାଯାଇପାରେ - ସେହି ବସ୍ତ୍ରଟି ଖୁବ୍ ଦାମିକା । ଏହି ବିଷୟ ବି ସେହି ବସ୍ତ୍ରଟିର ଧଡ଼ିରେ ଅଙ୍କିତ ଶୈଳ୍ପିକ କାରୁକାର୍ଯ୍ୟରୁ ବେଶ୍ ସ୍ପଷ୍ଟ ଜଣା ପଡ଼ିଯାଉଥାଏ ।

ଭିକାରୀଟି ମୁଣ୍ଡରୁ ଅଣ୍ଟାଯାଏଁ ଓ ପୁଣି ଜଙ୍ଘରୁ ତଳି ପା' ଯାଏଁ ଲଙ୍ଗଳା ଥାଏ । ଅନ୍ୟ ଭିକାରୀଙ୍କ ପରି "ବାବା କିଛି ଦିଅ .. ଗରିବକୁ ପଇସାଏ ଦିଅ... ନିତ୍ୟ ନୈମିତ୍ତିକ ଶବ୍ଦପୁଞ୍ଜ ତା'ର ପାଟିରୁ ଶୁଣାଯାଉ ନ ଥିଲା । କେବଳ ତା'ର ଗୋଟେ ହସ୍ତ ସମ୍ମୁଖ ଭାଗରେ ପ୍ରସାରିତ ହୋଇ ରହିଥିଲା, କିଛି ମାଗିବା ଭଙ୍ଗୀରେ । ପ୍ରକୃତରେ ସେ ବି ଭିକ୍ଷା ମାଗୁଥିଲା, ନୀରବରେ । ଆଉ ତା'ର ପାଦ ଦି'ଟାକୁ ଧୀରେ ଧୀରେ

ପକାଉଥିଲା । କହିବାକୁ ଗଲେ, ଘୋଷାରି ଘୋଷାରି ସେ ତା'ର ପାଦ ଦି'ଟାକୁ ପକାଇ ଆଗକୁ ବଢ଼ିଯାଉଥିଲା ।"

ଭିକାରୀଟିର ପ୍ରସାରିତ ହସ୍ତରେ ଯାହାର ଇଚ୍ଛା ହେଲା, ସିଏ କିଛି ପଇସା ପକାଇ ଦେଇ ଚାଲିଯାଉଥିଲା ।

ଭିକାରୀଟି ସ୍ଥିର ଓ ନିଶ୍ଚଳ ଥିଲା । ଯେହେତୁ ସେ ସ୍ଥିର ଓ ନିଶ୍ଚଳ ଭାବରେ ଚାଲି ବି ଯାଉଥିଲା । ତାକୁ ଦେଖି ମନେ ହେଉଥିଲା - ସେ ଯେମିତି ଅନ୍ଧଟିଏ । ମାତ୍ର, ସେ ଅନ୍ଧ ନ ଥିଲା । ତା'ର ଆଖି ଯୋଡ଼ାକ କିନ୍ତୁ ସ୍ଥିର, ଅଚଞ୍ଚଳ ଓ ଅପଲକ ଭାବରେ ଏକ ମୁଖା ହୋଇ ରହିଥିଲେ । ଯାହାଫଳରେ ତା'ର ଚାଲି ଚଳଣିରେ ଗୋଟେ ଅନ୍ଧ ବ୍ୟକ୍ତିର ଚାଲିଚଳଣିର ମରୀଚିକା ସୃଷ୍ଟି ହେଉଥିଲା ।

ଭିକାରୀଟି କିଏ ତା'ର ନାଁ କ'ଣ, ସେ କେଉଁଠି ରହେ ଆଦି ପ୍ରଶ୍ନ ପଚାରିବାକୁ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କର ଯୁ ନ ଥିଲା । କାରଣ, ଏ' ଭଳିଆ ଭିକାରୀ ପ୍ରତିକ୍ଷଣରେ ଏ' ରାସ୍ତାରେ ଯାଉଛନ୍ତି, ଆସୁଛନ୍ତି । କିଏ କାହିଁକି ସାମାନ୍ୟ ଭିକାରୀଟିର ନାଁ, ଗାଁ ପଚାରି ନିଜର ସମୟ ବରବାଦ୍ କରିବାକୁ ଚାହିଁବ ?

ମାତ୍ର ଭିକାରୀଟିକୁ ଦେଖି ବିକାଶ କାହିଁକି ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ନିୟମକୁ ଭଙ୍ଗ କରି ହଠାତ୍ ବ୍ରେକ୍ ଦେଇ ନିଜର କାର୍‌ଟିକୁ ଅଟକାଇ ଦେଲା ?

ବିକାଶ ଏବେ ନିଜର କାର୍‌ଟିକୁ ଆଣି ରାସ୍ତାକଡ଼ରେ ରଖି ଦେଇଥିଲା । ଆଉ କାର୍‌ରୁ ଓହ୍ଲାଇ ସେହି ଅପରିଚିତ ଭିକାରୀଟିକୁ ଏକନିଷ୍ଠରେ ଦେଖୁଥାଏ ।

ଭିକାରୀଟି ପୂର୍ବପରି ସ୍ଥିର - ନିଶ୍ଚଳ ଭାବରେ ତା'ର ପାଦ ଦି'ଟାକୁ ଘୋଷାରି ଘୋଷାରି ରାସ୍ତା ଉପରେ ଚାଲିଯାଉଥାଏ ।

ବିକାଶ ବୋଧହୁଏ ମନେ ମନେ ଭିକାରୀଟିକୁ ଚିହ୍ନିବା ପାଇଁ ପ୍ରୟାସ କରୁଥାଏ, ଭିକାରୀଟିକୁ କେଉଁଠି ଦେଖିଛି । ମାତ୍ର, କେଉଁଠି ଦେଖିଛି, ସେହିଟାକୁ ଠଉରାଇ ପାରୁ ନ ଥାଏ । ଭିକାରୀଟି ଯେ ନିଜର ଜଣେ ପରିଚିତ ବ୍ୟକ୍ତି, ଏହା ସେ ହଲପ୍ କରି କହିପାରେ ।

ହଠାତ୍ ତା'ର ମସ୍ତିଷ୍କରେ ଗୋଟେ ପ୍ରତିବିମ୍ବ ଉଙ୍କି ଉଠିଲା । କିନ୍ତୁ, ଯେଉଁ ବ୍ୟକ୍ତିର ପ୍ରତିବିମ୍ବ ତା'ର ମସ୍ତିଷ୍କରେ ପ୍ରତିଫଳିତ ହେଲା, ସିଏ ଯେ ଏଇ ଭିକାରୀ ହୋଇଥିବ, ଏହାକୁ ସେ ବିଶ୍ୱାସ କରିପାରିଲା ନାହିଁ ।

ତେଣୁ, ସେ ଭିକାରୀଟିକୁ ଗଭୀର ନିଷ୍ଠାର ସହିତ ନିରେଖିବାରେ ଲାଗିଲା, ଯେପରି ଗୋଟେ ଚିତ୍ରକର ତା'ର ଅନନ୍ୟ କୃତିକୁ ନିରେଖେ । ତା'ର ଧାରଣା ଥିଲା, ସେ ଯେଉଁ ବ୍ୟକ୍ତିଙ୍କ ବିଷୟରେ ଭାବୁଛି, ସେହି ବ୍ୟକ୍ତି ଯଦି ଏଇ ଭିକାରୀ ହୋଇଥାନ୍ତି, ତେବେ ନିଶ୍ଚିତ ଭାବରେ ତାଙ୍କ ମୁଖରେ ଗୋଟେ ଗଭୀର କଟା କ୍ଷତ ଚିହ୍ନ ମହଜୁଦ ରହିଥିବ ।

ଭିକାରୀଟିର ମୁଖରେ କ୍ଷତ ଚିହ୍ନଟିଏ ଅଛି କି ନାହିଁ, ବିକାଶ ବାରିବାରେ ଲାଗିଗଲା । ତେବେ ଭିକାରୀଟିର ମୁଖ ଏତେ ମଇଳା ଓ ଆର୍ବଜନାପୂର୍ଣ୍ଣ ରହିଥିଲା ଯେ, ସେଠୁ କ୍ଷତ ଚିହ୍ନଟିଏ ଠାବ କରିବା ବଡ଼ ମୁସ୍କିଲ କାମ ଥିଲା । ଭିକାରୀଟିର ମୁଖରେ ଠାଏ ଠାଏ ମଇଳା ଏକତ୍ରିତ ହୋଇ ଗୋଟେ ଗୋଟେ କ୍ଷତ ଚିହ୍ନର ଭ୍ରମ ସୃଷ୍ଟି କରୁଥାନ୍ତି । ତଥାପି, ବିକାଶ ଚେଷ୍ଟା କଲା, ଭିକାରୀଟିର ମୁଖରୁ ଅସଲି କ୍ଷତ ଚିହ୍ନଟିଏ ଖୋଜି ବାହାର କରିବାକୁ । ଶେଷରେ ତା'ର ପ୍ରଚେଷ୍ଟାରେ ସେ କୃତକାର୍ଯ୍ୟ ବି ହେଲା । ପ୍ରକୃତରେ ଭିକାରୀଟିର ମୁଖରେ ଥିଲା, ଗୋଟେ ପୁରୁଣା କ୍ଷତ ଚିହ୍ନ । ଅତି ଗଭୀରତାର ସହିତ ଦେଖିଲେ, ଜଣେ ସେହି କ୍ଷତ ଚିହ୍ନଟିକୁ ଭିକାରୀଟିର ମୁଖରୁ ବାହାର କରିପାରିବ ।

ଏବେ ବିକାଶ ସନ୍ଦେହମୁକ୍ତ ହୋଇଗଲା- ଭିକାରୀଟି କିଏ ? ଭିକାରୀଟି ହେଉଛି, ବିକାଶ ବାସ କରୁଥିବା ସହରର ଜଣେ ବିଶିଷ୍ଟ ଧନାଢ୍ୟ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି । ଏଇ ବ୍ୟକ୍ତିର କ'ଣ ନ ଥିଲା- ଧନସଂପତ୍ତି, କୋଠାବାଡ଼ି, ଗାଁ ଗଣ୍ଡା ସବୁ କିଛି ଥିଲା । ସେ ଚାଲିଯାଉଥିଲେ, ଲୋକେ ତାକୁ ସଲାମ କରୁଥିଲେ । ତା'ର ସମ୍ମାନ, ପ୍ରତିଷ୍ଠା ଓ ପ୍ରତିପତ୍ତି ଢ଼େର ଥିଲା । କିନ୍ତୁ, ଜ୍ଞାନ ନ ଥିଲା । ଜ୍ଞାନ ଥିଲେ, ଆଜି ସେ ଏ' ଅବସ୍ଥା ଭୋଗୁନଥାନ୍ତା । ପିତୃପୁରୁଷଙ୍କ ଧନ ସଂପତ୍ତିର ସଦ୍ ବିନିଯୋଗ କରାଯାଉ, ବିପଦ ଆପଦ ବେଳେ ଭବିଷ୍ୟତ ପାଇଁ କିଛି ସଂଚିତ କରି ରଖାଯାଉ । ପାଣି ପରି ପିତୃପୁରୁଷଙ୍କ ଧନ ସଂପତ୍ତିକୁ ସେ ଭୋଗ ବିଳାସରେ ଖର୍ଚ୍ଚ କରିଥିଲା । ଦିନ ଆସିଲା, ବସି ଖାଇଲେ ନଈ ବାଲି ସରିବା ଭଳି ତା'ର ପିତୃପୁରୁଷଙ୍କ ସମସ୍ତ ଧନ ସଂପତ୍ତି ସରିଗଲା । ପଇସାଟିଏ ପାଇଁ ସେ ବାରଜାଗା ଶୁଣିପିଣ୍ଡା ହେଲା । ଶେଷରେ ଭିକାରୀ ସାଜିଲା, ରାଜଦାଣ୍ଡରେ ଭିକ ମାଗିଲା । ସେତେବେଳେ ତା'ର ଚେତା ପଶିଲା । ଭାବିଲା ସେ ଯାହା କଲା, ଭଲ ନ କଲା । ଅନ୍ତତଃ ତା'ର ପିତୃପୁରୁଷଙ୍କ ଅଗାଧ ଧନ

ସଂପତ୍ତିକୁ ଏମିତି ବଦ୍‌ଖର୍ଚ୍ଚ କରି ନଥାନ୍ତା । ତେବେ ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ଲାଗିଯାଇଥାଏ ।

ଭିକାରୀଟି ତା'ର ପାଦ ଦି'ଟାକୁ ଘୋଷାରି ଘୋଷାରି କେତେବେଳୁ ବିକାଶର ସମ୍ମୁଖରୁ ଚାଲିଗଲାଣି । ହେଲେ ବିକାଶ ସେଠି ଏକ ପ୍ରାଣହୀନ ଜୀବ ପରି ଛିଡ଼ା ହୋଇ ଭିକାରୀଟିର ଉତ୍ଥାନ - ପତନ ବିଷୟରେ ଭାବୁଥାଏ ।

ହଠାତ ବିକାଶ ପ୍ରକୃତିସ୍ଥ ହେଲା । ଆଉ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ତା'ର କାର୍ ଆଡ଼େ ବଢ଼ିଗଲା । କାର୍‌ରେ ଷ୍ଟାର୍ଟ ଦେଲାବେଳେ ସେ ଭାବୁଥିଲା, ମଣିଷର ଉତ୍ଥାନପତନ ବିଷୟରେ ବାସ୍ତବିକ । ଆଜି ଯିଏ ବସିଛି, ରାଜସିଂହାସନେ କାଲି ସିଏ ଦାଣ୍ଡର ଭିକାରୀ, ଏଇଟା ଦୁନିଆଁର ଚିରନ୍ତର ଦସ୍ତୁର୍ ।

ପଟ୍ଟନାୟକପଡ଼ା, ସମ୍ବଲପୁର-୧
ମୋ: ୯୩୪୮୪୮୦୩୨୨

❐❐❐

ତମ ସହ ଏମିତି ଭେଟ ହେବାର ନଥିଲା

● **ଶ୍ରୀ ମୁକ୍ତିକାନ୍ତ ନାୟକ**

ମୋ ଆଖି ସାମ୍‌ନାରେ ବଜାର ଛକରେ ପିଲାଟିର ଆକ୍‌ସିଡେଣ୍ଟ ହେଇଗଲା । କଳା ମଚମଚ ପିଚୁରାସ୍ତାଟା ଲାଲ ରକ୍ତରେ ଭିଜିଗଲା । ପିଲାଟିର ବୟସ ପାଖାପାଖି ଦଶବାର ହେବ । ବଜାରରୁ ଦମକଳ କେନ୍ଦ୍ର ପ୍ରାୟ ହାଫ୍ କିଲୋମିଟର ହେବ । ଦି'ତିନି ମିନିଟ୍ ଭିତରେ ଦମକଳ ପହଞ୍ଚିଗଲା । କୋଳାହଳ ଭିତରେ ତା'ର ସମ୍ପର୍କୀୟ କିଏ ବୁଝିବାକୁ ସମୟ ନଥିଲା । କିଛି ବୁଝାସୁଝା କରିବା ଆଗରୁ ମୁଁ ତା' ସହ ହସ୍‌ପିଟାଲ ଚାଲି ଯାଇଥିଲି । ପିଲାଟିର ଚେତା ନଥିଲା । ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେଉଥିଲା । ଶରୀରର ବିଭିନ୍ନ ସ୍ଥାନ କ୍ଷତାକ୍ତ ହୋଇଥିଲା । ଭଗବାନଙ୍କୁ ଡାକୁଥାଏ ପିଲାଟାର କିଛିବି ଅଘଟଣ ନଘଟୁ । ଯାହାହେଉ ଦଶ ମିନିଟ୍ ଭିତରେ ଆମେ ହସ୍‌ପିଟାଲରେ ପହଞ୍ଚି ଯାଇଥିଲୁ । ଡାକ୍ତର ଚିକିତ୍ସା ଆରମ୍ଭ କରିଦେଲେ । ଯା' ଭିତରେ ତା'ର ସମ୍ପର୍କୀୟ ଖବର ପାଇ ହସ୍‌ପିଟାଲରେ ପହଞ୍ଚି ଯାଇଥିଲେ । ପ୍ରାଥମିକ ଚିକିତ୍ସା ପରେ କଟକ ନେଇ ଯିବାକୁ ଡାକ୍ତର ପରାମର୍ଶ ଦେଲେ । ତାଙ୍କ ସମ୍ପର୍କୀୟଙ୍କ ବେଶଭୂଷାରୁ ଜାଣିଲି ସେମାନେ ସେତେ ସ୍ୱଚ୍ଛଳ ନୁହଁନ୍ତି କି କଟକ ଭଳି ଦୂର ଜାଗାକୁ ଯାଇ ଚିକିତ୍ସା କଲା ଭଳି ସାହାସ ସେମାନଙ୍କର ନଥିଲା । ସେମାନଙ୍କ ବିକଳ ଆଖି ଦୁଇଟାରୁ ଜାଣୁଥିଲି ସେମାନେ ମୋ ସହାୟତା ହିଁ ଚାହୁଁଥିଲେ । ମୁଁ ନିଜେ ହାର୍ଟ ପେସେଣ୍ଟ । ଶାରୀରିକ ଦୃଷ୍ଟିରୁ ସେମାନଙ୍କ ସଙ୍ଗରେ ମୋ ପକ୍ଷେ ଯିବା ସମ୍ଭବ ନଥିଲା । ମାତ୍ର ମୁଁ ମନା କରି ପାରୁନଥିଲି କି ମୋ ଅସାମର୍ଥ୍ୟତାକୁ ବୁଝାଇ କହି ପାରୁନଥିଲି । ଏ ପରିସ୍ଥିତିରେ ମୁଁ କ'ଣ କରିବି ନ କରିବି କିଛି ସିଦ୍ଧାନ୍ତ ନେଇ ପାରୁନଥିଲି । ଯା' ଭିତରେ ଡାକ୍ତର ରେଫେରାଲ ଲେଟର ଲେଖି ମୋ ହାତକୁ ବଢାଇ ଦେଇ ସାରିଥିଲେ । ପ୍ରାଇଭେଟ ଆମ୍ବୁଲାନସଟେ ଡାକିଲି । ତା' ପେମେଣ୍ଟ ବି କରିଦେଲି । ପିଲାଟିର ସମ୍ପର୍କୀୟଙ୍କ ହାତରେ କିଛି ଟଙ୍କା ବି ଦେଲି । ମାତ୍ର ସେମାନେ ପିଲାଟିକୁ ନେଇ କଟକକୁ ଯିବାକୁ ସାହାସ କରି ପାରୁନଥିଲେ । ମୋର ମନେ ପଡିଗଲା ଯେ ମୋର ଜଣେ ସମ୍ପର୍କୀୟ ଡାକ୍ତର କଟକ ବଡ ଡାକ୍ତରଖାନାରେ ଆସିଷ୍ଟାଣ୍ଟ ପ୍ରଫେସର ଥାଆନ୍ତି । ମୁଁ ସଙ୍ଗେ ଫୋନ୍ ଲଗାଇ ତାଙ୍କ ସହ କଥା ହେଲି । ସମସ୍ତ

ସାହାଯ୍ୟ କରିବାକୁ ସେ ମୋତେ ଭରଷା ଦେଲେ । ସେମାନଙ୍କୁ ବୁଝାସୁଝା କରି କଟକ ପଠାଇ ଦେଲି । ଡାକ୍ତରଖାନାରେ ରହିବାର ପ୍ରାୟ ସପ୍ତାହ ପର୍ଯ୍ୟନ୍ତ ତାଙ୍କ ସହ ଯୋଗାଯୋଗରେ ମୁଁ ଥିଲି । ପିଲାଟି ଭଲ ଅବସ୍ଥାକୁ ଆସୁଥିବାର ଜାଣି ଆଶ୍ୱସ୍ତ ହେଲି । ହଠାତ୍ ମୋର ଟେଲୋଫୋନ୍‌ଟି ଖରାପ ହୋଇଗଲା । ଟେଲିଫୋନ୍‌ରେ ସେଭ୍ ହୋଇଥିବା ନମ୍ବରଟି ମୋତେ ମିଳିବା ସମ୍ଭବ ନଥିଲା । ସେ କେବେ ଡିସ୍‌ଚାର୍ଯ୍ୟ ହେଲା ସେମାନେ ମୋତେ ଆଉ ଫୋନ୍ କରି ନାହାନ୍ତି । ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଲି ପିଲାଟି ଭଲ ହୋଇ ଡିସ୍‌ଚାର୍ଯ୍ ହୋଇ ଯାଇଛି । ଭଗବାନଙ୍କୁ କୃତଜ୍ଞତା ଜଣାଇଲି । ମାତ୍ର ମନଟା ଖରାପ ହେଇଗଲା । ମୁଁ ଯାହାଙ୍କ ପାଇଁ ଏତେ ବ୍ୟସ୍ତ ହେଉଥିଲି ସେମାନେ ସେଥିପାଇଁ ମୋତେ ଦେଖାକରି ନ ହେଲା ନାହିଁ ଫୋନ୍‌ରେ ଟିକେବି କୃତଜ୍ଞତା ଜଣାଇଲେ ନାହିଁ । ଯାହାହେଉ ସମୟ କ୍ରମେ ସେ ଘଟଣାଟା ମନରୁ ଲିଭିଲିଭି ଗଲା ।

ୟା' ଭିତରେ ମୁଁ ଗାଁରେ ନରହି ଭୁବନେଶ୍ୱରରେ ରହୁଥିଲି । ଗାଁ ସହ ସମ୍ପର୍କ ଟିକେ ପାଣିଚିଆ ହେବାକୁ ଲାଗିଲା। ଭୁବନେଶ୍ୱରରେ ଗୋଟେ ଏନଜିଓର ଡିରେକ୍ଟର ଥାଇ ସାମାଜିକ କାର୍ଯ୍ୟରେ ସମୟ ବିତୁଥାଏ । ମୋ ଅଫିସ ପାଖାପାଖି ଗୋଟେ ବଏଜ ମେସ୍ ଥାଏ । ବାଣୀବିହାରରେ ପଢୁଥିବା ବେଳେ ମୁଁ ସେ ମେସରେ ଦି'ବର୍ଷ ରହିଥିଲି । ପାଖାପାଖି ତିରିଶ ଚାଳିଶ ଜଣ ପିଲା ମେସିଂ କରି ଖାଉଥିଲୁ । ଏବେବି ସେ ମେସ୍ ସେଇମିତି ଚାଲିଛି । ପିଲାମାନଙ୍କ କୋଳାହଳ ଶୁଭେ । ସମୟେ ସମୟେ ସେମାନେ ଆମକୁ ହଇରାଣରେ ପକାନ୍ତି ଖାସ୍ କଲେଜ ଟୋକାଙ୍କ ଅହମିକାକୁ ନେଇ । ଜାଣିଜାଣି ଅଇଁଠା କଣ୍ଢା ଆମ କ୍ୟାମ୍ପସକୁ ଫିଙ୍ଗନ୍ତି । ଆମ ଷ୍ଟାଫ୍ ପ୍ରତିବାଦ କଲେ ସେମାନେ ଗାଳି ଫଜିଦ୍ କରନ୍ତି । ସେମାନଙ୍କୁ ମୁଁ ସ୍ୱଭାବ ସୁଲଭ ଢଙ୍ଗରେ ବୁଝାଇ ଦିଏ । ପିଲାମାନଙ୍କ ବ୍ୟବହାର ବେଳେବେଳେ ଅତିଷ୍ଠ ଲାଗିଲେବି ମୁଁ କେବେ ସେମାନଙ୍କ ଉପରେ ରାଗିପାରେନା । ସେ ମେସ୍‌ର ପୁରୁଣା ଅନ୍ତେବାସୀର ଦୁର୍ବଳତା ମୋତେ ଶାନ୍ତ କରିଦିଏ । ସମୟେ ସମୟେ ବାହାନା କରି ମେସ୍ ଆଡକୁ ଯାଏ । ଆଖିଟା ପହଁରିଯାଏ କାହାକୁ ଖୋଜିବାରେ । ଏକଥା ମୁଁ କାହାକୁ କିଛି କହି ପାରେନା । ତାକୁ ନପାଇ ମନଟା ଆଉଟ ପାଉଟ ହୁଏ । ତାକୁ ନେଇ ମନ ଭିତରେ ଉଠୁଥିବା ଦ୍ୱନ୍ଦ୍ୱଟା ନିଜ ଭିତରେ ଜନ୍ମ ନେଇ ନିଜ ଭିତରେ ହିଁ ମରିଯାଏ ।

ଛବି ମାଉସୀକୁ ଏଇନେ ବୟସ ପ୍ରାୟ ସତୁରୀ ଟପିଯିବଣି । ଏ ବାର୍ଦ୍ଧକ୍ୟ ବୟସରେ ସେ କ'ଣ ମେସ୍‌ରେ କାମଧନ୍ଦା କରିପାରିବ ? ବାର୍ଦ୍ଧକ୍ୟ ଜନିତ କାରଣରୁ ହୁଏତ ସେ ଆଉ ମେସ୍‌କୁ ଆସୁନଥିବ । ଜୀଇ ଥିବକି ନା ତା'ବି ସନ୍ଦେହ । ଛବି ମାଉସୀକୁ ଏ ଆଖିଟା ଖୋଜୁନଥିଲା । ଛବି ମାଉସୀକୁ କାମରେ ସାହାଯ୍ୟ କରିବାକୁ ଆସୁଥିବା ତା' ଝିଅ ସୁନନ୍ଦାକୁ ମନଟା ଖୋଜୁଥିଲା । ସୁନନ୍ଦା ଏଇନେ କ'ଣ କରୁଥିବ ? ନିଶ୍ଚୟ ବାହା ହେଇ ଘର ସଂସାର କରିଥିବ । ପିଲାଛୁଆର ମା' ହେଇ ସାରିଥିବ । ମୋ ମେସ୍ ରହଣୀ ଭିତରେ ସୁନନ୍ଦାକୁ ନେଇ ଗୋଟେ ବଡ ଝଡ ବହି ଯାଇଥିଲା । ସେଇ କାରଣକୁ ନେଇ ହୁଏତ ମୋ ଜୀବନଟା ନଷ୍ଟ ହୋଇଯାଇଥା'ନ୍ତା । ସୌଭାଗ୍ୟକୁ ମୁଁ ରକ୍ଷା ପାଇ ଯାଇଥିଲି । ହେଲେ ଘଟଣାଟା ମୋ ଛାତିର କଲିଜାରେ କଣ୍ଢା ହୋଇ ଲାଗି ରହିଥିଲା ଅନେକ ଦିନଯାଏ ।

ସୁନନ୍ଦା ଦେଖିବାକୁ ଖୁବ୍ ସୁନ୍ଦରୀ । ଘରର ଆର୍ଥିକ ଅନଟନ ପାଇଁ ସେ ବାଧ୍ୟ ହେଉଥିଲା ତା' ମା' ସଙ୍ଗରେ ମିଶି କାମ କରିବାକୁ । ମେସ୍‌ର ଟୋକାମାନେ କାନ୍ଥବାଡକୁ ଲଗାଇ ଏଣୁତେଣୁ କଥା କହନ୍ତି । ସେ ଲାଜରେ ଗୋଟାପଣେ ସଢିଯାଏ । କାହକୁ କିଛିବି କହି ପାରେନି । ମୁଁ ବି ପ୍ରତିବାଦ କରିପାରେନା । ତା'ର ଏ ଅସହାୟତାକୁ ନେଇ ମୋ ମନରେ ଦୟା ଆସେ । ଜଣେ ଶାନ୍ତ ସରଳ ଅସହାୟ ଝିଅଟାର ଛାତିର ଆଗ୍ନେୟଗିରିରେ କ୍ରୋଧର ଲାଭା ଯେ ବାହାରକୁ ବାହାରି ଆସି ପାରିବ ଏକଥା ମୁଁ କେବେବି କଳ୍ପନା କରି ପାରିନଥିଲି । ସେଦିନ ମେସ୍‌ରେ ଖଣ୍ଡ ପ୍ରଳୟ ହେଇଗଲା । ମୋ ରୁମର ଝରକା ଆରପଟେ ସୁନନ୍ଦା ଠିଆ ହୋଇଥିଲା ଝରକାର ରେଲିଂକୁ ଭରାଦେଇ । ରୁମ ଭିତରେ ମୁଁ ଓ ମୋ ରୁମ୍‌ମେଟ ତପନ ଥିଲୁ । ଝରକା ରେଲିଂ ଭିତର ଦେଇ ତପନ ହାତ ଗଳାଇ ସୁନନ୍ଦାର ଛାତିକୁ ଛୁଇଁଦେଲା । ସେ ମୁହଁ ବୁଲାଇ ଦେଲା ବେଳକୁ ସେ କବାଟ କୋଣରେ ମୁହଁଟାକୁ ଲୁଚାଇ ଦେଲା । ଏସବୁ ଘଟଣା ମୋତେ ଅଜଣା ଥିଲା । ଠିକ୍ ସେଇ ସମୟରେ ଦୁର୍ଯୋଗକୁ ମୁଁ ରୁମ ବାହାରକୁ ଗଲି । ସୁନନ୍ଦା ସାପ ପରି ଫଁ ଫଁ ହେଉଥାଏ । ମୁଁ କିଛି ଜାଣିବା ଆଗରୁ ସେ ମୋ ଉପରକୁ କୁଦି ପଡିଲା । ସେ ପିନ୍ଧିଥିବା ସ୍ଲିପରରେ ମୋ ଗାଲକୁ ଦି'ଚାରି ଥର ମାରିଲା । ମୁଁ ଅବାକ୍ ହୋଇଗଲି । କ୍ଷଣିକ ଭିତରେ ପିଲାମାନେ ସେଠାରେ ରୁଣ୍ଡ ହୋଇଗଲେ । ସୁନନ୍ଦା ବୁକୁଫଟା କାନ୍ଦଣା କାନ୍ଦି ଘଟଣା ସ୍ଥଳ ଛାଡି

ଉପରକୁ ଚାହିଁ ପାରୁନଥିଲା । ବସିବା ସ୍ଥାନରୁ ସୁନନ୍ଦା ଉଠି ମୋ ହାତକୁ ଧରି ଭୋ-ଭୋ ହୋଇ କାନ୍ଦି ଉଠିଲା । ସୁନନ୍ଦା ପ୍ରତି ମୋ ମନରେ ପାହାଡେ ଅଭିମାନକୁ ମୁଣ୍ଡରେ ମୁଣ୍ଡାଇ ମୁଁ ଏକମୁହାଁ ହୋଇ ଥାନାରୁ ବାହାରିଗଲି ।

ମେସ୍‌ରେ ପହଞ୍ଚି କାହାକୁ କିଛି ନକହି ଚୁପ୍‌ଚାପ୍ ଶୋଇରହିଲି । ତହିଁ ପରଦିନ ଛବି ମାଉସୀ ଏକାକୀ ମେସ୍‌କୁ ଆସିଥିଲା । ମୋତେ ବେଡ୍‌ରୁ ଉଠାଇ ନିଜ ହାତରେ ଖୁଆଇ ଦେଲା । ମୁଁ କଇଁକଇଁ ହୋଇ କାନ୍ଦୁଥାଏ । ସୁନନ୍ଦା ଉପରେ ମୁଁ ରାଗି ପାରୁନଥିଲି । ବରଂ ତା' ପ୍ରତି ଦୟା ଆସୁଥିଲା । ରାତିସାରା ଆଖିକୁ ନିଦ ଆସିଲା ନାହିଁ । ଏ ଘଟଣା ଯଦି ଘରେ ପହଞ୍ଚି ଯାଏ ମୁଁ କିପରି ମୁହଁ ଟେକି ବାଟ ଚାଲିବି ? କେହି ସତମିଛ ବୁଝିବେନି । ମୁଁ ପୁରା ଭାଙ୍ଗି ପଡିଥିଲି । ମେସ୍‌ରେ କାହାରି ସାହାସ ନଥିଲା ମୋତେ ବୁଝାଇବାକୁ । ମୋତେ ଲାଗୁଥିଲା ଗୋଟେ ଅସମ୍ଭବ ନିରବତା କେବଳ ମେସ୍‌ରେ ନୁହଁ ବରଂ ଛାଇ ଯାଇଥିଲା ସମଗ୍ର ଭୁବନେଶ୍ୱର ସହରକୁ । ଏ ଦୁର୍ଭାବନା ଭିତରେ ଆତ୍ମହତ୍ୟା କରିବାକୁ ସିଦ୍ଧାନ୍ତ ନେଇ ପୁଣି ନିଜ ମନକୁ ନିଜେ ବୁଝାଇ ଦେଇଥିଲି । ସପ୍ତାହ ପରେ ପରୀକ୍ଷା । ବହି ମେଲେଇ ବସିଲେ ବହିରେ ଅକ୍ଷର ନୁହଁ ମୋତେ ଦେଖା ଯାଉଥିଲା ସୁନନ୍ଦାର ଲୁହଭର୍ତ୍ତି ଆଖି ଯୋଡାକ । ତା' ଗୋରା ତକତକ ଫୁଲିଲା ଫୁଲିଲା ଗାଲ ଉପର ଦେଇ ଗଡି ଆସୁଥିବା ଲୁହରେ ମୁଁ ଗୋଟାପଣ ଭିଜି ଯାଉଥିଲି । ମୁଁ ତା' ମୁହଁକୁ ଚାହିଁ ପାରୁନଥିଲି । ଏତେ ସବୁ ଘଟଣା ଘଟିଲା ପରେବି ମୁଁ କାହିଁକି ତା' ଉପରେ ଟିକେବି ରାଗି ପାରୁନଥିଲି । ବରଂ ଦୟା ଏବଂ ସହାନୁଭୂତିରେ ମୋ ଛାତିଟା ରୁନ୍ଧି ଯାଉଥିଲା । ଇଚ୍ଛା ହେଉଥିଲା ତାକୁ ଦେଖା କରି ତା' ସାହାସିକତାକୁ ତାରିଫ୍ କରିବାକୁ । ପରୀକ୍ଷା ସରିଲା ପରେ ମେସ୍ ଛାଡି ମୁଁ ଗାଁକୁ ଚାଲି ଆସିଥିଲି । ତା'ପର ଠାରୁ ଛବି ମାଉସୀ କି ସୁନନ୍ଦା ସହ ଦେଖା ହେବା ସମ୍ଭବ ନଥିଲା । ଅନେକ ବର୍ଷ ପର୍ଯ୍ୟନ୍ତ ବସଷ୍ଟାଣ୍ଡ,ମେଳା ମହୋତ୍ସବର ଭିଡ ଭିତରେ ମୋ ଆଖି ଦି'ଟା ପହଁରି ଯାଏ ସେ ମା' ଝିଅଙ୍କୁ ଖୋଜିବାରେ । ସବୁ ସୁନ୍ଦରୀ ଝିଅଙ୍କ ମୁହଁ ଭିତରେ ମୁଁ ସୁନନ୍ଦାକୁ ହିଁ ଖୋଜେ । ସୁନନ୍ଦା ପ୍ରତି ଗୋଟେ ଅହେତୁକ ଦୁର୍ବଳତା ମୋତେ ବେଶ କିଛିଦିନ ଆଚ୍ଛନ୍ନ କରି ରଖିଥିଲା । ସମୟ କ୍ରମେ ସେ ଚରିତ୍ରର ସ୍ମୃତି କ୍ରମଶଃ ପାଣିଚିଆ ହୋଇଗଲା । ଗୋଟେ ସ୍ୱାଭାବିକ ଜୀବନକୁ ନେଇ ବଞ୍ଚିଲି ।

ଚାଲିଗଲା । କ'ଣ ପାଇଁ ଏସବୁ ଘଟଣା ଘଟିଲା ମୁଁ କିଛିବି ବୁଝି ପାରିଲିନି । ଲଜ୍ଜା ଓ ଅପମାନରେ ମୁଁ ସ୍ଥାଣୁ ପାଲଟି ଗଲି । ମୋତେ ଓ ସୁନନ୍ଦାକୁ ନେଇ କିଛି ମନଗଢା ରୋଚକ କାହାଣୀ ମେସ୍ ସାରା ପ୍ରଚାର ହୋଇଗଲା । ସମସ୍ତେ ସ୍ଥିର ନିଶ୍ଚିତ ହୋଇଯାଇଥିଲେ ଯେ ମୁଁ ତା' ପ୍ରତି ଅସଦାଚାରଣ କରିଛି ବୋଲି । ମୁଁ ଦ୍ୱିପ୍ରହର ମିଲ୍ ଆଣିବାକୁ ଗଲିନି । ବେଡ୍ ଉପରେ ପ୍ରାଣଶୂନ୍ୟ ଦେହଟା ମୋର ଗଡୁଥିଲା । ଇଚ୍ଛା ହେଉଥିଲା ଆତ୍ମହତ୍ୟା କରିଦେବାକୁ । ଘଟଣାଟା ସେଇଠି ଅଟକି ରହିଲାନି । ଉପରବେଳା ମେସ୍‌ରେ ପୋଲିସ ପହଞ୍ଚିଲେ । ମୋତେ ଭ୍ୟାନ୍‌ରେ ବସାଇ ଥାନାକୁ ନେଇଗଲେ । ମୋର ଅପରାଧ କ'ଣ ସେପର୍ଯ୍ୟନ୍ତ ଜାଣିନଥିଲି । ଥାନା ହାଜତରେ ସେଦିନ ରାତିଟା କଟିଲା । ସକାଳ ଦଶଟା ବେଳକୁ ବଡବାବୁଙ୍କ ଆଗରେ ମୋତେ ହାଜର କରାଗଲା । ପୋଲିସ ଅତି ତାତ୍ପର୍ଯ୍ୟ କରି ଅପଶବ୍ଦମାନ ପ୍ରୟୋଗ କଲେ । ମୁଁ ଏମିତି ଭୟ ପାଇ ଯାଇଥାଏ ଯେ ମୋ ଅପରାଧ ସମ୍ପର୍କରେ ପଚାରିବାକୁ ସାହାସ ଜୁଟାଇ ପାରୁନଥାଏ । କିଛି ସମୟ ପରେ ସୁନନ୍ଦା ହାଜର ହେଲା । ଜଣେ ଲେଡି ଇନସ୍‌ପେକ୍ଟର ସୁନନ୍ଦାକୁ ଟିକିନିଖି ପଚାରିବାରୁ ମୁଁ ପ୍ରକୃତ ଘଟଣା ସମ୍ପର୍କରେ ଅବଗତ ହେଲି । ମଧ୍ୟ ବୟସ୍କ ପୋଲିସ ଅଫିସର ମୋ ଗାଲକୁ ଚଟକଣାଟେ ମାରିଲେ । ମୋ ଆଖିରୁ ଜୁଲୁଜୁଲୁଆ ପୋକ ବାହାରି ପଡିଲା । ମୁଁ କ୍ରୋଧରେ ଗୋଟାପଣେ ଥରୁଥାଏ । ସାହାସ ଜୁଟାଇ ବଡପାଟିରେ ଅପରାଧକୁ ଖଣ୍ଡନ କଲି । ମୋ ଭିତରର ପ୍ରତିବାଦକୁ ପୋଲିସ ଗୁରୁତ୍ୱ ଦେଲେ । ଟିକିନିଖି ପଚାରି ବୁଝିଲେ । ସୁନନ୍ଦା ଯେତେବେଳେ କହିଲା କାହାର ହାତ ତା'ଛାତିକୁ ଛୁଇଁଛି ସେ ଜାଣେନା । ମାତ୍ର ସେଇ ସମୟରେ ମୁଁ ରୁମରୁ ବାହାରକୁ ବାହାରି ଥିବାରୁ ସେ ମୋତେ ଅଭିଯୁକ୍ତ ବୋଲି ସ୍ଥିର ନିଶ୍ଚିତ ହୋଇଥିଲା । ସେ ରୁମରେ ଆଉ କିଏ ଥିଲା, ମୋର ସୁନନ୍ଦା ପ୍ରତି ପୂର୍ବରୁ ବ୍ୟବହାର କିପରି ଥିଲା ସବୁକୁ ପୋଲିସ ନୋଟ୍ କଲେ । ଛବି ମାଉସୀ ମୋ ଚରିତ୍ର ସମ୍ପର୍କରେ ସୁପାରିଶ କଲେ । ଆମକୁ ଥାନାରେ ବସାଇ ଦେଇ ପୋଲିସ ମେସ୍‌କୁ ଗଲା । କିଛି ସମୟ ପରେ ପୋଲିସ ଥାନାରେ ପହଞ୍ଚି କହିଲା- ଘଟଣା ପରଠାରୁ ରୁମ୍‌ମେଟ୍ ତପନ ଫେରାର ହୋଇଯାଇଛି । ତପନର କିଛି ଖୋଜ୍ ଖବର ନାହିଁ । ମୁଁ ଭୋ-ଭୋ ହୋଇ କାନ୍ଦି ପକାଇଲି । ଲେଡି ଇନସ୍‌ପେକ୍ଟର ଜଣକ ମୋ ପିଠିରେ ଥାପୁଡା ମାରି ପ୍ରବୋଧନା ଦେଉଥା'ନ୍ତି । ସୁନନ୍ଦା ଉପରେ ପୋଲିସ ବିରକ୍ତ ହେଲା । ସୁନନ୍ଦା ମୁହଁ ଟେକି

ଏନଜିଓ କାମରେ ମୁଁ ଓଡିଶାର ବିଭିନ୍ନ ସ୍ଥାନକୁ ଯାଇଛି । ଗରିବ ଅସହାୟ ଲୋକଙ୍କର ସେବା କରିବାର ସୁଯୋଗ ପାଇଛି । ଶାରୀରିକ ଅକ୍ଷମ ଏବଂ ବିକଳାଙ୍ଗ ଲୋକଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାର ଗୋଟେ ପ୍ରୋଜେକ୍ଟ ପାଇଁ କାମ ହେଉଥାଏ । ସେଇକ୍ରମରେ ନିଜ ଅଞ୍ଚଳରେ ଗୋଟେ କ୍ୟାମ୍ପ କରିଥିଲି । ଆମେ ସରପଞ୍ଚଙ୍କ ଜରିଆରେ ସମସ୍ତ ସୂଚନା ପୂର୍ବରୁ ଦେଇଥିଲୁ । ସେଦିନ ପଞ୍ଚାୟତ ଅଫିସରେ ଶତାଧିକ ଶାରିରୀକ ଅକ୍ଷମ ବ୍ୟକ୍ତିମାନେ ଧାଡିରେ ଠିଆ ହୋଇଥା'ନ୍ତି । ସେମାନଙ୍କର ନିରୀହ ଆଖିର କାନଭାସରେ ଯେଉଁ ଅସହାୟତାର ଚିତ୍ର ସବୁ ଅଙ୍କା ଯାଇଥିଲା ତାକୁସବୁ ଦେଖିଲା ପରେ ଲାଗୁଥିଲା ମୁଁ ବି ସେଇ ଚିତ୍ର ଭିତରୁ ଗୋଟିଏ ଚିତ୍ର । ସେମାନଙ୍କୁ ନେଇ ମୋ ଭିତରର ଇନଫିରିଅରିଟି ମୋତେ ଜଣେ ନିରାଶକ୍ତ ସନ୍ୟାସୀର ପୋଷାକ ଯେମିତି ପିନ୍ଧାଇ ଦେଉଥାଏ । ମୁଁ ଭଗବାନଙ୍କୁ ବହେ ଗାଳି ଦେଉଥିଲି ।

କ୍ରମ ଅନୁସାରେ ଜଣେ ପରେ ଜଣେ ଅସହାୟ ବ୍ୟକ୍ତିମାନେ ଆମଠାରୁ ଚେକ୍ ଏବଂ ପୁଡିଆ ନେଇ ଯାଉଥା'ନ୍ତି । କି ପରମ ତୃପ୍ତି ସେମାନଙ୍କର ! ସତେ ଯେମିତି ଏଇୟାକୁ ସମ୍ବଳ କରି ସାରା ଜୀବନ ଚଳିଯିବ ! ମୋ ସାମ୍ନାରେ ସୁନ୍ଦର ଚେହେରାର କିଶୋର ବାଳକଟିଏ । ମୋ ଆଡକୁ ହାତ ବଢାଇଥାଏ । କାକୁସ୍ଥ ଚେହେରା । ଆଖିରେ ଢଳଢଳ ଲୁହ । ମୁଁ କିଛି ସମୟ ଅଟକି ଗଲି । ସୁନ୍ଦର ଚେହେରାର ପିଲାଟି । ହାତ ଗୋଡ ଉଭୟ ଅକାମୀ । ଆଗକୁ ଅସରନ୍ତି ବାଟ । କେମିତି ଏତେ ସମୟକୁ ସାମ୍ନା କରିବ ସେ ! ମୋ ଛାତି ଭିତରର କେଉଁ ଏକ ତନ୍ତ୍ରୀ ଛିଡି ଯାଉଥିବା ମୁଁ ଅନୁଭବ କରୁଥିଲି ।

- ପିଲାଟିର ବାପା କି ମା' କେହି ଆସିନାହାନ୍ତି ?

ଭିଡ ଭିତରୁ କେହି ଜଣେ କହିଲା - ତା' ବାପାତ ଅନେକ ଦିନ ହେବ ମରି ଯାଇଛି । ବାପ ଛେଉଣ୍ଡ ପିଲାଟି ।

ଦସ୍ତଖତ କରି ଚେକ୍ ନେବାକୁ ହେଉଥିବାରୁ ତା' ମା'କୁ ଆସିବାକୁ କହିଲି ।

ଭିଡ ଭିତରୁ ତା' ମା' ଆସିଲା । ମୋ ହାତରୁ କଲମ ନେଇ ଥରିଲା ହାତରେ ରେଜିଷ୍ଟାରରେ ଦସ୍ତଖତ କଲା । - ସୁନନ୍ଦା ଦାସ । ମୁଁ ତା' ହାତକୁ ଚେକ୍ ବଢାଇ ଦେଲା ବେଳେ ଅନୁଚ୍ଚ ସ୍ୱରରେ ସେ କାନ୍ଦୁଥିବାର ମୁଁ ଶୁଣିଲି । କ୍ଷଣିକ ପାଇଁ ମୋ

ଆଖିଟା ପହଁରି ଗଲା ତା' ଲୁହଭିଜା ମୁହଁ ଉପରେ । ମୁଁ ଚମକି ପଡିଲି । ଗାଲରେ ସ୍ନିପରର ମାଡର ଅସହ୍ୟ ଯନ୍ତ୍ରଣା ମୁଁ ଅନୁଭବ କରୁଥିଲି । ସମସ୍ତଙ୍କ ଅଲକ୍ଷ୍ୟରେ ମୁଁ ଗାଲକୁ ପରଖୁ ଥିଲି । ମୋ ପାଟିରୁ ବାହାରି ପଡିଲା- ସୁନନ୍ଦା ତମେ ଏଠି ?

କିଛି ଶବ୍ଦ ମୋ ତଣ୍ଟି ଆରପଟରେ ଅଟକି ଗଲା । ତମକୁ ମୁଁ ପନ୍ଦର ବର୍ଷ ହେବ ବସ୍ଷ୍ଟାଣ୍ଡ ଠାରୁ ଆରମ୍ଭ କରି ପୂଜା ପାର୍ବଣର ଭିଡ ଭିତରେ ଅନେକ ଖୋଜିଛି । ହେଲେ ତମେ ଯେ ଏତେ ପାଖରେ ଅଛ ମୁଁ ଜାଣି ପାରିନି ।

ରେଜିଷ୍ଟରର ଅକ୍ଷର ସବୁ ସୁନନ୍ଦାର ଗାଲ ଉପର ଦେଇ ବହି ଆସିଥିବା ଲୁହରେ ଭିଜି ଯାଇଥିଲା । ଅସ୍ପଷ୍ଟ ଦିଶୁଥିଲା ଅକ୍ଷର ସବୁ । ମୁଁ ସେଦିନ ବୁଝିଥିଲି ଡାକ୍ତରଖାନାରୁ ତା' ପୁଅ ସୁସ୍ଥ ହୋଇ ଫେରିଲା ପରେ ମୋ ପାଖକୁ କୃତଜ୍ଞତାର ଫୋନ୍ଟେ କାହିଁକି ଆସିନଥିଲା । ମୋତେ ନେଇ ଘଟିଥିବା ଏତେ ସବୁ ଘଟଣା ପରେ ସେ କେଉଁ ମୁହଁ ନେଇ ମୋତେ ସାମ୍ନା କରିଥା'ନ୍ତା ! ମୋର ଇଚ୍ଛା ହେଉଥିଲା ପନ୍ଦର ବର୍ଷ ତଳେ ସେଦିନର ତା'ର ସାହାସିକତା ପାଇଁ ତାକୁ ସାବାସି ଦେବାକୁ ।

ସାମନ୍ତରାୟପୁର, ତିହିଡି, ଭଦ୍ରକ
ମୋ-୮୨୪୯୭୨୧୦୪୪

❐❐❐

ଭିନ୍ନ ଜଣେ ଗୌତମୀ

● ବଂଶୀଧର ଖୁଣ୍ଟିଆ

ଆରେ, ଯେ'ତ ଶାନ୍ତନୁ । ଏତେ ସକାଳୁ ତାର ଏଣେ ଆସିବାର କାରଣ କଣ ହୋଇପାରେ । ତା ଗାଡ଼ି ପଛରେ ପୁଣି ଜଣେ ସ୍ତ୍ରୀ ଲୋକ, କିଏ ସିଏ । ତା ସ୍ତ୍ରୀ ଅଳକା ନୁହେଁ ତ ! ଶାନ୍ତନୁ ମୋର ପିଲା ଦିନର ସାଙ୍ଗ । ଗୋଟିଏ ଗାଁର ପିଲା ଆମେ । ସେ ଏବେ ଗୋଟିଏ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ । ଗାଁରେ ରହେ । ମୋର ସହରରେ ଔଷଧ ଦୋକାନ । ପରିବାର ସହ ସହରରେ ରହେ । ଶାନ୍ତନୁ ମୋ ପାଖକୁ ପ୍ରାୟ ଆସେ । ତା ବାପା ଦୀନବନ୍ଧୁ ସାର ଆମର ଶିକ୍ଷକ ଥିଲେ । ଏବେ ତାଙ୍କର ସ୍ୱାସ୍ଥ୍ୟ ଭଲ ରହୁନି । ତାହେଲେ ଶାନ୍ତନୁ କଣ ଡାକ୍ତରଙ୍କ ସହ କିଛି ପରାମର୍ଶ କରି ମୋ ପାଖରୁ ଔଷଧ ନେବାକୁ ଆସିଛି । ହେଲେ ତା ଗାଡ଼ି ପଛରେ ଯେ ଜଣେ ସ୍ତ୍ରୀ ଲୋକ । ସେ ତ ଏକା ଆସିପାରିଥାନ୍ତା, ନା ଆଉ କିଛି କାରଣ ହୁଏତ ଥାଇପାରେ । ଆସୁ ସିଏ ।

ଗୋଟିଏ ମୁହୂର୍ତ୍ତରେ ଏତେଗୁଡ଼ିଏ କଥା ଭାବୁ ଭାବୁ ଶାନ୍ତନୁ ଆସି ମୋ ଦୋକାନ ଆଗରେ ଗାଡ଼ିଟାକୁ ରଖିଦେଲା ।

ମୁଁ କହିଲି, "ଆବେ ! ଆଜକୁ ପନ୍ଦର ଦିନ ହେବ ତୋର ଦେଖାନାହିଁ । ଗାଁରୁ ଏ ସହରଟା ଏମିତି କେତେଦୂର ଯେ, ତୋତେ ଆସି ମୋତେ ଦେଖା କରି ଯିବାକୁ କଷ୍ଟ ହେଉଛି । ତୁ ସିନା ଭାଇ ଗାଁ ପାଖରେ ଝକିରି କଲୁ, ମାତ୍ର ଏ ଦୋକାନ ଛାଡ଼ି ମୁଁ କ'ଣ ଗାଁକୁ ଯାଇପାରୁଛି । ମଣିଷର ଜୀବନ ପାଇଁ ଔଷଧ ଦୋକାନ ଯେ କେତେ ଗୁରୁତ୍ୱପୂର୍ଣ୍ଣ ସେ କଥା ତୁ ତ ଜାଣୁ । ହଉ କହ - ସାର କିପରି ଅଛନ୍ତି ? ଆରେ ଏତ ଗଙ୍ଗା, ଗଙ୍ଗାକୁ ଧରି ଶାନ୍ତନୁ ମହାରାଜ ଏତେ ସକାଳୁ କୁଆଡ଼େ ବୁଲିବାକୁ ବାହାରି ପଡ଼ିଛନ୍ତି । କଣ ରାଜ୍ୟ ଭ୍ରମଣରେ ।"

ଅଳକା ମୋର ମଜାଳିଆ କଥା ଶୁଣି ତଳକୁ ମୁହଁ ପୋତିଦେଲା । ତାର ଅଧର ଧାରରେ ଯେଉଁ ଟିକି ହସ ଖଣ୍ଡିକ ମେଘକୋଳରେ ବିଜୁଳି ପରି ଚହଟି ଉଠିଲା, ମୋତେ ଛବିରେ ମୋନାଲିସାର ହସ ଭଳି ପ୍ରତୀୟମାନ ହେଲା ।

ଶାନ୍ତନୁ ହସି ହସି କହିଲା, "ଆରେ ଭାଇ ! ତୁ କଣ ଅଳକାକୁ ଚିହ୍ନିପାରୁନୁ ? ମୁଁ ମହାଭାରତର ଶାନ୍ତନୁ ମହାରାଜ ନୁହେଁ କି ଏ ପାପନାଶିନୀ ପବିତ୍ର ଗଙ୍ଗା ନୁହେଁ । ତୋର ଏ ମଜାଳିଆ କଥା ଏ ଯାଏ ଗଲାନି । ପାଗଳଟା ।"

ଆମେ ଦୁହେଁ ବେଶ ମନଖୋଲା ହସ ହସିଲୁ । ତାପରେ ସେ କହିଲା, "ବୁଝିଲୁ ଶେଖର । ବାପା ଏବେ ଆଗ ଅପେକ୍ଷା ଟିକିଏ ଭଲ ଅଛନ୍ତି । ତୋ କଥା ପ୍ରାୟ ପଚାରନ୍ତି । ଅଳକା ଆଜି ତୋ ପାଖକୁ ଆସିଛି । ତା ସ୍ୱାସ୍ଥ୍ୟ କିଛିଦିନ ହେଲା ଭଲ ରହୁନି । ଶୁଭଶ୍ରୀ ମ୍ୟାଡାମ ଏଠାରେ ରୋଗୀ ଦେଖୁଛନ୍ତି ପରା । ତୁ ଟିକିଏ ତୋର ଏ ଗଙ୍ଗାକୁ ତାଙ୍କୁ ଦେଖାଇ ଦିଅନ୍ତୁନି ।"

"ଆରେ ଏ ସାମାନ୍ୟ ସମସ୍ୟାଟା ପାଇଁ ଏ ସାଙ୍ଗ ପାଖରେ ଏତେ ବ୍ୟସ୍ତ ହେବା କଣ ଉଚିତ୍ । ଅଳକା ତୋର ସ୍ତ୍ରୀ । ମୁଁ ତାକୁ ମୋ ଭଉଣୀ ପରି ଶ୍ରଦ୍ଧା କରେ । ତା ପ୍ରତି ମୋର ମଧ୍ୟ କର୍ତ୍ତବ୍ୟ ଅଛି । ଅପେକ୍ଷା କର । ଦଶଟା ବାଜିଲେ ମ୍ୟାଡାମ ଆସିବେ । ସେ ସବୁ ଠିକ୍ କରିଦେବେ । ଆଜି ଆମ ଘରୁ ଖାଇ ପିଇ ଆରାମରେ ଘରକୁ ଯିବ ।"

ଏତିକି କହି ମୁଁ ବର୍ଷାକୁ ଡାକିଲି । ବର୍ଷା ମୋର ସ୍ତ୍ରୀ । ସେ ଉପର ଘରୁ ଆସିଲାରୁ ମୁଁ କହିଲି - "ଦେଖ ବର୍ଷା । କିଏ ଆସିଛନ୍ତି । ଘର ଭିତରକୁ ନେଇଯାଅ । ରନ୍ଧାବଢ଼ା କର । ଆଜି ଶାନ୍ତନୁ ଓ ଅଳକା ଆମଘରୁ ଖାଇ ପିଇ ଘରକୁ ଯିବେ । ମୋର ଆଜି ଖାନାଟିବି ଭଲ ହେବ ।"

ବର୍ଷା ଅଳକାକୁ ଦେଖି ଆନନ୍ଦରେ କୁଣ୍ଢାଇ ପକାଇଲା । ତା ହାତକୁ ଧରି ଭିତରକୁ ନେଇଗଲା ।

ଶାନ୍ତନୁ କହିଲା - "ତୁ ଏ କ'ଣ କହୁଛୁ ଶେଖର । ଗାଁକୁ ଗଲାବେଳକୁ ଆମର ସନ୍ଧ୍ୟା ହେବନା କ'ଣ । ଆରେ, ବାପା ମା' ଦୁଇଜଣ ଅଳକାକୁ ପାଖରୁ ଦଣ୍ଡେ ଛାଡ଼ିବାକୁ ନାରାଜ । ସତେ ଯେପରି ଅଳକା ତାଙ୍କର ଜୀବନ । ଦୁଇଜଣ ଯାକ ରୋଗୀ । ଏ ଅବସ୍ଥାରେ ଅଳକା ବ୍ୟତୀତ ତାଙ୍କ ପାଖରେ ଅଛି କିଏ । ସେଥିପାଇଁ ବିଚରୀ ତା ଜନ୍ମମାଟି ବାପଘରକୁ ଟିକିଏ ଯାଇପାରୁନି । ଆମେ ଘରେ ଯାଇ ଖାଇନେବୁନି । ଆମ ପାଇଁ ବ୍ୟସ୍ତ ହ' ନାରେ ।"

"ବାଃ ବାଃରେ ଶାନ୍ତନୁ । ସତରେ ତୁ କେଡ଼େ ଭାଗ୍ୟବାନରେ । ଅଳକା ଭଳି ସ୍ତ୍ରୀଟିଏ ପାଇଛୁ । ସବୁ ସୁଖ, ଶାନ୍ତି, ଆନନ୍ଦ, ସବୁ ଧନ ତୋ ଗୋଡ଼ ପାଖରେ । ତା ପାଇଁ ମୁଁ ଆଜି ଗର୍ବ କରୁଛିରେ । ସେଥିପାଇଁ ପରିବାରରେ ମା' ମାନଙ୍କୁ ସ୍ତ୍ରୀ ଲୋକମାନଙ୍କୁ ଲକ୍ଷ୍ମୀ ବୋଲି କୁହାଯାଏ । ଅଳକା ତୋ ପରିବାରରେ ଲକ୍ଷ୍ମୀ । ତା ମନରେ ଦୁଃଖ ଦେବୁନିରେ । ମୁଁ ଜାଣିଲେ ତୋ କାନ ମୋଡ଼ିଦେବି ।"

ଶାନ୍ତନୁ ପାଖକୁ ଘୁଞ୍ଚିଆସି କହିଲା- "ଭାଇ ମୋ ଦୁଇକାନକୁ ଆଗରୁ ମୋଡ଼ି ଦେଲୁ ଯେପରି ମୋର ସବୁବେଳେ ତୋ କଥା ମନେରହିବ । ବର୍ଷା ଭାଉଜକୁ ପାଇ ତୁ ବି କମ ଭାଗ୍ୟବାନ ନୁହେଁ । ଆରେ ସେ ପା ତୋ ଘରେ ପାଦ ଦେଲା ମାତ୍ରେ ତୁ ଦୋକାନ ଆରମ୍ଭ କଲୁ । ଏ ଘର ତୋଳିଲୁ । ଆଜି ତୁ ସହରରେ ଜଣେ ପ୍ରତିଷ୍ଠିତ ଔଷଧ ବ୍ୟବସାୟୀ । ମୋ କଥାକୁ ତୁ କଣ ଅସ୍ୱୀକାର କରିବୁ ।"

ମୁଁ ହସି ହସି କହିଲି, "ହଉ ଛାଡ଼ ଏ କଥା । ସବୁକିଛି ଆମର କର୍ମ, ପିତାମାତା ଆଉ ଈଶ୍ୱରଙ୍କ ଆଶୀର୍ବାଦ ।"

ଯଥା ସମୟରେ ଶୁଭଶ୍ରୀ ମ୍ୟାଡାମ ଅଳକାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କଲେ । କିଛିସମୟ ପରେ ହସି ହସି କହିଲେ, "ବୁଝିଲ ଶେଖର । ଶୁଭ ସମ୍ବାଦ । ତୁମ ବନ୍ଧୁ ଶାନ୍ତନୁ ଆଉ ଅଳକାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ସ୍ୱାସ୍ଥ୍ୟଗତ ସମସ୍ୟା ସେପରି କିଛି ନାହିଁ । ଅଳକା ମା' ହେବାକୁ ଯାଉଛନ୍ତି ।"

ଶାନ୍ତନୁ ଆଉ ମୁଁ ଏକ ସ୍ୱରରେ କହିଲୁ, "କଣ କହିଲେ ମ୍ୟାଡାମ, ଅଳକା ମା' ହେବାକୁ ଯାଉଛନ୍ତି । ମା'....ମା'... ବିବାହର ସାତବର୍ଷ ଅତିବାହିତ ହେଲାପରେ ! ସତରେ କ'ଣ... ?"

ଶୁଭଶ୍ରୀ ମ୍ୟାଡାମ କହିଲେ, "ଦେଖନ୍ତୁ ଶାନ୍ତନୁ ବାବୁ ! ମିଛ କହି ଜଣେ ରୋଗୀକୁ ବିଭ୍ରାନ୍ତ କରିବା କୌଣସି ଡାକ୍ତରର ଧର୍ମ ନୁହେଁ । ରୋଗୀଟିଏ ତାର ଚିକିତ୍ସା ପାଇଁ ଯେତେବେଳେ ଡାକ୍ତରଙ୍କର ଶରଣାପନ୍ନ ହୁଏ, ତାର ସରଳ ବିଶ୍ୱାସ ଓ ଭରସା ସହିତ ଖେଳିବା ଅର୍ଥ ଘୋର ପାପ ଅର୍ଜନ କରିବା । ରୋଗୀ ଓ ଡାକ୍ତରଙ୍କ ସମ୍ପର୍କ ଭକ୍ତ ଓ ଭଗବାନଙ୍କ ଭିତରେ ଥିବା ସମ୍ପର୍କ ପରି । ଆପଣ ନିଶ୍ଚିତ ରହନ୍ତୁ, ଅଳକା ମାତୃତ୍ୱ ଲାଭ କରିବାର ଗୌରବ ଅର୍ଜନ କରିବେ ।"

ଶାନ୍ତନୁ ନିର୍ବାକ ହୋଇ ଚାହିଁଥିଲେ କାନ୍ଥରେ ଥିବା ଏକ ଚିତ୍ରପଟକୁ । "ମା' ମେରୀଙ୍କ କୋଳରେ ଭଗବାନ ଯୀଶୁ ।" ଓଃ କି ଚମତ୍କାର ଏ ଦୃଶ୍ୟ । ସତରେ କ'ଣ... ସତରେ କ'ଣ... ଅଳକା ମା' ହେବ ! ଅଫଳନ୍ତି ବୃକ୍ଷ କଣ ଫୁଲ ଫଳରେ ବିମଣ୍ଡିତ ହୋଇ ତାର ସୌନ୍ଦର୍ଯ୍ୟ ଓ ସୁବାସକୁ ବିତରଣ କରିବ । ବିବାହର ସାତବର୍ଷ ବିତିଯାଇଛି । ଘରେ କୁଆଁ କୁଆଁ ରାବନାହିଁ । ଅଳକାର ଆଖିର ଲୁହକୁ ପୋଛି ପୋଛି ତା ହାତ ଯେ ଥକି ଯାଇଛି । ଧନ୍ୟ ତା ବାପା ମା' । ଅଳକାକୁ ଶିଶୁଟିଏ ପରି କୋଳକୁ ଟାଣି ଆଣି ପ୍ରବୋଧନା ଦେଇକହନ୍ତି- କାନ୍ଦନା ମା' । ତୁ ଦିନେ ମା' ହେବୁ । ତୋର ନାରୀ ଜନ୍ମ ସାର୍ଥକ ହେବ । ଏ ବୃଦ୍ଧ ବୟସରେ ସେମାନେ ଏ ସୁସମ୍ବାଦ ଶୁଣିଲେ ଯେଉଁ ଖୁସି ଓ ଆନନ୍ଦର ଲହରୀ ସାମୁଦ୍ରିକ ଜୁଆର ପରି ତାଙ୍କ ହୃଦୟକୁ ଧକ୍କା ଦେବ ସେମାନେ ତାକୁ ସମ୍ଭାଳି ପାରିବେ ତ !

"ଆରେ କଣ ଏତେ ଭାବୁଛୁ ଶାନ୍ତନୁ । ଆରେ, ତୁ ବାପା ହେବୁ, ଅଳକା ମା' ହେବ । ଦେଖ ବର୍ଷା ଓ ଅଳକାକୁ ଦେଖ । ସେମାନେ ଆନନ୍ଦରେ ପରସ୍ପରକୁ କିପରି କୋଳାଗ୍ରତ କରୁଛନ୍ତି । ଆ, ପାଖକୁ ଆ । ଆମେ ବି ଲାଗିଯିବା । ଖୁସି ଓ ଆନନ୍ଦରେ ନାଚିବା, ହସିବା, ହଜିଯିବା ଆନନ୍ଦର ସାଗରରେ । ହଁ, ମନେରଖ । ଝିଅଟିଏ ହେଲେ ଭବିଷ୍ୟତରେ ସେ ଯେପରି ମୋ ଝିଅର ମାନ୍ୟତା ପାଏ, କାରଣ ମୋର ଏକମାତ୍ର ପୁଅ ଶିବୁକୁ ବର୍ତ୍ତମାନ ପାଞ୍ଚବର୍ଷ ।"

ମୋର ଏ କଥା ଶୁଣି ସମସ୍ତେ ହସି ଉଠିଲେ । ଭାଗ୍ୟଶ୍ରୀ ମ୍ୟାଡାମ କହିଲେ - "ଶେଖର ବାବୁ ! ଯଦି ପୁଅ ହୁଏ ।"

ମୁଁ କହିଲି - "ମୁଁ ଭାବିନେବି ମୋର ଦ୍ୱିତୀୟ ସନ୍ତାନ ଜନ୍ମନେଲା ।"

"ବାଃ ତୁମ ଭିତରେ ଥିବା ଅନାବିଳ ସ୍ନେହ, ପ୍ରେମ, ମମତା ଓ ବନ୍ଧୁତ୍ୱକୁ ଯେତେ ଧନ୍ୟବାଦ ଦେଲେ ବି କମ ହେବ । ହଁ ଆଉ ଗୋଟିଏ କଥା ମୋର ମନେ ରଖିବେ । ଜଣେ ଡାକ୍ତର ଭାବରେ ମୋର କହି ରଖିବା ଉଚିତ । ଅଳକା ବିଳମ୍ବିତ ମାତୃତ୍ୱ ଲାଭ କରିବାକୁ ଯାଉଛନ୍ତି । ଏଥିରେ କିଛି ସମସ୍ୟା ନାହିଁ । ତଥାପି ତାଙ୍କର ମାନସିକ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବା ଆପଣଙ୍କ ପରିବାରର ଦାୟିତ୍ୱ । ଅଳକାଙ୍କ ପାଇଁ ବର୍ତ୍ତମାନ ସମୟ ଅତି ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଖାଦ୍ୟ ପେୟରେ ଯଥେଷ୍ଟ ଧ୍ୟାନ ଦେବେ । ସ୍ନେହ, ଶ୍ରଦ୍ଧା, ପ୍ରୀତି, ମମତା ଭଲପାଇବା ଓ ଆନ୍ତରିକତାରେ ଯେପରି

ପରିବାରର କାହାରି ଅଭାବ ନ ହୁଏ । ବିଶେଷତଃ ଶାନ୍ତନୁ ବାବୁଙ୍କର ଏ ଦିଗରେ ବିଶେଷ କର୍ତ୍ତବ୍ୟ ଅଛି । ପ୍ରତି ମାସରେ ମୋ ପାଖରୁ ପରୀକ୍ଷା କରିନେବାକୁ ଯେପରି ଭୁଲି ନ ଯାଆନ୍ତି ।"

ଏ ସୁଖ ସମ୍ବାଦଟା ଯଥାଶୀଘ୍ର ମା'ଙ୍କୁ ଦେବାକୁ ହେବ । ଅଧିକ ବିଳମ୍ବ ନ କରି ଶାନ୍ତନୁ ଓ ଅଳକା ଗାଁକୁ ବାହାରିଲେ । ତାଙ୍କ ଯିବା ପଥକୁ ଏକ ନୟନରେ ଚାହିଁ ରହିଥିଲୁ ମୁଁ ଓ ବର୍ଷା । ବର୍ଷା କଣ ଭାବୁଥିଲା କେଜାଣି, ମୁଁ କିନ୍ତୁ ଖୋଜୁଥିଲି ଗୋଟିଏ ସୁଖୀ ଦମ୍ପତିର ସଂଜ୍ଞା । ମୋର ସାଙ୍ଗ ଶାନ୍ତନୁ ଆଉ ଅଳକା ସେଥିରୁ ବ୍ୟତିକ୍ରମ ନ ଥିଲେ । ଆସିଥିଲେ କୌଣସି ରୋଗର ଆଶଙ୍କା କରି, ଦୁଃଖ ଓ ଶୋଚନାରେ, ମ୍ରିୟମାଣ ହୋଇ ମାତ୍ର ଫେରିଲାବେଳେ ସୁଖ ଆନନ୍ଦର ଉଚ୍ଛୁଳା ନଈରେ ସେମାନେ ଯେ ଭାସି ଭାସି ଚାଲିଗଲେ । ହେ ବିଧାତା, ତାଙ୍କ ଶୂନ୍ୟ କୋଳକୁ ଯଥାଶୀଘ୍ର ପୂର୍ଣ୍ଣ କର ।

ବର୍ଷା ମୋତେ ପଚାରିଲା - "ଆରେ କଣ ଭାବୁଛ ଶେଖର ?"

"ଭାବିବି ଆଉ କଣ ବର୍ଷା । ଭାବୁଥିଲି ଅଳକାର ବିଳମ୍ବିତ ମାତୃତ୍ୱର କଥା । ଆହା...ବିଚାରୀ ।"

"ଏହା କେଉଁ ନୂଆ କଥା କି । ବୈବାହିକ ଜୀବନରେ ସାତବର୍ଷ ପରେ ମା' ହେବା ବଡ଼ କଥା ନୁହଁ । ପନ୍ଦର ବର୍ଷ ପରେ କିଛି ବି ମା' ସନ୍ତାନବତୀ ହୋଇଛନ୍ତି । ଗର୍ଭଧାରଣ କରିଛନ୍ତି ।" ଏତିକି କହି ବର୍ଷା ଭିତରକୁ ଚାଲିଗଲା ।

ରାତି ଆସିଲା ଆଉ ତାର ନରମ କୋଳରେ ସହରଟା ଶୋଇଗଲା । ମାତ୍ର ମୋ ଆଖିରେ ନିଦ ନାହିଁ । ବର୍ଷା ଶୋଇଛି । ଏବେ ମୌସୁମୀ ଛୁଇଁଛି ସାରା ରାଇଜକୁ । ଝିପିଝିପି ବର୍ଷାରେ ଗାଢ଼ ନିଦ୍ରାରେ ଶୋଇଯିବାକୁ ପାଗ ବେଶ ଅନୁକୂଳ । ବର୍ଷା ଶୋଇଥାଉ । ମୁଁ ଖାଲି କଡ଼ ଲେଉଟାଇ ଭାବୁଥିଲି ଅଳକା ଆଉ ଶାନ୍ତନୁର କଥା । ଏହା ଭିତରେ ସାତବର୍ଷ ଅତିବାହିତ ହୋଇଗଲେଣି । ଶାନ୍ତନୁକୁ ନେଇ ସେଦିନ ଘଟିଥିବା ଘଟଣା କେବେ କେମିତି ଯେ ମୋର ମନେ ନ ପଡ଼େ ତା ନୁହେଁ । କିନ୍ତୁ ଆଜି ଆକାଶକୁ ମେଘ ଢାଙ୍କିଲା ପରି ମୋ ମନକୁ ଆଚ୍ଛାଦିତ କରି ରଖିଛି । କାହିଁକି, କଣ ପାଇଁ ସେ ଘଟଣା ମୋତେ ଆଜି ଶୋଇବାକୁ ଦେଇନି । ଶାନ୍ତନୁ ମୋର ସହୃଦୟ ବନ୍ଧୁ । ଅଳକାକୁ ମୁଁ ମୋର ଭଉଣୀ ଠାରୁ ଅଧିକ ସ୍ନେହ କରେ । ଶ୍ରଦ୍ଧା କରେ । ସେମାନେ ପିତାମାତା ହେବାର ଗୌରବର ଅଧିକାରୀ ହେବେ ଏହି ସୁସମ୍ବାଦଟି ମୋର ସ୍ମୃତିରେ ଶୋଇ

ରହିଥିବା ସେଦିନ ଘଟଣାକୁ ଉଜ୍ଜୀବିତ କରିଦେଲା । ମୋ ମନ ଭିତରେ ଶୋଇ ଯାଇଥିବା ଶୁଷ୍କ ନଦୀଟି ସତେ ଅବା ଆଜି ସୁଖ ଆନନ୍ଦର ବାରିଧାରାରେ କୂଳ ଲଙ୍ଘନ କଲା । ସେହି ଚିନ୍ତାର ସ୍ରୋତରେ ମୁଁ ନିଜକୁ ହଜେଇ ଦେଲି ।

ପ୍ରାୟ ଦଶବର୍ଷ ତଳେ ସେଦିନ ଦୀନବନ୍ଧୁ ସାର, ଶାନ୍ତନୁର ବାପା ଆଉ ମୋର ପୂଜ୍ୟ ଶିକ୍ଷକ ହଠାତ୍ ମୋତେ ଡକେଇ ପଠେଇଲେ । ସେତେବେଳେ ମୁଁ ଆଉ ଶାନ୍ତନୁ କଲେଜ ଛାଡ଼ିଥାଉ । ମୁଁ ସହରରେ ଗୋଟିଏ ପ୍ରତିଷ୍ଠିତ ମେଡିସିନ ଦୋକାନରେ କାମ କରୁଥାଏ । କିନ୍ତୁ ଶାନ୍ତନୁ ଗାଁରେ ବେକାର ହୋଇ ବୁଲୁଥାଏ । ମୁଁ ଆସି ସାରଙ୍କୁ ଦେଖା କଲି । ଶାନ୍ତନୁ ବି ଘରେ ଥାଏ । ସାର ମୋତେ କହିଲେ- "ବାପ ! ତୁ ଆସିଲୁ ଖୁବ ଭଲ ହେଲା । ଶାନ୍ତନୁ ତୋର ବନ୍ଧୁ । ଦୁହେଁ ମୋର ଛାତ୍ର । ତାକୁ ଟିକିଏ ପଢାରିଲୁ, ସେ ଏବେ କ'ଣ କରୁଛି ?" ନମ୍ର ଭାବରେ କହିଲି, "ସାର, ଚାକିରି ବାକିରି ପାଇବା ଆଜିକାଲି ଯୁଗରେ ଏତେ ସହଜ ନୁହେଁ । ଆପଣଙ୍କର ଚାକିରି ଅଛି । ଭଲ ଜମି ବାରି ମଧ୍ୟ ଅଛି । ଚାକିରି ଖଣ୍ଡେ ପାଇଁ ଚେଷ୍ଟା କରିବା ସହ ସେ ତ ଜମିବାରି କାମରେ ଆପଣଙ୍କୁ ସହଯୋଗ କରୁଥିବ । ଆଉ କ'ଣ ବା କରିବ ।"

ତୁ ବାପ ସହରରେ ରହିଗଲୁ । ବ୍ୟସ୍ତତା ଭିତରେ ତା ଖବର ଏତଟା ବୋଧହୁଏ ତୁ ରଖିନୁ । ଆରେ ସେ ଏବେ ବେପାରରେ ମାତିଛି । ବେପାର କରିବା ଭଲ ମାତ୍ର ଦଲାଲଗିରି କରିବା ।

"ଦଲାଲଗିରି ! ମୁଁ ସାର ବୁଝି ପାରୁନି ।"

ସେ ଗୋଟିଏ ବ୍ୟାଗ ଆଣି ମୋତେ ଧରେଇ ଦେଇ କହିଲେ - "ଦେଖ, ଏଥିରେ କ'ଣ ସବୁଅଛି ।"

ବ୍ୟାଗଟିକୁ ମୁଁ ଖୋଲିଲି । ଶାନ୍ତନୁ ତଳକୁ ମୁହଁ ପୋତି ନୀରବରେ ନମ୍ର ଛାତ୍ରଟିଏ ପରି ବସିଥାଏ ।

ମୁଁ କହିଲି, "ଶାନ୍ତନୁ, ଇଏ ସବୁ କ'ଣ ? ଏତେଗୁଡ଼ିଏ ଯୁବକ ଆଉ ଯୁବତୀଙ୍କର ଫଟୋ, ଆଉ କେତେଖଣ୍ଡ ଜାତକ ଏବଂ ଟିପଣୀ ତୁ ରଖିଛୁ କାହିଁକି ? ତୋର କଣ ଦରକାର ।"

ଶାନ୍ତନୁ କହିଲା, "ଶେଖର ! ଘରେ ବେକାର ବସିବାକୁ ଭଲ ଲାଗୁନି । ମୁଁ ଜାଣେ ଏ କାମ ବାପାଙ୍କୁ ବାଧିବ । ହେଲେ ଏ କାମ କରି ମୁଁ ଦୁଇ ପଇସା ରୋଜଗାର

କରିପାରୁଛି । ଚାକିରି ଖଣ୍ଡେ ହୋଇଗଲେ ମୁଁ ବଳେ ଛାଡ଼ିଦେବିନି । ବାପାଙ୍କୁ ଟିକିଏ ବୁଝେଇଦେ । କେତେ ବେକାର ପିଲା ଏବେ ଏ କାମ କରୁଛନ୍ତି । ସେମିତି କିଛି ଖରାପ କାମ ନୁହେଁ ତ । ଆଜିକାଲି ଯୁଗରେ ବରପାତ୍ରଟିଏ ଅବା କନ୍ୟାପାତ୍ରୀଟିଏ ଖୋଜି ବାପା ମା' ମାନେ ନୟାନ୍ତ ହୋଇଯାଉଛନ୍ତି । ସେ କାମ ଯଦି ମଝିରେ ଆମେ କରିଦେଲୁ ଏହା ତ ଗୋଟିଏ ଭଲ କଥା । ଅନ୍ୟମାନେ ଉପକୃତ ହେବେ ଆଉ ଆମକୁ ବି ଦୁଇପଇସା ମିଳିଯିବ ।"

ମୁଁ କହିଲି, "ଆରେ ହଁ । ଭଲ କଥା ଅବଶ୍ୟ । ତୁ ତ ଜାଣୁ ହାତରେ ମୂଳଧନ ନଥାଏ । ତଥାପି କିଛି ଚାଲାକ ଚତୁର ଲୋକ ବ୍ୟବସାୟ କରନ୍ତି । ମିଛ ସତ କହି କାହାର କିଛି ବିକେଇ ଦେଲେ ସେମାନେ ଦୁଇ ପାଖରୁ କିଛି ଅର୍ଥ ପାଇଥାନ୍ତି । ହାଟ ମାନଙ୍କରେ ଗୋରୁ ବେପାରୀମାନଙ୍କ କଥା ଥରେ ଭାବିଦେଖ । ଅନ୍ୟାନ୍ୟ ବେପାର ବଣିଜ ଅନୁଷ୍ଠାନମାନଙ୍କରେ ବି ଏ ପ୍ରଥା ଚଳେ । ସେମାନେ ବେପାରୀ ନୁହନ୍ତି, ଦଲାଲ । ତୁ ଏ ଯେଉଁ କାମରେ ହାତ ଦେଇଛୁ ଏ ବି ଦଲାଲମାନଙ୍କର କାମ । ତୁ ଯେଉଁ ପୁଅ ବା ଝିଅର ଦାୟିତ୍ୱ ବହନ କରିବୁ ତୁ କଣ ସେମାନଙ୍କ ସମ୍ବନ୍ଧରେ ସବୁକଥା ଜାଣୁ । ଆବଶ୍ୟକ ପଡ଼ିଲେ ତୋତେ ମିଥ୍ୟାର ଆଶ୍ରୟ ନେବାକୁ ହେବ । ଏଥିରେ ରୋଜକାର ଅଛି ସତ ମାତ୍ର ମାନ ସମ୍ମାନ, ଇଜ୍ଜତ ଯିବାର ଆଶଙ୍କା ବି ଅଛି । ଏ କାମ ତୋ ପକ୍ଷରେ ଭଲ ନୁହେଁ ।"

ସାର କହିଲେ, "ମୁଁ ତ ବୁଝେଇ ବୁଝେଇ ଥକି ଗଲିଣି । ତାକୁ ବୁଝା । ତୋ କଥା ହୁଏତ ରଖିବ । ଗାଡ଼ି ଧରି ବାବୁ ସକାଳୁ ବାହାରି ଯାଉଛନ୍ତି । ଆସିଲା ବେଳକୁ ରାତି । ତୋ ସହିତ କିମ୍ବା ଆମ ସହିତ ସେ ତ ଟିକିଏ ପରାମର୍ଶ କରି ଏ କାମରେ ହାତ ଦେଇଥାନ୍ତା । ପେଟ ପୋଷିବା ପାଇଁ କଣ ଅନ୍ୟ ପନ୍ଥା ନାହିଁ । ତା ଛଡ଼ା ଆମର ଅଭାବ ବା କଣ ଅଛି ।"

ଶାନ୍ତନୁ କିନ୍ତୁ ଆମ କଥା ରଖିଲା ନାହିଁ । କେତୋଟି ପ୍ରସ୍ତାବରେ ସେ ଏପରି ଛନ୍ଦିହୋଇ ଯାଇଥିଲା ଯେ, ଆମ କଥା ରଖିପାରିଲାନି । ବରଂ ସେ ଦିନକୁ ଦିନ ତା ବାଟରେ ବାଟୋଇଟିଏ ପରି ଆଗେଇ ଚାଲିଲା । ମୁଁ ତାକୁ ମଝିରେ ମଝିରେ ସାବଧାନ କରିଦିଏ । ସେ କହେ "ମୋ କାମ ଠିକ୍ ଚାଲିଛି । ତୁ ବ୍ୟସ୍ତ ହଅ ନା ।"

ମୁଁ ନିଶ୍ଚିତ ଥାଏ । ସାରଙ୍କୁ ବୁଝାଉ ଥାଏଁ ।

ମାତ୍ର ଦୁଇ ତିନି ବର୍ଷର କାରବାର ପରେ ଦିନେ ରାତି ଦଶଟା ପାଖାପାଖି ତା ପାଖରୁ ହଠାତ୍ ଫୋନ ପାଇଲି । "ଶେଖର ବଡ଼ ବିପଦରେ ପଡ଼ିଯାଇଛିରେ । ମୁଁ ଏବେ କଣ କରିବି କହିଲୁ ?"

"ଆରେ ! ତୋର ହୋଇଛି କଣ ? ତୁ ଗାଁରେ ଅଛୁ ତ ? ସାରଙ୍କ ଦେହ ପା ଖରାପ ହେଲା କି ?"

ସେ କାନ୍ଦ କାନ୍ଦ ସ୍ୱରରେ କହିଲା, "ନା ସେ ସବୁକିଛି ନୁହେଁ । ତୁମମାନଙ୍କ ଉପଦେଶ ନ ମାନି ମୁଁ ଯେଉଁ ଗାତ ଖୋଳିଥିଲି ସେଥିରେ ପଡ଼ିଯାଇଛି । ମୁଁ ସୁଜନପୁର ଆମ ଗାଁ ଠାରୁ ପ୍ରାୟ ପନ୍ଦର କିମି ଦୂରରେ ରମେଶ ପ୍ରଧାନଙ୍କ ଘରେ ଅଛି । ବନ୍ଧନରେ ପଡ଼ିଛି । ତୁ ତ ସାଙ୍ଗ ନୁହେଁ, ମୋର ଭାଇ । ପାରୁ ଯଦି ମୋତେ ଏଠାରୁ ମୁକ୍ତି କର । ତୁ ଆସିଲେ ସବୁ ଜାଣିବୁ । ପାରିବୁ ତ ବାପାଙ୍କୁ ନେଇ ଆସିବୁ । ତାଙ୍କ ପାଦଧରି କ୍ଷମା ମାଗିବି । ମା'ଙ୍କୁ କିଛି ଜଣେଇବୁ ନାହିଁ । ମୋତେ ତୁ ବି କ୍ଷମା କରିଦେବୁ । ସାଥିରେ କିଛି ଟଙ୍କା ଧରି ଆସିଥିବୁ ।"

କଥାଟା କିଛି ଖୋଲି କହିଲା ନାହିଁ । କିନ୍ତୁ ସେ ଯେ ବିପଦରେ ଅଛି ତାର ବ୍ୟାକୁଳତାରୁ ସ୍ପଷ୍ଟ ବାରି ହୋଇପଡ଼ିଲା । ପ୍ରକୃତରେ ମୁଁ ତାକୁ ମୋର ଜଣେ ଭାଇ ପରି ଭଲପାଏ । "ପାରୁ ଯଦି ମୋତେ ଏଠାରୁ ମୁକ୍ତିକର ।" ଏହିକଥା ପଦକ ମୋ କାନ ପାଖରେ ବାରମ୍ବାର ପ୍ରତିଧ୍ୱନିତ ହେଲା । ମୁଁ ମୋ ବାଇକ ଧରି ଆଗେ ଗାଁକୁ ଗଲି । ସେଠାରୁ ସାରଙ୍କୁ ନେଇ ସିଧା ଗଲି ସୁଜନପୁର । ମୁଁ ଯାହା ଅନୁମାନ କରୁଥିଲି ସାର ବି ମୋତେ ବାଟରେ ସେହି କଥା କହିଲେ । ନିଜ ବ୍ୟବସାୟରେ ସେ ନିଜେ ଛନ୍ଦି ହୋଇପଡ଼ିଛି । ପ୍ରାୟ ଅଧଘଣ୍ଟାକ ଭିତରେ ଆମେ ଯାଇ ସୁଜନପୁରରେ ପହଞ୍ଚିଗଲୁ । ଗାଁକୁ ପକ୍କା ରାସ୍ତା । ମଝିରେ ମଝିରେ ଆକର୍ଷଣୀୟ ମନଲୋଭା ସୁସଜ୍ଜିତ ବିବାହ ଉପଲକ୍ଷେ ନିର୍ମିତ ତୋରଣ । ବରକନ୍ୟାଙ୍କର ଯୁଗଳ ଫଟୋ ବିଦ୍ୟୁତ ଆଲୋକରେ ଝଲସୁଥିଲା । ମାତ୍ର ଗାଁର ଆଲୋକ ଥିଲା କିନ୍ତୁ ନିଷ୍ପ୍ରଭ । ମୋତେ ଲାଗିଲା ଗାଁଟି ଦୁଃଖ ଓ ଆତଙ୍କର ଘୋର ଅନ୍ଧକାର ଭିତରେ ଶୋଇଯାଇଛି । ସାଜସଜ୍ଜାରୁ ମୁଁ ଅନୁମାନ କରିନେଲି କୌଣସି ଏକ ଧନୀ ପରିବାରର ବିବାହ ଉତ୍ସବ ଚାଲିଛି । ସେଠାରେ ହୁଏତ ମଧ୍ୟସ୍ଥି କାମ କରି ଫସିଯାଇଛି ଶାନ୍ତନୁ ।

ମାତ୍ର ଏ କ'ଣ ? ଏହା କିପରି ସମ୍ଭବ ହେଲା । ଗାଁ ଶେଷ ଭାଗରେ ଛୋଟିଆ କୁଡ଼ିଆଖଣ୍ଡେ । ଘର ଆଗରେ ବିପର୍ଯ୍ୟୟ ବେଦୀ । ସବୁକିଛି ଶୂନଶାନ । କେବଳ ନିରବତାର ରାଜୁତି । ଯେଉଁଠାରେ ସୁଖ, ଆନନ୍ଦ, ହସ, ଖୁସି ଓ କୋଳାହଳ ଜୁଆରରେ ସମସ୍ତେ ମତୁଆଲା ହୋଇଥାଆନ୍ତେ, ସେଠାରେ ଦୁଃଖ ଯନ୍ତ୍ରଣା ଓ ବେଦନାର ସ୍ୱର ଗୁମୁରି ଉଠୁଛି କାହିଁକି । କିଏ କିପରି କାହିଁକି ଭରି ଦେଇଛି ଏଠାରେ ବିଷ । ଆମକୁ ଦେଖି ନିରବରେ ଅପେକ୍ଷାରତ କିଛି ଲୋକ ଆଗେଇ ଆସିଲେ ତ ନମ୍ରତା ପୂର୍ବକ ନମସ୍କାର କରି ଆମର ପରିଚୟ ମାଗିଲେ ।

ପରିଚୟ ପରେ ଜଣେ ଭଦ୍ରଲୋକ ଆମକୁ କହିଲେ, "ଆଜ୍ଞା, ଏତେ ରାତିରେ ଆପଣ ଆମ ଗାଁକୁ ଆସିଛନ୍ତି । ଏତେ ଦୁଃଖରେ ବି ଆପଣଙ୍କୁ ଦେଖି ଆମେ ବହୁତ ଖୁସି । ସୁଜନପୁରର ସରପଞ୍ଚ ଭାବରେ ମୁଁ ଆପଣଙ୍କୁ ସ୍ୱାଗତ କରୁଛି । ଆପଣଙ୍କ ପୁଅ ଶାନ୍ତନୁବାବୁ ଆମ ପାଖରେ ଅଛନ୍ତି । ଆମକୁ ଆପଣ କ୍ଷମା କରିଦେବେ, ତାଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର ଆମେ କରିନୁ । ଏଇତ ଶାନ୍ତନୁ ବାବୁ ଆପଣଙ୍କ ପାଖକୁ ଆସୁଛନ୍ତି । ଆପଣ ତାଙ୍କୁ ପଚାରିପାରନ୍ତି ।"

ଶାନ୍ତନୁ ଆଖି ଛଳଛଳ କରି ସାରଙ୍କ ପାଦ ଦୁଇଟିକୁ ଧରି ଶିଶୁଙ୍କ ପରି କହିଲା, "ବାପା ! ଆପଣଙ୍କ କଥା ନ ମାନି ମୁଁ ବଡ଼ ଅପରାଧ କରିଛି । ଆପଣ ମୋତେ କ୍ଷମା କରିଦିଅନ୍ତୁ ।" ତାପରେ ମୋତେ ଚାହିଁ କହିଲା, "ଶେଖର ଭାଇ ମୋର, ମୋତେ କଣ କ୍ଷମା କରିବୁନି । ତୋ କଥା ନରଖି ଆଜ !"

ସାର ସରପଞ୍ଚ ବାବୁଙ୍କୁ ପଚାରିଲେ - "ଆଜ୍ଞା ! ଏଠାରେ ଘଟିଛି କ'ଣ ? ଏ ବିବାହ ଉତ୍ସବରେ ଶାନ୍ତନୁ ସହିତ ଆପଣମାନଙ୍କର ସମ୍ପର୍କ କ'ଣ ?"

ସରପଞ୍ଚ ବାବୁ କହିଲେ, "ତେବେ ସବୁକଥା ମୋ ପାଖରୁ ଶୁଣନ୍ତୁ ଆଜ୍ଞା ।"

ଏ ବିବାହ ଉତ୍ସବ ଥିଲିଥିଲା ଏକ ଅସହାୟା ବିଧବା ମା'ର ଝିଅ ଅଳକାର । ଆମ ପାଖ ଗାଁର ଏକ ବିବାହ ଉତ୍ସବରେ ଶାନ୍ତନୁବାବୁ ଆମର ଭେଟ ହୋଇଥିଲେ । ଅଳକା ପାଇଁ ବରପାତ୍ରଟିଏ ଯୋଗାଡ଼ କରିଦେବା ପାଇଁ ଆମେ ତାଙ୍କୁ ଅନୁରୋଧ କରିଥିଲୁ । ଆମର ତାଙ୍କ ଉପରେ ଗଭୀର ବିଶ୍ୱାସ ଥିଲା । କାରଣ ସେ ଅନ୍ୟ ମଧ୍ୟସ୍ଥଙ୍କ ପରି ନଥିଲେ । ତାଙ୍କର ଉତ୍ତମ ବ୍ୟବହାର, ସରଳତା ଓ ନମ୍ରତା ଆଉ ବ୍ୟକ୍ତିତ୍ୱ ତାଙ୍କୁ ଅନ୍ୟ ମଧ୍ୟସ୍ଥଙ୍କ ଠାରୁ ଅଲଗା କରିଥିଲା । ତାଙ୍କ ପରି ଜଣେ ଅମାୟିକ ଉଚ୍ଚ ଶିକ୍ଷିତ

ଭଦ୍ରପିଲା କାହିଁକି ଯେ ଏପରି ଗୋଟିଏ ବୃତ୍ତିକୁ ଆପଣେଇ ନେଇଥିଲେ, ତା ଅବଶ୍ୟ ମୁଁ ଜାଣେନା । ମଣିଷ ଚିହ୍ନିବାରେ କ୍ଷମତା ଭଗବାନ ମୋତେ ଦେଇଛନ୍ତି ଆଜ୍ଞା । ଏଠାରୁ ଦଶ କିମି ଦୂର ଗୋଟିଏ ଗାଁରେ ସେ ବରପାତ୍ରଟିଏ ଯୋଗାଡ଼ କରିଦେଲେ । ଆମର ବି ପସନ୍ଦ ହେଲା । ପିଲାଟିର ଚାକିରି ବାକିରି ନ ଥିଲେ ବି କିଛି ଜମିବାରି ଅଛି । ଝିଅଟି ସୁଖରେ ରହିଲେ ହେଲା । ବିଧବା ମାର ଝିଅ ଆଜ୍ଞା । ପାଖରେ କାଣି କଉଡ଼ିଟିଏ ନାହିଁ । ମାତ୍ର ଝିଅ ଅଳକା ଥିଲା ଏ ଗାଁର ସମସ୍ତଙ୍କର ଆପଣାର । ଝିଅତ ନୁହେଁ, ଯାହାକୁ କହନ୍ତି ସୁନାମୁଣ୍ଡାଟିଏ । ପାଠ ଶାଠ ପଢ଼ିଛି । ଟ୍ୟୁସନ କରେ । ମା' ଅନ୍ୟର ପାଇଟି କରେ । ଚଳି ଯାଆନ୍ତି । ଝିଅ ଅଳକା ଏ ଗାଁର କାହାର ଭଉଣୀ ତ କାହାର ଝିଆରୀ ଆଉ ବି କାହାର ନାତୁଣୀ । ଗାଁରେ ମାଗଣ କରି ଆମେ ଆସବାବ ପତ୍ର ଯୋଗାଡ଼ କଲୁ । ସାଧାରଣ ବାହାଘରଟିଏ ପାଇଁ ଅର୍ଥ ମଧ୍ୟ ଯୋଗାଡ଼ ହୋଇଗଲା । ବରପକ୍ଷ ଆମର ଦୟନୀୟ ଅବସ୍ଥା ଦେଖି କେବଳ ପୋଷାକ ପାଇଁ ଆମଠାରୁ କୋଡ଼ିଏ ହଜାର ଟଙ୍କା ନେଇଥିଲେ ଯାହାକୁ ଆମେ ଶାନ୍ତନୁ ବାବୁଙ୍କ ହାତରେ ପଠାଇଥିଲୁ ।

ମୁଁ କହିଲି, "ସେ ତ ଟଙ୍କା ବରପକ୍ଷଙ୍କୁ ଦେଇଥିବ । ତେବେ ଅସୁବିଧା କ'ଣ ହେଲା ?"

"ହଁ ଆଜ୍ଞା ! ସେ ତ୍ରୁଟି କରିବା ପିଲା ନୁହନ୍ତି । ଆଜି ରାତିରେ ବର ଆସିଥାନ୍ତା । ସନ୍ଧ୍ୟାରେ ଶାନ୍ତନୁ ବାବୁଙ୍କ ପାଖକୁ ଫୋନ ଆସିଲା ଯେ, ସେ ବର ତା ପ୍ରେମିକାକୁ ନେଇ କୁଆଡ଼େ ଫେରାର ହୋଇଯାଇଛି । ଦେଇଥିବା ଟଙ୍କା ଆସି ନେଇଯାଅ । ଥରେ ଭାବିଲେ ଆଜ୍ଞା, ଆମର ସୁନାପରି ଝିଅ ମଙ୍ଗୁଳା କନ୍ୟା ହୋଇ କିପରି ଦେହ ଧରି ରହିବ । ଏ ସମ୍ବାଦ ଶୁଣି ସେ ବାରିପାଖ ପୋଖରୀକୁ ଡ଼େଇଁ ପଡ଼ିଲା । ମାତ୍ର ଆମର ସଚେତନତା ତାକୁ ରକ୍ଷା କଲା । ଆଉ ତା ବିଧବା ମା ବାରମ୍ବାର ଜ୍ଞାନ ହରାଇ ବସୁଛି ।"

ସାର କହିଲେ, "ଆଜିକାଲି ଯୁଗରେ ଏହିପରି କେତେ କଣ ଘଟିଯାଉଛି । ତେବେ ଶାନ୍ତନୁକୁ ଅଟକ ରଖିଛନ୍ତି କାହିଁକି ? ସେ ବା ଏ ଗୁମର କଥା ଜାଣିବ କିପରି ?"

ସରପଞ୍ଚ ବାବୁ କହିଲେ, "କହିବାକୁ ଲାଜ ମାଡୁଛି ଆଜ୍ଞା । ତାଙ୍କୁ ଅଟକ ରଖିବାର କାରଣ ହେଉଛି ସେହି ଟଙ୍କା । କାଲେ ସେମାନେ ଆଣି ଦେଇଯିବେ ।

ଗୋଟିଏ ଝିଅର ବିଭାଘର ପାଇଁ ମାଗଣ କରି ସମସ୍ତ ଅର୍ଥ ସଂଗ୍ରହ କରିବା କେତେ କଷ୍ଟ ଆପଣତ ଜାଣନ୍ତି । ଏ ଗାଁ ମାଟିର ସେ ଝିଅ । ଆମର ପ୍ରତି ପରିବାରର ସେ ଆପଣାର । ତା ପ୍ରତି ଆମର ଏ ଦୟା ନୁହେଁ ଆଜ୍ଞା । ଆମର କର୍ତ୍ତବ୍ୟ । ଦେଖୁନାହାନ୍ତି ଗାଁ ସାରା ସବୁ ପରିବାର ଆଗରେ ଝୋଟି ପଡ଼ିଛି ।"

ସାର କହିଲେ, "ଭାଇମାନେ ! ଆପଣଙ୍କର ଗାଁର ଏ ସଭ୍ୟତା, ସଂସ୍କୃତି, ପରମ୍ପରା ଓ ଆପଣଙ୍କର ବଦାନ୍ୟତା, ମାନବିକତା, ଆଉ ମଣିଷ ପଣିଆକୁ ଆମର ପ୍ରଣାମ । ଏ ସ୍ୱାର୍ଥସର୍ବସ୍ୱ ଯୁଗରେ ଏ ଉଦାହରଣ ସମସ୍ତଙ୍କ ପାଇଁ ଏକ ଆଲୋକର ଉତ୍ସ ହେଉ - ଏତିକି ମୋର କାମନା । ବରଘର ପକ୍ଷରୁ ଆଉ ଟଙ୍କା ଆଶା କରନ୍ତୁ ନାହିଁ । ଆପଣଙ୍କର ସୁନା ମୁଣ୍ଡାପରି ଝିଅ ପାଇଁ ପାତ୍ର ଅଭାବ ହେବେନି । ଧୈର୍ଯ୍ୟ ଧରନ୍ତୁ । ସବୁ ଭଗବାନ ଠିକ୍ କରିଦେବେ । ଅର୍ଥପାଇଁ ମଧ୍ୟ ଚିନ୍ତା କରନ୍ତୁନି । ଚଲନ୍ତୁ ଆପଣଙ୍କ ଅତି ଆଦରଣୀୟା ଝିଅକୁ ଟିକିଏ ଦେଖିବା । ସେ ସୁନାଝିଅଟି ପ୍ରତି ଆମର ବି କର୍ତ୍ତବ୍ୟ ଓ ଶ୍ରଦ୍ଧା ଅଛି ।"

ଆମେ ସେ କୁଡ଼ିଆ ଭିତରକୁ ଆଗେଇ ଗଲୁ ।

ଝିଅଟି ଖଣ୍ଡେ ସପ ଉପରେ ଶୋଇଥାଏ । ଏତେ ଦୁଃଖରେ ବି ତାର ମୁଖ ମଣ୍ଡଳର ସୌନ୍ଦର୍ଯ୍ୟ ଆମକୁ ଅଭିଭୂତ କରିଦେଲା । ମୋତେ ଲାଗିଲା ସେ ଅବା ପରୀ ରାଇଜରୁ ଓହ୍ଲାଇ ଆସିଛି ଏ ଗରିବ କୁଡ଼ିଆକୁ । ସାର ତା ମୁଣ୍ଡରେ ହାତ ମାରି ଡାକିଲେ, "ମା ଅଳକା ! ଆଖି ଖୋଲ ମା' ।" ପ୍ରବଳ ଝଡ଼ମାଡ଼ରେ ଡେଣା ହରାଇଥିବା ଏକ ଆତଙ୍କିତ ଅସହାୟ କପୋତୀ ପରି ସେ କେବଳ ସାରଙ୍କୁ କୁଣ୍ଢାଇ ଧରି ବିକଳରେ କାନ୍ଦିବାକୁ ଲାଗିଲା ।

ମୋ ଆଖି ବି ଛଳଛଳ ହେଲା । ସାର ମୋତେ ପଚାରିଲେ- "ଶେଖର ! କଣ ଦେଖୁଛୁ ବାପ ?"

ମୁଁ କହିଲି, "ସାର, ମୁଁ ଦେଖୁଛି ଦେବଲୋକର ଅଭିଶପ୍ତା ଗନ୍ଧର୍ବୀଟିଏ ଦାରିଦ୍ର୍ୟର ବିଷବଳୟ ଭିତରେ ଏ ଭଗ୍ନ କୁଡ଼ିଆରେ ଜନ୍ମ ନେଇଛି । ତା ବର ଫେରାର ହୋଇଯାଇ ଠିକ କରିଛି । କାରଣ ସେ ଏ ଝିଅକୁ ମୁକ୍ତି ଦେଇପାରିନଥାନ୍ତା । ଯାହାର କର ସ୍ପର୍ଶରେ ଏ ମୁକ୍ତି ପାଇବ ସେ ନିଶ୍ଚୟ ଆସିବ ।"

ସାର ଆକାଶକୁ ଚାହିଁଲେ । ଟିକି ଟିକି ତାରାଙ୍କ ମେଳରେ ଚାନ୍ଦଟା ହସୁଥିଲା । କିଛିସମୟ ଭାବି ସେ କହିଲେ- "ଭାଇମାନେ ! ଏବେ ମୋର ଗୋଟିଏ ଅନୁରୋଧ ରଖିବେ ?"

"କହନ୍ତୁ ସାର ! ଆପଣଙ୍କର ଅନୁରୋଧ ଏ ଗାଁ ନିଶ୍ଚୟ ରଖିବ । ଗୋଟିଏ ଫୁଟା ଡଙ୍ଗାରେ ଭରା ନଈରେ ଆମେ ଭାସୁଥିବା ବେଳେ କୂଳରେ ଥାଇ ଆପଣ ଯାହା ଦିଗଦର୍ଶନ ଦେବେ ଆମେ ନିଶ୍ଚୟ ମାନିବୁ ।"

"ଆପଣଙ୍କର ଏ ଝିଅ ଅଳକାକୁ ମୋର ଏକମାତ୍ର ପୁତ୍ର ଶାନ୍ତନୁ ହାତରେ ସମର୍ପି ଦେବାପାଇଁ ଆପଣଙ୍କର କିଛି ଆପତ୍ତି ଅଛି କି ?"

ଏହି ପଦିକ କଥାରେ ସେ ଗାଁ ଉପରୁ ଝଡ଼ ଅପସରିଗଲା । କୋଳାହଳ, ନୃତ୍ୟ, ଗୀତ ବାଦ୍ୟରେ ସୁଜନପୁର ପୁଣି କମ୍ପି ଉଠିଲା । ପୁରୋହିତଙ୍କର ପବିତ୍ର ମନ୍ତ୍ରୋଚ୍ଚାରଣ ବେଳେ ମୁଁ ଭାବୁଥିଲି ଅଭିଶପ୍ତା ଗୌତମୀଙ୍କ କଥା । ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ସେ ଯୁଗର ଗୌତମୀ ଉଦ୍ଧାର ପାଇଲା ପରି ଆଜି ଏ ଭଗ୍ନ କୁଡ଼ିଆରେ ନିଜକୁ ପଥର କରି ପଡ଼ିଥିବା ଏ ଯୁଗର ଆଉ ଜଣେ ଗୌତମୀ ମୁକ୍ତି ପାଇବା ପାଇଁ ସତେଥିବା ଅପେକ୍ଷା କରିଥିଲା ମୋର ପୂଜ୍ୟ ଗୁରୁଦେବଙ୍କର ଶ୍ରୀକର ସ୍ପର୍ଶକୁ ।

ମଉଦା, ମାଧବନଗର, ଭଦ୍ରକ
ମୋ- ୯୫୬୭୦୪୩୧୨୩

❐❐❐

ସ୍ୱର୍ଣ୍ଣଭୂମିର ପଥେ

ମଥୁରା ମୋହନ ବେହେରା

କଥାରେ ଅଛି- ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ରଖେ ତହିଁର ଖବର । ଭ୍ରମଣ ଦେଶ ଭିତରେ ହେଉ ଅବା ବାହାରେ, ଆମକୁ ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ଅବା ଅଭିଜ୍ଞତା ହାସଲ ହୋଇଥାଏ ତାହା ବିଶେଷକରି ସେଠାକର ଭୌଗୋଳିକ ଅବସ୍ଥିତି, ଐତିହାସିକ ଅବା ପୌରାଣିକ ପ୍ରସିଦ୍ଧି, ପରିବେଶ, ସାମାଜିକ ଜୀବନଧାରା, ଆର୍ଥିକ ବିକାଶ ଆଦିର ସାମଗ୍ରିକ ଛାପ ଉପରେ ପର୍ଯ୍ୟବେଶିତ ହୋଇଥାଏ । ମଣିଷ ଜୀବନ ଜଂଜାଳମୟ । ଏଥିରୁ ନିସ୍କୃତି ପାଇବା ପାଇଁ ମଣିଷ ଖୋଜିବୁଲେ ନୂଆନୂଆ ସ୍ଥାନ ପରିଭ୍ରମଣରେ, ଯାହାକି ତାକୁ ଆନନ୍ଦ ଦେବା ସଂଗେସଂଗେ ଆସ୍ୱସ୍ତି ପ୍ରଦାନ କରିଥାଏ । ନୂଆ ଅନୁଭୂତି, ଅଭିଜ୍ଞତା ଜୀବନକୁ ଭିନ୍ନ ଢଙ୍ଗରେ ଜିଇଁବାର ଏବଂ ଜ୍ଞାନ ବିଜ୍ଞାନ ବିକାଶର ସ୍ୱତନ୍ତ୍ର ଖୋରାକ ମଧ୍ୟ ଯୋଗାଇ ଥାଏ । ଭାଗ୍ୟରେ ନଥିଲେ ଭ୍ରମଣଯୋଗ ଆସିନଥାଏ । ସୌଭାଗ୍ୟକୁ ଭାରତର ପୂର୍ବରେ ଅବସ୍ଥିତ ଏକ ସମୃଦ୍ଧ ରାଷ୍ଟ୍ର ଥାଇଲ୍ୟାଣ୍ଡ ବୁଲିଯିବାର ମୋତେ ସୁଯୋଗ ମିଳିଥିଲା । ତାହା କେବଳ ସମ୍ଭବ ହୋଇଥିଲା ଡାଲମିଆଁ ସିମେଣ୍ଟ କମ୍ପାନୀର ସୌଜନ୍ୟରୁ ।

ବାସ୍ତବରେ ଥାଇଲ୍ୟାଣ୍ଡ ଗସ୍ତ ଥିଲା ଜୀବନର ଏକ ଅପୂର୍ବ ସୁଯୋଗ ଓ ଅନୁଭୂତି । ତିନି ଚାରି ଥର ସମୟ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ହୋଟେଲ ବୁକିଂରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାରୁ ଯାତ୍ରା ବନ୍ଦ ହୋଇ ଯାଉଥିଲା । ବାରମ୍ବାର ସମୟ ପରିବର୍ତ୍ତନ ହେବାରୁ ବ୍ୟାକଂକ ଯାତ୍ରା ସ୍ଥଗିତ ରହିଯିବାର ଆଶଙ୍କା କରି କେତେଜଣ ବନ୍ଧୁଙ୍କ ସହ ଦକ୍ଷିଣ ଭାରତ ଭ୍ରମଣ ପାଇଁ ଯୋଜନା ପକ୍କା କରିଦେଇଥିଲି । କିନ୍ତୁ କମ୍ପାନି ତରଫରୁ ହଠାତ୍ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଦୁଇ ତିନି ଦିନ ପୂର୍ବରୁ ଜଣାଇ ଦିଆଗଲା । ଏ ସୁଯୋଗ ହାତଛଡ଼ା କଲେ ଜୀବନରେ ଆଉ ଯେ କେବେ ଆସିବ କହିବା ଅନିଶ୍ଚିତ ମନେକରି 'ତତ୍କାଳ' ଟିକଟ କାଟି ଘଣ୍ଟେଶ୍ୱର ଓ ଖେରଙ୍ଗର ଦୁଇ ବ୍ୟବସାୟୀଙ୍କ ସାହଚର୍ଯ୍ୟ ଲାଭକରି ଟ୍ରେନରେ ଭଦ୍ରକରୁ କୋଲକାତା ପହଞ୍ଚିଲୁ ୨୦୨୦ ମସିହା ଜାନୁୟାରୀ ୨୬ ତାରିଖ ଅପରାହ୍ନ ୪ଟା ସମୟରେ । ହାଓ୍ୱଡ଼ା ଷ୍ଟେସନରୁ ଏକ

କାର୍ ଯୋଗେ କମ୍ପାନି ପ୍ରବନ୍ଧକ (ବିକାଶ ଅଗ୍ରୱାଲା)ଙ୍କ ଠିକଣାକୁ ପାଥେୟ କରି 'ଦମଦମ' ବିମାନ ବନ୍ଦର ନିକଟବର୍ତ୍ତୀ ଏକ ସ୍ଥାନରେ ପହଞ୍ଚି ଆମର ଆବଶ୍ୟକ ପ୍ରମାଣପତ୍ର ପୈଠ କଲୁ ଏବଂ ନିଜର ପକେଟ ଖର୍ଚ୍ଚ ଓ ଆବଶ୍ୟକୀୟ ଜିନିଷପତ୍ର କ୍ରୟ ପାଇଁ ଭାରତୀୟ ମୁଦ୍ରା ବିନିମୟରେ ଥାଇ ମୁଦ୍ରା ସଂଗ୍ରହ କଲୁ । ଭାରତୀୟ ମୁଦ୍ରା ପଚିଶ ହଜାର ଟଙ୍କା ବିନିମୟରେ ଦଶ ହଜାର ଭାଟ୍ (ଥାଇ ମୁଦ୍ରା) ପାଇଲୁ । ଥାଇଲ୍ୟାଣ୍ଡ ମୁଦ୍ରା ଆମ ଦେଶ ମୁଦ୍ରାର ପ୍ରାୟ ଅଢ଼େଇଗୁଣ । ଭାରତୀୟ ପ୍ରମାଣ ସମୟ ଠିକ୍ ରାତ୍ର ୧୨.୦୫ ଘଟିକା ସମୟରେ ଫ୍ଲାଇଟ୍ କୋଲକତା ଆନ୍ତର୍ଜାତୀୟ ବିମାନବନ୍ଦରରୁ ଥାଇଲ୍ୟାଣ୍ଡର ବ୍ୟାଙ୍କକ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲା । କିନ୍ତୁ ବିମାନ ଛାଡ଼ିବାର ୪ଘଣ୍ଟା ପୂର୍ବରୁ ଆମର ସମସ୍ତ କାଗଜପତ୍ର, ବ୍ୟାଗ ସହ ବାରମ୍ବାର ଆମକୁ ଯାଞ୍ଚ କରାଗଲା । ରାତ୍ର ଘ.୨.୨୦ ମିନିଟ୍ ସମୟରେ ବ୍ୟାଙ୍କକ୍ ବନ୍ଦରରେ ଅବତରଣ କଲୁ । ଦେଖିଲୁ ତାଙ୍କ ପ୍ରମାଣ ସମୟ ଆମ ପ୍ରମାଣ ସମୟ ଠାରୁ ପ୍ରାୟ ଏକଘଣ୍ଟା ୨୫ମିନିଟ୍ ବିଳମ୍ବ । ବନ୍ଦର ସ୍ଥିତ 'ଗରୁଡ଼' ପ୍ରତିମୂର୍ତ୍ତି ଆମ୍ଭ ନଜରକୁ ଆସିଥିଲା । ଯାହାକି ସେ ଦେଶର ଜାତୀୟ ପ୍ରତୀକ । ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରୁ ୪୦ଜଣ ବ୍ୟବସାୟୀଙ୍କୁ ନେଇ ଏକ ଗ୍ରୁପ୍ କରାଯାଇଥିଲା । ମୁଁ ସିମେଣ୍ଟ ବ୍ୟବସାୟୀ ନଥିଲେ ହେଁ ପୁଅର ବ୍ୟବସାୟ ତରଫରୁ ମୋତେ ଯିବା ପାଇଁ ସୁଯୋଗ ମିଳିଥିଲା । ବିମାନବନ୍ଦରରୁ ଏକ ରିଜର୍ଭ ବସ୍‌ରେ ଜଣେ ମାର୍ଗଦର୍ଶିକା ସହ ସାଗର ତଟବର୍ତ୍ତୀ 'ପତୟା' ସହରକୁ ଆମକୁ ସ୍ଥାନାନ୍ତରିତ କରାଗଲା ଏବଂ "The Season Pattaya" ହୋଟେଲରେ ରହିବାର ବ୍ୟବସ୍ଥା କଲେ । ପ୍ରତି କୋଠରୀରେ ପରସ୍ପର ସହ ପରିଚିତ ଦୁଇ ଦୁଇଜଣଙ୍କୁ ରଖାଗଲା । ମୋ ସହିତ ରହିଥିଲେ ଧୂଷୁରୀର ଶୁକଦେବ ପାଢ଼ୀ ।

ନିଜ ନିଜ କୋଠରୀରେ ଜିନିଷପତ୍ର ରଖି ସକାଳର ନିତ୍ୟକର୍ମ ସାରି ସେଠାରେ ବ୍ୟବସ୍ଥିତ ରେଷ୍ଟୁରାଣ୍ଟରୁ ନିଜ ପସନ୍ଦର ଜଳଖିଆ କଲୁ ଏବଂ ତା'ପରେ ଆମେ ପର୍ଯ୍ୟଟନରେ ବାହାରି ପଡ଼ିଲୁ । ପ୍ରଥମେ ଆମ୍ଭକୁ Noog Nooch Village ସ୍ଥିତ ପାଞ୍ଚଶହ ଏକର ପରିମିତ ଜମିରେ ଏକ ସୁଦୃଶ୍ୟ ବିଶାଳ ବଟାନିକାଲ ଗାର୍ଡ଼େନ ବୁଲାଇ ନିଆଗଲା । ଗାର୍ଡ଼େନଟିକୁ ପରିକ୍ରମଣ କରିବା ପାଇଁ ମୋଟର ଚାଳିତ ଯାନ

ତଥା ହାତୀର ସୁନିୟୋଜିତ କରାଯାଇଛି । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଆମେ ପାଦରେ ବୁଲିବୁଲି ଦେଖିବାରୁ ସୁଯୋଗ ନେଲୁ । ସେଠାରେ ମଧ୍ୟାହ୍ନ ଭୋଜନ କରି ସ୍ଥାନୀୟ ପ୍ରେକ୍ଷାଳୟରେ ଥାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଖବର ଆମକୁ ଉତ୍ସାହିତ କରିଥିଲା । ଏକ ବିଶାଳ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଚାଲିଥାଏ, ଯେଉଁଠାରେ ହଜାର ହଜାର ଦର୍ଶକ ବସି ମଜ୍ଜା ନେଉଥାନ୍ତି । ମନଛୁଆଁ କାର୍ଯ୍ୟକ୍ରମକୁ ଉପଭୋଗ କଲାପରେ ନିକଟରେ Elephant Show ପରିଦର୍ଶନ କରିବାର ସୁଯୋଗ ମିଳିଲା । ଗ୍ୟାଲେରୀରେ ବସି ଅଧଘଣ୍ଟାଏ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ହାତୀମାନଙ୍କର ବିଭିନ୍ନ ଖେଳ କୌଶଳ ଆମଙ୍କୁ ଆକୃଷ୍ଟ କରିଥିଲା । ତା'ପରେ ଆମେ ପ୍ରତ୍ୟାବର୍ତ୍ତନ କରିଥିଲୁ ପତୟା ସହରାଂଚଳକୁ । ସନ୍ଧ୍ୟାରେ Alcazar Show ରେ ଆମେ ସାମିଲ ହୋଇଥିଲୁ, ଯେଉଁଠାରେ କି ଯୁବକମାନେ ଆକର୍ଷଣୀୟ କଷ୍ଟ୍ୟୁମ ପିନ୍ଧି ଯୁବତୀ ବେଶରେ ନୃତ୍ୟ ପରିବେଷଣ କରୁଥିଲେ । ତାହା ହିଁ ଥିଲା ବେଶ୍ ମନୋମୁଗ୍ଧକର । ପ୍ରେକ୍ଷାଳୟ ବାହାରେ ଅଭିନେତ୍ରୀମାନେ ବିଦେଶୀମାନଙ୍କ ସହିତ ଫଟୋ ଉଠାଇ ବେଶ୍ ଦୁଇ ପଇସା ମଧ୍ୟ ରୋଜଗାର କରୁଥାନ୍ତି । ସେଠାରେ ଏକ ହୋଟେଲରେ ରାତ୍ର ଭୋଜନ ସାରି ନିର୍ଦ୍ଧାରିତ ହୋଟେଲରେ ରାତ୍ରଯାପନ କରିଥିଲୁ ।

ତା'ପର ଦିନ ସକାଳ ୮ଟା ସୁଦ୍ଧା ପ୍ରାତଃ ଭୋଜନ ସାରି କୋରାଲ ଦ୍ୱୀପ (Coral Island) ଭ୍ରମଣରେ ବାହାରି ପଡ଼ିଲୁ । ସମୁଦ୍ର କୂଳରୁ ସ୍ପିଡ୍ ବୋଟ୍ ଯୋଗେ ଗଭୀର ସମୁଦ୍ର ମଧ୍ୟରେ ଥିବା ଏକ ଜାହାଜ ମଧ୍ୟକୁ ଆମକୁ ନିଆଗଲା । ସେଠାରେ ବିଭିନ୍ନ ଦୁଃସାହସିକ ଖେଳର ବ୍ୟବସ୍ଥା ଥିଲା । ବିଭିନ୍ନ ବିଭାଗରେ ଅଂଶଗ୍ରହଣ ପାଇଁ ପଂଜୀକରଣ କରିବା ସହ ଦେୟ ପୈଠ କରୁଥିଲେ । ସେଠାରେ ବିଶେଷ କରି Para Swelling ରେ ଭାଗ ନେଇଥିଲେ । ସେଠାକାର କାର୍ଯ୍ୟକ୍ରମ ଶେଷ ହେବା ପରେ ଏକ ଲଞ୍ଚ ଯୋଗେ ଆମକୁ ଆହୁରି ଗଭୀର ସମୁଦ୍ର ଭିତରକୁ ନିଆଗଲା । ଯେଉଁଠାରେ ବୁଡ଼ ପକାଇବା (Dive) ର ବ୍ୟବସ୍ଥା ଥିଲା । ଅଳ୍ପ କେତେଜଣ ସହଯାତ୍ରୀ ଭାଗ ନେଇଥିଲେ । ତାହା ବାସ୍ତବରେ ଥିଲା ବିପଦଜନକ । ଜଣଙ୍କ ଅଭିଜ୍ଞତାରୁ ଜାଣିଲୁ ସେ ଅଳ୍ପକେ ବଂଚିଗଲେ । କାରଣ ଅସାବଧାନତାବଶତଃ ତାଙ୍କ ହେଲମେଟ୍

ଭିତର ଦେଇ ପାଣି ପଶିଯିବାରୁ ସେ ଅଣନିଃଶ୍ୱାସୀ ହୋଇ ପଡ଼ିଲେ । ଏହି କାର୍ଯ୍ୟକ୍ରମର ପରିସମାପ୍ତି ପରେ ସେହି ଲଞ୍ଚରେ Coral Island କୁ ନିଆଗଲା । ଯାହାକି ଏକ ବାଲୁକାମୟ ସୁନ୍ଦର ବେଳାଭୂମି । ସେଠାରେ ବହୁ ବିଦେଶୀ ବିଦେଶିନୀ ଏକତ୍ର ସମୁଦ୍ର ସ୍ନାନ କରିବା ସହ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ମଜ୍ଜା କରୁଥାନ୍ତି । ସେଠାରେ ଘଣ୍ଟାଏ ପର୍ଯ୍ୟନ୍ତ ଉପଭୋଗ କରି ଏକ ସ୍ପିଡ୍ ବୋଟ ଯୋଗେ କୂଳକୁ ପ୍ରତ୍ୟାବର୍ତ୍ତନ କଲୁ । ମଧ୍ୟାହ୍ନ ହୋଇଯାଇଥାଏ, କୂଳଠାରୁ ଅଳ୍ପଦୂରରେ ଭାରତୀୟ ରେଷ୍ଟୁରାଣ୍ଟରେ ଭୋଜନର ଆୟୋଜନ କରାଯାଇଥିଲା ।

ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ପତୟା ସ୍ଥିତ ଏକ Gems Gallary ପରିଦର୍ଶନ । ଯେଉଁଠି କି ମୂଲ୍ୟବାନ ପଥର ଖଚିତ ଅଳଂକାରର ସପିଙ୍ଗ୍‌ମଲ୍ ଏବଂ ୱାର୍କସପ୍ ଥିଲା । ଆମଙ୍କୁ ଝ'ପାନୀୟରେ ଆପ୍ୟାୟିତ କରି ଏକ ମିନିଟ୍ରେନ୍‌ରେ ବସାଇ ଅନ୍ଧକାର କକ୍ଷ ମଧ୍ୟରେ ମଲ୍ ଆଡ଼କୁ ନିଆଗଲା । କିନ୍ତୁ କାନ୍ଥରେ ଖଚିତ ହୀରା, ଲୀଳାର ପଥର ସ୍ଥାନକୁ ଆଲୋକିତ କରୁଥିଲା । ଆଉ ଉନ୍ନତ ପଥର ଖଣ୍ଡ କିପରି ଆବିଷ୍କୃତ ହେଉଥିଲା, ତା'ର ଏକ ସୁନ୍ଦର ନମୂନା ପେଶ୍ କରାଯାଇଥିଲା । ସେଠାରେ ବିକ୍ରି କରାଯାଉଥିବା ଅଳଂକାର ପସନ୍ଦଯୋଗ୍ୟ ଥିଲା ସତ କିନ୍ତୁ ଅତ୍ୟଧିକ ମୂଲ୍ୟ ହେତୁ ଜିନିଷ କିଣିବା ଆମ ପକ୍ଷେ ସମ୍ଭବପର ହୋଇନଥିଲା । ସନ୍ଧ୍ୟାରେ ଜଳଯୋଗ କରି Gala Dina ନାମକ ଏକ ବାର୍‌କୁ ନିଆଯାଇଥିଲା, ଯେଉଁଠି ରାତ୍ର ଭୋଜନ ସହ ଡି.ଜେ. ବାଦ୍ୟର ତାଳେତାଳେ ଲଳନାମାନଙ୍କ ସହ ମନୋରଂଜନର ବ୍ୟବସ୍ଥା ଥିଲା । କେତେକ ଅଭିଯାତ୍ରୀ ଯୁବକ ନୃତ୍ୟ କରିବା ସହ ଅତ୍ୟଧିକ ମଦ୍ୟ ପାନ କରି ବାନ୍ତି କରିବାର ଘଟଣା ନଜରକୁ ଆସିଥିଲା । ଆଉ ମଧ୍ୟ ନିର୍ଦ୍ଦେଶ ଥିଲା ଯେଉଁମାନେ ବସ୍‌ରେ ବାନ୍ତି କରିବେ ସେମାନେ ୨୫୦ ଭାଟ୍ ଦେବାକୁ ବାଧ ହେବେ । ଏପରି ଘଟଣାରୁ ଜଣେ ଯୁବକଠାରୁ ଫାଇନ୍ ଆକାରରେ ନିର୍ଦ୍ଧାରିତ ଅର୍ଥ ଆଦାୟ କରାଯାଇଥିଲା । ପ୍ରାୟ ରାତ୍ର ୧୦ ଘଟିକା ସମୟରେ ବାର୍‌ରୁ ହୋଟେଲକୁ ଫେରିଥିଲୁ । ଏହା ଏକ ପ୍ରମିଳା ରାଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାର୍ଗଦର୍ଶିକାଙ୍କ ଉତ୍ସାହରେ କେତେକ ଉଦ୍‌ଭ୍ରାନ୍ତ ଯୁବକ ତା'ର ସୁଯୋଗ ନେଇଥିଲେ ନିଜ ପକେଟ ମନି ଖର୍ଚ୍ଚ

କରି । ସେଠାରେ ଜଣେ ଭାରତୀୟ ମହିଳା ଯେ କି ସ୍ଥାୟୀ ଭାବେ କପଡ଼ା ବ୍ୟବସାୟ କରୁଥାନ୍ତି, ସେଠାରେ ଦେହ ବ୍ୟବସାୟକୁ ସେ କଠୋର ଭାବେ ଘୃଣା କରିବା ସଂଗେସଂଗେ ଭାରତୀୟ ସାମାଜିକ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା କରୁଥିବାରୁ ଶୁଣିବାକୁ ପାଇଥିଲି ।

ଜାନୁୟାରୀ ୨୯ ତାରିଖ ରାତ୍ର ୧୦ଘଟିକା ସମୟରେ ପତୟାରୁ ଆମକୁ ବ୍ୟାଙ୍ଗକକୁ ସ୍ଥାନାନ୍ତର କରାଗଲା, ଯାହାର ଦୂରତ୍ୱ ଥିଲା ୧୫୦ କି.ମି. । ତା'ପର ଦିନ ପ୍ରଭାତରେ ଆମକୁ ବ୍ୟାଙ୍ଗକର Boulevard Hotel ରେ ଅବସ୍ଥାପିତ କରାଯାଇଥିଲା । ତାହା ଥିଲା ୧୬ ମହଲା ବିଶିଷ୍ଟ । ପ୍ରାତଃଭୋଜନ ସାରି ବୃହତ୍ ପ୍ରାଣୀ ଉଦ୍ୟାନ Safari World ବୁଲିବାକୁ ଗଲୁ । ସେଠାରେ ପହଞ୍ଚିବା ବେଳକୁ ମଧ୍ୟାହ୍ନ ଭୋଜନର ସମୟ ହୋଇ ଯାଇଥିଲା । ସେଠାରେ ଏକ ବୃହତ୍ ଭାରତୀୟ ହୋଟେଲରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଥିଲା । ସେଠାରେ ପ୍ରବଳ ଭିଡ଼ ଥିବାର ଲକ୍ଷ୍ୟ କଲୁ । ଭୋଜନ ପରେ ଆମ୍ଭେ ୩ଟା ପର୍ଯ୍ୟନ୍ତ ଅପେକ୍ଷା କଲୁ । କାରଣ ସେହି ସମୟକୁ 'ଡଲ୍‌ଫିନ୍ ସୋ'ଆରମ୍ଭ ହେବାର ଥିଲା । ପ୍ରାରମ୍ଭରେ ସେଠାରେ ଭାରତୀୟ ସଂଗୀତର ଧ୍ୱନି ପରିବେଷଣ କରାଯିବା ସଂଗେସଂଗେ 'ଭାରତ ମାତା କି ଜୟ' ନାରାରେ ସ୍ଥାନଟି ପ୍ରକମ୍ପିତ ହୋଇଥିଲା । ମୋ ପାଖକୁ ଲାଗି ବସିଥିବା ଦୁଇ ଦୀର୍ଘକାୟ ମୁସଲମାନ ଭାରତର ଜୟ ଜୟ କାରରେ କୁଣ୍ଠା ପ୍ରକାଶ କରୁଥିଲେ । ଡଲଫିନ୍‌ମାନଙ୍କ ଖେଳ ବେଶ୍ ଚିତ୍ତାକର୍ଷକ ଥିଲା । ଲମ୍ଫ ମାରିବା, ଦର୍ଶକ ଗ୍ୟାଲେରୀକୁ ପେଣ୍ଟୁ ଫିଙ୍ଗିବା, ନିଜର ପ୍ରିୟ ମଣିଷକୁ ପାଣିରେ ଚକ୍କର କାଟି ଘୂରାଇବା, ମୁଣ୍ଡ ହଲାଇ ଦର୍ଶକମାନଙ୍କୁ ଅଭିବାଦନ ଜଣାଇବା ଆଦି ଦୃଶ୍ୟ ବେଶ୍ ଚମତ୍କାର ଥିଲା । ସେହି ଚିଡ଼ିଆଖାନାର ଆଭ୍ୟନ୍ତରସ୍ଥ ଏକ ପାହାଡ଼ ନିକଟବର୍ତ୍ତୀ ଏକ କୃତ୍ରିମ ହ୍ରଦଠାରେ ଯୁଦ୍ଧର ବିଭୀଷିକାକୁ ନେଇ ହରର୍ ଫିଲ୍ମ ପରିବେଷଣ କରାଗଲା, ଯାହାକି ସମସ୍ତଙ୍କୁ ବିସ୍ମିତ କରିଥିଲା । ଜଳ, ସ୍ଥଳ, ଆକାଶ ବାହିନୀର ଭୂମିକା, ଯୁଦ୍ଧବନ୍ଦୀଙ୍କୁ ଗ୍ୟାସ୍ ଚ୍ୟାମ୍ବରରେ ଜଳାଇ ସ୍କେଲିଟନର ନମୂନା ପ୍ରଦର୍ଶନ କରିବା, ଜଳରେ ବୁଡ଼ି ଅନ୍ତର୍ଦ୍ଧ୍ୟାନ ହୋଇଯିବା, ଦେହରେ ନିଆଁ ସଂଯୋଗ କରି ପାଣିକୁ ଲମ୍ଫ ପ୍ରଦାନ କରିବା, ବମିଂ କରି ନିଆଁର ବଳୟ ସୃଷ୍ଟି କରିବା ଆଦି ଦୃଶ୍ୟ ଅତ୍ୟନ୍ତ ଭୟାନକ ଥିଲା । ଚିଡ଼ିଆଖାନାରେ ଆହୁରି କେତେ

ବୁଲିବାର ଥିଲା, କିନ୍ତୁ ଚାଲିଚାଲି ଥକ୍କା ଅନୁଭବ କରିବାରୁ ବସ୍ ନିକଟକୁ ଫେରି ଆସିଥିଲୁ, ତା'ପରେ ବୃହତ୍ତର ପରିସରରେ ଜୀବଜନ୍ତୁମାନଙ୍କୁ ଖୋଲାରେ ରଖାଯାଇଥିବାରୁ ବସ୍‌ରେ ଯିବା ବେଳେ ଆମ୍ଭେ ଉଭୟ ପାର୍ଶ୍ୱରେ ଦେଖିବାର ସୁଯୋଗ ନେଇଥିଲୁ । ଇତ୍ୟବସରରେ ଆମ୍ଭେ Boulevard Hotel କୁ ପ୍ରତ୍ୟାବର୍ତ୍ତନ କରିଥିଲୁ । ପ୍ରାୟ ୬ଟା ସମୟରେ ଚାହା, ପକୁଡ଼ି ଜଳଖିଆ କରିବା ପରେ ଆମ୍ଭମାନଙ୍କୁ ବଡ଼ବଡ଼ ସପିଙ୍ଗ୍ ମଲ୍‌ରେ ମନ ପସନ୍ଦର ଜିନିଷ ପତ୍ର କିଣାକିଣି କରିବା ସୁଯୋଗ ମିଳିଥିଲା । ତା'ପରେ ରାତ୍ର ୯ଘଟିକା ସମୟରେ ରାତ୍ର ଭୋଜନ ସାରି ହୋଟେଲକୁ ଫେରିଥିଲୁ ।

ଜାନୁୟାରୀ ୩୦ ତାରିଖ ସକାଳ ୮ଘଟିକା ସମୟରେ ସେହି ହୋଟେଲରୁ ପ୍ରାତଃଭୋଜନ ସାରି ନିଜ ନିଜ ଦାୟିତ୍ୱରେ ଥିବା ରୁମ୍ ଗୁଡ଼ିକର ଚାବି ହସ୍ତାନ୍ତର କରିବା ସଂଗେସଂଗେ ରୁମ୍‌ରେ ବ୍ୟବସ୍ଥିତ ଖାଦ୍ୟ, ପାନୀୟ ପାଇଁ ଅତିରିକ୍ତ ଖର୍ଚ୍ଚ ବାବଦକୁ ଅର୍ଥ ଭରଣା କରି ହେଟେଲରୁ ବିଦାୟ ନେଲୁ ଏବଂ ବ୍ୟାଙ୍ଗକ ସହର ତଥା ବୁଦ୍ଧ ମନ୍ଦିର ପରିଦର୍ଶନରେ ବାହାରି ପଡ଼ିଲୁ । ସୁବର୍ଣ୍ଣ ବୁଦ୍ଧ ମନ୍ଦିର ଏବଂ ଇଟାଲୀରୁ ଅଣାଯାଇଥିବା ମାର୍ବଲ ନିର୍ମିତ ବୁଦ୍ଧ ମନ୍ଦିରର କାରୁକାର୍ଯ୍ୟ, ଶିଳ୍ପୀ ଚାତୁରୀର ପରିଚୟ ଦିଏ । ସେହି ସ୍ଥଳରୁ ଫେରିବା ପରେ ରାଜପ୍ରାସାଦ, ପାର୍ଲ୍ୟାମେଣ୍ଟ ହାଉସ, ଭାରତୀୟ ରାଷ୍ଟ୍ରଦୂତ ଭବନ, ମିଳିତ ଜାତିସଂଘ ଭବନ ଆଦି ଦେଖିବାକୁ ପାଇଥିଲୁ । ତା'ପରେ ସପିଙ୍ଗ୍ ମଲ୍‌ରୁ ଆବଶ୍ୟକ ଜିନିଷପତ୍ର କିଣିବା ପାଇଁ ଆମକୁ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରାଗଲା । କିନ୍ତୁ ତା' ପୂର୍ବରୁ ଭାରତୀୟ ହୋଟେଲ 'ଅଶୋକା'ରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଥିଲା । ଆମ୍ଭେ ଦଳଦଳ ହୋଇ ନିକଟସ୍ଥ ବିଶାଳ ସପିଙ୍ଗ୍ ସେଣ୍ଟରକୁ ଗଲୁ ଏବଂ ସନ୍ଧ୍ୟା ସୁଦ୍ଧା ନିର୍ଦ୍ଧାରିତ ସମୟରେ ପହଞ୍ଚିଲୁ । ଆମ୍ଭେ କେତେଜଣ ବାଟବଣା ହୋଇଗଲୁ ଏବଂ ଜଣେ ଟ୍ରାଫିକ୍ ପୋଲିସ୍‌ଙ୍କୁ ପଚାରି ସଠିକ୍ ସ୍ଥାନରେ ପହଞ୍ଚି ପାରିଥିଲୁ । ନିଜ ନିଜର ଖର୍ଚ୍ଚ ପରେ ଯାହାର ଯେତିକି ଥାଇ ମୁଦ୍ରା ବଳକା ରହିଗଲା, ସେମାନେ ସେଠାରେ ଥିବା Exchange Office ମାନଙ୍କରୁ ଅବା ଭାରତୀୟ ବ୍ୟବସାୟୀଙ୍କଠାରୁ ବଦଳ କରି ନିଜ ଦେଶର ମୁଦ୍ରା ସଂଗ୍ରହ କଲେ । ରାତ୍ର ଭୋଜନ ସରିବା ପରେ ଆମର ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଗଲା । ଆମ୍ଭେ ରାତ୍ର ୧୨ଟା ସୁଦ୍ଧା ବ୍ୟାଙ୍ଗକ୍ ବିମାନବନ୍ଦରରେ ପହଞ୍ଚିଗଲୁ । ରାତ୍ର ପ୍ରାୟ ୩ଟା ସମୟରେ ଆମ୍ଭେ ଯାଞ୍ଚର ସମ୍ମୁଖୀନ

ହେଲୁ । ୫ଟା ୦୫ରେ ଫ୍ଲାଇଟ୍ ଛାଡ଼ିବାର ଥିଲା । କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ବିମାନ ପହଞ୍ଚି ପାରିନଥିଲା । ଯାହାଫଳରେ ଇଲେକ୍ଟ୍ରୋନିକ୍ସ ବୋର୍ଡ଼ରୁ ସୂଚନା ମିଳିଲା, ଫ୍ଲାଇଟ୍ ବିଳମ୍ବରେ ଅଛି । ଦୁଇଥର ସମୟ ପରିବର୍ତ୍ତନ ଘଟିଲା । ପ୍ରାୟ ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ୍ ୭ଟା ୩୫ ସମୟରେ ଭାରତ ଉଦ୍ଦେଶ୍ୟରେ ଫ୍ଲାଇଟ୍ ଛାଡ଼ିଲା । ବ୍ୟାଙ୍କକ୍ ବିମାନ ଖୁବ୍ ବିଶାଳ ଏବଂ ଆକର୍ଷଣୀୟ । ଏହା ଥାଇଲାଣ୍ଡର ଏକ ଆନ୍ତର୍ଜାତିକ ବିମାନ ବନ୍ଦର । ବିଳମ୍ବିତ ମୁହୂର୍ତ୍ତ ଭିତରେ ବୁଲାବୁଲି କରିବାର ସୁଯୋଗ ମିଳିବା । ସେଠାରେ ସମୁଦ୍ର ମନ୍ଥନର ଦୃଶ୍ୟ ବେଶ୍ ଚିତ୍ତାକର୍ଷକ ଥିଲା । ଠିକ୍ ୨ଘଣ୍ଟା ୨୦ ମିନିଟ୍‌ରେ ଆମ୍ଭେ ବ୍ୟାଙ୍କକ୍‌ରୁ କୋଲକତାର ଦମଦମ ବିମାନ ବନ୍ଦରରେ ଅବତରଣ କରିଥିଲୁ । ସର୍ବୋପରି ବ୍ୟାଙ୍କକ୍ ଯାତ୍ରା ଥିଲା ବେଶ୍ ଉପଭୋଗ୍ୟ ଏବଂ ସ୍ମରଣୀୟ ।

ସେଠାକାର ଟାଉନ ପ୍ଲାନିଂରେ ନିର୍ମିତ ଗୃହଗୁଡ଼ିକ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ କାରଣ; ଗୃହ ନିର୍ମାଣ ସରକାରୀ ବ୍ୟବସ୍ଥା ଅନୁଯାୟୀ କରାଯାଏ କିନ୍ତୁ ବ୍ୟକ୍ତିବିଶେଷର କର୍ତ୍ତୃତ୍ୱ ରହି ନଥାଏ । କୌଣସି ଘର ଅଧାପନ୍ତରିଆ ଭାବେ ରହିଥିବାର ଦେଖିବାକୁ ମିଳୁନଥିଲା । ନିୟମ କାନୁନର କଠୋର ଅନୁପାଳନ ହେତୁ ରାସ୍ତାଘାଟରେ କେହି ଅଳିଆ ଅବାର୍ଜନା ପକାନ୍ତି ନାହିଁ । ନିୟମ ଅମାନ୍ୟ କଲେ ଅର୍ଥ ଦଣ୍ଡର କଠୋର ବ୍ୟବସ୍ଥା ରହିଛି । ସେଠାରେ ଜୀବନଧାରା ବେଶ୍ ଶୃଙ୍ଖଳିତ । ଲୋକମାନଙ୍କ କର୍ମତତ୍ପରତା ଏବଂ ଦେଶପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ଦେଶ ଶିଳ୍ପ ସମୃଦ୍ଧ ଓ ବିକାଶଶୀଳ । ସେଠାକାର ଭୌଗୋଳିକ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଛି । ହେଟେଲ ଶିଳ୍ପ ପାଇଁ ନଭଶ୍ଚୁମ୍ବୀ ପ୍ରାସାଦମାନ ଗଢ଼ି ଉଠିଛି । ବିଦେଶୀ କମ୍ପାନୀମାନଙ୍କ ପୁଞ୍ଜି ବିନିଯୋଗରେ ଦେଶର ଅର୍ଥନୈତିକ ବିକାଶ ଦ୍ରୁତ ହୋଇ ପାରିଛି ।

ଭାରତବର୍ଷରେ ଶୃଙ୍ଖଳିତ ଓ ଯୋଜନାବଦ୍ଧ ବିଚାର ଅଭାବରୁ ଆମ୍ଭେ ଆଶାନୁରୂପ ବିକାଶ କରିପାରୁନାହୁଁ । କର୍ମକୁ ଆମ୍ଭେ ଧର୍ମ ରୂପେ ଗ୍ରହଣ ନକରି ବରଂ ଧର୍ମଘଟକୁ ଆମ୍ଭେ ଧର୍ମ ରୂପେ ଗ୍ରହଣ କରୁଛନ୍ତି । ତେଣୁ ଆମର ମାନସିକତା ଯେ

ପର୍ଯ୍ୟନ୍ତ ପରିବର୍ତ୍ତନ ନହୋଇଛି, ସେ ପର୍ଯ୍ୟନ୍ତ ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶ ଅସମ୍ଭବ ।

ଭାରତବର୍ଷ ସହ ଥାଇଲ୍ୟାଣ୍ଡର ସମ୍ପର୍କ ଖୁବ୍ ପୁରାତନ । ସର୍ବ ପ୍ରଥମେ ବାଣିଜ୍ୟ ବ୍ୟବସାୟରୁ ହିଁ ସମ୍ପର୍କର ଭିତ୍ତିଭୂମି ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ଥାଇଲାଣ୍ଡରେ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ହୋଇଥିଲା । ଏ ଦେଶର ସଂସ୍କୃତିରେ ମୂଳତଃ ଭାରତୀୟତାର ଆଦର୍ଶ ପରିଲକ୍ଷିତ ହୋଇଥାଏ । ଏହା ଏକ ବୌଦ୍ଧଧର୍ମାବଲମ୍ବୀ ରାଷ୍ଟ୍ର ହେଲେ ମଧ୍ୟ ବ୍ରାହ୍ମଣ୍ୟ ଧର୍ମ ପ୍ରତି ରାଜକୀୟ ସମ୍ମାନ ରହିଛି । ଥାଇଲ୍ୟାଣ୍ଡ ଏକ ଶାନ୍ତିକାମୀ ରାଷ୍ଟ୍ର । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର, କଳା, ସଂସ୍କୃତିର ବିନିମୟ, ସାମରିକ କ୍ଷେତ୍ରରେ ଭାରତର ସହଯୋଗିତା ରହିଥିବାରୁ ଉଭୟ ଦେଶ ମଧ୍ୟରେ ଏବେବି ମିତ୍ରତା ଅବ୍ୟାହତ ରହିଛି ।

ସଂପାଦକ, 'ଯୁଥିକା'
ବିନ୍ଧ୍ୟା ବଜାର, ପୀରହାଟ,
ଭଦ୍ରକ-୭୫୬୧୩୧
ମୋ: ୯୮୫୩୨୫୬୫୧୬

❐❐❐

ମୁଢ଼ିବାଲା

ଅଶ୍ୱିନୀ କୁମାର ମହାନ୍ତି

ମୁଢ଼ି ମୁଠେ ଖାଇବେ ବୋଲି ଡହଳ ବିକଳ ହୋଇ ଉଠିଲେ ପ୍ରଶାନ୍ତ ବାବୁ । ଶ୍ରୀମତୀଙ୍କୁ ଆଦରରେ ଡାକି କହିଲେ, "ଏଇ ଶୁଭୁଛି ? ମୁଢ଼ି ମୁଠେ ନଡ଼ିଆ, ମିକ୍ସଚର, ପିଆଜ ପକାଇ ଦିଅତ । ଏ କୋହଲା ପାଗଟାରେ ଟିକେ ମୁଢ଼ି ଚୋବାଇବାକୁ ବହୁତ ଇଚ୍ଛା ହେଉଛି ।" ତାଙ୍କ କଥା ସରିଛି କି ନାହିଁ ରୋଷେଇ ଘରୁ ଘାଁଏ କରି ପାଟି ଶୁଭିଲା, "ଭାରି ତ ମୁଢ଼ି ମୁଢ଼ି ହେଉଛ । ଡାଇବେଟିସ୍ ଟିକେ କମିଛି କି ନାହିଁ, ତାକୁ ପୁଣି ବଢ଼ାଇବାକୁ ବାବୁଙ୍କର ପାଗଳାମି ବାହାରିଲା । ଡାକ୍ତର ପରା ତୁମକୁ ବାରବାର ବାରଣ କରିଛନ୍ତି : ଅରୁଆ, ମୁଢ଼ି, ବିରି ଆଦି ଖାଇବାକୁ । ପୁଣି ସେସବୁକୁ ଏତେ ଲୋଭ କାହିଁକି ?" "ହଁ ଠିକ୍ ଯେ, ହେଲେ କେବେ କେମିତି ମୁଠେ କି ଦୁଇମୁଠା ଖାଇଦେଲେ କ'ଣ ଚଳିବନି ? ଦିଅ ମୁଠେ । ପାଟିଟା ଅରୁଚି ଧରୁଛି । କେତେଦିନ ହେଲା ଖାଇନାହିଁ, ତୁମେ ତ ଜାଣ । ଆଜି ଏ ପାଗଟାରେ ଟିକେ ଯାହା ଖାଲି ପାଟିରେ ପକାଇବାକୁ ଇଚ୍ଛା ହେଉଛିନା ? ନହେଲେ ମୁଁ କେବେ କହେ ?"

ପ୍ରଶାନ୍ତ ବାବୁଙ୍କ ବିକଳ ମୁହଁକୁ ଚାହିଁଦେଇ ଟିକେ ହସିଦେଲେ ଶ୍ରୀମତୀ । ନରମ ସ୍ୱରରେ କହିଲେ, "ହଉ ଖାଇବ ଯେ, ହେଲେ ମୁଢ଼ି କାହିଁ ? ମୁଢ଼ିବାଲାଟା ପରା ସପ୍ତାହ ହେଲା ଆସିନି । ଏଇ କେତେଦିନ ହେଲାଣି ତା' ପାଟି ଶୁଣିଛ ? ନିତି ତାକୁ ପରା ଅନାଇ ଅନାଇ ରହୁଛି । ହେଲେ କୁଆଡ଼େ ଗଲା କେଜାଣି ? ତା' ଲାଗି ଯାହା ମୁଁ ଛଟପଟ ହୋଇ ମରୁଛି ।" ଚକିତ ହେବା ପରି ଶ୍ରୀମତୀଙ୍କୁ ଚାହିଁ ବ୍ୟଙ୍ଗ କରି କହିଲେ, "ତା' ପାଇଁ ଛଟପଟ ହୋଇ ମରୁଛ ? ତା' ପ୍ରେମରେ ପଡ଼ିଯାଇଛି ନା କ'ଣ ? ୟା ଭିତରେ ତେବେ ଏତେ ବାଟ ଆଗାଇଲାଣି ?" ସେମିତି ମନଲୋଭା ହସ ଧାରେ ଅଧର ପ୍ରାନ୍ତରେ ଖେଳାଇ ଶ୍ରୀମତୀ କହିଲେ, "ହଁ ନ ହେବ କେମିତି କହିଲ । ତୁମେ ତ ସେଣେ ଅଫିସରେ ସୁନ୍ଦରୀ ସୁନ୍ଦରୀ ଝିଅଙ୍କ ସଙ୍ଗେ ରାସକ୍ରୀଡ଼ା କଲ, ଘରେ

ପହଞ୍ଚିବା ମାତ୍ରେ ଖାଲି ଗରଗର, ମାରମାର । ଆମର ତ ପୁଣି ଜୀବନ ଅଛି ନା ନାହିଁ ? ଆମେ ସେଇଭଳି ମୁଢ଼ିବାଲା, ନୋହିଲେ ପେପରବାଲା କି ଶାଢ଼ୀବାଲା ସହିତ ଟିକେ ହସଖୁସି ହେଲେ କ୍ଷତି କ'ଣ ? ସେମାନେ ତ ତୁମରି ପରି ମଣିଷ ନା କୁକୁର, ବିରାଡ଼ି ପରି ପଶୁ ?" ପ୍ରଶାନ୍ତବାବୁ ଜାଣନ୍ତି, କଥାରେ ଶ୍ରୀମତୀଙ୍କୁ ତାଙ୍କର ପାରିହେବନି । ଏଣୁ ଆଉ କଥା ନ ବଢ଼ାଇ କହିଲେ, "ସତରେ କ'ଣ ମୁଢ଼ି ସରିଯାଇଛି ? ତଳି ତଳିଆ କିଛି ପଡ଼ିନି ଡବାରେ ?" ହସିଦେଇ ଶ୍ରୀମତୀ କହିଲେ, "ହଁ ପଡ଼ିଥିଲା ଯେ, ସକାଳେ ବାସି ପଖାଳ ସହିତ ସେତକ ଢାଳିଢୁଳି ଦେଇ ଦୁଇ ଗେମ୍ପା ବାଇଗଣ ପୋଡ଼ା, ବଡ଼ିଚୁରା ଲଗାଇ ମାରିଦେଲି । ଆଉ କାହିଁ ?"

ମୁଢ଼ି ଖାଇବା ଲାଳସା ସେଦିନ ସେମିତି ରହିଗଲା ପ୍ରଶାନ୍ତବାବୁଙ୍କର । କୁଆଡ଼େ ଗଲା ସେ ମୁଢ଼ିବାଲାଟା ସେ ଜାଣିପାରୁନଥିଲେ । ସକାଳ ହୋଇନଥିବ ଗେଟ୍ ଆଗରେ ପାଟି ଶୁଭିବ, ମୁଢ଼ିଇଇଇ, ମୁଢ଼ିଇଇଇ ... । ଏତେ ଜୋର୍ ପାଟି ଶୁଭିବ ଯେ ଜଣେ ଶୋଇଥିଲେ ବି ଧଡ଼ଧାଡ଼ ଉଠିବସିବ । ରବିବାର କି ଛୁଟିଦିନରେ ସେ ଟିକେ ଡେରିରେ ବିଛଣା ଛାଡ଼ିବେ ବୋଲି ଯେତେ ଚିନ୍ତାକଲେ କ'ଣ ହେବ ଏ ମୁଢ଼ିବାଲା ଠିକ୍ ସେଇଦିନ ସକାଳୁ ହାଜର ।

ମୁଢ଼ି ଯେ ତାଙ୍କର ନିହାତି ଆବଶ୍ୟକ, ସେମିତି ନୁହେଁ । କେବେ କେମିତି ମନ ହେଲେ ଦୁଇ ମୁଠା ଖାଇଦିଅନ୍ତି ଯାହା । କିନ୍ତୁ ଶ୍ରୀମତୀଙ୍କର ମୁଢ଼ି ନ ଥିଲେ, ନିଦ ହେବନି । ଭାତ ନ ଖାଇ ପଛେ ଦିନେ, ଦୁଇଦିନ ରହିଯିବେ, କିନ୍ତୁ ମୁଢ଼ି ଗୋଟାଏ ଦିନ କମିବାର ନାହିଁ । ସକାଳେ ଗାଧୁଆ, ଠାକୁରପୂଜା ପରେ ମୁଢ଼ି କଂସାଏ ପାଣି ପୁରାଇ ମାଛଭଜା, କାକୁଡ଼ି, ପିଆଜ, ଲଙ୍କା କି ଶାଗ ଓ ଭଜାଭଜି ଲଗାଇ ଦେ ଚଉରସ କରି ଟାଣିଦିଅନ୍ତି । ଠିକ୍ ସେମିତି ରାତିରେ ରୁଟି ଖାଉଖାଉ ହଠାତ୍ ଉଠିଯାଇ ମୁଢ଼ି ମାଣଟିଏ ଆଣି ତରକାରୀରେ ଗୋଳାଇ ଖିଆହେବ । କହିଲେ ବ୍ୟଙ୍ଗ କରି ପାଟିରୁ ବାହାରିବ, "ତୁମେ ଭଦ୍ରକିଆ, ମୁଢ଼ିଖିଆ କେଉଁଠୁ ଜାଣିବ ? ତୁମର ତ ଖାଲି

ଚୁଡ଼ା ନ ହେଲେ ପିଠା । ମୁଢ଼ିଖିଆ ଶିଖିବ ତ ବାଲେଶ୍ୱରିଆ କିମ୍ବା ବାରିପଦିଆଙ୍କ ଠୁଁ ଶିଖ । ମୁଢ଼ି ମାଂସ କିମ୍ବା ମୁଢ଼ି ଭୁଗୁନି ଖାଇବ ତ ମଜା କେତେ ଜାଣିବ ।”

ଶ୍ରୀମତୀଙ୍କର କଥାଶୁଣି ଆବାକାବା ହୋଇଯାଆନ୍ତି ପ୍ରଶାନ୍ତବାବୁ । ଭଦ୍ରକିଆ ମୁଢ଼ିଖିଆ ଜାଣି ନାହାନ୍ତି କହିଲା ବେଳକୁ ତାଙ୍କ କଲିଜାକୁ ଶକ୍ତ ପାହାରଟିଏ କିଏ ପକାଇଦେଲା ପରି ତାଙ୍କୁ ଲାଗେ । କିନ୍ତୁ ଏକଥା ସତଯେ ଏମାନେ ଯେପରି ପଶୁଙ୍କ ପରି ମୁଢ଼ି ଖାଆନ୍ତି, ଭଦ୍ରକିଆ ସେମିତି ଖାଆନ୍ତି ନାହିଁ । ସେମାନେ ଖାଆନ୍ତି ଭଦ୍ରମାର୍ଜିତ ରୁଚିକର ଭାବେ ।

ପିଲାଦିନେ ଘରେ ଗାଈ ଦୁହାଁଳ । କ୍ଷୀର, ଘିଅ ଭର୍ତ୍ତି । ବାଡ଼ିରେ ବି ପଚାଶ ନଡ଼ିଆଗଛ । ନଡ଼ିଆ ଏଠି ସେଠି ଗଡୁଥିବ । ବାସ୍ ନଡ଼ିଆକୋରା, ଘିଅ, ଚିନି ଗୋଳାଇ ମୁଢ଼ି ଡାଟିଏ ଖାଇଦେବ ତ ମନଶାନ୍ତି । ଆଉ କେବେ କେବେ ମୁଢ଼ିରେ କ୍ଷୀର, ଚିନି ଓ ମୋଟା ସର ପକାଇ ଖାଇବ ତ ମନ ବୁଝିଯିବ । ମୁଢ଼ିଟା ଶୁଖିଲା ଖାଦ୍ୟ । ଜଳଖିଆ କରି ଯାହା ଟିକେ ଖାଇବା କଥା । ନୋହିଲେ ଝାଲମୁଢ଼ି, କରି ବି ଖାଇହେବ । ସେଥିରେ ତା’ର ସ୍ୱାଦ ଠିକ୍‌ସେ ଜାଣିହେବ । ହେଲେ ମୁଢ଼ିକୁ ଭାତ, ପଖାଳ କରି କିଏ ଖାଏ ? ଏମାନେ ଅନାର୍ଯ୍ୟଗୁଡ଼ାକ, ରାସୁ ରାସୁ କରି ପଶୁଙ୍କ ପରି ମୁଢ଼ିଗୁଡ଼ାକୁ ଚୋବାଉଥିବେ ଯାହା । ବାଲେଶ୍ୱର ତଳକୁ ଭୋଗରାଇ, ଜଳେଶ୍ୱର, ରାଇବଣିଆ କି ଅମର୍ଦ୍ଦାରୋଡ୍ ଆଡ଼େ ତ ବେଲା କି କଂସା ନୁହେଁ ଜାଳି (ଛୋଟ ପାଛିଆ) ଧରି ଜଣେ ଜଣେ ବସିଯିବେ । ସେହିପରି କୌଣସି କାମକାର୍ଯ୍ୟ ହେଲେ ପ୍ରଥମେ ମୁଢ଼ିପଟ କିଛି ଭର୍ତ୍ତି ହୋଇଥିବ । ପ୍ରଥମେ ମୁଢ଼ି, ତା’ପରେ ଅନ୍ୟ ଯେଉଁ ଖାଦ୍ୟ । କି ମଜ୍ଜା ପାଆନ୍ତି ସେଥିରୁ, ଜାଣିପାରନ୍ତିନି ସେ । ଖାଲି ଏତକ ଜାଣନ୍ତି, ଦେଶକେ ଫାଙ୍କ, ନଈକେ ବାଙ୍କ୍ । ଭିନ୍ନ ଦେଶ(ଅଞ୍ଚଳ)ରେ ଭିନ୍ନ ଚଳଣି ।

ଆଜିକାଲି କିନ୍ତୁ ଓଡ଼ିଶାର ଯେଉଁ ଆଡ଼କୁ ଯାଇଛନ୍ତି, ସେଆଡ଼େ ମୁଢ଼ିର ଚାହିଦା ସେ ଉପଲବ୍ଧ କରି ଆସିଛନ୍ତି । ଦୋକାନମାନଙ୍କରେ ପ୍ୟାକେଟ୍‌ରେ ଭର୍ତ୍ତି ହୋଇ ବିକ୍ରି ଚାଲିଛି । ଆଉ କେଉଁଠି କିଲୋଧରିଆ ତ କେଉଁଠି ବୁରାଧରିଆ ବିକ୍ରି

ହେଉଛି । ଏସବୁ ମେସିନ୍‌ରେ ସାରଦିଆ ଭଜା ମୁଢ଼ି । ଏଥିରେ ନା ସ୍ୱାଦ ଅଛି ନା ଭିଟାମିନ୍ ଅଛି । ଔଷଧ ଗିଳି ପକାଇବା ପରି ଯାହାଟିକେ ଉଦରସ୍ଥ କରିବା କଥା । କିନ୍ତୁ ଘରଭଜା ମୁଢ଼ିର ଯେଉଁ ମହକ, ଯେଉଁ ସ୍ୱାଦ ତାହା ବଜାର ମୁଢ଼ିରେ କେଉଁଠୁ ମିଳିବ ? ସେଥିପାଇଁ ମାସଟିଏ ବରଂ ମୁଢ଼ି ନଖାଇ ଶ୍ରୀମତୀ ଏମିତି ରହିଯିବେ, କିନ୍ତୁ ବଜାର ମୁଢ଼ି ସେ ଭୁଲ୍‌ରେ ବି କିଣିବେନି । ଦିନେ ଗୋଟେ ଛୋଟ ପ୍ୟାକେଟ୍ କୋଡ଼ିଏ ଟଙ୍କା ଦେଇ କିଣି ଆଣିଲେ ଯେ, ତାହା ସେମିତି ପଡ଼ିପଡ଼ି ଗମିଲା ସିନା ସେଥିରୁ ମୁଠାଟିଏ ବି ସେ ଛୁଇଁଲେନି ।

ସତରେ କି ଯୁଗ ହେଲା, କିଛି ଜାଣିପାରୁନାହାନ୍ତି ପ୍ରଶାନ୍ତବାବୁ । ଏଇମିତି ସମୟ ଦିନେ ପହଞ୍ଚିବ, ସେ ସ୍ୱପ୍ନରେ ବି ଭାବି ନଥିଲେ । ଘରଠୁଁ ବାହାର ସବୁଠି କୃତ୍ରିମତାର ପ୍ରଲେପ ! ବିଶୁଦ୍ଧତା କି ବାସ୍ତବତାର ଟିକେ ହେଲେ ନାଁ ଗନ୍ଧ ନାହିଁ ! ସବୁଖାଦ୍ୟରେ ସାର, କେମିକାଲ ଆହୁରି କ’ଣ ? କ୍ଷୀର ପ୍ୟାକେଟ୍‌ରେ କେମିକାଲ୍ ! ସଜ ପନିପରିବାରେ ବି ସବୁଜ ଓ ତଟକା ଦେଖାଯିବା ପାଇଁ ବିଷ ଓ କେମିକାଲ ! ଡାଲି, ତେଲ, ଲୁଣ କେଉଁଟା ବି ବାଦ୍ ନାହିଁ । ଶେଷରେ ମଣିଷ ଏଇ ସାର, ବିଷକୁ ଖାଇ ବଞ୍ଚିଲା ? ଆଉ ଏମାନଙ୍କୁ ନାନା ରୋଗ ହେବନି ତ କାହାକୁ ହେବ ? କାହାର ଦେହରେ ଟିକେ ଶକ୍ତି ନାହିଁ । ଦେଖାଯାଉଛନ୍ତି ମୋଟାସୋଟା, ତାଗଡ଼ାତାଗଡ଼ା, ହେଲେ କୌଣସି କଠିନ ବସ୍ତୁ ଉଠାଇବା ବେଳକୁ ନାକେଦମ୍ । ଧକେ ପକେଇଲେ ହାଲୁଏ ମାଟି ଖାଉଛନ୍ତି । ହାତ, ପାଦ, ଆଙ୍ଗୁଳି ଟିକେ ମୋଡ଼ିଗଲା ବେଳକୁ ଫାଟି କି ଭାଙ୍ଗି ଆଁ ।

ଅଥଚ ତାଙ୍କ ପିଲାଦିନେ ବିଦ୍ୟାଳୟରେ କେତେ ମାଡ଼ ଦିଆଯାଉନଥିଲା ! ଅକ୍ଷର ଗୋଲ ପାଇଁ ଆଙ୍ଗୁଠି ଉପରେ ସେ ଯେଉଁ ପାହାର, ପୁଣି ହାତକୁ ଏତେ ଜୋର୍ ମୋଡ଼ି ଦିଆଯାଉଥିବ ଯେ, କିଣିକିଣି ଡାକୁଥିବ କିନ୍ତୁ ଭାଙ୍ଗି ଯିବାର କେଉଁଠି ଜଣାନଥିଲା । କେତେ ପିଟାମରା, ଗଡ଼ାପଡ଼ା, ଟେକା ଛଟାଛଟି ହେଲେ ଭାଙ୍ଗିବାର କେହି କହିନାହିଁ । ସେତେବେଳେ ପ୍ରତ୍ୟେକ ଖାଦ୍ୟରେ ଶୁଦ୍ଧତା, ପ୍ରାକୃତିକତା ଥିଲା ।

ବାଡ଼ି ପନିପରିବାରେ ଜୈବସାର ବ୍ୟତୀତ ରାସାୟନିକ ସାର କି ବିଷର ପ୍ରୟୋଗ ନଥିଲା । ସମସ୍ତଙ୍କ ବାଡ଼ି ବଗିଚାରେ କିଛି ନା କିଛି ପନିପରିବା ଚାଷ ନିହାତି ହୋଇଥିବ । ବଳଦ, ଗାଈ ବି ପ୍ରାୟ ସମସ୍ତଙ୍କ ଘରେ । ଗୋବର ଖତ ହୋଇ ଜମିରେ ପଡ଼ିଲା ତ ଘସି ହୋଇ ଜଳିଲା । ଶେଷରେ ପାଉଁଶତକ ବି କ୍ଷେତରେ ଖତ ହେଲା । ସେଇ ପାଉଁଶରେ ଦାନ୍ତ ଘସି ଯେଉଁ ଚକ୍‌ଚକ୍ ଧଳା ଦେଖାଯାଉଥିଲା, ଏବେ ଯେତେ ପେଷ୍ଟରେ ଘସିଲେ କ'ଣ ପୂର୍ବ ରଙ୍ଗ ବାହାରୁଛି ? ଅସମୟରେ ପିଲାମାନଙ୍କ ବାଳ ଝଡ଼ି ମୁଣ୍ଡ ଚନ୍ଦା ହେବା ପରି ଦାନ୍ତଗୁଡ଼ିକ ବି ପୋକ ଲାଗି ଖସିପଡୁଛି । ଲୋକେ ଗାଁରେ ଗୋବର, ଖତ ବିଲକୁ ନେବା ପାଇଁ ବଳଦକୁ ବ୍ୟବହାର କରୁଥିଲେ । ତାଙ୍କୁ 'ଛେଲାବଳଦ' କୁହାଯାଉଥିଲା । ହେଲେ ଏବେ ଛେଲା ବଳଦ ଦୂରର କଥା ଗାଈ କି ବଳଦଟିଏ ଗାଁରେ ସ୍ୱପ୍ନ । କ୍ଷୀର ତ ପ୍ୟାକେଟ୍‌ରେ ପହଞ୍ଚିଲା । କୃତ୍ରିମ ରାସାୟନିକ ସାର ବି ବଜାରରେ ମିଳିଲା । ଆଉ ଚାଷ କରିବା ପାଇଁ ବିଭିନ୍ନ ମେସିନ୍ ବି ବାହାରିଲା । ଏଣୁ ଗାଈ କି ବଳଦର ଆବଶ୍ୟକ କ'ଣ ? କି ଆଶ୍ଚର୍ଯ୍ୟ ! ଧାନ ତଳିଠାରୁ ଉପୁଡ଼ା, ରୁଆ, କଟା, ଅମଳ ସବୁ ମେସିନ୍‌ରେ ?

ଏଇ ମେସିନ୍ ପାଇଁ ଚାରିଆଡ଼େ ମାଳମାଳ ବେକାରୀ । ଚାଷ ଯେତେବେଳେ ମେସିନ୍ କଲା, ସେତେବେଳେ ଗାଁରେ ପଡ଼ି ଲାଭ କ'ଣ ? ଏଣୁ ସମସ୍ତେ ସହରାଭିମୁଖୀ ହେଲେ । ଯିଏ ଯାହା ପାଇଲା, ତାହା ଆବୋରିଲେ । ସହରରେ ବି ଚାକିରିଆ ବ୍ୟସ୍ତ ସାଙ୍ଗକୁ ସୁସ୍ଥି ମଧ୍ୟ । ସମସ୍ତେ ଚାହୁଁଛନ୍ତି ସେମାନଙ୍କ ଗୋଡ଼ପାଖକୁ ସମସ୍ତ କିଛି ପହଞ୍ଚିଯାଉ । ମୋବାଇଲ ବି ଯା'ହେଉ ସେମାନଙ୍କୁ ବହୁତ ଭଲ ସେବା ଦେଉଛି । ସେଇ ହିସାବରେ ମୁଢ଼ିବାଲାଟି ମଧ୍ୟ ଗାଁ ଛାଡ଼ି ସକାଳ ହେବା ମାତ୍ରକେ ତା' ସାଇକେଲଟିରେ ବିରାଟ ମୁଢ଼ିପଟଟିଏ ବାନ୍ଧି ସହରକୁ ଛୁଟିଥିବ । ଘରଘର ବୁଲି ଲୋକଙ୍କୁ ମୁଢ଼ି ଯୋଗାଉଥିବ ।

ଏ ମୁଢ଼ି ବେପାରରେ ଲୋକଟା କେତେ ଲାଭ ପାଉଛି ଯେ ପରିବାର ଚଳାଉଛି ? ଏଇକଥା ଭାବୁ ଭାବୁ ଦିନେ ପ୍ରଶାନ୍ତବାବୁ ତାକୁ ତା'ର ମୁଢ଼ି ବେପାର

ବିଷୟ ପ୍ରଶ୍ନ କଲାରୁ ଟିକେ ହସିଦେଇ ସେ କହିଲା, "ଆଜ୍ଞା ଲାଭ ଅଛି । ଲାଭ ନ ଥିଲେ ଜଣେ ବେପାର କରିବ କାହିଁକି ? କିନ୍ତୁ ମୋର ସେତେ ଲାଭ ହୁଏନି । ମୁଢ଼ିକଳରେ ମେସିନ୍ ସାହାଯ୍ୟରେ ଯେଉଁଠି ସାର ଦିଆଯାଇ ଭଜା ହେଉଛି ସେଠୁ ଆଣି ବେପାର କଲେ ଭଲ ଲାଭ ମିଳିବ । କିନ୍ତୁ ଲୋକଙ୍କୁ ବିଷ ଖାଇବାକୁ ଦେବିନା ? କେତେ ଭରସାରେ ମୋ ଠାରୁ ଆପଣ ମୁଢ଼ି କିଣୁଛନ୍ତି । ଭଲ ମୁଢ଼ି ଦିଏ ବୋଲି ସିନା ଆପଣ ମୋ ପାଖରୁ ସବୁବେଳେ ମୁଢ଼ି ରଖୁଛନ୍ତି । ଯଦି ସେଇ ମୁଢ଼ି ଦିଏ, ତେବେ ଆପଣ କ'ଣ କହିବେ ? ପୁଣି ତାହାକୁ ଖାଇ ଆପଣଙ୍କର କାହାର କିଛି ଦେହ ଖରାପ ହୁଏ, ତେବେ ସେ ପାପ ମୋତେ ଓ ମୋ ପିଲାଛୁଆଙ୍କୁ ଲାଗିବନା । ତେଣୁ ମୁଁ ମୋ ନିଜ ଘରେ ଚାଉଳ ଭାଜି ମୁଢ଼ି କରେ । ଘରେ ସାରର ପ୍ରଶ୍ନ ନାହିଁ । ଟିକେ ମାପ ମୁତାବକ ଲୁଣ ଯାହା । କାଠ ଜାଳରେ ପ୍ରଥମେ ସ୍ତ୍ରୀ ଭାଜି ଦେଉଥିଲା । ଏବେ ସେ ଆଉ ଏକା ପାରୁନି । ଦୁଇଜଣ ସ୍ତ୍ରୀଲୋକ ଆସୁଛନ୍ତି, ପ୍ରତ୍ୟେକ ଦିନ ଭାଜୁଛନ୍ତି । ସେଇ ଦୁଇଜଣ ତ ମଜୁରି ଟାଣି ନେଉଛନ୍ତି । ନୋହିଲେ ଟିକେ ଭଲ ଲାଭ ବାହାରନ୍ତା । ଲୋକଙ୍କୁ ଖାଣ୍ଟି ଓ ଭଲ ଜିନିଷ ଦେଲେ ସିନା ଭଗବାନ ମୋର ମଙ୍ଗଳ କରିବେ ।"

ମୁଢ଼ିବାଲାର ସରଳତା, ମହାନତା, ଦେଖି ସେ ଆଶ୍ଚର୍ଯ୍ୟ ହେଲେ । ତଥାପି ତା' କଥାରେ ସନ୍ଦେହ ହେବାରୁ ସେ ପଚାରିଲେ, "ଆଚ୍ଛା, ପ୍ରଥମେ ଆଗରୁ ଯେଉଁ ମୁଢ଼ି ଦେଉଥିଲୁ ଆଉ ଏବେ ଯେଉଁ ମୁଢ଼ି ଦେଉଛୁ, ସମାନ ସ୍ୱାଦ ତ ଆସୁନି । ଆଗ ମୁଢ଼ି କେତେ ଭଲ ଲାଗୁଥିଲା, ଆଉ ଏବେ ଏତେ ଭଲ ନୁହେଁ । ଏହାର କାରଣ କ'ଣ ? ଇଏ ସେଇ ମେସିନ୍ ମୁଢ଼ି ନୁହେଁ ତ ?" ପ୍ରଶାନ୍ତବାବୁଙ୍କ କଥାରେ ଚମକିପଡ଼ି ସେ କହିଲା, "ନାଇଁ ଆଜ୍ଞା, ଇଏ ଆମ ଘର ଭଜା । ଆଗକୁ ମୁଢ଼ି ଆମ ଚାଷଜମି ଚାଉଳରୁ କରୁଥିଲି । ଚାଷଜମି କେତେ ଯେ ? ବି.ପି.ଏଲ୍ ଚାଉଳ ମିଳୁନଥିଲେ ଆମେ ଉପାସ ରୁହନ୍ତୁ । ବାଧ୍ୟହୋଇ ସେ ଆନ୍ଧ୍ରା ଚାଉଳ ଉପରେ ନିର୍ଭର କରିବା କଥା । ସେ ଚାଉଳ ଓ ଘର ଚାଉଳ ଭିତରେ ନିଶ୍ଚୟ ପାର୍ଥକ୍ୟ ରହିବ ।"

ବାସ୍ତବିକ ସତକଥା । ଆଗରୁ ଗାଁରେ ମୁଢ଼ିପାଇଁ ସରୁଲମ୍ବା ଧାନ ବଛା ହୋଇ ରଖାହେଉଥିଲା । ତାହାକୁ ପୁଣି ଉସେଁଇ ଶୁଖେଇ କେବେ କେବେ

ବଣିଆଣୀ(ଶୁଣ୍ଢା ବୋଉ) ନୋହିଲେ ରମ୍ଭା ଅପା କି ସେ ଗୁଡ଼ିଆଣୀ ବୁଢ଼ିଟା ଭାଜିବାକୁ ଆସେ । ବୋଉ ମଝିରେ ମଝିରେ ଭାଜିଲେ ବି ଅନ୍ୟକଥା ସବୁ ବୁଝାବୁଝି ଭିତରେ ତାକୁ ସମୟ ହୁଏନି । ସେମାନେ ଭାଜି ସାରିବା ପରେ ଚାଲୁଣିରେ ଚଲାଇ ଦେଇଯାଆନ୍ତି । ଭଜା ହେବାବେଳେ ଗରମ ମୁଢ଼ିର ଏକ ମଧୁର ବାସ୍ନା ଚାରିଆଡ଼କୁ ବିଛାଡ଼ିଯାଏ । ଲୋଭ ସମ୍ଭାଳି ନପାରି ତାଟିଏ ଧରି ଖାଇ ବସନ୍ତି । ବୋଉ ମୁଢ଼ିକୁ ବେଳେବେଳେ କୁଟି ଛତୁଆରେ କରିଥାଏ ଯେ ଯେଉଁଦିନ ପିଠା କି ପରଟା ନ କରିପାରେ, ସଂଗେସଂଗେ ସେଇ ଛତୁଆ କିଛି ଚିନି ମିଶାଇ ଖାଇବାକୁ ଦିଏ । କ୍ଷୀର କି ଅମୃତ ମିଶାଇଲେ, ତା'ର ସ୍ୱାଦ ଦି'ଗୁଣ ବଢ଼ିଯାଏ । କିନ୍ତୁ ଏବେ ଯେତେଥର ସେପରି ଖାଇଲେ ମଧ୍ୟ ପୂର୍ବର ସ୍ୱାଦ ସେ ଜମା ପାଇପାରନ୍ତି ନାହିଁ ।

ସେହିପରି ଆଗରୁ ଝାଲ୍‌ମୁଢ଼ିର ଯେଉଁ ସ୍ୱାଦ ଥିଲା, ତାହା କ'ଣ ଏବେ ଅଛି ? କଟକ କି ଭୁବନେଶ୍ୱର ଟ୍ରେନ୍‌ରେ ଗଲେ ଝାଲ୍‌ମୁଢ଼ିବାଲା ଉଠିବେ । ଟଙ୍କାଏରେ ଯେଉଁ ମୁଢ଼ି ତିଆରି କରିଦିଅନ୍ତି, ତାକୁ ଖାଇ ପେଟେ ହୋଇଯାଉଥିଲା । ଆଉ ମନ ବି ଶାନ୍ତି ଲାଗୁଥିଲା । ମାତ୍ର ଏବେ ଦଶଟଙ୍କାରେ ନାନାଦି ଦ୍ରବ୍ୟ ପକାଇ ଯେଉଁ ଝାଲମୁଢ଼ି ମିଳୁଛି, ତାହାର ସ୍ୱାଦ କାହିଁ ନା ପରିମାଣ କାହିଁ ? କିପରି ହେବ ଯେ ! ଚାଉଳ ତ ଆସୁଛି ଆନ୍ଧ୍ରରୁ । ଆନ୍ଧ୍ର ଚାଉଳ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ପ୍ରଶାନ୍ତବାବୁ । ଯାହା ଦେଖିବାବେଳକୁ ଆନ୍ଧ୍ରା ? ମାଛ, ଫଳ, ପନିପରିବା, ଶେଷକୁ ଚାଉଳ ବି ? ହେଲେ ଓଡ଼ିଶା କରୁଛି କ'ଣ ? ନିରଙ୍କୁଶ ଶାସନ ଚାଲିଛି ଦୀର୍ଘବର୍ଷ ଧରି । ଚାରିଆଡ଼େ ଡିଣ୍ଡିମ ବାଜୁଛି, ଜନପ୍ରିୟ ସରକାର ବୋଲି । ମଝିରେ ମଝିରେ ପ୍ରଶଂସା ପତ୍ର ବି ଅଜାଡ଼ି ପଡୁଛି । ମିଡିଆବାଲା ତ ପ୍ରଶଂସାରେ ଶତମୁଖର । ଗାଁ ଠାରୁ ସହରଯାଏ ସବୁଠି ବିଜୟର ବାନା । ସବୁଦଳର ନେତାଙ୍କୁ ଡାକିଡାକି ସରକାରୀ ଦଳରେ ସାମିଲ । ତେବେ ଓଡ଼ିଶାରେ ଉନ୍ନତି କେଉଁଥିରେ ?

ରାଜ୍ୟରେ ସବୁଜବିପ୍ଳବ ଧୂଳିସାତ୍ । ଖଣି ଖାଦାନ, ନିଲାମ । ଶିଳ୍ପ ରୁଗ୍‌ଣ ପ୍ରାୟ । ପରିବହନ ସେବା ବି ନଷ୍ଟ । ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା, ଗମନାଗମନ ପ୍ରାୟ ଅନେକାଂଶ ଅଞ୍ଚଳରେ ସ୍ୱପ୍ନ । ଯୋଜନା ପରେ ଯୋଜନା ହେଉଛି, ନବୀକରଣ ହେଉଛି, ଅର୍ଥବ୍ୟୟ ହେଉଛି, ମାତ୍ର ଫଳ ଦେଖିବା ବେଳକୁ ଶୂନ୍ । ତେବେ ଅଗ୍ରଗତି କେଉଁଥିରେ ହେଉଛି ? ଏଇ ମାଗଣା ଚାଉଳ, ଟଙ୍କା, ରାସନ୍‌ରେ ? ସ୍ୱାଧୀନତାର

କେତେ ବର୍ଷ ପରେ ବି ଏମିତି ମାଗଣା ଦିଆଚାଲିଥିବ, ଏକଥା ଭାବି ପାରୁନାହାନ୍ତି ପ୍ରଶାନ୍ତବାବୁ । ଇନ୍ଦିରା ଆବାସ ଯୋଜନାରେ ସଂଖ୍ୟା ପ୍ରତିବର୍ଷ ବଢୁଛି ସିନା କାହିଁ କମିବାର ତ ନାଁ ନାହିଁ ? ଆଉ ବଢ଼ିଚାଲିଛି ବିଭିନ୍ନ ପ୍ରକାର ଠକେଇ ଓ ଦୁର୍ନୀତି । ବ୍ୟଭିଚାରର ଶେଷ ସୀମା ବୋଧହୁଏ ଏ ରାଜ୍ୟ ଦଖଲ କରିସାରିଛି । ତେବେ ଆଗକୁ କ'ଣ ହେବ ସେ ଭାବି ପାରୁନାହାନ୍ତି । ଭାବିଲାବେଳକୁ ମୁଣ୍ଡ ତାଙ୍କର ଗୋଳମାଳ ହୋଇଯାଉଛି ।

ଜନକଲ୍ୟାଣ ନାମରେ ଲୋକମାନଙ୍କୁ ମାଗଣା ସବୁ ଯୋଗାଇଦେବା ତାହାର ସୁଦୂର ପରିଣତି କ'ଣ ସରକାର ଜାଣିପାରୁଛନ୍ତି ନା ବୁଦ୍ଧିଜୀବୀମାନେ ଉପଲବ୍ଧି କରିପାରୁଛନ୍ତି । ଗୋଟାଏ ବିରାଟ, କର୍ମଠ ଜାତି କିପରି ଧୀରେଧୀରେ ସ୍ଥାଣୁ, ଅକର୍ମଣ୍ୟ ପାଲଟି ଯାଉଛି, ତାହା କେହି ଲକ୍ଷ୍ୟ କରିପାରୁନଥିବା ଦେଖି, ପ୍ରଶାନ୍ତବାବୁ ଆଶ୍ଚର୍ଯ୍ୟ ହେଉଛନ୍ତି । ସମସ୍ତେ ଚିନ୍ତା କରୁଛନ୍ତି ମାଗଣାରେ ଆମକୁ ପୁଳେ ମିଳିଯାଆନ୍ତା କି ? ସେଦିନ ସେହିପରି ମୁଢ଼ିବାଲାଟା କହିଲା, "ଆଜ୍ଞା ସରକାର ଚାଉଳ, ଗହମ ଦେଉଛନ୍ତି । ଆମମାନଙ୍କ ମୁଢ଼ିବାଲା ପାଇଁ ମୁଢ଼ି ଚାଉଳ ଯୋଗାଇ ଦେଲେ ହୁଅନ୍ତାନି ? ଏଇ ଟଙ୍କିକିଆ ଚାଉଳ ପରି ଯଦି ମୁଢ଼ି ଚାଉଳ ଯୋଗାଇ ଦିଅନ୍ତେ, ତେବେ ବେପାର ମୋର ଭଲ ହୁଅନ୍ତା ।" ହସି ଦେଇ ତାକୁ ସେ କହିଲେ, "ଚାଉଳ ଯୋଗାଇଦେବେ, ସିଧାସଳଖ ମୁଢ଼ି ଦେଲେ କ୍ଷତି କ'ଣ ? ଏଇ ଯେମିତି ପାଞ୍ଚଟଙ୍କାରେ ଖାଦ୍ୟ ଦେଉଛନ୍ତି ଆହାର କେନ୍ଦ୍ରରେ ।" ନିରାଶ ହୋଇ ନଯାଇ ମୁଢ଼ିବାଲା କହିଲା, "ଆପଣ ତ ଆଜ୍ଞା ସାମ୍ବାଦିକ । ଆମ ଦୁଃଖ ଟିକେ ଶୁଣନ୍ତୁ । ଆମ ବିଷୟ ସରକାରଙ୍କୁ ଜଣାନ୍ତୁ । ଆମେ ବରଂ ମୁଢ଼ିଦର ଟିକେ କମାଇଦେବୁ । ଆମ ସ୍ୱାର୍ଥ ସହ ସମସ୍ତ ଲୋକଙ୍କର ସ୍ୱାର୍ଥ ବି ଏଥିରେ ଜଡ଼ିତ ଅଛି ନା । ମୁଁ କିନ୍ତୁ ମାଗଣାରେ କିଛି ପାଇବାକୁ ଚାହୁଁନି । ରିହାତି ଦରରେ ଯୋଗାଇଦେଲେ ହୁଅନ୍ତାନି ?"

ମୁଢ଼ିବାଲା କଥାଶୁଣି ଚିନ୍ତାମଗ୍ନ ହୋଇଗଲେ ଯେପରି ପ୍ରଶାନ୍ତବାବୁ । ସତକଥା ତ । ମୁଢ଼ିବାଲାସବୁ ଖରା, ବର୍ଷା, ଶୀତ କାହାକୁ ଖାତର ନକରି ଯେପରି ଲୋକମାନଙ୍କୁ ଦ୍ୱାରସେବା ଯୋଗାଉଛନ୍ତି, ସେଥିରେ କ'ଣ ଲୋକଙ୍କର ସ୍ୱାର୍ଥପୂରଣ ହେଉନି ? ଏଣୁ ସେମାନଙ୍କ ପାଇଁ ଟିକେ ସୁବିଧା କି ଯୋଜନା ପ୍ରଣୟନ କଲେ କ୍ଷତି କ'ଣ ? ତାକୁ ସେ ପ୍ରଶ୍ନକଲେ, "ଆଚ୍ଛା ତୁ ତ ଦିନେ ଛଡ଼ା ଦିନେ ଏଠାକୁ

ଆସୁଛୁ । ଏ ବାଲେଶ୍ୱରରେ ତୁ ଏକା ନା ଆଉ କେହି ତୋ ପରି ବିକ୍ରି କରୁଛନ୍ତି ?” “ନାଇଁ ଆଜ୍ଞା ମୁଁ ଏକା କ’ଣ ଏତେବଡ଼ ସହରକୁ ମୁଡ଼ି ଯୋଗାଇପାରିବି ? ମୋରି ପରି ପଚାଶ/ଷାଠିଏ ଜଣ ଏ ବେପାର କରୁଛନ୍ତି । ଆମେ ସବୁ ଗୋଟେ ଗୋଟେ ପାଖ ଧରିନେଇଛୁ । ପ୍ରତିଦିନ ଆମେ ଆସୁଛୁ । ଆଜି ଆପଣଙ୍କୁ ମୁଡ଼ି ଟିଣଟିଏ ଦେଲେ, ଆପଣ ତ ଆଜି ସବୁ ଖାଇଦେବେନି । ଏଣୁ ଦିନଟିଏ କି ଦୁଇଦିନ ଛାଡ଼ି ଆସିଲେ ଆପଣଙ୍କର ଅଭାବ ପୂରଣ ହୋଇଯିବ । ସେପାଇଁ ଏ ପାଖକୁ ଆଜି ଆସିଲେ, ଆରପାଖକୁ କାଲି ଯିବି ।” ବିନୀତ ହୋଇ ମୁଡ଼ିବାଲା କହିଲା, “ଓଃ ଏପରି କଥା । ଆଚ୍ଛା ତୁମମାନଙ୍କର ପରସ୍ପରର ଚିହ୍ନା ପରିଚୟ ଅଛିନା ନାହିଁ ? କେବେ କେମିତି ଏକାଠି ବସି ଦୁଃଖସୁଖ ହୁଅନା ?” ପ୍ରଶାନ୍ତବାବୁଙ୍କ ପ୍ରଶ୍ନରେ ଉତ୍ସାହିତ ହେବା ପରି ସେ କହିଲା, “ହଁ ଆଜ୍ଞା, ବେଳେବେଳେ ଆମେ ସବୁ ଏକାଠି ହୋଇ ଦୁଃଖସୁଖ ହେଉ । ଚିହ୍ନା ପରିଚୟ ତ ରହିବ ନିଶ୍ଚୟ ।” ତାକୁ ଟିକେ ସାନ୍ତ୍ୱନା ଦେବା ସହ ତା’ ମନରେ ପ୍ରତ୍ୟୟ ଭରି ଦେବାପାଇଁ ପ୍ରଶାନ୍ତବାବୁ କହିଲେ, “ତୁମେସବୁ ଏକଜୁଟ ହୋଇ ତୁମର ଦାବିସବୁ ଅନ୍ୟମାନଙ୍କ ପରି ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଉନ । କହିହେବନି ଏ ସରକାରର ମୁଣ୍ଡକୁ କି ଝୁଙ୍କ ଉଠିବ କେତେବେଳେ, ସେତେବେଳେ ତୁମମାନଙ୍କର ଇଚ୍ଛା ପୂରଣ ହୋଇଯାଇପାରେ ।” ପ୍ରଶାନ୍ତବାବୁଙ୍କ କଥାରେ ହଠାତ୍ କ୍ଷଣକ ପାଇଁ ଉଜ୍ଜ୍ୱଳ ହୋଇଉଠିଲା ମୁଡ଼ିବାଲାର ମୁହଁ । ଏକ ଅନାଗତ ସଫଳତାର ଚିତ୍ର ତା’ର ମୁଖ ସମ୍ମୁଖରେ ଯେମିତି ଉଦ୍‌ଭାସିତ ହୋଇଉଠିଲା । ସଂଗେ ସଂଗେ ତାଙ୍କୁ ହାତଯୋଡ଼ି କହିଲା, “ସାର୍, ଆପଣ ମୋର ଆଖି ଖୋଲି ଦେଇଛନ୍ତି । ମୁଁ ଆଜ୍ଞା ବି.ଏ.ପାସ୍ କରିଛି । ଆପଣଙ୍କ କଥାନୁସାରେ ମୁଁ ସମସ୍ତଙ୍କୁ ଏକଜୁଟ କରି କେତେ ସଫଳ କରିପାରୁଛି ଦେଖେ ।” ଚାଲିଗଲା ମୁଡ଼ିବାଲାଟା ଏକ ସମ୍ଭାବନାର ଛବି ତା’ ମୁଖମଣ୍ଡଳରେ ଯେପରି ସ୍ପଷ୍ଟ ବାରି ହୋଇପଡୁଥିଲା ।

ପ୍ରଶାନ୍ତବାବୁଙ୍କର ଆଜି ଠିକ୍ ମନେ ପଡୁଛି, ସେବେଠାରୁ ମୁଡ଼ିବାଲାର ଆଉ ଦର୍ଶନ ନାହିଁ । ତେବେ ସେ ଗଲା କୁଆଡ଼େ ? ଏହି ସମୟରେ ମୋବାଇଲ୍ ରିଂ ହେଲା । ମୋବାଇଲ୍ ଅନ୍ କଲା କ୍ଷଣି ଅପର ପାର୍ଶ୍ୱରୁ ଶୁଣାଗଲା, “ସାର୍, ମୁଁ ରବି କହୁଛି, ଆପଣଙ୍କ ମୁଡ଼ିବାଲା । ଆପଣଙ୍କ ପରାମର୍ଶ ମୁତାବକ ଆମ ବାଲେଶ୍ୱରରେ

ପ୍ରଥମେ ସମସ୍ତ ମୁଡ଼ିବାଲାକୁ ଏକତ୍ର କରି ବୈଠକ କଲି । ତତ୍ପରେ ସେଠାରେ ଏକ ସଂଘ କଲି । ପୁଣି ବାରିପଦା, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ ଆଜି ଗସ୍ତ କରି ସମସ୍ତ ମୁଡ଼ିବାଲାଙ୍କ ସହ ଯୋଗାଯୋଗ କଲି । ସେହି ଅନୁସାରେ ଭୁବନେଶ୍ୱରରେ ଆସନ୍ତା କାଲି ଆମେ ଏକ ରାଲିରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବୁ । ଆପଣ ଟିକେ ସାର୍ ଆସି ଆମ ସଭାରେ ଉଦ୍‌ବୋଧନ ଦେବା ସହ ଆମକୁ ଉତ୍ସାହିତ କଲେ ଆମେ ଧନ୍ୟ ହୁଅନ୍ତୁ ।” “ଆଚ୍ଛା ଆଚ୍ଛା, ଚେଷ୍ଟା କରିବି” କହି ଫୋନ୍ ରଖିଦେଲେ ପ୍ରଶାନ୍ତବାବୁ । ଓଃ ଏଇଥିପାଇଁ ତେବେ ମୁଡ଼ିବାଲାର ଦର୍ଶନ ନାହିଁ କିଛିଦିନ ହେଲା ? ଶିକ୍ଷିତ ପରୋପକାରୀ ମୁଡ଼ିବାଲାର ମୁଖରେ ସେ ଦେଖିଥିଲେ ଗଭୀର ଆତ୍ମବିଶ୍ୱାସର ଛବି । ଲୋକମାନଙ୍କର ଉପକାର ଚାହୁଁଥିବା ଓ ସେମାନଙ୍କର ସେବା କରୁଥିବା ବ୍ୟକ୍ତି ହିଁ ତ ନେଇଥାଏ ସମାଜର ନେତୃତ୍ୱ । ଧୀରେ ଧୀରେ ତାଙ୍କୁ ଲାଗୁଥିଲା ମୁଡ଼ିବାଲାଟା ଯେପରି ପାହାଚ ପରେ ପାହାଚ ଅତିକ୍ରମ କରି ଉପରକୁ ଉଠି ଉଠି ଯାଉଛି । ଆଉ ସମାଜକୁ ବଦଳାଇ ଏକ ନୂତନ ରୂପ ଦେଉଛି । ସେଇ ଅନାଗତ ସମ୍ଭାବନାମୟ ସୁନେଲି ସ୍ୱପ୍ନରେ ବିଭୋରିତ ହୋଇ ଉଠିଲେ ପ୍ରଶାନ୍ତବାବୁ ।

ପ୍ରଧାନଶିକ୍ଷକ, କିଶୋରଚନ୍ଦ୍ରପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ,
ଗବପାଳ, ବରହମପୁର, ବାଲେଶ୍ୱର - ୭୫୬୦୫୮
ଦୂରଭାଷ : ୯୯୩୭୫୩୮୧୨୦, ୭୮୧୫୦୧୪୩୩୭

❐❐❐

ନିଷିଦ୍ଧ ଫଳ

● **ମୂଳ ବଙ୍ଗଳା ଗଳ୍ପ - ଦିନି ଦାଶଗୁପ୍ତା**

ଓଡ଼ିଆ ରୂପାନ୍ତର - ଜୟକୃଷ୍ଣ ସାମଲ

ଶିଢ଼ି ଚଢ଼ି ଟଳି ଟଳି ଉପରକୁ ଉଠିଲା ସେ । ଘର ଅନ୍ଧକାର ବିଜୁଳିର କ୍ଷଣିକ ଝଲକ - ଏହା ମଧ୍ୟରେ ଯେତେଟା ସମ୍ଭବ ଘରଟିକୁ ଜରିପ କରିବାକୁ ଚେଷ୍ଟା କଲା । କିନ୍ତୁ ଠିଆହେବା ସମ୍ଭବ ହେଉନି । ତାଳଗଛ ସମାନ ଉଚ୍ଚତାରେ ଖୁଣ୍ଟ ଉପରେ ତିଆରି ହୋଇଛି ଏଇ ଅବଜାରଭେସନ୍ ଟାୱାର । ଖୁଣ୍ଟଗୁଡ଼ିକୁ କାଠର ନା ଲୁହାର ଜାଣି ହେଉନି । କାଠରେ ତିଆରି ଘରଟି ଝଡ଼ର ତାଣ୍ଡବରେ ଥର-ଥର । ବୋଧ ହେଉଛି ଯେପରି ଶୂନ୍ୟରେ ଉଡ଼ିଯିବ ।

ବାହାରେ ଅବିଶ୍ରାନ୍ତ ବୃଷ୍ଟିପାତ । ମୁହୂର୍ତ୍ତକର ଅଂଶବିଶେଷ ପାଇଁ ତୀର ଏବଂ ତୀକ୍ଷଣ୍ ତଡ଼ିତ ଝଲକ । ମନେହେଲା ଘରଟି ଦଶ ବାଇ ଆଠ ଆକାରରେ । ହୁଏତ ବା ଛୋଟବଡ଼ ଟିକିଏ ହୋଇପାରେ । ଉପରେ ଟିଣ କିମ୍ବା ଅନ୍ୟ କିଛି । ଚତୁର୍ଦ୍ଦିଗରେ ଛାତି ସମାନ ଉଚ୍ଚତାରେ ପ୍ରାୟ ଦୁଇହାତ ଆନ୍ଦାଜ ଖୋଲା । ସେଇ ଅଂଶ ଦେଇ ଆସୁଛି ବୃଷ୍ଟିଧାରା । କାଠର ଚଟାଣ ଫାଙ୍କଦେଇ ସେଇ ବୃଷ୍ଟିଜଳ ତଳକୁ ଚାଲିଯାଉଛି । ମଥା ଉପରେ ଆଚ୍ଛାଦନ ଥାଇ ବି ଯେପରି ନାହିଁ । ବାହାରେ ଅବିରାମ ବଜ୍ରପାତ, ବର୍ଷା-ବତାସର ଗର୍ଜନ ସବୁ ମିଶି ମନେ ହେଉଛି ମହାପ୍ରଳୟ ।

ବିଜୁଳି ଚମକରେ ମନେହେଲା, କିଛି ଯେପରି ଗୋଟାଏ ଚେତାଶୂନ୍ୟ ହୋଇ ବସି ରହିଛି ଘରର ଗୋଟାଏ କୋଣରେ । ଜିନିଷଟା କ'ଣ ହୋଇପାରେ ବୁଝିବାକୁ ଚେଷ୍ଟା କଲା ସେ । ଏହି ଅରଣ୍ୟର କୌଣସି ଜନ୍ତୁ-ଜାନୁଆର ?

ହଠାତ୍ ତା'ର ମସ୍ତିଷ୍କରେ ଶିହରଣ ଖେଳିଗଲା । ତା'ପରି ଆଶ୍ରୟହୀନ କୌଣସି ଲୋକ ନୁହେଁ ତ ?

ଖୁବ୍ ଜୋର୍‌ରେ ପାଟି କରି ସେ ପଚାରିଲା, କିଏ ସେଠି ବସିଛନ୍ତି ? ମଣିଷ ହୋଇଥିଲେ ଜବାବ ଦିଅନ୍ତୁ ।

ମଣିଷ, ଜବାବ ଆସିଲା ।

ଯୁବତୀଟି ଏହି କଣ୍ଠସ୍ୱର ଶୁଣି ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଆପଣ କିପରି ଏଠାକୁ ଆସିଲେ ?

ଜବାବ ଆସିଲା, ଆପଣ ଯେପରି ଭାବରେ ଆସିଛନ୍ତି ।

ମୁଁ ରାସ୍ତା ଭୁଲି କେଉଁ ଆଡ଼କୁ ଯିବି ଚିନ୍ତା କରିପାରିଲିନି । ହାତ ପାଖରେ ଶିଢ଼ିର ସୁବିଧା ପାଇ ଉଠି ଆସିଛି । ତା'ପରେ ଯେପରି ହଠାତ୍ ଅନ୍ଧକାର ଘୋଟି ଆସିଲା ।

ଲୋକଟିର ମଧ୍ୟ ଏକା ପ୍ରକାର ଅଭିଜ୍ଞତା । ରାତ୍ରିଯାପନର ବ୍ୟବସ୍ଥା ଥିଲା ଟୁରିଷ୍ଟ ଲଜ୍‌ରେ । ଲଞ୍ଚରୁ ଓହ୍ଲାଇବା ସମୟରେ ମଧ୍ୟମ ସାଇଜ୍‌ର ଆଟାଚିଟା ଧରି ଓହ୍ଲାଇଥିଲା । ନିର୍ଦ୍ଦେଶିତ ପଥରେ ଚାଲି ଚାଲି ଆସି ଠିଆ ହୋଇଥିଲା । ମଧୁର ଜଳ ପୋଖରୀର ସମ୍ମୁଖରେ । ରାତ୍ରିରେ ପାଣି ପିଇବାକୁ ଆସନ୍ତି ଜନ୍ତୁ - ଜାନୁଆର । ନରମ ମାଟିରେ ବାଘ ପାଦର ଚିହ୍ନ ଗୁଡ଼ିଏ ହୋଇ ରହିଛି । ଏହି ପୋଖରୀର ବାମ ପାର୍ଶ୍ୱରେ ହିଁ ଟୁରିଷ୍ଟ ଲଜ୍ । ଇଂରାଜୀ 'ଏଲ' ଅକ୍ଷର ପରି । ପୋଖରୀର ଉତ୍ତର ଆଉ ପୂର୍ବ ଦିଗରେ ଅର୍ଦ୍ଧେକ ସଂପୂର୍ଣ୍ଣ ମୋଟାମୋଟା ଶାଳ ଖୁଣ୍ଟ ଉପରେ ଦ୍ୱିତାଲା ଉଚ୍ଚତାରେ ଧାଡ଼ି ଧାଡ଼ି କୋଠରୀ । ତଳଟା ଫାଙ୍କା । ଜନ୍ତୁ-ଜାନୁଆରମାନଙ୍କର ଆକ୍ରମଣ ପରିହତ କିମ୍ବା ଚଳପ୍ରଚଳନ କାରଣରୁ । ନିର୍ଦ୍ଦେଶିତ ପଥ ବ୍ୟତୀତ ସେଠାକୁ ଯିବାର ଉପାୟ ନାହିଁ । ନିରାପତ୍ତା ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ତାର ବେଷ୍ଟନୀ । ମୁଣ୍ଡ ଉପରେ ବି ।

ପୋଖରୀଟିର ଦକ୍ଷିଣ ଦିଗରେ ସେ ଅଗ୍ରସର ହେଲା ଫରେଷ୍ଟ ଗାର୍ଡ଼ମାନଙ୍କର ନିଷେଧ ଅମାନ୍ୟ କରି । ଆହୁରି ଆଗକୁ ଯିବାର ଇଚ୍ଛା । କିନ୍ତୁ ଘନେଇ ଆସୁଥିବା ଅନ୍ଧକାର, ଆକାଶର ମେଘ, ଆଉ ଗାର୍ଡ଼ମାନଙ୍କର ସତର୍କବାଣୀ ଉପେକ୍ଷା ନକରି ଫେରି ଆସିଲା । ବିପଦକୁ ମୁଣ୍ଡାଇ ଟିକିଏ ବେଶୀ ଅଗ୍ରସର ହୋଇଥିଲା । ପୋଖରୀ ପାର୍ଶ୍ୱସ୍ଥ ମାଟି ରାସ୍ତାରେ ପ୍ରବେଶ କ୍ଷଣି ଫରେଷ୍ଟ ଗାର୍ଡ଼ ଦରଜା ବନ୍ଦ କରିଦେଲା । କାହାକୁ ସେ ଦେଖିବାକୁ ପାଇଲାନି ଆଖପାଖରେ ।

ଅବଜର୍‌ଭେସନ୍ ଟାୱାର ଆଡ଼କୁ ଯାଉ ଯାଉ ଦେଖିଲା ରାସ୍ତାପାଖରେ ଛୋଟ ଛୋଟ ଘରେ ପ୍ରମାଣ-ସାଇଜ୍‌ର ନକଲ ମଣିଷ ମାଟିରେ ତିଆରି ହୋଇଛି । ଏଗୁଡ଼ିକୁ ହିଁ ଜଙ୍ଗଲ ଭିତରେ ରଖା ହୁଏ ବିଦ୍ୟୁତ୍ ସଂଯୋଗରେ । ମଣିଷ ପ୍ରତି ବ୍ୟାଘ୍ରକୁଳର ଭୟ

ଜନ୍ମାଇବାର ପ୍ରୟାସରେ । ଏହା ଉପରେ ଲମ୍ଫଦେଲେ ହିଁ ବିଦ୍ୟୁତ୍ ପ୍ରବାହର ଧକ୍କାରେ ଛିଟିକି ଦୂରରେ ପଡ଼ନ୍ତି ।

ଫରେଷ୍ଟଗାର୍ଡ଼ ବାରମ୍ବାର ସାବଧାନ କରି ଦେଉଥିଲା । ସମୟ ହୋଇଗଲାଣି । ବର୍ତ୍ତମାନ ହିଁ ଲଞ୍ଚ କିମ୍ବା ଟୁରିଷ୍ଟ ଲଜ୍‌କୁ ଯିବାକୁ ହେବ । ଏହି ଲୋକଟି କିନ୍ତୁ କର୍ଣ୍ଣପାତ କଲାନି । ଆଉ ସେଇକ୍ଷଣି ସୁ ସୁ ଶବ୍ଦ କରି ଧାଇଁ ଆସିଲା ପବନ । ମୂହୁର୍ମୁହୁଃ ବଜ୍ରପାତ । ଚତୁର୍ଦ୍ଦିଗ ଅନ୍ଧକାର । ଶୁଖିଲାପତ୍ର ଆଉ ଧୂଳି ଝଡ଼ । ପଲକ ମାତ୍ରକେ ଆରମ୍ଭ ହେଲା ପ୍ରଳୟ । ସେ ଆଉ ରାସ୍ତା ଖୋଜି ପାଇଲାନି । ଲୁହାର ବାଡ଼ ଧରି ଧରି ଝଡ଼ ସହିତ ଯୁଦ୍ଧ କରି କରି ନିଜକୁ ଅର୍ପିଦେଲା ଭାଗ୍ୟର ହାତରେ ।

ସେ ଦିନର ଖବରକାଗଜରେ ପାଣିପାଗ ଦପ୍ତର ତରଫରୁ କ୍ଷୁଦ୍ର ଗୋଟିଏ ବିଜ୍ଞପ୍ତି ଥିଲା । ଓଡ଼ିଶା-ପାରାଦ୍ୱୀପ ଉପକୂଳର ତିନିଶହ କିଲୋମିଟର ଦୂରରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି । ଶକ୍ତିବୃଦ୍ଧି ପାଉଛି ଧୀରେ ଧୀରେ । ଗତିବିଧି ବୁଝି ହେଉନି । ସେଇ ଘୂର୍ଣ୍ଣିଝଡ଼ ପୂର୍ଣ୍ଣତା ପ୍ରାପ୍ତହୋଇ ଏତେ ଦ୍ରୁତଗତିରେ ଆଗେଇ ଆସିଲା କିପରି ?

ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ବନ ବିଭାଗର ଅନୁମତି ନେଇ ବିଶେଷ ଧରଣର ଏହି ଲଞ୍ଚଟି କ୍ୟାନିଂରୁ ଯାତ୍ରା ଆରମ୍ଭ କରିବାକୁ କିଛି ବିଳମ୍ବ କରିଥିଲା । ଯାତ୍ରୀଗଣ ବିତ୍ତବାନ ଏବଂ ପ୍ରତିଷ୍ଠିତ । କେହି କଲିକତାରୁ ଆସିଛନ୍ତି ନିଜ ଗାଡ଼ିରେ, କେହି ବା ରେଳରେ । ଯାତ୍ରା ବିଳମ୍ବ ହେବାର କାରଣ ରେଳଗାଡ଼ି ପହଞ୍ଚିବାରେ ଡେରି । ଯାତ୍ରୀମାନେ ବାସନ୍ତିରେ ଓହ୍ଲାଇ ନଥିଲେ ବିଳମ୍ବ ସମୟଟିକୁ ପରିପୂରଣ କରାଯାଇ ପାରିଥାନ୍ତା । ତାହା ବ୍ୟତୀତ ଗୋସାବା ହ୍ୟାମିଲଟନ୍ ସାହେବର ବଙ୍ଗଳାରେ ହିସାବ ବର୍ହିଭୂତ ଭାବରେ ନଷ୍ଟ କରିଛନ୍ତି ସମୟ । ଏହି ବିଶେଷ ଭ୍ରମଣର ଉଦ୍ୟୋକ୍ତାଙ୍କର ବାରମ୍ବାର ତାଗିଦ୍‌କୁ ସେମାନେ କର୍ଣ୍ଣପାତ କଲେନି ।

ଇତି ମଧ୍ୟରେ ଆକାଶରେ ମେଘ ସଞ୍ଚାର ହୋଇଛି ସମସ୍ତଙ୍କର ଅଲକ୍ଷ୍ୟରେ । ସଜନଖାଲିରେ ଲଞ୍ଚ ଯେତେବେଳେ ଆସି ପହଞ୍ଚିଲା, ନିୟମାନୁସାରେ ଅବତରଣର ସମୟ ଅତିକ୍ରାନ୍ତ । ଏଠାକାର ଗେଟ୍ ବନ୍ଦ ହେବାକୁ ଡେରି ନାହିଁ । ଫରେଷ୍ଟଗାର୍ଡ଼ମାନେ ନିରାପଦ ଆଶ୍ରୟରେ ଅର୍ଥାତ୍ ଲୌହ ଜାଲିକ ଘେରା କ୍ୱାର୍ଟସକୁ ଚାଲିଯିବେ ରାତିକ ପାଇଁ ।

ଭ୍ରମଣକାରୀମାନେ ବାରଣ ନମାନି ଲଞ୍ଚରୁ ଓହ୍ଲାଇ ଆସିଲେ । ନିରୁପାୟ ଫରେଷ୍ଟଗାର୍ଡ଼ ବନ୍ଧୁକ ଧରି ଚାଲିଲେ ସେମାନଙ୍କ ପଛରେ । ହଠାତ୍ ଝଡ଼ ଆସିବାରୁ ଏହି ଝଡ଼ ମଧ୍ୟରେ ସେମାନଙ୍କୁ ଲଞ୍ଚ ଓ ଟୁରିଷ୍ଟ ଲଜ୍‌ରେ ପୁରାଇ ଦେଲେ । ନିଜେ ଚାଲିଗଲେ ନିରାପତ୍ତା ତାରଘେର ନିଜ ଘରକୁ ଏବଂ ପଥହରା ଦୁଇଜଣ ଯାତ୍ରୀ ବନ୍ଦୀ ହେଲେ ଅବଜାରଭେସନ୍ ଟାୱାରରେ । ପୁରୁଷଟି ନିଜର ଜିଦ୍ ଫଳରେ ପୋଖରୀ କୂଳରେ ବେଶି ଅଗ୍ରସର ହୋଇଛି । ଝିଅଟି ଆସୀମ କୌତୁହଳରେ, କିଛି ଜାଣିବାର ଉଦ୍-ପିବ ବାସନାରେ, କିଛି ବୁଝିବାର ଆନ୍ତରିକ ଇଚ୍ଛାରେ ଆଗେଇଯାଇଛି ।

ରାତ୍ରି ଗଭୀର ହେବାର ସଙ୍ଗେ ସଙ୍ଗେ ଝଡ଼ ଆଉ ବୃଷ୍ଟିପାତ ବୃଦ୍ଧି ପାଉଛି । ଦୋହଲୁଛି ଅବ୍‌ଜାରଭେସନ୍ ଟାୱାର । ଚାରିପାଖରୁ ବର୍ଷା ଛିଟା ସବୁକିଛି ଧୋଇନେଇ ଯାଉଛି । ତା'ର ହାତରୁ ବଞ୍ଚିବାର ତାଗିଦ୍‌ରେ ବାରବାର ସ୍ଥାନ ପରିବର୍ତ୍ତନ କରୁଛି ଝିଅଟି ।

ଏକା ପ୍ରକାର କାରଣରୁ ପୁରୁଷ ଲୋକଟି ଠିଆ ହୋଇଛି କୋଠରୀ ମଝିରେ । ଉଭୟଙ୍କ ଆଖିରେ କିଛିଟା ସହନୀୟ ହୋଇ ଉଠିଛି ଅନ୍ଧକାର । ତାହା ବ୍ୟତୀତ ବିଦ୍ୟୁତ ଝଲକରେ ମଝିରେ ମଝିରେ ସବୁକିଛି ସ୍ପଷ୍ଟ ହୋଇ ଉଠୁଛି ମୁହୂର୍ତ୍ତକର ଭଗ୍ନାଂଶ ପାଇଁ ।

ଝିଅଟି କହିଲା, ଝଡ଼ ବନ୍ଦ ହେଲେ ନିରାପଦ ବୋଧ କରାଯାଇପାରନ୍ତା । ରାତିରେ ସାହାଯ୍ୟର ଆଶା ନାହିଁ । ଏହି ଅଞ୍ଚଳ ସନ୍ଧ୍ୟାପରେ ନିଷିଦ୍ଧ ।

ପୁରୁଷଟି କହିଲା, ଆପଣଙ୍କର କ'ଣ ହେବ ? ଆପଣଙ୍କର ଅଭିଭାବକ, ଯେଉଁମାନଙ୍କ ସାଥିରେ ଆସିଛନ୍ତି କିମ୍ବା ଆପଣଙ୍କ ସଂପକ୍ରୀୟ, ସମସ୍ତେ ଉତ୍‌କଣ୍ଠାରେ ରାତି କଟାଇବେ ।

ଉତ୍ତର ଆସିଲା, ମୁଁ ଏକାକୀ ଆସିଛି ।

ବୁଝିପାରୁଛି, ଲୋକଟି କହିଲା, ଆପଣ ତାହେଲେ ଅନୁଢ଼ା, ସାହସୀ ଏବଂ ସ୍ୱାଧୀନ ମଧ୍ୟ ।

ଉତ୍ତର ନାହିଁ ।

କ'ଣ କରନ୍ତି ? ଲୋକଟି ପଚାରିଲା ।

ଫ୍ରିଲାନ୍ସ ଜର୍ନାଲିଷ୍ଟ । ଉତ୍ତର ଆସିଲା ।

ଭଲ । ଲୋକଟିର ମନ୍ତବ୍ୟ ।

ଆପଣ କ'ଣ କରନ୍ତି ? ପ୍ରଶ୍ନ କଲା ଝିଅଟି ।

ବର୍ତ୍ତମାନ ବେକାର । କାମ ନାହିଁ ।

ଝିଅଟି ପୁଣି ସ୍ଥାନ ପରିବର୍ତ୍ତନ କଲା ବର୍ଷା ଛିଟାରୁ ରକ୍ଷା ପାଇବା ପାଇଁ । ଲୋକଟି ବୁଝିପାରି କହିଲା, ମଝିକୁ ଆସି ଠିଆ ହୁଅନ୍ତୁ । ମୋ ପାଖରେ ହୁଏତ କମ୍ ଭିଜିବେ ।

ପୁଣି ଝିଅଟି ପ୍ରଶ୍ନ କଲା, ବେକାରତ୍ୱର ପୂର୍ବରୁ କିଛି କହୁଥିଲେ ?

କରୁଥିଲି, ଲୋକଟି କହିଲା ମଣିଷ ଖୁନ୍ ।

କଥାଟି ଶୁଣିବା କ୍ଷଣି ଝିଅଟିର ଅନ୍ତରାତ୍ମା କମ୍ପି ଉଠିଲା । ସର୍ବନାଶ । ଜଣେ ଖୁନୀ ମଣିଷର ପାଲରେ ଶେଷ ପର୍ଯ୍ୟନ୍ତ ପଡ଼ିଲା । କିନ୍ତୁ ସେ ଦୁର୍ଜୟ ସାହସୀ । ନିରସ୍ତ୍ର ମଣିଷର ଆକ୍ରମଣକୁ ପ୍ରତିହତ କରିପାରେ । ହୁଏତ ଅନ୍ଧକାରରେ କିଛିଟା ଅସୁବିଧା ହେବ । ତେବେ ଆଖି ମାଧ୍ୟମରେ ଅନ୍ଧକାରରେ ଯେତେଟା ଦେଖାଯାଉଛି, ସେଥିରେ କାବୁ କରିପାରିବ ।

ଲୋକଟି ପୁଣି କହିଲା, ଆପଣ ଏଠି ଆସି ଠିଆ ହୁଅନ୍ତୁ ।

ଆପଣ ଟିକିଏ ଅଗ୍ରସର ହୋଇ ଝିଅଟି କିହଲା, ଦୁର୍ବୁଦ୍ଧି କରିବେନି । ନିଜକୁ ରକ୍ଷା କରିଜାଣେ । ପୂରାପୂରି ମରିବ ।

ବାଧିତ ହେଲି । ଆପଣଙ୍କର ପୋଷକ କରାଟେ ଉପଯୋଗୀ ଅବଶ୍ୟ । କିନ୍ତୁ ବେଲ୍‌ଟର ନମ୍ବର ?

ଝିଅଟି ବୁଝିପାରେ, କେବଳ ମଣିଷ ଖୁନ୍ କରିବାକୁ ନୁହେଁ, ଆହୁରି କିଛି ଜାଣେ ଲୋକଟି । କହିଲା, ବ୍ଲାକ୍, ସେକେଣ୍ଡ ଡାହାଣ ।

ବାଃ, ଗୁଣୀ ଝିଅ । ଇଚ୍ଛା ଥିଲେ ଭଲ ଚାକିରି ବି କରିପାରିବ । ଯାହା ହେଉ ସେ ଭୟ କରିବନି । ଲୋକଟି ଆଶ୍ୱାସନା ଦେଲା ।

ଭରସା କ'ଣ ଅଛି ?

ଶୁଣନ୍ତୁ ଶ୍ରୀମତୀ, ଲୋକଟି କହିଲା, ଲେଖାପଢ଼ା ଶିଖିଲେବି ଆପଣଙ୍କର ବାସ୍ତବ ଜ୍ଞାନାଭାବ ରହିଛି । ଅନିଚ୍ଛୁକ ନାରୀର ଉପରେ ଏକକ ଭାବରେ କୌଣସି ପୁରୁଷ ପାଶବିକ ଲାଳସା ଚରିତାର୍ଥ କରିପାରିବେନି । ଅବଶ୍ୟ ଲାଞ୍ଛନା ବା ସମ୍ଭ୍ରମହାନୀ ସମ୍ଭବ । କିନ୍ତୁ ଏସବୁକୁ ମୁଁ ଘୃଣା କରେ ।

କହୁ କହୁ ଲୋକଟି ଘରକୋଣକୁ ଯାଇ ତା'ର ଆଟାଚିଟା ଖୋଲି ଟର୍ଚ୍ଚ ବାହାର କରି ଆଗେଇ ଗଲା ଦକ୍ଷିଣ ସୀମାକୁ । ବର୍ଷା ମଧ୍ୟରେ ବି ଅବଜାର୍‌ଭେସନ୍ ଟାୱାରରୁ ନଇଁପଡ଼ି ଟର୍ଚ୍ଚ ଆଲୋକ ପକାଇଲା ପୂର୍ବରୁ ପଶ୍ଚିମକୁ । ପ୍ରଥମେ ଦୃଢ଼ ଲୟରେ ତା ପରେ ଆସ୍ତେ ଆସ୍ତେ ଘୂରାଇବାକୁ ଲାଗିଲା ତା'ର ଫୋକସ୍ । କହିଲା, ମହାରାଜ ପାଖରେ ଅଛନ୍ତି ବୋଧହୁଏ ।

କିଏ ? ଝିଅଟି ପଚାରିଲା ।

ଏହି ବଣର ବାଦଶା । ଟିକିଏ ଲକ୍ଷ୍ୟ କରନ୍ତୁ, ଝଡ଼ର ଶବ୍ଦ ଯେତେବେଳେ ଜମି ଆସୁଛି, ସେଇ ସମୟରେ ହିଁ କାନକୁ ଆସୁଛି ତା'ର ଗର୍ଜନ ।

ଲୋକଟି ଟର୍ଚ୍ଚ ରଖିଦେଲା ଆଟାଚି ମଧ୍ୟରେ ।

ଝିଅଟି କହିଲା, ଦେଖିବାକୁ ପାଇଲେ ବେଶ୍ ରୋମାଞ୍ଚକର ବ୍ୟାପାର ହୁଅନ୍ତା ।

ଶୁଣିଛି, ଲୋକଟି କହିଲା, କୌଣସି ସୌଭାଗ୍ୟବାନ୍ ବ୍ୟକ୍ତି ଟୁରିଷ୍ଟ ଲଜ୍‌ରୁ ରାତି ସମୟରେ ପାଣି ପିଉଥିବା ଅବସ୍ଥାରେ ଦେଖିଛନ୍ତି । ସେଇ ଆଶାରେ ମୋ ପାଇଁ ମଧ୍ୟ ବୁକ୍ କରାଯାଇଥିଲା ଗୋଟିଏ ରୁମ୍ ।

ବେଶ୍ କିଛି କ୍ଷଣି ଉଭୟ ନିର୍ବାକ । ବର୍ଷା ବତାସ ସମାନ ବେଗରେ ଚାଲିଛି । ଅପରିଚିତ ଦୁଇ ମାନବ-ମାନବୀ ପ୍ରହର ଗଣୁଛନ୍ତି ଦୁର୍ଯୋଗ ଅବସାନର, ରାତ୍ରି ପ୍ରଭାତର । ଶୀତ ଦିନର ଏହି ଝଡ଼ ବର୍ଷା ଦୀର୍ଘସ୍ଥାୟୀ ହେବାର କଥା ନୁହେଁ । କିନ୍ତୁ ଲଘୁଚାପର ଗଭୀରତା କେତେ ଏମାନଙ୍କୁ ଜଣାନାହିଁ ।

ବାଘ ଗର୍ଜନ ଆହୁରି କେତେଥର ଉଭୟ ଶୁଣିଛନ୍ତି । ତାପରେ କ୍ଷୀଣରୁ କ୍ଷୀଣତର ହୋଇ ମିଳେଇ ଯାଇଛି ।

ଝିଅଟି ଗୋଟିଏ ସମୟରେ କହିଲା, ପବନ-ବର୍ଷା ଟିକିଏ କମିଛି । ବାଘ କ'ଣ ଉପରକୁ ଉଠି ଆସିବାର ସମ୍ଭାବନା ଅଛି ?

ମନେ ହୁଏନା । ଯେହେତୁର ଜାଣେ, ଲୋକଟି କହିଲା ଚିତାବାଘ ସକ୍ଷମ ।

ତାହା ହେଲେ ତ ଭୟର ବ୍ୟାପାର ରହିଛି ।

ସୁନ୍ଦରବନରେ ଚିତା ନାହିଁ ।

ଅନ୍ୟ ଜନ୍ତୁ ? ଭୟାର୍ତ୍ତ ଚିତ୍ତରେ ଝିଅଟି କହିଲା ।

ଥିଲେ ବି ଉପୟ ନାହିଁ କିଛି ।

ଝିଅଟି ଚୁପ୍ ।

ପୁରୁଷ ଲୋକଟି ଗୋଟାଏ ସମୟରେ ଜାଣିବାକୁ ଚାହିଁଲା, ଗୀତ ଗାଇଲେ ଆପଣଙ୍କର ଶାନ୍ତି ବ୍ୟାହତ ହେବ ?

ଏହି ପରିବେଶରେ, ଏପରି ମାନସିକ ଅବସ୍ଥାରେ । ବିସ୍ମିତ ହୋଇ ଝିଅଟି କହିଲା, ଆପଣ ନିରୋର ନାମ ଶୁଣିଛନ୍ତି ? ଇଟାଲୀର ସମ୍ରାଟ ଥିଲେ । ରୋମ ନଗରୀ ଜଳୁଛି ସେ ବେହେଲା ବଜାଉଛନ୍ତି । ମୋର ବି ଯନ୍ତ୍ର, ତେବେ ବେହେଲା ନୁହେଁ ।

ଇଏ କି ପ୍ରକାର ଲୋକ । ଝିଅଟି ଭାବୁଛି । ଏହି ଝଞ୍ଝା ବିକ୍ଷୁବ୍ଧ ରାତିରେ ଯେଉଁଠି ପ୍ରତି ମୁହୂର୍ତ୍ତରେ ପ୍ରାଣ-ନାଶ ସମ୍ଭାବନା, ସେଠାରେ ଗୀତ ଗାଇବାର ମିଜାଜ ଆସିବାର ନୁହେଁ । ଈଶ୍ୱର କେଉଁ ଉପାଦାନରେ ଏକୁ ସୃଷ୍ଟି କରିଛନ୍ତି ?

ଏହା ମଧ୍ୟରେ ସ୍ୱର ଜାଗ୍ରତ ହୋଇଛି । ଏହି ପରିବେଶରେ ଏପରି ଅପରୂପ ନିର୍ବାଚନ ଅବଶ୍ୟ ହିଁ ପ୍ରଶଂସା ପାଇବାର ଯୋଗ୍ୟ । ନିର୍ଭୁଲ ଭାବରେ ମାଉଥଅର୍ଗାନ ସ୍ୱର ବିଚ୍ଛୁରଣ ହୋଇଛି ଝଡ଼ ତାଣ୍ଡବର ସହିତ ।

ଖେଳିଛ ଏ ବିଶ୍ୱ ଲୟେ ବିରାଟ ଶିଶୁ ଆଗମନେ ।
ପ୍ରଳୟ ସୃଷ୍ଟି ତୁମେ କଣ୍ଢେଇ ଖେଳ
ନିରଜନେ ପ୍ରଭୁ ନିରଜନେ ।
ଶୂନ୍ୟେ ମହା ଆକାଶେ
ତୁମେ ମଗ୍ନ ଲୀଳା-ବିଶ୍ୱାସେ,
ଭାଙ୍ଗିଛ ଗଢ଼ିଛ ନିତି କ୍ଷଣେ-କ୍ଷଣେ ।

ମାଉଥଅର୍ଗାନ ଗାଇ ଚାଲିଲା ଗୀତଟି ବାରମ୍ବାର । ସ୍ୱର, ତାଳ, ଲୟ କେତେବେଳେ ପରିଷ୍କାର, କେତେବେଳେ ଅବା ଅସ୍ପଷ୍ଟ ହୋଇ ମିଳାଇ ଯାଉଛି ବର୍ଷା ପବନ ସହିତ ।

ଏହି ଭାବରେ ଅତିବାହିତ ହେଲା କିଛି ସମୟ । ଝିଅଟିକୁ ଭଲ ଲାଗୁଛି । ରାତିଟା ଯେହେତୁ ଏଠାରେ ହିଁ ଅତିବାହିତ କରିବାକୁ ହେବ, ଲୋକଟି କ୍ଷତି କରିବାକୁ ଚେଷ୍ଟା ନକଲେ, ସାଥୀ ହିସାବରେ ମନ୍ଦ ନୁହେଁ । ଏହାର ସାହଚର୍ଯ୍ୟରେ ସେ ବି ତ ସାହସୀ ହୋଇ ଉଠୁଛି ।

କହିଲା, ଅନ୍ୟ ଗୀତ ଜାଣି ନାହାନ୍ତି ?

ସେମିତି କିଛି ନୁହେଁ । ଟିକି, ରହି କହିଲା, ହଁ ସାହସ ଯୋଗାଇବା ପରି ଗୋଟାଏ ସ୍ୱର ଶୁଣନ୍ତୁ ।

ଯନ୍ତ୍ର ଜାଗି ଉଠିଲା -

ଦୁର୍ଗମ ଗିରି, କାନ୍ତାର ମରୁ, ଦୁସ୍ତର ପାରାବାର
ଲଙ୍ଘିବାକୁ ହେବ ରାତ୍ରି ନିଶିଥେ ଯାତ୍ରୀଗଣ ହୁସିଆର...

ଏହି ଗୀତଟି ମଧ୍ୟ ଶୁଣିଛି । ମାଉଥଅର୍ଗାନରେ ଯେପରି ପ୍ରତିଟି କଥା ଅବିକଳ ଧ୍ୱନିତ ହେଉଛି । ଯେପରି କଥା କହୁଛି ।

ଏହା ବି କିଛି ସମୟ ପରେ ବନ୍ଦ ହେଲା ।

ଝଡ଼ର ତେଜ ବୋଧହୁଏ ଟିକିଏ ସ୍ତିମିତ ହେଲା, କ୍ଷଣକାଳ ପାଇଁ । ହୁଏତ ଏପରି କ୍ରମେ କ୍ରମେ ଶାନ୍ତ ହେବ ପ୍ରକୃତି । ସୁସ୍ଥ ହେବ ଧରିତ୍ରୀ । ପ୍ରାଣସ୍ପନ୍ଦନ ଜାଗ୍ରତ ହୋଇଉଠିବ କଳକଳ ଧ୍ୱନିରେ ।

କିନ୍ତୁ ଶ୍ରୀମତୀ - ଝିଅଟିର କାନକୁ ଆସିଲା ଲୋକଟିର କଥା, ଶୀତରେ କଷ୍ଟ ପାଉଛି । ଭିଜି ଯାଉଥିବା ପୁଲ୍-ଓଭର ପୂର୍ବରୁ ଖୋଲିଛି । ଋତୁ ବିଚାରରେ ଶୀତ ଶେଷ । ଥଣ୍ଡା ପବନ ଆଉ ବର୍ଷାର ତୀବ୍ର ବେଗର ଆଘାତରେ ଖୁବ୍ କାତର । ମୋତେ ହୁଏତ ପୋଷାକ ଖୋଲି ଦେବାକୁ ହେବ । ସୃଷ୍ଟିର ପ୍ରଥମ ପ୍ରଭାତର ସେହି ଆଦମ୍ ହୋଇଯିବି ମୁଁ । ତାପରେ ଶରୀରରେ ଉଷ୍ମତା ଭରିଦେବି ଡ଼ିଆ ଡେଇଁ କରି । .... ଆପଣଙ୍କୁ ଶୀତ କରୁଥିବ । ପୋଷାକ ଭିଜିନି ?

ଦୁଇ ପାଦ ଆଗେଇ ଆସି ହଠାତ୍ ଝିଅଟିର ଭିଜା ପୋଷାକରେ ହାତଦେଇ ଦୂରେଇ ଗଲା ନିରାପଦ ଦୂରତ୍ୱକୁ ।

ଝିଅଟି ଆଘାତ କଲା ଶୂନ୍ୟକୁ । କାରଣ, ଲୋକଟି ଭୀଷଣ ଭାବେ ଚକିତ ।

ପୁଣି କହିଲା ସେ, ସମ୍ଭ୍ରମ ହାନି ହେବନି । ଆପଣଙ୍କର ପୋଷାକ ଭିଜି ଯାଉଛି । ପୁଲ୍-ଓଭର ଖୋଲି ପକାନ୍ତୁ । ମୋର କିନ୍ତୁ ସୁବିଧା । ଆଟାଚିରେ ସବୁକିଛି ଅଛି । ପବନ କମିଲେ ବର୍ଷା ଛିଟା ଆସିବନି । ପୋଷାକ ପରିବର୍ତ୍ତନ କରିପାରିବି । ସେ ସୁଯୋଗ ଆପଣଙ୍କର ନାହିଁ । ମୋର ପରାମର୍ଶ ଗ୍ରହଣ କଲେ ଶୀତ-କମ୍ପନ ହ୍ରାସ ପାଇବ ।

କୁହନ୍ତୁ ଶୁଣେ ।

ମୁଁ ରକ୍-ଏଣ୍ଡ-ରୋଲ୍ ବଜାଇବି । ନିଶ୍ଚୟ ଟୁଇଷ୍ଟ ଡିସ୍‌କୋ ଜାଣନ୍ତି । ନ ପାରିଲେବି ନିଆଁ ଡ଼େଇଁ କରିବେ । ଶରୀର ଗରମ ହେବ । ଥଣ୍ଡା ଉପଲବ୍ଧି ହେବନି ପରିଶ୍ରମ-ଜନିତ କାରଣରୁ ।

ଆପଣଙ୍କର ସ୍ପର୍ଦ୍ଧା ସାଂଘାତିକ । ଝିଅଟି ରାଗରେ ଗର୍ଜନ କରିଉଠିଲା ।

ଲଜ୍ଜା କରିବାର କ'ଣ ଅଛି ଶ୍ରୀମତୀ ? ଆମ ଦୁଇଜଣଙ୍କ ଉଦ୍ଦେଶ୍ୟ ଏକ ଏବଂ ଅଭିନ୍ନ । ଏହି ଯନ୍ତ୍ରଣାଦାୟକ ରାତି କଟାଇବା । ବାହାରକୁ ଯିବାର ଉପାୟ ଯେତେବେଳେ ନାହିଁ, ସହବାସ ଆମକୁ କରିବାକୁ ହେବ ।

କ'ଣ, କ'ଣ କହିଲେ ? ଝିଅଟି ଆର୍ତ୍ତନାଦ କରି ଉଠିଲା ଯେପରି ।

ଖରାପ ଅର୍ଥରେ ଗ୍ରହଣ କରିବେନି । ଏକତ୍ର ବସବାସ ହିଁ ତ ସହବାସ । କେତୋଟି ସେକେଣ୍ଡ ବିରତି ନେଇ କହିଲା, ଆପଣ ନାଚନ୍ତୁ, ବିବସନା ହୋଇ ନାଚନ୍ତୁ । ମୁଁ ମାଉଥଅର୍ଗାନ ବଜାଉଛି । ଏହି ଅନ୍ଧକାର ସକଳ ଲଜ୍ଜା ଆଉ ସଙ୍କୋଚ ଢ଼ାଙ୍କିଦେବ ।

ମାନେ ନ୍ୟୁଡ୍ ହୋଇ ? ଖୁବ୍, ଦୁର୍ଗନ୍ଧ ମିଶି ରହିଛି ଆପଣଙ୍କ କଥାରେ ।

ଲୋକଟି କହିଲା, ଏହି ଅନ୍ଧକାରରେ କେହି ଦେଖିବେନି, ଜାଣିବେନି । ଆପଣ ଇଭ୍ ହୋଇ ନାଚନ୍ତୁ । ନାଚୁ ନାଚୁ ଧଇଁସଇଁ ହୋଇପଡ଼ିଲେ ଶରୀରରେ ଉଷ୍ମତା ଭରିଯିବ ।

ମୁଁ ଅପାରଗ ।

ତାହେଲେ ପୋଷାକ ପିନ୍ଧି ନାଚନ୍ତୁ । ଶୁଣନ୍ତୁ ଶ୍ରୀମତୀ, ନାରୀ ଦେହ-ରହସ୍ୟର କୌଣସି କିଛି ଅଜଣା ନାହିଁ ମୋର । କାଟିକୁଟି ସମସ୍ତ ଅଳିଗଳି, ତନ୍ତୀ, ଗୋପନୀୟ ଅଂଶଗୁଡ଼ିକ ଦେଖିଛି ପୁଙ୍ଖାନୁପୁଙ୍ଖ ଭାବରେ । ଏପରି ମସୃଣ ରମଣୀୟ ଲୋଭାତୁର କୋମଳ ତ୍ୱକର ଆଢୁଆଳରେ ରହିଛି ଦେହ ଯନ୍ତ୍ରର ଜଟିଳତା, ବିଭତ୍ସ ରୂପ, କ୍ଲେଦ ଆଉ ଦୁର୍ଗନ୍ଧ । ବାନ୍ତି ! ବାନ୍ତି ସୃଷ୍ଟି ହୁଏ ସେ କଥା ଭାବିଲେ । ଆପଣ ନିର୍ଭୟରେ ରୁହନ୍ତୁ ।

ଝଡ଼ର ବେଗ କମିଛି । କମିଛି ବାରିପତନର ତୀବ୍ରତା । ଲୋକଟି ରେଡ଼ିୟମ ଡାୟେଲର ଘଡ଼ି ଦେଖି କହିଲା, ପ୍ରଭାତ ଆସିବା ଅନେକ ବିଳମ୍ବ । ଆପଣ ଯାହା ଖୁସି

କରନ୍ତୁ । ମୁଁ ପରିଶ୍ରମ କରିବି । ଥଣ୍ଡା ସହ୍ୟ କରିପାରୁନି ।

କହିସାରି ଭିଜା ଜାମା ପ୍ୟାଣ୍ଟ ଖୋଲି ସେ ଆଦମ୍ ହୋଇଗଲା । ତାପରେ ଅପରିସର ସେଇ ଛୋଟ କେବିନ୍‌ର ମଧ୍ୟରେ ଉଠବସ୍ ହେବାକୁ ଲାଗିଲା ହାତଗୋଡ଼ ହଲାଇ । ମିନିଟ୍ ପରେ ମିନିଟ୍ । ଉଷ୍ଣରୁ ଉଷ୍ଣତର ହେଉଛି ଦେହ ।

ଝିଅଟି ଏକ ସମୟରେ କହିଲା, ଆପଣ ବଜାନ୍ତୁ । ମୁଁ ନାଚିବି ।

ବେଶ୍ । ଲୋକଟି ପରିତ୍ୟକ୍ତ ପ୍ୟାଣ୍ଟ ପକେଟ୍‌ରୁ ମାଉଥଅର୍ଗାନ ବାହାର କଲା । କହିଲା, ଜନ୍ମ ସମୟରେ ପୋଷାକ ପିନ୍ଧନ୍ତୁ । ଆଜିର ପ୍ରକୃତି ଲଜ୍ଜା ଢ଼ାଙ୍କି ଦେବ । ଭିଜା ପୋଷାକ ପିନ୍ଧି ଆପଣ ଖୁବ୍ କାତର ।

ସତରେ ଆପଣଙ୍କୁ ବିଶ୍ୱାସ କରିବି ?

ଆପଣ ଅଭିରୁଚି । ମୋର ଶକ୍ତି ନାହିଁ । ତାହା ବ୍ୟତୀତ ଏ ଯୁଗର ମଣିଷ ହୋଇ ବି ମୁଁ ସନାତନୀ । ଏକ ନାରୀର ବିଶ୍ୱାସୀ । ଆପଣଙ୍କ ପ୍ରତି ମୁଁ ନିର୍ଲୋଭ ।

ଏହିପରି ଅନ୍ଧକାର ଦୁର୍ଯୋଗ ରାତ୍ରୀରେ ଝିଅଟି ଇଭ୍ ହୋଇଗଲା ।

ଲୋକଟି କହିଲା, ବ୍ୟାପାରଟିକୁ କିନ୍ତୁ ସ୍ୱପ୍ନ ବୋଲି ମନେ କରନ୍ତୁ ।

ଆରମ୍ଭ ହେଲା ନିଷିଦ୍ଧ ଅରଣ୍ୟରେ ଝଞ୍ଜା-ବିକ୍ଷୁବ୍ଧଙ୍କ ମାଘ ଶେଷର ଏହି କାଳରାତ୍ରିରେ ମାଟିଠାରୁ ଶୂନ୍ୟ ଚତୁର୍ଦ୍ଦିଗ ଖୋଲା ଗୋଟାଏ କକ୍ଷରେ ଆଦମ୍ - ଇଭ୍‌ର ଆଦିମ ନୃତ୍ୟ ।

ଏକ ସମୟରେ ପବନ ସଙ୍କୁଚିତ କରିନେଲା । ତା'ର ଧ୍ୱଂସାତ୍ମକ କାର୍ଯ୍ୟ, ମେଘମାଳା ସମ୍ବରଣ କଲା ତା'ର ଜଳଧାରା ବର୍ଷଣ ଆଉ ବଜ୍ରପାତ । ସେଇ ସମୟରେ ଆଦିମ ଅରଣ୍ୟର ଝିପିଝିପି ବର୍ଷା ମଧ୍ୟରେ ଜାଗ୍ରତ ହୋଇଉଠିଲା ବେଙ୍ଗଦଳର ଆନନ୍ଦର ଅଭିବ୍ୟକ୍ତି; ଝିଁ ଝିଁ ପୋକର ଅବିରାମ ସଙ୍ଗୀତ ଆଉ ପେଚାର କୁତ୍ସିତ ଡାକ । ବିଶାଳ ଏହି ନିଷିଦ୍ଧ ଅରଣ୍ୟରେ ଜାଗ୍ରତ ହୋଇ ଉଠିଲା ରହିଥିବା ପ୍ରାଣର ସ୍ପନ୍ଦନ ।

ଶରୀର ଉଷ୍ମ ଆଉ ଶ୍ରମଜନିତ କାରଣରୁ ଗୋଟାଏ ସମୟରେ ଝିଅଟି ବସି ପଡ଼ିଲା । ଧଇଁ ସଇଁ ହୋଇଗଲା, ଅଙ୍ଗ ଯନ୍ତ୍ରଣାଜନିତ କରୁଣ ଧ୍ୱନି ପ୍ରକାଶ ପାଇଲା । ବିଧ୍ୱଂସ ଲତା ପରି ଲୋଟିପଡ଼ିଲା ତାପରେ । ଭିଜା ପୋଷାକ ଉପରେ ଜାକିଜୁକି ଶୋଇ ନିବିଡ଼ ନିଦ୍ରାରେ ନିମଗ୍ନ ହେଲା । ଶୀତଳତାରେ ଶୀତରେ ପୁରାପୁରି ମୋଡ଼ି ମୋଡ଼ି ହୋଇ ।

ଲଞ୍ଚ ଛଡୁଛି ବିଦ୍ୟାନଦୀର ଦକ୍ଷିଣକୂଳ ସ୍ପର୍ଶ କରି । ବାମ ପାଖରେ କେବଳ ଜଳ ଖାଲି ଜଳ । ବିଦ୍ୟା ଏଠାରେ ପୃଥୁଳା । କଳା ସୂତା ପରି ଗୋଟାଏ ରେଖା ଚିହ୍ନାଇ ଦେଉଛି ବାମ ପାର୍ଶ୍ୱରେ ତଟଭୂମି । ଆକାଶରେ ଖଣ୍ଡ ଖଣ୍ଡ ଗତିଶୀଳ ମେଘ । ଚଳମାନ ଜଳଯାନ ଉପରେ ବାରମ୍ବାର ତା'ର ଛାୟା ପଡୁଛି । ପବନ ତୀବ୍ର ଏବଂ ପ୍ରବଳ ଶୀତର ସ୍ପର୍ଶ । ଅଚିହ୍ନା କିଛି ପକ୍ଷୀ ଉଡ଼ି ବୁଲୁଛନ୍ତି ଆକାଶରେ । ହୁଏତ ସାମୁଦ୍ରିକ ଗଲ୍ ପକ୍ଷୀ । ବିଦ୍ୟାର ଗୋଳିଆ ଜଳରେ ଏଠାରେ ସେଠାରେ ଓଲଟ-ପାଲଟ ହୋଇ ଖେଳୁଛନ୍ତି ଡଲ୍‌ଫିନ୍ ।

ଲଞ୍ଚ ଛାତର ଛୋଟ କେବିନ୍‌ରେ ମଙ୍ଗଧରା ଦଣ୍ଡା ହାତରେ ସାରଙ୍ଗ । ତାହାର ନିର୍ଦ୍ଦେଶରେ ଲଞ୍ଚ ଚଳାଉଛି ତଳେ ଥିବା ଖଲକ । ସାରଙ୍ଗର ଅନୁମତି ନେଇ କେବିନ୍‌ର ଛାତରେ ଜଣେ ବସି ରହିଛି । ଦୂରବିନ୍ଦ ହୋଇ ଦେଖୁଛି ନଦୀର ଦକ୍ଷିଣପାର୍ଶ୍ୱ ।

ଜୀବଜନ୍ତୁ ଦେଖିବାର ଆଶା । ଅଳ୍ପ ସମୟ ପରେ ସେ ମାଉଥଅର୍ଗାନ ବଜାଇବାକୁ ଆରମ୍ଭ କଲା । ଖର ବାୟୁ ବହେ ବେଗେ / ଝରିଦିଗ ଛାଇ ମେଘେ/ ଆଗକୁ ନିଏ ନାଆ ବାହିରେ.... ।

ଫ୍ରିଲାନ୍ସ ସାମ୍ବାଦିକା ସଚକିତ ହେଲା । ସକାଳଠାରୁ ସେ ଲୋକଟିକୁ ଚିହ୍ନଟ କରିବାର ଚେଷ୍ଟା କରିଛି । ସ୍ୱରର ଉତ୍ସ ଅନୁସନ୍ଧାନ କରି ଦେଖିବାକୁ ପାଇଲା ଲୋକଟିକୁ ।

ଇତି ମଧ୍ୟରେ କିଛି ଲୋକ ଉପରକୁ ଉଠି ଆସିଛନ୍ତି । ସମସ୍ତେ ତଳକୁ ଓହ୍ଲାଇ ଗଲେ ମଧ୍ୟ । ଝିଅଟି ଓହ୍ଲାଇଲାନି । ଦିବାଲୋକରେ କଥାବାର୍ତ୍ତା କରି ବୁଝିବାକୁ ଚେଷ୍ଟା କରିବ ଲୋକଟିକୁ । ଏହା ତା'ର ପେଶାର ଅଙ୍ଗ । ଏପରି ଜଣେ ସମାଜ ବିରୋଧୀ କିପରି ଏହି ଦଳ ସହିତ ଆସିଲା ? ଗତ ରାତିରେ ଆଚରଣ ସୁସଭ୍ୟ ହେଲା କିପରି ? ସେତେବେଳେ ଲୋକଟି ସୁଯୋଗ ନେବାକୁ ଚେଷ୍ଟା କରିଥିଲେ ସେ କ'ଣ ଆତ୍ମରକ୍ଷା କରିବାକୁ ସମର୍ଥ ହୋଇଥାନ୍ତା ? କେଉଁ ଅହଂକାରରେ କହିପାରିଲା ସେ ଏକ ନାରୀର ବିଶ୍ୱାସୀ !

ଧୀର ପାଦରେ ଆଗେଇ ଗଲା ସାରଙ୍ଗର କେବିନ୍ ପଛକୁ । ଏ ପାଖଟା ଟିକେ ଉଚ୍ଚ । ଶାଢୀ ପିନ୍ଧି ଥିଲେ ବି ଆସ୍ତେ ଡେଇଁ ପଡ଼ି ଛାତକୁ ଉଠିବାକୁ କଷ୍ଟ ହେଲାନି । ବସିବା ପାଇଁ ସ୍ଥାନ କମ୍ । ଭିଜା ପୁଲ୍-ଓଭର ବିଛାଯାଇଛି । ଗୋଟାଏ

ଯେହେତୁ ବର୍ଷାର ଛିଟା ଆଉ ଆସୁନି ଲୋକଟି ଆଟାଚିରୁ ପଞ୍ଜାବି-ପାଇଜାମା ବାହାର କରି ପରିଧାନ କଲା । ଦେହରେ ସାଲଟି ପକାଇଲା । ନିଜର ଭିଜା ସାର୍ଟ-ପ୍ୟାଣ୍ଟ ଫୁଲ-ଓଭର ପଲିଥିନ୍ ପ୍ୟାକେଟ୍‌ରେ ଭରି ଆଟାଚିରେ ରଖିଲା । ତାପରେ ଗୋଟାଏ ଧୋତି ବାହାର କରି ଦୁଇ ଭାଙ୍ଗ କରି ପରମ ମମତାରେ ଢ଼ାଙ୍କି ଦେଲା ଝିଅଟିର ଶରୀର ।

ଏହାପରେ ପ୍ରଭାତର ଅପେକ୍ଷାରେ ।

ଏଇ ସମୟ ମଧ୍ୟରେ ବର୍ଷା ବନ୍ଦ ହୋଇଯାଇଛି । ଗଛର ପତ୍ରଗୁଡ଼ିକରୁ ଟପ୍‌ଟପ୍ ପାଣି ଝରୁଛି ସେବେ ସୁଦ୍ଧା । ଅଚିରେ ହିଁ ଆରମ୍ଭ ହେଲା ପକ୍ଷୀର କାକଳି । ଦେଖୁ ଦେଖୁ ଆଲୁଅ ଫୁଟି ଉଠିବାକୁ ଆରମ୍ଭ କଲା । ସେହି ସମୟରେ ହିଁ ଲୋକଟି ଓହ୍ଲାଇଗଲା ଶିଡ଼ି ଦେଇ । ଫେରିବି ଚାହିଁଲାନି ଝିଅଟି ଆଡ଼କୁ । ବର୍ତ୍ତମାନ ସେ ଯାଉଛି ଟୁରିଷ୍ଟ ଲଜ୍‌କୁ ।

ଆଉ ଝିଅଟି ? ଶୀତର ତାଡ଼ନାରେ କିଛି ସମୟ ପରେ ହିଁ ନିଦ ଭାଙ୍ଗିଗଲା । ଅନୁଭବ କଲା ଶରୀର ଉପରେ କିଛି ଅଛି । ଆଖି ମେଲି ଦେଖିଲା ପରିଷ୍କାର ହୋଇଛି ଦିଗ୍‌ବିକ୍ । ଦେହ ଉପରେ ଧୋବ ଫରଫର ଧୋତି । ତାହାର ଅନ୍ତରାଳରେ ସେ ସେତେବେଳେ ବି ଇଭ୍ । ଆଉ ସେ ଲୋକଟି ନାହିଁ ।

ଝିଅଟି ଉଠିପଡ଼ିଲା । ଭିଜା ପୋଷାକ ପିନ୍ଧି ଧୋତି ଖଣ୍ଡିକ ଘୋଡ଼ି ହେଲା । କ୍ଲାନ୍ତ ପାଦରେ ଓହ୍ଲାଇ ଆସିଲା ଶିଡ଼ି ଦେଇ । ମନ କନ୍ଦରରେ ସୂକ୍ଷ୍ମ ଗୋଟାଏ ଆଲୋଡ଼ନ । ଲୋକଟି ବୋଧହୁଏ ପରିଚୟ ଗୋପନ କରିଛି । ଏପରି ବ୍ୟବହାର ଖୁନୀ ଲୋକର ହୋଇନପାରେ । କିନ୍ତୁ ତାକୁ ଚିହ୍ନିବାର ସୁଯୋଗ ନାହିଁ । ଏହି ବ୍ୟାପରଟା ସ୍ୱପ୍ନ ନା କ'ଣ ? କିନ୍ତୁ ତା'ର ଦେହରେ ଶାନ୍ତିପୁରୀ ଏହି ମୂଲ୍ୟବାନ ଧୋତି ? ଝିଅଟି ଯେପରି କିଛିଟା ହତାଶ ଏବଂ ବିଷର୍ଣ୍ଣବୋଧ କଲା ।

ବର୍ତ୍ତମାନ ଦ୍ୱିପ୍ରହର । ଘରକୁ ଫେରିବା ବେଳ । ଦ୍ରଷ୍ଟବ୍ୟ ସ୍ଥାନ ଦେଖିବା ସରିଯାଇଛି । ଅନ୍ୟ ଦୁଇଟି ସ୍ଥାନରେ ଅବଜରଭେସନ୍ ଟାୱାର କଂକ୍ରିଟ୍‌ର । ଝରକା ବନ୍ଦ କରାଯାଏ । ରାତ୍ରି ରହଣି ପାଇଁ ରହଣି ପାଇଁ ପୃଥକ୍ କ୍ୟାବିନ୍ ଅଛି । ଖୁବ୍ ନିରାପଦ ।

ପାଦରେ ଝୁପି ରଖିଛି ଲୋକଟି, ଯେପରି ଉଡ଼ି ନଯାଏ ।

ସ୍ୱୟେଟର ଉଠାଇ ନେଉ ନେଉ ଲୋକଟି କହିଲା, ଆପଣଙ୍କ ପୋଷାକ ଶୁଖିଛି ?

ହଁ, ଚିହ୍ନିପାରିଛନ୍ତି ଦେଖୁଛି ।

ଧରା ନଦେଲେ ପାରିନଥାନ୍ତେ । ବାଃ ! ଖୁବ୍ ସୁନ୍ଦର ଶାଢୀଟିଏ ପିନ୍ଧିଛନ୍ତି । ଆଉ ତାକୁ ଖାପ୍ ଖାଇଲା ପରି ଜ୍ୟାକେଟ୍ । କଲ୍ୟାଣୀ ମୂର୍ତ୍ତି ।

ଝିଅଟି ଦେଖୁଛି ଲୋକଟିକୁ । ବୟସ ପ୍ରାୟ ପଇଁତିରିଶ ହେବ । ଆକୃତି ସଙ୍ଗରେ ପେଶାର ମେଳ ଥିବାର ସମ୍ପର୍କ ଖୋଜି ପାଉନି । ଶ୍ୟାମ ବର୍ଣ୍ଣ । ବ୍ୟକ୍ତିତ୍ୱ-ସମ୍ପନ୍ନ ଚେହେରାର ଜଣେ ଲୋକ । ସାଧାରଣ ଉଚ୍ଚତା । ଆଖି ଦୁଇଟିରେ ବୁଦ୍ଧିର ଝଲକ । ଉନ୍ନତ ନାସା । ଚଉଡ଼ା କପାଳରେ ଛୋଟ ଛୋଟ ତିନୋଟି ଢେଉ । ସବୁ ସମୟରେ ଯେପରି କିଛି ଭାବୁଛି ।

ଲୋକଟି କହିଲା, ତଳକୁ ଯାଆନ୍ତୁ

ଝିଅଟି କହିଲା, ଦୁଇଟି କଥା ଟିକିଏ ବୁଝିବାକୁ ଝୁହେଁ ।

ଲୋକଟି ଟିକିଏ ହସିଲା । କହିଲା- ବେଶ୍ ପଝରନ୍ତୁ ।

ଗତ ରାତିରେ ଧର୍ମପୁତ୍ର ସାଜିବାର ମାନସିକ ଦୃଢତା କିପରି ପାଇଲେ ? କେଉଁ ଅହଙ୍କାରରେ ହାତଛଡ଼ା କରିପାରିଲେ ଏପରି ସୁଯୋଗ ?

ଆପଣ ସ୍ୱପ୍ନ ଦେଖୁଛନ୍ତି ?

ପ୍ରଶ୍ନର ଉତ୍ତର ନପାଇଲେ ଉଠିବି ନାହିଁ ।

ନୀତିବୋଧ । ପ୍ରାକ୍ ବିବାହ ସମ୍ଭୋଗ କିମ୍ବା ତା'ର ଚେଷ୍ଟା ଅବୈଧ ଏବଂ ପରିତେଜ୍ୟ । ବିବାହ କରି ଯିଏ ଆସିବ, ତା'ର ହିଁ କେବଳ ଅଧିକାର ।

କିଏ ସେ ରୂପସୀ ?

କୁରୂପା ବି ହୋଇପାରେ ।

ତା'ହେଲେ ? ଝିଅଟି ପ୍ରଶ୍ନ କଲା ।

କଥାଗୁଡ଼ିକ ଖୁବ୍ ବେଶୀ ବ୍ୟକ୍ତିଗତ ହୋଇଯାଉଛି । ଅସ୍ତ୍ର ସାହାଯ୍ୟରେ ଯେତେବେଳେ କଟା-କଟି କରେ, କୁଶ୍ରୀ-ସୁଶ୍ରୀ ସମସ୍ତଙ୍କର ବାହ୍ୟିକ ସୌନ୍ଦର୍ଯ୍ୟ ଏକ

ହୋଇଯାଏ । ଦେହ-ଯନ୍ତ୍ରର ତଫାତ୍ ନାହିଁ । କିନ୍ତୁ ଝହିଦା ଗୋଟାଏ ଅଛି । ତା'ର ହୃଦୟରେ ଗୋଟିଏ ଶତଦଳ ପ୍ରସ୍ଫୁଟିତ ହୋଇରହିବ । ତାହାର ସୁଗନ୍ଧରେ ନିଜେ ମହିମାନ୍ୱିତ ହୋଇ ସମସ୍ତଙ୍କର ମନରେ ଖୁସିରେ ଖୁସିର ଜୁଆର ବୁହାଇ ଦେବାକୁ ସକ୍ଷମ ହେବ । ସମସ୍ତଙ୍କ ଭଲ ପାଇବାକୁ ଶିଖିବ ।

ଆବେଗପୂର୍ଣ୍ଣ କଥା ଶୁଣି ଝିଅଟି ମୋହିତ ହେଲା । ଏ ଯେପରି ଡଃ ଜେକିଲ୍ ଏଣ୍ଡ ମିଃ ହାଇଡ୍‌ର ଗଳ୍ପ । ଲଞ୍ଚ ଆଗକୁ ଝଲିଛି । ବିଦ୍ୟା ଛାଡ଼ି ଅନ୍ୟ ନଦୀ ଅତିକ୍ରମ କରି ଆସି ପହଞ୍ଚିଛି ମାତ୍‌ଲାରେ । ଆକାଶରେ ସେତେବେଳେ ଖଣ୍ଡ ଖଣ୍ଡ ମେଘ । ପବନର ତୀବ୍ରତାରେ ଶୈତ୍ୟର ଦଂଶନ । ସୂର୍ଯ୍ୟ ପଶ୍ଚିମ ଦିଗନ୍ତରେ ଢଳି ପଡ଼ିଲେଣି । ଦିଗ୍ ଚକ୍ରବାଳରେ ଉଡ଼ି ଉଡ଼ି ଯାଇଛନ୍ତି ପକ୍ଷୀ ଦଳ ଦଳ ।

ଆମେ ପ୍ରାୟ ପହଞ୍ଚିଗଲେ । ଲୋକଟି କହିଲା, କେବିନ୍‌କୁ ଯାଆନ୍ତୁ ।

ଚିନ୍ତିତ ମନରେ ଝିଅଟି ତଳକୁ ଓହ୍ଲାଇ କେବିନ୍‌ରେ ପ୍ରବେଶ କଲା । ଲୋକଟିକୁ ବୁଝିପାରିଲାନି । କେବିନ୍‌ରେ ପ୍ରବେଶ କରିବା କ୍ଷଣି ସହଯାତ୍ରାଣୀ ଜଣେ ବିବାହିତା ମହିଳା ପଝରିଲେ, ତାଙ୍କ ସଙ୍ଗରେ ଚିହ୍ନା ପରିଚୟ ଅଛି ?

କାହା କଥା କହୁଛନ୍ତି ? ଝିଅଟି ମୁହଁ ବୁଲାଇଲା ସୁଟ୍‌କେସ୍ ସଜାଡୁ ସଜାଡୁ । ଏଇ ଉପରେ ବସିଥିବା ଡାକ୍ତର ଗୁଣମୟ ମୁଖାର୍ଜୀଙ୍କର କଥା କହୁଛି । ମାଉଥ୍-ଅର୍ଗାନ ବଜାଉଥିଲେ । ଝିଅଟି ସ୍ଥିର ହୋଇ ଠିଆ ହୋଇଗଲା । ଶିହରଣ ଖେଳିଗଲା ସର୍ବାଙ୍ଗରେ । ସହଯାତ୍ରିଣୀ ପୁଣି ଯାଇ କହିଲେ, ବିଖ୍ୟାତ ଶଲ୍ୟବିଦ୍ ଏମ୍.ଏସ୍ । ପୁଣି ଗାଇନୋକୋଲଜିଷ୍ଟ । ବିରଳ ପ୍ରତିଭା । କେତେ ସମୟ ବା ରହନ୍ତି କଲିକତାରେ ।

ଆପଣ ଚିହ୍ନିଲେ କିପରି ?

ଭଦ୍ରମହିଳା କହିଲେ, ଜଟିଳ ଏକ ଅପରେସନ୍ ମାଧ୍ୟମରେ ମୋ ବଡ଼ ଯାଆର ବନ୍ଧ୍ୟାତ୍ୱ ଦୂର କରିଛନ୍ତି । ତା'ର ପୁଅଟିର ବୟସ ଦୁଇମାସ ।

ଝିଅଟି ତରତର ହୋଇ ସଜାଡ଼ି ନେଲା ସୁଟ୍‌କେସ୍ । ସକଳ ରହସ୍ୟର ସମାଧାନ ହୋଇଛି ।

ସେ ପୁଣି ଉଠି ଆସିଲା ଉପରକୁ ।

ଭଦ୍ରଲୋକ ଉଠିବେ ଉଠିବେ ହେଉଥିଲେ । କହିଲେ, ପୁଣି କ'ଣ ହେଲା ?

ବର୍ଣ୍ଣଚେରାଙ୍କୁ ଚିହ୍ନିପାରିଛି ବୋଲି । କାଲି ରାତିରେ ଏପରି ପରିଚୟ ଦେଲେ କାହିଁକି ?

ମିଛ କହିନି । ମନୁଷ୍ୟ କାଟିବା ହିଁ ମୋର ଉପଜୀବିକା ।

କାଲି କିନ୍ତୁ କହିଥିଲେ ଖୁନ୍ । ଝିଅଟି କହିଲା, ତାହା ବ୍ୟତୀତ କହିଲେ, ବର୍ତ୍ତମାନ କିଛି କରନ୍ତିନି ।

ଖୁନ୍ ଶବ୍ଦଟି ରହସ୍ୟ ଛଳରେ ବ୍ୟବହାର କରିଥିଲି । ତାହା ବ୍ୟତୀତ ଅପରେସନ୍‌ରେ ସମସ୍ତେ କ'ଣ ବଞ୍ଚନ୍ତି ? ସେଗୁଡ଼ିକ କ'ଣ ଖୁନ୍ ନୁହେଁ । ତେବେ ବର୍ତ୍ତମାନ ପ୍ରକୃତରେ କୌଣସି ଅପରେସନ୍ କେସ୍ ନେଉନାହିଁ । ସ୍ୱୟେଟର୍ ଭାଙ୍ଗ କରୁ କରୁ କହିଲେ ସେ । ମନେହେଉଛି, ଚିକିତ୍ସାଶାସ୍ତ୍ରର ବହୁ କିଛି ଶିଖିବାକୁ ଏବେ ମଧ୍ୟ ବାକି ଅଛି । ଆଉ କିଛି ଯୋଗ୍ୟତା ଶିକ୍ଷା ଲବ୍ଧ କରିବାକୁ ରହିଁ । ଯାହାଦ୍ୱାରା ଚେହେରା ଦେଖି ହିଁ, କିମ୍ବା ପ୍ରାଚୀନ ଯୁଗର ଚିକିତ୍ସକମାନଙ୍କ ପରି ନାଡ଼ି ଧରି ହିଁ ବ୍ୟାଧିର ସନ୍ଧାନ ପାଇବି । ତେଣୁ ପୁଣି ବିଦେଶ ଯାଉଛି ଆଗାମୀ ସପ୍ତାହରେ ।

ଝିଅଟି ଦୃଷ୍ଟିନତ କରି ଧୀରେ ଧୀରେ କହିଲା, କିନ୍ତୁ ଯିବା ଆଗରୁ ଆପଣଙ୍କୁ ଯେ ଆଉଥରେ ଅସ୍ତ୍ର ଧରିବାକୁ ହେବ । ବର୍ତ୍ତମାନ ଏହି ମାନସିକ ଅସ୍ଥିରତା ପାଇଁ ତାହା ସମ୍ଭବ ନୁହେଁ, କିନ୍ତୁ ରୋଗୀ ଆପଣଙ୍କ ସମ୍ପର୍କରେ କ'ଣ କୁହନ୍ତି ?

ଝିଅଟି କହିଲା, ମୁଁ ନିଜେ ।

ଆପଣ ସୁସ୍ଥ ବୋଲିତ ମନେ ହେଉଛନ୍ତି ।

ଅସୁସ୍ଥତାବୋଧ କରୁଛି ଗତ ରାତିରୁ । ଛାତି ଭିତରେ ବାରମ୍ବାର ଖୁଞ୍ଚି ହେଉଛି । ଟିକିଏ ଖୋଜି ଦେଖନ୍ତୁ, ସେଇ ଶତଦଳଟାର କୌଣସି ସନ୍ଧାନ ପାଇବେ କି ନାହିଁ ।

ଭଦ୍ରଲୋକ କେତୋଟି ସେକେଣ୍ଡ ଅନ୍ତର୍ଭେଦୀ ଦୃଷ୍ଟିରେ ରହିଁ ରହିଲେ ଝିଅଟି ଆଡ଼କୁ । କହିଲେ ଅର୍ଥ ବୁଝି ଏପରି କଥା କହୁଛନ୍ତି ତ ?

ଡାକ୍ତର ସାହେବ, ଝିଅଟି ଅସ୍ଫୁଟ ସ୍ୱରରେ କହିଲା, ମୁଁ ଟିକି ଝିଅ ନୁହେଁ । ନିଷିଦ୍ଧ ଫଳ ଭକ୍ଷଣର ଦାବୀ ତ ନିଶ୍ଚୟ ଅଛି । ଗୋଟିଏ କକ୍ଷରେ ଏକା ସାଙ୍ଗରେ

ସାରାରାତି କେବଳ ମାତ୍ର ଦୁଇଜଣ । ଶାସ୍ତ୍ର ମତରେ ଏହାର ଅର୍ଥ, ସନାତନୀ ଆପଣ, ନିଶ୍ଚୟ ହିଁ ବୁଝନ୍ତି । ନିର୍ଜନ ରାତ୍ରିରେ ନୃତ୍ୟର ତାଳେତାଳେ ଆବଶ୍ୟକ ଅନୁସାରେ ସାତବାରରୁ ବେଶୀ ପ୍ରଦିକ୍ଷଣ କରିଛି ଆପଣଙ୍କୁ । ଏହାର ଅର୍ଥ ତ ଗୋଟାଏ ଅଛି ନିଶ୍ଚୟ ।

ଡାକ୍ତର ମୁଖାର୍ଜୀ ପ୍ରତି ବାକ୍ୟରେ ଯେପରି ଚମକି ଉଠନ୍ତି । କି ଚମତ୍କାର ଯୁକ୍ତି । କି ସୁନ୍ଦର ମନୋଜ୍ଞ ଆତ୍ମନିବେଦନର ଭଙ୍ଗୀ ।

ଲଞ୍ଚ ଆଗେଇ ଯାଉଛି ଘାଟ ଆଡ଼କୁ । ଆହୁଲାଧାରୀ ମାଝିମାନେ ଦଉଡ଼ି ପକାଇ ଲଙ୍ଗର ପକାଇବାକୁ ଆରମ୍ଭ କରିଦେଇଛନ୍ତି । ଅପରାହ୍ନର ପବନ ଆହୁରି ଶୀତାର୍ତ୍ତ । ଝିଅଟିର ଆଞ୍ଚଳ ଆଉ କେଶ ଉଡୁଛି ।

ଡାକ୍ତର ସୁଖମୟ ମୁଖାର୍ଜୀ ହାତ ବଢାଇ ତା'ର ଚିବୁକ ତୋଳି ଧରିଲେ । ଝିଅଟିର ଚକ୍ଷୁ ପଲ୍ଲବର ଦ୍ୱାର ସେତେବେଳେ ରୁଦ୍ଧ । ବ୍ରୀଡ଼ାଜନିତ କାରଣରୁ ଓଠ ଦୁଇଟି ଆସ୍ତେ ଆସ୍ତେ କମ୍ପୁଛି ।

କଲ୍ୟାଣୀ ଡାକ୍ତର କହିଲେ, ବିଷମ ବିପଦରେ ପକାଇଲ । ଆପଣଙ୍କ ଯୁକ୍ତି କିପରି ଖଣ୍ଡନ କରିବି । କ'ଣ ଯେ କରିବି ବର୍ତ୍ତମାନ । ମୁଁ ଆଗାମୀ ସପ୍ତାହରେ ବିଦେଶ ଯାଉଛି । ତେବେବି କହୁଛି, ଆଖି ଖୋଲିଦିଅ । ଦେଖେ ଆପଣଙ୍କୁ ।

ଝିଅଟି ରହିଁଲା । ଲାଜୁଆ ଆଉ ବିନମ୍ର ଦୃଷ୍ଟିରେ ସମର୍ପଣର ବ୍ୟାକୁଳତା । ପଶ୍ଚିମ ଆକାଶରେ ସେତେବେଳେ ରକ୍ତିମ ଆଭା । ଅନନ୍ତ ଆକାଶରେ ପକ୍ଷୀଦଳ କୂଳକୁ ଫେରିବା ପାଇଁ ବ୍ୟସ୍ତ ।

ପ୍ଲଟ୍ ନଂ-୮୧, ବୁଦ୍ଧେଶ୍ୱରୀ କଲୋନୀ,
ଭୁବନେଶ୍ୱର-୬,
ମୋ. ୮୮୯୪୩୦୨୬୬୫

❑❑❑

ରମେଶ ଆସୁଛି

● ବିନୋଦ ଘୋଷାଲ

ଅନୁସୃଜନ : ଗୀତାରାଣୀ ଆଇଚ୍

କଥା କହୁ କହୁ ଘରର ଚଉଦିଗକୁ ଆଖି ବୁଲାଉଥିଲେ ବିକାଶ । ତଥାଗତ ଠିକ୍ ଯେମିତି କହୁଥିଲା ସେମିତି । ଟିକିଏ ବି ବଢେଇ କରି କହିନି । ବିରାଟ୍ ବଡ଼ ଘର । ଯେମିତି ଉଚ୍ଚା ଛାତ ସେମିତି ଚଉଡ଼ା, ଛାତର କଡ଼ି ବରଗା । ତେବେ ଫର୍ଣ୍ଣିଚର ବିଶେଷ କିଛି ନାହିଁ । ଘରର ଡାହାଣ କୋଣକୁ ଧଳା ପଥର ବିଛା କଳା କାଠର ଟେବୁଲ । ଆଉ ଘରର ମଝିରେ ସାଧାରଣ କାଠର ଛୋଟ ଟେବୁଲ । ତାକୁ ଘେରି ଦୁଇଟି ପୁରୁଣା କାଠର ଚେୟାର ଆଉ ଗୋଟିଏ ପ୍ଲାଷ୍ଟିକ୍ ଚେୟାର । କଡ଼ି ବରଗାରୁ ଲମ୍ବା ଗୋଟିଏ ଇଲେକ୍ଟ୍ରିକ ତା'ର ଝୁଲୁଛି । ତାରରେ ଗୋଟିଏ ବଲ୍ବ । କୌଣସି ଟିଉବ୍ ଲାଇଟ୍ କିମ୍ବା ଫ୍ୟାନ୍ ନାହିଁ । କାନ୍ଥ ଦେଖି ଅନୁମାନ କରାଯାଏ ବୋଧହୁଏ ପଚିଶ ବର୍ଷ ଆଗରୁ ହଳଦିଆ ରଙ୍ଗ ଦିଆଯାଇଥିଲା ତା'ପରେ ଆଉ ହୋଇନି । ଘରେ ତିନିଟା ଝରକା ଆଉ ଗୋଟିଏ ଦରିଜା, ଝରକା ଆଉ ଦରିଜାର ମାପ ପ୍ରାୟ ଏକା । ତିନିଟା ଝରକା ପ୍ରାୟ ଖୋଲା, ଗୋଟିଏ ଝରକାରୁ ସବୁବେଳେ ପବନ ବହୁଛି ।

ବିକାଶ ପଚାରିଲା ଏହି ଦିଗରେ କ'ଣ କୋପାଇ ନଦୀ ?

ହଁ ! ପିଲାଟି ଜବାବ ଦେଲା ।

ଏଇ ଦେଖ ତୁମର ନାମଟା ବି ଜଣା ହୋଇନି ।

ଗ୍ରାମୀଣ ଟୋନ୍‌ରେ ଉତ୍ତର ଦେଲା, ମୋର ନାଁ ରମେଶ । ଆପଣ ହାତ ମୁହଁ ଧୁଅନ୍ତୁ ମୁଁ ଜଳଖିଆ ବାଢୁଛି ।

ହଁ ଯାଉଛି । ଆଚ୍ଛା ରମେଶ ଏଇ ଫଟୋଟା କାହାର ? ସନାତନ ବାବୁର । ଅଧେ କାନ୍ଥ ଧରି ରଖିଥିବା ଗୋଟିଏ ଅଏଲ ପେଟିଂ ଉପରକୁ ହାତ ଠାରି କହିଲା ବିକାଶ । ଫଟୋଟିରେ ଖାଲି ଦେହରେ ଧୋତି ପିନ୍ଧି ଜଣେ ପୌଢ ମଣିଷ ସିଂହାସନ ଭଳି ଗୋଟିଏ ଚେୟାର ଉପରେ ବସିଛନ୍ତି । ପାଦରେ ଚଟି ପିନ୍ଧିଛନ୍ତି । ଆଉ ପାଖରେ ଘରୁଆ ଷ୍ଟାଇଲରେ ଠିଆ ହୋଇଛନ୍ତି ଜଣେ ସ୍ତ୍ରୀଲୋକ । ମଥାରେ ଓଢଣୀ । ହାତରେ,

ବେକରେ, ମଥାରେ ଗୁଡ଼ାଏ ସୁନା ଗହଣା । ନା' ଇଏ ବାବୁର ନୁହେଁ, ବାବୁଙ୍କ ବାବାଙ୍କର ।

ଓଃ !

ବାବୁଙ୍କର ଫଟୋ ଏଇଟା କହି ବିକାଶର ପଛପଟକୁ ଆଙ୍ଗୁଳି ଦେଖାଇଲା ରମେଶ । ବିକାଶ ପଛକୁ ଫେରି ଦେଖିଲା, ଦୁଇଫୁଟ୍ ବାଇ ଦୁଇଫୁଟ୍‌ର ବ୍ଲାକ୍ ଏଣ୍ଡ ହ୍ୱାଇଟ୍ ଫଟୋ ଦୁଇଟି ପାଖାପାଖି ଟଙ୍ଗା ଯାଇଛି । ଜଣେ ପୁରୁଷ ଆଉ ଜଣେ ମହିଳା । ଅପରାହ୍ନ ଆଲୋକର ମୁହଁ ଦୁଇଟା ଖୁବ୍ ପରିଷ୍କାର ଦେଖାଯାଉନି ।

ବାବୁ ଆଉ ମାଲିକାଣୀ ମାଆର ଫଟୋ ।

ଆଚ୍ଛା, ଆଚ୍ଛା, କହି ବିକାଶ ପୁଣି ମୁହଁ ଘୁରାଇ ନେଲା । ଏତେ ବଡ଼ କାନ୍ଥରେ ଫଟୋ ଦୁଇଟି ଖୁବ୍ ଛୋଟ, କାନ୍ଥକୁ ମାନୁନାହିଁ । ଘରଟିର ଡେକୋରେସନ୍ ଖୁବ୍ ଗ୍ରାମୀଣ, ଅବଶ୍ୟ ଗାଁ, ଗାଁ ହେବା ଦରକାର ।

ଆସନ୍ତୁ ଆପଣଙ୍କୁ କୂଅ ପାଖଟା ଦେଖେଇ ଦେବି । ବିକାଶ ଉଠିଲା । ମୋତେ ଟାୟାର୍ଡ ଲାଗୁଛି । ଆଜି ଆଉ ମାର୍କେଟ ଯିବାର ଦରକାର ନାହିଁ । କାଲି ସକାଳେ ଏକେବାରେ କାମଟା ଆରମ୍ଭ ହେବ ।

ଅସଲ ପ୍ଲାନଟା ଦେଇଥିଲା ତଥାଗତ । ବିକାଶର ଛୋଟ ବେଳର ଫ୍ରେଣ୍ଡ କମ୍ କଲିକ୍ । ବିକାଶ ଆଉ ତଥାଗତ ଦୁଇଜଣଙ୍କ ଘର ମଧ୍ୟମ ଗ୍ରାମ । ଗୋଟିଏ ସ୍କୁଲ କଲେଜଟା ଅଲଗା ହୋଇଯାଇଥିଲା । ତା'ପରେ ଦୁଇଜଣ ଯାକ ଗୋଟିଏ କମ୍ପାନୀରେ । ଆକାଣ୍ଟେନସି ଅନର୍ସ ତଥାଗତର, ସେ ଆଗେ ପଶିଥିଲା ବିସ୍କୁଟ କମ୍ପାନୀରେ । ବିକାଶ ସେତେବେଳେ ଏମ୍. ବି.ଏ. କମ୍ପ୍ଲିଟ୍ କରି ଅନ୍ୟ ଗୋଟିଏ ଛୋଟ କମ୍ପାନୀରେ ବେଶ୍ କିଛି ଦିନର ଏକ୍ସପେରଏନ୍ସ ଆଦାୟ କରି ସାରିଛି । ଚେଞ୍ଜ ଚାହିଁଥିଲା । ତଥାଗତ ଦିନେ କହିଲା, ଆମ ଫାର୍ମକୁ ପଳେଇ ଆ । ଭେକେନ୍ସି ଅଛି । ବିକାଶ ଚାଲି ଆସିଲା । ମଲ୍ଲିକ ବଜାର ପାଖରେ କର୍ପୋରେଟ ଅଫିସ୍ । ମୋଟ ଉପରେ ସାଲାରୀ ଖରାପ ନୁହେଁ । ମେସ୍ ଛାଡ଼ି ଦେଇ ଗୋଟିଏ ସିଙ୍ଗଲ ରୁମ୍ ଫ୍ଲାଟ୍‌ରେ ଭଡା ନେଇଥିଲା । ଘରକୁ ଟଙ୍କା ପଠାଇବା ଆରମ୍ଭ କରିଥିଲା । ଘରେ ଲୋକ କହିଲେ ମାଆ ଆଉ ବାପା । ବାପା ରିଟାୟାର୍ଡ । ବିକାଶର ମାର୍କେଟିଂ କାମ । ସମୟର

ଠିକ୍ ଠିକଣା ନଥାଏ । ତେଣୁ ଡେଲି ପ୍ୟାସେଞ୍ଜର ଟ୍ରେନ୍‌ର ଝାମେଲା ନ ହେବା ପାଇଁ କଲିକତାରେ ରହିବାର ସିଦ୍ଧାନ୍ତ ନେଇଥିଲା । କମ୍ପାନୀଟା ଭଲ । ଷ୍ଟେଟରେ ଭଲ ବିଜିନେସ୍ ହେଉଛି । ଡାକ୍‌କୁନିରେ ଫେକ୍ଟେରୀ । ପ୍ରାୟ ଛରିବର୍ଷ କଟିଲାଣି ଏହି କମ୍ପାନୀରେ । ବର୍ତ୍ତମାନ ତା'ର ଡେଜିଗ୍‌ନେସନ ଏରିୟା ସେଲ୍ସ ମେନେଜର । ବିକାଶର ଏରିୟା ଭିତରେ 'ବୋଲ୍‌ପୁର'ଟା ପଡ଼େ । ବେଶ୍ କିଛିଦିନ ଧରି ସେ ଦିଗରେ ଭଲ ସେଲ୍‌ସ ଫିଗର ଆସିନଥିଲା । ମାର୍କେଟିଂ ସିଆଡ଼େ ଛଲିଥିଲା । ଗୋଟାଏ ଲୋକାଲ ରାଇଭାଲ କମ୍ପାନୀ ବେଟର୍ ପ୍ରୋମୋ ଷ୍ଟେଟାଜି ନେଇ ମାର୍କେଟିଂ ଗ୍ରୁପ୍ କରିବା ଆରମ୍ଭ କରିଥିଲା ।

ତିନି ଆଗରୁ ଦିନେ ସନ୍ଧ୍ୟା ବେଳେ ବସ୍ ଡାକି ବିକାଶକୁ କହିଲେ । ନିଜେ ଯାଇ ମାର୍କେଟିଂଟାକୁ ଭିଜିଟ୍ କରିବା ପାଇଁ । ବିକାଶ ରାଜି ହୋଇଯାଇଥିଲା । ନା କହିବାରେ କିଛି ବି ନଥିଲା । ତଥାଗତ ସଙ୍ଗରେ କଥା କଥାରେ ପଛରିଥିଲା । ବୋଲପୁରକୁ ଯାଇ କେଉଁଠି ରହିଲେ ଭିଲେଜ୍ ସାଇଡଟା କଭର କରିବାକୁ ସୁବିଧା ହେବ ।

ସେତେବେଳେ ତଥାଗତ କହିଥିଲା, ଗୋଟାଏ କାମ କରିବୁ । ମୋ ପିଉସାଙ୍କ ଘରେ ରହିବୁ । ତୋ ପିଉସାଙ୍କ ଘର ? ସେଇଟା ପୁଣି କେଉଁଠି ?

ଏହାପରେ ଗୋଟାଏ ଡିଟେଲ୍‌ସ ଦେଇଥିଲା ତଥାଗତ । ବୋଲପୁର ଷ୍ଟେସନ ପାଖରୁ ଛରିକିଲୋମିଟର ପଶ୍ଚିମକୁ ଆଦିତ୍ୟପୁର ଗାଁର ବହୁ ପୁରୁଣା ବାସିନ୍ଦା-ସନାତନ ମିତ୍ର । କୁଳିନ ପରିବାର । ପରିବାର କହିବା ଅବଶ୍ୟ ଭୁଲ । କାରଣ ବିଶାଳ ଘର ଭିତରେ ଏକମାତ୍ର ସନାତନ ବାବୁ ହିଁ ରହନ୍ତି । ବୟସ ପ୍ରାୟ ସତୁରୀ । ସାଙ୍ଗରେ ଗୋଟିଏ ଅଳ୍ପ ବୟସର ଛକର ଥାଏ, ତାଙ୍କୁ ସବୁବେଳେ ଦେଖାଶୁଣା କରେ । ଭଦ୍ରଲୋକ ଖୁବ୍ ଅତିଥି ବତ୍ସଳ । ଦିନ ଥିଲା, ତଥାଗତ ଅନେକଥର ଯିବା ଆସିବା କରୁଥିଲା । ତେବେ ଦେଢବର୍ଷ ହେବ ପିଉସୀ ମା' ମରିଯିବା ପରେ ଆଉ ଯାଇନି ।

ତୁ ଯଦି ଯିବୁ ରାଜି ଅଛୁ କହ, ତାହାଲେ ମୁଁ ଗୋଟେ ଚିଠି କାଲି ପଠାଇ ଦେଉଛି, କହିଲା ତଥାଗତ ।

ରାଜି ନହେବାର କୌଣସି ପ୍ରଶ୍ନ ବି ନାହିଁ । ଅବଶ୍ୟ ଯଦି କିନ୍ତୁ ଚିଠି କାହିଁକି ? ଫୋନ୍ କରି ଦେଲେ ତ ହୁଅନ୍ତା ।

ଫୋନ୍ ! ହସିଲି । ସେ ଘରକୁ ଇଲେକ୍ଟ୍ରିକ ଆସିଛି କି ନାହିଁ ସନ୍ଦେହ । ଆଉ ତୁ ଫୋନ୍ କଥା କହୁଛୁ । ଆରେ ହଁ ଆଉ ଗୋଟିଏ କଥା ଶୁଣିଛି । ପିଉସୀମା ମରିଯିବା ପରେ ପିଉସା ଗୋଟେ 'ଇଏ' ଟାଇପ୍‌ର ହୋଇ ଯାଇଛନ୍ତି । ମୁଁ ନିଜେ ଯେବେ ଲାଷ୍ଟଥର ଯାଇଥିଲି, ଅବଶ୍ୟ ମୁଁ କିଛି ଟେର୍ ପାଇନାହିଁ । ଅସଲ କଥା ହେଲା ସେ ସାରାଦିନ ଚୁପ୍‌ଛପ୍ ଥାଆନ୍ତି ।

ଆରେ କୌଣସି ପ୍ରୋବ୍ଲେମ୍ ହବନି ତ ?

ଆରେ ନା ନା, ଏଇ କାମକରା ପିଲାଟା ଟିକେ ଓଲଟା ପାଲଟା କହେ । ମୁଁ ସ୍ପିଡିପୋଷ୍ଟ କରି ଦେଉଛି ତାହାଲେ । ତୁ ଗୁରୁବାର ପହଞ୍ଚିବୁ । ଆଜିଠାରୁ ଛରିଦିନ ପରେ ମୁଁ ସିଓର ତୋତେ ଜାଗାଟା ଭଲ ଲାଗିବ । ଘର ସାମ୍‌ନାରେ କୋପାଇ ନଦୀ । ଝରକା ଦେଇ ସବୁବେଳେ ହୁ ହୁ କରି ଫ୍ରେସ୍ ପବନ ପଶି ଆସେ ଘର ଭିତରକୁ । ଆଗରୁ ଗୋଟେ ବଡ଼ ବଗିଚା ଥିଲା ଘର ପଛ ପଟକୁ । ଏବେ ଅଛି କି ନାହିଁ ଜାଣିନାହିଁ । କହ ରାଜିତ ?

ଠିକ୍ ଅଛି ।

ବିକାଶ ହୁଏତ ମନେ ମନେ ଟିକିଏ ରିଲିଫ ଛହୁଁଥିଲା । ଗତ ବର୍ଷେ ହେଲା ଖାଲି କାମ ଆଉ କାମ । ଅଫିସ୍ ଆଉ ଅଫିସ୍ କାମ ପାଗଳ ଭଳି କରି ଛଲିଛି । ଗୋଟିଏ ମୁହୂର୍ତ୍ତ ପାଇଁ ବି ନିଜକୁ ଏକା ଛାଡ଼ିନି । ଅସଲ କଥା ହେଲା ଭୟ କରେ ନିଜକୁ ନିଜ ପାଖରେ ରଖିବାକୁ । ଏକା ହେଲେ ବି ଗୋଟିଏ ବର୍ଷ ଆଗର ସେଇ ଘଟଣାଟିର ଭାବନା ଗୁଡ଼ିକ ଅବଶ୍ୟ ଯଦି ମନେ ପଡ଼େ ବାଘ ଭଳି ଝାମ୍ପି ପଡ଼େ । ଚୁଟି ଛିଡ଼େଇ ଛିନ୍ନ ଭିନ୍ନ କରିଦିଏ ଦେହ ଆଉ ମନ । ଗୋଟେ ସମୟ ସେଇ ଭଳି ଯାଇଛି । ବହୁ କଷ୍ଟରେ ସେ ନିଜକୁ ସମ୍ଭାଳିଛି । ଭୁଲି ପାରିଛି ଅନେକଟା । ଏଇଟାକୁ ବିଶ୍ୱାସ କରେ ବିକାଶ । ଭୁଲି ଯାଇଛି ହୁଏତ ।

କିନ୍ତୁ ସବୁ କାମରେ ଗୋଟାଏ ସମୟ ପରେ ଗୋଟିଏ ଛୁଟି, ଟିକିଏ ଆଳସ୍ୟ ଛହେଁ । ଭିତରେ ଭିତରେ ହସୁଥିଲା ସିଏ । ଯନ୍ତ୍ର ଭଳି ଏକୁଟିଆ ଜୀବନ କଟେଇବାକୁ ଛହିଁ କ୍ଲାନ୍ତ ହୋଇ ପଡୁଥିଲା ସିଏ । ତେଣୁ କାମର ଦାୟ ହେଉ, ଗୋଟିଏ ଅଚିହ୍ନା ଗାଁରେ ଅପରିଚିତ ଘରେ ରହିବାକୁ ଆପତ୍ତି କରିନାହିଁ । ଇଲେକ୍ଟ୍ରିକ୍ ନଥାଉ, ଟିକିଏ ପବନ ତ ଅଛି ନଦୀକୂଳିଆ ପବନ, ମାଟିର ଗନ୍ଧ । ଆଉ ଅଜଣା ସବୁ ମଣିଷ ।

॥ ଦୁଇ ॥

କାଲି ରାତିରେ ଆଉ କଥା ହୋଇପାରିନି ତୁମ ସାଙ୍ଗରେ । କିଛି ଅସୁବିଧା ହୋଇନି ତ ? ସକାଳ ସାଢେ ଆଠଟା ସମୟରେ ତଳେ ବୈଠକଖାନାରେ ବସି ସନାତନ ବାବୁ ବିକାଶକୁ ପଚାରିଲେ ବିକାଶ ସେତେବେଳେ ଘର ପଛପଟ କୋପାଇ ନଦୀର ପବନ ଖାଇ ଆସି ଏକ ସତେଜ ମନରେ ଚେୟାର ଉପରେ ବସି ଚା ଖାଉଛି ।

ନା' ନା' ଅସୁବିଧା କିଛି ନାହିଁ । ଏତେ ସୁନ୍ଦର ଜାଗା, ଉତ୍ତର ଦେଲା ବିକାଶ । ହଁ, ନିଜ ଇଚ୍ଛାରେ ରୁହ, ଯାହା ଦରକାର, ଏଇ ରମେଶକୁ କହିଦିଅ, ସିଏ କରି ଦେବ । ଏହା କହି ଦେଇ ପୁଣି ଦୋତାଲାକୁ ଉଠିଗଲେ ସନାତନ ବାବୁ ।

ଚେହେରା ଦେଖି ଜଣାପଡୁଛି ସମୟ ଥିଲା ସେ ଖୁବ୍ ଟାଣୁଆ ଥିଲେ । କିନ୍ତୁ ବର୍ତ୍ତମାନ ଯେମିତି ନଇଁ ଯାଇଛନ୍ତି । ରଙ୍ଗ ଶ୍ୟାମଳ, ମୁଣ୍ଡରେ କଞ୍ଚା, ପାଚିଲା, ପତଳା ଚୂଳ । ଉଚ୍ଚତା ମଧ୍ୟମ ଧରଣର । ଧୋତିକୁ ଲୁଙ୍ଗି ଭଳି ପିନ୍ଧି, ପୁରାହାତ ଗଞ୍ଜି । ଚେହେରାଟା ଗାଉଁଲି ହେଲେ ବି କେଉଁଠି ଯେମିତି ଗୋଟେ ବଡ଼ଲୋକର ଛାପ ରହି ଯାଇଛି । ଭଦ୍ରଲୋକର ଆଖି ଦୁଇଟି ଯେମିତି ଅସ୍ଥିର । କଥା କହୁ କହୁ ଆଖି ଦୁଇଟା ଏପଟ ସେପଟ ବୁଲୁଥିବ । ଯେମିତି କାହାକୁ ଖୋଜୁଛି । ଏମିତି ଲୋକ ଆଗରେ ଠିଆ ହୋଇ କଥା କହିବା ପାଇଁ ନିଜକୁ ଅସ୍ଥିର ଲାଗେ । ଥରେ ବି ପଚାରିଲେ ନାହିଁ ତଥାଗତ ହେରିକା କେମିତି ଅଛନ୍ତି । ଏମିତି କି ବିକାଶ ସମ୍ପର୍କରେ ବି କୌଣସି ଆଗ୍ରହ ନାହିଁ । କେତେ ଦିନ ରହିବ । କି କାମରେ ଆସିଛ । କିଛି ନୁହେଁ । ଯାହା ବି ହେଉ । ଜାଗାଟା ଖୁବ୍ ଭଲ ।

ଅନେକ ଦିନ ପରେ, ଗୋଟିଏ ଅନ୍ୟ ଜାଗାର ପାଣି ପବନ ବେଶ୍ ଭଲ ଲାଗୁଛି ବିକାଶକୁ । ବିକାଶ ଭାବିଥିଲା ବାହାରେ ଖାଇବା କରିନେବ । କିନ୍ତୁ ରମେଶ ସକାଳେ ଆସି କହିଯାଇଛି, ବାବୁ କହିଛନ୍ତି ସିଏ ଯେମିତି ଖାଇବା ପିଇବା ବାହାରେ ନ କରନ୍ତି ।

ବିକାଶ ଆପତ୍ତି କରିଥିଲା, କି ଦରକାର ଅକାରଣରେ ଝମିଲା ବଢାଇବାର । ରମେଶ ପ୍ରତ୍ୟୁତ୍ତରରେ କହିଲା, ବାବୁ କହିଛନ୍ତି ମାନେ, ଯଦି ନ କରିବ, ତେବେ ମୋତେ ଦୁନିଆ କଥା ଶୁଣିବାକୁ ହେବ । ଏହି କଥା କହି ରହିଯାଇଥିଲା ରମେଶ ।

ବିକାଶ କଥାକୁ ମାନି ନେଇଛି । ଭାତ, ଡାଲି, ପୋସ୍ତ ଦେଇ ତଟକା ମାଛର ଝୋଳ ଖାଇ ସିଏ ଯେତେବେଳେ ମାକେର୍ଟିଂକୁ ବାହାରିଲା । ହଠାତ୍ ଆଖି ପଡ଼ିଲା, ବୈଠକଖାନାର କାନ୍ଥ ଉପରେ । କାନ୍ଥରେ ସବୁ କେତଟା ଫଟୋ ଅଛି; ସେଇ ମହିଳାଙ୍କ ଫଟୋଟା ନାହିଁ । କୁଆଡ଼େ ଗଲା ? ରମେଶ ପରିଷ୍କାର କରିବା ପାଇଁ ବୋଧେ ଖୋଲି ନେଇଛି ।

ପ୍ରାୟ ଦୁଇବର୍ଷ ଆଗରୁ ବିକାଶର ତିସ୍ତା ସାଙ୍ଗରେ ବାହାଘର ହୋଇଥିଲା । ତିସ୍ତା ଚକ୍ରବର୍ତ୍ତୀ ରବିନ୍ଦ୍ର ଭାରତୀ ମିଉଜିକ୍‌ରେ ଏମ୍.ଏ. କରିଛି । ଦେଖିବାକୁ ଭଲ । ଦେହର ରଙ୍ଗ ଶ୍ୟାମଳ । କିନ୍ତୁ ଗୋଟେ ଅଲଗା ସୌନ୍ଦର୍ଯ୍ୟ ଥିଲା । ପୋଟଳ ଚିରା ଆଖି । ସ୍ମାର୍ଟ, କବିତା ଲେଖେ । ସେଗୁଡ଼ିକ ଫେସ୍‌ବୁକ୍‌ରେ ପୋଷ୍ଟ କରେ । ବିକାଶର କିନ୍ତୁ ଫେସ୍‌ବୁକ୍ ଜୀବନ ନୁହେଁ । ଥରେ ବନ୍ଧୁମାନଙ୍କ ବୁଦ୍ଧିରେ ପଡ଼ି ଏକାଉଣ୍ଟ ଖୋଲିଥିଲା ଠିକ୍ । କିନ୍ତୁ ଅପରେଟ୍ ନ କରିବାରୁ ପାସ୍‌ୱାର୍ଡ ଭୁଲି ଯାଇଥିଲା । ଅସଲ କଥା ଟଙ୍କା ରୋଜଗାର କରିବାର ଝଟପଟା ସୋସିଆଲ ମିଡ଼ିଆରେ ବିଲାସଠାରୁ ଅଧିକ ଥିଲା ବିକାଶର । ତେଣୁ ସେଇ ବିକାଶ ମୁଖୋପାଧ୍ୟାୟ ସାଙ୍ଗରେ ଆରେଞ୍ଜ ମ୍ୟାରେଜ ହୋଇଥିଲା ତିସ୍ତା ଚକ୍ରବର୍ତ୍ତୀର । ବିକାଶର ବଡ଼ ଭିଣେଇ ଏହି ସବୁ ଦାୟିତ୍ୱ ତୁଲାଇ ଥିଲେ । ସମ୍ବନ୍ଧଟା ଏମାନଙ୍କର ଅନ୍ୟ ପ୍ରକାର ଥିଲା । ବ୍ରାହ୍ମଣ, ମଧ୍ୟବିତ୍ତ, ଭଲ ଫେମିଲି । ଝିଅ ଏଜୁକେଟଟେଡ, କଲଚର୍ଡ । ଦେଖିବାକୁ ମନ୍ଦ ନୁହେଁ । ସୁତରାଂ ଆପତ୍ତି କେଉଁଠି ? କୌଣସି ଦିଗରୁ ଆପତ୍ତି ଉଠିଲା ନାହିଁ । ହୋଇଗଲା ବାହାଘର । ଆପତ୍ତିଟା ଉଠିଲା ବାହାଘର ପରେ । ବିକାଶ ଦେଖେ, ତିସ୍ତା ସବୁବେଳେ ମୁହଁ ଶୁଖାଇ ଥାଏ, କେଉଁଥିରେ ତା'ର ଉତ୍ସାହ ନଥାଏ । ବିକାଶ ବୁଝିପାରେ ନାହିଁ । ଭାବେ ଘର ପାଇଁ ମନ ଖରାପ । ମନ କିମ୍ବା ଶରୀର କେଉଁଥିରେ ହସ୍ତକ୍ଷେପ କରିବାକୁ ତିସ୍ତା ମୋତେ ଦିଏ ନାହିଁ କାହିଁକି ?

ମୋତେ ଏସବୁ ଭଲ ଲାଗୁନି । କାରଣ ଭାବୁ ଭାବୁ ମୁହଁ ବୁଲାଇ ଶୋଇପଡ଼େ ବିକାଶ । ନିଜ ପୌରୁଷ ଉପରେ ସନ୍ଦେହ ଜାଗ୍ରତ ହୁଏ ବିକାଶର ।

ତା'ପରେ ଅସଲ କାରଣଟା ଜଣାପଡ଼ିଲା, ଯେତେବେଳେ ଘରର ଟେଲିଫୋନ୍ ଲେଣ୍ଡଲାଇନ୍ ବିଲ୍ ଆସିଲା ଦୁଇ ହାତ ଲମ୍ବା, ବିକାଶ ନିଶ୍ଚିତ ଥିଲା ଭୁଲ ବିଲ୍ ଆସିଛି । ପ୍ରାଇଭେଟ୍ କନେକସନ୍ କମ୍ପ୍ଲେନ୍ କରିବାର ଦୁଇଦିନ ପରେ ଟୋଟାଲ

କଲମ ଲିଷ୍ଟର ପ୍ରିଣ୍ଟ ଆଉଟ ଥ୍ରୋ କୋରିଅର ବିକାଶ ହାତରେ । ଆଖି କପାଳରେ ଏକ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରରୁ ପ୍ରତିଦିନ ଘଣ୍ଟା ପରେ ଘଣ୍ଟା କଲ୍ ଡିଉରେସନ୍ ।

ଇଏ କାହାର ନମ୍ବର ?

ମୋ ବନ୍ଧୁର ।

ଏତେ ଫୋନ୍ ତାକୁ କରିଛି । ଆଉ ସାରାଦିନ ଘରେ ବସି ବସି କ'ଣ କରିବି ମୁଁ । ଆଉ ସିଏ ମୋର ପିଲାଦିନର ସାଙ୍ଗ ତା' ବୋଲି ଏତେ ଟଙ୍କାର ଫୋନ୍ । ବାହାଘର ଆଗରୁ ମୁଁ ଫୋନ୍ କରେ । କେହି ମନା କରନ୍ତି ନାହିଁ । ମୁଁ କରୁଛି ।

ଏତେ ଟଙ୍କା ବିଲ୍ ପେମେଣ୍ଟ କରିବା ମୋ ପକ୍ଷରେ ଖୁବ୍ କଷ୍ଟ ହେବ । ପ୍ଲିଜ୍ ଟିକିଏ ବୁଝିବାକୁ ଚେଷ୍ଟା କର ।

ନା' ତା'ପରେ ବି ତିସ୍ତା ବୁଝିବାକୁ ଚେଷ୍ଟା କରିନି । ବିକାଶ ପରୀକ୍ଷା କରିବା ପାଇଁ ନିଜ ମୋବାଇଲରୁ ଅଫିସ୍ କିମ୍ବା ବାହାରୁ ଥାଇ ଘରକୁ ଫୋନ୍ କରେ । ବେଶୀ ସମୟ ଏନ୍‌ଗେଜ୍ ଥାଏ ଫୋନ୍ । ଅଥବା କେବେ ଫୋନ୍ ରିଙ୍ଗ୍ ହେଉଥାଏ କେହି ଉଠାନ୍ତି ନାହିଁ । ତା'ମାନେ ଘରେ କେହି ନଥାନ୍ତି ।

ପର ଥର ବିଲ୍‌ଟା ବି ସେଇ ଆଗ ଭଳି । ତିସ୍ତା ପାଇଁ ଗୋଟେ ମୋବାଇଲ ଆଉ ପ୍ରିପେଡ୍ କାର୍ଡ ଦେଇ ବିକାଶ କହିଲା । ଭାବୁଛି ଲେଣ୍ଡ ଲାଇନ୍‌ଟା କାଟି ଦେବି, ପ୍ରତିଥର ଭୁଲ୍ ଭାଲ୍ ବିଲ୍ ଆସୁଛି ।

ଛାଡ଼ି ଦେବ ମାନେ ମୁଁ ସାରାଦିନ କ'ଣ କରିବି ? ଖାଲି ଚୁପ୍ ଚାପ୍ କ'ଣ ବସିବି ?

ତୁମ ପାଇଁ ମୁଁ ଭାବୁଛି ତିସ୍ତା । ଏହା କହି ବ୍ୟାଗ୍‌ରୁ ମୋବାଇଲ୍ ସେଟ୍‌ଟା ବାହାର କରି, ତା' ଆଡ଼କୁ ବଢାଇ ଦେଇ, ମନେ ମନେ ଭାବିଥିଲା ଏଥର ବୋଧହୁଏ ରିହାତି ମିଳିଯିବ ।

ତିସ୍ତା ସୌଜନ୍ୟମୂଳକ ହସ ହସି କହିଲା, ଥ୍ୟାଙ୍କସ୍ । ତେବେ ଆଗ କନେକସନ୍‌ଟା ଛାଡ଼ିଦେବା ନାହିଁ । ଘରେ ଗୋଟେ ଲେଣ୍ଡଲାଇନ ରହିବା ଦରକାର ।

ମନ ଭିତରେ ବିକାଶ କହି ଉଠିଲା ଯାଃ ଶଳା । ତୁମେ ତା'ହେଲେ ଚାକିରୀ କରିବ ତିସ୍ତା ? ନା' ଚାକିରୀ କରିବାକୁ ମୋତେ ଭଲ ଲାଗେନି । ତେବେ... ତମେ କ'ଣ ? ମୁଁ ବାହାଘର ଆଗରୁ ଗ୍ରୁପ୍‌ରେ ନାଟକ କରୁଥିଲି ହଁ ଜାଣେ । ତୁମେ ଯଦି ରାଜି ହେବ, ତା'ହେଲେ ମୁଁ ପୁଣି ଗ୍ରୁପ୍‌ରେ ଜଏନ କରିବି । ସିଏତ ତୁମ ଘର ପାଖରେ । ଏତେ ଦୂର ଯିବା ଆସିବା କରିପାରିବ ? ସେ କଥା ମୁଁ ମେନେଜ କରି ନେବି । ଟିକିଏ ରହିଯାଇ ବିକାଶ କହିଲା, ଠିକ୍ ଅଛି ତାହାଲେ, ଯାହା ଭଲ ଲାଗୁଛି ତା' କର । ସେଇ ପ୍ରଥମ ଥର ପାଇଁ ବିକାଶକୁ କୁଣ୍ଢାଇ ପକାଇ କହିଥିଲା, ଥ୍ୟାଙ୍କ ଇଉ । ଭୀଷଣ ଆନନ୍ଦ ପାଇଥିଲ । ସେ ଦିନ ତିସ୍ତାର ଥ୍ୟାଙ୍କ୍ ଇଉ ଶବ୍ଦ ଶୁଣି । ଇଏ ପୁଣି କ'ଣ ? ନିଜର ସ୍ୱାମୀକୁ କିଏ ବରାବର କର୍ଟସି ଜଣାଇବ ।

ପୁରୁଣା ନାଟକ ଗ୍ରୁପ୍‌ରେ ପୁଣି ଜଏନ୍ କଲା ତିସ୍ତା । ତେଣୁ ଟେଲିଫୋନ୍‌ର ବିଲ୍‌ଟା ଗୋଟିଏ ଧକ୍କାରେ ନର୍ମାଲ ହୋଇଗଲେ ବି ତିସ୍ତାର ଘରେ ରହିବା ସମୟଟା ଏବେ-ନର୍ମାଲ ହୋଇଗଲା । ଅନେକ ସମୟରେ ବିକାଶ ଅଫିସ୍‌ରୁ ଫେରି ଦେଖେ ତିସ୍ତା ଘରକୁ ଆସିନାହିଁ ଦିନେ ଦିନେ ଅନେକ ରାତିରେ । ପୁଣି ସିଜନ୍ ସମୟରେ ଦୂରରେ ଥିଲେ ଘରକୁ ବି ଫେରେ ନାହିଁ । ମନ ଖରାପ କରେ, ଅଭିମାନ କରେ ବିକାଶ । ନିଜକୁ ବୁଝାଏ ଏଇଟା ତିସ୍ତାର ନିଜର ଜଗତ । ଏଇ ଏତେ କିଛି ପରେ ବି ଯେତେଟା ପାରେ ତିସ୍ତାକୁ ଭଲ ପାଏ । ବିଶ୍ୱାସ ଆସେ, ହୁଏତ ଏହାଛଡା ତା'ର ଆଉ ଦ୍ୱିତୀୟ ରାସ୍ତା ନଥିଲା । କିନ୍ତୁ କାନ୍ଥରେ ଇଟା ନଥିଲେ, ଯେତେ ଦାମୀ ରଙ୍ଗ ଦେଲେବି ଯେମିତି ଖସିପଡ଼େ ; ତିସ୍ତା ସେଇଭଳି ଦିନେ ଖସି ପଡିଲା । ବିକାଶର ଭଲ ପାଇବାର ବିଶ୍ୱାସ ମଝି ରାସ୍ତାରେ ଜାମାପଟା ଖୋଲିଦେଇ ଭରି ଗଲା ଗୋଟେ ସନ୍ଦେହ । ଯିବା ଆଗରୁ ବିକାଶର ମୋବାଇଲକୁ ଗୋଟେ ଲମ୍ବା ମେସେଜ ଦେଇଥିଲା ତିସ୍ତା । ବଙ୍ଗଳାରେ ଲେଖାଥିଲା

'ଚାଲିଯାଉଛି' ।

ତୁମ ସଙ୍ଗରେ ଆଉ ରହିବାର କଥା ନାହିଁ ମୋର । ମୋ ନିଜ ପସନ୍ଦର ଆଉ ଜଣେ କିଏ ଅଛି, ଆଶା କରେ ତୁମେ ସେଇଟା ବୁଝିପାରିବ କିମ୍ବା ନବୁଝିପାରିବା ଭଳି ରହିବ । ତା'ରି ସାଙ୍ଗରେ ଯାଉଛି । କାରଣ ଏଇ ଭାବରେ ମୋ ପକ୍ଷରେ କିମ୍ବା ହୁଏତ

ତୁମ ପକ୍ଷରେ ସମ୍ଭବ ନୁହେଁ। ଜାଣିଛ ଏ ବାହାଘରରେ ତୁମର କୌଣସି ଦୋଷ ନଥିଲା । ମୋର ବି ନଥିଲା । ମୋତେ ଜୋର୍ କରାଯାଇଥିଲା ନିଜର ଇଚ୍ଛା ବିରୁଦ୍ଧରେ । ତୁମକୁ ଏଇସବୁ କଥା ଜଣାଇବାକୁ ମୋତେ ସୁଯୋଗ ଦିଆଯାଇନି । ତେଣୁ ମୁଁ ଜଣାଇ ପାରିନି । ତେବେ ବି ତୁମେ ଯଦି ମନେକର ତୁମେ ଡ୍ରିପ୍ରାଇଭ୍ଡ, ତାହାଲେ ସରି । ତେବେ ଟିକିଏ ବି ତୁମ ଓ ମୋ ଭିତରେ ଭଲପାଇବା ଗଢିଉଠିନି । ଏକଥା ଆମେ ଦୁଇଜଣ ସିଓର । ଏନିଓ୍ୱ ଆମ ଭିତରେ ସୃଷ୍ଟି ହୋଇଥିବା ଘଟଣାଟା ଆମ ନିଜ ନିଜ ଭିତରେ ବୁଝିନେବାଟା ଭଲ । ଆର ମାସରେ ପେପର ପଠାଇଦେବି ତୁମ ଏଡ୍ରେସରେ ଆଶା କରୁଛି ଦସ୍ତଖତ କରି ପଠାଇଦେବ । - ତିସ୍ତା ।

ବିକାଶର ମୋବାଇଲ୍ର ତିସ୍ତାର ନାଁଟା ସେଭ କରାଯାଇଛି ଜାଣି ସୁଧା ନିଜର ନାମଟା ମେସେଜ୍ର ଶେଷରେ କାହିଁକି ଲେଖିଥିଲା ସେ କେଜାଣି । ଯେମିତି ଅଚିହ୍ନା ମଣିଷଟି ମେସେଜ ପଠାଏ ନିଜର ନାମ ସହ ।

ସତରେ ପେପର ଆସିଥିଲା । ଦସ୍ତଖତ କରିବା ଆଗରୁ ଥରେ ତିସ୍ତାର ବାପାକୁ ଫୋନ୍ କରି ଜଣାଇଥିଲା ବିକାଶ । ଶ୍ୱଶୁର ମହାଶୟ ଚୁପ୍ କରି ଶୁଣି କହିଥିଲା, "ମୋର କିଛି କହିବାର ନାହିଁ । ମୋତେ ତୁମେ କ୍ଷମା କର ବାବା ।" କହି ଫୋନ୍ଟା ରଖିଦେଲା ।

ବାସ୍ ତା'ପରେ ଗୋଟିଏ ବର୍ଷ । ତିସ୍ତାକୁ ହରେଇଲା ପରେ ବିକାଶ ବିକଳ୍ପ କିଛି ଚିନ୍ତା କରିପାରିନି । ନିଜକୁ ବି ଆଶ୍ଚର୍ଯ୍ୟ ଲାଗେ । ସତକଥା ଯେଉଁ ମଣିଷଟା ସାଙ୍ଗରେ କୌଣସି ସମ୍ପର୍କ ଗଢିବାର ସମୟ କି ସୁଯୋଗ ବି ଥିଲା ନାହିଁ, କାହିଁକି ବର୍ତ୍ତମାନ ଶୁଖିଲା ଘା' ଭଳି ଦକ୍ ଦକ୍ ହୋଇରହିଛି । ଥରେ ଥରେ ନିଜକୁ ଏଇ ପ୍ରଶ୍ନ । ଏଇ ଘା' କ'ଣ ନିଜେ ହିଁ ନଖେଞ୍ଚି କରି ଶୁଖାଇ ରଖିଛି । କାହିଁକି ତିସ୍ତା କୌଣସି ଦିନ ଫେରିଆସିବ । ଏଇ ଆଶାରେ । ଏହି ପ୍ରଶ୍ନଟା ମନରେ ଆସିଲେ ତାକୁ ହଟାଇ ଦେବା ପାଇଁ ଚେଷ୍ଟା କରେ ବିକାଶ । ଧରାପଡ଼ି ଲଜ୍ଜ୍ୟା ପାଇବ ଏଇ ଭୟରେ । ଏଇ ଭୟରେ ଚଲିଛି । ଖୁବ୍ ଅଳ୍ପ ବଦଳିଛି । ଏଇ ଯେମିତି ମଦ ଖାଇବାର ସମୟଟା ଖୁବ୍ ବଢି ଯାଇଛି ।

॥ ତିନି ॥

ପରେ ପରେ ତିନିଦିନ କଟିଗଲା ଆଦିତ୍ୟପୁରରେ । ଜାଗାଟା ଏତେ ଭଲ ଯେ ଛାଡ଼ି ଯିବାକୁ ଇଚ୍ଛା ହେଉନି । ନଦୀକୂଳିଆ ଧୀର ପବନ, ଅଚିହ୍ନା ମଣିଷ- ରାସ୍ତା,

ସବୁ ମିଶି ଗୋଟାଏ ଆରାମ ଆଉ ଶାନ୍ତି । ଟିକିଏ ବି ଛାଡ଼ି ଯିବାକୁ ଇଚ୍ଛା ହେଉନି । କିନ୍ତୁ ମାର୍କେଟ ସର୍ଭେ ପ୍ରାୟ ଶେଷ । ରିପୋର୍ଟ ବି ତିଆରି ସରିଛି । ଅଫିସରୁ କାଲି ଉପରଓଳି ଫୋନ୍ ଆସିଛି । ସୁତରାଂ ଆଗାମୀ କାଲି ଫେରିବାକୁ ହେବ ।

ଏଇ କେତେ ଦିନ ହେଲା ସକାଳେ ସକାଳେ ନିଦରୁ ଉଠି ପଛପଟ ବଗିଚାରେ କୋପାଇନଦୀ କୂଳକୁ ବୁଲିବାକୁ ଯାଏ । ଭୋର ଭୋର ନଦୀ ଏତେ ସୁନ୍ଦର । ନରମ ଆଲୋକ ଏବଂ ଥଣ୍ଡା ପବନରେ ମନଟା ଯେମିତି ଥଣ୍ଡା ପଡ଼ିଯାଏ । ଅନେକ ସମୟ ପରେ ପୁଣି ଫେରିଆସି ବୈଠକଖାନାରେ ବସି କାନ୍ଥକୁ ଲକ୍ଷ୍ୟ କରେ କେବଳ ସନାତନ ବାବୁର ସ୍ତ୍ରୀ ଫଟୋଟା ନାହିଁ । ଆଉ ରାତିରେ ଫେରିଲେ ଦେଖେ ପୁଣି କାନ୍ଥକୁ ଫଟୋଟା ଚଲିଆସେ । ଏହାର କାରଣଟା କ'ଣ ? ପ୍ରଶ୍ନଟା ବାରମ୍ବାର ମନକୁ ଆସେ । ଥରେ ରମେଶକୁ ପଚାରିଥିଲି । କିନ୍ତୁ ରମେଶ କୌଣସି ଉତ୍ତର ଦେଇନାହିଁ । କଥାକୁ ବୁଲାଇ ଦେଇ ଚଲିଯାଇଛି ।

କିନ୍ତୁ ଆଜି ପ୍ରାୟ ରାତି ଆଠଟା ଘରକୁ ଫେରି ଦେଖିଲା ବିକାଶ ପରିସ୍ଥିତଟା ଟିକିଏ ଅନ୍ୟ ରକମର । ବୈଠକଖାନାର ଠିକ୍ ମଝିରେ ବସି ସନାତନବାବୁ ଚିତ୍କାର କରୁଛନ୍ତି । ଖୁବ୍ ଜୋର୍ରେ ଚିତ୍କାର । ସାମ୍ନାରେ ଚୁପ୍ କରି ଠିଆ ହୋଇଛି ରମେଶ । ବିକାଶ ବୁଝିପାରିଲା ଯେ ଚିତ୍କାରର କାରଣଟା ହେଲା ରମେଶ । ଏଇ କେତେଦିନ ହେଲା ଦେଖି ଆସୁଛି ଚୁପ୍ଚାପ୍ ଥଣ୍ଡା ମିଜାସ୍ର ଲୋକଟା ହଠାତ୍ ଏତେ ରାଗିଗଲା କାହିଁକି ? କ'ଣ ହୋଇଛି ?

ହାରମଜାଦା ତୋତେ ପଇସା ଦେଇ ପୋଷିଛି କାହିଁକି ? ଗୋଇଠା ମାରି ଘରୁ ବାହାର କରି ଦେବି । ଶଳା, ଘୁଷୁରୀ ଛୁଆ । ଏତେ ବଡ଼ ଘର । ଏତେ ବଡ଼ ଜାଗା ସବୁ ଏଇ କେଇଦିନରେ ତୋର ପୂରଣ ହୋଇଗଲା । ମୋତେ ବୋକା ଠଅରେଇଛୁ ? ମୁଁ ଏତେ ବର୍ଷ ହେଲା ଚିହ୍ନି ପାରିଲି ନାହିଁ ସବୁସ୍ଥାନ ଆଉ ତୁ... ଯା' ଦୂର ହୋଇଯାଆ ମୋ ସାମ୍ନାରୁ, ସବୁଦିନେ ସେଇ ଗୋଟିଏ ଜାଗା । ଥଟ୍ଟା କରୁଛୁ ମୋତେ ? କାଲି ଯଦି ଗୋଟେ ନୂଆ ଜାଗା ନ ଦେଖିଛୁ ତେବେ ଦେଖିବୁ ଦୂର ହ, ରାଗରେ କମ୍ପି କମ୍ପି ସନାତନବାବୁ ଗୋଟିଏ ଦମ୍ରେ କଥା ଗୁଡ଼ା କହି ଚଲିଥିଲେ ।

ପୁରା ଅଚିହ୍ନା ଲାଗୁଛି ମଣିଷଟାକୁ, ବିକାଶ ଯେ ଏଇ ଘରେ ଆସି ଠିଆ ହୋଇଛି, ସେ ଦିଗକୁ ଲକ୍ଷ୍ୟ ବି ନାହିଁ । ସନାତନ ବାବୁ ହାତରେ ତା' ସ୍ତ୍ରୀର ଫ୍ରେମ

ବନ୍ଧା ଫଟୋଗ୍ରାଫ, ସେଇଟା ସବୁଦିନ ସକାଳେ ଅଦୃଶ୍ୟ ହୋଇଯାଏ । ଆଉ ରାତିରେ କାନ୍ଥକୁ ଫେରିଆସେ ।

ବିକାଶ ଖୁବ୍ ଧୀରେ ଧୀରେ ଆରପାଖ ଦେଇ ଦୋତାଲାକୁ ତା' ନିଜର ରୁମ୍‌କୁ ଫେରିଲା । କି ଦରକାର ତା' ବ୍ୟକ୍ତିଗତ କଥାରେ ମୁଣ୍ଡ ପୁରାଇବା । କିନ୍ତୁ ମନ ଭିତରେ କୌତୁହଳଟା ଦୁଇ, ତିନିଗୁଣ ବଢିଯାଇଛି । ନା' କାଲି ଯିବା ଆଗରୁ କଥାଟା କ'ଣ ଜାଣିବାକୁ ହେବ ।

ଗାଧୋଇ ସାରି ବିକାଶ ଫ୍ରେସ୍ ହୋଇ ଖଟ ଉପରେ ବସିଲା । କାଲି ଭୋରରୁ ବିଶ୍ୱଭାରତୀ ଧରିବ । ଆଜି ଶୀଘ୍ର ଶୀଘ୍ର ଶୋଇଯିବା ଦରକାର । ମନଟା ଟିକିଏ ଖରାପ ଲାଗୁଛି । ପୁଣି ଥରେ ଏଇ ଜାଗାକୁ ଆସିବି କି ନା ଜାଣେନି । କଲିକତାକୁ ଫେରିଗଲେ ପୁଣି ସେଇ ଗୋଟିଏ ଘର ମଣିଷ, ଆଉ କାମ । ପ୍ରାଣ ପଣେ ଭୁଲିବାକୁ ଚାହେଁ ସ୍ମୃତିକୁ ।

ଟିକିଏ ପରେ ରମେଶ ଘର ଭିତରକୁ ଆସିଲା । ତା'ର ମୁହଁକୁ ଦେଖିଲେ କେହି ଜାଣି ପାରିବ ନାହିଁ ଯେ ଏଇ ଟିକିଏ ଆଗରୁ ବାବୁ ପାଖରୁ ଖୁବ୍ ଗାଳି ଶୁଣିଛି ବୋଲି । କୌଣସି ଭାବନା ମୁହଁରେ ଲକ୍ଷ୍ୟ ପଡୁନି, ଆସି ସାମ୍ନାରେ ଠିଆ ହୋଇଛି । ଏଇ ସମୟରେ ରମେଶ ସବୁଦିନ ଆସେ, ଆସି ପଚାରି ଯାଏ ବିକାଶ ରାତିରେ କ'ଣ ଖାଇବ । ଆଜି ବି ଆସିଛି ।

ବିକାଶ ତା' ଆଡ଼କୁ ଚାହିଁ ଯେମିତି ପ୍ରଫେସନାଲ ଷ୍ଟାଇଲ୍‌ରେ ମାର୍କେଟ ପାର୍ଟିମାନଙ୍କ ସହିତ ହସି କଥା କୁହେ ପକ୍କା ସେଇ ଷ୍ଟାଇଲରେ ହସି କହିଲା କୁହ ! ରମେଶ ଖବର କ'ଣ ?

ରମେଶ କୌଣସି ଉତ୍ତର ନଦେଇ ମୁଣ୍ଡକୁ ନୁଆଇଁଲା । ଏଇ ଘରେ ଚାକର ଆଉ ମୁନିବ ଦୁଇଜଣ କଥା କମ୍ କୁହନ୍ତି ଲୋକଙ୍କ ସଙ୍ଗରେ । ସେଇଥିପାଇଁ ଜଣାଯାଇଛି ଏ ଘରକୁ କେହି ଆସନ୍ତି ନାହିଁ । ପଡ଼ୋଶୀମାନେ ବି ନୁହନ୍ତି । କାଲି ଭୋରରୁ ପଳାଇଯିବି ବୁଝିଲୁ ।

ଆଚ୍ଛା ବାବୁ ଜାଣନ୍ତି ?

ନା' ଆଉ ଟିକିଏ ପରେ ଜଣାଇବି କହି ବିଛଣା ଉପରେ ଥିବା ମନିପର୍ସରୁ ଶହେ ଟଙ୍କା ବାହାର କରି ରମେଶ ଆଡ଼କୁ ବଢାଇ ଦେଇ କହିଲେ ନେ ଏଇଟା ରଖ । ଆରେ ନେ ଏମିତି ଦେଉଛି ମିଠେଇ ଖାଇବୁ ।

ଏଇ ପ୍ରଥମ ଥର ରମେଶ କଳା ଛାପ ଦାନ୍ତ ଦେଖିବାକୁ ପାଇଲା ବିକାଶ । ଔଷଧ କାମ ଦେଇଛି । ଏଇଥର ସୁଯୋଗ ।

ଆରେ ଠିଆ ହୋଇଛ କାହିଁକି ? ଟିକିଏ ବସ । ତୁମମାନଙ୍କ ଭିତରୁ କାହା ସାଙ୍ଗରେ ବି କଥା ହୋଇପାରିଲି ନାହିଁ । ଅସଲ କଥା ହେଲା ବାବୁ ଚାହାଁନ୍ତି ନାହିଁ ମୁଁ କାହା ସାଙ୍ଗରେ କଥା ହୁଏ । ଗାଁ ଲୋକଙ୍କ ସାଙ୍ଗରେ ବି କହିବାକୁ ଦିଅନ୍ତି ନାହିଁ ।

ଏ କି କଥା । କାହିଁକି ?

ବାବୁ ମଥାଟା ଠିକ୍ ନାହିଁ । ସେଇଥିପାଇଁ ।

ଆଁ, କୁହ କ'ଣ ? କଥାଟା ଯେମିତି ଏଇ ପ୍ରଥମ ଶୁଣିଲା ବିକାଶ । ହଁ, ପାଗଳ ତ । ଗାଁର ସମସ୍ତେ ଜାଣନ୍ତି । ଅସଲ କଥା ମାଲିକାଣୀ ମରିଯିବା ପରେ ବାବୁର ଏଇ ଖାପ୍‌ଛଡ଼ାଟା ହୋଇଛି । ବହୁତ ଭଲ ପାଉଥିଲେ ତ ନିଜ ସ୍ତ୍ରୀ । ତେଣୁ ମା' ଚାଲିଯିବା ପରେ ଧକ୍କାଟା ସହି ପାରୁନାହାନ୍ତି ବାବୁ ।

କେମିତିକା ପାଗଳ କହିଲି ? ଏଇତ ଆପଣ ଯେତେବେଳେ କାମ ସାରି ଆସିଲେ, ସେତେବେଳେ ଦେଖିଲେ ମୋ ଉପରେ କେମିତି ଗାଳି ଦେଉଥିଲେ । ଏଇଟା ପାଗଳାମୀ ଛଡ଼ା ଆଉ କ'ଣ କହିବା ?

କାହିଁକି ? କି ବ୍ୟାପାର ? ମୁଁ ଠିକ୍ ବୁଝିପାରୁନାହିଁ ।

ରମେଶ ଆଉ ଟିକିଏ ପାଖେଇ ଆସିଲା, ମାଆ ଏଇ ଅଳ୍ପ କେତେଦିନ ହେଲା ମରିଛନ୍ତି । କାମଦାମ ସରିଗଲା ପରେ ମୁଁ ଦିନେ ମାଆର ଫଟୋଟା ବୈଠକଖାନା କାନ୍ଥରୁ ଓହ୍ଲାଇ ଆଣି ମୋ ରୁମ୍‌ରେ ରଖିଛି ସଫାସଫି କରିବା ପାଇଁ । ଟିକିଏ ପରେ ଦେଖିଲି ବାବୁ ଆସି ମୋ ଘରେ ଉପସ୍ଥିତ । ମୁହଁ, ଆଖି ଲାଲ, ଖୁବ ପାଟି କରି ମୋତେ ପଚାରିଲେ ଲୀଳା କେଉଁଠି ? ମାଆଙ୍କର ନାମ ଥିଲା ଲୀଳାବତୀ । ବାବୁ ଲୀଳା ବୋଲି ଡାକୁଥିଲେ । ମୋ ହାତରେ ଫଟୋଟା ଦେଖି ରାଗଟା ପାଣି ହୋଇଗଲା । କହିଲେ, ଏଇତ ତୁ, ମୁଁ ସାରା ଘରଟାରେ ତୋତେ ଖୋଜୁଛି । ଫଟୋ ଆଡ଼କୁ ଚାହିଁ ଏମିତି

ଭାବରେ ବାବୁ ସେଦିନ କହିଥିଲେ ଯେମିତି ସତରେ ମାଆଙ୍କୁ ଖୋଜି ପାଇ ଯାଇଛନ୍ତି । ଫଟୋଟା ମୋ ହାତରୁ କାଢି ନେଇ ନିଜ ଘରକୁ ଚାଲି ଯାଇଥିଲେ ବାବୁ ।

ସେଇଠୁ ଆରମ୍ଭ । ତା' ପରଦିନ ମୋତେ ଡାକି ହଠାତ୍ କହିଲେ ଗୋଟିଏ ଖେଳ ଖେଳିବି ରମେଶ । ତୁ ଏବେ ପ୍ରତିଦିନ ସକାଳେ ମାଆର ଫଟୋକୁ ଘର ଭିତରେ କେଉଁଠି ଲୁଚାଇ ରଖିବୁ ଏବଂ ମୁଁ ତାକୁ ଖୋଜି ବାହାର କରିବି ଯେମିତି । ପ୍ରତିଦିନ ନୂଆ ନୂଆ ଜାଗାରେ ଲୁଚାଇବାକୁ ହେବ କିନ୍ତୁ ପାରିବୁ ନା ?

ଏମିତି କଥା ଶୁଣି ମୁଁ ତ ହାଁ ! ମଥାଟା ବାବୁର ଗଲା । ଏମିତି ଖେଳ ତ ପିଲାମାନେ ଖେଳନ୍ତି । କିନ୍ତୁ ସେ କଥା ତ ଆଉ ମୁଁ କହିପାରୁନି । ଚାକର ମଣିଷ ମୁଁ । ବାବୁ ଯାହା ହୁକୁମ କରିବେ ଶୁଣିବାକୁ ହେବ । ଖେଳ ଆରମ୍ଭ ହେଲା । ପ୍ରଥମେ ପ୍ରଥମେ ଭାବିଲି କିଛିଦିନ ଗଲେ ଏ ପାଗଳାମୀଟା କଟିଯିବ । କିନ୍ତୁ କମିଲା ତ ନାହିଁ ବରଂ ଦିନକୁ ଦିନ ନିଶାଟା ବଢିବାକୁ ଲାଗିଲା । ସବୁଦିନ ସକାଳେ ଆମ ମା'ଙ୍କ ଫଟୋଟା ଏଇ ଘର ଭିତରେ କେଉଁଠି ଲୁଚାଇବାକୁ ପଡ଼ିବ ଆଉ ବାବୁ ତାକୁ ଖୋଜି ଖୋଜି ବାହାର କରିବେ । ପୁଣି ଖୋଜୁ ଖୋଜୁ ମନକୁ ମନ କଥା ହେଉଥିବେ । କ'ଣ କହନ୍ତି ?

ମା'ଙ୍କର ନାଁ ଧରି କହନ୍ତି, ଲୀଳ ଏଇଥର ତୁମକୁ ଖୋଜି ବାହାର କରିବି । କହୁ କହୁ ହସୁଥାନ୍ତି ଆଉ ଯେତେବେଳେ ଖୋଜି କରି ପାଇଯାଆନ୍ତି, ଫଟୋଟା ଦୁଇ ହାତରେ ଧରି ଛୋଟ ପିଲା ଭଳି ଏତେ ଖୁସ ହୋଇ ଯାଆନ୍ତି ଯେ, ଦେଖିଲେ ଆପଣଙ୍କୁ ମାୟା ଲାଗିଯିବ । ସତ କଥାଗୁଡ଼ା କହୁଥିଲା ରମେଶ ।

କିଛି ସମୟ ପାଇଁ ଦୁଇଜଣ ଚୁପ୍ । ତା'ପରେ ବିକାଶ ପଚାରିଲେ- ତାହାଲେ ଆଜି କାହିଁକି ଏତେ ରାଗି ଯାଇଥିଲେ ।

ବିରକ୍ତ ହୋଇ ରମେଶ କହିଲା, ପ୍ରଶ୍ନ ହେଉଛି ମୁଁ ତ ମଣିଷ । ମାନୁଛି ଘରଟା ବଡ଼ କିନ୍ତୁ ତା' ବୋଲି ଏଇ ଗୋଟିଏ ଘର ଭିତରେ ଏତେ ଦିନ ଧରି ପ୍ରତିଦିନ ମୁଁ ଫଟୋ ଲୁଚାଇବାର ନୂଆ ଜାଗା କେଉଁଠୁ ଖୋଜି ବାହାର କରିବି କୁହ ତ ? ଆଉ ଯଦି ନପାରିଲି ବାବୁର ରାଗ । ଯେଉଁଦିନ ଖୁବ୍ କଠିନ ଜାଗାରେ ରଖିଦେଲି, ବାବୁକୁ ଖୋଜି ପାଇବା ପାଇଁ ଖୁବ୍ ସମୟ ଲାଗେ ବାବୁଙ୍କର ଖୋଜି ପାଇବାଟା ଖୁବ୍

ସମୟ ଲାଗେ । ସେଦିନ ପାଇବାର ପରେ ବାବୁଙ୍କର ଖୁସି କହିଲେ ନସରେ । ଆଉ ଯେଉଁଦିନ ଆଖି ସାମ୍ନାରେ ଥାଏ, ଖୋଜିବାକୁ ପଡ଼େ ନାହିଁ, ସେଦିନ ମୋତେ ଏଇ ଭଳି ଭାବରେ ଗାଳିଦିଅନ୍ତି । କ'ଣ ଆଉ କରିବି । ପେଟ ପାଇଁ ଏଠି ପଡ଼ିରହିଛି । ତା' ନହେଲେ ଲୋକଟା ଏମିତିରେ ଖୁବ୍ ଭଲ । ତେଣୁ କାମ ଛାଡ଼ି ଯିବା ପାଇଁ ଇଚ୍ଛା ହୁଏନି । କିଏ ଦେଖାଶୁଣା କରିବ ଏମିତିଆ ପାଗଳକୁ ।

ବିକାଶ ଥମ୍ କରି ଚାହିଁଥିଲା ରମେଶକୁ । ତା' ଦେଖି ରମେଶ ଏଥର ଟିକିଏ ହସିଲା । କହିଲା ଏଇ ରକମ ତୁମ ଚାଲିଛି । ବର୍ତ୍ତମାନ ଖେଳଟା ଅଭ୍ୟାସ ହୋଇଯାଇଛି ମଝିରେ ମଝିରେ ଆଉ ଖରାପ ବି ଲାଗେନି ? ହାଁ, ହା, ହା, ଯାହା ହେଉ, କ'ଣ ଖାଇବେ କୁହନ୍ତୁ କାଲି ତ ପଳାଇ ଯିବେ ।

ଟିକିଏ ଅନ୍ୟମନସ୍କ ହୋଇ ଉଠିଲା ବିକାଶ । କ'ଣ ଗୋଟାଏ ଭାବୁଥିଲା ରମେଶର କଥା ଶୁଣିଲା ନାହିଁ ।

ରମେଶ ପୁଣି କହିଲା, ପରଟା ଆଉ କୁକୁଡ଼ା ମାଂସ ଆଜି ତାହାଲେ ପ୍ରସ୍ତୁତି କରୁଛି । ହଁ ହଁ ସେଇଆକୁ କର ।

ରମେଶ ଉଠୁ ଉଠୁ କହିଲା, ଗୋଟେ କଥା, ଯାହା କହିଲି ଏଇ ସବୁ କିନ୍ତୁ କାହାକୁ କହିବ ନାହିଁ । ଆପଣଙ୍କ ବନ୍ଧୁଙ୍କୁ ବି ନୁହେଁ । କେହି ବୁଝିବେନି ତ । ସବୁ ତ ସମାନ ନୁହଁନ୍ତି ନା' ନା ତୁମେ ନିଶ୍ଚିନ୍ତରେ ରୁହ । ମୁଁ କାହାକୁ କହିବି ନାହିଁ । ଘର ଛାଡ଼ି ଠିଆ ହୋଇ ବ୍ୟାଗ୍‌ରୁ ମାଲ୍‌ଟା ବାହାର କଲା ।

ଚାରିଟା ଲାର୍ଜପ୍ୟାଗ୍ । ଆଜି ଅନେକ ଦିନ ପରେ, ତେବେ ବି ଅସ୍ଥିରତାଟା କଟୁନାହିଁ । ବରଂ ଆହୁରି ବଢି ଚାଲିଛି । ତିନ୍ତା ଚାଲିଗଲା ପରେ ବି ତା'ର ଆଖି ମୁହଁ ଚେହେରା ସବୁ ମୁଣ୍ଡ ଭିତରେ ଓ ମନ ଭିତରେ ପଶି ବଡ଼ବ୍ୟସ୍ତ କରୁଛି । ଏତେ ଦିନ ହେଲା ପ୍ରାଣ ପଣେ ଭୁଲିବାକୁ ଚେଷ୍ଟା କଲାବେଳକୁ ସେହି ଦୃଶ୍ୟଗୁଡ଼ାକ ବିକାଶକୁ ଚେଟମାରୁଛି, ବ୍ୟସ୍ତ କରୁଛି । ଖଟରୁ ଉଠି ଠିଆ ହେଲା ବିକାଶ । ଉଠିକରି ଘରସାରା ଏପଟ, ସେପଟ ହେଲା, ଟଳମଳ ଲାଗୁଥାଏ ହଠାତ୍ ପୁଣି ପାଦ ଅଟକି ଗଲା ବିଛଣା ପାଖରେ ।

ବିଛଣା ଉପରେ ତା'ର ଓ୍ୟାଲେଟଟା ଚିତ୍ ହୋଇ ଶୋଇ ରହିଛି । ହାତରେ ଉଠାଇ ଭିତରୁ ଟାଣି ଟାଣି ବାହାର କଲା ସବୁ କିଛି । ଟଙ୍କା ପଇସା, ଭଙ୍ଗା ହୋଇଥିବା କାଗଜ ଖୋଜୁ ଖୋଜୁ ଓ୍ୟାଲେଟରେ ଗୋଟିଏ ଅବ୍ୟବହୃତ ଲଫାପା ଭିତରେ ଗୋଟିଏ ପାର୍ସପୋର୍ଟ ସାଇଜ ଫଟୋ, ସେଇଟା ପୁଣି ତିସ୍ତାର । ବହୁବାର ଚେଷ୍ଟା କରି ଯେଉଁ ଛବିଟାକୁ ଆଜି ପର୍ଯ୍ୟନ୍ତ ସେ ଫୋପାଡ଼ି ପାରିନାହିଁ କି ନଷ୍ଟ କରିପାରିନାହିଁ । ଘରେ ତିସ୍ତାର ବ୍ୟବହୃତ ଯାହା କିଛି ଥିଲା ସବୁ କିଛି ଫୋପାଡ଼ି ଦେଲା ପରେ ବି ନିଜ ଅନିଚ୍ଛାରେ ଏଇ ଫଟୋଟାକୁ ଗୋଟିଏ ଅବ୍ୟହୃତ ଲଫାପାରେ ରଖି ଦେଇଥିଲା । କିନ୍ତୁ କୌଣସି ଦିନ ଥରେ ମାତ୍ର ବି ତାକୁ ବାହାର କରି ଦେଖିନି । ଖୁବ୍ ଇଚ୍ଛା ହେଲେ ବି ନୁହେଁ । ଆଜି ପ୍ରଥମେ କାହିଁକି କେଜାଣି ତିସ୍ତା ହସୁଛି ଫଟୋରେ ।

ବିକାଶ ହଠାତ୍ ଚିତ୍କାର କରି ଉଠିଲା । ରମେଶ... ର...ମେ...ଶ । ନିଜର ଗଳାର ଶବ୍ଦଟା ଶୁଣି ତାକୁ ଜଣାପଡ଼ିଲା, ଠିକ୍ ସନାତନ ବାବୁଙ୍କ ଭଳି ଗଳାର ଶବ୍ଦ । ନିଶାରେ ?

କିଛି ମୁହୂର୍ତ୍ତ ପାଇଁ ସାରା ପୃଥିବୀ ଚୁପ୍ଚାପ୍ । ତା'ପରେ ଦୋତାଲା ବାରଣ୍ଡାରେ ପାଦ ଶବ୍ଦ । ରମେଶ ଆସୁଛି । ବିକାଶ ତିସ୍ତାର ଫଟୋଟା ଧରି ଘର ମଝିଟାରେ ଠିଆ ହୋଇଛି । ଏହାପରେ କ'ଣ କହିବ ସିଏ ନିଜେ ବି ଜାଣିନି ।

ନୂଆବଜାର, ଭଦ୍ରକ
ମୋ. ୮୨୪୯୧୨୯୮୭

❐❐❐

ମାନବବାଦର ଐତିହାସିକ ଦଲିଲ: 'ଶିରୋଧାର୍ଯ୍ୟ ଶିରୋନାମା'

● **ସମୀକ୍ଷା : ବିଭୂତିଭୂଷଣ ସେନାପତି**

(୧)

"ଶିରୋଧାର୍ଯ୍ୟ ଶିରୋନାମା" କେତେଗୋଟି କ୍ଷୁଦ୍ର ପ୍ରବନ୍ଧ ସମାହାରରେ ପରିପୁଷ୍ଟ ମନଛୁଆଁ ନିବନ୍ଧର ତ୍ରିବେଣୀ ସନ୍ଧ୍ୟା । ଇତିହାସ , ରାଜନୀତି ଏବଂ ନିରନ୍ତର ସାହିତ୍ୟ ସାଧନାର ସଂସ୍କୃତି ସଂପନ୍ନ ଗବେଷଣାତ୍ମକ ପୁସ୍ତକ । ମାଟି ମନସ୍କ ବିଷ୍ଣୁ ସେଠୀଙ୍କ ହୃଦୟର ଆବେଗତା ଭିତରେ ମୁଠା ମୁଠା ସ୍ୱପ୍ନର ବାସ୍ତବତା ସହିତ ପ୍ରେମ, ପ୍ରକୃତି ଓ ଭାରତୀୟ ଦର୍ଶନର ଅଦୃଶ୍ୟ ମାଇଲି ଖୁଣ୍ଟ ସତେ ଯେପରି ଶାମୁକାର ମୁକ୍ତା ପରି । ବୋଧହୁଏ ଜୀବନ ତମାମ ସେ ଖୋଜିବସିଛନ୍ତି ଏକ ଭିନ୍ନ ରଙ୍ଗର ସକାଳକୁ ଆଉ ଚେନାଏ ମାଟିର ଠିକଣା ପାଇଁ ଅତ୍ୟାଚାରିତ ଦାଦନର ସମସ୍ୟାକୁ । ତାଙ୍କ ପାଇଁ ଅରୁଣ ସକାଳ ଓ ନରମ ସଞ୍ଜର ଗୋଧୂଳି ଲଗ୍ନ ପ୍ରାୟତଃ ସାମ୍ୟ ଓ ମୈତ୍ରୀର ଏକ ସାଧା ସିଧା ମାନଚିତ୍ର । ଛୟାଳିଶଟି କ୍ଷୁଦ୍ର ପ୍ରବନ୍ଧ ସମାହାରରେ କିଛି ଇତିହାସ ଆଉକିଛି ପ୍ରାଚୀନ ଗୁପ୍ତଧନ ସନ୍ଧାନରେ ସତେ ଯେପରି ସାରସ୍ୱତ ସାଧକ ବିଷ୍ଣୁ ସେଠୀ ଜଣେ କାବ୍ୟ ମନସ୍କ ବ୍ୟକ୍ତିତ୍ୱ ।

ଜୀବନ ତମାମ ଅଗ୍ନିବର୍ଷୀ ସାଧକ ବିଷ୍ଣୁ ବାବୁ ନିଜ ଆଇନାରେ ନିଜକୁ ଦେଖିବା ପାଇଁ ରାଜନୀତି ଓ ସାହିତ୍ୟକୁ ଘରର କୁଣିଆ କରିଛନ୍ତି । ଅନେକବାର ରାଜନୀତିକ ମଂଚ ଉପରୁ ଧକ୍କା ଖାଇ ତାହାକୁ ଜୀବନର ଗତାନୁଗତିକତା ବୋଲି ଭାବି ନେଇଛନ୍ତି । ସାହିତ୍ୟ ପାଇଁ ସେ ଭୁକୁଂଚନରେ ଶରବିଦ୍ଧ ପକ୍ଷୀ । ସେ କୁହନ୍ତି- "କବିତା ମୋ ପାଇଁ ଅମ୍ଳଜାନ । ଭଲ ପାଇବା ଝିଅକୁ ଭୁଲିହେବ କିନ୍ତୁ କବିତା ବୋଲି ଝିଅକୁ ଭୁଲି ହେବନି , ରାଜନୀତି ମୋ ସର୍ଜନଶୀଳତାର ଘର ଡିହରେ କୁଆଟିଏ ବସାଇ ଦେବାକୁ ନାରାଜ ।"(ପୃ.୪) ଏଥିପାଇଁ ସେ ସାହିତ୍ୟ ଓ ସାମ୍ବାଦିକତାର ବିମୁଗ୍ଧ ମୁହୂର୍ତ୍ତର ମାର୍ଗ ଦର୍ଶକ ଶ୍ରୀଯୁକ୍ତ ମହାମେଘବାହନ ଐରଖାରବେଳ ସ୍ୱାଇଁ ଓ ଯନ୍ତ୍ରଣାର ସହଭାଗିନୀ ଧର୍ମପତ୍ନୀ ଉର୍ମିଳାକୁ ସାଥୀ ବୋଲି ଭାବି ଆଗକୁ ଆଗକୁ ମାଡ଼ି

ଚାଲିଛନ୍ତି । କବିତା ରାତି ଅଧରୁ ବିଷ୍ଣୁ ବାବୁଙ୍କୁ ଉଠାଏ ଆଉ ଶବ୍ଦଗୁଡ଼ିକ ପାରିବାରିକ ସଦସ୍ୟ ବୋଲି ତାଙ୍କୁ ଜଗିବସି ଥାଆନ୍ତି । ଜନ୍ମ ଜନ୍ମାନ୍ତରେ ପୁଣ୍ୟ ଥିଲେ କବି ଜନ୍ମ ନିଏ । ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି ଆଉ ପ୍ରତିଟି କବିତା ସାହିତ୍ୟର ନିଷ୍ପାପ ଆତ୍ମା । ତାହାହିଁ "ଶିରୋଧାର୍ଯ୍ୟ ଶିରୋନାମା"ର ଆଲେଖ୍ୟ ।

"ପୁନଶ୍ଚ ପେଟେଣ୍ଟ ମେଡିସିନ୍ "ଶିରୋନାମାରେ ଲିଖିତ ନିବନ୍ଧରେ ଗବେଷକ ବିଷ୍ଣୁ ବାବୁ ସଂକ୍ରାନ୍ତି ପୁରୁଷ ଫକୀର ମୋହନଙ୍କ ପଦାଙ୍କ ଅନୁସରଣ କରିଛନ୍ତି କାରଣ ସେ ଭଲ ଭାବରେ ବୁଝିଛନ୍ତି ସାହିତ୍ୟ ବିଦ୍ରୋହର ଶାଳବଣର ନିଆଁକୁ ଚହଲାଇ ଦିଏ ଆଉ କେତେବେଳେ ଜହ୍ନ ରାତିରେ ମରଣର ଶ୍ରୀକ୍ଷେତ୍ର ପରିଦର୍ଶନ କରେ । ଆଜିର ସମାଜ ପାଇଁ ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ ସାହିତ୍ୟ ମରଣର ସ୍ୱର୍ଗଦ୍ୱାର । ଡି.ଆଇ. ନିର୍ମଳ ପଟ୍ଟନାୟକ ଛାଂଚୁଣି ପ୍ରହାର ଖାଇଛନ୍ତି ତାଙ୍କ ଡାଟା ଅପରେଟର ଅନିତା ପଟ୍ଟନାୟକଙ୍କଠାରୁ । ସାହିତ୍ୟ ସବୁବେଳେ ସୃଷ୍ଟିର ଅୟମାରମ୍ଭରୁ ସାମାଜିକ ଜୀବନର ଉନ୍ନତି ଓ ପ୍ରଗତି ପାଇଁ ସ୍ୱର ଉତ୍ତୋଳନ କରେ , ଅନ୍ୟାୟ ଓ ଅନୀତିକୁ ପ୍ରତିବାଦ କରେ । ତାହାହିଁ ପ୍ରତିଫଳିତ ହୋଇଛି ପେଟେଣ୍ଟ ମେଡିସିନରେ ।

ଏକ "ମଧ୍ୟଯୁଗୀୟ ବର୍ବରତା "ଆଲୋଚନା ମାଧ୍ୟମରେ ସାରସ୍ୱତ ସାଧକ ବିଷ୍ଣୁ ବାବୁ ମାନବ ଜାତିର ଇତିହାସକୁ ପୃଷ୍ଠା ପୃଷ୍ଠା କରି ଓଲଟାଇଛନ୍ତି । କେଉଁଠି ସେ ଦେଖିଛନ୍ତି ଶୀତଳ ଯୁଦ୍ଧ ଆଉ କେଉଁଠି ମୁଲାୟାମ ଫୁଲର ପାଖୁଡ଼ା ତଳେ ଛିନ୍ ଭିନ୍ ହୋଇଯାଇଛି ଲାଲ ଟୁକୁ ଟୁକୁ କୋମଳମତି ଶିଶୁର ରକ୍ତ-ମାଂସ ବୋଳା ଶରୀର । ସେଥିପାଇଁ ସେ ଲେଖିଛନ୍ତି - "ଶିଶୁମାନଙ୍କୁ ସତରେ ସୁରକ୍ଷାର ପଣତ ଢାଳିଦେବାକୁ ପୃଥିବୀର କେହିବି ଜଣେ କ'ଣ ଜୀବିତ ନାହାଁନ୍ତି ? ଶିଶୁଟିଏ ଈଶ୍ୱରଙ୍କ ପ୍ରାରମ୍ଭିକ ଅଂଶ , ଏ ଯାବତ୍ ଦ୍ରୌପଦୀଙ୍କ ସନ୍ତାନଙ୍କୁ ହତ୍ୟା କରିଥିବା କୌରବମାନେ କ୍ଷମା ପାଇନାହାଁନ୍ତି ।" ଏଥିରୁ ଜଣା ପଡୁଛି ଶିଶୁର ସୁରକ୍ଷା ପାଇଁ ବିଷ୍ଣୁ ବାବୁଙ୍କ ସାହିତ୍ୟ ଏକ ସନ୍ଧିଧାନ ।

(୨)

"ଦୂରଦର୍ଶନ ଓ ଡାଇଭର୍ସନ" ଲେଖକଙ୍କ ଏକ ଅନୁଭୂତି ସଂପନ୍ନ ସଂକ୍ଷିପ୍ତ ସମାଚାର । ପ୍ରାଚୀନତାକୁ ଆଖି ଆଗକୁ ଆଣି ବିଷ୍ଣୁ ବାବୁ ପୁରାଣ , ରାମାୟଣ ଓ ଭାଗବତର ସାୟଂ ଆଲୋଚନାକୁ ଭୁଲି ପାରି ନାହାଁନ୍ତି । ତେଣୁ ସେ କହନ୍ତି

"ଟେଲିଭିଜନ ଏକ ମାନସିକ ବ୍ୟାଧି ।"(ପୃ-୨୨) ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ ସୁପାରିଶ ସହିତ ବହୁରାଷ୍ଟ୍ରୀୟ କଂପାନୀର ପୁଞ୍ଜିନିବେଶ ତଥା ଓଡ଼ିଆ ପୁଅର ରୁଗ୍ଣ ମାନସିକତାକୁ ଦୂର କରିବାରେ ତାହା କେତେଦୂର ସମର୍ଥ ହୋଇଛି ତାହାହିଁ ତାଙ୍କ ସରଳ ଆଲୋଚନାର ଆଭିମୁଖ୍ୟ । ନିଜ ମାଟିର ପ୍ରାଚୁର୍ଯ୍ୟର ସୂର୍ଯ୍ୟୋଦୟ ପରିବର୍ତ୍ତେ ସେ ଅନୁଭବ କରନ୍ତି ଦାରିଦ୍ର୍ୟର ସୂର୍ଯ୍ୟାସ୍ତ । ଯୌବନରେ ରୋମାଣ୍ଟିକ ସ୍ୱୈରୀବାଦ କବିଙ୍କ ହୃଦୟରେ ବସା ବାନ୍ଧିଛି କିନ୍ତୁ ଶ୍ରମିକର ବୁଭୁକ୍ଷା ପରକ୍ଷଣରେ ତାଙ୍କୁ ବିପ୍ଳବୀ କରିଛି । "ବେକାର ରହିବାକୁ ନାହିଁଟି ଅଧିକାର, ସବୁରି ପାଇଁ କାମ ଯୋଗାଏ ସରକାର, କହିବା ପାଇଁ କଥା ସବୁରି ଦାବୀ ଅଛି, ମୁଁ ସେହି ସମାଜର କବିତା ବସେ ରଚି । "

ଯେଉଁ ଦିନ ଉତ୍କଳର ଉଦ୍‌ଗାତା ଉତ୍କଳ ଗୌରବ ମଧୁସୂଦନଙ୍କ କଲମ ମୂନରୁ ଝରିପଡିଲା - "ସର୍ବତ ଦେଖିଲି ମାତା ପଦଚିହ୍ନ ନହେଲା ମାତାର ଭେଟ ।" ସେହିଦିନ ଉତ୍କଳମାତା ଆଶା କରିଥିଲା ମଧୁସୂଦନଙ୍କ ଉତ୍କଳ ପ୍ରୀତି ଆଗାମୀ ଦିନରେ ପ୍ରତ୍ୟେକ ଉତ୍କଳୀୟଙ୍କ ପ୍ରାଣରେ ନବଉନ୍ମାଦନା ସୃଷ୍ଟି କରିବ । ଆଜିର ଉତ୍କଳ ମାତାର ଦୁଃଖ ଦୁର୍ଦ୍ଦଶାକୁ ଦେଖି ବିଷ୍ଣୁବାବୁ ମର୍ମାହତ । ସେ କହନ୍ତି "ଓଡିଶାର ରାଜଧାନୀ ଭୁବନେଶ୍ୱର ନିଜର ପରିଚୟ ପ୍ରଦାନ କରିବାକୁ ସଂକୋଚବୋଧର ଆତ୍ମଗ୍ଲାନିରେ ଶିଟି ଶିଟି ଚାଲିଛି ।"(ପୃ.୨୯) "ଆଜ୍ଞା ଆଜି ବିଶେଷଜ୍ଞ , ରାମ ରାଜ୍ୟ ବନ୍ଧା ନାଗ ପାଶେ ପାଣ୍ଡିତ୍ୟ ଯାଉଛି ଲୁଚି ଶଠତାର ଘୋର ଇନ୍ଦ୍ର ଜାଲେ ।"

ଏକ ଅଶ୍ରୁଳ ଆବେଗର ପରିପାଟୀ 'ଲହରୀ'। ଗ୍ରାମ୍ୟ ଜୀବନର ପରିପାଟୀ ଭିତରେ ନଣନ୍ଦ ଭାଉଜର ମଧୁରିଆ କଥା , ଶାଶୁ ନଣନ୍ଦଙ୍କ ଅନାବିଳ ସ୍ନେହ ମଧ୍ୟରେ ଚଉଠୀ ରାତିର ଅଧୁରା ସ୍ୱପ୍ନ ସବୁ କିଛି ହଜିଯାଇଛି । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଭାଷାରେ- "ନିଃସହାୟ ଶୁଷ୍କ ତୃଣ ପରି ସମୟ ସ୍ରୋତରେ ମୁଁ ଖାଲି ଭାସିଚାଲିଛି ।"ସେହିପରି ଅତୀତର ସ୍ମୃତି ସବୁ ହଜି ଯାଇଛି ତାହା ଭିତରେ ଅଛି ଜଗନ୍ନାଥ ଦାସଙ୍କ ଭାଗବତ, ଗଙ୍ଗାଠାରୁ ଗୋଦାବରୀ ଅଭିଯାନ ଏବଂ ରାମାୟଣ ମହାଭାରତର ଭ୍ରାତୃସ୍ନେହ ଓ ପତ୍ନୀ ନିର୍ଯ୍ୟାତନାର ଚରମ ପରିଣତି । ଖରସୁଆଠାରୁ ଟିକାଲି ମଂଜୁଷା ଯାଏ ଜନ ଜୀବନର ନୀତି ଗତି ବିଷ୍ଣୁ ବାବୁଙ୍କୁ ବିବ୍ରତ କଲା ପରି ମନେହୁଏ । "ସ୍ମୃତି ନୁହେଁ ବାଲିଘର" , "ଡିମ୍ବିର ଗଛ କେଉଁଟା" , "ସତରେ ନରେନ୍ଦ୍ର" ଓ "ଅମୃତସ୍ୟ ପୁତ୍ରା" ଶିରୋନାମାରେ ସାହିତ୍ୟ ସାଧକ ବିଷ୍ଣୁ ବାବୁ ସାମାଜିକ ଜୀବନର ଅନ୍ୱେଷା, ଗ୍ରାମ୍ୟ ଜୀବନର ଧୂଳି ଧୂସରିତ

ପରିବେଶ, ନରେନ୍ଦ୍ର ମୋଦୀଙ୍କ ଅଙ୍କ ଖେଳ ଏବଂ ମାଟି ମା' ସଂସାରର ଏକାତ୍ମକ ଭାବନା ଭିତରେ ଏକ ନୂଆ ସ୍ୱପ୍ନ ଦେଖିଛନ୍ତି । "ଇଚ୍ଛା ହୁଏ ସେଠାକୁ ମୁଁ ଯାଆନ୍ତିକି ଫେରି . ....ପୁଲିସିର ବେତ ମାଡ ଖାଇ ଫେରନ୍ତି ଘରକୁ ।"(କବି ସଚ୍ଚିଦାନନ୍ଦ ରାଉତରାୟ) ସେ ଅନୁଭବ କରି କହନ୍ତି, "ମଣିଷ ଜୀବନ ଶୈଶବର ଦୋଳି ,ଯୌବନର ପ୍ରମୋଦ ଉଦ୍ୟାନ ଆଉ କେତେବେଳେ ବୃଦ୍ଧାବସ୍ଥାରେ ବାରଣାସୀ । ମାଟି ମା'ଓ ମଣିଷର ସଂସାର ଏଇମିତି ବଂଚି ରହୁ ।"(ପୃ.-୫୭)

ଶ୍ରୀଯୁକ୍ତ ସେଠୀ ୧୯୮୩ ମସିହାରେ କଲେଜ ଜୀବନରେ ପ୍ରଥମେ ଗପ ଲେଖିବା ଆରମ୍ଭ କରିଥିଲେ । ସେହି ଗପଟି ସତେ ଯେପରି ମନଛୁଆଁ ସକାଳର ଆବାହନୀ ମନ୍ତ୍ର ଥିଲା । ଠିକ୍ ସେହିପରି ଗୋଟିଏ ବେକାରୀ ଯୁବକର ବୈଧବ୍ୟ ଯନ୍ତ୍ରଣା ପରି "ଚିଟ୍ ଫଣ୍ଡ ଚିଟାଉ "ଏବଂ ରାଜନେତାମାନଙ୍କ କଟାକ୍ଷ ତାଙ୍କ ପାଇଁ ଅସହ୍ୟ ହୋଇଥିଲା । ସତେ ଯେପରି ଆଷାଢ଼ର ରିମ୍ ଝିମ୍ ବର୍ଷା ତାଙ୍କ ଆଖି କୋଣରେ ଲୁହ ହୋଇ ବୋହି ଯାଏ ଓ ହୃଦୟର ଅନୁତାପ ବନ୍ୟା ହୋଇ ଭସାଇ ନିଏ ସାଗର କୋଳକୁ ।

(୩)

ବହୁ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଇଂରାଜୀକୁ ରାଷ୍ଟ୍ରଭାଷା କହିଲା ବେଳେ ଲେଖକ ମହାଶୟ ଓଡିଆ ଭାଷାକୁ ହାତ ପାପୁଲିରେ ଜାବୁଡ଼ି ଧରିଛନ୍ତି । ସେ କହନ୍ତି- ଓଡ଼ିଶା ମୋ ମା' , ଓଡ଼ିଆ ମୋ ଭାଷା , କିନ୍ତୁ ଅନୁତାପର ବିଷୟ ସେ ହୃଦୟଙ୍ଗମ କରିଛନ୍ତି କିପରି ଦୁର୍ବଳ ମାନସିକତାକୁ ପାଥେୟ କରି ବିଚରା ବି.ପି.ଏଲ୍ . ତାଲିକା ଭୁକ୍ତ ବ୍ୟକ୍ତି ପେଟ ପାଇଁ ବିକଳ ହୋଇ ଲମ୍ବା ଲାଇନ୍ ରେ ଠିଆ ହୁଅନ୍ତି , ମନ ଭିତରେ ବିଷ୍ଣୁ ବାବୁଙ୍କର ଭାବନା ଉଦ୍ରେକ ହୁଏ ମୁଁ କ'ଣ ଓଡ଼ିଆ ?" (ପୃ-୬୫) କବି ଆଶୁତୋଷଙ୍କ କବିତାରେ ପ୍ରତିଫଳିତ ହୁଏ -ଦାରିଦ୍ର୍ୟର ଦେବୀଟି ଏପରି ତୁ ଗଳାରେ ପିନ୍ଧି ଥାଉ ଦୁଃଖକୁ ଫୁଲ ମାଳ କରି , ତୋ ପାଖରେ ଜଡ଼ ହୋଇ ଥା'ନ୍ତି ଶତାବ୍ଦୀମାନେ ।"ସାମାଜିକ ଅଙ୍ଗୀକାରବଦ୍ଧ ସ୍ରଷ୍ଟାର ହୃଦୟରେ ଦଳିତ ଚରିତ୍ରମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ବ୍ୟତିତ ଆଉ କିଛି ନୁହେଁ ।

"ପରିଚୟ ସଙ୍କଟରେ ଓଡିଆ"ଏକ ଭିନ୍ନ ସ୍ୱାଦର ଆଲୋଚନା । ଋଷିଆ, ଆମେରିକା ପରି ରାଷ୍ଟ୍ର ନିଜ ସ୍ୱାଭିମାନରେ ଅଟଳ । ନିଜ ପରିଚୟ ପ୍ରଦାନ କରିବାକୁ

କୁଣ୍ଠା ପ୍ରକାଶ କରେ ଓଡ଼ିଆ ପୁଅ । ଓଡ଼ିଶାର ରାଜତନ୍ତ୍ରର ଲୁହ ଓ ଲହୁର କାହାଣୀ କେତେ ଯେ ସେ ଅନୁଭବ କରିଛନ୍ତି ତା'ର ପଟାନ୍ତର ନାହିଁ । ଅତୀତର କଳିଙ୍ଗ ଯୁଦ୍ଧର ସ୍ମାରକୀ ଓ ପାଇକ ବିଦ୍ରୋହର କାହାଣୀ ଏବେବି ତାଙ୍କ ମନରୁ ଭୁଲି ନାହିଁ । ସେହି ସବୁ କଥାକୁ ମନେ ପକାଇ ବିଷ୍ଣୁବାବୁ ଦୁଃଖ ପ୍ରକାଶ କରନ୍ତି ପରକ୍ଷଣରେ ଓଡ଼ିଆ ଜାତିର ସ୍ୱାଭିମାନକୁ ଜଳାଞ୍ଜଳି ଦେବାକୁ ସେ ଆଦୌ ପଶ୍ଚାତପଦ ହୋଇ ନାହାଁନ୍ତି । ଟି.ଏସ୍. ଏଲିୟଟଙ୍କ କହନ୍ତି- କବି ବା ସାହିତ୍ୟିକଙ୍କ ମନ ଏକ ପ୍ଲାଟିନମ୍ ଧାତୁ , ସ୍ୱାଭିମାନତାକୁ ସେମାନେ କେବେ ହେଲେ ଛାଡି ପାରନ୍ତି ନାହିଁ ।" ସେହି କଥାରେ ବୋଧ ହୁଏ ବିଷ୍ଣୁ ବାବୁ ଏକ ପ୍ରକାର ସ୍ଥିର ଚିତ୍ତରେ ନିଜ ଲକ୍ଷ୍ୟ ସ୍ଥଳରେ ପହଁଚି ପାରିଛନ୍ତି । 'ଶିରୋଧାର୍ଯ୍ୟ ଶିରୋନାମା 'ପୁସ୍ତକର ଏହା ଏକ ସ୍ୱତନ୍ତ୍ର ଆଲେଖ୍ୟ ।

"ବାଡ଼ ଯେବେ କ୍ଷେତ ଖାଏ "ସାଂପ୍ରତିକ ଘଟଣାବଳୀ ଉପରେ ଆଧାରିତ ଦୈନନ୍ଦିନ ଜୀବନ ଉପରେ ଆଧାରିତ ମନ ଛୁଆଁ ଘଟଣାବଳୀ । ଭାରତବର୍ଷରେ ଦାଦନ ଖଟୁଥିବା ବ୍ୟକ୍ତି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ପୋଷାପୁଅ । ଯୋଜନା ଉପରେ ଯୋଜନା ପ୍ରଣୟନ କରା ଯିବା ଦେଶ ପାଇଁ ଗୌରବର କଥା କିନ୍ତୁ ସଫଳକାମୀ ବ୍ୟକ୍ତିତ୍ୱଙ୍କ କଥା ଥରେ ଚିନ୍ତା କରାଯିବା ଉଚିତ୍ । "ରିକ୍ତ କରବୀ ଜବା ଫୁଟିବ, ସାମ୍ୟ ମୈତ୍ରୀ ବାଣୀ ଶୁଣି ମଡ଼ ଶ୍ମଶାନରୁ ଉଠିବ ।"(ଅଗଷ୍ଟ ବିପ୍ଳବ)

"ଆକାଶରେ ମେଘ ନାହିଁ , ନଈରେ ବି ସୁଅ ନାହିଁ । କବିର ଜନପଦରେ କିନ୍ତୁ ମୌସୁମୀର ଶୀତଳ ସ୍ପର୍ଶ ।" (ପୃ-୯୩) କବି ବିଷ୍ଣୁ ସେଠୀଙ୍କ ସାହିତ୍ୟ ଜୀବନ ଆରମ୍ଭ ହୋଇଛି ଗଳ୍ପ ପ୍ରକାଶନରୁ । ସେଇଠି ସେ ଅନୁଭବ କରିଛନ୍ତି ମାଦକତା ଭରା ଗଳ୍ପରେ ଶବ୍ଦର ଚାତୁର୍ଯ୍ୟ ନ ରହିଲେ ଗଳ୍ପ ପୂର୍ଣ୍ଣାଙ୍ଗ ହୁଏନାହିଁ । ମୌସୁମୀର ପଶ୍ଚାତ ଧାବନ କରି ମତୁଆଲା ସୂର୍ଯ୍ୟ ଦେବ ଚନ୍ଦ୍ରଭାଗାଙ୍କ ମିଥ୍ ପରି କ'ଣ ଅଟକି ଯାଏ ନାହିଁ । ଏହି ପରି ଅତୀତର କଥାକୁ ସେ କହି ପକାଇଛନ୍ତି ଘାସଫୁଲ ଶିରୋନାମାରେ । ତେଣୁ ସେ କହନ୍ତି- "ସମୟର ନିଷ୍ଠୁର ପ୍ରହାରରେ ଘାସଫୁଲ ଭୂମି ଶାୟୀ ନ ହେଉ ଆଉ ଚିର କାଳ ମୋ ଆଖି ଆଗରେ ହସୁଥାଉ ।"

ନାରୀର ସୌନ୍ଦର୍ଯ୍ୟ ଗଢ଼େ ପୁରୁଷ । କବି ଦୃଷ୍ଟିରେ ଫଗୁଣ ହିଁ ପତ୍ନୀ । ତା'ରି ହାତରେ ନୀଳ ସ୍ୱପ୍ନ ଭୂଣ । ଦାମ୍ପତ୍ୟ ଜୀବନର ହସର ଲହରୀରେ ସଂସାର ହୁଏ ଅମରାବତୀ । ଏହି କଥାଟିକୁ ବିଷ୍ଣୁ ବାବୁ ପ୍ରକାଶ କରନ୍ତି "ଆପଣା ମହତ ଆପେ

ରଖି" ନିବନ୍ଧରେ । ମାତୃକୈନ୍ଦ୍ରିକ ପରିବାରରେ ନାରୀର ଆଦର୍ଶ ସେ ଜମା ଭୁଲି ପାରି ନାହାଁନ୍ତି । ଠିକ୍ ସେତିକି ବେଳେ ସେ ଆହ୍ୱାନ କରନ୍ତି "କରୁଣ ଗୋଲାପି ଅପରାହ୍ଣ"କୁ । ଶିକ୍ଷା ସମାଜ ଗଠନର ମୁଖ୍ୟ ଅଙ୍ଗ ଶିକ୍ଷୟିତ୍ରୀ ମାନେ ସେମାନଙ୍କ ପେଟ ପାଟଣା ପାଇଁ ଧାରଣା ଦେଉଛନ୍ତି ଯେଉଁଥିପାଇଁ ସେ ବିଶେଷ ଭାବରେ କ୍ଷୁବ୍ଧ ।

(୪)

ଗାଁ ଗହଳିର ମାଷ୍ଟରାଣୀ ନିରୀହ ପ୍ରଜାକୁଳ ପରି ସବୁ ସହି ନେଉଛି । ସହରର ଅଧ୍ୟାପିକା ଓ ଆଇ.ଏ.ଏସ୍.ଅଫିସର । କବି ବିଷ୍ଣୁବାବୁ ଚାହିଁ ରହିଛନ୍ତି ଶେଷ ଲଗ୍ନକୁ " ଅପେକ୍ଷାରତ ଗୋଲାପୀ ପରିହିତ ନାରୀ କିପରି ସୂର୍ଯ୍ୟାସ୍ତର ଶେଷ ଲଗ୍ନରେ କରୁଣ କରୁଣ ଗୋଲାପୀବର୍ଣ୍ଣ ପରି "। (ପୃ-୧୦୨)

ଚିଟ୍ ଫଣ୍ଡ୍ ଦୁର୍ନୀତିରେ ସି.ବି.ଆଇ ଜାଲରେ ଅଫିସର ମାନେ ପଡ଼ି ଛଟ ପଟ ହେଉଛନ୍ତି । କବିଙ୍କୁ ଏଇଟା ବୋଧ ହୁଏ ଗଭୀର ଦୁଃଖ ଦେଇଛି । ସାଧାରଣ ଖଟିଖିଆ ମେହେନତକାରୀଙ୍କ ପଇସାରେ ସେମାନେ ମାଲେମାଲ । ଘଟଣା ଓ ଚିନ୍ତାର ସଂଘର୍ଷ ଘଟିଲେ ଜନ୍ମ ନିଏ ସାହିତ୍ୟ । ଏହାହିଁ କବିଙ୍କ ଚିନ୍ତା ଓ ଚେତନାର ଆଦର୍ଶ ।

"ଦିନ ସାରା ରାଜନୀତି ସାହିତ୍ୟ ମୋ ପାଇଁ ସାରା ରାତି ।" ସେଇଥି ପାଇଁ "ତୋରାଣୀ କଂସାର ଭାଇ , ବିଭୂଷିତ ସାହାନାଇର ଉଦାସ ରାଗ ଓ ଘାଇଯାକ ମୁକୁଳାତ" ଆଲୋଚନାରେ ସାହିତ୍ୟିକର ବୁଭୁକ୍ଷା , ବନ୍ୟା ପ୍ରପୀଡିତ ବ୍ୟକ୍ତିର ଦୁର୍ଦ୍ଦଶା ସହିତ "ନାଲିଆ ବାବୁଙ୍କ କିମ୍ବୀର କାନ୍ଦଣା" ପରିଶେଷରେ "ଘାଇ ଯାକ ମୁକୁଳାତ ବନ୍ଧ କେତେ ଦୂରେ" କବିଙ୍କୁ ମର୍ମାହତ କରିଛି । ଅତି ଆବେଗ କଂଠରେ ଝରିପଡ଼ିଛି କବିତାର ମୂର୍ଚ୍ଛନା - "ଜୀବନ ପାତ୍ର ମୋ ଭରିଛି କେତେ ମୋତେ ।" ସାରା ରାତି ସାହିତ୍ୟ ସାଧନାରେ ସେ ଖୋଜି ବସିଛନ୍ତି ଗାଁରୁ ସହର ଓ ସହରରୁ ନଅର ପର୍ଯ୍ୟନ୍ତ ପୁରୁଣା ନୀଳ ଆକାଶକୁ । ରାଜ ପଥରେ ସେ ଦେଖନ୍ତି ଖାଲି ମେଘ ପଲ ପଲ । ତରଙ୍ଗରେ ଛବି ଆଙ୍କି କୋଟି ଜନ୍ମ ଓ କୋଟି ମୃତ୍ୟୁକୁ ଡେଇଁ ସେ ଆଗକୁ ଆଗକୁ ଚାଲିଛନ୍ତି । ଗ୍ରାମାଂଚଳରେ ମୂର୍ତ୍ତି ବିସର୍ଜନକୁ ଦେଖି ସାରସ୍ୱତ ସାଧକ ବିଷ୍ଣୁ ବାବୁ ସରସ୍ୱତୀ ଓ ଗଣେଶ ପୂଜାର ଐତିହ୍ୟକୁ ଆଖି ଆଗକୁ ଆଣିଛନ୍ତି । ଆମ ସଂସ୍କୃତିରେ ଶ୍ରୀଗଣେଶ ଓ ସରସ୍ୱତୀ ବିଦ୍ୟାଦାତା ଓ ବିଦ୍ୟାଦାତ୍ରୀ । କିନ୍ତୁ ଭାରତୀୟ ସଂସ୍କୃତିରେ ଏ ଗୁଡ଼ିକୁ ଲିବେରାଲ କହନ୍ତି ବା ଉଦାରବାଦୀର ପ୍ରତୀକ । ତାଙ୍କ ମତରେ କାଳୀ ଓ ଦୁର୍ଗା

ଆଗ୍ରେସିଭ ଠାକୁର । ହନୁମାନ ପୂଜା ସହରାଂଚଳରେ ବ୍ୟାପକ ଭାବରେ ବଢ଼ିଛି ଏବଂ ଯୁବପିଢ଼ି କାହାରିକୁ ନ ଡରି ରୀତିମତ ସୁରାପାନରେ ବ୍ୟସ୍ତ । ଏହି ସବୁ କାରଣରୁ ସେ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ ।

'କାହାକୁ ଅସୁର କହିବା' , 'ମଝି ମଝିକା ବୁଡ଼ି ମରେ' ଏବଂ 'ପାଂଚ ମନ ଭିତରେ ମନ' ଚୈତନ୍ୟକୁ ଚିହ୍ନିବା ଏକ ଭିନ୍ନ ସ୍ୱାଦର ପର୍ଯ୍ୟାଲୋଚନା । ସମାଜର ମଧ୍ୟମ ବର୍ଗର ଅବବୋଧ କହିଲା ବେଳେ ଲେଖକ ମହାଶୟ ସମାଜରୂପୀ ଯାନର ସର୍ଭର ଉପରେ ଆଖି ବୁଲେଇଛନ୍ତି । ପରକ୍ଷଣରେ ପ୍ରାଚୀନ ଭାଷା ସଂସ୍କୃତ ଆଜି କିପରି ଗବେଷକଙ୍କ ଦ୍ୱାରା ଅଣଆଦର ହୋଇଛି ସେ କଥାକୁ ସେ ସହୃଦୟତାର ସହ ଆଖି ଆଗକୁ ନେଇଛନ୍ତି ।

ସେହିପରି ପଂଚ ମହାଭୂତ ମଧ୍ୟରେ ଆଜି ଅସତ୍ୟର ପ୍ରହାରକୁ ସେ ସହ୍ୟ କରିପାରିନାହାଁନ୍ତି । ନାରୀ ଜାତିର ପ୍ରତୀକ ଦୁର୍ଗା ଏହି କଥାକୁ ସେ ସ୍ୱୀକାର କରିଛନ୍ତି । ଅସୁର ଓ ମଣିଷ ମଧ୍ୟରେ ତଫାତକୁ ସେ କଳନା କରି ପାରୁ ନାହାଁନ୍ତି । "ଏଲୋବା, ଭୂସ୍ଖଳନ, ସୁନାମୀ , ମହାବନ୍ୟା ଓ ମହାବାତ୍ୟା ରକ୍ତଭିଜା ନିଃଶ୍ୱାସର ପ୍ରତିଫଳନ ବୋଲି ସଫେଇ ଦିଅନ୍ତି । କବି ପ୍ରସନ୍ନଙ୍କ ଘୋଷଣା ଅନୁସାରେ - "ମୁଁ ଏକ ଅବଧୂତ ଦୀର୍ଘ ମୋର ଚାଲିବାର ପଥ । ଜନ୍ମ ମୋର କରିବାକୁ ପୂର୍ବକୁ ଲୋହିତ । ଆକାଶର ଚଉହଦୀରେ ସତ୍ୟ ପାଇଁ ଜାଳିବି ମୁଁ ପ୍ରଳୟ ମଶାଲ ।" ମୋ ମାଟି ମା'ର ଭାଷା ଓଡ଼ିଆର ସ୍ୱର୍ଣ୍ଣ ମୁକୁଟରେ ଶାସ୍ତ୍ରୀୟ ମାନ୍ୟତା ନିଶ୍ଚିତ ରତ୍ନ ପଦକ । ଏହି ଅବସରରେ ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ଛତିଶଗଡ଼ କଥାକୁ ବାରମ୍ବାର ଦୋହରାଇଛନ୍ତି ।

(୫)

"ମଧ୍ୟଯୁଗୀୟ ଇତିହାସର ଲୁଟେରାଙ୍କ କାହାଣୀ "ଭିତରେ ସାହିତ୍ୟିକ ଅବଶ୍ୟ ସ୍ତମ୍ଭୀଭୂତ ହୋଇଛନ୍ତି । ଭଦ୍ର ପୋଷାକ ତଳେ ଲୁଟେରା ଜୀବାଣୁ ଆତଯାତ କରେ ଏହି କଥାକୁ ସେ ସ୍ମରଣ କରିଛନ୍ତି । ମଶା ଏକ କ୍ଷୁଦ୍ରକାୟ ଜୀବ ହୋଇପାରେ କିନ୍ତୁ ମାନବ ଜାତି ପାଇଁ ସେ ମରଣର ଦୂତ । ଠିକ୍ ସେହିପରି ଭୁଣାବସ୍ଥାରୁ ବୃଦ୍ଧାବସ୍ଥା ଯାଏ ଆଜି ମଣିଷ ସମାଜରେ ଧ୍ୱଂସକାରୀ ଜୀବ ରୂପେ ପରିଗଣିତ । ଜନୈକ କବିଙ୍କ ଭାଷାରେ - ଭୋକର ବନସ୍ତରେ ଛାଗଳ ଶିଶୁର ଭୟ ଅନ୍ୟ ନାମ ତା'ର ଜରାଜୀର୍ଣ୍ଣ ବିଂଶ ଶତାବ୍ଦୀ ତୁମେ ନିଜେ କାକୁସ୍ଥ ସିପାହୀ ଭାରତବର୍ଷ ।" ବିଷ୍ଣୁ ବାବୁଙ୍କ ସାହିତ୍ୟକୁ

ପୁନର୍ଜୀବନ୍ୟାସର ଯୁଗ ବୋଲି କହିଲେ ଯଥାର୍ଥ ହେବ ଏବଂ ଶିରୋଧାର୍ଯ୍ୟ ଶିରୋନାମା ତାହାର ମୁଖଦର୍ପଣ ।

ଦେବ ଦେବୀଙ୍କ ନାମକୁ ନେଇ ଯେଉଁ ଅଘଟଣ ଘଟି ଯାଉଛି ସେଥିରେ ପ୍ରଜ୍ଞାପୁରୁଷ ବିଷ୍ଣୁ ବାବୁ ବିଶେଷ ଭାବେ ବ୍ୟଥିତ । ଅନ୍ଧ ବିଶ୍ୱାସକୁ ଦୂର କରି ପ୍ରକୃତ ସତ୍ୟର ଚାବି ଖୋଲିଦିଏ ଏହି ମଣିଷ ସମାଜ । " ଯେଉଁ ଶିବ ଭକ୍ତମାନେ କାଳିଦାସଙ୍କ ପରି ଗାଁ ଝିଅଟି ପାଖରୁ 'ବଂ'ର ଅର୍ଥ ନ କହିପାରି ଅପମାନିତ ହୋଇ ଫେରିଲେ , ସେଇଟା ସେମାନଙ୍କର ଦୋଷ ନୁହେଁ । କାରଣ ସାଂସ୍କୃତିକ ଭାବେ ଏହି ଅକ୍ଷରଟି ଓଡ଼ିଆ ଜାତିର ପାରମ୍ପରିକ ନୁହେଁ ।"(ପୃ-୧୪୫) ଆହୁରି ସେ ଦୁଃଖ ପ୍ରକାଶ କରନ୍ତି କାଉଡ଼ିଆ ବାଟରେ ଯିବା ବେଳେ ଇଂଜିନ ଧୂଆଁର ଦୃଶ୍ୟ ଦେଖି । ଶିବଙ୍କ ଗର୍ଭ ଗୃହରେ ଜଳାର୍ଣ୍ଣବ ଦେଖି ଲେଖକ ବ୍ୟସ୍ତ ହୋଇ ପଡିଛନ୍ତି ।

"ଭାବର ପ୍ରଖରତା ଓ ଭାଷାର ତେଜସ୍ୱୀତା ବିପ୍ଳବୀ ସାହିତ୍ୟର ବହିରାବରଣ ହୋଇ ପାରେ । ବିପ୍ଳବୀ ସାହିତ୍ୟ କେବଳ ଧ୍ୱଂସତତ୍ତ୍ୱର ପ୍ରଚାର କରି ନ ପାରେ । " ସେଥିପାଇଁ ବୋଧ ହୁଏ ଅପରାଧୀ ଅଭୟାରଣ୍ୟ ପାଲଟିଥିବା କଟକ, ରାଉରକେଲା, ଓ ବ୍ରହ୍ମପୁର ତଥା ଭୁବନେଶ୍ୱରକୁ ପେଣ୍ଡୁସ୍ଥଳୀ ବୋଲି ନିର୍ଣ୍ଣୟ କରିଛନ୍ତି । କାମନାର ବିନାଶରେ ଦୁଃଖର ବିନାଶ ହୁଏ ଏହି କଥାକୁ ବିଷ୍ଣୁବାବୁ ଭୁଲି ନାହାଁନ୍ତି । ବୌଦ୍ଧ ଧର୍ମର ପେଣ୍ଡୁସ୍ଥଳୀ ଓଡିଶା ପ୍ରତି ତାଙ୍କର ଦରଦ ଅଛି, ଆନ୍ତର୍ଜାତିକ ଶିଳ୍ପ ମାନଚିତ୍ରରେ ଓଡ଼ିଶାର ଭୁବନେଶ୍ୱର ଏକ ଶାନ୍ତିପ୍ରିୟ ସ୍ଥାନ ଏ କଥା ସେ ବହୁବାର ସ୍ୱୀକାର କରିଛନ୍ତି । ଶେଷରେ ସେ କହନ୍ତି -ନିରାପତ୍ତା ବଳୟକୁ ସୁରକ୍ଷା ଦେବା ଆମର ଏକାନ୍ତ କର୍ତ୍ତବ୍ୟ । (ପୃ-୧୫୪)

ମାଟି ଓ ମା'ର ମମତାକୁ କେହି କେବେ ଭୁଲି ପାରେ ନାହିଁ । ଏହି କଥାକୁ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ମାତୃ ବାତ୍ସଲ୍ୟର ଆବରଣ ତଳେ ଅତି ସୁନ୍ଦର ଭାବରେ ପ୍ରକାଶ କରନ୍ତି । ମା' ହୀରାବେନଙ୍କୁ ସେ କିପରି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମହାମହିମ ନରେନ୍ଦ୍ର ମୋଦୀ ସାକ୍ଷାତ କରିଛନ୍ତି ତାହାହିଁ ଏକ ଜ୍ୱଳନ୍ତ ଉଦାହରଣ । ମା'ର ହୃଦୟ ସ୍ନେହ,ପ୍ରେମ ଓ ତିତୀକ୍ଷାରେ ପରିପୂର୍ଣ୍ଣ । "ମା'ଏକ ସ୍ୱପ୍ନପୁରୀ ଇନ୍ଦ୍ରଜାଲ ମାୟା /ଅବା ଏକ ଶାପଦଗ୍ଧା ଗନ୍ଧର୍ବ ତନୟା / ମାଟି ବୁକେ ବିତରୁଛି ଆକାଶର ବିଶାଳ ଫାଲ୍‌ଗୁନ /ସ୍ନେହ ପ୍ରେମ ତିତିକ୍ଷା ଓ ଦୟା ।"

ଜଣେ ସାର୍ଥକ ସ୍ରଷ୍ଟା ମାଟି ମନସ୍କ କବି ବିଷ୍ଣୁ ବାବୁ ସଂସ୍କାରବାଦୀ ଭାବେ ନିଜକୁ ପ୍ରତିପାଦନ କଲା ବେଳେ ସାହିତ୍ୟ ମଧ୍ୟରେ ସାମୟିକ ଭାବେ ରାଜନୈତିକ ଚେତନାକୁ ରୂପଦେବାରେ ଅବହେଳା କରି ନାହାଁନ୍ତି ବରଂ ମନୁଷ୍ୟର ନୈରାଶ୍ୟକୁ ଆନନ୍ଦରେ ହାତ ପାପୁଲିରେ ଜାବୁଡି ଧରିଛନ୍ତି । "ଆଜ୍ଞା ଆଜି ବିଶେଷଜ୍ଞ ରାମରାଜ୍ୟ ବଂଧା ନାଗ ଫାଶେ ପାଣ୍ଡିତ୍ୟ ଯାଉଛି ଲୁଚ୍ଛି ଘୋର ଇନ୍ଦ୍ରଜାଲେ ।"ଏହିପରିପ୍ରେକ୍ଷୀରେ ସେ "ଶ୍ରେଷ୍ଠତାର ଅନୁସନ୍ଧାନ , ପରମାଣୁବୋମା ବିଜୟୀ ଅସରଫା , ନାଥ ନାଥ ଜଗନ୍ନାଥ ଓ ଦେଖଇ ନେତ୍ରେ ଯାହା "ମଧ୍ୟରେ କାବ୍ୟ ପୁରୁଷର କଥାକୁ ଅତି ସରଳ ଭାବରେ ଉପସ୍ଥାପନ କରିବାକୁ ବ୍ୟଗ୍ର ହେଲା ପରି ମନେ ହୁଏ ।

(୬)

କିଛି "ଆଧ୍ୟାତ୍ମିକତା , ବସୁଧୈବକୁଟୁମ୍ବକମ୍‌ର ବାର୍ତ୍ତା, (ପୃ-୧୫୯) ଗ୍ରାମ୍ୟ ଜୀବନର ସୁରକ୍ଷା , କଣିହାରେ ଗର୍ଭିଣୀ ହାତୀର ମୃତ୍ୟୁ, (ପୃ-୧୬୩) ବ୍ୟାଘ୍ର ହତ୍ୟା, ନନ୍ଦନକାନନର ସିଂହ ମୃତ୍ୟୁ , ଆଗକୁ ମାଡି ଆସୁଥିବା ସୁନାମୀ, ଏଡ୍‌ସ୍ ରୋଗର କାହାଣୀ , ସାଇନଫ୍ଲୁ ପରି ରାକ୍ଷସ ରୋଗଙ୍କ ବାର୍ତ୍ତା ,ଅପମାନିତ ଶଂକରାଚାର୍ଯ୍ୟ କାହାଣୀ, ଅସହାୟ ଗଜପତି, କଂଠରୋଧ ଗଣତନ୍ତ୍ର, ନିର୍ବାଚନ ତାତି, ଅହିଂସାରୋଧ ରାଜନୀତି, କାଶ୍ମିରୀ ଠାରୁ କନ୍ୟାକୁମାରୀ ଯାଏ ଭାରତବର୍ଷର ମହିମା, ଥିଲା ବାଲା ଓ ନଥିଲା ବାଲାର ସଂଘର୍ଷ ଏବଂ ବିମୁଦ୍ରାୟନ"ର କାରଣ ସଂପର୍କରେ ସାହିତ୍ୟ ପୂଜାରୀ ବିଷ୍ଣୁସେଠୀ ମହୋଦୟ ଅତି ସୁନ୍ଦର ଭାବେ ମାନବବାଦର ଗର୍ଭଗୃହ ଖୋଲି ଦେଇଛନ୍ତି ଯେଉଁଠି ଅଛି ଏକ ଲମ୍ବା ଜୀବନର ଇତିହାସ । ସତରେ କଳା ଓ ସାହିତ୍ୟ ଦୁଇଟି ଭିନ୍ନ ହେଲେ ମଧ୍ୟ କାବ୍ୟ ମନସ୍କ ବ୍ୟକ୍ତିମାନେ ସାହିତ୍ୟକୁ ମିଶ୍ର କଳା ବୋଲି ଭାବି ବହୁମତ ପୋଷଣ କରିଥା'ନ୍ତି । ସେଥିପାଇଁ ଲେଖକ କେତେବେଳେ ବାଉଁଶକୁ ବଂଇଶୀ, ଆଉ କେତେବେଳେ ପଥରକୁ ଅବଳା କରି ଆକୁମାରୀ ହିମାଳୟ ପର୍ଯ୍ୟନ୍ତ ଭାରତବର୍ଷର ମହିମାକୁ ବଖାଣିବାରେ ବେଶ୍ ପାରଙ୍ଗମତା ଅର୍ଜ୍ଜନ କଲା ପରି ମନେ ହୁଏ ; ଯାହାର ନିଚ୍ଛକ ଦୃଷ୍ଟାନ୍ତ "ଶିରୋଧାର୍ଯ୍ୟ ଶିରୋନାମା"।

ଉଜ୍ଜଳ ଜନନୀଠାରୁ ଦୂରେଇଯାଇଥିବା ଷଢେଇକଳା ,ଖରସୁଆ , ବାଙ୍କୁଡା, ମେଦିନପୁର, ଟିକାଲି , ମଞ୍ଜୁଷା , ରାୟପୁର ଓ ବସ୍ତର ପରି ଅବୈଧ ସନ୍ତାନମାନଙ୍କୁ ସାରସ୍ୱତ ପ୍ରବକ୍ତା ବିଷ୍ଣୁବାବୁ ଅନ୍ତର ଓ ଦରଦ ଦେଇ ସେମାନଙ୍କର ଅବସ୍ଥା ସଂପର୍କରେ

ତନଖି କରି ବୁଝିବାକୁ ଚେଷ୍ଟା କରିଛନ୍ତି , ସେତେବେଳେ ତାଙ୍କ ଆଖିରୁ କାହିଁକି କେଜାଣି ଅମାନିଆଲୁହ ଠପ୍ ଠପ୍ କରି ଗଡ଼ି ପଡ଼ିଛି । ପୁନଶ୍ଚ ସେ ମନେ ପକାଇଛନ୍ତି ନବଉତ୍କଳ ନିର୍ମାତା ମଧୁସୂଦନଙ୍କ "ମା'ମା' ବୋଲି କେତେ ମୁଁ ଡାକିଲି ମା'କୁ ପାଇଲି ନାହିଁ " ବ୍ୟଥିତ ହୃଦୟର ବିଳାପକୁ । ଏହା ଦ୍ୱାରା ଉତ୍କଳ ପ୍ରେମିକ ବିଷ୍ଣୁବାବୁଙ୍କ ଜାତି ପ୍ରୀତି ଓ ଜନ୍ମଭୂମି ପ୍ରତି ମମତା ପ୍ରକଟିତ ହେଉଛି । "ମୋ ମାଟି ମା' ଓଡ଼ିଶା , ମୋ ମାତୃଭାଷା ଓଡ଼ିଆ , ମୋ ପ୍ରଭୁ ସାରା ବିଶ୍ୱର ଶ୍ରୀଜଗନ୍ନାଥ , ଆଜି ଆମ ମାଟିର ଗୀତ ଗୋବିନ୍ଦ କି ବଳଦେବ ରଥ ଆମର ନୁହଁନ୍ତି , ରସଗୋଲା ପରି ଦ୍ରବ୍ୟ ଆମର ନୁହେଁ । " (ପୃ-୧୭୫) ହୁସେନ ରବି ଗାନ୍ଧୀଙ୍କ କବିତାର ପଂକ୍ତି ମନେ ପଡେ- "ଜଗନ୍ନାଥହୋ ! ସବୁ ମାଗୁଅଛି ତୋତେ ଧନ ମାଗୁଅଛି ଜନ ମାଗୁଅଛି , ମାଗୁଛି ଫଳନ୍ତି ଜମିରୁ ହାତେ । " ବାସ୍ତବିକ୍ କବି ବିଷ୍ଣୁ ସେଠାଙ୍କର ଏହି ମାଟି ପ୍ରୀତିକୁ କଳନା କଲେ ଅଥବା ଆଲୋଚନାର ପରିସରଭୁକ୍ତ କଲେ 'ଶିରୋଧାର୍ଯ୍ୟ ଶିରୋନାମା 'ଏକ ଆଦର୍ଶ ପୁସ୍ତକ ହୋଇ କାଳ କାଳ ଧରି ରହିବ ।

କବିଙ୍କର ଦୃଷ୍ଟିପଥାରୂଢ଼ ହୁଏ "ଶ୍ୟାମଳ ପୃଥିବୀର ବିକଳ ଦୃଶ୍ୟ ଓ ଉଜୁଡ଼ି ଯାଉଛି ପ୍ରକୃତି ଉପରେ ।" ସେ କହନ୍ତି- "ଶୁଖି ଶୁଖି ଆସୁଛି ଉତ୍ତପ୍ତ ବୈଶାଖର ସକଳ ସବୁଜିମା । କମି କମି ଯାଉଛି ମାଟିର ଜଳ ରାଶି । ଜଳି ଜଳି ଯାଉଛି ସବୁଜ ଜଙ୍ଗଲ, ଚାରିଆଡେ ଖାଁ ଖାଁ, ଗଛର ଜୀବନ ଅଛି, ଗଛର ହସ ଅଛି, ଗଛର ସେକ୍ସ ଅଛି, ଗଛମାନେ କାନ୍ଦନ୍ତି, ମଣିଷଙ୍କ ପରି ସେମାନେ ଈଶ୍ୱରଙ୍କ ସର୍ଜନା ବିନା ପଇସାରେ ପାଇଛନ୍ତି ଆମେ ଅଶାନ୍ତ ସୂର୍ଯ୍ୟଙ୍କୁ ଏବଂ ମାଗଣା ନିଃଶ୍ୱାସ ପାଇଁ ମୁଠା ମୁଠା ପବନକୁ ।"ହୃଦୟର ଅନୁଭୂତିକୁ ନେଇ ଯେତେ ସବୁ ସ୍ୱପ୍ନ ଅଛି ତାହା ଅସୁମାରୀ, ମାତ୍ର ତାହା ପାଇଁ ରାତି ଖୁବ୍ କମ୍ , ସେହି ସ୍ୱଳ୍প ସମୟ ଭିତରେ ସେ ପୂର୍ଣ୍ଣାଙ୍ଗ କରିଛନ୍ତି 'ଶିରୋଧାର୍ଯ୍ୟ ଶିରୋନାମା'କୁ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ । "ମାନବବାଦର ପଥେ, ଅପର ଜୀବନ ପାଇଁ କରିଦିଅ ଧରିତ୍ରୀକୁ ସୁନ୍ଦର ଉଦ୍ୟାନ ।"

(୭)

"ଟଙ୍କା କ'ଣ ଗଛରେ ଫଳେ ଓ ଓଡ଼ିଆ ମାଟିର ବିରଳ ପୁରସ୍କାର" ଦୁଇଟି ଆଲୋଚନାତ୍ମକ ନିବନ୍ଧରେ କବି ବିଷ୍ଣୁ ବାବୁଙ୍କ ମାନବବାଦୀ ଚେତନା ପରିଦୃଷ୍ଟ । ବର୍ତ୍ତମାନ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ମୃତ୍ୟୁରୂପୀ ରନ୍ଧନଗ୍ୟାସ

ସାମଗ୍ରୀ ମାନସିକସ୍ତରରେ କୋକୁଆ ଭୟ ସୃଷ୍ଟି କରିଛି । ରିଜର୍ଭ ବ୍ୟାଙ୍କର ଟଙ୍କାଶାଳାରୁ ସିନା ଟଙ୍କା ଜନ୍ମ ନିଏ କିନ୍ତୁ ପ୍ରକୃତ ଟଙ୍କା ଚାଷୀର ଚାଷ ଜମି ଓ ଜଙ୍ଗଲର ଅନାବନା ଘାସରେ ଥାଏ ।

"ଓଡ଼ିଆ ମାଟିର ବିରଳ ପୁରସ୍କାର " ଶିରୋନାମାରେ କବି କହନ୍ତି- ସାରସ୍ୱତ ସ୍ରଷ୍ଟାଟିଏ କାଗଜ କଲମ ଧରି ଅଟକି ଯାଏ ଘନ କୁହୁଡ଼ି ଆଚ୍ଛନ୍ନ ଗଙ୍ଗା ନଦୀର ସୌନ୍ଦର୍ଯ୍ୟ ନିକଟରେ , ଶେଷରେ ତାକୁ ମିଳେ ଭାଷାଗତ ଶାସ୍ତ୍ରୀୟ ମାନ୍ୟତା । ତାହା ଓଡ଼ିଆ ଜାତିର ନାମଜାରିଯୁକ୍ତ ରାଜସ୍ୱ ଦଲିଲ । ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଆମ ଉପରେ ନ୍ୟସ୍ତ । (ପୃ-୧୯୨) "ପୁନଶ୍ଚ ଓଡ଼ିଆ ଜାତି ଅସ୍ମିତାର ପୁଣ୍ୟତିଥି ଏପ୍ରିଲ ୧ ତାରିଖ । ହଜୁ ହଜୁ ଅଟକି ଯାଇଛି ଏହି ମହାନ ଜାତିର କଥା-ଇତିହାସ , ଶାସ୍ତ୍ରୀୟ ମାନ୍ୟତା ଓଡ଼ିଆ ଜାତିର ଐତିହାସିକ ସନନ୍ଦ , ବିସ୍ମୃତିର ଗଭୀର ଗହ୍ୱରକୁ ମୁକୁଳି ଆସିବାର ଦିଗବାରେଣୀ ।"

ସାହିତ୍ୟ , ସଂସ୍କୃତି , ରାଜନୀତି ଓ ଅର୍ଥନୀତିର ବୈକୁଣ୍ଠକୁ ଅଧିକାର କରେ କବି ଓ ସାହିତ୍ୟିକ । ସେମାନଙ୍କ ପାଇଁ ପ୍ରାତଃ ସ୍ମରଣୀୟ ହୁଏ ରାଜତିଳକ ପର୍ବର ବିସ୍ତୃତ ବିବରଣୀ ଆଉ ଅନ୍ଧ ଧୃତରାଷ୍ଟ୍ର ଭଳି ସମ୍ରାଟମାନଙ୍କ ପାଇଁ ଦିବ୍ୟ ସାରସ୍ୱତ ଦୃଷ୍ଟିଧାରୀ କବି କ୍ରାନ୍ତିର ସଞ୍ଜୟ ସାଜି ଲେଖିଦିଏ "ଶିରୋଧାର୍ଯ୍ୟ ଶିରୋନାମା "ପରି କାଳଜୟୀ ପୁସ୍ତକ । ତାହା ଗବେଷକଙ୍କ ପାଇଁ ହୁଏ ସୁନାର କଷଟିପଥର ,ଫିଙ୍ଗିଦେଇ ସବୁ ଅହଂକାର ।

ଶେଷରେ ସେ ସର୍ବବ୍ୟାପୀ ଓ ସର୍ବସ୍ୱର୍ଗୀ ଜଗତରନାଥ ଜଗନ୍ନାଥଙ୍କଠାରେ ଶରଣାପନ୍ନ ହୋଇ ଦେଶର ଦୁଃଖ ଦୂର କରିବା ପାଇଁ ପ୍ରାର୍ଥନା କରନ୍ତି । ଜଗନ୍ନାଥ କେବଳ ପୁରୀର ଦେବତା ନୁହଁନ୍ତି କିମ୍ବା ପଣ୍ଡା ପଡିହାରୀ ବା ସେବାୟତର ଠାକୁର ନୁହଁନ୍ତି ସେ ସମଗ୍ର ଭୌଗୋଳିକ ମାନଚିତ୍ରର ଅକ୍ଷାଂଶ ଓ ଦ୍ରାଘିମା । "ଯେଉଁଦିନ ସାରାବିଶ୍ୱର ମଣିଷ ମହାପ୍ରଭୁଙ୍କୁ ଛୁଇଁ ପାରିବେ ସେହିଦିନ ହୁଏତ ସର୍ବସ୍ୱର୍ଗୀର କାଣିଚାଏ ଭାବନା ପରିପୂରଣ ହେବ ।"

ପ୍ରକୃତରେ "ଶିରୋଧାର୍ଯ୍ୟ ଶିରୋନାମା" ଏକ ଜାତୀୟ ଚେତନା ଉଦ୍ଦୀପକ, ରାଜନୈତିକ , ସାଂସ୍କୃତିକ , ଆଧ୍ୟାତ୍ମିକ , ସାମାଜିକ ଓ ମାନବବାଦର ଐତିହାସିକ ଦଲିଲ । ଭଲପାଇବାର ଦିବ୍ୟ ଦ୍ୟୋତନାରେ ପୁସ୍ତକ ଦୀପ୍ତିମନ୍ତ , ଗ୍ରାମୀଣ ମାନସିକତାରେ ସାହିତ୍ୟିକ ବିଷ୍ଣୁବାବୁଙ୍କ ଭାବନା ଶୁଚିସ୍ନାତ , ଶବ୍ଦ ମାଟିର ବାସ୍ନାରେ ବାସ୍ନାୟିତ ପ୍ରତ୍ୟକ୍ଷ ଓ ଅମୃତ ଚେତନାର ରସଘନ ରୂପ । ଲୋକ ସଂସ୍କୃତି ଓ ଲୋକ

ଉପାଦାନର ପ୍ରୟୋଗ ମଧ୍ୟରେ ଆମୂଳ ଅନୁସନ୍ଧାନ ଏବଂ ତାରି ଭିତରେ ସେ ହିପୋକ୍ରାସିକୁ ପ୍ରଶ୍ରୟ ନଦେଇ ସ୍ନିଗ୍ଧ ଓ ସୁନ୍ଦର ପରିବେଶରେ ଅତୀତର ସ୍ମୃତି ରୋମନ୍ଥନ କରିବା ଜଣେ ବର୍ଷୀୟାନ କବିର ଲକ୍ଷଣ । ୧୯୮୩ ମସିହାରୁ ଏ ଯାବତ୍ ତାଙ୍କର ଅତନ୍ଦ୍ର ସାହିତ୍ୟ ସାଧନା ଅହଂବିନିର୍ମୁକ୍ତ ହୃଦୟର ସମର୍ପଣ ଓ ପ୍ରାଣବନ୍ତ ସମଗ୍ରତାକୁ ଧରି ମାନବୀୟ ସଂକଳ୍ପ ହେଇଛି ସ୍ପଷ୍ଟ ଓ ଶାଣିତ । ଶବ୍ଦ ପ୍ରତିମା ଭିତରେ ଭାବପ୍ରକଳ୍ପ ପରମ୍ପରା ହୋଇଛି ନୂତନତାର ଅଭିଷେକ ।

ସଂପାଦକ,ନାରାୟଣ ସ୍ମୃତି ସାହିତ୍ୟ ସଂସଦ ,
କୋହ୍ନ,ତିହିଡି, ଭଦ୍ରକ
ମୋ-୯୪୩୭୫୭୪୪୬୨

❑❑❑

‘ପବନ ପଣତ’ରେ ଜୀବନବୋଧ

● ମନୋରଞ୍ଜନ ମହାନ୍ତି

ଆଧୁନିକ ଓଡ଼ିଆ କବିତାରେ ସୁପରିଚିତ, ଶ୍ରଦ୍ଧାଶୀଳ ନାମଟିଏ ନାରାୟଣ ପଣ୍ଡା, ଯାହାଙ୍କର ଏଯାବତ୍ ପ୍ରକାଶିତ ନଅଗୋଟି କବିତା ସଂକଳନ ମଧ୍ୟରେ ଗୋଟିକର ଶୀର୍ଷକ ହେଉଛି ‘ପବନ ପଣତ’, ପ୍ରକାଶନ ବର୍ଷ ୨୦୦୫ । ଉଭୟ ପବନ ଓ ପଣତ ସହିତ ଆମେ ଆଜନ୍ମ ପରିଚିତ । ଜୀବନଦାୟୀ ପବନ ପୃଥିବୀର ସମସ୍ତ ଭାଷାର ସାହିତ୍ୟସ୍ରଷ୍ଟାମାନଙ୍କୁ ସୀମାହୀନ ପ୍ରେରଣା ଯୋଗାଇଥିଲା ଭଳି ମଣିଷର ଶୈଶବରେ ସ୍ନେହମୟୀ ମା’ର ପଣତ ସେମାନଙ୍କୁ ଅଭୟ ବାଣୀ ଶୁଣାଇଥାଏ । ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର କବି ୱାର୍ଡ୍ସୱାର୍ଥ୍, କଲେରିଜ୍, ଶେଲୀ, ବାଇରନ୍, କୀଟ୍ସ ପ୍ରମୁଖଙ୍କ ପ୍ରକୃତି-କବିତାରେ ବାୟୁମଣ୍ଡଳର ବିପୁଳତା ଓ ପ୍ରାଣପ୍ରାଚୁର୍ଯ୍ୟ ପାଠକକୁ ବିଭୋର କରେ । ବୋଧହୁଏ ସତେ ଯେପରି ପବନ ତା’ର ପଣତରେ ପ୍ରାଣୀଜଗତକୁ ଆଉଁଶି ଦେଉଛି, ପ୍ରାଣୀମାନଙ୍କ ମନୋମଣ୍ଡଳରେ ଆଶା ବିଶ୍ୱାସର ଅମୃତମୟ ମନ୍ତ୍ରଧ୍ୱନି ଭରିଦେଉଛି । ବେଦରେ ବର୍ଣ୍ଣିତ ପରମ ପୁରୁଷଙ୍କ ପ୍ରକଟନ କ୍ଷିତି, ଅପ, ତେଜ, ବ୍ୟୋମ, ମରୁତ ପଞ୍ଚଭୂତ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମରୁତର ଲୀଳାମୟ, ଐଶ୍ୱର୍ଯ୍ୟମୟ, ମାଧୁର୍ଯ୍ୟମୟ ପ୍ରକାଶକୁ ଆମେ ଅବଲୋକନ କରିପାରୁନା, ଅନୁଭବ କରୁ, ଠିକ୍ ଯେମିତି ପଣତର ମଧୁର ସ୍ପର୍ଶ । ଉଭୟ ପବନ ଓ ପଣତର ସ୍ପର୍ଶ ଅଦୃଶ୍ୟ, କେବଳ ଅନୁଭବ୍ୟ । ପବନ ଯେମିତି ଜୀବନବୋଧର ସୂଚକ, ପଣତ ସେମିତି ।

ଜୀବନବୋଧ କହିଲେ ପବନ ଭଳି ବିପୁଳତା, ବ୍ୟାପ୍ତିଶୀଳତାକୁ ବୁଝାଏ । ଆହୁରି ମଧ୍ୟ ପଣତ ଭଳି କୋମଳତା, ସ୍ନେହାର୍ଦ୍ରତାକୁ ବୁଝାଏ । ଜୀବନର ଉତ୍‌ପତିଷ୍ଣୁ ଦିଗନ୍ତ ଅର୍ଥାତ୍ ଉନ୍ମୋଚନ, ଉତ୍ତରଣ ଓ ଉପଲବ୍ଧିର ସମନ୍ୱୟ ହିଁ ଜୀବନବୋଧ । କବି ନାରାୟଣ ପଣ୍ଡାଙ୍କ ‘ପବନ ପଣତ’ କବିତା ପୁସ୍ତକ ଜୀବନର ସେହି ବିଭାବତ୍ରୟକୁ ଆଧାର କରି ଜୀବନ-ବିଭାରେ ସମୁଜ୍ଜ୍ୱଳ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ତା’ର ପରିବେଶରେ କେତେ ଯେ ଲୀଳାଖେଳା କରେ, କେତେ ଆଶା-ନିରାଶା, ଆନନ୍ଦ-ନିରାନନ୍ଦ, ସାଫଲ୍ୟ-ବୈଫଲ୍ୟ ମଧ୍ୟଦେଇ ଗତିଶୀଳ ହୁଏ, ତାହା ଅନିର୍ବଚନୀୟ ।

ସମଗ୍ର ଜୀବନର କାଳଖଣ୍ଡରେ ମଣିଷ ଭିନ୍ନଭିନ୍ନ ପରୀକ୍ଷାରେ ଅବତୀର୍ଣ୍ଣ ହେଉଥାଏ । ଜୀବନ ସହିତ ପରୀକ୍ଷଣ, ଜୀବନର ସୂକ୍ଷ୍ମ ନିରୀକ୍ଷଣ ଓ ଜୀବନ ସମ୍ବନ୍ଧୀୟ ସିଦ୍ଧାନ୍ତ ଗ୍ରହଣ ହିଁ ଯଥାର୍ଥ ଜୀବନବୋଧ । ତମାମ ଜୀବନ ପରୀକ୍ଷା । ବିଫଳତାକୁ ଛାତି ତଳେ ଚାପି ମଣିଷ ତଥାପି ବାଟ ଚାଲୁଥାଏ ସଫଳତା ପ୍ରାପ୍ତିର ଆଶାରେ । ନୈରାଶ୍ୟର ଅନ୍ଧାର ଭିତରେ ଆଶାର ପ୍ରଦୀପଟିଏ ତଥାପି ଜଳୁଥାଏ । ମୃତ୍ୟୁ ଭିତରେ ଅମୃତର ସ୍ୱର୍ଶ ମଣିଷକୁ ରୋମାଞ୍ଚିତ, ପୁଲକିତ କରୁଥାଏ । ମଣିଷ ଲକ୍ଷ୍ୟ କରେ ତା' ଆଖି ଆଗରେ ଦୈନନ୍ଦିନ ମଣିଷମାନଙ୍କର ଦେହାନ୍ତ ହେବାର ଦୃଶ୍ୟ, ତଥାପି ଦେହ ପ୍ରତି ତା'ର ଆସକ୍ତି, ମନୋଭୂମି ପ୍ରତି ମମତ୍ୱବୋଧ, ପ୍ରାଣ ପ୍ରତି ପ୍ରୀତିଭରା ଆକର୍ଷଣ । ଟି.ଏସ୍.ଇଲିଅଟ୍ 'Pain is a kind of joy' କହିଲାବେଳେ ଆମକୁ ସ୍ମରଣ କରାଇଦିଅନ୍ତି ସମସ୍ତ ଜୀବନ ଜଞ୍ଜାଳ ଯନ୍ତ୍ରଣା ଭିତରେ ଆନନ୍ଦର ଅମୃତଧାରା ବର୍ଷଣର ଆବେଗଭରା ଅନୁଭବ । ରବୀନ୍ଦ୍ରନାଥ ଠାକୁର କହିଲା ଭଳି 'ମରିତେ ଚାଇନା ଆମି ସୁନ୍ଦର ଭୁବନେ' । ସୌନ୍ଦର୍ଯ୍ୟରେ ଭରା ଏଇ ବିଶ୍ୱବ୍ରହ୍ମାଣ୍ଡରେ ମଣିଷ ସ୍ୱତଃସ୍ଫୁର୍ତ୍ତ ଭାବରେ ଅନୁଭବ କରିପାରେ ପାହାଡ଼ ପର୍ବତରେ ପରିପୂର୍ଣ୍ଣ ପୁଲକ, ସରିତ ସମୁଦ୍ରରେ ସୀମାହୀନ ସ୍ନେହ, ମାଟି ମରୁତର ମମତାମୟ ମନୋଦୃଷ୍ଟି, ଅଗ୍ନି ଆକାଶର ଅଫୁରନ୍ତ ଆକର୍ଷଣ । କାହିଁକି ସେ କହିବ ଏ ଜୀବନ ମୃତ୍ୟୁସିନ୍ଧୁର କରାଳ ଲହରୀ ଭେଟିବାକୁ ଧାଉଁଛି ? ତା'ର କଣ୍ଠରୁ ସ୍ୱତଃ ଝରି ଆସିବ 'ଏ ଜୀବନ ଅମୃତମୟ, ଆନନ୍ଦମୟ' ଭଳି ଉଦାତ୍ତ ଶବ୍ଦମାନଙ୍କର ଶଙ୍ଖନାଦ । ୱାର୍ଡ୍‌ସ୍‌ୱାର୍ଥ୍ ଡାଫୋଡିଲ୍ ଫୁଲଗୁଡ଼ିକୁ ଦେଖି, ଏକାକିନୀ କୃଷକକାମିନୀର ସଙ୍ଗୀତ ଶୁଣି, କଲେରିଜ୍ ଆମ ଚତୁଃପାର୍ଶ୍ୱସ୍ଥ ପ୍ରକୃତିରେ ନିରବିତ ମୁହୂର୍ତ୍ତଗୁଡ଼ିକୁ ଅନ୍ତଃକରଣରେ ଅନୁଭବ କରି, ୟେଟ୍ସ ରାଜହଂସର ମୁକ୍ତ ଉଡ଼ାଣକୁ ଅବଲୋକନ କରି, ହାର୍ଡ଼ି ପ୍ରତି ପ୍ରତ୍ୟୟ ପୁଲକଭରା ଗ୍ରାମ୍ୟ ପରିବେଶରେ ପରିପୁଷ୍ଟ ହୋଇ କେମିତି ଅତିଶୟ ଆନନ୍ଦାନୁଭୂତି ଅର୍ଜନ କରିପାରିଛନ୍ତି ସତରେ ! ଠିକ୍ କବି ନାରାୟଣ ପଣ୍ଡା କହିଲା ଭଳି,

'କହେ ଦେଖୁନ / କି ସୁନ୍ଦର ପୃଥିବୀ ! /ପାଣି ପବନ ଆକାଶ / କାବୁ କରିଛି ମତେ ।' (ଛାଇ ପରି ନିଜର)

ଫୁଲ ଥାଉ କି କଣ୍ଟା, ଆଳୁଅ ଥାଉ କି ଅନ୍ଧାର, ପ୍ରେମ ଥାଉ କି ପ୍ରତାରଣା, ଜୀବନର ଆକର୍ଷଣ ସବୁବେଳେ ମଧୁର, ମହତ୍ତ୍ୱପୂର୍ଣ୍ଣ, ମମତାମୟ, ସମ୍ପର୍କସ୍ନିଗ୍ଧ,

ସଂହତିପ୍ରବଣ । ଅଦୃଶ୍ୟର ଇଙ୍ଗିତରେ କ'ଣ ସବୁ ଘଟିଯାଏ, ତେଣୁ ସୁନ୍ଦର ବ୍ରହ୍ମାଣ୍ଡର ପାଣି, ପବନ, ଆକାଶ କାବୁ କରିଥିବା କବିଟିଏ ପ୍ରତି ରାତିର ସକାଳକୁ ନବଜନ୍ମ ଦିଏ । ଶେଲୀ କହିଲା ଭଳି 'Poets are the unacknowledged legislators of the world.' କିମ୍ବା ସେକ୍ସପିୟର୍ ଯେମିତି କହନ୍ତି, 'Poet's eye in a fine frenzy rolling / Doth glance from heaven to earth / from earth to heaven / and as imagination bodies forth / The forms of things unknown / the poet's pen turns them to shapes / and gives to airy nothing / a local habitation and a name.' ଠିକ୍ ସେମିତି କବି ନାରାୟଣ ପଣ୍ଡା କହନ୍ତି, 'କ'ଣ ସବୁ ଘଟିଯାଏ / ଅଦୃଶ୍ୟର ଇଙ୍ଗିତରେ / କବିଟିଏ / ପ୍ରତି ରାତିର ସକାଳକୁ ନବଜନ୍ମ ଦିଏ ।' (ସ୍ନେହମୟୀ) । କବିର ଅନ୍ତର ଚିରକାଳ ମୁଗ୍ଧ, ଶୁଭ୍ର, ଗଭୀର, ଦିବ୍ୟ ରସରେ ଦ୍ରବୀଭୂତ । କବିର ଅନ୍ତରରୁ ମଧୁମୟ ସୁର, ଜାହ୍ନବୀ ଧାରା ନିଃସୃତ ହୁଏ, ନିଃସ୍ୱକୁ ବିଶ୍ୱକୁ ସେ ହସାଇପାରେ । ଯିଏ ପବିକୁ ତରଳାଇପାରେ ସେ କବି । 'ପ୍ରତି ରାତିର ସକାଳକୁ କବି ନବଜନ୍ମ ଦେବା'ର ଅଭିବ୍ୟକ୍ତିଟି ଗଭୀର ଆଶାବାଦରେ ଅନୁରଣିତ ଜୀବନୋପଲବ୍ଧି, ଜଗତର ଉଦ୍‌ଭାସ ଭିତରେ ଜୀବନର ପ୍ରତିଭାସ, ନୂଆ ରୂପ ରଙ୍ଗ ରସ ସମନ୍ୱିତ ଜୀବନର ଉଦୟ ଅଭିଷେକ, ବିପୁଳ ବିଶ୍ୱାସର ବିଭୂତିମଣ୍ଡିତ ବୈଶ୍ୱିକ ଚିନ୍ତନର ଚାରୁ ଚିତ୍ରଟିଏ ପ୍ରଦାନ କରୁଛି ।

ମାଟି, ମା'ର ଆକର୍ଷଣ ଭିତରେ ଜୀବନର ଅନ୍ୱେଷଣ, ଅନୁଧ୍ୟାନ ଓ ଅନୁଶୀଳନ 'ପବନ ପଣତ' କବିତା ସଂକଳନଟିକୁ ଆରୋହଣ କରାଇନେଇଛି ଏକ ଗାଢ଼ ଓ ଗଭୀର ଜୀବନବୋଧର ପର୍ଯ୍ୟାୟକୁ । ଖୋଲା ଆକାଶ ତଳେ ଷଠିଘର, ଶ୍ୟାମଳ ଶୈଶବ, ଗାଁ ଚାହାଳି, ଗୋଧୂଳିର ରଙ୍ଗ, ମଳିଆ ପାଇଜାମାରେ ଅନେକ ଭାଙ୍ଗ, ମିଛିମିଛିକା ଧୂଳି ଘରେ ସାଙ୍ଗ ପରଷୁଥିବା ସାତ ତିଅଣ ନଅ ଭଜା, ବାପାଙ୍କ ନାଲି ଆଖି, ବୋଉର ମିଠା ଡାକ, ମୁସୁମୁସୁ ଉଷୁମ କୋଳ, ଫୁଲତୋଳା, କଙ୍କିଧରା, ସାଙ୍ଗସାଥୀ ପୁଆ ବାଡ଼ିଖେଳ, କୁହୁଡ଼ିଆ ପାଗର ଅଳସ ଅପରାହ୍ଣ, ଓଳିତଳ ବର୍ଷାପାଣିରେ କାଗଜଡଙ୍ଗାର ଶୋକ, ଫୁଲର ପସରା ଧରି ସକାଳର ଆଗମନ, ଫୁଲସଭାରୁ ଫେରୁଥିବା ପ୍ରଜାପତି, ଅଧାଖିଆ ପିଜୁଳି, ପତର ଶେଯ, କାନିସିରି ଶାଗ, ବଡ଼ିଭଜା, ଧାନର ଫୁଲଉଡ଼ା ସମୟ, ଅସମୟରେ ଗଜାମରୁଡ଼ି, ବୁଢ଼ାପେଚାର ଡାକ ଭଳି ଅନ୍ୟାନ୍ୟ

ଅନେକର ଅନୁଭୂତି ଅନୁଭବ ବାସ୍ତବରେ ପାଠକ ପାଇଁ ବିହ୍ୱଳ, ବିଭୋର ହେବାର ମଧ୍ୟ ମୁହୂର୍ତ୍ତ ରଚନା କରନ୍ତି ।

'ବୋଉର / ସାତସିଆଁ ମଳିଚିଆ ପଣତ / ବଡ଼ଦେଉଳର ନେତଠାରୁ / ଅଭୟଦାୟୀ । / ବାପାଙ୍କ / ଝାଳପିଆ ଝାଲରା ଗାମୁଛା / ଧନୀ ସାଧବର / ସୁବାସିତ ଅଙ୍ଗବସ୍ତ୍ରଠାରୁ ସୁନ୍ଦର । / ବୁଢ଼ୀମାଆର /ପଖାଳ ସାଙ୍ଗକୁ ହାତପାଗ / ପଞ୍ଚତାରକା ହୋଟେଲର ଖାଦ୍ୟଠାରୁ / ବେଶ୍ ରୁଚିକର । / ଗାଆଁର ମଳିନ /ମୋଡ଼ ବୁଲାଣି ଗଳି ସରୁ ରାସ୍ତା / ନଗରର ରାଜରାସ୍ତାଠାରୁ / ଅତି ଆପଣାର ।' (ସ୍ମୃତିତୀର୍ଥ) ଭଳି ଭାବବ୍ୟଂଜିତ କାବ୍ୟିକ ପ୍ରକାଶଗୁଡ଼ିକ କେବଳ ବିହ୍ୱଳ ମୁହୂର୍ତ୍ତ ରଚନା କରନ୍ତି ନାହିଁ, ଜୀବନ-ତୀର୍ଥରେ ଅବଗାହନର ସ୍ୱର୍ଣ୍ଣ ସୁଯୋଗ ସୃଷ୍ଟି କରନ୍ତି । ଯାହାଙ୍କୁ ଦେଖିଲେ ଅନ୍ତରରେ ତରଙ୍ଗ ସୃଷ୍ଟି ହୁଏ ସେ ଅନ୍ତରଙ୍ଗ । ବୋଉର ମଳିଚିଆ ପଣତ, ବାପାଙ୍କ ଝାଳପିଆ ଗାମୁଛା, ବୁଢ଼ୀମା'ର ପଖାଳ, ଗାଁର ଧୂଳିଧୂସରିତ ସଂକୀର୍ଣ୍ଣ ରାସ୍ତା ସବୁ ସେହି ଅନ୍ତରଙ୍ଗତାର ଗୋଟିଏ ଗୋଟିଏ ପ୍ରତୀକ । ଜୀବନ ଓ ଜଗତକୁ ପ୍ରେମାସ୍ୱଦ ବୋଲି ବିଚାର କରିବା ଯୁଗେ ଯୁଗେ କବିର ସ୍ୱଧର୍ମ । ଗ୍ରାମ୍ୟ ପରିବେଶର ଚୁମ୍ବକୀୟ ଆକର୍ଷଣ, ପ୍ରିୟ ପରିଜନଙ୍କ ସ୍ନେହାତିଶଯ୍ୟର ଯାଦୁକରୀ ସ୍ପର୍ଶ, ପାରସ୍ପରିକଭାବ ବିନିମୟରେ ସୀମାହୀନ ସହୃଦୟତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ସମଭିବ୍ୟାହାର ଇତ୍ୟାଦି କବିର କଲମରେ ସ୍ୱତଃ ଭରିଦିଏ ଅଜସ୍ର ଅମୃତର ଆବେଦନ । ଗ୍ରାମୀଣ ପରିସରକୁ ଟମାସ୍ ହାର୍ଡ଼ି "Far from the madding Crowd" କହିଲାବେଳେ ଆମ ଆଖି ଆଗରେ ଜୀବନ୍ତ ହୋଇ ଦିଶିଯାଏ ଗାଁର ଶାନ୍ତ ସ୍ଥିର ବାତାବରଣ, ଅନିର୍ବଚନୀୟ ସୁଷମାଭରା ବହିଃପ୍ରକୃତି ଓ ତତ୍ ସହିତ ସମାନ୍ତରାଳତା ରକ୍ଷାକରି ଗତି କରୁଥିବା ବୋଉ, ବାପା, ବୁଢ଼ୀମା' ଓ ଅନ୍ୟମାନଙ୍କର ଅପ୍ରମିତ ସରଳତାଭରା ଅନ୍ତଃପ୍ରକୃତି । ବହିଃପ୍ରକୃତି ଓ ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରଦାନ କରୁଥିବା କବିତା ସ୍ୱଭାବତଃ ରସୋତ୍ତୀର୍ଣ୍ଣ । ପ୍ରତି ସକାଳେ ଚଉରା ମୂଳେ ବୋଉର ହାତଟେକା ପାଣି ଆଞ୍ଜୁଳାରେ ସୂର୍ଯ୍ୟ ପହରା ଦେଉଥିବା, ଗାଁ ଟୁଙ୍ଗିରେ ବାପାଙ୍କ ଭାଗବତ ଆବୃତ୍ତିରେ କୃଷ୍ଣ ଲବଣି ମାଗୁଥିବା, ବୁଢ଼ୀମା'ର ଗପପେଡ଼ିରୁ ରାଜା, ମନ୍ତ୍ରୀ, ଧନୀ, ସୌଦାଗରମାନେ ବାହାରୁଥିବା, କଇଁଫୁଲଫୁଟା ପୋଖରୀରେ ବତକଗୋଡ଼ାରେ ସାପୁଆ ନଦୀର କାଚକେନ୍ଦୁ ପାଣିରେ ଚାପଖେଳରେ ଶୈଶବ ହସୁଥିବାର ଚିତ୍ରଗୁଡ଼ିକ ଅନ୍ତଃକରଣକୁ

ନିରବଚ୍ଛିନ୍ନ ଭାବରେ ଛୁଇଁଛୁଇଁ ପ୍ରୀତି, ପ୍ରତ୍ୟୟ, ପୁଲକର ପୀୟୁଷ ଅଜାଡ଼ି ଦେଲା ଭଳି ସମ୍ମୁଖରେ ଉଭା ହୁଅନ୍ତି । ଜୀବନ ପ୍ରତି ପ୍ରୀତିଭରା ଅଙ୍ଗୀକାର, ପ୍ରତ୍ୟୟପୂର୍ଣ୍ଣ ଅନୁରାଗ ଓ ଜୀବନରେ ପୁଲକର ଅନ୍ୱେଷଣ ଓ ଆବାହନ ସମନ୍ୱିତ ହେଲେ ଯାଇ ଜୀବନବୋଧ ସହଜଲଭ୍ୟ ଓ ଅନୁଭବ୍ୟ । ଜୀବନବୋଧ ପ୍ରେମ, ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ, ମହାଭାବର ପବିତ୍ର ସଙ୍ଗମ, ଯେଉଁଠି କବିର କବିତା-ଅଙ୍ଗଗୁଡ଼ିକ ପ୍ରକ୍ଷାଳିତ ହୋଇ ପରିଚ୍ଛନ୍ନ ରୂପ ଗ୍ରହଣ କରେ ।

ନିତ୍ୟ ଗତିଶୀଳ ସମୟ ମଣିଷର ଜୀବନବୋଧକୁ ନବନବ ଅନୁଭୂତି, ଅନୁଭବରେ ଭରିଦେଉଥାଏ । ଅତୀତ ସିନା କାଳଗର୍ଭରେ ଲୀନ ହୋଇଯାଏ, କିନ୍ତୁ ଅତୀତର ଅନେକ ସ୍ମୃତି ମଣିଷର ମନୋଭୂମିରେ ତଥାପି ଜୀବନ୍ତ ହୋଇ ଆଖି ଆଗରେ ଭାସିଯାଉଥାଏ । ଭବିଷ୍ୟତ ତମସାବୃତ, ଅନିଶ୍ଚିତ ହେଲେ ବି ମଣିଷ ଭବିଷ୍ୟତକୁ ନେଇ କେତେ କେଜାଣି କଳନା, କଳ୍ପନା କରୁଥାଏ । ବର୍ତ୍ତମାନ ସମୟ ସର୍ବାଧିକ ମୂଲ୍ୟବାନ, ମହତ୍ତ୍ୱପୂର୍ଣ୍ଣ, ଗୌରବାବହ ଜାଣି ସୁଦ୍ଧା ମଣିଷ ତା'ର ଅତୀତକୁ ଝୁରି ହେଉଥାଏ, ଭବିଷ୍ୟତ ଚିନ୍ତାକରି ଯାବତୀୟ ଆଶା-ଆଶଙ୍କା ମଧ୍ୟରେ ଦୋଳାୟିତ ହେଉଥାଏ । ଅତୀତ, ବର୍ତ୍ତମାନ, ଭବିଷ୍ୟତର ସନ୍ଧିକ୍ଷଣରେ ମଣିଷ ଏକ ଅନତିକ୍ରମ୍ୟ ଅସହାୟତାର ଆବର୍ତ୍ତରେ ପଡ଼ି ଅଶାନ୍ତ ଜୀବନଟିଏ ବଞ୍ଚୁଥାଏ । କେତେବେଳେ ନିଜର ଅପରିଣାମଦର୍ଶିତା ପାଇଁ ଅନୁତପ୍ତ ହୁଏ, କୌଣସି ଦୁଃସମ୍ବାଦ ଶୁଣି ଦୁଃଖସନ୍ତପ୍ତ ହୁଏ, ସୁସମ୍ବାଦରେ ସୁଖ ବିଭୋର ହୁଏ । ଏକ ବୈଚିତ୍ର୍ୟମୟ ବର୍ଣ୍ଣାଢ୍ୟ ବର୍ଣ୍ଣାଳୀ ହେଉଛି ଏ ଜୀବନ ଯାହାର ରଙ୍ଗମଞ୍ଚରେ ତ୍ରିକାଳର ନିରବଚ୍ଛିନ୍ନ ଅଭିନୟ ଲାଗିରହିଥାଏ । ଟି.ଏସ୍. ଇଲିଅଟ୍‌ଙ୍କ ଉକ୍ତି 'Time present and time past / Are both perhaps present in time future / if all time is eternally present / all time is unredeemable.' ବେଶ୍ ପ୍ରତ୍ୟକ୍ଷ ଭାବରେ ସୂଚାଇ ଦେଉଛି ସମୟର ତିନୋଟି ଅବସ୍ଥା ଓ ପରୋକ୍ଷରେ ବୁଝାଇଦେଉଛି ସମୟାଧୀନ ସକଳ ଜାଗତିକ ପ୍ରକ୍ରିୟା ମଧ୍ୟରେ ଜୀବନର ଅବସ୍ଥା । ହେନରୀ ଲଙ୍ଗ୍‌ଫେଲୋ ପ୍ରାଞ୍ଜଳ ଭାଷାରେ କହିଲା ଭଳି 'Trust no future / however pleasant it may be / Let the dead past bury its dead /Act, Act in the living present / Heart within, and God overhead.'(A Psalm of Life) ସମୟ ତିନୋଟି ସୋପାନରେ ବିଭାଜିତ, ଭବିଷ୍ୟତ ବିଶ୍ୱାସଯୋଗ୍ୟ ନୁହଁ, ଅତୀତ ଜୀବିତ ନୁହଁ, କେବଳ ବର୍ତ୍ତମାନ

ଜୀବିତ ଓ ବିଶ୍ୱାସର ପାତ୍ର, ଯାହା ଆମକୁ କର୍ମପ୍ରେରଣାରେ ଅନୁପ୍ରେରିତ ଓ ଅନ୍ତଃକରଣର ଦିବ୍ୟ ବିଶ୍ୱାସରେ ଅନୁପ୍ରାଣିତ କରିବାର କଥା । କାହାର ଶତ୍ରୁ କି ମିତ୍ର ନହୋଇ ସମୟ ଗଡ଼ିଚାଲିଛି ମନ୍ୱନ୍ତର କାଳରୁ ଓ ଏଇମିତି ଗଡ଼ି ଚାଲିଥିବ କାଳ କାଳକୁ । 'Time's winged chariot hurrying near', ତେବେ ସମୟର ସତ୍ ଓ ଅସତ୍ ବ୍ୟବହାର ମଣିଷର ମନୋଦୃଷ୍ଟି ଉପରେ ନିର୍ଭର । ନାରାୟଣ ପଣ୍ଡା କହିଲା ଭଳି,

'ନୂଆ ପୁରୁଣା ରୀତିରେ/ ଚିରାଚରିତ ବାଟରେ / ଧାଁ ... ଧଉଡ଼ କରୁଥିବା ସମୟ / ନା ... ସେ କାହାର ଶତ୍ରୁ / ନା ... ସେ କାହାର ମିତ୍ର /ଅବୁଝା ଅଭିଧାନଟିଏ / ଚିର କାଳ ।' (ମନର ମହ୍ମାର)

ସମୟର ଶବ୍ଦକୋଷରେ ସଂଯୋଜିତ ଜନ୍ମ ମୃତ୍ୟୁ, ସୁଖ ଦୁଃଖ, ହସ କାନ୍ଦ, ଉତ୍‌ଥାନ ପତନ, ସାଫଲ୍ୟ ବୈଫଲ୍ୟ, ଜୟ ପରାଜୟ, ମାନ ଅପମାନ, ପ୍ରଶଂସା ନିନ୍ଦା ଶବ୍ଦଗୁଡ଼ିକର ଅର୍ଥ ବୁଝିବା ହୁଏତ ସହଜ ହୋଇପାରେ କିନ୍ତୁ ଜୀବନରେ ସେଗୁଡ଼ିକ କେତେବେଳେ କେଉଁ ମୁହୂର୍ତ୍ତରେ ଘଟିଯାଏ ବୁଝିବା ମଣିଷ ପକ୍ଷରେ ସହଜ ହୁଏ ନାହିଁ । ତେଣୁ ସମୟ ଚିର କାଳ ଅବୁଝା ଅଭିଧାନଟିଏ ହୋଇ ରହିଯାଏ ।

ତଥାପି ଜୀବନର ଦିଗ୍‌ବଳୟରୁ ଶୁଭୁଥାଏ ଗଭୀର ଆଶାବାଦର ସ୍ୱର । ପବନର ପଣତ ଚଉଦିଗ ଘେରିରହିଥିଲାବେଳେ, ଆଖି ଅନ୍ତର ଦିଗ୍‌ବଳୟ ସବୁଠି ଆକାଶ ବ୍ୟାପ୍ତ ହେଲାବେଳେ, ଜହ୍ନରେ ଯୌବନ ଆଉ ସିନ୍ଦୂରରେ ଆୟୁଷର ଅନୁଭବ ହେଲାବେଳେ, ଲୁହବତୁରା ଆଖି ଆଉ ଲୁହଶୁଖା ଗାଲ ଶୈଶବକୁ ଫେରାଇ ଦେଲାବେଳେ, ଦେହରୁ ଦିଗ୍‌ବଳୟ, ଚିତ୍ତରୁ ଚକ୍ରବାଳ, ଅନ୍ତରରୁ ଅନ୍ତରୀକ୍ଷ, ଚୁଲିନିଆଁର ଆଲୁଅରୁ ଚମ୍ପକ ଚତୁର୍ଦ୍ଦଶୀଯାଏ ସବୁଠି ପ୍ରତିଧ୍ୱନିତ ହେଉଥାଏ ଆଶାର ଅନ୍ତଃସ୍ୱର, ବିଶ୍ୱାସର ବ୍ରହ୍ମଘୋଷ । କବି ନାରାୟଣ ପଣ୍ଡାଙ୍କ ପାଇଁ ଗାଁଭୂଇଁ ହୋଇଯାଏ ଶୈଶବର ସନ୍ଦୀପନ, କୈଶୋରର କୁହରଣ, ଯୌବନର ଯାଜନ ଆଉ ବାର୍ଦ୍ଧକ୍ୟର ବିଖ୍ୟାପନ, ଗାଁର ଚଉପାଢ଼ି ହୋଇଯାଏ ଚକ୍ରତୀର୍ଥ, ଚାଳଘର ହୁଏ ଚନ୍ଦ୍ରଶାଳା, ଚକୁଳିପିଠା କ୍ଷୀର ହୁଏ ଦେବଭୋଜ୍ୟ ଚରୁ, ପଖାଳ ହୁଏ ପଞ୍ଚାମୃତ, 'ପବନ ପଣତ' ସଂକଳନର ପ୍ରତିଟି କବିତା ପଢ଼ିଲେ ସ୍ୱତଃ ଏପରି ଏକ ଅନୁଭବ ଜାଗରୂକ ହୁଏ । 'Pipa's Song' କବିତାରେ ଭିକ୍ଟୋରିଆ ଯୁଗର କବି ରବର୍ଟ୍ ବ୍ରାଉନିଂଙ୍କ ଆଶାୟୀ ପ୍ରାଣ କହିଲା ଭଳି 'Year is at the Spring / Day is at the morn / Morning is at

seven / Hill side is dew pearled / Lark is on the wing / Snail is on the thorn / God's in His heaven / All's right with the world'. 'ତପସ୍ୱିନୀ' କାବ୍ୟରେ ସ୍ୱଭାବ କବି ଗଙ୍ଗାଧର ଯେମିତି କହନ୍ତି, 'କର ପଲ୍ଲବେ ନିହାର / ମୁକ୍ତା ଧରି ଉପହାର', ଠିକ୍ ସେହିପରି ସମାନ ଭାବ ଆଧାରରେ 'ପବନ ପଣତ'ର କବି 'ନିୟତି' କବିତାରେ କହନ୍ତି, 'କାକର ବିନ୍ଦୁରେ / ଛବିଳ ଇନ୍ଦ୍ରଧନୁ ଦେଖିବାର ସ୍ୱପ୍ନ ।' କବି କଣ୍ଠରୁ ଉଚ୍ଚାରିତ ଏ ସମସ୍ତ ସ୍ୱର ହେଉଛି ଆଶାବାଦର ସ୍ୱର, ବିଶ୍ୱାସର ବିପୁଳ ପ୍ରଲମ୍ବନ । ବ୍ରାଉନିଂ ଦେଖୁଛନ୍ତି ପାହାଡ଼ କଡ଼ରେ କାକରବିନ୍ଦୁ ଉପରେ ସୂର୍ଯ୍ୟାଲୋକ ପଡ଼ି କାକର ମୁକ୍ତା (dew pearl) ଭଳି ଦୃଶ୍ୟ ହେଉଛି । ଗଙ୍ଗାଧରଙ୍କ କଳ୍ପନାରେ ଉଷାଦେବୀ ପଲ୍ଲବ ରୂପକ କରରେ ନିହାର ରୂପକ ମୁକ୍ତା ଉପହାର ଧରିଛନ୍ତି । ଉଭୟ ବ୍ରାଉନିଂ ଓ ଗଙ୍ଗାଧର କାକରବିନ୍ଦୁରେ ମୁକ୍ତା ଦର୍ଶନ କଲାବେଳେ 'ପବନ ପଣତ'ର କବି କାକରବିନ୍ଦୁରେ ଛବିଳ ଇନ୍ଦ୍ରଧନୁ ଦେଖିବାର ମଧୁମଂଜୁଳ ସ୍ୱପ୍ନରେ ବିଭୋର । ସଂସାରରେ ପ୍ରତ୍ୟେକ କବିର ଚୈତନ୍ୟ ଏଭଳି ସ୍ୱପ୍ନ ଓ କଳ୍ପନା ବିଳାସରେ ମଗ୍ନ ଯେ ସେମାନେ କାକରବିନ୍ଦୁରେ କେବଳ ସପ୍ତରଙ୍ଗର ଇନ୍ଦ୍ରଧନୁ ଦେଖନ୍ତି ନାହିଁ, ସପ୍ତଲୋକର ଇରମ୍ମଦମୟ ରୂପ ଦେଖି ଆତ୍ମହରା ହୁଅନ୍ତି ମଧ୍ୟ । ଉଭୟ କଳ୍ପନା ଓ ବାସ୍ତବତାର ସ୍ରୋତସ୍ୱତୀରେ ଅବଗାହିତ ହୁଏ କବିର ଅନ୍ତଃକରଣ । ସୁଖ ଦୁଃଖ, ଖରା ବର୍ଷା ଶୀତ, ମନ୍ଦିର ମଶାଣି ସବୁକୁ ସମ ଭାବରେ ଗ୍ରହଣ କରିବାର ପ୍ରାଜ୍ଞ, ପରିପକ୍ୱ ମାନସିକତା ହିଁ ଯଥାର୍ଥ ଜୀବନବୋଧକୁ ଜାଗରୂକ କରେ ।

'ସୁଖ କହିଲେ - / ଧାନର ଫୁଲଉଡ଼ା ସମୟ / ଦୁଃଖ କହିଲେ - / ଅସମୟରେ ଗଜା ମରୁଡ଼ି ।' (ବାପା) 'ଜନ୍ମରୁ / ଖରା ବର୍ଷା ଶୀତ / ଦେହସୁହା / ମନ୍ଦିର ମଶାଣି ସବୁ / ଆମ ପାଇଁ / ଏକା କଥା ।' (ଘୁଷୁରିଆ ବସ୍ତିରେ ରାତି) । ଏ ସମସ୍ତକୁ ଗ୍ରହଣ କରିବାର ପ୍ରବୃତ୍ତି ଅର୍ଥାତ୍ ଗ୍ରହଣଶୀଳତା ହିଁ ମଣିଷର ଜୀବନ-ଜିଜ୍ଞାସାର ଏକ ଉଜ୍ଜ୍ୱଳ ଦିଗନ୍ତ । ସୁଖ, ଦୁଃଖ ଯାମଳ ସୋଦର ପ୍ରାୟେ ଏକ ବୃନ୍ତରୁ ସମ୍ଭୂତ । ଖରା ବର୍ଷା ଶୀତର ଆଜୀବନ ଅନୁଭବ, ମନ୍ଦିର ଓ ମଶାଣିରେ ଜୀବନ୍ତ ଅନୁଭୂତି ପ୍ରତ୍ୟେକ ମଣିଷକୁ ଜୀବନୋପଲବ୍ଧିର ପ୍ରକୃଷ୍ଟ ପନ୍ଥା ନିର୍ଦ୍ଦେଶ କରୁଥାଏ । ଋତୁଚକ୍ରର ଆବର୍ତ୍ତନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ମଣିଷକୁ ସଂସ୍କାର, ସାଧନ ଓ ଶବ୍ଦଖେଳର ତରିକା ଜଣାଥାଏ ସେ ହିଁ ଆପେ ଆପେ ସମ୍ପର୍କର ସୌଧ ରଚନା

କରିପାରେ ଅର୍ଥାତ୍ ସଂଯତବାକ୍ ଛଳନାଶୂନ୍ୟ ମନୁଷ୍ୟ ଅନ୍ୟର ହିତୈଷୀ ବନ୍ଧୁଟିଏ ହୋଇପାରେ । ପୁଣ୍ୟକୁ ଜପାମାଳି କରୁଥିବା ମହାନୁଭବ ମଣିଷ ଧୂଳିମଳିନ ଧରଣୀକୁ ଅମୃତୋପମ, ଶୁଭଙ୍କର କରିପାରେ । ଗାଁଭୂଇଁର ସ୍ନେହିକ ସ୍ପର୍ଶ ସହିତ ପ୍ରକ୍ଷାଳିତ, ପ୍ରଜାଗର, ପ୍ରବୁଦ୍ଧ, ପ୍ରକୃତିସିଦ୍ଧ ମଣିଷର ଚିତ୍ର ଓ ଚରିତ୍ର 'ପବନ ପଣତ' କବିତା ସଂକଳନଟିରେ ଶାନ୍ତ ସହାବସ୍ଥାନ, ସହୃଦୟତା, ସକାରାତ୍ମକତାର ତ୍ରିଧାରା ସର୍ଜନା କରିଛି ଯାହାର ସଂଗମସ୍ଥଳ ହେଉଛି ପ୍ରତ୍ୟୟଧର୍ମୀ, ପ୍ରୀତିପ୍ଲାବିତ ଓ ପ୍ରେରଣାଦାୟୀ ଜୀବନବୋଧ । କବିଙ୍କ ଭାବରେ ବିନୋଦ ଅଛି ବୋଲି ଭୂମି, ଭୂମା, ଶବ୍ଦ, ସମ୍ପର୍କ ସବୁଠି ବିନୋଦ ଅଛି । ଭାବର ଅନୁଚ୍ଛେଦ ନାହିଁ କି ବିନୋଦର ପୂର୍ଣ୍ଣଚ୍ଛେଦ ନାହିଁ । ସେହି ଭାବବିନୋଦ ହିଁ ଯଥାର୍ଥ ଜୀବନବୋଧ ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ବଡ଼ମଙ୍ଗଳପୁର, ଧର୍ମଶାଳା, ଯାଜପୁର
ମୋ-୯୮୪୩୨୮୨୯୬୨

❐❐❐

'ବିଦଗ୍ଧ ବସନ୍ତ'ର ସମୀକ୍ଷାୟନ

● **ସଂଯୁକ୍ତା ଭାରତୀ**

ଶିକ୍ଷାବିତ୍ , କବି ଓ ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତିଙ୍କ ଦ୍ୱାରା ରଚିତ 'ବିଦଗ୍ଧ ବସନ୍ତ' ଏକ ଭିନ୍ନ ସ୍ୱାଦର ଲଳିତ ନିବନ୍ଧ । ଏଥିରେ ସରୋଜିନୀ,ରେବତୀ ତପସ୍ୱିନୀଠାରୁ ଆରମ୍ଭ କରି ସୀତା, ଅହଲ୍ୟା, ସତ୍ୟବତୀ, ଅମ୍ୟା, ଉର୍ବଶୀ, ରାଧା, ଦେବକୀ, ସାବିତ୍ରୀ, ଶକୁନ୍ତଳା ଏବଂ କୁନ୍ତି ପରି କେତେକ ମହୀୟସୀ ନାରୀ ଚରିତ୍ରର ଅବତାରଣା କରାଯାଇଛି । ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଇତିହାସରେ ଲୁପ୍ତ ହୋଇ ଯାଇଥିବା କନକଲତା ଓ ରାମପ୍ୟାରୀ ଚରିତ୍ର ବେଶ୍ ସୁଖବୋଧ୍ୟ ଓ ସୁପାଠ୍ୟ । ନାରୀ କିପରି ଆଜୀବନ ନିରାପଦ ବକ୍ଷ କାମନା କରେ ତା'ର ଏକ ପୌରାଣିକ ଅବତାରଣା ମାଧ୍ୟମରେ ଆଧୁନିକ ସମାଜର ନାରୀ ପ୍ରତି ହେଉଥିବା ଅବିଚାରକୁ ଲେଖକ ମହାଶୟ ଅତି ସୂକ୍ଷ୍ମାତି ସୂକ୍ଷ୍ମ ଉଦାହରଣ ମାଧ୍ୟମରେ ପ୍ରତିପାଦନ କରିବା ପାଇଁ ବ୍ୟଗ୍ର ହୋଇଛନ୍ତି ।

ସାରସ୍ୱତ ସାଧକଙ୍କ ଆଖିରେ ନାରୀର ଜୀବନ ହସ କାନ୍ଦର ମିଶ୍ର ରାଗ । ସେ ଶାମୁକାର ସ୍ୱପ୍ନ ନେଇ ଅପେକ୍ଷା କରିଛି ଆଗାମୀ ସକାଳକୁ । ତେଣୁ ସେ କହିଛି - " ମୋର ଜୀବନ ହସକାନ୍ଦର ମିଶ୍ର ରାଗ ହୋଇପାରେ , କିନ୍ତୁ ପ୍ରେମିକ ଓଠରେ ମୁଁ ବିଦଗ୍ଧ ବସନ୍ତ । " ନାରୀଟିଏ ସବୁଦିନେ ପାଇଁ ପୁରୁଷର କାଠ ଗଢ଼ାରେ ରହିବାକୁ ଚାହିଁ ନାହିଁ । ଜ୍ଞାନ ଚର୍ଚ୍ଚାରେ ସେ ସମାଜର ଶ୍ରେଷ୍ଠ ଆସନ ଲାଭ କରିଛି । ସତ୍ୟବତୀ ନଥିଲେ ହସ୍ତିନା ସିଂହାସନ ଶୂନ୍ୟ ପଡ଼ିଥାଆନ୍ତା । ଯେଉଁଠି ପୁରୁଷର ଶକ୍ତି ହାର ମାନେ ସେଇଠି ନାରୀ ଶକ୍ତି ଜାଗ୍ରତ ହୁଏ । ରଘୁକୂଳ ବଧୂ ସୀତା ନଥିଲେ ରାମଚନ୍ଦ୍ର ରାବଣକୁ ପରାସ୍ତ କରିପାରିନଥାଆନ୍ତେ । ଅଦ୍ଭୁତ ରାମାୟଣର ଉପାଖ୍ୟାନକୁ ଲେଖକ ଅତି ଚତୁରତାର ସହ ପୁସ୍ତକରେ ସ୍ଥାନ ଦେଇଛନ୍ତି । ସବୁ ଶାମୁକାରୁ ମିକ୍ତା ଖୋଜିଲେବି ମିଳେ ନାହିଁ କିନ୍ତୁ ସ୍ୱାତୀ ନକ୍ଷତ୍ର ଜ୍ୟୋତିରୁ ଯେଉଁ ଶାମୁକା ସୃଷ୍ଟି ହୁଏ ତାହାହିଁ ମୁକ୍ତା ଶାମୁକା । ଏହି କଥାକୁ କେତେକ ନାରୀ ଚରିତ୍ରରେ ଉଦାହରଣ ଦିଆଯାଇଛି ।

ବିଚରା ହତଭାଗିନୀ ସାରିଆ ତନ୍ତୀ କୂଳରେ ଜନ୍ମ ଗ୍ରହଣ କରି ସ୍ତ୍ରୀ ସମାଜରେ ଅନାମଧ୍ୟେୟା । ତେବେବି ତା'ର ଅନ୍ତରର ମାତୃତ୍ୱର ବୁଭୁକ୍ଷାକୁ ପୂର୍ଣ୍ଣ କରିବା ପାଇଁ ସେ ସ୍ନେହ କାଙ୍ଗାଳିନୀ । ସରୋଜିନୀ ଚଷାଖଣ୍ଡ ଗାଁର ଖାନଦାନୀ ବୁନିଆଦି ଘରର

ଝିଅ । ବଳୀଦଉର କୁସ୍ପିର ରୂପ ଦେଖି ସେ ପ୍ରଥମେ ବାହୁନି ହୋଇ ଉଠିଛି କିନ୍ତୁ ଶେଷ ପର୍ଯ୍ୟାୟରେ ସେ ସ୍ୱାମୀଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରିଛି ।

ରବୀନ୍ଦ୍ରନାଥଙ୍କ ବିନୋଦିନୀ, ପ୍ରେମଚନ୍ଦ୍‌ଙ୍କ ନିର୍ମଳା ଏବଂ ଶରତ ଚନ୍ଦ୍ରଙ୍କର କିରଣ୍ମୟୀ ପରି ବହୁ ଔପନ୍ୟାସିକ ଚରିତ୍ର ବିଦଗ୍ଧ ବସନ୍ତ ପୃଷ୍ଠାକୁ ରସାଣିତ କରିଛି । "ପ୍ରେମ ଏକ ଋଣ ଆଉ ସ୍ମୃତି ତାର ସୁଧ/ଏଇ ନେଇ ଦୁନିଆରେ ଯେତେ ଅପବାଦ, ମନ ତଳେ ଭୀରୁ ଦୀପ ଲିଭେ ଥିରି ଥିରି ଜୀବନଟା ହୋଇଗଲା ଖାଲି ଅପବାଦ । "

ଅହଲ୍ୟା ମୁଖରେ ପ୍ରକାଶ ପାଇଛି - "ସୁନ୍ଦରୀ ଲଲାମ ନାରୀ ଭାବେ ମୁଁ ପୁରୁଷର ପ୍ରଣୟ ପ୍ରାର୍ଥିନୀ କିନ୍ତୁ ମିଥ୍ୟା ଅପବାଦ ପାଇଁ ମୁଁ ନିନ୍ଦନୀୟା । ଶେଷରେ ଗୌତମଙ୍କ ଅଭିଶାପରେ ମୋତେ ପାଷାଣୀ ଅହଲ୍ୟା ହେବାକୁ ପଡିଲା । ନାରୀଟିଏ ଭଲ ପାଇବା କ'ଣ ସମାଜ ବିରୋଧୀ ? ପୁରାଣ ଶାସ୍ତ୍ରକାର ମାନେ ମୋତେ ସତୀ ନାରୀର ଆଖ୍ୟାଦେଲେ । "ନାରୀ ଭିତରେ ସରଳତା ଅଛି, ଦୟା ଅଛି, ପ୍ରେମ ଅଛି , ତ୍ୟାଗ ଅଛି ଓ ଅନ୍ୟାୟ ଅନୀତି ବିରୁଦ୍ଧରେ ସେ କଠୋର ପ୍ରତିଜ୍ଞା କରିଜାଣେ । ଏହାର ଏକ ସ୍ପଷ୍ଟ ଚିତ୍ର ବିଦଗ୍ଧ ବସନ୍ତରେ ଲେଖକ ମହାଶୟ କେତେଗୋଟି ଆଧୁନିକ ନାରୀ ଚରିତ୍ର ଓ ପୌରାଣିକ ଚରିତ୍ର ମାଧ୍ୟମରେ ପ୍ରତିପାଦନ କରିଛନ୍ତି ।

ସମଗ୍ର ଆର୍ଯ୍ୟ ସମାଜ ପୁରୁଷ କୈନ୍ଦ୍ରିକ ନଗର ସଭ୍ୟତାରେ ନାରୀକୁ ନ୍ୟୁନ କରିବାର ଅଭିସନ୍ଧି ମୂଳରେ କିଛି କ୍ଷମତା ଲିପ୍ସୁ ମୁଷ୍ଟିମେୟ ବ୍ୟକ୍ତିତ୍ୱ ଓ ଶକ୍ତିଶାଳୀ ସାମ୍ରାଜ୍ୟବାଦୀ ଗୋଷ୍ଠୀ ନାରୀକୁ ବିଳାସ ବ୍ୟସନର ସାମଗ୍ରୀ ବୋଲି ଚିନ୍ତା କରିବା ନାରୀ ଜାତି ପାଇଁ ଅସମ୍ମାନର ପ୍ରତୀକାତ୍ମକ ଶୈଳୀ । ଏହାର ଏକ ସ୍ପଷ୍ଟ ଚିତ୍ର ଲେଖକ ବିଭୂତି ଭୂଷଣ ସେନାପତି ମହୋଦୟ ଅତି ସୁନ୍ଦର ଭାବେ ବିଭିନ୍ନ ଉଦାହରଣ ଓ କିମ୍ବଦନ୍ତୀ ମାଧ୍ୟମରେ ପ୍ରକାଶ କରିବାକୁ ଗଲାବେଳେ ତାଙ୍କର ବହୁଶାସ୍ତ୍ରଦର୍ଶିତାର ପରଚୟ, ବିଦ୍ୱାନମାନେ ନିଶ୍ଚୟ ଉପଲବ୍ଧି କରିବେ ଏହା ଧ୍ରୁବ ସତ୍ୟ ।

ଶେଷରେ ଏତକ କହିପାରେ ଆଧୁନିକ ସମାଜରେ ନିର୍ଯ୍ୟାତନାରେ ଶିକାର ହେଉଥିବା ନାରୀମାନଙ୍କ ପ୍ରତି ମହିଷାସୁର ପୁରୁଷର ଔଦ୍ଧତ୍ୟ ନିବାରଣ ପାଇଁ ଏହି ପୁସ୍ତକ ବିଦଗ୍ଧ ବସନ୍ତ ନିଶ୍ଚୟ ସମଗ୍ର ନାରୀ ଜାତିଙ୍କୁ ଆତ୍ମପ୍ରତ୍ୟୟ ଯୋଗାଇବ ଏଥିରେ ତିଳେହେଲେ ସଂଦେହର ଅବକାଶ ନାହିଁ ।

ଯୁକ୍ତ ଦୁଇ ଘଣ୍ଟେଶ୍ୱର ମହାବିଦ୍ୟାଳୟ , ଭଦ୍ରକ

❐❐❐

'ଚୋରା ଢ଼ଉ' ଓ 'ସାରାଂଶ' : କବି ଶିଶିର ନାୟକ

● ଅକ୍ଷୟ କୁମାର ଜେନା

କବି ଶିଶିର ନାୟକ ଓଡ଼ିଆ କବିତା ସମାଜରେ ଜଣେ ପରିଚିତ ବ୍ୟକ୍ତି । ବିଭିନ୍ନ ପ୍ରତିଷ୍ଠିତ ପତ୍ର-ପତ୍ରିକାରେ ତାଙ୍କର କବିତାଗୁଡ଼ିକ ପ୍ରକାଶିତ । ତାଙ୍କ ସହିତ ମୋର ବ୍ୟକ୍ତିଗତ ପରିଚୟ ବହୁଦିନର । ତାଙ୍କ ଗାଁ ଓ ମୋ ଗାଁ ଚାଳକୁ ଚାଳ ଲଗାଲଗି ଦୁଇଟି ଘର ପରି । ତାଙ୍କ ଘର ସହିତ ଅର୍ଥାତ୍ ତାଙ୍କ ପରିବାର ସହିତ ମୋର ସଂପର୍କ ଅତ୍ୟନ୍ତ ନିବିଡ଼ । ସାହିତ୍ୟ, ସର୍ବୋପରି କବିତାକୁ ନେଇ କବି ଶିଶିର ନାୟକଙ୍କ ସହିତ ସଂପର୍କ ସ୍ୱତନ୍ତ୍ର । ଭଦ୍ରକ କଲେଜରେ ସେ ପଢୁଥିବା ବେଳେ ଭଡ଼ାଘରେ କିମ୍ବା ସେ ଗାଁରେ ଥିବାବେଳେ ତାଙ୍କ ଘରେ କବିତାକୁ ନେଇ ଛୋଟକାଟ ଆସର ବସେ ବେଳେବେଳେ, ତା'ର ଅନ୍ତରଙ୍ଗ ବଂଧୁ ବିଷ୍ଣୁସେଠୀ, ବିଜୟ ଜେନା, ସୋମନାଥ ଓଝା, ଅଭିରାମ ସାହୁ, ବସନ୍ତ ନାୟକ ଓ ମୋ ପରି ସାହିତ୍ୟ କରୁଥିବା ଯୁବକମାନଙ୍କ ଗହଣରେ । ଆଜି ସେମାନେ ଯେଉଁ ବୃତ୍ତିକୁ ନେଇ ଯେଉଁ ବାଟରେ ଥିଲେ ବି ସାହିତ୍ୟ ଓ ବଂଧୁତାକୁ ଛାଡ଼ିପାରିନାହାନ୍ତି । ସେଇ ସଂପର୍କ ଦୃଷ୍ଟିରୁ ମୁଁ ଶ୍ରଦ୍ଧେୟ କବିଙ୍କଠାରୁ ତାଙ୍କ ରଚିତ ବହି ଦୁଇଖଣ୍ଡ ଉପହାର ସୂତ୍ରରେ ପାଇଥିଲି । ସେ ଦୁଇଟିର ପାଠକୀୟ ମତାମତକୁ ଏକତ୍ର ଏକ ସଂକ୍ଷିପ୍ତ ସମୀକ୍ଷା ରୂପରେ ପ୍ରକାଶ କରିବାକୁ ପ୍ରୟାସ କରିଛି ଏଠାରେ ।

ତାଙ୍କର ପ୍ରଥମ କବିତା ସଂକଳନ 'ଚୋରା ଢ଼ଉ' ଟିକୁ କବି ଉତ୍ସର୍ଗ କରିଛନ୍ତି ପତ୍ନୀ କବିତା ନାୟକ ଓ ପୁତ୍ର ବାପୁନା ଉଦ୍ଦେଶ୍ୟରେ, କିନ୍ତୁ ଭୁଲିଯାଇନାହାନ୍ତି ଈଶ୍ୱରଙ୍କୁ ଓ ବାପା - ବୋଉଙ୍କୁ । ତାଙ୍କର କର୍ମକ୍ଷେତ୍ର ରାଉରକେଲାରେ, କିନ୍ତୁ ଭୁଲିଯାଇନାହାନ୍ତି ଗାଁକୁ, ଆପଣା ଘରକୁ, ଭାଇ- ଭଗାରୀଙ୍କୁ, କୁନ୍ତୀ ନାନୀକୁ, ହରିଜନ ସାହିକୁ, ବଂଧୁ ବିଷ୍ଣୁସେଠୀ ଓ ଅକ୍ଷୟ ବେହେରାକୁ । ଏତଦ୍‌ବ୍ୟତୀତ ଉଭୟ ସଂକଳନରେ ରାଉରକେଲାର କେତେକ ସ୍ଥାନ, କେତୋଟି ପାତ୍ର ଓ କିଛି ମୁହୂର୍ତ୍ତ କାବ୍ୟମୟ ହୋଇ ଉଠିଛନ୍ତି । 'ସାରାଂଶ'ରେ ଉତ୍ସର୍ଗ ନ ହେଲେ ମଧ୍ୟ କୃତଜ୍ଞତା

ଜ୍ଞାପନ ଛଳରେ ପ୍ରକାଶକ ବଂଧୁ ମନୋଜ ତ୍ରିପାଠୀ, ଅକ୍ଷୟ ବେହେରା ଓ ପତ୍ନୀ କବିତା ନାୟକର ନାମ ନେଇଛନ୍ତି । 'ଚୋରା ଢ଼େଉ'ର ପ୍ରଚ୍ଛଦଟି ଖଇରିଆ ରଙ୍ଗର ବିସ୍ତୃତ ପରିସରକୁ ଧରି ରଖିଥିବାବେଳେ 'ସାରାଂଶ'ର ପ୍ରଚ୍ଛଦରେ ବଣରାଇଜର କେତେକ ନାରୀ କଳସୀ ଧରି କେଉଁ ଝୋଲା ଅଭିମୁଖେ ପାଣି ଆଣିବାକୁ ମେଳି ହୋଇ ଯାଉଥିବା ପରି ମନେହୁଏ । 'ଚୋରା ଢ଼େଉ'ର କଳେବର 'ସାରାଂଶ' ତୁଳନାରେ କ୍ଷୁଦ୍ର ହେଲେ ହେଁ କାବ୍ୟିକ ଆବେଗରେ କିଛି ଊଣା ନୁହେଁ ।

କବି ଶିଶିର ନାୟକ ଜଣେ ସଂସାରୀ । ସଂସାରୀ ହେବାକୁ ବାଧ । କିଏ ସଂସାରୀ ନୁହେଁ ଯେ । ଅବଶ୍ୟ ସଂସାର ସହିତ ଯୁକ୍ତତାରେ କମ୍ ବେଶି ଥାଏ । ଏଇ ସଂସାର ସାଗରରେ ଢ଼େଉ ଉଠେ ଅସୁମାରୀ, ସୁଖର ପୁଣି ଦୁଃଖର । ତା' ଭିତରୁ ଚୁପ୍ କରି ଖସି ଆସିଥିବା ଚୋରା ଢ଼େଉଟି ହିଁ କବିତାର ସଂସାର । ସେଠି ଗୋଟିଏ ବିଛଣାରେ ପତ୍ନୀ କବିତା ନାୟକ ଦେହକୁ ଲାଗି ଶୋଇଥିବା ଶିଶିର ନାୟକ ସ୍ୱାମୀ ଶିଶିର ନାୟକ ନୁହନ୍ତି । ସିଏ ଗୋଟେ ଅଲଗା ମଣିଷ, ଯିଏ ଶୋଇ ରହିବା ଛଳରେ ଚେଇଁଥାନ୍ତି, ଯିଏ କବିତା ନାୟକ ଦେହର ଅତର ବାସ୍ନାରୁ ମୁହଁ ଫେରେଇ କବିତାର ରୂପ - ରସ- ଗନ୍ଧର ମୋହରେ ଆବିଷ୍ଟ ହୁଅନ୍ତି, ଯିଏ ସାଂସାରିକ ଜୀବନ ଭିତରେ ଖୋଜୁଥାନ୍ତି- ଭିନ୍ନ ଏକ ଜୀବନ, ଶୟନ ଭିତରେ ଜାଗରଣ, ଶାନ୍ତିରେ ଦୁଇଦଣ୍ଡ ବିଶ୍ରାମନେବା ପରିବର୍ତ୍ତେ ଅଶାନ୍ତିରେ ଛଟପଟ ହେଉଥିବା ପ୍ରାଣ, ଜ୍ୟୋସ୍ନା ଭିତରେ ମଲାଜହ୍ନର କୋକେଇ, ନଡ଼ିଆ ବାହୁଙ୍ଗା ଭିତରେ ଲଟକି ଯାଇଥିବା ଜ୍ୟୋସ୍ନାର ନିଆଁ ଝୁଲ । ଏତିକିବେଳେ କବିତା ନାୟକ ବିଲିବିଲେଇ ହୁଏ- ସ୍ୱପ୍ନରେ । କବି କିନ୍ତୁ ଅବିଚଳିତ ଭାବରେ କାନେଇଥାଆନ୍ତି ଆଉ କେଉଁ ଶବ୍ଦକୁ । ଅବଶ୍ୟ ମଝିରେ ମଝିରେ ଚହଲି ଯାଆନ୍ତି କବି, ମାୟା ପ୍ରଭାବରେ, କିନ୍ତୁ ମନେ ପଡ଼ିଯାଏ ଋଣର କଥା । କୁନ୍ତୀ ନାନୀର ଋଣ ତ ଅଶୁଝା, ବାଦଲ ଭିତରେ ଜହ୍ନ ପରି ଅବୁଝା ଅବୁଝା, ଯେମିତି ଅତରରେ ଜହରର ଉର୍ଜ୍ଜା ।

ଏବେ ପବନରେ ବି ଜହର । କ୍ରମେ କ୍ରମେ ବିଷାକ୍ତ ହୋଇଯାଉଛି ସବୁକିଛି । ଛାତିରେ ଲାଳିତପାଳିତ ହେଉଛି- ବିଷଧର ରାଜଧାନୀ । ସାରାରାତି କବିତା ନାୟକ ନିଶ୍ୱାସ ନେଉନି । ସେ କ'ଣ ସେଇ ବିଷର ଜ୍ୱାଳାରେ ମୃତବତ୍ ପଡ଼ିରହିଛି କି

ଆଉ ? ବିଛଣାତଳୁ କା'ର ଗୋଟେ ରଡ଼ି ଶୁଭୁଛି । ହେଇପାରେ, ଶରୀର ଭିତରେ ଆଉ ଗୋଟେ ଶରୀରର ! ତକିଆତଳ ଅନ୍ଧାର ଭିତରେ ଆଉ ଗୋଟେ ଜ୍ୟୋସ୍ନାୟିତ ଆଲୋକର ! ରାତିରେ ବି ଖରା ପଡ଼େ ବିଛଣାରେ, ଥଣ୍ଡାରେ ତାତିଯାଏ ଅସମ୍ଭବ ପ୍ରକାରେ । ବାଲିଭିତରେ ଚୋରାବାଲି ପରି ସମୁଦ୍ରଭିତରେ ଢ଼େଉ ଉଠେ, ଢ଼େଉ ହଜେ । କ'ଣ ସବୁ ନିଜର ଭଳିଆ ଲାଗୁଲାଗୁ ପର ହେଇଯାଏ । ଦେହରେ ଝାଳ ବୁହେ, ଝାଳ ଶୁଖେ । କବିତା ନାୟକ ଛାତିରେ ଜାକି ହେଇଥିବା ହକଳା ଲୁଗାରେ ଥମିଯାଏ ପବନ । ବାଲକୋନିରେ ଗୁମୁରି ଉଠେ ମେଘ । କାନ୍ଥରେ ଝଲସି ଉଠେ ବିଜୁଳି, ମେଘରୁ ଝରିପଡ଼େ ଆବେଗର ବିନ୍ଦୁ, ଅଦୂର ସିନ୍ଦୁରେ ଢ଼େଉ ଉଠେ ଲୁଚିଲୁଚି, ଉଡ଼ି ଉଡ଼ି ଚଢ଼େଇ ଡ଼େଣାରେ । ତକିଆତଳେ ଅଚିହ୍ନା ଶବ୍ଦର ବଜ୍ର ନିନାଦ, ଛାତିତଳେ ନିଆଁର ଉନ୍ମାଦ । ଅଲଗା ପବନ ଉଠେ ତକିଆତଳୁ, ଆଲମାରୀରୁ, ପାଉଁଶରୁ, ଘାଆରୁ- ଅବେଳରେ । ଇଏ କି ପବନ ଲୋ ମା ! କି ଶବ୍ଦହୀନ ଗତି ୟା'ର ! ହାରିବା ଦାଣ୍ଡରେ ବୁଲେ - ଗଡଜିଣା ମିଜାଜୀ ରଙ୍ଗରେ । କୂଳରୁ ଯେମିତି ଥରେ ଥରେ ଇନ୍ଦ୍ରଧନୁ ଉଏଁ, ସେମିତି ସାଂସାରିକତାରୁ ମୁକୁଳି ଆସିଲେ କବିତାର ଚୋରା ଢ଼େଉଟିଏ ଛୁଇଁଯିବା ପରି ଲାଗେ, ବିଛଣାରେ ପଡ଼ି ଛଟପଟ ହେଉଥିବା ଶିଶିର ନାୟକଙ୍କ କବି ସତ୍ତାକୁ ।

ଦ୍ୱିଧା ବିଭକ୍ତ ଏଇ ମଣିଷର ସତ୍ତା । ତା' ଭିତରେ ସୃଜନଶୀଳ ସ୍ୱତନ୍ତ୍ର ଚୋରା ଢ଼େଉଟି ହେଉଛି କବିପାଇଁ କବିତାର ଶିହରଣ । ସେହିପରି ଶିହରଣ ମିଳେ ପାଠକଙ୍କୁ, କବି ଶିଶିର ନାୟକଙ୍କ କବିତାଗୁଡ଼ିକୁ ପଢ଼ିବାବେଳେ । 'ଚୋରା ଢ଼େଉ' ପରି 'ସାରାଂଶ'ର ଅଧିକାଂଶ କବିତାରେ କବିତା ନାୟକ, କୁନ୍ତୀ ନାନୀ, ହରିଜନ ସାହି ପ୍ରଭୃତି ଘନିଷ୍ଠ ସଂପର୍କର ପ୍ରତୀକମାନଙ୍କୁ ଭେଟିବାକୁ ହୁଏ ପାଠକକୁ । କବିତା ଆଉ କ'ଣ କି ? ଜୀବନର ଦୁର୍ଗନ୍ଧ, ବିକାର ଭିତରେ ଗୋଟେ ସୁଗନ୍ଧିତ ଅତରର ବାସ୍ନାରେ ବିମୋହିତ କବିଙ୍କର କଲମ । ସେତେବେଳେ ଅନ୍ଧାରରୁ ଉଇଁଆସେ ଅନୁଭୂତିର ଜହ୍ନ । ରାସ୍ତା କଡ଼ରେ ଜଳୁଥାଏ ଚୁଲି, ଟକ୍‌ମକ୍ ଫୁଟୁଥାଏ ଭାତ । କବିତାଟିଏ ଲେଖା ହେବ ବୋଲି କଲମରୁ ଝରେ ରକ୍ତ । ଅଥଚ ଥରଟିଏ ବି ଦିଶିଯାଏନା ନିଜପରି । ଦୁଃଖତ ପାଖ ଛାଡ଼େନି; ବରଂ ବିଷାଦ ଶେଷ ଆଶ୍ରୟର ସ୍ଥାନ ନିଏ । କବିର ଏଇ

ଅସହାୟପଣ, ବିଫଳତାର ସ୍ୱୀକାରୋକ୍ତି ତା'ର ଭାଗ୍ୟ । କବିଙ୍କ ଭାଷାରେ, 'ଡ଼େର୍ ଦିନ ବିତିଗଲାଣି । ଛାପା ହୋଇନି ସେଇ କବିତାଟି କେଉଁଠି" । (କବିତା : ଏବର୍ଷ) ଏଥିରେ କବିଙ୍କ ସୃଷ୍ଟିର ସଠିକ୍ ମୂଲ୍ୟାୟନ ହୋଇନି କିମ୍ବା ସଠିକ୍ ଭାବେ ଉତୁରାଇ ପାରିନାହାନ୍ତି କବି, କେଉଁ କାରଣଟି ୟା' ପଛରେ ଅଛି ଜାଣିହୁଏନା । ବେଳେବେଳେ ଭଲ କବିତାଟିଏ ଉତୁରି ଆସିବାର ସମ୍ଭାବନା ଦେଖାଦେଲେ କବିଙ୍କୁ ଲାଗେ- ଏଥର ଭଲ ସମୟ ଆସିଛି । କବି କହିବସନ୍ତି- *"ବ୍ୟର୍ଥତାରୁ ମହୁ ଛାଣିନେ / ଘାସ ଉପରର କାକର ସଂଚିନେ / ଆଇତି କରିନେ ସୁରେନ୍ଦ୍ର ମହାନ୍ତିଙ୍କ କୃଷ୍ଣଚୂଡ଼ା/ ଶଂଖଘୋଷର ଜ୍ଞାନପୀଠ କବିତା"* (ଭଲ ସମୟ ଆସିଛି ଚିରନ୍ତନ)

ବ୍ୟଥା କାହାର ଅନୁଗତ ନୁହଁ, ସ୍ୱପ୍ନ କାହାର ଜୀବନ୍ତ ନୁହଁ । ବ୍ୟଥାକୁ ବୁଝିବାପରି କବିତାକୁ ବୁଝାଯାଏ ହୃଦୟରେ । ସୁନ୍ଦରର ଆୟତନ ସୁନ୍ଦର ହିଁ ଜାଣେ । ନିଜ ରଙ୍ଗ ନିଜ ଦେହରେ ବୋଳିହୁଏ ବୋଲି କବି, ନିଜକୁ ଚିପୁଡ଼ି ବାହାର କରେ ନିର୍ଯ୍ୟାସ, ସାରାଂଶ । ମେଘଶୂନ୍ୟ ଆକାଶକୁ ପାଣି ଛାଟେ ବୋଲି ତା' ନାଆଁରେ ଯାଚ୍ଞାତା ଅଭିଯୋଗ । ପୋଡ଼ା ମାଟିରୁ ଅତର ଖୋଜେ ବୋଲି ସେ କାଳେ ରସିକ ନାଗର ! ଜଟିଳତାରୁ ସରଳତାକୁ ଛାଣିନିଏ ବୋଲି, କପଟତାରୁ ସତକୁ ଖୁଣ୍ଟିନିଏ ବୋଲି ସେ କାଳେ ହଂସପରି ବୁଦ୍ଧିମାନ ଓ ବିବେକୀ ଅଥଚ କାଙ୍ଗାଳ ! କ'ଣ ବା ଦେଇପାରେ କବି: ଦି- ତିନିଟା ଅସଫଳ କବିତା ବ୍ୟତୀତ ? ଟିକେ ସମୟ ତ ବାହାର କରିପାରୁନି ନିଜ ଭିତରୁ ନିଜକୁ ବାହାର କରିଆଣିବା ପାଇଁ । କାନ୍ଦିବା ଆଗରୁ ଶୁଖିଯାଉଛି ଲୁହ, ଆଖିରୁ । ରାତି ଆସିବା ଆଗରୁ ପାହିଯାଉଛି ରାତି । ପୁଣି ଘୂରି ଘୂରି ରାତି ଆସୁଛି ଯେ, କଷ୍ଟେ ମଷ୍ଟେ ଉଡୁଁଛି ଜହ୍ନ । ଝଲସି ଉଠୁଛି ପାଖୁଡ଼ା ଉପରର କାକର । ଜ୍ୟୋସ୍ନାରେ ଠିଆ ହୋଇଛି ଯେଉଁ କିଶୋର, ଭଲ ପାଇବା ଛଡ଼ା ଅନ୍ୟ କିଛି ଯୋଗ୍ୟତା ନାହିଁ ତା'ର । ନା ଗଢ଼ିପାରେ ସେ ସଂସାର, ନା ସାର୍ଥକ କରିପାରେ ତା' ସ୍ୱପ୍ନକୁ ! ସତ କହିବାକୁ ଗଲେ ଜାଗାଖଣ୍ଡେ ମିଳେନା ଆଶ୍ରୟର । ଏଇ ଅସହାୟ ମୁହୂର୍ତ୍ତରେ କବିଙ୍କୁ ଲାଗେ, ତାଙ୍କ କବିତାରେ ଆଗପରି ଆଉ ଆବେଗ ନାହିଁ । ଶୂନ୍ୟତା ଏଡ଼େଇ ଏଡ଼େଇ ମାଡ଼ିଆସେ ବିଫଳତାର ଐରାବତ । ଯିଏ ଏକାନ୍ତ ନିଜର ଥିଲା, ଲାଗେ ପରପର, ସାତପର ।

କବି ବାରମ୍ବାର ନିଜ ବିଫଳତାକୁ ଦ୍ୱିଧାହୀନ ଭାବରେ ସ୍ୱୀକାର କରିଛନ୍ତି । ଏହା ତାଙ୍କର ବଡ଼ପଣ । କବିତା ହେଉଛି ଜୀବନର ପ୍ରତିଫଳନ । କବି ନିଜକୁ ବିଫଳ ବୋଲି ମଣିପାରୁଥିବାରୁ ଏ ଯାଏ ଲେଖିଚାଲିଛନ୍ତି । କବିତାଗୁଡ଼ିକର ଭାଷା ଗାଉଁଲି, କଥିତ ଓ ସରଳ, କିନ୍ତୁ ମାର୍ମିକ । କିଛି କିଛି କବିତା ଯାହାକୁ ବାର୍ ବାର୍ ପଢ଼ିବାକୁ ଇଚ୍ଛା ହୁଏ ଏବଂ ଯାହାକୁ ପଢ଼ିବାବେଳେ ପାଠକଟିଏ କବି ପାଲଟିଯିବାର ପ୍ରେରଣା ପାଏ, ସେହିପରି କବିତାଗୁଡ଼ିକ ମୋ ମତରେ - କାଲିଠାରୁ ମା', ଚିତା ଜଳୁଥିବା ବେଳେ, ଏହା ଭିତରେ, ବିଚରଣଶୀଳ, ଝିଅଟି, ମେଘକନ୍ୟା, ତମେମାନେ, ପ୍ରତିମା ପ୍ରଭୃତି ।

ଆଚାର୍ଯ୍ୟନଗର, ଭଦ୍ରକ
ମୋ: ୮୭୬୩୩୫୧୪୦୯

❑❑❑

ଅନ୍ତିମ ପ୍ରହର ଅତିଥି

● ଶ୍ରୀ କିରଣ ଚନ୍ଦ୍ର ଗୁଇଁ

ଅନ୍ତିମ ପ୍ରହର ସଂକେତ ଦେଉଛି
ମାହେନ୍ଦ୍ର ବେଳାରେ
ସନ୍ୟାସୀର ବିଭାବନା ନେଇ
ଅତିଥି ଆସୁଛି,
ଇତିହାସ ବଦଳିବ
କଡ଼ ଲେଉଟାଇ

ଜନନୀ ମୁଖର ଜ୍ୟୋତି
ମଳିନ ହୋଇଛି
ବିଷାଦ ଘାରିଯାଇଛି
ଅନ୍ତରଟା କୋହଭରା
ଭୌଗୋଳିକ ଚିତ୍ରପଟ
କ୍ଷତ ବିକ୍ଷତ
ଦାମ୍ଭିକ ଇଚ୍ଛାପୂରଣ କ୍ରମେ ହୁଅଇ
ସ୍ତର ସ୍ତର ଭେଦି ଯାଇଥିବା ଯାତନା

ବିସ୍ମୃତି ଅନ୍ଧକାର
ଆତ୍ମକୃତି ପାପର
ବିକଟାଳ ନର୍ତ୍ତନ,
କୁଳପାଂଶୁଳାମାନେ ମଜଗୁଲ
କେତେ କ'ଣ କଳ୍ପନା ଜଳ୍ପନା
ଭବିତବ୍ୟର ଦୃଶ୍ୟପଟକୁ ଦେଖି
ସାଧନାରତ ସନ୍ୟାସୀର ଅନୁଚିନ୍ତା
ପ୍ରାର୍ଥନା, ଶକ୍ତିର ଆବାହନ ।

ଲୋକ ଲୋକାନ୍ତରେ କାଳକାଳାନ୍ତରେ
ଘଟି ଆସିଥିବା 'ଧର୍ମସଂସ୍ଥାପନାର୍ଥାୟ'
ଧାରାରେ ଜାତି ବିଶ୍ୱାସ
ସତ୍ୟର ଭୟଙ୍କର ସଂକଟ ସମୟ,
ଅଦୂରରେ କାଳର ମଙ୍ଗଳ ଆଳତୀ,
ନିଷ୍ଠା ନୈତିକତା ସତ୍ୟର ସମ୍ଭାରରେ
ଭୂଷିତ ହୋଇ ଅନିସନ୍ଧିସୁ ପ୍ରାଣନେଇ
ପହଞ୍ଚିଯାଇଛି ମହାମତି
ଅନ୍ତର ପ୍ରହରର ଅତିଥି ।

ଦେବେନ୍ଦ୍ରନାଥ ହୋମିଓ କ୍ଲିନିକ
ପୁରୁଣାବଜାର, ଭଦ୍ରକ
ମୋ: ୯୩୪୮୧୭୦୩୫୦

❐❐❐

ବିଭୋର ଈଶ୍ୱର

● ପ୍ରଫେସର ରମେଶ ଚନ୍ଦ୍ର ସାହୁ

ଏବେବି ସରିନି ଲେଖା
ଅଶ୍ରୁଭିଜା ଭଜନ ଜଣାଣ
ଗୋଟିକା ଅଧାମ ମଖା ଶବ୍ଦଙ୍କ ସଂପୃକ୍ତି
ମଞ୍ଜଫଟା ଝଡ଼, ରୋଗ ବଇରାଗ ବେଳେ
ପତିତ ପାବନ ଏବଂ କଦମ୍ବ କୋରକ ଦେଖି
ଅକାରଣ ବେହିସାବ ଭାବମୁଗ୍ଧ ପଣ;
ଛିନ୍ନପୃଷ୍ଠା ପୁରାଣରୁ କୃପାସିନ୍ଧ ଗପଖୋଜା
ବର୍ଣ୍ଣିବାକୁ ନାଲିନେଳି କାଗଜ
ଓ ସିଗାରେଟ ଖୋଳପାରେ
ଉନ୍ମିଦ୍ରରେ ଜହ୍ନ ଆଲୁଅରେ ବସି ଦୁଃଖ ଉନ୍ମୋଚନ ।
ବାରମ୍ବାର ହୃଦ ଭାଙ୍ଗେ ତାରାଙ୍କ ମେଳନର
ଯେମିତିକି ପୋଖତ ନଡ଼ିଆ
ଫୁଲପରି ଶୁଖୁଥାଏ ପାକଳ ଖରାରେ
ମୋ ନିର୍ଲିପ୍ତ ଶବ୍ଦଙ୍କ କିମିଆଁ ।

ବିଜ୍ଞାନ ଓ ଉଭାବନ ଯୋଡୁଥାନ୍ତି
ନୂଆଶବ୍ଦ ଉଦ୍ଦୀପନା ଅଭିଧାନ ସାରା
ନୂଆ ସୁଖ ଭାବନା, ଉତ୍ତେଜନା ଓ କରୋନା
ଡେଉଁଥାଏ ଏ ଡ଼ାଳ ସେ ଡାଳ ହୋଇ
ସସାଗରା ଧରା
ବିଭୋର ଈଶ୍ୱର ନିଜେ ଭୋଗୁଥାନ୍ତି
ଫ୍ରିଜପାଣି ଫୁଲ ଫଳ ଦୁଧ ଦହି
ରେକଡ଼ିଂ ମନ୍ତ୍ର ଶ୍ଲୋକ ବାଦ୍ୟ ଗୀତ

ନୈବେଦ୍ୟ ପସରା ।
ଈଶ୍ୱର ବି' ଶରବିଦ୍ଧ ଅସହାୟ ସମୟ ହାତରେ
ଗମ୍ଭୀରାରେ ଚାଖୁଥାନ୍ତି ଅନ୍ତିମ ବେଦନା
ଅନ୍ଧାରରେ ମିଞ୍ଜିମିଞ୍ଜି ଦୀପ ଆଲୁଅରେ,
ତାଙ୍କ ଆଗେ ନାଚୁଥାନ୍ତି ଢ଼ୋଙ୍ଗୀ ଓ ପାଖଣ୍ଡମାନେ
ପ୍ରବଚନ କିଆରୀରେ ଗୋଲଗୋଲ ଭୋକ
ଏବଂ ଲାଭକ୍ଷତି ଈର୍ଷା ବୁଣିବୁଣି
ଦରନିଭା ପୋଥି ଏବଂ ସଦ୍ୟଗୁଟୁା
କିମ୍ବଦନ୍ତୀ ପହ୍ନା ଝୁଣିଝୁଣି
ବଡ଼ଦାଣ୍ଡ ବାଣ୍ଟୁଥାଏ ଭାବର ଉଜାଣି ଗାଥା
ପିଇପିଇ ଭକତଙ୍କ ଆଖି ଲୁହ
ହାତରେ ଖଞ୍ଜଣି ।

ସା:/ପୋ: ରାସୋଳ,
ଜିଲ୍ଲା: ଢ଼େଙ୍କାନାଳ -୨୧
ମୋ: ୯୪୩୮୪୧୮୪୯୨

❐❐❐

ନିଃସର୍ତ୍ତ ସମର୍ପଣ -୧

● ନୃସିଂହ ଚରଣ ବେହେରା

ନିଟୋଳ ନିର୍ମାଣ ପାଇଁ ମନଛୁଆଁ କୋଣାର୍କ ପରି
ତୁମ କମନୀୟ କଲ୍ଲୋଳ ସତରେ ଅନ୍ତର୍ଭେଦୀ
ନିଆରା ବିସ୍ମୟ ।
ଆଖି ଫେରାଉନଥିବା ଝଲକର ପୁଲକରେ ପ୍ରତି ପଲକ
ପ୍ରୀତିଝରା ଫଗୁଣ ସକାଳ ।
ସୋରିଷ ଫୁଲିଆ ବେଶରେ ହସରେ ପାରିଜାତ,
କାହାଣୀ ପରି ନିରୀହ ଚାହାଣୀର କଇଁଫୁଲ
ତଥା ନରମ କଥାରେ ପେଚ୍ଛାପେଚ୍ଛା ସଜମଲ୍ଲୀ
ମତେ ଗୁନ୍ଥିଦେଲା ଗଳାମାଳି ପରି ।

ଅନୁବାଦରେ ଶୈଳତ୍କ୍ଷେପ ବୃଷ୍ଟି ପରି
ଅତୁଳ ଆତ୍ମୀୟତାର ବିପୁଳ ଅନୁରାଗ
ମତେ ରଙ୍ଗେଇଲା କବଳିତ କରି
ଗୋଲାପୀ ଓଠରୁ ଝରା ଅସୁମାରୀ ଗୋଲାପ
ଦେହରୁ ମନକୁ ମୋ ଲୋଟି
ଫିଟେଇଲା ମିଠା ମିଠା ତାତିର ଗଣ୍ଠିଲି ।
ମୁହୂର୍ତ୍ତକେ ମାତିଗଲା ନୂଆ ମଉସୁମୀ
ନାହିଁ ନ ଥିବା ଉଲ୍ଲାସକୁ ଉନ୍ମୋଚନ କରି
ଅସ୍ମିତା ଆଉ ରହିବ କେମିତି ସସ୍ମିତା !
ହଜିଲା ମାନସ ମୋର ସେହି ମଧୁବନେ
ଭିଜିଲା ବିଭୋର ଭାବ ବିନିମୟ ତାନେ
ମଜିଲା ଲଳିତ କଳା ଲାବଣ୍ୟ ଗହଳେ
ସାଜିଲା ମନମୋର ଦୁଷ୍ଟ ମହୁମାଛିଟିଏ

ତୁମ ଚଳିତ ଚୁମ୍ବକରେ ବିଚଳିତ ହୋଇ ।

ବିଗତ ଯମୁନା ତୀରରୁ
ଜୀବିତ ଜମକ ପରି
ନିଃସର୍ତ୍ତ ସମର୍ପଣକୁ କ'ଣ ଘୁଞ୍ଚେଇ ହୁଏ ?
ସେଥିପାଇଁ
ହଳଦୀ ମଖା ଶାଖାର ସାକ୍ଷାତରେ
ଅକ୍ଷତ ଆତ୍ମୀୟତା ସାଥେ
ତୁମ କୁଆଁର ପୁନେଇଁ ପରି
ପରିତୋଷ ପରିଧିକୁ ସାଇତି ରଖିଛି
ବିଶ୍ୱସ୍ତ ସ୍ମୃତିପରି
ମୋ ସତ୍ତାର ସାରବତ୍ତା ହୋଇଥିବା
ଆପଣାପଣର ଇନ୍ଦ୍ରଧନକୁ
କେବେ କ'ଣ ହଜେଇ ହୁଏ ?

ରାଜକନିକା, କେନ୍ଦ୍ରାପଡ଼ା- ୭୫୪୨୨୦
ମୋ: ୯୯୩୮୬୪୬୦୩୪

❐❐❐

ବସା ବାନ୍ଧିଥିବା ପକ୍ଷୀ

● ଲକ୍ଷ୍ମୀକାନ୍ତ ପାଢ଼ୀ

ଚାକିରୀ ଜୀବନରୁ ଅବସର ନେଲା ପରେ
ଭଡ଼ାଘରେ ସମୟ କାଟୁଛି ମୁଁ
ସକାଳେ ଖବର କାଗଜ, ସଂଜକୁ ରେଡ଼ିଓ
ମୃତ୍ୟୁ, ଅପମୃତ୍ୟୁ, ହରଣ, ଅପହରଣ
ଦରଦାମ ବୃଦ୍ଧି ଇତ୍ୟାଦି ଇତ୍ୟାଦି
ଦେଖିଦେଖି ବୁଢ଼ା ହେଲାଣି ଆଖି ମୋର
ହେଲେ ପଢ଼ିବା ଲେଖିବାରେ ଅସୁବିଧା ହୁଏନା ସେମିତି ।
କବିତାଟେ ଲେଖି ବସେ
ମାଡ଼ିଆସେ ଦୁଃଶ୍ଚିନ୍ତା
କାହାପାଇଁ ଲେଖିବି ? ତାକୁ ପଢ଼ିବ କିଏ ? ଏମିତି ଅନେକ ।

କେଉଁଠି ପୃଷ୍ଠା ମଣ୍ଡନ ହେଲେ ତ ଯାଇ
ସାର୍ଥକ ହବ ମୋ ଅନୁଭବ ?
ସାହିତ୍ୟ ଯେ ଯନ୍ତ୍ରଣାର ଫସଲ ।

ପାଖରେ ଥିବା କନାଟଂଗା ଝର୍କା ବାହାରକୁ ଚାହେଁ,
ଦିନଦିନ ରାତିରାତି
ଦଶାଦିଆ ଆଖିଟା ଧନ୍ଦି ହୋଇଯାଏ
ନଡ଼ିଆ ବାହୁଙ୍ଗା ଛନ୍ଦିରେ, ପତ୍ରଗହଳରେ ।
ଘରତୋଳି ସମୟ ବିତାନ୍ତି କପୋତକପୋତୀ
ସ୍ୱପ୍ନମୟ ଦୁନିଆରେ,
ଘୂରନ୍ତା ପୃଥିବୀ ଦେହରେ

ବସାକୁ ଲେଉଟି ଆସି ସଂଜକୁ

ପିଲାମାନଙ୍କର ହାନି ଲାଭ ବୁଝି
ବାହାରି ଆସନ୍ତି ପୁଣି ବାହୁଙ୍ଗା ଦେହକୁ
ଆଃ ! କି ଖୁସି, ଅପୂର୍ବ ଆନନ୍ଦ !
ଆନନ୍ଦର ସୀମା ଡେଇଁ ଭାସୁଥାଏ ଶବ୍ଦ
ଶବ୍ଦମୟ ନିଃଶବ୍ଦ ବେଳାରେ ।

ଘଣ୍ଟାକଣ୍ଟା ପରି ଚକ୍କର କାଟନ୍ତି ସେମାନେ ଡାଳ ଉପରେ
କେତେବେଳେ ନିଜ ପାଦକୁ ଖୁମ୍ପନ୍ତି ତ
ଶତାବ୍ଦୀର ଆବର୍ଜନା ଝାଡ଼ନ୍ତି ପର ଦେହରୁ ।
କ'ଣ, ଖା'ନ୍ତି କ'ଣ ପିଅନ୍ତି
ତାଂକ ଗନ୍ତବ୍ୟ ପଥ ଯେ ମୋତେ ଅଜଣା ।
ପୋକରା ଚାଉଳ, ବାସି ପାଉଁରୁଟି,
ନାଳ ନର୍ଦ୍ଦମା ତାଂକ ପାଇଁ ଉତ୍ସ ଆନନ୍ଦର ।

ସେମାନେ ଜାଣନ୍ତିନି ବୋଧେ
ଆଉ ଦି' ଦିନେ
ସଫେଦ୍ ବାଦଲଟି ପରି
ଭାସିଯିବ ଆନନ୍ଦ, ତାଙ୍କରି ମୁଣ୍ଡ ଉପରେ,
କଳା ମେଘ ଢ଼ାଂକି ଦବ ତାଂକ ପୃଥିବୀ,
ଗଛର ବାହୁଂଗା କାଟିବ ବୁଢ଼ା ବେପାରୀ
ନଡ଼ିଆ, ପଇଡ଼ ସବୁ ବଜାରରେ
ଶୋଷ ମାରିବ ।

ଆଗରେ ଅନାଗତ ଭବିଷ୍ୟତ
ନିଘା ନ ଥାଏ ତାକୁ,
ଆଉ କା' ବାଡ଼ିର ଆମ୍ବତୋଟାକୁ ଅବା ଲଣ୍ଡା ଗଛକୁ ।
ଯାହାକୁ ନେଇ ଏ ସବୁ କଥା
ଘମାଘୋଟ ଯୁଦ୍ଧ,

ରାଜାମାନେ

● କୃଷ୍ଣ ମିଶ୍ର

ରାଜାମାନେ ଡେଙ୍ଗା ଡେଙ୍ଗା
ପ୍ରଜାମାନେ ଗେଡ଼ା ।
ରାଜାମାନେ ଯଦି ଗେଡ଼ା ହୋଇ ଜନ୍ମ ହୁଅନ୍ତି
ପୁରୁଷାନୁକ୍ରମେ ତ,
ଗୋଡ଼ରେ ରଣପା ବାନ୍ଧନ୍ତି ।
ପ୍ରଜାମାନେ ଡେଙ୍ଗା ହେଲେ, ରାଜା ହେବେନି ତ,
ଛୋଟେଇ ଦିଆଯାଏ ତାଙ୍କ ଗୋଡ଼କୁ ।

ରାଜାଙ୍କର ଯଦି ପୁଅ ନଥାଏ, ତାଙ୍କ ଅନ୍ତେ
ପାଟହାତୀ କାହା ମୁଣ୍ଡରେ ଗୋଟେ ସୁନାକଳସ ଢ଼ାଳେ ।
ପାଟହାତୀ କୁବଳୟା ଏବଂ ରାଜା
ଅନ୍ତ ହେବା ପୂର୍ବରୁ
ନିର୍ଦ୍ଧାରଣ କରି ସାରିଥାନ୍ତି
କାହାମୁଣ୍ଡରେ କୁବଳୟା ସୁନାକଳସ ଢ଼ାଳିବ ।
ବେଳେବେଳେ ଏମିତି ବି ହୁଏ, ଯିଏ ରାଜାହୁଏ
କୁହାଯାଏ, ଦିନେ ଗାଈ ଜଗୁଥିବା ସିଏ କ୍ଲାନ୍ତ ହୋଇ
ଗଛମୂଳେ ଶୋଇଥିଲା, ତା' ମୁଣ୍ଡ ଉପରେ କୁଆଡ଼େ
ନାଗସାପ ଫଣା ଟେକି ରହିଥିଲା ।

କୁବଳୟା ଆଜ୍ଞାବହ, ଗେଡ଼ାଲୋକ ମୁଣ୍ଡରେ
ସୁନାକଳସ ଢ଼ାଳେନି
ଗେଡ଼ା ଲୋକଟେ ଯଦି ହଠାତ୍ କପିଳା ହୁଏ
ଧରିନିଆଯାଏ ତାହା ଆକସ୍ମିକ ଓ ରାଜକଳା ହରଣ କରିବାକୁ
ରୀତିମତ ଏହା ତାହାର ଗୋଟେ ଷଡ଼ଯନ୍ତ୍ର,

ସେମାନେ ବୁଝିଲେ ତ !
ସତମିଛ, ହାନିଲାଭ, କୂଟନୀତି, ବାହୁଂଗାର ତଳି ଅନ୍ଧାରରେ
ସେମାନେ ଯେ ନିର୍ବୋଧ ଶିଶୁ ମୋ ପରି ମୋରି ଭିତରେ ।

ଅଧ୍ୟାପକ, ଇଂରାଜୀ ବିଭାଗ,
ୟୁ.ଏନ୍. କଲେଜ, ସୋର
ମୋ: ୯୭୭୭୫୧୪୭୪୦

❐❐❐

ଏହି ମର୍ମରେ ତାକୁ ଭୋଗିବାକୁ ହୁଏ
ମୃତ୍ୟୁଦଣ୍ଡ ଅଥବା ଦେଶାନ୍ତର ।

ଡେଙ୍ଗାମୁଣ୍ଡ ଆକାଶକୁ ଛୁଏଁ, ରାଜା ଭଗବାନ ।
ଗେଡ଼ା ଲୋକ ତାଙ୍କ କାଟତିକୁ ଅନେଇଲେ
ରାମରାଜ୍ୟରେ ଶୂଦ୍ର ଜଣେ ଲକ୍ଷ୍ମୀନାରାୟଣଙ୍କୁ ପୂଜିବା ଅପରାଧରେ
ପ୍ରାଣଦଣ୍ଡ ଭୋଗେ ।

କାଳେ ରାଜା ନୀଳବର୍ଣ୍ଣ ଶୃଗାଳ ଦଶା ଭୋଗିବେ,
କାଳେ ବୁଦ୍ଧିବଳରେ ଠକୁଆ ସିଂହକୁ ହରେଇବ,
ଗେଡ଼ା ଲୋକମାନଙ୍କୁ ଗୋଟେ ଗୋଟେ ମୁଖ୍ୟମନ୍ତ୍ରୀ କରାଯାଏ
ଶିକ୍ଷାଦାନ ଆଳରେ ।
ରାଜାମାନେ ଡେଙ୍ଗା ମୁଣ୍ଡିଆ ଯେ,
ଗେଡ଼ା ଗେଡ଼ା ଲୋକଙ୍କ ହାତରେ ତ ତାଙ୍କୁ ଚାହିଁ ଠେଙ୍ଗା,
କାହୁଁ ବାଜିବ ତାଙ୍କ ମୁଣ୍ଡରେ ?

ଗଣତନ୍ତ୍ରକୁ ଆଗରେ ରଖି
ରାଜା ପ୍ରୟୋଗ କରନ୍ତି ରାଜତନ୍ତ୍ର, ଯାହା
ତାଙ୍କର, ତାଙ୍କ ଦ୍ୱାରା, ତାଙ୍କ ପାଇଁ ଅଭିପ୍ରେତ ହୁଏ ।
ରାଜାଙ୍କ ଜାଗାରେ ଖାଲି ପ୍ରଜାଙ୍କର
ଗୋଟେ ମୋହର ମରା ହୋଇଥାଏ ଯାହା ।

ଯୋତ, ଅଲଣାହାଟ, ଜଗତସିଂହପୁର
ମୋ: ୯୯୩୮୧୬୦୦୭୪

❐❐❐

ସଭ୍ୟତାକୁ ଯୁଦ୍ଧର ଉପହାର

● ଶୈବାଳିନୀ ସାହୁ

ଏଥର ନିଷ୍ଫଳ

ଯେତେ ସବୁ ମାନବିକତାର ମନ୍ତ୍ର
ଯେଉଁ ମନ୍ତ୍ରରେ ଗୁଳି ବାରୁଦ କ୍ଷେପଣାସ୍ତ୍ର
ଅକାମୀ ହୋଇପାରିଥାନ୍ତା ।
ନିଷ୍ଫଳ ଏଥର ଔଷଧର ଗୁଣବତ୍ତା
ମଲମର ମୁଲାୟମ ଲେପ
ତୈଳର ଦର ଅହେତୁକ
କିଏ ପଚାରେ ତାଜାରକ୍ତର ଲୋକସାନ କଥା
ଆପଦଯୁକ୍ତ ଛାତିତଳେ ଖଟ୍ ଖଟ୍ ଆଓ୍ୱାଜଠୁ ଉଚ୍ଚ
ସେନାନୀର ଭାରି ବୁଟ୍ ଶବ୍ଦ
ବଙ୍କର ଭିତରେ ରୋଗୀ
ପ୍ଲାକ୍‌କାର୍ଡ଼ ଧରିଥିବା ଅନାଥ ଶିଶୁର ଡୋଳାରେ
ଡହଳବିକଳ ଛବି କ୍ରୁଶବିଦ୍ଧ ଈଶ୍ୱରଙ୍କର ।

ପ୍ରାର୍ଥନା ନିଃଷ୍ତ୍ରଭ
ନିଃଷ୍ତ୍ରଭ ଚର୍ଚ୍ଚ ଘଣ୍ଟା ଧ୍ୱନି
ମହମବତୀର ମୃଦୁ ଆଲୋକ ଛାୟାରେ
ଅହଂକାରର ଲଢ଼େଇ
ଶବମାନଙ୍କ ପିଠିରେ ଚାଲେ ଶକ୍ତି ପରୀକ୍ଷଣ ।

ସଭ୍ୟତାର ମଶାଣି ଭୂଇଁରେ
ତୁମେ ପାଲୁଥିବ ଶୋକ ବିବସ
ରକ୍ତ ଓ ଅଶ୍ରୁର ପାନୀୟରେ
ତୁମେ ମେଣ୍ଟାଇ ପାରିବ

ତୁମ ନାରକୀୟ କ୍ରୀଡ଼ାର ତୃଷ୍ଣା ଓ କ୍ଲାନ୍ତି !
ସଭ୍ୟତାକୁ ଯୁଦ୍ଧର ଉପହାର
ଇତିହାସର କଳାପୃଷ୍ଠାଟିଏ
କଳାପୃଷ୍ଠାରେ
ସୈତାନୀ ଓ ଈଶ୍ୱରତ୍ୱର ଖୋଜା ଚାଲିଥିବ ଭେଦ ।

ସେ-ଏ, ଫ୍ଲାଟ -୯୪
ମେଟ୍ରୋପଲିଟାନ କୋପରେଟିଭ ସୋସାଇଟି
କୋଲକାତା - ୭୦୦୧୦୫

❑❑❑

ବାଉଁଶ ରାଣୀ

● ସଚ୍ଚିଦାନନ୍ଦ ମିଶ୍ର

ଟାଉଁ ଟାଉଁଆ ମଧ୍ୟାହ୍ନର ଖରା
କପାଳର ଝାଳ କେତେବେଳେ
ଆଖିରେ ତ କେତେବେଳେ ପାଟିରେ
ତଥାପି ବିଶ୍ୱାସର ବୋଝଟା
ସରୁ ଦଉଡ଼ି ଉପରେ ଲୋଟଣି ପାରା
ସତର୍କର ଲକ୍ଷ୍ମଣରେଖା ଭିତରେ
ବଞ୍ଚିବାର ସବୁ ସଂରଚନା ।

ତଳେ ଦଳଦଳ ଲୋକଙ୍କର
ବିସ୍ମୟ ଚକିତ କରତାଳି
ମାଲିକର ଉଗ୍ର ଅଲୋଡ଼ା ଅବୁଝା ଶବ୍ଦ
ଅପ୍ରତିହତ ସାଧନାର ବିକଳଚିତ୍ର
ବହଳ ଅନ୍ଧାର ମାଡ଼ିଆସୁଥାଏ
ବାଉଁଶ ରାଣୀର ଅକଥ ଅତ୍ୟାଚାରର
ସଜୀବ ବଞ୍ଚିବା ଓ ବଞ୍ଚାଇବାର ମୋହ ।

ଦୂରରୁ ପାଉଥାଏ ମା' ତାର ଅପ୍ରମିତ ଦୁଃଖ
ଅନ୍ଧାରର ସିଢ଼ି ଚଢୁଥାଏ ଛାତି ଭିତର କୋହ
ଗୋଟେ ପୁରୁଣା ଲୁଗାରେ ନିକ୍ଷେପିତ
କେତେଟା ନୋଟ ଆଉ କଏନ୍ ସାଉଁଟୁ ସାଉଁଟୁ
ଦମ୍ଭ ଖୋଜେ ଅସହିଷ୍ଣୁ ପ୍ରାଣ ।

ଅସମ୍ଭାଳ ପାଦ ଖସିପଡ଼ିଲା ଭାଗ୍ୟରେଖାର
ଅଣଓସାରିଆ ସମୟ ହାତରୁ
ଗୋଟେ ବିକଳ ସମ୍ମୋହନ ହିଁ ପୁଣି

ଆଖି ଖୋଲି ଦେଖିଲା ପରାଜୟର ମୁହଁ
ଛିନଛତ୍ର ଦର୍ଶକ ଭିତରୁ କେହିବା
କହି ପାରିଥାନ୍ତା ଆହାଃ ଶବ୍ଦଟିଏ ।

ତାରା କି ସୂର୍ଯ୍ୟଟାଏ ଖସି ପଡ଼ିବାର
ଦୋଷ ଗଣୁଥାଏ ନିର୍ବାକ ଝିଅଟି ।
ଆପାଦ ମସ୍ତକ ଫୋଡ଼ି ହୋଇ
ଯାଉଥାଏ ଅନୁଶୋଚନାର
ତୀବ୍ର ଅସମାହିତ ଯନ୍ତ୍ରଣା
ଚୁପଚାପ ବସିଥାଏ ସ୍ୱର୍ଗଚ୍ୟୁତ
ସମ୍ରାଟପରି ବାଉଁଶ ରାଣୀ
ଅନାକର୍ଷଣରେ ଫେରି ଯାଉଥିବା ଜନତା
ଆଖି ଫେରାଉ ନ ଥାଏ ।

ଲମ୍ବା ପଣତ ତଳେ ମୁହଁ ଲୁଚାଉଥାଏ
ସମୟ,
ଶବ୍ଦଭେଦୀ ବାଣ ଫିଙ୍ଗି ଦଶରଥ
ଖୋଜୁଥାଏ ଭାଗ୍ୟ,
ଦୁଇଟା ଶିଥିଳ ପତ୍ର ଝାଉଁଳି ପଡୁଥାଏ
ଅଚାନକ ।

ପ୍ରତିଷ୍ଠାତା ସଂପାଦକ, 'ସାହିତ୍ୟର ସ୍ୱର'
ସରପଡ଼ା, ନିଝିନ୍ତକୋଇଲି, କଟକ
ମୋ: ୯୯୩୭୬୮୯୮୩୮

❐❐❐

ନିରୁତ୍ତର

● ଦେବାଶିଷ ଚକ୍ରବର୍ତ୍ତୀ

ଦିନଥିଲା, ପାହାଡ଼ ମଥାନର
ସବୁଜ ତଳପରେ ମୁଣ୍ଡରଖି
ଘୁମେଇ ପଡୁଥିଲା ଆକାଶ
ଆଦରରେ ଚୁମି ଯାଉଥିଲା
ଗେହ୍ଲେଇ ଜହ୍ନ
ଶୀତ ସକାଳରେ ପତ୍ର ପାପୁଲିରେ
ଚିକ୍‌ମିକ୍ କରୁଥିଲା ଶିଶିରର ମୋତି
ସଞ୍ଜ ସକାଳକୁ ମୁଖର କରୁଥିଲା
ଜଣା ଅଜଣା ପକ୍ଷୀଙ୍କ କଳଗୀତି
ଏବେ ଜଙ୍ଗଲରେ ଆଉ ଆଗଭଳି
ଗଛ କାହିଁ ଯେ ?

କାଠ ମାଫିଆଙ୍କ ଲୋଭିଲା ଜିଭରୁ
ଯାହାକିଛି ବଞ୍ଚିଛି
ସେମାନଙ୍କ ଡୋଳାରେ ଅହରହ ପହଁରୁଛି
ଆସନ୍ନ ମରଣର ଭୀତି ।

ଏମିତି ବି ସମୟ ଥିଲା ଯେ
ସଞ୍ଜ ନଇଁଲେ
ଚାଙ୍ଗୁ, ମାଦଳ, ଢ଼େମସାର୍ ତାଳରେ
ଖରଖରେଇ ଉଠୁଥିଲା
କଷି କୁଆଁରୀଙ୍କ ପାହୁଡ଼ ପିନ୍ଧା ପାଦ
ଖରକି ହୋଇଯାଉଥିଲା
ମନ ଅଗଣାରେ କୁଢ଼େଇ ହୋଇଥିବା

ଦିନ ଅଗଣାର ଯାବତ ଅବସାଦ
କୁଣିଆ ମଇତ୍ର କେହି ଆସିଲେ
ଆପଣାପଣରେ ମହମହ ହେଉଥିଲା
ରଙ୍ଗମାଟି ଲିପାମଣ୍ଡ ଘର
ଅଥଚ ସ୍ୱାର୍ଥପରତାର ହାତୁଡ଼ି ମାଡ଼ରେ
ସହସ୍ର ସହସ୍ର ବର୍ଷ ପ୍ରାଚୀନ
ସଂସ୍କୃତିର କପାଳ ବି ଫାଳଫାଳ ।

ବୀଜଟିଏ ଆଖିମେଲି ଦୁମ ସାଜିବାକୁ
ଲୋଡ଼ାହୁଏ ଅପରିସୀମ କଠୋର ତପସ୍ୟା
ଶିକ୍ଷାୟତନର ଆଳରେ ସେମାନଙ୍କ
ଭାଗ୍ୟ ଏବେ ପଣବନ୍ଦୀ କମ୍ପାନୀପାଖରେ
ସରକାରୀ ନଥିରେ ଗଚ୍ଛକଟାର
ପରିଣାମ ସିନା ଦେଖା ଦେଉଛି
କେଇ ଶହ କି କେଇ ହଜାର
କିନ୍ତୁ କଟା ଚାଲିଛି ବେସୁମାର
ଏଇମିତି ଜାରି ରହିଲେ
ଜଙ୍ଗଲ ଦିନେ ଚିତ୍ରପଟ୍ଟ ସାଜିବାକୁ
ଆଉ କେତେ କାଳ ?

ପାହାଡ଼ ମଣିଷର ଭୋକସିନା
ପୋତୁଥିଲା ଅରାଏ ଭୂଇଁ
ପୋତୁଚାଷରେ ପୁଣି
ଲେଉଟୁ ନଥିଲା କି ଶ୍ୟାମଳିମା ?
କିନ୍ତୁ ବାବୁ ଭାୟାଙ୍କ ଶଠତାର
ହାତୁଡ଼ି ମାଡ଼ରେ
ପାହାଡ଼ର ଛାତି ତ ଚୂନାଚୂନା ।

ପେଟ ପୋଡ଼ିଯାଇଛି ବୋଲି ତ
ବଣର ଜୀବଜନ୍ତୁ ଏବେ ଗାଆଁମୁହାଁ
ସେମାନଙ୍କ ଦୌରାତ୍ମ୍ୟରେ
ବେଢ଼ି ଉପରକୁ କୋରଡ଼ା ଭଳି
ଅଧିକ ଦୁର୍ବିସହ ହୋଇ ଉଠିଛି
ଦୁଃଖୀ ମଣିଷର ଜୀବନ
ଅଥଚ, ସହାନୁଭୂତିର ମଲମ ବଦଳରେ
କଟା ଘାଆରେ ଲୁଣ ଲେପୁଛି
ସମ୍ବେଦନହୀନ ପ୍ରଶାସନ ।

ପାହାଡ଼, ଜଙ୍ଗଲ ଅଛି ବୋଲି ସିନା
କଳକଳ ନାଦ କରି
ମନଖୁସିରେ ଝରିଯାଇଛି ଝରଣା
ପକ୍ଷୀର କାକଳିରେ ଉଦାସ ମନ
ହୋଇଉଠୁଛି ଆନମନା
ବର୍ଷାର ଅବାରିତ କରୁଣାରେ
ନୁଖୁରା ଧରଣୀର ଛାତିରେ
ଚହଟି ଉଠୁଛି ଶ୍ୟାମଳିମା
ଭୂଗୋଳ ବହିର ପୃଷ୍ଠା ଛାଡ଼ି
ଏହା ଇତିହାସ ପାଲଟିଲେ
ପୃଥିବୀ ପାଲଟି ଯିବନି କି ମରୁଭୂଇଁ
କିନ୍ତୁ କିଏ ଦେବ ଏହାର ଉତ୍ତର
ଅଦୂରଦର୍ଶୀ ସରକାର
ନା, ବିମର୍ଷ ବିବେକ ଆମର ?

ମଣ୍ଡୁଆ, କେନ୍ଦୁଝର ଗଡ଼, ୭୫୮୦୧୪
ଭ୍ରାମ୍ୟଭାଷ: ୯୪୩୭୭୫୨୩୯୫

❑❑❑

ବ୍ୟଥା

● ଶୋଭନା ଜେନା

ଜୀବନ ଆକାଶେ ମୁହୂର୍ତ୍ତମାନେ
ଭାସୁଥାନ୍ତି ଭସା ବାଦଲ ପରି
ଛାଇ ଆଲୁଅର ଲୁଚକାଳି ଭିତରେ
ସେହି ଅନିଶ୍ଚିତତାରେ ନିଜକୁ ସମ୍ଭାଳି
ଟାଣିଧରେ ହାତ ତା ଝୁଣ୍ଟିବା ଆଗରୁ
ସଂସାରର ଖାଲଢ଼ିପ ଆଗେ ।

କେବେ ତା ଭବିଷ୍ୟ ନେଇ
ସ୍ୱପ୍ନ ବସାବାନ୍ଧେ
କେବେ କୁନି କୁନି ପାଦର ଅସ୍ପଷ୍ଟ
ପଦଧ୍ୱନି ଶୁଣେ ତା କାନ ଡ଼େରି
ଏମିତି ଲମ୍ବେ କାହିଁ କେତେ ଦୂର
ଅନାବନା ଭାବନାର ଖିଅ
ଭରି ଉଠେ ଅବସାଦ ବାଆରେ
ଶିହରି ଉଠେ ଭୟରେ
ହୃଦେ ରୁଗ୍ ରୁଗ୍ କରେ ଅକୁହା ବେଦନା
ଅଧିରା ମନକୁ ଦୃଢ଼ କରୁକରୁ
ଝରିପଡ଼େ ଅଶ୍ରୁ କେଇବୁନ୍ଦା ।

ଉଦାସମନେ ଅନେକ ପ୍ରଶ୍ନବାଚୀ
ପଣତକାନି ସୁରକ୍ଷିତ ରଖିପାରିବ ତ

ସଂସାରର ଦାୟରୁ
ଅନେକ ଅନୁଭବ ଅନୁଭୂତିକୁ ନେଇ
ଏକ ନିର୍ମମ ନିଃସଙ୍ଗତା ଆବୋରି ବସେ
ଆଜି ମା'କୁ ।

ସା/ପୋ: ମଛାଳୋ,
ଭାୟା: ସାଇଁକୁଳ,ଜିଲ୍ଲା: କେନ୍ଦୁଝର
ମୋ: ୯୪୩୭୦୯୨୬୫୫

❐❐❐

ବୁନ୍ଦାଏ ଝାଳ

● ସୁଶୀଲ କୁମାର ପାଣିଗ୍ରାହୀ

ଝାଳ ବୁନ୍ଦାଟିଏ ପଡ଼ିଲେ
ସୁନା ପାଲଟିଯାଏ ମାଟି
ପୃଥିବୀର ସପନ
ଜୀଇଁଉଠେ ସିକ୍ତମାଟି ଟିକକରୁ
ଏ ବି କ'ଣ
ଗୋଟେ ସହଜିଆ ଯାଦୁ ?

ନା, ପୁଣି ଭାବେ
କେତେ ଯେ କଷ୍ଟ ଦେଖିଛି ମୁଁ
ବାପାଙ୍କ ନିସ୍ତରଙ୍ଗ ହସରେ
ଥାଳିରୁ ଗୋଟେ ଭାତ
ତଳେ ପଡ଼ିଗଲେ
ବାପା ଯେତେ କଷ୍ଟ ପାଆନ୍ତି
ବୋଧେ ସେତକି !

ଯିଏ ଜାଣିଛି
ମାଟି ସୁନା ବୋଲି
ତାକୁ କି ଜଣା
ବୁନ୍ଦାଏ ଝାଳରେ
କେତେ ବୁନ୍ଦା ରଙ୍ଗ ମିଶିଛି ।

କଲ୍ୟାଣୀ ରେସିଡେନ୍ସି, ୨୦୩,
ବ୍ଲକ-୧,ଜଲାନଗଳି,ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

❐❐❐

ଅଦିନ ମେଘ

● ବାବାଜୀ ଚରଣ ଜେନା

ଅଦିନରେ ଆସି ମାଘର ଏ ମେଘ
ଓଦା କରି ଦେଇ ଚାଲି ଯାଏ
ଏତେ ଶୀତରେ ବି ଘର ଅଗଣାରେ
ବିଷାଦର ଚିତ୍ର ଆଙ୍କୁ ଥାଏ
ଦୋଷ ନ କରିବି ସମାଜ ଆଖିରେ
ମୁଁ ଦୋଷୀଟିଏ ହୋଇଯାଏ ॥ ୦ ॥

ପଲକ ପଡ଼େନା ନିଦ ବି ଆସେନା
ରାତି ବି ତ ଯାଏ ପାହି
ଏ ଆଖିରେ ଯେତେ ନିଦ ଅଛି ମୋର
କିଏ ସତେ ଯାଏ ନେଇ
ଦୁନିଆ ଯାକର ଅପବାଦ ଯେତେ
ମୋ ମୁହଁରେ ତ ବୋଳି ଦିଏ
ଦୋଷ ନ କରିବି ..... ॥ ୧ ॥

ଯେତେ ଅଭିଯୋଗ ଯେତେ ଅପବାଦ
ରହିଅଛି ଲେଖା ହୋଇ
ତଥାପି କାହିଁକି ବଞ୍ଚିଅଛି ଏଠି
ନିଜେ ମୁଁ ତ ଜାଣେ ନାହିଁ
ସପନ ଦେଖିବା ମନା ମୋ ପାଇଁକି
ଯେମିତି ମୁଁ ଅପରାଧିଟିଏ
ଦୋଷ ନ କରିବି ..... ॥ ୨ ॥

ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୯

❐❐❐

ତୁମେ ଗୋଟେ ମିଛ ଚିତ୍ର

● ବାଇଧର ନାୟକ

ସପନ ଗୋ ତୁମେ
ବହଳ ଅଂଧାରେ
ନିବିଡ଼ ନିଦରେ
ଛପି ଛପି ନିତି ଆସ
ସତ ପରି ସିନା
ଅଭିନୟ କର
ତୁମେ ଗୋଟେ ମିଛ
କୁହୁକ ଫୁଲର ବାସ ।

ତୁମେ ଆସ କେଉଁ
ଅତୀତକୁ ନେଇ
ଅଭୁଲା ଦିନର ଚିତ୍ର
ଆଙ୍କି ଦେଇ
ନିଦ ଚାଲିଗଲେ ତୁମେ ଚାଲିଯାଅ
ତୁମେ ଗୋଟେ ମିଛ
ସାହାରା ମରୁର ଶୋଷ ।

କେଉଁ ରାଇଜରେ ତୁମ ଚିତ୍ରପୁରୀ
ସବୁରି ଜୀବନେ ରହିଛ ଆବୋରି
ଭସାମେଘ ପରି ଭାସି ଭାସି ଯାଅ
ତୁମେ ଗୋଟେ ମିଛ
ମାୟାବିନୀ ମଧୁ ମାସ ।

କେତେବେଳେ ଆସି

ଲୁହରେ ଭିଜାଅ
କେତେବେଳେ ଓଠେ
ହସ ଲେପି ଦିଅ
ଛଳନାର ମଧୁ ଚନ୍ଦ୍ରିକା ସାଜ
ତୁମେ ଗୋଟେ ମିଛ
ବିଶ୍ୱାସରେ ଅବିଶ୍ୱାସ
ତୁମେ ଗୋଟେ ମିଛ
ପ୍ରତିଶ୍ରୁତି ଅବଶୋଷ ॥

ସା: ପରମାନନ୍ଦପୁର, ପୋ: ବାହାବଳପୁର
ଭାୟା: ତିହିଡ଼ି, ଜିଲ୍ଲା: ଭଦ୍ରକ- ୭୫୭୧୩୦
ମୋ: ୯୯୩୮୦୦୭୮୩୩

❐❐❐

ମାଟିରୁ ଆକାଶ

● **ନୀଳକଣ୍ଠ ସାମଲ**

ମାଆ ବୋଲି ଯେଉଁ ଦୁଇଟି ଅକ୍ଷର ତାହାର ତୁଳନା କାହିଁ
ମାଟିରୁ ଆକାଶ ବ୍ୟାପୀ ରହିଅଛି ସବୁରି ହୃଦୟ ଛୁଇଁ ॥ ୦ ॥
ନିଜକୁ ପଚାର କେଉଁଠି ତୁ ଥିଲୁ ଧରାକୁ ଆଣିଲା କିଏ
ଆତ୍ମସମୀକ୍ଷା କର ଆରେ ବାବୁ ସ୍ନେହମୟୀ ମାଆ ସିଏ ॥ ୧ ॥
ଶିବଙ୍କ ତ୍ରିଶୂଳ ସହିବା ଶକତି ବିଶ୍ୱ ବ୍ରହ୍ମାଣ୍ଡରେ କା'ର ନାହିଁ
ଦଶ ଶୂଳାଘାତ ସଙ୍ଗେ ପଦାଘାତ ସବୁ ସହିଲା - ତୋ ପାଇଁ ॥ ୨ ॥
ଭୂମିଷ୍ଠ କରିଲା ଭୂଇଁ ସାଉଁଟିଲା ଭୂଇଁରେ ପଡ଼ିଲା ଲୋଟି
ଚେତା ହରାଇଲା ଜ୍ଞାନ ହରାଇଲା ମୁକୁଳିତ ହେଲା ଚୁଟି ॥ ୩ ॥
ଦୁଇଘଡ଼ି ପରେ ଚେତନା ଲଭିଲା ନ ଦେଖିଲା ନିଜ ଦେହ
କାହିଁ ମୋର ଧନ କାହିଁ ମୋର ଧନ ଶୀଘ୍ର ଆଣି ମୋତେ ଦିଅ ॥ ୪ ॥
କୋଟି ହୀରା ନୀଳା ତୁଚ୍ଛ ମଣିଲା ତୋତେ ସେ ପାଇଲା ଦିନୁ
ତୋହ ପାଇଁ ସଦା ବ୍ୟାକୁଳିତ ପ୍ରାଣ କ୍ଷୀଣ କଲା ତାର ତନୁ ॥ ୫ ॥
ବକ୍ଷରୁ ନିଗାଡ଼ି ଅମୃତଧାରା ଢ଼ାଳିଲା ତୋହର ମୁଖରେ
ବକ୍ଷେ ଆଉଜାଇ ସଦା ସେ ରଖିଲା ବାଧାବିଘ୍ନଠାରୁ ଦୂରେ ॥ ୬ ॥
ଦରୋଟି ଭାଷାରେ କଥା ଶିଖାଇଲା ପାଟି ମାରୁଥିଲା ଖନି
ଯାହା ପଚାରିଲୁ ଉତ୍ତର ସେ ଦେଲା କରିବାକୁ ତୋତେ ଜ୍ଞାନୀ ॥ ୭ ॥
ଅଙ୍ଗୁଳି ଧରିଣ ଚାଲି ଶିଖାଇଲା ଥର ଥର ପାଦ ତୋର
ତଳେ ପଡୁ ଯେତେ ଉଠାଏ ସେ ସେତେ ଛାତିକୁ କରି ପଥର ॥ ୮ ॥
ପିତାଙ୍କର ଦାନ ଅସ୍ଥି ପିଞ୍ଜରା ମୂର୍ତ୍ତିର ନଡ଼ା ପରି
ମାଆଙ୍କର ଦାନ ମାଂସ ଓ ଚର୍ମ ସର୍ବାଙ୍ଗେ ରହିଛି ପୂରି ॥ ୯ ॥

ମୂର୍ତ୍ତି ଦେହରୁ ମୃତ୍ତିକା ଲେପନ ଯଦି ଛଡ଼ାଇଣ ଦିଅ
କେବେ କେ ଚିହ୍ନିବ ମୂର୍ତ୍ତି କାହାର କେଉଁ ଦେବୀ ଅବା ଦିଅଁ ॥ ୧୦ ॥
ମାଆ ଯୋଗୁଁ ବିଶ୍ୱେ ପରିଚୟ ତୋର ମାଆ ବିନା ଗତି ନାହିଁ
ତେଣୁ ହେ ମାନବ ମାତୃପୂଜାକର ଭକତି ମମତା ଦେଇ ॥ ୧୧ ॥

ମେଘା, ଆଠଗଡ଼, କଟକ
ପିନ୍ - ୭୫୪୨୯୫
ଦୂରଭାଷ : ୯୪୩୭୯୩୩୭୮୨

❐❐❐

ତୁମ ଅବର୍ତ୍ତମାନରେ

● ରମାକାନ୍ତ ବେହେରା

ଯୁଗଳ ମିଳନ କେତେ ଶୋଭାବନ
କେତେ ମଧୁମୟ ପ୍ରୀତି ପାର୍ବଣ
ମୁଁ ତୁମ ଦେହର ଛାଇ,
ଉତ୍ତାଳ ତରଙ୍ଗେ ଲୀନ କଲ ତାକୁ
ନିର୍ବାକ ହୋଇ ଭାବୁଅଛି ବସି
ତୁମେ ଗଲା ଦିନୁ ମୁହିଁ ॥

କେଉଁ ବାଟେ ଗଲ ତୁମେ ପାଦ ଥୋଇ
ତାର ଚିହ୍ନବର୍ଣ୍ଣ ଖୋଜି ପାଉନାହିଁ
ଭଙ୍ଗା ଦେଉଳର ମୁଖଶାଳା ପରେ
ଯୋଗୀଟିଏ ସାଜି କେନ୍ଦରାର ସୁରେ
ଗାଉଛି ବିରହ ଗୀତ,
ମିଛ ମଣ ପଛେ ସତ ମୁଁ କହୁଛି
ଛାତି ପରେ ଥୋଇ ହାତ ॥

ଗୋଲାପ ଫୁଟା ସେ ତୁମ ହସଧାର
କଥାରୁ କବିତା ଝଡ଼ି ପଡ଼େ ମୋର
କେତେ ମଣି, ମୁକ୍ତା ସାଉଁଟେ ଚାଲିରୁ
ବ୍ରହ୍ମାଣ୍ଡ ଭୂଗୋଳ ଦେଖାଇ ମୁହଁରୁ
ଗୋଟେ ଅମଉଳା ଫୁଲ,
ଅବେଳରେ ତୁମେ ମଉଳିବ ବୋଲି
ଭାବନା ନ ଥିଲା ମୋର ॥

ଅନ୍ତର କାନ୍ଦୁଛି ତୁମ ପାଇଁ ମୋର
ଲୋକ ଦେଖିବାକୁ ଓଠେ ହସ ଧାର

ମୋ ମନ ବନରେ ଲାଗିଅଛି ନିଆଁ
କୁହୁଡ଼ି ପରାଏ ବ୍ୟାପୁଛି ତା' ଧୂଆଁର
"ତୁମେ ଅବର୍ତ୍ତମାନରେ"
ସୁଖରେ ଅଛି କି ଦୁଃଖରେ ଅଛି ମୁଁ
ଜାଣିବ ଏଇ ଗୀତରେ ॥

ସା:/ପୋ: ଭଣ୍ଡରିପୋଖରୀ,ଭଦ୍ରକ
ମୋ: ୯୩୩୭୧୩୭୪୮୪

❐❐❐

ପାନ୍ଥଶାଳାର ସ୍ମୃତି

● ଡକ୍ଟର ପ୍ରଦୀପ କୁମାର ମିଶ୍ର

ମାଟିର ମଣିଷ

ମାଟିରେ ମିଶିବା
କେହି ରହିବାନି ଏଠି,
ଅଢ଼େଇ ଦିନିଆ
ଜୀବନରେ ଖାଲି
ପାନ୍ଥଶାଳାର ଖଟି !

ସ୍ନେହ, ପ୍ରେମ ପରା
ସୁନା, ହୀରା, ନୀଳା ମୋତି
ଏ ସମ୍ପତ୍ତି ସଦା
ହୃଦୟରେ ରଖ
ବୁଝ ହେ ସରଗ ଯାତ୍ରୀ !!

ସମର୍ପଣ
ଆଇ.ବି. ରୋଡ଼
ପାୱାର ହାଉସ୍ କଲୋନୀ, ୬ଷ୍ଠ ଲେନ୍
ଜୟପୁର- ୭୭୪୦୦୧
ଜିଲ୍ଲା: କୋରାପୁଟ,
ମୋ : ୯୪୩୭୫୨୫୧୦୫

❐❐❐

ଇତିହାସ ଯନ୍ତ୍ରଣା

● ଗଣେଶ ପ୍ରସାଦ କରଶର୍ମା

ମୋର କ'ଣ ନାହିଁ ?

ଧନ- ଜନ - ଗୋପ - ଲକ୍ଷ୍ମୀ ସବୁ ଭରପୁର ।

ଅଛି ପୁଣି ମୋ ନିଜର ଭୂମିଠାରୁ ଭୂମା ଯାଏ
ଯାହାର ବି ଅଛି ଏକ ବୁନିୟାଦୀ - ସଭ୍ୟତାର
ଉନ୍ମେଷରୁ ବିକାଶ ପର୍ଯ୍ୟନ୍ତ ଦୀର୍ଘ ପରଂପରା ।

ମଥାରେ ମୋ ହିମାଦ୍ରୀ କିରୀଟ-
ତିନିଭାଗ ଘେରିଛି ମୋ ସୁବିସ୍ତୃତ ଭବ୍ୟ ପାରାବାର
କିଛି ନାହିଁ ମୋର ବୋଲି ଭାବେ ଯିଏ କହେ ଯିଏ
ଜଗତରେ ସେ ଏକ ପାମର ।

ଭିତରୁ ବାହାର ଯାଏ ଯିଏ ସବୁ ରହିଛନ୍ତି-
କାହାକୁ କହିନି ମୁଁ ଆ ଆ ବୋଲି
ମୁଁ କହିନାହିଁ ଯାଆ,
ଯିଏ କିନ୍ତୁ ଆସିଛନ୍ତି ବେଳ ଅବେଳରେ ନିଜେ
କୋଳେଇ ନେଇଛି ତାଙ୍କୁ ଆଦରରେ
ଯେହେତୁ ମୁଁ ସେମାନଙ୍କ ମାଆ ।

କଦାଚିତ୍ ବାଟ ଖୋଜି ଫାଟ ଖୋଜି
ଆସିଥିଲେ କେତେକ ଜହ୍ଲାଦ
ମୋ ରତ୍ନ ଲୁଣ୍ଠନ କରି ଭିଆଇଲେ
ଅନେକ ପ୍ରମାଦ ।

ଦୁଃଖ ମୋର ସେଠି ନୁହେଁ
କାଳର ଏ କ୍ରୂର ପରିହାସ

ଦୁଃଖ ମୋ ଖୋଲି କହୁଛି ସମସ୍ତଙ୍କୁ
ଗୋଟାଏ ଶତାବ୍ଦୀ ଧରି ନାହିଁ ମୋର କ୍ରମାଗତ
ପ୍ରାମାଣିକ ଏକ ଇତିହାସ ।

ସଭିଏଁ ପାଗଳ ହେଲେ ଗାଦି ଆଉ ଗଦି ପାଇଁ
ଫୁଲି ବେଙ୍ଗ ଫୁଲା ପରି ଫାଟି,
କାହାର ମୁଁ ହେଲିନି ନିଜର
ମୁଁ ପଡ଼ି ରହିଲି ହୋଇ ଭାରତର ମାଟି,
ମୁଁ ନୁହେଁ ବଇରୀ କା'ର ନୁହେଁ ବି ନିଜର
ମୁଁ ସବୁରି ଭାରତ ମାଆଟି;
ତାଙ୍କର ମୁକତି ପାଇଁ
ଏଇ ମୋ ପାବନ ଧୂଳି ମାଟି ।

ଲକ୍ଷ୍ମୀଭବନ, ନିମାପଡ଼ା
ବାଙ୍ଗୋରପଦୀ, ବନ୍ତ,ଭଦ୍ରକ
ମୋ: ୮୩୩୭୭୯୧୧୬୧

❐❐❐

କେମିତି ଅଛ

● ଶିଶିର ନାୟକ

ବାହାରେ କ'ଣ ସବୁ ଭାଂଗିରୁଜି ଯାଉଛି
ଦଳାଚକଟାରେ ସବୁକିଛି
ଛିନ୍ନଛତ୍ର ହଉଚି
ଆକାଶ ପୋଡ଼ି ଯାଉଛି, ମାଟି ଜଳୁଛି
ଫୁଲ ଉପରେ ବାରୁଦର ଖେଳ ଚାଲିଛି
ସାରାରାତି କବିତା ନାୟକ
ନିଶ୍ୱାସ ନେଇନି
ତମେ କେମିତି ଅଛ ?

ନିଘା କଉଠି ନାଇଁ
ମିଛୁଆ ସତ୍‌ର ପତାକା ଉଡ଼ଉଛନ୍ତି
ଆମ ଗାଆଁର ନିଆଁ ଡ଼େଇଁ
ଆର ଗାଆଁ ଜଳଉଛି
କଂପ୍ୟୁଟରରେ ମୁଁ ତମକୁ ଭଲ ପାଉଚି
ସବୁ ସୁଅ ବେଗ ହରେଇଚି
କୋଡ଼ିଏ ବର୍ଷର ଅଦାଲତ ପରେ
କିଏ ସବୁ ହାରିଛନ୍ତି
ଅଂଧାରର ଦଖଲରେ କ'ଣ ସବୁ ଗୁମୁରି ଉଠୁଛି
ତମେ କେମିତି ଅଛ ?

ସ୍ୱଜନ ହରେଇ ହରେଇ ନିଜକୁ ହରେଇଛି
ଜେନାସାହିରୁ କାଳେ ପବନ ଉଠିବ
କ'ଣ କ'ଣ ସବୁ ଉଡ଼େଇ ନବ

ବୟସ୍କ ପକ୍ଷୀର ଗୀତ

● ସୁରଞ୍ଜନ ପାତ୍ର

କଟିତ ଗଲାଣି ବୟସ ପକ୍ଷୀର
ସୁନାଲଗା ଡେଣା ଦୁଇ
ଉଡ଼ିବାର ଇଚ୍ଛା କେମିତି କରିବି
କୁହ କୁହ ଆଗୋ ସହୀ ॥ ୦ ॥

ଫୁଲ ତୋଳା ସେହି ଜହ୍ନରାତିକୁ
ଆଉ କି ପାରିବି ଧରି
ମନ ବେହେଲାରେ ତୁମ ଗୀତ ପାଇଁ
ସ୍ୱର କି ପାରିବି ଭରି ।
ନିରିଜନେ ଏବେ ଢ଼ାଳୁଅଛି ଲୁହ
ଦୂର ଆକାଶକୁ ଚାହିଁ । ॥ ୧ ॥

ଜୀବନ ଜମିରେ ଡହଡହ ନିଆଁ
ପାଦ ତ ପାରୁନି ଥାପି
ଜଳି ବି ଗଲାଣି ସେ ବଉଳ ଗଛ
ଯହିଁ ବସୁଥିଲେ ଗପି ।
ଫେରିକି ପାରିବି ଆଉ ତୁମ ପାଶେ
ଅତୀତର ସୀମା ଡେଇଁ ॥ ୨ ॥

ସଂପାଦକ - ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର
ବାଲେଶ୍ୱର - ୭୫୭୦୪୫
ମୋ: ୮୧୧୭୮୦୫୯୫୯

❐❐❐

ଜୀବନରୁ ଜୀବନ ଉଡ଼େଇ
ନୂଆ ଜୀବନ ପଶିବ
ତମର କାଳେ ଗୋଟେ ବହି ଛପାହେବ
ରିକ୍ସାବାଲା ତାକୁ ଉନ୍ମୋଚନ କରିବ ।

ମୋ: ୯୯୩୭୪୯୦୬୪୭

❐❐❐

ଏଇ କବିତା କଥା

● ଡ. ଅବନୀ ପ୍ରଧାନ

ଏଇ କବିତା କଥା ମୋତେ ପଚାରୁଥିଲନା ଗୟାଧର ?
ତେବେ ଶୁଣ ।
କବିତାକୁ ଖୁବ୍ କମ୍ ଲୋକ ପଢ଼ନ୍ତି ।
ତା' ଠାରୁ ଆହୁରି କମ୍ ଲୋକ କବିତା ଲେଖନ୍ତି
ବେଶୀ ଲୋକ କବିତା କରି କଥାକୁ କହନ୍ତି ତ
ସେମାନେ ଜାଣିପାରନ୍ତି ନାହିଁ ।
ଆଉ କବିତାକୁ ଭଲପାଇବା କଥା ଛାଡ଼
ସେମିତି କହିବାକୁ ଗଲେ କିଏ କାହାକୁ ଭଲ ପାଉଛି ଯେ !
ତଥାପି କବିତା ବଂଚେ ତା' ବାଗରେ ।
ବାଟ ଚାଲେ ତା' ମନ ମଗଜରେ ।

ମଣିଷ ଜୀବନକୁ ବଂଚାଇବା ଶକାସେ ରସ ଯୋଗାଡ଼େ
ତା'ର ଘଷରା ଜୀବନ କେମିତି କଟେ ତନଖେ
ଆଉ ତା' ଦୁଃଖର ଯାତନାମାନଙ୍କୁ କେମିତି ସହିବାକୁ ପଡ଼େ
ସହି ଶିଖାଏ
କବିତା କଥା କହେ
ଗୀତ ଗାଏ
ସ୍ମୃତିମାନଙ୍କୁ ରୁଣ୍ଡେଇ ସାଉଁଟି ଆଣି
ଶବ୍ଦ ଫେଇ ପ୍ରବର୍ତ୍ତାଏ ।
କାନକୁହାଙ୍କ କଥା ନ ଶୁଣେ
କିଛି ନ ହେଲେ ବି ଏକ୍‌ଲା ପକ୍ଷୀଟିଏ ହୋଇ

ମନମାରି ବସେ । ସ୍ମୃତିଙ୍କୁ ସୁମରେ ।
ତେବେ କବିତା କି ରକମ୍ କଥା କି ?
ବୁଝିଲ ଗୟାଧର ! ଏଇ କବିତା କଥା କହିବା ମୁସ୍କିଲ୍ ।
କେତେବେଳେ ସଂଖ୍ୟା ହରାଇ ତ ଚେତାରେ ଥାଇ
ଆମ୍ ଅନ୍ୱେଷଣରେ ଲାଗି ପଡ଼ିଥାଏ ।

ସବୁ କୋହ ସବୁ ମୋହ ସବୁ ମାୟା
ସୁତରାଂ ଏ ଦେହ ମନର
ସବୁ ଘନୀଭୂତ ଇଚ୍ଛାଙ୍କର ଭାଷା ଫିଟି ପଡ଼ିଲେ
କବିକୁ କାବ୍ୟିକ କରାଏ
ଭାଷା ଖୋଜେ କବି
ଶବ୍ଦ ଫିଏ କବି ତା' କବିତାରେ
କବିତା ବାଜେ । ବଜାଏ ।

ଯେକୌଣସି ଭାଷାର କହୁଥିବା କଥାର
ସ୍ୱର ଲାଳିତ୍ୟ ହିଁ କବିତା ।
କବିତା : ପାଠକ ପ୍ରତି, ଶ୍ରୋତାଙ୍କ ପ୍ରତି ଆଉ
କବିଟି ପ୍ରତି ସଦା ସତର୍କ
ଅବଶ୍ୟ କବିତା ଲେଖୁ ଲେଖୁ କବି ବୁଝୁଛି
ତା'କୁ ବଂଚିବାକୁ ହେବ ଇତିହାସର ଅନ୍ତରାଳରେ
କବିତା ମୁକ୍ତିର ପଂଥା
ମୁକ୍ତି ପାଇଁ ଲଢ଼ି ଲଢ଼ି ଲଢ଼ିବାକୁ ଆଗକୁ
କବିତା ଲୋଡ଼ା ।

କବିତା ଲେଖା ଚାଲିଛି । ଚାଲିଥିବ ।

ଜୀବନର ନୂଆ ଅନ୍ୱେଷଣ ଦେବ ।
କଳ୍ପନାର ପୁନର୍ଜନ୍ମ ନେବ
ଆଉ ଜୀବନକୁ ଅନ୍ୱେଷଣ କରୁ କରୁ
ବେଳ ଗଡ଼ିଯିବ ।
ଯାହା ବାକି ରହିଯିବ ! କାଲିକି ତା' ଥାଉ
ଏଇ କବିତା କଥା କହୁ କହୁ
ସତ୍ୟ- ଶିବ- ସୁଂଦରର କଥା କୁହାଯାଉ
ଏଇମିତି ଏଇମିତି କବିତା' ଲେଖା ଚାଲିଥାଉ ।

ମୋଟେଲ ଛକ, ଭଦ୍ରକ
ମୋ: ୭୫୬୧୦୦

❐❐❐

ଇହଲୀଳା

● ଡକ୍ଟର ନାରାୟଣ ପଣ୍ଡା

ଆଲୁଅ ଥାଉକି ଅଂଧାର
ସମୟ ସମସ୍ୟାକୁ ସାମ୍ନା କରି
ଚାଲିବାକୁ ହବ ବହୁଦୂର ।
ସବୁବେଳେ ଘର
ଗୋଟେ ନଶ୍ୱର ଶିବିର ।

ସମୟର ଗତି
ଅଣଆୟତ୍ତ ।
ନିଜ ଛାଇ ବେଳେବେଳେ
ବନିଯାଏ ଭୂତ ।
ସାଇତା ସଂପତ୍ତି
ହୋଇଯାଏ ଖତ ।

ଭାଗ୍ୟ ହାତରେ
ଜୀବନ ସୁଦୃଶ୍ୟ କାଚଘର
ନିତିଦିନ ନିଜ ଇଚ୍ଛାରେ
ଭାଂଗୁଥାଏ ଗଢୁଥାଏ ବରାବର ।
ଆପଣାର ମଣିଷ
ସ୍ୱାର୍ଥପାଇଁ ହୋଇଯାଏ ତାର ।
ଦହନ ଭିତରେ
ମାଟିର କଳେବର ଦିଶେ ସୁନ୍ଦର ।
ଦଗ୍ଧ ଅନଳରେ
ହସିଲା ପରି କାଞ୍ଚନ
ପରାଜୟ ବିପର୍ଯ୍ୟୟ ଭିତରେ

ସପନ ଦେଖୁଥାଏ ଜୀବନ ।
ପତନରେ
ହସୁଥାଏ ପ୍ରତିପକ୍ଷ ।
ଦେହସୁଆ
ଆକସ୍ମିକ ଘାତ ପ୍ରତିଘାତ ।

ବଉଳପଦା, ବଳରାମପୁର
ଆଠଗଡ଼, କଟକ
ପିନ୍ - ୭୫୪୨୯୫

❐❐❐

ବର୍ଷା

● ରାଖାଲ ଚନ୍ଦ୍ର ସ୍ୱାଇଁ

ବର୍ଷାଗୋ ତୁମେ ଚର୍ଚ୍ଚାରେ ଅଛ,
ଆମ ଗାଆଁ ବିଲ ହିଡ଼ ମୁଣ୍ଡରେ ।
କରି ତୁମେ ବୃଷ୍ଟି, ବଞ୍ଚାଇଛ ସୃଷ୍ଟି
ଯୋଗାଉଛ ଦାନା ସର୍ବ ତୁଣ୍ଡରେ । ॥ ୧ ॥

ନିଦାଘର କଷ୍ଟ, କରି ତୁମେ ନଷ୍ଟ,
ତରୁ ଡାଳେ ଦିଅ ନୂଆ ଜୀବନ ।
ତୁମରି ପରଶେ ତରୁଲତା ହସେ,
ହସେ ସୁନା କ୍ଷେତେ, କୃଷକ ମନ । ॥ ୨ ॥

ବର୍ଷା ଗୋ ତୁମେ ଚର୍ଚ୍ଚାରେ ଅଛ,
ବସ୍ତିର ଭଙ୍ଗା ଝୁମ୍ପୁଡ଼ି ଘରେ ।
ଭାଙ୍ଗିଦେଇ ଚୂଲି, ହସ ଖିଲିଖିଲି,
କୋରଡ଼ା ମାରୁଛ, ଦୁଃଖୀ ପିଠିରେ । ॥ ୩ ॥

ସେ କାହୁଁ ପାଇବ, କୋଠାଟେ କରିବ,
ମାଟି କାନ୍ଥେ ତାର, କଟୁଛି କାଳ ।
ଅନିଦ୍ରାରେ ରାତି, ଯାଏ ତା'ର ବିତି,
ଚୂଲି ଚାଳେ ଯେଣୁ, ପଶିଛି ଜଳ । ॥ ୪ ॥

ବର୍ଷା ଗୋ ତୁମେ ଚର୍ଚ୍ଚାରେ ଅଛ,
ମହାନଗରର ଚାହା ଖଟିରେ ।
ନାଳ ନର୍ଦ୍ଦମାର ଆବର୍ଜ୍ଜନା ଜଳ,
ଘରେ ପୁରାଉଛ ସ୍ମାର୍ଟ ସିଟିରେ । ॥ ୫ ॥

ରାଜନେତା ଯେତେ ହାରନ୍ତି ତୋ ପାଶେ,
ରାଜରାସ୍ତା ସାଜେ ଅସ୍ଥାୟୀ ନଈ ।
ତୁ ଚାହିଁଲେ ରଚୁ ତାଣ୍ଡବର ଲୀଳା,
ତୁ ଚାହିଁଲେ ଦେଉ, ସୃଷ୍ଟି ବଞ୍ଚେଇ । ॥ ୬ ॥

ବର୍ଷା ଗୋ ତୁମେ ଚର୍ଚ୍ଚାରେ ଅଛ,
ଉତ୍ତରାଖଣ୍ଡର ପାହାଡ଼ ତଳେ ।
ବାଦଲ ଫଟେଇ ମଣିଷକୁ ନେଇ,
ବୁଡ଼େଇ ଦେଉଛ, ଅଥଳ ଜଳେ । ॥ ୭ ॥

ଯେତିକି ହସାଅ କନ୍ଦାଅ ସେତିକି,
କେବେ ଲକ୍ଷ୍ମୀ କେବେ କାଳୀକା ସାଜି ।
ତଥାପି ଚାହୁଁଛି ଆସ ବର୍ଷାରାଣୀ,
ରୁଣୁଝୁଣୁ କରି ତବ ପାଉଁଜି ॥ ॥ ୮ ॥

ନୋଟାରୀ, ଭଦ୍ରକ
ମୋ: ୯୩୩୭୬୨୩୬୮୫

❐❐❐

ଅହଂକାର

● ଅଶୋକ ମହାନ୍ତି

ଦୁଇଟି ଅହଂକାରୀ ମଣିଷଙ୍କ ଜିଦ୍‌ଖୋର
ମନୋଭାବ ଯୋଗୁଁ ଖଣ୍ଡର ବନିଗଲା ଗୋଟେ ସାମ୍ରାଜ୍ୟ

ଯେଉଁଠି କାଲି କୁନି କୁନି ପିଲାଙ୍କ କଳରବରେ
କମ୍ପି ଉଠୁଥିଲା ଇଲାକା
ସକାଳରେ ସତେଜ ଫୁଲମାନେ ପବନରେ ଦୋହଲୁ ଥିଲେ
ଲୁଚକାଳି ଖେଳୁଥିଲେ ପ୍ରଜାପତିଙ୍କ ସାଥେ ।

ଧ୍ୱଂସ ସ୍ତୂପରେ ପରିଣତ ହେଲା ଗୋଟେ ରାଷ୍ଟ୍ର ଖାସ ବୋମାମାଡ଼ରେ ।
ଯୁଦ୍ଧର ସମସ୍ତ ନିୟମକୁ ଭାଙ୍ଗି ବେଖାତିର କରି
ଭଙ୍ଗି ଦିଆଗଲା କୋଉ କାଳର ବିଶାଳ ଷ୍ଟେଚ୍ୟୁ /
ଆଉ ଷ୍ଟେଚ୍ୟୁ ଉପରେ ଚଢ଼େଇ ବସା
ସମସ୍ତ ମିଉଜିୟମ ,ପର୍ଯ୍ୟଟନ ଶିଳ୍ପ, ସୁନ୍ଦର ସୁନ୍ଦର ସହର ।
ସାଧାରଣ ଲୋକଙ୍କ ଘରଦ୍ୱାର
ବର୍ଷ ବର୍ଷ ସ୍ୱପ୍ନର ମହଲ ।

ଯେଉଁଠି ଦିନେ ଫଳୁଥିଲା ସୁନାର ଫସଲ
ସୂର୍ଯ୍ୟମୁଖୀଠାରୁ ଗହମ କ୍ଷେତରେ ଟ୍ୟାଙ୍କର ଗତାଗତ
ସମସ୍ତ ଦେଶ ଚେଷ୍ଟାକରି ବନ୍ଦ କରିପାରିନାହାନ୍ତି ସେମାନଙ୍କ ଯୁଦ୍ଧ
ବାଧ୍ୟ ହୋଇ ନାଟୋ ଦେଶମାନେ ସହାୟତାର ହାତ ବଢେଇଛନ୍ତି
ୟୁକ୍ରେନକୁ ଋଷିଆ ବିରୁଦ୍ଧରେ, ସେମାନେ ଦେଖିପାରୁନାହାନ୍ତି ।
ନିରୀହ ନାଗରିକମାନଙ୍କ ବିକଳ ମରଣ, ବିହ୍ୱଳ ନିଃଶ୍ୱାସ ।

ଭାରତବର୍ଷରୁ ଯାଇ ସେଠାରେ ଶହଶହ ପଢୁଥିବା /

ଡାକ୍ତରୀ ଛାତ୍ରଙ୍କ ଲୁହ ବତୁରା ମୁହଁ
ସ୍ୱପ୍ନ ଭଂଗ ଜୀବନ, ଦରତୁଟା ମନକୁ ଧରି
ପାଦ ଦେଇ ପାରିଛନ୍ତି ଆମ ଭାରତ ମାଟିରେ କେବଳ
ପ୍ରଧାନମନ୍ତ୍ରୀ ଯୋଗୁଁ
ସାରା ୟୁକ୍ରେନ ଲୋକ ଆଜି ବେଘର
ବିଭିନ୍ନ ଦେଶର ଶରଣାର୍ଥୀ ଶିବିରରେ ଆଶଙ୍କାର ଅଙ୍କ କଷୁଛନ୍ତି
ନିଜ ମାଟିକୁ ଆଉ ଫେରିବେ କି ନାଁ ସନ୍ଦେହ !

ଅଶୋକଙ୍କ କଳିଙ୍ଗ ଯୁଦ୍ଧ ପରେ କଳିଙ୍ଗବାସୀଏ
ଦେଶପାଇଁ ଜୀବନ ଦେଇଛନ୍ତି ଦୟାନଦୀ ରକ୍ତ ରଞ୍ଜିତ
ଦେଖି ତାଙ୍କ ଜୀବନରେ ସିନା ପରିବର୍ତ୍ତନ ଆସିଲା ମାତ୍ର
ଏଠି ଅହଂକାରୀ ଦୁର୍ଯ୍ୟୋଧନ ରକ୍ତନଦୀ ପାର ହେଲାବେଳେ
ତଥାପି ବିଜୟର ସ୍ୱପ୍ନ ଦେଖିବା ପରି ପୁତିନର ଅବସ୍ଥା
ହେ ଜହ୍ଲାଦ ଶାସକ ! ତୁମ ସ୍ୱପ୍ନ ଦିନେ ଧ୍ୱଂସ ହେବ ଯୁଦ୍ଧମୁକ୍ତ ପୃଥିବୀକୁ
ଯୁଦ୍ଧର ଘନଘଟା ଆଡ଼କୁ ଟାଣୁଛ ଯେ ନଷ୍ଟ କରିଛ ଯେଭଳି

ତମେ ଧ୍ୱଂସ କରୁଛ ୟୁକ୍ରେନ ଭଳି ସୁନ୍ଦର
ସାମ୍ରାଜ୍ୟକୁ ଦିନ ଆସିବ ତମରି ମଣିଷମାନେ
ତମକୁ ଓହ୍ଲେଇ ଦେବେ ସିଂହାସନରୁ ସେତେବେଳେ
ଅହଂକାରୀ ଦୁର୍ଯ୍ୟୋଧନ ପରି ରକ୍ତନଦୀ ପହଁରୁଥିବ
କେବଳ ।

ପ୍ରଫୁଲ୍ଲ ନଗର, ଜଗନ୍ନାଥପୁର,
ଭଦ୍ରକ-୭୫୬୧୦୦

❐❐❐

ଶାନ୍ତିଧାରା

● ଆଦିକନ୍ଦ ରାମ୍

ସ୍ୱପ୍ନର ପୂରବୀ ପ୍ରେମର କରବୀ
ତମେ ମୋର ଶାନ୍ତିଧାରା
ଶାନ୍ତି ଖୋଜି ଖୋଜି ପାଇଗଲି ଶାନ୍ତି
ପ୍ରେମ ପୃଥିବୀ ମୋ ପରା
କଲା ମୋତେ ଆତ୍ମହରା । ॥ ୦ ॥

ଗାଆଁଟା ଭିତରେ ଆଁଟା କରିଛି
ନାଆଁଟାକୁ ନେବି ବୋଲି
ତୁମେ ପରା ମୋର କାବ୍ୟ ନାୟିକା
ଫୁଟେ ମୋ କବିତା କଳି
ପ୍ରେମ ରାଇଜର ସୃଜନର ଝର
ଫୁଟେ ପ୍ରଜ୍ଞାଦୀପ୍ତି ପରା
କଲା ମୋତେ ଆତ୍ମହରା । ॥ ୧ ॥

ଆଶା ବୈତରଣୀ ଶୁଖି ଶୁଖି ଯାଏ
ଆଶାରେ ଆଶାରେ ରହେ
ଶେଉଳ ମାଛଟା ପାଣି ବିନା ଆଜି
କି ଛଟପଟ ହୁଏ
ତୁମେ ଆଶାଦିଦି ମୁଁ ଆଶାବାଦୀ
ଆଶାୟୀର ଆଶା ପୂରା
ଆଣେ ପ୍ରାବୃଟ ରାସ ପରା । ॥ ୨ ॥

ଶାନ୍ତିଧାରା ନୁହଁ ଶାନ୍ତିଲତା ତମେ
ପ୍ରୀତିର ଅମୀୟ ଧାରା
ସାଜିଥିଲ ଦିନେ ନିଘଞ୍ଚ ଅନ୍ଧାରେ
ଫୁଟାଫୁଲ ଜହ୍ନତାରା
ଏ ଗୋପପୁରର ଗୋପ୍ୟଭାଷା ବହି
ଗୁପ୍ତଧନ ଦେ ଏ ଧରା । ॥ ୩ ॥

ନାରୀ ନୁହେଁ ତମେ ନଦୀଟିଏ ପରା
ପ୍ରୀତିର ବନ୍ୟା ଛୁଟାଇ
ଶୋଷିଲା ମୁହଁରେ ପାଣି ଦିଅ ଭଲା
ମରମର ବଞ୍ଚେ ମୁହିଁ
ମିଳନ ଦରିଆ ଗୀତ ଗୋ ଗାଇବା
ଆମର ପ୍ରୀତିକି ଆରା
ଏତେ ସପନକୁ ରାତି ନାହିଁ ଆଉ
ଗଭୀରେ ପାଏନା କାତ
ଆସ ଆସ ଶୀଘ୍ର ପାଇନେବା ଆମେ
ସଇରାତ ପଞ୍ଚାମୃତ
କହେ ଆଦି ରାମ ଆଦିରସ ଭେଇ
ଆସ ମୋ ହିମାଦ୍ରୀ ହୀରା ।

ଫକୀରପୁର, କେନ୍ଦୁଝର- ୭୫୮୦୨୨

❐❐❐

ସରଳ ମୋ ପିଲାଦିନ

● ହଂସନାଥ ମୁଦୁଲି

କିଏ ମୋତେ ଆଣି
ଫେରାଇ ଦିଅନ୍ତା
ସରଳ ମୋ ପିଲାଦିନ
ବାକି ସମୟ ମୁଁ
ତହିଁରେ ମିଶାଇ
ଗଢନ୍ତି ନୂଆ ଜୀବନ । ॥ ୦ ॥

ଅତୀତକୁ ମୋର
ଖାଇଯାଇ ଅଛି
ଆଜିର ଭାବନା ଯାହା
ଜୀବନ ପାଇଁକି
ସପନ ଆଣିକି
ଆସୁନାହିଁ ଆଉ ତାହା
ଥରେ ଫେରିଗଲେ
ସେଇ ଅତୀତକୁ
ଚହଲି ଉଠନ୍ତା ମନ
ସରଳ ମୋ ପିଲାଦିନ । ॥ ୧ ॥

ପିଲାଦିନ ମନ
ଚଞ୍ଚଳ ବୋଲିକି
ସଭିଏଁ କହୁଥିଲେ

ସନ୍ନିକ୍ଷଣ

● ଆଶୁତୋଷ କରଣ

ହୁଏତ ସତ
ଝରାଫୁଲର ବାସର
ସୁମଧୁର ଗୀତଟିଏ କି
ପହିଲି ପ୍ରେମର ଗପ ।

ବନାନୀର ବନାଗ୍ନି
ଆଦି ମାନବର ମୋହ ଭଗ୍ନ
କେହି କାହାର ହୋଇପାରେ
କିଏ ସେଇ ମାଆର ।

ପ୍ରେରିତ ପ୍ରାମର ପ୍ରାଚୁର୍ଯ୍ୟ
ବିଶ୍ୱାସ ଦେଶ ଭକ୍ତିର
କେଉଁ ପ୍ରେମର ଯୁଗଳବନ୍ଦୀ
ଅପେକ୍ଷା ଆସନ୍ତା ଲଗ୍ନ ।

ସଞ୍ଜ ନଇଁ ଗଲାପରେ
ପକ୍ଷୀ ଫେରିବେ ବସାକୁ
ଆମ ଜାଣତରେ
ମଣିଷ ନିଜର ବାସକୁ ।

କମାରିଆ ବଜାର, ତିହିଡ଼ି, ଭଦ୍ରକ
ମୋ. ୭୩୭୭୫୯୬୦୬୧

❐❐❐

ଚଞ୍ଚଳ ଦିନର
ସବୁ ଚପଳାମୀ
ତଥାପି କହିଛି ଧାରେ
ସେଇ ଚପଳାମୀ
ଆଜି ମୋ ଜୀବନେ
ଲୋଡ଼ା ହୁଏ ଘନଘନ
ସରଳ ମୋ ପିଲାଦିନ ।

ଖଣ୍ଡଗିରି, ଡୁମଡୁମା-କ
ଭୁବନେଶ୍ୱର- ୭୫୧୦୩୦
ମୋ. ୯୭୭୭୯୬୮୭୧୯

❐❐❐

ସୀମାନ୍ତେ ଚନ୍ଦନ

● ଶ୍ରୀମତୀ ମୀନାକ୍ଷୀ ମଲିକ୍

ମୋ ଚତୁଃପାର୍ଶ୍ୱରେ ଦେବଗଣ
ସମ୍ମୁଖରେ ପବିତ୍ର ବସୁଧା
ଆଖିର ଅସୁମାରି ସ୍ୱପ୍ନମାନ
ରୋମନ୍ଥନ କରୁଛନ୍ତି
ନିଶ୍ୱାସ ଆଉ ପ୍ରଶ୍ୱାସକୁ ।

ସୁନିୟନ୍ତ୍ରଣ ନିମନ୍ତେ
ଏବେ ମୁଁ ମଧ୍ୟାହ୍ନରେ
ନିଜ ଇଚ୍ଛାକୁ ମାପୁଛି
ତା'ର ଲମ୍ବ ଆଉ ପ୍ରସ୍ଥ
ଉଚ୍ଚତା ଆଉ ଉପକାର
ପୁଣି ଭିନ୍ନ ଏକ ଅବୟବ
ଗୁଣୁଗୁଣୁ ଗୀତଟିଏ ଗାଉଛି
ଆକାଶ ଆଉ ପୃଥିବୀ ନିମନ୍ତେ ।

ମୋ ପାଇଁ ନୁହେଁ କିନ୍ତୁ
ହେଇ ଦେଖ ସେ ଛବି
ଏଇ ଦେଖ ସେ ଛାଇ
ଶୂନ୍ୟତାରୁ ପବନ ବହୁଛି
ଦୋହଲୁଛି ପତ୍ର ଆଉ ଫଳ
ବହୁଛି ଆଗକୁ ଦୀର୍ଘ ନଦୀ
ନା ମେଣ୍ଟୁଛି ତୃଷ୍ଣା କି କ୍ଷୁଧା
ଖୋଜୁଛି ସେଇ ଜଣଙ୍କୁ

ସାଥୀରେ ସନ୍ତରଣ କରନ୍ତା
ଅବଶିଷ୍ଟ ଇଚ୍ଛା ନଦୀଟିକୁ
କୁହୁଡ଼ିରେ ଅବା କୁହୁକରେ
ସତ୍ୟ ଅବା ଆନନ୍ଦ ନିମନ୍ତେ
ମିଳନ୍ତା ଚମକ ଚିବୁକରେ ପୁଣି
ମୋ ସୀମାନ୍ତେ ଚନ୍ଦନ ଟୋପାଏ ।

ଲକ୍ଷ୍ମୀନାରାୟଣପୁର, ବାଳକାଟି,
ପିପିଲି, ପୁରୀ
ମୋ. ୮୮୪୭୮୨୭୭୪୯

❐❐❐

ଶକୁନ୍ତଳାର ଶ୍ରାବଣ

● ଜ୍ଞାନରଞ୍ଜନ ନାୟକ

ଏମନ୍ତେ ଶ୍ରାବଣ ବିରାଜନ୍ତେ
ଗଜଗଜ କରି ଗାଜିଦିଏ
ଅବିଶ୍ରାନ୍ତ ପ୍ରୀତିର ଧାରା
ବେହାଲ ହୁଅନ୍ତି
ମଣିଷ, ପଶୁ, ପକ୍ଷୀ,
ବୃକ୍ଷ, ତରୁ, ଲତା,
କୂଳ ଲଂଘେ ଯମୁନାର
ଅମାନିଆ ଉଜାଣି ଢ଼େଉ
ସମ୍ଭାଳି ପାରେନା କେଳିକଦମ୍ବ
ଅଜାଡ଼ି ଦିଏ ଅଜସ୍ର ସମ୍ଭାର ।

ପୁଷ୍କର ତପୋବନେ
ପୁଷ୍କରିଣୀରେ ସୁହାଗ ମନାନ୍ତି
ହଂସ, ହଂସରାଳୀ,
ଉତ୍ସବ ମନାଏ
ନୀଳବର୍ଣ୍ଣ ଦୂର ପାହାଡ଼,
ଇନ୍ଦ୍ରଧନୁର ତୋରଣ ସଜାଏ
ଦୂର ଦୂରାନ୍ତରୁ ଖବର ଆଣେ
କଳାହାଣ୍ଡିଆ ଭସାବାଦଲ,
ଆକଟ ନ ମାନି
ଆଖିରେ ଆଖିଏ ସପନ ନେଇ
ଆଶ୍ରମରୁ ବାହାରି ଆସେ
ଷୋଡ଼ଶୀ ଶକୁନ୍ତଳା,

ମନ ଭରି ନାଚେ ଭିଜିଭିଜି
ଚକାଭଉଁରୀ ଖେଳେ
ଢ଼ଳି ଢ଼ଳି ମୟୂର ସାଥେ ନାଚେ,
ଯୌବନର ଉଚ୍ଛୁଳା ଭାବ
କଥା କୁହା ଅଙ୍ଗ ସୌଷ୍ଠବ
ଦେଇ ଉକୁଟି ଆସେ,
ଲାଜେଇ ଯାଏ ତପନ କିରଣ
ବାଦଲ ଫାଙ୍କରୁ ଲୁଚିଲୁଚି
ରଙ୍କ ସରସର ହୋଇ
ଉପଭୋଗ କରେ
ଓଦା ଜଡ଼ସଡ଼
ପ୍ରକୃତିର କଞ୍ଚା ଟାଙ୍କିଲା ଭଳିଆ ଦେହକୁ ।

ନିଜସ୍ୱ ବୁଦ୍ଧିଥିବା
ଢ଼ଳ ଢ଼ଳ ଜଳ ବିନ୍ଦୁ
ସୂଚନା ଦିଏ ଶକୁନ୍ତଳାକୁ,
ହେଇ ଦେଖ,
ମାଦଳ ବଜେଇ
ଆଲୋକ ଝଲସେଇ
ମନ ପବନ ଘୋଡ଼ାରେ
ହସ୍ତିନାପୁରରୁ ଆସୁଛି
ତୋର ଦୁଷ୍ମନ୍ତ ରାଜା ।

ସହକାରୀ ଶିକ୍ଷକ,
ତିହିଡ଼ି, ଭଦ୍ରକ
ମୋ: ୯୬୬୮୫୪୦୪୬୧

❐❐❐

ଘାସ

● ଡ. ସୁରେଶ ଚନ୍ଦ୍ର ପଣ୍ଡା

ସବୁ ପ୍ରତିକୂଳତାରେ ବି
କଅଁଳ ଛନଛନ
ଉଲ୍ଲାସ ପ୍ରସନ୍ନ

ମୋ ଆକାଶ, ମାଟି, ପାଣି ଓ ପବନ
ଅରମା ଅପନ୍ତରାରେ ବି
ଚେନାଏ ସବୁଜିମା ପୂର୍ଣ୍ଣ
ନିବିଡ଼ ନିଘଞ୍ଚ
ଘାସ ପରି ବିସ୍ତୀର୍ଣ୍ଣ
ଯେମିତି ମୋ ଭଲ ପାଇବା
ଚେରେଇ ଯାଉଥାଏ
ସ୍ଥାନରୁ ସ୍ଥାନକୁ
ଶବ୍ଦରୁ ସ୍ତୁତିର ଦିଗ୍‌ବଳୟ ଯାଏଁ ।

କହୁଛ ତ କହିପାର
ତୁମ ଆତ୍ମକଥା
ଯେମିତି କବିତା ସମ୍ରାଟ
ସ୍ଥିତି ନ ଥାଇବି ଚଳେଇ ରଖୁଥିବା
ସ୍ରଷ୍ଟା ଦରବାର
ମନେରଖ, ତୁମ ମାପଦଣ୍ଡରେ
ଯେତେ ପରଖିଲେ ବି
ଜମା ଅନୁକୃତି ନୁହେଁ
କେବଳ ମୁଁ ହିଁ ମୋହର

ଆଗରୁ କହିଚି
ମୋ ଭଲ ପାଇବା ଠିକ୍ ମୋ ପରି
ଜମା କଥାର ନୁହେଁ କାରିଗର
ବରଂ ଭାବ ଓ ଶବ୍ଦର ଯାଦୁଗର
ତୁମକୁ ଜଣା କି' ନାହିଁ
ନିଜକୁ ପଚାର
କାହାର ସମୂଳ ବିନାଶରେ
ନହୁଅ ବିଭୋର
ସବୁ ଆଘାତରୁ ବି
ମୁଁ ଆଲୋକ ନିଏ
ଭଲ ପାଇବା ଯେଉଁଠି
ଘାସ ପରି କଅଁଳ ଛନଛନ
ପରାହତ ସକଳ ପ୍ରତିରୋଧ
ନିର୍ବିକାର ପ୍ରସନ୍ନ ॥

କଳିଙ୍ଗନଗର, ଭଞ୍ଜନଗର
ମୋ: ୯୪୩୮୫୭୧୯୧୫

❐❐❐

ହେ ବିଶ୍ୱ ଜୀବନ

● ପୂର୍ଣ୍ଣଚନ୍ଦ୍ର ବଳ

ପୋଛି ଦିଅନ୍ତ କି ମନୁ ଅନ୍ଧକାର
ଦିଅନ୍ତକି ଥରେ ଦିବ୍ୟ ଚେତନା,
ମନପ୍ରାଣ ମୋର ପ୍ରୀତିରେ ରଂଗାଇ
ହୃଦରୁ ପୋଛନ୍ତ ଦୁଃଖ ଯାତନା ॥ ୧ ॥

ପାର୍ଥିବ ଦୁନିଆ ଲାଗେ ଖାଁ ଖାଁ
ବିଶ୍ୱବାହୁ ବିନା ମୋତେ
କରଇ ବିନତି ପ୍ରଭୁ ଲକ୍ଷ୍ମୀପତି
ଦିଅ ହେ ଆଶିଷ ଯେତେ ॥ ୨ ॥

ବୋଝ ମଣିବିନି ବୋହି ନେବି ସବୁ
ସସାଗରା ଧରା ହିତେ,
ସତେକି ସଦୟ ହୃଦୟରେ ପ୍ରଭୁ
ଢ଼ାଳିଦେବ ମୋର ହାତେ । ॥ ୩ ॥

ଗଂଗଶିଉଳିର ଜୀବନଟା ଝୁରେ
ସଂନ୍ଧ୍ୟା ଆଗମନ ଚାହିଁ
ଦିବା ସରସୀର ପଦ୍ମିନୀ ମୁଁ ଯେ
ରାତ୍ରୀ ସରସୀର କଇଁ । ॥ ୪ ॥

ଏତିକି ମାତର ଅଳି ମୁଁ କରଇ
ତୁମରି କରୁଣା ପାଇଁ,
ସଂସାରେ ଜୀବନ ମଣିବି ସାର୍ଥକ
ତୁମ ପଦେ ମନଧାୟୀ । ॥ ୫ ॥

ବର୍ତ୍ତନୀ, ବରାଡ଼ିଆ,
ରାଜକନିକା, କେନ୍ଦ୍ରାପଡ଼ା, ପିନ୍-୭୫୪୨୨୦
ମୋ: ୯୯୩୮୭୨୪୦୩୮

ସ୍ୱପ୍ନମାନଂକୁ ଜେରା

● ବିଶ୍ୱନାଥ ନାୟକ

ସ୍ୱପ୍ନମାନଂକୁ ଜେରା
କିଏ କରିବ ?
ସ୍ୱାର୍ଥ ସଂକ୍ରମିତ
ଏଇ ସଂକୁଚିତ ସମାଜରେ ।

ଏଠି ତ ନିର୍ଭୟା, ପରୀ,
ବେବିନା, ମମିତା, ସମିତାମାନଂକ
ନିଷ୍ପତ୍ତି ଅଟକିଛି
ଜେଲ ଯାଏଁ ପହଂଚି ପାରୁ ନ ଥିବା
ବିକଳାଂଗ ନ୍ୟାୟ ବ୍ୟବସ୍ଥା ଓ
ରୁଗ୍ଣ କଚେରୀର ଦ୍ୱାରବନ୍ଧ ପାଖରେ ।

ତାରିଖ ସବୁ ଲମ୍ବା ହେଇ
ଯାଉଛନ୍ତି ଦିନକୁ ଦିନ
ଜେରା, ଜାମିନ୍, ସାକ୍ଷୀ ଓ କୈଫିୟତରେ
କୋର୍ଟ କଚେରୀର ଭିଡ଼ ବଢୁଛି
କେଶ ଫାଇଲ ସହ ବଳାକ୍କାର
ହେଉଥିବା କାନୁନ୍ ବ୍ୟବସ୍ଥାର ।

ଦୋଷୀ ଏଠି ସଭ୍ୟ
ଅପରାଧୀର ସବୁ
କୁକର୍ମକୁ ରଂଗ ମଡ଼ାଇ
ସଫେଦ କରିବାରେ ବ୍ୟସ୍ତ
ସମ୍ବିଧାନରୁ ଜନ୍ମିଥିବା
ନ୍ୟାୟ ବ୍ୟବସ୍ଥା ।

ଅପରାଧର ବଳୟ ଭିତରେ
ଅପରାଧୀ ନିର୍ଭୀକ ନିଡ଼ର,
ତାର ସବୁ ଦୁଷ୍କର୍ମକୁ
ନ୍ୟାୟ ଦେବାରେ ଅଣ୍ଟାଭିଡ଼ି
ତୟାରଥାନ୍ତି ନ୍ୟାୟ ଦେବାର ନିଷ୍ପତ୍ତିମାନେ
ତାକୁ ବଂଚେଇ ରଖିବାର ସଂଭାବନାରେ
ଘୋଡ଼ାଇ ରଖନ୍ତି ପାପର ପାଦଚିହ୍ନରେ ।

ଜରାଗ୍ରସ୍ତ ନ୍ୟାୟ
ସଳଖୀ ଠିଆ ହେବାର ସାହସକୁ
ଠୁଳ କରୁ କରୁ
ଯଂତ୍ରଣାର ଯଉଘରୁ
ମୁକୁଳି ପାରେନା ଦଳିତା, ନିର୍ଯ୍ୟାତିତା,
ପ୍ରତାରିତା, ଧର୍ଷିତାର ପରିବାର, ସଂପର୍କୀୟ ।

ଏବେ କୁହ
କେମିତି ହେବ ଏମାନଂକ ନ୍ୟାୟ ?
ସମ୍ବିଧାନର ଧାରାମାନଂକୁ
ବରାବର କରି ବାଂଟିବାର
ପ୍ରହସନ ବନ୍ଦ ହେଲେ ହୁଏତ ନାରୀ ହିଁ ମୁକୁଳିବ
ପୁରୁଷ ପ୍ରଧାନ ସମାଜର ମାନସିକତାରୁ ।

ସେ ସଳଖି ଠିଆ ହେବ
ତା ସ୍ୱାଭିମାନ ସାମ୍ନାରେ
ନିଜ ପାଇଁ ସ୍ୱତଂତ୍ର ହେବାର
ଅଧିକାରମାନଂକ ଲମ୍ବା ତାଲିକା ନେଇ
ଜେରା କରିବା ଆରମ୍ଭ କରିବ

ବନ୍ଦୀ ଥିବା ତାର ଜୀବନ୍ତ ସ୍ୱପ୍ନକୁ
ସବୁତକ ସାମର୍ଥ୍ୟକୁ ବାଜି ଲଗେଇ
ଉନ୍ମୁକ୍ତ ହେବ ସେ ସେଇ
କଅଁଳ ଅଭିଶାପରୁ ।

ଗୋଳାପୋଖରୀ, ତିହିଡ଼ି, ଭଦ୍ରକ
ମୋ: ୯୪୨୫୩୩୫୩୧୬

❐❐❐

କାଳବୈଶାଖୀ

● ପିନାକୀ ମିଶ୍ର

ଝଡ଼ର ତୋଡ଼
ଦଇବ ପାହାର
ନୁହେଁ ଆଉ କ'ଣ ?
ଦହଗଞ୍ଜ ଜୀବନରେ
ଝାଲୁଆ କପାଳକୁ ଆଉ ଧାପେ ନିଆଁ,
ସତେକି ପବନକୁ କାଳିସୀ ଲାଗେ
ଝାଇଁମରା ଖରା ଟିକେ ନଇଁଚି କି ନାଇଁ
କଳାମେଘ ଆଣ୍ଠେଇ ପଡ଼େ
ପବନ ହେତୁହୀନ, ଠିଆନାଚେ ।

ଗଛ ମାଛ ମଣିଷ ବିଜୁଳିଖୁଣ୍ଟ
ଝୁପୁଡ଼ି ଚାଳ, ଚାପୁଡ଼ା ଛପର
ଛିନ୍‌ଛତ୍ର, ଟିଣ ଉପାଡ଼େ, ପାଚେରୀ ଭାଙ୍ଗେ
ଘଡ଼ିକରେ ଉଜୁଡ଼ିଯାଏ ସଜଡ଼ା ଘରବାହାର ।

ବଜ୍ର ଚଡ଼କ
ଠିଆ ଠିଆ ବିଲରେ ମଡ଼କ
ତାଳଗଛ ଜଳେ,
ପକ୍ଷୀ ଖସିପଡ଼େ ମଝି ଆକାଶରୁ
ପୋଡ଼ିଯାଏ ଦେଉଳ ନେତ
ଅନର୍ଥ ଆଶଙ୍କାରେ ଜୀବନ ଜଳକା,
ଗ୍ରୀଷ୍ମ ବିରହରେ ଇଏ ପୁଣି ଅଦିନ ଭଗାରୀ ।

ତଳମୁହାଁ ଚାଲେ ଗାଁ ଝିଅ ଗଉରୀ

ବାହା ବୟସ ଗଡ଼ିଗଲାପରେ
ଝଡ଼ ଡରେଇ ପାରେନି ବାପ ନ ଥିବା ଝିଅକୁ ।

କାଳ ବଇଶାଖୀ
କୁହାବୁଲା କିଛି ନାହିଁ
ଅକାରଣେ ଦେଇଯାଏ ଦୁଃଖ
ଘର ଅଗଣା ରାସ୍ତା ଘାଟ
ଏକପାଖିଆ ଯୁଦ୍ଧ ପରର ଶିରିଛଡ଼ା ଛବି
ଛିଣ୍ଡାପତ୍ରରେ ମାଟି ଲେଖେ ବ୍ୟଥାର ପୂରବୀ ।

ବଲବଲ ଅନେଇଁଥାଏ ମାଟି
ଡାଳ ପଡ଼ିଥାଏ ମଝିରାସ୍ତାରେ
ଖେଳ ସାରିଦେଇ
ପାହାଡ଼ ସେପାଖେ ପବନ ବସିଥାଏ
ବିଲେଇ ପରି ପାଦ ଚାଟୁଥାଏ ।

ମାମୁଲି ଜୀବନ
ଅଦିନ ଝଡ଼ର କାୟା କଳି ପାରୁ ନ ଥାଏ,
କାଳ ବଇଶାଖୀ
ନୀଚଲୋକ ଭାଷା ପରି ବଡ଼ ବାଧେ ହୋ ।

ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ
ମୋ: ୯୪୩୮୧୧୮୩୯୭

❐❐❐

ବଢ଼ିପାଣି

● ସୁନୀଲ ମିଶ୍ର

କହୁଚ
ଆଗରୁ ହେଉଥିଲା
ଏବେ ଉଧଉନି ।

କେବେ ଖୋଜିଚ
ଆଜି କାହିଁକି ହେଉନି ?
ଖୋଜିଲେ ତ
ଆଗରୁ କେମିତି ହେଉଥିଲା
ଦିଶିବି !

କାହିଁ ?

ତୁମେ ତ ଏକଦମ୍
କଳାରେ ନିପୁଣ ।
ଖୋଜିବା ନାଆଁରେ
ବଂଶୀ ବଜଉଚ
ଏମିତି ବାଗରେ ଯେ
ଏଠି ନାଟ ତ
ସେଠି ହରିହାଟ,
ଆଉ ଥରକୁ ଥର
ସେମାନଙ୍କ ଆଖିରେ
ଚହଟି ଉଠୁଚି
ତୁମ ପୀତାମ୍ବରୀ ପାଟ !

ଦରଦ କାହିଁ ଯେ

ଖୋଜିବ;
ମରମ କାହିଁ ଯେ
ହେଜିବ;
ତୁମେ ତ ଲୁହରେ ହସିନ କେବେ
କେମିତି ବୁଝିବ
କୋଉମାନେ ତିଆରିଥିଲେ
ଆଲୁଅର ଏ ବାଟ ?

ବରଂ ତୁମେ ସେମାନଙ୍କୁ
ଇତିହାସର କଳା ଫର୍ଦ୍ଦରେ
ଟାଙ୍ଗିଦେଇ, ତିଆରୁଚ
ସୂର୍ଯ୍ୟର ପ୍ରଥମ ଶ୍ଲୋକ ।
ଏମିତିରେ ଫିଟେ କି କେବେ
ଗଢ଼ଣ ଲଗ୍ନର ରାଗ ?

ତୁମର ବି ଦର୍କାର କ'ଣ ଯେ ?
ତୁମର ତ
ଉପର ମୁଣ୍ଡରେ ଘର;
ଅବେଳରେ ବି ତୁମର
ଲୋଡ଼ା ପଡ଼େନି ବନ୍ଧ ।

ତୁମେ ପବନରେ
ଫତୁଆ ଉଡ଼ାଅ, ଆଉ
ପାଣି ସୁଅରେ
ପହଞ୍ଚିଯାଅ ତଳମୁଣ୍ଡ;

ବଂଶୀଏ ମହୁର ତୋଳି
କେହି ବି ଜାଣି ପାରୁନ ଥିବା
ଅଦେଖା ବଢ଼ିପାଣିରେ
ଧସେଇ ନିଅ ଥରକୁ ଥର
ସେମାନଙ୍କ
ଛଳ ଜାଣି ନ ଥିବା ପାଦ !

କାହାଳିଆ, ରାଜ ନୀଳଗିରି, ବାଲେଶ୍ୱର
ମୋ: ୯୭୭୭୨୩୩୫୬୬

❐❐❐

ମାୟାବୀ

● ଯୋଗେନ୍ଦ୍ର କୁମାର ନାୟକ

ବନସ୍ତ ଭିତରେ
କନ କନ ହେଇ ଚହଲ ମାରୁଥିବା
ମାୟାବୀ ହରିଣମାନଙ୍କୁ
ବାରେ ଚିହ୍ନି ରଖିଥିବ ଜଗତେ !

ତା ମିଛମିଛିକା
ସୁନାରଂଗର ଦେହ
ଚିତ୍ରବିଚିତ୍ର ଚେହେରା
ମୃଗତୃଷ୍ଣାର ଜଳ
କେବେ ଦୃଶ୍ୟମାନ
କେବେ ଅନ୍ତର୍ଦ୍ଧାନ ।

ତା କୃତ୍ରିମ ନାଭି କସ୍ତୁରୀ
କେତେବେଳେ ବି ହରିନେଇପାରେ
ଦିବ୍ୟଦ୍ରଷ୍ଟାର ଅଦୃଷ୍ଟ ନୟନ
ରଚିପାରେ ଅଜେୟ ସମ୍ମୋହନ
ସିଏ ମାରିଚ ନୁହେଁ ତ ଆଉ କ'ଣ ?

ଜାଣିଛି, ରକ୍ତବର୍ଣ୍ଣ ଆଖିରେ ତାର
କୋଉ ଛଟକରେ କେଜାଣି
ଲୁଚିଥିବ ଛଳନାର ଛଦ୍ମକଢ଼ି
କଳାକଳା ତା କୁହୁକ ମୁଣିରେ
କାଳରାତିର କାମାର୍ତ୍ତ କଦମ୍ବ
ପୁଷ୍ପରାଗ ଫିଟୁଫିଟୁ
ପାଖୁଡ଼ାଏ ପଡୁଥିବେ ଝଡ଼ି ।

ମାୟାବୀ ଇଚ୍ଛାରେ ତାର
କେତେବେଳେ କାଳ ଛଂଚାଣ
ଉଡୁଥିବ ଶୂନ୍ୟରେ ଡେଣାମେଲି
ଅଜାଣତେ ଆସି ଝାମ୍ପି ନେଉଥିବ
ଫରୁଆ ଭିତରୁ ଜୀବନ ।

ମାୟାଘେରରେ ଲଟକିଥିବା
ମୃଗମନସ୍କ ବିଶ୍ୱାସୀ ଲାଗି
ସଜଡ଼ା ହେଇ ଅଟକିଥିବ
ପୁଷ୍ପକ ବିମାନ
ଚୋରେଇ ନେଇ ସୀତାମାତା
ଚମ୍ପଟ ମାରୁଥିବ ଛଦ୍ମଁ ରାବଣ ।

ବର୍ଷାକାଳର ବନସ୍ତ
ମାୟାବୀ ଛଦ୍ମବେଶ
ଖୁବ୍ ପାଖାପାଖି ଲାଗନ୍ତି ଏକାପରି
ଯା ଲାଗି ଆସି ଉଭା ହୁଏ
ବିଡ଼ମ୍ବନାର ବ୍ୟଥିତ ସକାଳ
କଲିଜା ଛୁଇଁ ଲେଉଟି ଯାଏ
ମହାମୃତ୍ୟୁଞ୍ଜୟ ମନ୍ତ୍ର ।

ବର୍ଷାର ଘନଘଟା ତମାମ ଦିନ
ଅଚିହ୍ନା ଶବ, ଅଚିହ୍ନା ସମୟ,
ଅଚିହ୍ନା ସାୟାହ୍ନ
ଦିନ ନ ଗଣୁଣୁ
ସଂଜକୁ ଭାରି ଭାରି ଆମନ୍ତ୍ରଣ
ଜଗତେ ହୋ ଖୁବ୍ ସାବଧାନ ।

ତୁମେ ଚିହ୍ନ ଅବା ନ ଚିହ୍ନ
ତୁମ ଚାରି ପାଖେ ସଦା
କାଳ ହେଇ ପଇଁତରା ମାରୁଥିବ
କେହି ନା କେହି ମାୟାବୀ ହରିଣ ।

ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ରାଜ୍ୟ ସଚିବାଳୟ, ଭୁବନେଶ୍ୱର-୧
ମୋ: ୯୪୩୭୩୦୧୫୨୭

❐❐❐

ନୀପବନ ସନ୍ଧାନେ ନାରୀ

● ସୁବ୍ରତ କୁମାର ସେନାପତି

ନୀପବନ ସନ୍ଧାନେ

କେତେଥର ବାହାରି ଆସିଛୁ ତୁ ନାରୀ
ଛାତି ତଳେ କାହିଁ କେବେ ଠୁଁ ସାଇତା ହୋଇ ରହିଥିବା
ଆବେଗର ତରଙ୍ଗସବୁକୁ ସାଥିରେ ଘେନି
ପାଗଳ ହୋଇଛୁ କେତେବାର
ଏମିତି ସବୁ ଡ଼ହଡ଼ହ ଖରାବେଳେ
ନୀପବନର ଅଫୁରନ୍ତ ଉତ୍ତାଳ ବାସ୍ନାରେ ॥

ସେ ନୀପବନେ ହିଁ ସଂଚିତ
ତୋର ଏକାଧିକ ବିଦଗ୍ଧ ଆବେଗ, ମଞ୍ଜରିତ ଆକାଂକ୍ଷା
ଦେଖିଛୁ ତୁ
ତା ସବୁଜ ପତ୍ର ଭିତରେ
ନିର୍ମଳ ଆକାଶ, କାସାରେ ଢ଼ଳଢ଼ଳ ଅସଂଖ୍ୟ ପଦ୍ମଫୁଲ
ପବନରେ ଦୋହଲୁଥିବା
ଫୁଲଭର୍ତ୍ତି ଡାଳରେ ଦେଖିଛୁ ପୁଣି
କେବେ ଠୁଁ ମରି ସାରିଥିବା
ତୋ ବୋଉର ହଳଦିଆ ପାଟର ପଣତ ତ
ଆଉ କେବେ ସେଇ ନିର୍ମଳ ଆକାଶେ
ଉଡ଼ିଯାଉଥିବା ବଗୁଲୀର ନିର୍ଭୀକ ଊର୍ଦ୍ଧ୍ୱ ଉଡ଼ାଣ
ତା ଫୁଲର ବାସ୍ନାରେ ସାଉଁଟିଛୁ
ପଉଟି ପଉଟି ମହାଅନ୍ନ, ମହୁର, ଶାଗ, ବେସର ।

ପ୍ରତୀକ୍ଷା କରିଛୁ କୋରକିତ ମୁହୂର୍ତ୍ତରୁ ପ୍ରସ୍ଫୁଟନ ଯାଏଁ
ହଳଦିଆ କେଶ ରଂଗର ଫୁଲରେ

ସେ ଫୁଲେଇ ହେଲା ବେଳକୁ
ତୋତେ ହଠାତ୍ ଡାକି ଦେଇଛି
ଘର ଅଗଣାର ତୁଳସୀ
ତୁ ମୁରୁଜେଇ ଥିବା ପିଣ୍ଡା ଆଗରେ ପୁଣି
ଫିକା ପଡ଼ିଯାଇଛି ଆସ୍ତେ ଆସ୍ତେ ଆସ୍ତେ ଏ ସବୁଜ ପତ୍ର
ଈଷତ ହଳଦୀ ରଂଗର ଫୁଲ
ନିର୍ମଳ ଆକାଶେ ଘୋଟି ଯାଇଛି ମେଘ
ମନେ ପଡ଼ିଛି ଗୃହଶାନ୍ତି ଉପଲକ୍ଷେ ହେବାକୁ ଥିବା ଯଜ୍ଞ ପାଇଁ
ତୋତେ ଯୋଗାଡ଼ିବାକୁ ହେବ ସମିଧ
ଉଦଗତ କୋହ ସବୁକୁ ଚାପି
ତୁ ପୁଣି ଥରେ କାଟିଚାଲିଛୁ ତୋ ଚେତନାର ଏ
ବୋଧିଦ୍ରୁମ ॥

ଖାରବେଳ ଛାତ୍ରାବାସ, ଓୟୁଏଟି, ଭୁବନେଶ୍ୱର
ମୋ: ୭୯୭୮୧୬୮୧୯୩

❐❐❐

ରାଜାଧିରାଜ ବସନ୍ତ

● ଡ. ସଂଜୀବ କୁମାର ପାଣିଗ୍ରାହୀ

ରାଜାଙ୍କ ରଥରେ ଆସିବା ପରି
ତୁମେ ଧରାବତରଣ କର ପୁଷ୍ପରଥରେ
ଦିଗ୍‌ବିଦିଗେ ଶୋଭାପାଏ ନାନା ଜାତିଆ ପୁଷ୍ପର ସମ୍ଭାର
ରାଜାଙ୍କ ଗନ୍ତବ୍ୟ ମାର୍ଗରେ
ପୁଷ୍ପ ବର୍ଷଣ ହେବା ପରି
ଆଜି ତୁମେ ଯୁଆଡ଼େ ଯାଉଛ
ସମସ୍ତେ ତୁମ ଉପରେ ପୁଷ୍ପ ବୃଷ୍ଟି କରି କରୁଛନ୍ତି ସ୍ୱାଗତ
ତୁମେ ରାଜା ନୁହଁ ତ !

ରାଜାଙ୍କ ସହିତ ଛତ୍ର, ଚାମର, ଆଲଟ
ଶୋଭା ପାଉଥାଏ
ତୁମେ ଆସିବାରୁ ନାଗେଶ୍ୱର ପୁଷ୍ପ
ତୁମ ମସ୍ତକରେ କରିଛି ଛତ୍ର ଧାରଣ
ମଳୟ ତୁମକୁ କରୁଅଛି ଚାମର ବ୍ୟଜନ
ମଲ୍ଲୀ, ମାଳତୀ ଆଲଟ ଧାରଣ କରି
ସୁବାସ ବିତରିବାରେ ବ୍ୟସ୍ତ
ତୁମେ ରାଜା ନୁହଁ ତ ଆଉ କ'ଣ ?

ତୁମରି ଗନ୍ତବ୍ୟ ପଥରେ
ଭ୍ରମରମାନେ କୁଳବଧୂଙ୍କ ପରି
ହୁଳହୁଳି ଦେଉଅଛନ୍ତି
ପଂଚମ ସ୍ୱରରେ
କୋଇଲି ଗାଉଛି ଗୀତ
ଯୂଇ, ଜାଇ, ମାଳତୀ

ଗୋଟିପୁଅ ନୃତ୍ୟ କରୁଛନ୍ତି
ମାଳ ମାଳ ବୃକ୍ଷ
ସୈନ୍ୟ ସାମନ୍ତଙ୍କ ପରି ସୁସଜ୍ଜିତ
ଏ ସବୁଥିରୁ ଯାହା ଜଣାପଡ଼େ
ହେ ବସନ୍ତ !
ତୁମେ କେବଳ ରାଜା ନୁହଁ
ତୁମେ ରାଜାଧିରାଜ ।

❐❐❐

ସ୍ତୁତିଖଣ୍ଡ

● ବିଜୟ କୁମାର ଜେନା

ବିଚ୍ଛୁରିତ ହେବା ଚାହେଁ
ତେବେ ସବୁଜ ଧାଡ଼ିଟିଏ ଲେଖି ହେଇଯାଅ
ଯାହାର ପୂର୍ଣ୍ଣଚ୍ଛେଦ ନ ଥିବ
ନଚେତ୍ ନିଶ୍ୱାସମାନେ ଘୋଟିଯାଆନ୍ତୁ
ବାଷ୍ପ ହୋଇ ଆକାଶଭର୍ତ୍ତି
ଫିସ୍ ଫିସ୍ ମେଘର ଉଚ୍ଚାରଣ
ଅଙ୍କୁରୋଦ୍‌ଗମ କରିଯାଅ ଅସଂଖ୍ୟ ଭ୍ରୂଣ
ଯଦି ତୁମେ କାହା ହୃଦୟକୁ ପଥରଖଣ୍ଡେ
କି ଗୁଳିଟିଏ କର ନିକ୍ଷେପ
ତେବେ ଭିତରର ଶିଳାରେ
ଫୁଲ ଫୁଟିଥାଏ ବୋଲି କୋମଳତା ବାରିପାରିବ

ହୃଦ ବିସ୍ତାରି ବଜ୍ରମାନଙ୍କୁ ଥାକଥାକ ସାଇତିରଖ
ଦେଖିବ ପୃଥିବୀର ସବୁ ଅସ୍ତ୍ର ତୁମ ପାଇଁ ନିଅଣ୍ଟ ହେବ
ଯଦି ତୁମେ କାହା ବିଷାଦକୁ ଅବା ଲୁହର ଭାଷାକୁ
ଦୈନ୍ୟ ଅପାରଗ ଭାବି ତାଚ୍ଛଲ୍ୟପଣରେ ପରଖ
ତେବେ ତା ଅନ୍ତର୍ଗତ ବେଦନାର
ଗଭୀର ଅନ୍ୱେଷକୁ ପଶିଯାଅ

ଦେଖ, ଏକ ବିରାଟ ଫଳନ୍ତି ବୃକ୍ଷ ଚାରିପଟେ
ସ୍ନିଗ୍ଧ ମନୋରମ ଉଦ୍ୟାନ
କେତେ ଜାତିର କେତେ ବର୍ଣ୍ଣର
ଉଦାର ଶବ୍ଦପେଟ୍ଟା ଫୁଟିଛନ୍ତି ଭୁବନ ଭୁବନ
ଯଦି ତୁମେ ସୁଖୀ ହେବାକୁ ଚାହଁ

ନୂତନତ୍ୱର ପଦଧ୍ୱନି

● ବନଜା ବିଶ୍ୱାଳ

ସ୍ୱପ୍ନହୀନ ଆଖି
ବାସ୍ନାହୀନ ପୁଷ୍ପ
ଅମଡ଼ା ବାଟରେ
ଅପରିଚିତ ସବୁକିଛି

ଅର୍ଥହୀନ ଶବ୍ଦସମ୍ଭାର
ରଙ୍ଗହୀନ ଚିତ୍ରପଟ୍ଟ
ଶିଥିଳ ସମ୍ବେଦନା ସବୁ,
ନିରେଖି ଦେଖୁଛନ୍ତି
ଶକ୍ତିହୀନ ଅବୟବମାନଙ୍କର
ଅକୁହା କାହାଣୀର ଛବି
ସମ୍ବେଦନଶୀଳତାର ଆଖି, କାନ
ଦେଖୁଛନ୍ତି, ଶୁଣୁଛନ୍ତି
ନୂତନତ୍ୱର ମଚ୍ଚୁର ପଦଧ୍ୱନି
ଛାନ୍ଦର ତାଳେ ତାଳେ କ୍ରମଶଃ ଅଗ୍ରସର ।

ଭାଣପୁର, କଟକ-୧୧
ମୋ: ୮୧୪୪୫୫୭୪୬୧

❐❐❐

ତେବେ ପିଠିକୁ ରାସ୍ତା
ଉପରେ ସହସ୍ର ପାପର ଭାରା,
ହୃଦୟକୁ ନଇଟିଏ ବହେଇ
ବାଣ୍ଟିଦିଅ ସଂକ୍ଷିପ୍ତ ଜୀବନ ।

ଚୁନିଦା, ଭଦ୍ରକ
ମୋ: ୯୬୬୮୭୧୨୩୪୧

❐❐❐

ମହାଦ୍ରୁମ

● ସୁମିତ୍ରା ମିଶ୍ର

ହେ ଜଗନ୍ନାଥ !

ଏ ସଂସାର ପାଇଁ ତୁମେ ପରଂବ୍ରହ୍ମ
ସଂକଳ୍ପର, ଶକ୍ତିର, ସଦ୍‌ଭାବନାର ମହାଦ୍ରୁମ
ତୁମ ବକଳ, ଓହଳ, ଶାଖା ପ୍ରଶାଖାରେ ମାତି
ଊର୍ଦ୍ଧ୍ୱଗାମୀ ହେବାକୁ ଖୋଜୁଛି ମୋ ଆତ୍ମଲତିକା
ତୁମ ଶ୍ୟାମଳ ତନୁର ପତ୍ରକୁଞ୍ଜରେ ଛପି
ଉଲ୍ଲସିତ, ଉନ୍ମାଦିତ, ମୋ ଅଭୀପ୍ସାର ବଲ୍ଲରୀ ।

ହେ ଜଗନ୍ନାଥ !
ତମେ ଶିଖାଇଛ ସୂର୍ଯ୍ୟକୁ, ଚନ୍ଦ୍ରକୁ, ତାରାପୁଞ୍ଜଙ୍କୁ
ପୃଥ୍ୱୀମାତାର ଦୁକୂଳରେ ଖଞ୍ଜିବାକୁ ଜୀବନର ପୁଷ୍ପ
ତୁମେ ଭିଆଇଛ ପ୍ରକୃତି ପୁରୁଷ, ପ୍ରେମ, ପ୍ରଣୟ
ଗଢ଼ିବାକୁ ଏକ ବହୁବର୍ଣ୍ଣୀ, ଋତୁପର୍ଣ୍ଣା ଶ୍ୟାମଳା ଧରା
ତୁମେ ଦେଖାଇଛ ପଥ, କର୍ମ, ଜ୍ଞାନ, ଭକ୍ତି ଯୋଗର
ପଥଭ୍ରଷ୍ଟ ମାନବକୁ ତରିବାକୁ ବରି ମୁକ୍ତିର ପଥ ।

ହେ ଜଗନ୍ନାଥ !
ମୋତେ ଶିଖାଇଛ ତୁମେ ଜ୍ଞାନଦୀପ ଜାଳିବାର ନିଶା
ମୋତେ ଦେଖାଇଛ ତୁମେ ନୀଳ ନଭରେ ଉଡ଼ିବାର ଆଶା
ମୋ ଡେଣାରେ ଭରିଛ ପବନରଥରେ ବସି ଉଡ଼ିବାର ସାମର୍ଥ୍ୟ
ମୋ କାନେ କାନେ ଶୁଣାଇଛ ସାଗର ବୁକୁରୁ ମୁକ୍ତା ଖୋଜିବାର ମନ୍ତ୍ର
ଅକଳନ୍ତି ଆଭାରେ ବିଭାସିତ କରିଛ ମୋ ତନୁ, ମନ, ପ୍ରାଣ
ହେ ପ୍ରଭୁ, ପ୍ରିୟତମ, ତୁମେ ମହାଦ୍ରୁମ, ପରମ ପୁରୁଷ, ବ୍ୟାପ୍ତ ତ୍ରିଭୁବନ ।

କୋଳଥିଆ, ଭୁବନେଶ୍ୱର

ମହାତ୍ମାଙ୍କ ଅବର୍ତ୍ତମାନରେ

● ଅନସୂୟା ପଣ୍ଡା

ସବୁଆଡ଼େ ମୋ ଫଟ ଚଷମା ଲାଠି ଛବି
ପ୍ରତ୍ୟୟ ହୁଏ ସ୍ୱଚ୍ଛତା ନାଁରେ
ମୋ ଅନ୍ତର୍ମନର ସ୍ୱଚ୍ଛତା କେଉଁଠି କଅଁଳେନି
ରହିଯାଏ ପ୍ରହସନରେ
ସବୁ ବସ୍ତି ସହରର ଶେଷମୁଣ୍ଡରେ ।

ପରିପୃଷ୍ଠ ସୂର୍ଦ୍ଧ୍ୱନ୍ୟଙ୍କ ପରିତ୍ୟାଜ୍ୟ ଆସବାସରେ
ଶୋଷଣର ପୂର୍ଣ୍ଣଚିତ୍ର ମହାର୍ହର ଆଢୁଆଳରେ
ମାଶାମାନଙ୍କ ଭିଡ଼ରେ, ମାଛିମାନଙ୍କ ଘୁଉଁ ଘୁଉଁ ଶବ୍ଦରେ
ଛିଡ଼ା ପଲିଥିନ, ଭଙ୍ଗା ଆଜବେଷ୍ଟସ୍ ଛାଉଣିରେ
ଜୀବନ ସଢୁଛି ଏକ ଆବିଳ ପରିବେଶରେ ।

ମୁଁ ବା କ'ଣ କରିପାରିବି ଅପସୃତ ମାନବକିତାରେ
ନୀତି ଦେଖୁଛି ଅନେକ ଉପେକ୍ଷିତ ଆସର ଆଶାର,
ବିପର୍ଯ୍ୟସ୍ତ କ୍ଲାନ୍ତି ନିଭା କୁଟୀର
ରାସ୍ତା ସଫେଇ ପରେ ପଦ୍ମା ମାଉସୀ ଯାହାକୁ ଘର କହି ଫେରେ
ସେ ଏକ ଅସ୍ୱଚ୍ଛ ଅନ୍ତହୀନ ଝଞ୍ଜାନଳ ଜୀବନ ।

ଅଧା ତନୁ ଚୀରାଣିରେ, ଅଧିଶ୍ରାନ୍ତ ପଥିକଟେ ପରି
ସେଠି ଭିନ୍ନ ଏକ ନଶ୍ୱର ନର୍କ ବିଳିବିଳୋଉଥାଏ
ଶୋଷଣର ମହାପର୍ବପରେ ତୁଚ୍ଛା ପ୍ରତିଶ୍ରୁତି
ମୁଁ ମୋ ଉତ୍ତରୀୟ ଖଣ୍ଡକ ବି ପାରେନି ବଢ଼େଇ
କେବଳ ନିଗାଡ଼େ ତୁମପରି ପ୍ରୀତିର ଅଶ୍ରୁ ମୁଦାଏ ।

ବୀତସ୍ପୃହ ଜୀବନକୁ ସ୍ରୋତର ଭଉଁରୀରେ ଦେଖି
ସ୍ୱର୍ଗ କରି ତୋଳିବାର ସ୍ୱପ୍ନ ଏ ଧରାର ଚିତ୍ରପଟ ବିଦାରେ ଆତ୍ମାକୁ
ଅନର୍ହ ଅପତ୍ୟଙ୍କ କୁଛ୍ର ଅନ୍ଦିଶା ଦେଖି
କେବେ ପଙ୍କ ଫିଙ୍ଗାଫିଙ୍ଗି, କେବେ ନାରାବାଜି
କେବେ ଅଣ୍ଡାମାଡ଼, କେବେ ରାସ୍ତାରୋକ

ଯୋଜନାର ଘୁଷ୍ ନିର୍ବାଚନ ଟଣାଓଟରାରେ
ପଙ୍ଗୁ ଅଥର୍ବ ସମାଜ ସର୍ଜନାର ସଂକଳ୍ପରେ
ଅହରହ ତିଆରନ୍ତି ଚକ୍ରବ୍ୟୁହ ସ୍ୱେଚ୍ଛାଚାରିତାର
ନିର୍ଦ୍ଦମ ମୁଁ ଦେଖି ଦେଖି ଅପଚାର, ଅନ୍ୟାୟ ଚିରକାଳ
ପ୍ରବଞ୍ଚନାମୟ ଷଡ଼ଯନ୍ତ୍ର ପ୍ରଲମ୍ବିତ ଯେହ୍ନେ ମହାକାଳ ।

୫ଆର/୧, ଇଞ୍ଜିନିୟରିଂ କଲେଜ,
ବୁର୍ଲା, ସମ୍ବଲପୁର, ପିନ୍-୭୬୮୦୧୮
ମୋ: ୯୪୩୯୨୧୧୯୭୧

❐❐❐

ନିରୁଦ୍ଦିଷ୍ଟ ଜୀବନ

● ରାଜେଶ କୁମାର ସେଠୀ

ଜୀବନ ନିଃସହାୟ ଲାଗେ

କ୍ଷଣ କ୍ଷଣକେ
ପାରିବାପଣିଆ ସବୁ
ନିଃଶେଷ ହେଇ ଯାଉଛନ୍ତି
ପୁରୁଷତ୍ୱହୀନ ପୁରୁଷଟେ ପରି ।

ମନକୁ ଚଳଚଂଚଳ କରିଦିଅନ୍ତି
ପୂର୍ବ ସ୍ମୃତିମାନେ,
ସବୁ ତ୍ୟାଗ ଆଉ ଭଲପାଇବାର
ପୃଥିବୀକୁ ଖୋଜୁ ଖୋଜୁ
ଛନ୍ଦି ଯାଉଛି ଯେ ପ୍ରାଣ
ସଂସାରରୂପୀ ବୁଢ଼ିଆଣୀ ଜାଲରେ ।

ଆଗକୁ ଚାଲିବାର ରାସ୍ତା
ଶେଷ ହେଇ ଯାଉଛି
କେଉଁ ଏକ ଅଜଣା ତ୍ରିଚ୍ଛକିରେ
ବୁଝିବାକୁ ଚେଷ୍ଟା କଲେ ବି
ବୁଝି ହେଉନି ଜମାରୁ
ଖାଲି ଯାହା ଏବେ
ନିରୁଦ୍ଦିଷ୍ଟ ଜୀବନ ନେଇ
ଯନ୍ତ୍ରଣାସିକ୍ତ ଶରୀରର
ବୋଝ ବହି ବହି
ବଂଚିବାଟା ନିର୍ଦ୍ଦିଷ୍ଟ ମାତ୍ର ।

କମାରିଆ ବଜାର, ତିହିଡ଼ି, ଭଦ୍ରକ
ମୋ: ୮୯୮୪୧୬୨୬୮୨

❐❐❐

ବରଫ ମଣିଷ

● ପ୍ରଶାଂତ ମହାଂତି

ବିଶ୍ୱାସ ନ ଥିଲେ ବି
ଅନୁମାନ କରି ହେଉଥିଲା ଏମିତି ଏମିତି
କିଛି ବି ଘଟିବ ।

ଖୁବ୍ ବ୍ୟସ୍ତ ଲାଗୁଚି
ଆଖି ପିଛୁଳାକେ ଭାଂଗି ଯାଉଛି
ସ୍ତୂପ, ସ୍ଥାପତ୍ୟ, ଦୁର୍ଗ ଦଲାଣ
ମଂଦିର, ସଭାଘର, ଆଡ଼ପ ମଂଡ଼ପ
ଆଶ୍ରମ, ଉପାସନା ପୀଠ, ବିଦ୍ୟାଳୟ ଓ ବିଶ୍ୱାସ ।

ଲାଗୁଚି ନୀରବତାର ମଳିନ ଛାଇରେ
ସ୍ତବ୍ଧ ଜନତା ତମାମ ଜଗତ
ସବୁଠି ବିକଳ ହାତ ଜାଂଗଲିକ ସ୍ୱରରେ
ଯେମିତି ଜଳୁଛି ବିଶ୍ୱ ମାନଚିତ୍ର ।

ଜଣାପଡୁଛି ଆମେ ଏବେ ଖୁବ୍ ନିକଟ
ହେଲେ ସଂକଟକୁ ହାବୁଡ଼ିବା ସରିକି
ଆମେ ଯେଝା ବାଟରେ, ନିରାପଦ ଲାଗି
ଏପରିକି ଛୋଟବଡ଼ ମୂଷାଗାତ, କାଠଗୋଲା
ଧୋବା ତୁଠ କି ଭଂଗା ମସ୍‌ଜିଦ୍ ପଛପଟ ।

ଏଇଠି କା'ର ବା କ'ଣ ଯିବ ଯେ,
ଯଦି ଛିଂଡ଼ିପଡ଼ିବ ଆକାଶ, ଭୂସ୍ଖଳନ ପରେ
ସମୁଦ୍ରର ମାଛ ଆଉ କଂକଡ଼ାମାନେ
ଆକାଶ ମୁହାଁ ହୋଇ ଘୋଷଣା କରିବେ

ତାରା ଆଉ ଜହ୍ନ ସହ ଯୁଦ୍ଧ ।

ଜାଣିଛି ଏତେ ସବୁ ବିଭ୍ରାଟ ପରେ ବି
ରତ୍ନ ସିଂହାସନରୁ ଓହ୍ଲେଇ ଆସିବେନି ସିଏ
କହି ଦେବାକୁ 'ବଂଦ କର ଯୁଦ୍ଧ,
ଏବେ ଏବେ କରୋନାର ଚତୁର୍ଥ ଲହର' ।

କୌଣସିମତେ ନିଜକୁ
ବଂଚେଇ ରଖିବା ପରିପ୍ରେକ୍ଷୀରେ
ମନେପଡ଼ିବ, ଷଠୀଘର
ସାର ମାଉସୀର ଆଦର
ଗାଁ ପଢ଼ାଘର, ବାଦନାଟ ଲାଗି ରାତି ଉଜାଗର
ହୁଏତ ସେତେବେଳକୁ ମତେ ଆଂଦୋଳିତ
କରୁଥିବ 'ବସୁଧୈବ କୁଟୁମ୍ବକମ୍'
ଅଥବା ଜୀବେ ଦୟାର ସ୍ୱର ।

ଇଏ ମୋର କଳ୍ପିତ ବାସ୍ତବତାର ଚିତ୍ର
ଲାଗୁଚି ଆସ୍ତେ ଆସ୍ତେ ଆମେ
ତରଳି ଯାଉନଥିବାର ଅସହାୟ
ବରଫ ମଣିଷ ।

ବହିଘର, ଦିଗଂତମାର୍ଗ
ଭେଜିପୁଟ, ଭଂଜନଗର
ମୋ: ୯୪୩୮୦୦୬୮୮୬

❐❐❐

ଅନ୍ତହୀନ କ୍ଲାନ୍ତି

● ଅଧ୍ୟାପକ ଶରତ କୁମାର ଦାସ

ବିଶ୍ୱାସକୁ ଧରି ଥାପିଲି ମୁଁ ପାଦ
ବାନ୍ଧିଲି ଯେବେ ମୁଁ ନୀଡ଼,
ହଜାଇ ଦେଲି ମୁଁ ନିଜକୁ ସେଦିନ
ଦେଖିଲି ଚୌହଦୀ ଭିଡ଼ ।

ଭୂମିରୁ ଭୂମାକୁ ଛୁଇଁଲା ନିଃଶ୍ୱାସ
ଗଢ଼ିଲି ଉଚ୍ଚାଙ୍ଗ ଦୁର୍ଗ,
ହାତ ପାପୁଲିରେ ଜାବୁଡ଼ି ଧରିଲି
ପାତାଳ, ମର୍ତ୍ତ୍ୟ ଓ ସ୍ୱର୍ଗ ।

ଝଡ଼ର ସାଥିରେ ବସିଲି ମୁଁ ମିତ
ଅନଳେ ଖୋଜିଲି ପଥ,
ଭୂକମ୍ପନ ଶବ୍ଦ ପାରିଲାନି ରୋଧି
ତୀବ୍ର ହେଲା ମନୋରଥ ।

ସ୍ୱପ୍ନରେ ଘୂରିଲି ଜ୍ୟୋସ୍ନାରେ ଭିଜିଲି
ଫଗୁଣ ଖୋଜିଲି ନିତି,
ବର୍ଷା ବସନ୍ତୀ ଚିତ୍ରିତ ସମ୍ଭାର
ଗାଉଥିଲା ପ୍ରୀତିଗୀତି ।

ଜାଣି ମୁଁ ନଥିଲି ବିଧିର ବିଧାନ
ଅଳିକ କ୍ଷଣିକ ଛବି,
କେତେ ଅନ୍ଧାକାର ସକାଳର ଦୃଶ୍ୟ
ଅସ୍ତହେବା ପରେ ରବି ।

ପଛେ ରହିଲାଣି ସ୍ୱପ୍ନର ମହଲ
କମନୀୟ ଅଭିନୟ,
ସାଇଁ ସାଇଁ ଶବ୍ଦ ଶୂନ୍ୟେ ଶୁଭିଲାଣି
ମନେ ଜାଗିଲାଣି ଭୟ ।

କଳାବାଦଲରେ ପୂରିଲାଣି ପଥ
ଭାଙ୍ଗିଲାଣି ନୀଡ଼ ଧୀରେ,
ବୈଶାଖର ତାତି ଛୁଇଁଲାଣି ମାଟି
ହୃଦ ଭିଜେ ଅଶ୍ରୁ ନୀରେ ।

ଅଚିହ୍ନା ମୂଲକେ ଯାତ୍ରୀ ମୁଁ ଯେ ଏବେ
ପଥିକ ଅଜଣା ପଥେ,
ଚାଲିବାକୁ ହେବ ମରୀଚିକା ସାଥେ
କେତେ ଯେ ଯନ୍ତ୍ରଣା ସତେ !

କାହିଁ କେତେଦୂର ପ୍ରଲମ୍ବିତ ଏ ପଥ
ଦିଗ ଦିଶେ ଅନ୍ଧକାର,
ସେହି ଅନ୍ଧକାର ସତ୍ୟର ସମ୍ଭାର
ସୃଜନର ରୂପକାର ।

ଦୃଶ୍ୟମାନ ହୁଏ ଅଦୃଶ୍ୟ ଜଗତ
ଚକ୍ଷୁ ପଲକେ ମୋ କେତେ,
ଅନ୍ତହୀନ କ୍ଲାନ୍ତି ଅନ୍ୱେଷଣେ ଶାନ୍ତି
ଲଂଘେ ଗିରିଶୃଙ୍ଗ ଯେତେ ।

ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

❐❐❐

ମୁଁ ଏଇଠି ଅଛି

● ଅଙ୍ଗୁରବାଳା ପରିଡ଼ା

ମୁଁ ଏଇଠି ଅଛି ।

ପଦ୍ମବନର ନୀଳ ନିର୍ଜ୍ଜନତାରେ
ରାତ୍ରିର ଗଜଲ୍ ଗାଉଛି
କଠିନ କାନ୍ଥର କାଠ ଫଟେଇ
ଉଡ଼ି ଯାଉଥିବା ପରାକ୍ରମୀ ଭଅଁରଟି
ଫୁଲ ପାଖୁଡ଼ାର ପରଦା ଆଡ଼େଇ
ଉଠି ପାରୁନି ପଦାକୁ
ଯେମିତି ଭାରାକ୍ରାନ୍ତ ପଦଦ୍ୱୟ
ଝଡ଼ିପୋକର କାନ୍ଧରୁ ଖସୁଛି !

ବେଳୁ ବେଳ ମେରୁରୁ ବରଫ ଖଣ୍ଡମାନ
ତରଳି ଆସୁଛି !
ଅନ୍ଧାର ଆକାଶରେ
ପାହାନ୍ତିଆ ତରାଲୋକ ପରି
ବହୁ ଯତ୍ନରେ ସାଇତା
ରୂପରଂଗ ଅନୁଚିନ୍ତା ସବୁ
ଅର୍ଥହୀନ, ମୂଲ୍ୟହୀନ ଅସାର ଲାଗୁଛି ।
ସବୁ ତଥ୍ୟ, ସବୁ ତର୍କ
ନିଷ୍କର୍ଷର ସବୁ ପରିଣାମ
ବଦଳି ଯାଉଛି ।

ଜଣେ ବୃଦ୍ଧ, ଜଣେ ରୋଗୀ
ଗୋଟିଏ ଶବ କି ସନ୍ୟାସୀଟିଏ ନୁହେଁ
ଜୀବନ ଜିଜ୍ଞାସାର

ଯାଦୃଚ୍ଛିକ ଜୁଆରରେ
ଫୁଲଟିଏର ପବିତ୍ର ପୁଲକରେ
ଏଠିକୁ ପହଁରି ଆସିଛି ।
ନୀରଞ୍ଜନାର ନୀଳ ତଟଦେଶେ
ବୋଧିଦ୍ରୁମର ଶୀତଳ ଆଶ୍ଳେଷେ
ମୁଁ ସମାଧିସ୍ଥ ଅଛି ।

ମୁଁ ଏଇଠି ଅଛି ।

ବି-୧୨, ସେ-୧୮
ରାଉରକେଲା -୩
ମୋ: ୯୪୩୮୦୫୭୫୭୮

❐❐❐

ନୀରବ ଆଖିର ଭାଷା

● ଡ. ହରିଶ୍ଚନ୍ଦ୍ର ବେହେରା

ନୀରବ ଆଖିର ଭାଷା କେତେ ବାଙ୍ମୟ
ଖୋଲିଦିଏ ସମସ୍ତ ନିବୁଜ ଦୁଆର
ସମୟର ସ୍ରୋତ କେତେ ଧାରୁଆ
ସଂସିଲ କରିଦିଏ ମନ ଭିତରର ଅମସୃଣ
ପଥର ସବୁ ।

ଅନ୍ଧାରକୁ ଆଡ଼େଇ ଆଡ଼େଇ
ଆସିଛି ଦେଖିବାକୁ
ଅଥଚ ପାଉନି
କେବଳ କାଚ ଭାଙ୍ଗିବାର ଶବ୍ଦ ଶୁଭୁଛି କେଉଁଠୁ ।

ସ୍ୱପ୍ନ ଭିତରେ ତ ଅନେକଥର ସେ ଆସିଛି
ଛୁଇଁବା ବେଳକୁ ବରଫ ପରି ତରଳି ବୋହିଯାଉଛି
ନଈଟିଏ ହୋଇ
କେଉଁ ଅଝଟ ଥିଲା ଯେ ଦେଇପାରିଲିନି ବୋଲି
ଏତେ ଅଭିମାନ !

ମୁଁ କ'ଣ ଜାଣିନି ତା' କେଇପଦ କହି ନ ପାରିଥିବା
କଥାରେ
ଖୋଲିଯାଏ ଅଚିହ୍ନା ପୃଥିବୀର ଅର୍ଦ୍ଧେକ ଢ଼ାଙ୍କୁଣି
ସେ ନ ଥିବା ବେଳେ ଗୋଟେ ବାସ୍ନା ମହକୁଥାଏ
ଘରଯାକ
କେଉଁଠି ଅଛି ବୋଲି ଦରାଣ୍ଡୁ ଥାଏ ଦେହ ସାରା ।

ସେ କୁଆଡ଼େ ଇନ୍ଦ୍ରଧନୁରେ ଚାଲେ
କହେ କେତେ ଥର
ଜୁଡ଼ାରେ ବାନ୍ଧିପାରେ ବଣ ସାରାର ମହକ
ନିଃଶ୍ୱାସରେ ବଉଳିଯାଏ ଅଦିନ ବସନ୍ତ ।
ଅନ୍ଧାରକୁ ସଜେଇ ଦିଏ ଅସରନ୍ତି ଲୋଡ଼ିବା ପଣର
କୁଟିକମ ତାରକସିରେ ।

ଲୁହ କେବେ ପଡ଼ିଯାଏ ଘାସ ଉପରେ ତ
ଚୂନା ଚୂନା ମୁକ୍ତାଫୁଲ ଫୁଟେ ।
କଷି- ଜହ୍ନରେ ସେ ମୁହଁ ଦେଖେ
ଅମାବାସ୍ୟାର ଅନ୍ଧାରକୁ କହେ ଏ ମୋ କେଶ
ଯେଉଁଠି ବସି ମିଃ କାଉଲ ସୁରା ପିଏ
ଆମ୍- ରମଣରେ ମାତି ଥାଏ ।

ଛମଛମ ପାଉଁଜି ଶୁଭେ ସେଇଠି
ଯେଉଁଠି ଗୋଟେ ସଜଫୁଟା ନୀଳକଇଁ ନେବାକୁ
ଜିଗର କରୁଥିଲା
ବିଡ଼ମ୍ବିତ ଭାଗ୍ୟ କ'ଣ ଜାଣି ନ ଥିବା
ଅପ୍ରାପ୍ତ ବୟସୀ ଝିଅଟି ।

କଲ୍ୟାଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ: ୯୪୩୭୮୧୩୭୦୮

❐❐❐

ବଡ଼ଲୋକେ ହୋ

● ରତିକାନ୍ତ ବେହେରା

ବଡ଼ଲୋକେ ହୋ
ବେଳୁ ବେଳ ଜାଣିଲୁଣି ତୁମ ଚାତର
ବେହିଆ କାଣ୍ଡ କାରଖାନା

ବଡ଼ଲୋକ ବୋଲି
ବଳିପଡୁଛି ବେହିସାବୀ ଭାବ
ବଳକା ଧନ, ବାଜି, ବାହାଦୂରୀ
ବାଛି ନେଉଛ ଗୁଣ୍ଡ ମାଣ
ବାରିସି କରିଛ ପୋଲିସ, ପ୍ରଶାସନ ।

ବଡ଼ଲୋକ ବୋଲି
ବାଟରେ ଘାଟରେ ବାନ୍ଧିନେବ
ବଉଳା ଗାଈ, ବାଟଭୁଲା ଛେଳି
ବସୁଣୁ ଉଠୁଣୁ ବଖାଣୁଛ ବେତାଳ କଥା
ବେକ ପୂରାଇବ ଆମ ବେଶରେ, ବେଣୀରେ
ବିଷ ବୁଣିବ ଥାଳିରେ ।

ବେଳକାଳ ଦେଖି
ବାଟ ଓଗାଳୁଛ ଆମ ବୋହୂ, ଝିଅଙ୍କର
ବାଡ଼ିରେ, ବଗିଚାରେ, ବଣରେ
ବାଘ ପରି ବାଣ୍ଟି ନେଉଛ ଜୀବନ, ଯୌବନ
ବାରଆଡ଼େ କହିବୁ ବୋଲି
ବାଙ୍କୁଲି ଦାଆରେ କାଟିନେଉଛ ଜିଭ
ବାଡ଼ିରେ ଭାଂଗି ଦେଉଛ ବେକ !

ବଡ଼ଲୋକିପଣ ଗୋଟେ
ବିରଳ ସାଧନାରେ ବୋକାଲୋକ
ବାଟ ପୋଖରୀ ପଙ୍କରୁ ବାହାରିପାରେ ପଦୁଅଁ
ବାଟ ଭୁଲା ରତନା ବନିପାରେ ବାଲ୍ମୀକି
ବଣିଆପୁଅ ବନିପାରେ ବିଶ୍ୱବାସୀ
ବକଟେ ପୁଅ ବନିପାରେ ବାଜି ରାଉତ ।

ବଡ଼ଲୋକେ ହୋ
ବେଗି ବେଗି ବାଟଛାଡ଼
ବଦଳିଯାଅ, ବଦଳିଗଲାଣି ସମୟ
ବାହାରିଲେଣି ବାରଲୋକ
ବିଲକୁଲ ଉପାଡ଼ିଦେବେ
ବାଳ, ବାହା, ବାହାଦୁରି ।

ପୁରୁଷୋତ୍ତମ ବିହାର,
ବନ୍ତଛକ, ଭଦ୍ରକ

❐❐❐

ଆଉ ଏକ ପ୍ରାର୍ଥନା

● ଡକ୍ଟର ଶ୍ରୀହରି ଧଳ

ମୋତେ ଫେରେଇ ଦିଅ
ଈଶ୍ୱର ।
ଯେତେ ଥିଲା ମୋ ଲୁହ ବତୁରା
ପ୍ରାର୍ଥନା
ଯେତେ ଯେତେ ଚାଟୁ
ଲୁହଗୋଳା
ଦୁଃଖର ଶବ୍ଦ ।

ଦିଅ
ମୋ ଆଞ୍ଜୁଳାକୁ
ଆଞ୍ଜୁଳାଏ କନ୍‌ଟା
ଉଖାରି ଦିଅ
ସବୁତକ କ୍ଷତ
ନିଗିଡ଼ା ରକ୍ତରେ
ଚିହ୍ନିବି ମୋର ଯେତେଯେତେ
ନିଷ୍ଫଳ ଅଭିମାନ

ଜାଣେ
ପ୍ରାର୍ଥନାର ଶବ୍ଦମାନେ
ଡେଇଁପାରିବେ ନାହିଁ
ମନ୍ଦିରର ଦର୍ଜା ।
ହେବେ ନାହିଁ
ମର୍ଦ୍ଦନର ନାଦ
ଘଂଟାର ଧ୍ୱନୀ ।

ମୋ' ଲୁହମାନଙ୍କୁ
ନିଆଁର ପ୍ରତି ଆଘାତ
କରି ଫେରେଇ
ଦିଅ ଛାତିକୁ ।
ଦୁଃଖ କୁଶରେ
ଠିଆ ହେବାର
ଭଂଗୀ
ମାମୁଲି ଚିତ୍ର ହେଉ !

ତୁମର ଆଖିକୁ
ଈଶ୍ୱର
ତୁମ ଅହଂକାରର
ତୋଫା ଫର୍ଦ୍ଦରେ
ନ ପଡୁ ମୋର ଛାଇ ।
କାଳେ ଅଛୁଆଁ
ହେଇଯାଇପାରେ
ତମର
ଈଶ୍ୱରପଣ ।

ହେ ଈଶ୍ୱର !
ମୋତେ ଫେରେଇ ଦିଅ
ମୋର ପ୍ରାର୍ଥନା,
ମୋ' ମାଗୁଣିତକ ।

ତାଉଁତରା, କପାସି, ଚିତାଳୋ, ଯାଜପୁର
ମୋ: ୯୪୩୮୪୩୭୦୯୨

❐❐❐

ଶର୍ବରୀ

● କୁମୁଦ ଚନ୍ଦ୍ର ଦାଶ

ଆଲୋକର ଅଭ୍ୟନ୍ତର ଭେଦି
ମୁଁ ଆସିଚି ତମିସ୍ରାର ଏ ରହସ୍ୟ ଲୋକେ
ପରିଧିରେ ମୋର
ସହସ୍ର ଆକାଂକ୍ଷାର ଆଶ୍ଚର୍ଯ୍ୟ ଶର୍ବରୀ
ପୁଲକିତ ପ୍ରତ୍ୟାଶାର ପଲକେ ପଲକେ

ହେ ନକ୍ଷତ୍ର ହେ ଖଦ୍ୟୋତ !
ଆୟୁଷ୍ମାନ୍ କର ମୋର ଏ ଅନ୍ଧାର ବ୍ୟୁହ
ଅୟୁତ କାମନାର ଆର୍ଦ୍ର ଆଶାବରୀ
ଜ୍ୟୋତିଷ୍ମାନ୍ ମୋ ନିମଗ୍ନ ଅନ୍ତଃକରଣର
ପ୍ରାର୍ଥିତ ସମ୍ମୋହ

ମୋ ବୁଭୁକ୍ଷୁ ଅଭୀପ୍ସାର ନିର୍ଜ୍ଜନ ନେପଥ୍ୟ
ହେଉ ନୀଡ଼ୀଭୂତ
ସୌନ୍ଦର୍ଯ୍ୟର ସାର୍ବିକ ଅକ୍ଷାଂଶେ
କ୍ଷୁଧାର ବିକ୍ଷୋଭେ
ବେଗମତୀ ହେଉ ମୋର
ତୃଷ୍ଣାର ତୁମୁଳ ନଦୀ
ମୋ ଅତୃପ୍ତ ତପସ୍ୟାର ତିଳତଣ୍ଡୁଳିତ
ଉଲଗ୍ନ ଆବେଶ
ଐହିକ ମୋ ଐତିହ୍ୟର ଅସଂଖ୍ୟ ଐଶ୍ୱର୍ଯ୍ୟ

ଧ୍ୟାନର ଧ୍ରୁପଦୀ

ମୋ ନିଖିଳ ନକ୍ଷତ୍ରିତ ନୀଳ ସୁଷୁପ୍ତିରୁ
ଅବିଚ୍ଛିନ୍ନ ଛାୟାପଥ ଅତନ୍ଦ୍ର ଆକାଶୁ
ଅବତୀର୍ଣ୍ଣ ହୁଅ ମୋର ସ୍ୱପ୍ନର ସଂଗୀତ
ମୋ ଆଦିମ ପ୍ରେମର ପ୍ରତ୍ୟାଶା
ପ୍ରଚ୍ଛନ୍ନ ଇଙ୍ଗିତ

ସ୍ପନ୍ଦିତ ବେପଥୁ ମୋର
ମୋ ଅଭୀକ ଚୈତନ୍ୟର ସ୍ମିତ
ଭୟ ମୋର ବରାଭୟ
ଉଦ୍‌ଯାପିତ ସମୟର ତୀର୍ଯ୍ୟକ୍ ସଂକେତ
ଆଲୋକିତ ବାଙ୍ମୟର ବ୍ୟାକୁଳ ବସନ୍ତ
ରକ୍ତ କିଶଳୟ

ବିସ୍ମିତ ମୋ ବିଚିତ୍ର ଚିତ୍ରର
ବ୍ୟସ୍ତ ଅନ୍ତରୀଣ
ଦୃଶ୍ୟହୀନତାର ଏଇ ଦୃଶ୍ୟାନ୍ତରେ
ନିପୀଡ଼ିତ କରୁ ମୋତେ
ଭଗ୍ନଜାନୁ ମୁହୂର୍ତ୍ତର ଛାଇ
ଏ ଅନ୍ଧାର ଅନ୍ଧବୃତ୍ତେ
ମୁଁ ଖୋଜୁଛି ମୋର ଅଭ୍ୟନ୍ତର ଅନ୍ତର୍ଗତ ରୂପ

ମୋ ସଭାର ଆରଣ୍ୟକ ସେତୁ
ମୋ ବିଦୀର୍ଣ୍ଣ ସମ୍ବିତ୍‌ର
ଉତ୍ତୀର୍ଣ୍ଣ ଆହ୍ଲାଦ

ଅନ୍ୟଲୋକେ
ଅନାଗତ ପ୍ରତୀକ୍ଷାର ପ୍ରାଣୀନ ଆକାଶ
ପ୍ରାନ୍ତିକ ମୋ ପ୍ରଭାତର ଅଧିକାର
ନଗ୍ନ ଅନୁପ୍ରାସ
ନିମଗ୍ନ ଏ ନିକାଞ୍ଚନେ
ରୋମାଞ୍ଚରେ ବର୍ଣ୍ଣାଢ୍ୟ ଅଭୀପ୍ସା
ପର୍ଣ୍ଣେ ପର୍ଣ୍ଣେ
ମୋ ନିଃସର୍ଗ ନିଭୃତର

ବିଦଗ୍ଧ ସଂଳାପ
ସୃଜନୀର ସହସ୍ର ସିସୃକ୍ଷା ।

କଲେଜପଡ଼ା, ହାକିମପଡ଼ା
ଅନୁଗୋଳ- ୭୫୧୪୩
ମୋ: ୮୭୬୩୮୯୭୫୬୯

❑❑❑

ମୂକସାକ୍ଷୀ

● **ସଂଯୁକ୍ତା ଶରଣ**

ଏଇ ସୁନେଇଁ ପାହାଡ଼,
କାହିଁ କେତେକାଳୁ, ବାପା ଅଜା ଅମଳରୁ
ଏ ଗାଁର ମୁରବୀ ସାଜିଛି
ଭଲ ମନ୍ଦ ସୁଖ ଦୁଃଖ ଇତିବୃତ୍ତ ସବୁ ଦେଖୁଛି
ନୀରବରେ ପ୍ରଶାନ୍ତ ବଦନେ କେତେ
ସ୍ମୃତି ସାଇତିଛି ।

ହେ ସୁନେଇଁ- ତୋ ଦର୍ଶନେ
ମୋ ଆଖିରେ ଭରିଯାଏ ସୂକ୍ଷ୍ମ ନୀଳସ୍ୱପ୍ନ
ତୋ ସ୍ପର୍ଶରେ ଅଙ୍କୁରିତ ହୁଏ ବୀଜ
ସଜେଇ ହୁଅନ୍ତି ତୃଣରୁ ମହାଦ୍ରୁମମାନେ
ପରସ୍ପର ହାତଧରି ଅକ୍ଷରଙ୍କ ପରି
ପତ୍ରଫୁଲ ଫଳ ସବୁଜିମାରେ ।

ଆକାଶର ତାରାଫୁଲ ଜହ୍ନସାଥେ
ଗାଆନ୍ତି କବିତା,
ଦିଗ୍‌ବଳୟ ସାଥେ ମିଳି ନୀଳିମାରେ
ସାୟାହ୍ନରେ ଲୁଚାଏ ସବିତା ।

ଋତୁଚକ୍ର ଅପରୂପ ସାଜେ ସବୁଜିମା
ବର୍ଣ୍ଣିଳ କୁସୁମ ରାଜିରେ,
ପଲ୍ଲୀ ଲଳନା ସଜାଏ କବରୀ
ନାନାଜାତି ପୁଷ୍ପ ସମ୍ଭାରରେ
ବନ୍ୟ ପଶୁପକ୍ଷୀ ଘୁରେ ଆମୋଦରେ
ଭରିଯାଏ ନୀଳସ୍ୱପ୍ନ ଦର୍ଶକ ମନରେ ।

ହେ ସୁନେଇଁ ତୁ କେତେ ମହାନ
ଅକାତରେ କରୁଅଛୁ ଦାନ
ସର୍ବଂସହା ଉପକାରୀ ବଂଧୁ
ନାହିଁ ତୋର ମାନ ଅପମାନ
ଆଶା ବି କରିନୁ କିଛି ପ୍ରତିଦାନ
ବାରମ୍ବାର ହେଉଛୁ ମୁଣ୍ଡନ ।
ତଥାପି ହାତଠାରୁ ବେଳ ଅବେଳରେ
ରତ୍ନଗର୍ଭା, ଦେବାକୁ ଆଉକିଛି ବଦାନ୍ୟତାରେ ।

ଗାଂଧିମନ୍ଦିର, ଢେଙ୍କାନାଳ

❑❑❑

ଅବତାର

● ଉମାଶଙ୍କର ପାଳ

ଶିଶ୍ୱରଙ୍କଠାରୁ ତ୍ରିପୁରଜୟୀ ବରପ୍ରାପ୍ତ ପରେ
ମଣିଷ ପାଲଟିଗଲା ରାକ୍ଷସ ।
ଅହଙ୍କାରରେ କଲା ବିକଟ ଅଟ୍ଟହାସ୍ୟ
'ନରଭୋଗ୍ୟା ବସୁନ୍ଧରା, ମୁଁ ଏକଛତ୍ର ଅଧୀଶ୍ୱର
ଜୋର୍ ମୋର, ମୁଲକ ବି ମୋର'
ଶଙ୍କିତ ଜୀବକୁଳ ହେଲେ ପଦାନତ କିଙ୍କର
ଅତିଷ୍ଠ ହେବାରୁ ମଣିଷର ସ୍ୱେଚ୍ଛାଚାରୀ ଶାସନ
ନିଜ ଅଧିକାର ପାଇଁ
ତେଜିଲା ଜୀବଜନ୍ତୁଙ୍କ ଗଣ ଆନ୍ଦୋଳନ ।

ମଣିଷର ଦୌରାତ୍ମ୍ୟରେ ବିପର୍ଯ୍ୟସ୍ତ ପ୍ରକୃତି
ଖାଦ୍ୟାଭାବରୁ ମାଙ୍କଡ଼ କଲେ ମଧୁଦ୍ୟାନ ଲୁଟି
ବାସହୀନ ବିଦ୍ରୋହୀ ହାତୀ ପଶିଲା ଜନବସତି
ବାଘ ସାଜିଲା ଲାଲ୍‌ଗଡ଼ରେ ନକ୍ସଲପନ୍ଥୀ
ଗିଲୋଟିନ୍‌ରେ ମଣିଷ କାଟି ଚାଲିଲା
ନିରୀହ ଗୋରୁ, ଛାଗଳର ତଣ୍ଡି ।

ଅସହ୍ୟ ହେବାରୁ ମଣିଷର ଭାରା
ଧରିତ୍ରୀ ମୁଖରୁ ଝରିଲା ରକତ
ଜୀବଜନ୍ତୁ ଦେଲେ ତ୍ରାହି ତ୍ରାହି ଡାକ
ମହୋଦଧି କୂଳେ ସର୍ବେ ହୋଇ ଏକମୁଖ
ଆତଙ୍କେ ଡାକିଲେ ଈଶ୍ୱର ହେ ରଖ ।

ହଠାତ୍ ଫାଟିପଡ଼ିଲା ଆକାଶ
ଘୋଟିଲା ଘୋର ବିପାତ, ଘନଘନ ଉଲ୍‌କାପାତ
ବହୁଧା ହେଲା ଈଶ୍ୱରଙ୍କ ଆୟୁଧ
ପ୍ରଳୟର କରାଳରେ ମଣିଷ ବଂଶ କରି ବିନାଶ
ପ୍ରବହମାନ ମହାକାଳ ଜଳରେ
ପ୍ରକୃତିର କୋମଳ ପଲ୍ଲବପରେ
ନିର୍ବିକାର ଈଶ୍ୱର ଥିଲେ ଶାୟିତ ।

ଜାଗମରା, ଭୁବନେଶ୍ୱର

❐❐❐

ସମୟ

● ନରହରି ମିଶ୍ର

ଈଥିଓପିଆର ଇଥର ପରି ମନର ଚଟାଣରେ
ଝଂଜାବହେ, ଝଡ଼ିଆସେ ପ୍ରତି ମୁହୂର୍ତ୍ତରେ
ଖୋଜି ଖୋଜି ମରୁଦ୍ୟାନଟିଏ ପାଦ ଥକିଗଲେ ବି
ଦେହର ନଦୀରେ ଧାଏଁ ଜୀବନର ସ୍ରୋତ
ଭେଟିବାକୁ ମୃତ୍ୟୁସିନ୍ଧୁ ଅଜ୍ଞାତ ଲଗ୍ନରେ
ତଥାପି ମଣିଷ ଜୀବନ ଅବୁଝା ରହିଯାଏ ସମୟ ଚକ୍ରରେ ।

ଭାଗ୍ୟର ଭଉଁରୀରେ ଭେଟିବାକୁ ହୁଏ
ଶିଶିରସିକ୍ତ ଶୋକୋଚ୍ଛ୍ୱାସର ସହସ୍ର ସକାଳ
ଦାବାଗ୍ନି ପରି ରୌଦ୍ରଦଗ୍ଧ ଡହଡହ ଦ୍ୱିପ୍ରହର
ବାତ୍ୟା ବିଧ୍ୱସ୍ତ ଇଲାକାପରି ବିଷର୍ଣ୍ଣ ଗୋଧୂଳି
ଓ ଅସମାପ୍ତ ସୁଡ଼ଙ୍ଗରେ ଅସୀମ ଅନ୍ଧାର ପରି ରାତ୍ରୀ
ଜୀବନର ଯାତ୍ରା କେବେ ସରେ ନାହିଁ
ଚଲାପଥେ ଭେଟ ହୋଇଯାନ୍ତି କେତେ ଶୂନ୍ୟ ସହଯାତ୍ରୀ ।

ହେଲେ ଏକାନ୍ତ ବାସରେ ବିତେ ଅନ୍ତିମ ସମୟ
ଫେରିବାକୁ ହୁଏ ମୂଳବିନ୍ଦୁକୁ
ସେତେବେଳେ କର୍ଣ୍ଣପଥେ ଭାସି ଆସେ
ଟୀକା ଗୋବିନ୍ଦ ଚନ୍ଦ୍ରର ଗୀତ
ସରିଯାଏ ଶୋଷ, ମରିଯାଏ ମନ
ଭାଙ୍ଗିଯାଏ ଇଚ୍ଛାର ଇମାରତ
ସମୟର ବଡ଼ଦାଣ୍ଡେ ଅଟକିଯାଏ ଜୀବନର ରଥ ।

ଜୀବନ ଏଇମିତି କେତେବେଳେ କାକର ବିନ୍ଦୁରେ
ସୂର୍ଯ୍ୟର ରଶ୍ମି ପରି ମୁକ୍ତା ପାଲଟିଥାଏ

କେତେବେଳେ ସାରୁପତ୍ରରେ ଜଳପରି ଢଳଢ଼ଳ ଦିଶେ
କେବେ ହସର ଝରଣା ପରି ବହେ ତ
କେବେ ଲୁହର ସାଗର ପରି ବହେ
ଭାଗ୍ୟବାନ ଭଗବାନଙ୍କୁ ଧନ୍ୟବାଦ ଦିଏ ତ
ଅଭାଗା ଚିରକାଳ ଭାଗ୍ୟକୁ ନିନ୍ଦି ଚାଲିଥାଏ ।

ଏଫ୍-୨୧୫, ସେକ୍ଟର-୮
ମର୍ଜିତନଗର, କଟକ-୧୪
ମୋ: ୯୭୭୮୮୬୯୬୮୧

❑❑❑

ମୌମୁସୀ ମାଗଇ ମେଲାଣି

● **ଶାନ୍ତିଲତା ଗିରି**

ପାବର୍ଣ ଋତୁର ବାହୁଡ଼ା ମେଘଟା
ମେଞ୍ଚା ମେଞ୍ଚା ହୋଇ ଭାସିଲାଣି
ବାଦଲ କୋଳରୁ ଖସିଆସି ଶଶୀ
ମୁଚୁକୁନ୍ଦ ହସ ହସିଲାଣି ।

ବରଷାର ଗତେ ଶରତ ଆଗତେ
ନୂଆ ଆଶା ମନେ ଭରିଲାଣି
ସକାଳ ସୂରୁଜ ଖରା ଛାଇ ଖେଳେ
ଆନମନା ଟିକେ କରିଲାଣି ।

କାଶତଣ୍ଡୀ ଫୁଲେ ନଦୀପଠା ପରେ
ମଳୟ ତ ମୁଣ୍ଡ ପିଟିଲାଣି
ମନଜିଣା ଛନ୍ଦ ଚାହାଣୀରେ ପୁଣି
ଭାବୁକ ମନକୁ ଜିଣିଲାଣି ।

ଝରା ଶେଫାଳୀଟା ବାରି ଅଗଣାରେ
ମହ ମହ ହୋଇ ବାସିଲାଣି
ଚାଳଛପରର ମଥାନ ଉପରେ
ଲାଉର କୁସୁମ ହସିଲାଣି ।

ନିଗିଡ଼ା ମାଟିରେ କାକୁଡ଼ି ଲତାରେ
କଞ୍ଚୁଡ଼ି କାକୁଡ଼ି ବଢ଼ିଲାଣି
ସଞ୍ଜ ନ ହେଉଣୁ ଜହ୍ନିଫୁଲ ଫୁଟି
ରାତି ନ ପାହୁଣୁ ଝଡ଼ିଲାଣି ।

ସଫା ଶରତର ଠାଣି ଦେଖି ଦେଇ
ମୌସୁମୀ ମେଲାଣି ମାଗିଲାଣି
ମାଆ ଆସିବାକୁ ଡେରି ନାହିଁ ଆଉ
ଶାରଦୀୟ ଶଙ୍ଖ ବାଜିଲାଣି !

କମାରିଆ ବଜାର,
ତିହିଡ଼ି, ଭଦ୍ରକ
ମୋ: ୭୮୪୭୯୮୪୪୪୯

❑❑❑

ଆୟୁଷ ହିଁ ଶବ

● ବୈତାରୀ ଯେନା

ମୋହନତି ମଣିଷର ନିଶ୍ୱାସ
ଅସହ୍ୟ ସର୍ଜନା ମଧ୍ୟରେ
ପ୍ରଶ୍ୱାସର ଅର୍ଗଳିରେ ଖୋଜେ
ମୃତ୍ୟୁ ଆଉ ଜନ୍ମର ରହସ୍ୟ

ଏଠି ହତଭାଗ୍ୟମାନେ ଧାଇଁଛନ୍ତି
ଖୋଜୁଛନ୍ତି ଆତ୍ମୀୟ ଉଦରକୁ ଖାଦ୍ୟ
ମଥାନ ନିମନ୍ତେ ଖଣ୍ଡେ
ଶକ୍ତ ପାକଳ ବାଉଁଶ
ପୁଣି କାନ୍ଧ ଗାମୁଛା ଖଣ୍ଡେ
ଧର୍ମପତ୍ନୀ ପାଇଁ ପାର୍ବଣକୁ
ସୁନ୍ଦର ଚାଖଣ୍ଡେ ପଣତ
ପୁଣି ଶରତ ଶେଷରେ
ଗଢ଼ିବାକୁ ଚାହେଁ ତାର
ଦକ୍ଷିଣ ଦରଜା ପାଇଁ
ହଳେ ଜାଉଁଳୀ କବାଟ

ଖୁଁ ଖୁଁ କାଶି କହେ ନିଜକୁ
ମୋର ଆଉ ଅଳପ ଆୟୁଷ
ଏକା କଇଁ କଇଁ କାନ୍ଦି କହେ
ଏସନ ଠାରୁ ମୋର ସମୟଟା ଶେଷ
ମୁଁ ଅସଲ ଚାବିଟା ହଜାଇଛି
ସେଇଦିନୁ ଯେଉଁଦିନୁ
ଜୁଇ ଜଳିଛି ମୋ ମୁରବୀଦ୍ୱର

ଅଧାସଜ ବୟସର
ମିଶାଣ ଫେଡ଼ାଣ ମଧ୍ୟରେ
ତ୍ରିଶଙ୍କୁ ତ୍ରିଚ୍ଛକିରେ ଚାହିଁଛି
ଆକାଶ ଆଉ ମାଟିକୁ
ଟୋପାଏ ସଞ୍ଜିବନୀ ପାଇଁ
ଆୟୁଷଟା ମୋର କେତେବେଳୁ
ହୋଇଛି ଯେ ଶବ ।

ଗୁରୁକୁଳ ଶିକ୍ଷା ନିକେତନ
ସିନ୍ଦୋଳ, ତିହିଡ଼ି, ଭଦ୍ରକ
ମୋ: ୯୩୪୮୩୦୮୭୧୩

❐❐❐

ଶେଷ ସମୟ

● ସୁଶାନ୍ତ କୁମାର ନାୟକ

ବାସି ଶେଯର
ମଉଳା ଫୁଲରେ
ଶେଷ ହୁଏ
ରାଜାଙ୍କ ମୃଗୟା ।

ବନ୍ଦ କୋଠରୀର
ଝରକା ଖୋଲି
ପକ୍ଷୀଙ୍କ କଳରବରେ
ଅସ୍ଥିର ପବନରୁ ଝଡ଼େ
ବିଶ୍ୱାସର ପତ୍ର ।

ନରମ ଖରାର ସ୍ୱର୍ଶରେ
ସକାଳର ରକ୍ତରେ ଭିଜେ
ସ୍ୱପ୍ନର ନୀଳକଇଁ ।

ଅଂଧାର ରାତିର ରହସ୍ୟ ଭେଦି
ଖୋଜାହୁଏ
ଘରକୁ ଫେରିବାର ବାଟ ।

ସରେ ନାହିଁ ବାଟ
ସରିଯାଏ
ସ୍ୱପ୍ନର ତାରକସି କାମ ।

ଶ୍ୱାସରୁଦ୍ଧ ଅରଣ୍ୟରେ
ରାତିର ରହସ୍ୟ ଭେଦି
ଜଳିଉଠେ

ନିରବତାର ଚିତା ।

ପ୍ରେମର ଅଖଣ୍ଡ ଆପ୍ତ ବାକ୍ୟରେ
ଅଧାପିନ୍ଧା ଶାଢ଼ୀର
ପଣତକାନିରେ ଶୋଇପଡ଼େ
ସକାଳର ବୟସ ।

ସୁନା ହରିଣର ଛାଇଭଳି
ଦୂରକୁ ଦୂରକୁ ଘୁଞ୍ଚେ
ସୂତା ଛିଣ୍ଡା ଗୁଡ଼ି ।

ଶୂନ୍ୟ କୋଠରୀର ଚାରିପାଖେ
ଘୂରି ବୁଲୁଥାଏ
ଅଭିଶପ୍ତ ଜୀବନର
ଶେଷ ସମୟ ।

ପଞ୍ଚବଟୀ ନଗର-୨ୟ ଲେନ୍
ରାୟଗଡ଼-୭୭୫୦୦୧
ମୋ: ୯୪୩୭୧୧୮୮୨୨

❐❐❐

ଅସହାୟ

● ଶ୍ୱେତା ରାଉତ

କେହି କ'ଣ ଦେଖିଛ
ଧୈର୍ଯ୍ୟର ଝଣ୍ଡା ଉଡ଼ାଉଥିବା ସକାଳ
କେମିତି ଅଧୈର୍ଯ୍ୟର ପଣତ ଘୋଡ଼େଇ
ଚୁପ୍‌ଚାପ୍ ଶୋଇଥାଏ ଅନ୍ଧାର ଶେଯରେ ।
ସତ୍ୟର ପ୍ରଚାରପତ୍ର ବାଣ୍ଟୁଥିବା ଅବୋଧ ବାଳକ
କେମିତି ପିଠିରେ ବୋହୁଥାଏ ଅସତ୍ୟର ଭାର
କେମିତି ସହୁଥାଏ ସାହୁକାରଙ୍କ ଚାବୁକ୍
କେମିତି ଲୁଚିଲୁଚି ପୋଛୁଥାଏ
ନିଜ ଆଖି ଲୁହ ?

କେହି କେବେ ଦେଖିଛ
ସାରାଦିନ ଆହାର ବାଣ୍ଟୁଥିବା ମଧ୍ୟାହ୍ନ
କେମିତି ନିର୍ଜଳା ଉପାସକୁ ମାରେ
ପେଟରେ ଓଦାକନା ଦେଇ
ଲୁହ ପିଇ ମେଣ୍ଟାଇନିଏ ଶୋଷ ?

ବଗିଚାରେ ସୁଗନ୍ଧ ମହକାଉଥିବା ଫୁଲ
କେମିତି ଝୁଲୁଥାଏ କଣ୍ଟାରେ
ଖୁବ୍ ଉଚ୍ଚ ଦିଶୁଥିବା ତାଳଗଛକୁ ଦେଖିଛ
କେମିତି ସେ ସହେ ଖରାର ଦାଉ,
କେମିତି ତା' ପତର ତଳେ ଘୋଡ଼େଇ ରଖେ
ବାଇଚଢେଇର ସଂସାର ?

ମୁଁ ଦେଖିଛି ହଜାର ଥର
ପ୍ରକୃତି ଭିତରେ ଥିବା ମଣିଷର ପ୍ରକୃତିକୁ
ମୂର୍ତ୍ତି ଭିତରେ ଥିବା ଛଳନାର ଆକୃତିକୁ
ସାଧୁତା ଭିତରେ ଥିବା ଚିନ୍ତନର ବିକୃତିକୁ
ସ୍ୱାର୍ଥରେ କିଣି ନେଉଥିବା ଅସହାୟର ସ୍ୱୀକୃତିକୁ ।

ଯେଉଁମାନେ ବଦଳେଇ ପାରନ୍ତି ପୃଥିବୀର ନକ୍ସା
ଯେଉଁମାନେ ଉଡ଼େଇ ପାରନ୍ତି ଜୀବନର ହଂସା
ଯେଉଁମାନେ ଗରିବର ଝାଳରେ ଝୋଟି ପକାନ୍ତି
ଯେଉଁମାନେ ଅସହାୟ ରକ୍ତରେ
ଫୁଟେଇ ପାରନ୍ତି ଆପଣା ସ୍ୱପ୍ନର ରଙ୍ଗୀଣ ଫୁଲ
ଆଉ ସମୟ ପାଲଟି ଯାଏ ଅସହାୟ ।

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଭୁବନେଶ୍ୱର

❐❐❐

ଖେଚୁଡ଼ି

ଡ. ଦୁର୍ଯ୍ୟୋଧନ ଦାସ

ବାଇଟୁଙ୍ଗୁରୀ ଭାଇମାନେ
କେତେଦିନ ରହିଥିବ
ସମ୍ବିଧାନର ଶୀତଳ ଡେକିଚିରେ
ଚାଉଳ, ଡାଲି, ହଳଦି, ଲଙ୍କାଗୁଣ୍ଡର
ପୃଥକ୍ ପୃଥକ୍ ଉପାଦାନ ହୋଇ ?
ଏବେ ଉତ୍ତାପ ଆସିଛି
ଆସ ଆମେ ସବୁ ମଶି
ତିଆରି କରିବା ସ୍ୱାଦିଷ୍ଟ ଖେଚୁଡ଼ି ।

କ୍ଷୀରିର ମିଷ୍ଟତା କି
ବିରିୟାନୀର ବାସ୍ନା
ନାହିଁ ଆମ ଭିତରେ
ଆମର ବି ନାହିଁ ପୁଷ୍ଟିତତ୍ତ୍ୱ
ଯେ ସମାଜକୁ କରିବ ଶକ୍ତିଶାଳୀ ।
ତଥାପି ଆମେ ଜଳେଇ ପାରିବା
ଜନତାର ଭୋକିଲା ପାଟି
ପାଣିଆ ହୋଇ ଖସଡ଼ା କରିପାରିବା
ପ୍ରଗତିର ପଥ
ଦେଶଟା ଉଠୁ କି ନ ଉଠୁ
ଅନ୍ତତଃ ଖସିଯାଇ ପାରିବ
ଚୀନ କି ପାକିସ୍ଥାନ ଭିତରକୁ ।

ମାତ୍ର ଚାମଚେ କରୋନା ଭୂତାଣୁ
ଭାଂଗି ଦେଇଛି ବିଶ୍ୱର ମେରୁଦଣ୍ଡ

ଆମେ ତ ଯଥେଷ୍ଟ ଅଧିକ
ଭାରତ ଭିତରୁ ତା' ବ୍ରହ୍ମକୁ
ହରଣ କରିପାରିବା ପାଇଁ ।

ସର୍ଜିକାଲ ଷ୍ଟ୍ରାଇକ୍ କ'ଣ
ବୁଝିବାର କ୍ଷମତା ନାହିଁ ଆମର
କିନ୍ତୁ ତାର ପ୍ରମାଣ ମାଗିବାର
ପ୍ରମତ୍ତତାକୁ ଭୁଲିଗଲେ ଚଳିବ କି ?

ଆମର ଧନୁ ପରଖିରା
ହାତର ଆଂଗୁଳି ବି ବାତୁଆ
ଲକ୍ଷ୍ୟ ଭେଦରେ ପାଞ୍ଚାଳୀକୁ
ଜିଣିବା ସମ୍ଭବ ନ ହେଲେ ବି
ତାଂକୁ ଉଲଗ୍ନ କରିବାର ଦକ୍ଷତା
କ'ଣ କମ୍ ଅଛି ଆମ ପାଖରେ ?

ଆଇନ ଗଢ଼ିବା ତ ଦୂରକଥା
ବୁଝିବାର ମେଧା ନାହିଁ ଆମର
ଦୁଃଖ କରନାହିଁ
ଆଇନ ଅମାନ୍ୟ କରିବାର କଳା
ଆନୁବଂଶିକ ଆଧାରରେ
ଚାରି ପୁରୁଷ ଧରି ଆମ ପାଖରେ
ଯଥେଷ୍ଟ ରହିଛି ।
ଠିକ୍ ଭାବୁଛ ଯେତେ ଶିଝେଇଲେ ବି
ଆମେ ମେଂଚିମେଂଚି ନୁହେଁ ଖଦଡ଼ା ହେବା
କାରଣ ଆମର ଦାନା ଭିନ୍ନ ଭିନ୍ନ
ମଂଜ ଅଲଗା ଅଲଗା ।

କେବଳ କ୍ଷୀରିର ଚାହିଦା କମ୍ କରିବାକୁ
ବିରିୟାନୀର ବଜାରରେ ଘାଟା ଆଣିବାକୁ
ଆମର ଏ ସଂଯୋଗ ମାତ୍ର ।
କିନ୍ତୁ ଭୟ କରନା
କଥା ଓ କାମରେ ଅଲଣା ସାବ୍ୟସ୍ତ
ହୋଇଥିବା ଆମ ରାନ୍ଧୁଣୀ ଏବେ
କଲିକତି ଲୁଣ ଏବଂ କେରଳୀ ନଡ଼ିଆ
ଧରି ଆସିଲେଣି
ଖେଚୁଡ଼ି ରୁଚିକର ହେଉ କି ନ ହେଉ
ସତୁରୀ ବର୍ଷଧରି ଆମ ହାତଟେକାକୁ
ଭରସା କରି ଆମ ଆଙ୍କାରେ
ସମର୍ଥନର ହାତ ଟେକି ନାଚୁଥିବା
ଭେଣ୍ଡାମାନଙ୍କୁ କିଛି ସମୟ
ଭଣ୍ଡେଇ ଦେବାର ସୁଯୋଗ ମିଳିବତ !

ଏଲ୍.ବି. - ୭୩
ଷ୍ଟେଜ୍ ୪-ଲକ୍ଷ୍ମୀସାଗର, ଭୁବନେଶ୍ୱର,
ମୋ. ୯୪୩୭୨୧୪୦୨୧

❐❐❐

ଉର୍ବଶୀର ପରାଜୟ

● ସନାତନ ସେଠୀ

ସୁଧର୍ମା ସଭାରୁ ବିଦାୟ ନେଲେ ସର୍ବ ଅମରେ,
ଏକାନ୍ତେ ରହିଲେ ଉର୍ବଶୀ ଦେବେଶ ପୁରନ୍ଦରେ । ॥ ୧ ॥

ସତୃଷ୍ଣ ନୟନେ ଦେଖନ୍ତି ଇନ୍ଦ୍ର ଥରକୁ ଥର,
ଅନିନ୍ଦ୍ୟ-ରୂପସୀ ଉର୍ବଶୀ ଶୋଭା କି ମୁଗ୍ଧକର । ॥ ୨ ॥

କହନ୍ତି ଉର୍ବଶୀ ମର୍ତ୍ତ୍ୟକୁ ଯିବି ଦିଅ ସମ୍ମତି,
କୋମଳ-କୋକିଳ-ଭାଷରେ ନୟନ ଏଣୀ ଗତି । ॥ ୩ ॥

କହନ୍ତି ଦେବେଶ ବାଳୀଶେ ବୁଝି ପାରୁନି କିଛି,
ସ୍ୱର୍ଗରେ ଅଭାବ କି ଅବା, ମର୍ତ୍ତେ କି ଅବା ଅଛି । ॥ ୪ ॥

ସୁରମ୍ୟ-ହର୍ମ୍ୟ-ଚିତ୍ରୋତମ ଏଠି ପ୍ରସାଦ ମାନ,
ରତ୍ନ ଅଳଙ୍କାର ଖଚିତ ଏହି ସ୍ୱର୍ଗ ଭୂବନ । ॥ ୫ ॥

ଦୁଃଖ ଯନ୍ତ୍ରଣାରେ ନିବର୍ତ୍ତ ନିତ୍ୟ ମର୍ତ୍ତ୍ୟ ଭୂବନ,
କେଉଁ ସୁଖ ଶିରୀ ଲଭିବ ଛାଡି ଅମର ଧାମ । ॥ ୬ ॥

ଚାରୁ-ଚନ୍ଦ୍ର-ମୁଖୀ ଲଳନା ଭାଷେ ତଳକୁ ଚାହିଁ,
ପ୍ରଳମ୍ବିତ ଲମ୍ବ କେଶକୁ ଧୀରେ ସାଉଁଳି ଦେଇ । ॥ ୭ ॥

କନ୍ଦର୍ପ-ଉନ୍ମତ୍ତ-ଯୁବକ ଛନ୍ତି ମର୍ତ୍ତେ ଅଧିକ,
ଏ ଯୋଷା ବରକୁ ତୋଷିବେ ଦେଇ ପ୍ରୀତି ପୁଲକ । ॥ ୮ ॥

ଓଷ୍ଠେ-ସୁଧାଧାର ଲପନେ ଦେବେ ମଧୁ ଚୁମ୍ବନ,
ମଧୁରତର ଅନ୍ତରକୁ ଅଛି ମାର କଦନ । ॥ ୯ ॥

ଏଣୁ କରିଛି ମୁଁ ସ୍ୱୀଉକ ଯିବି ନର ଜଗତ,
ଲଭିବି ସେଠାରେ ଭୋଗିବି ପ୍ରୀତି ପରମ ସୁଖ । ॥ ୧୦ ॥

ଝିନ ଉତ୍ତରୀୟ ସଧୀରେ ସ୍କନ୍ଧେ ଦେଇକି ଛାଟି,
ସହାସ୍ୟ-ଭାଷରେ ଏଥକୁ ସୁରପତି କହନ୍ତି । ॥ ୧୧ ॥

ପୁରୁରବା ଥିଲେ ମହୀରେ ସିନା ହେବେ ବାତୁଳ,
ସ୍ୱାଗତ ଆଗତ ତୁମ୍ଭଙ୍କୁ ବିହିବେ କୁତୁହଳ । ॥ ୧୨ ॥

ଅଙ୍ଗ-ରାଗ-ରଙ୍ଗ ଶୃଙ୍ଗାର ନୁହେଁ ଜୀବନେ ଶ୍ରେଷ୍ଠ,
ବାର୍ଦ୍ଧକ୍ୟ ତ ନିଶ୍ଚେ ଗ୍ରାସିବ ତନୁ ହୋଇବ ନଷ୍ଟ । ॥ ୧୩ ॥

ମଧୁ ଥିଲେ ସିନା ମଧୁପ ପ୍ରସୂନ ପାଶେ ଆସେ,
ରୂପ ସିନା ଥିଲେ ଭୃଙ୍ଗଏ କୁମୁଦିନୀକୁ ଝାସେ । ॥ ୧୪ ॥

ଜରା ରୋଗ ବ୍ୟାଧି ସତ୍ତ୍ୱରେ ଅଙ୍ଗ ସଙ୍ଗ ଲଭିବ,
ନିମିତ୍ତ ମାତ୍ର ଏ ଶରୀର ପଚି ଦୁର୍ଗନ୍ଧ ହେବ । ॥ ୧୫ ॥

ଦର ବିକଶିତ କମଳ ମୁଖେ ଭାଷେ ଉର୍ବଶୀ,
ମିଳିବ ଗୌରବ ସମ୍ମାନ ମୋତେ ସେଠାରେ ବେଶି । ॥ ୧୬ ॥

ମାଦକ ଭରା ମୋ ନୟନ ଉଚ୍ଚ ବକ୍ଷୋଜ ଦେଖି,
ନିତମ୍ବ ସ୍ତମ୍ବିତ ଭଜିବେ ଯତି ତପ ଉପେକ୍ଷୀ । ॥ ୧୭ ॥

ଶୁଣି ଶଚୀପତି ବୋଲନ୍ତି ଦରହାସ୍ୟ ବଦନେ,
ମର୍ତ୍ତ୍ୟର ସନ୍ୟାସୀ ଅଛନ୍ତି ଆଜି ସ୍ୱର୍ଗ ଭୂବନେ । ॥ ୧୮ ॥

କୁତ୍ସିତ-ବିକୃତ-ବିଭତ୍ସ ସେହି ସନ୍ୟାସୀ ଗଣ,
ପାରିବ କି ଦେଖ ରୂପରେ ତମେ ବଶୀକରଣ । ॥ ୧୯ ॥

'କୁତୁକ' 'ପର୍ବତ' 'କମର୍ଦ୍ଦ' ଯୋଗୀ ମହୀମଣ୍ଡଳ,
ଆସିଛନ୍ତି ସ୍ୱର୍ଗ ଭୂବନ ପୂର୍ଣ୍ଣ କାମ ବିକାର । ॥ ୨୦ ॥

ଏମାନେ ନାରଦ ସୁହୃଦ ସଂସାର ବିତସ୍ପୃହ,
ସୁଧର୍ମା ସଭାକୁ ଡାକିବା ନିକି ସୁନ୍ଦରୀ କୁହ । ॥ ୨୧ ॥

ଯୌବନ-ପ୍ରମତ୍ତା-ପ୍ରବକ୍ତା କରନ୍ତି ଉପହାସ,
ପୁରୁଷ ଯଦି ମୋ ଆୟତ୍ତ ହେବେ ମୋ ଠାରେ ବଶ । ॥ ୨୨ ॥

କେତେ କେତେ ଯତି ମତିକୁ ମୁହଁ କରିଛି ବଣା,
ଏ ମର୍ତ୍ତ୍ୟମଣ୍ଡଳ ତପସ୍ୱୀ ଶକ୍ତି ମୋତେ ହିଁ ଜଣା । ॥ ୨୩ ॥

ଡାକନ୍ତୁ ହେ ଶକ୍ର ରାଜନ ମୋର ସମ୍ମୁଖ ଭାଗେ,
ଅକ୍ଲେଶେ କ୍ଲେଶ ମୁଁ ଯୋଖିବି ତୁମେ ଦେଖିବ ଆଗେ । ॥ ୨୪ ॥

ଚାରୁ ଚନ୍ଦ୍ର ତପ ଚାନ୍ଦୁଆ ଥିଲା ଉପରେ ବନ୍ଧା,
ହୀରା ନୀଳା ମୋତି ମାଣିକ ଝୁଲଣ ଗଦା ଗଦା । ॥ ୨୫ ॥

ଦନ୍ତୀ-ଦନ୍ତ-ପଂକ୍ତି ଆସନ ପଡିଛି ଧାଡି ଧାଡି,
ମୋତି ମାଣିକ୍ୟରେ ଖଚିତ ଲାଗି ସୁବର୍ଣ୍ଣ ଧଡି । ॥ ୨୬ ॥

ରଙ୍ଗଶାଳା ଥିଲା କୁସୁମ ମଣ୍ଡି କି ଶୋଭାମୟ,
ପଲ୍ଲବିତ ନବ ବସନ୍ତ ତୋରା କି ରମଣୀୟ । ॥ ୨୭ ॥

ତୂଳିତଳ୍ପ ଶଯ୍ୟା ଉପରେ ବାସ ପ୍ରସୂନ ବିଞ୍ଚା,
ବୀଣା ଝଙ୍କାରରେ ତନ୍ମୟ ଥିଲା ସେ ରଙ୍ଗ ମଞ୍ଚା । ॥ ୨୮ ॥

ସୌମ୍ୟ-ଦର୍ଶୀ-ଦିବ୍ୟ ସନ୍ୟାସୀ ମୁନି ଦେବର୍ଷି ସାଥେ,
ମିଳିଲେ ସଭାରେ ଆସୀନ୍ନ ହେଲେ ଯତି ଯୁକତେ । ॥ ୨୯ ॥

ସଭାରେ ମଣ୍ଡିତ ଅଛନ୍ତି ଅଗ୍ନି-ବାୟୁ-ବରୁଣ,
ଯକ୍ଷ-ରକ୍ଷ-ଦେବ-ଗନ୍ଧର୍ବ ଥିଲେ ମଞ୍ଚେ ଆସୀନ୍ନ । ॥ ୩୦ ॥

ମହର୍ଷି ଦେବର୍ଷି ବ୍ରହ୍ମର୍ଷି ଛନ୍ତି ସମ୍ମୁଖେ ବସି,
ଦିବ୍ୟ ଜ୍ୟୋତି ଦିବ୍ୟ ନୟନ ଦିବ୍ୟ ଗାତ୍ର ପ୍ରଶଂସି । ॥ ୩୧ ॥

'ପର୍ବତ'ଋଷିଙ୍କ ଆକଣ୍ଠ ଜଟା ଅଛି ଲମ୍ବିତ,
ବଲ୍କଳ ବସନ କଟିରେ ମୁଖ ଶ୍ମଶ୍ରୁ ଆବୃତ । ॥ ୩୨ ॥

'କୁତୁକ' କୌପିନୀ ବାନ୍ଧିଛି ଜଟା ବକ୍ଷ ପର୍ଯ୍ୟନ୍ତ,
ଉନ୍ମୁକ୍ତ ବକ୍ଷରେ ଶୋଭିତ ନାନା ମାଳା ଯୁକତ । ॥ ୩୩ ॥

"କମର୍ଦ୍ଦ" ଉଲଗ୍ନ ଉନ୍ମୁକ୍ତ ଜଟା ଜାନୁ ଲମ୍ବିତ,
ଭସ୍ମ ଲେପନକୁ ଶରୀର ବିତସ୍ପୃହତା ଚିତ୍ତ । ॥ ୩୪ ॥

ଅର୍ଘ୍ୟ ବନ୍ଦାପନା ଅପସରା କଲେ ଅତିଥି ଜନେ,
ପାରିଜାତ ପୁଷ୍ପ ଗୁଚ୍ଛକୁ ଦେଲେ ଅଭିନନ୍ଦନେ । ॥ ୩୫ ॥

ହୁଳହୁଳି ଶଙ୍ଖ ନିନାଦ ସାଜନ୍ତେ ମାଙ୍ଗଳିକ,
ବାଜିଲା ବାଜଣା ସେ କାଳେ ସ୍ୱାଗତ ନହବତ । ॥ ୩୬ ॥

ଏକାଳେ ଅପ୍ସରା ମେନକା କଲେ ନୃତ୍ୟ ଘୋଷଣା,
ରଙ୍ଗ ମଞ୍ଚ କମ୍ପି ଉଠିଲା ବାଜି ନାନା ବାଜଣା । ॥ ୩୭ ॥

କାଞ୍ଚନ ବରଣୀ ରମଣୀ ରତି ପ୍ରତିମା ଜିଣା,
'ନିର୍ମୋକ' ନୃତ୍ୟକୁ ନାଚିବେ ଆଜି ନୃତ୍ୟ ନିପୁଣା । ॥ ୩୮ ॥

ନାଚନ୍ତି ଉର୍ବଶୀ ଛନ୍ଦରେ ଅଙ୍ଗ ରାଗ ପ୍ରକାଶି,
ମୃଦୁ ମୃଦୁ ମନ୍ଦ ହାସ୍ୟରେ ପୂର୍ଣ୍ଣିମା ଚାନ୍ଦ ଦିଶି । ॥ ୩୯ ॥

କଲ୍ୟାଣୀ କାମୋଦୀ ବରାଡି ଛନ୍ଦେ ପାଦ ଘୁଙ୍ଗୁର,
କଟି ମେଖଳାରେ କିଙ୍କିଣୀ କରେ ମଧୁ ଝଙ୍କାର । ॥ ୪୦ ॥

ନୃତ୍ୟ ଛନ୍ଦର ତାଳେ ତାଳେ ବେଣୀ ଶୂନ୍ୟେ ଭଉଁରୀ,
ହସ୍ତ ମୁଦ୍ରିକାର ଭଙ୍ଗିମା ସୁଧା ପଡଇ ଝରି । ॥ ୪୧ ॥

ନିତମ୍ବ କରଇ ନର୍ତ୍ତନ ଉରୁରୁହ ସାଥେ,
ଜାଇ ଜୁଇ ଖସେ ଜୁଡାରୁ ସଭାସଦ ପରିଯନ୍ତେ । ॥ ୪୨ ॥

ଉପମାକୁ କରି ଉପେକ୍ଷା ନାଚେ ସେ ବିମ୍ୟଓଷ୍ଠି,
କାମ ବାଣ କୁଚ ତୁଣୀରୁ କରୁଥାଏ ସେ ବୃଷ୍ଟି । ॥ ୪୩ ॥

ସୀତାମ୍ବୁଜ ମୁଖ ପ୍ରମୋଦି କର କଚୋଟି ମୁଦ୍ରା,
ଚତୁରୀ ଚାତୁରୀ ବସନ ଖସେ ବକ୍ଷରୁ ସଦା । ॥ ୪୪ ॥

ଚପଳ ଛନ୍ଦର ଛନ୍ଦରେ ଉତରୀୟ ବସନ,
ଖସଇ କୁଚ ଚୁଚୁକରୁ ଘନ ଘନ ଘନ । ॥ ୪୫ ॥

'ପର୍ବତ' କହନ୍ତି ସୁନ୍ଦରୀ ବନ୍ଦ କର ଏ ନୃତ୍ୟ,
ଶାଳୀନତା ସୀମା ଲଙ୍ଘୁଛ ଚିତ୍ତ ହୁଏ ପୀଡିତ । ॥ ୪୬ ॥

'କୁତୁକ' କହନ୍ତି ରୂପସୀ ନୃତ୍ୟ ଉଦ୍ଦଣ୍ଡ କର,
ଯାହାକୁ ଅରୁଚି ଲାଗୁଛି ନେତ୍ର ମୁଦୁସତ୍ତ୍ୱର । ॥ ୪୭ ॥

କେକା କେକୀ ମୃଗ ମୃଗୁଣୀ ନୃତ୍ୟ ଦେଖିଛି ବନେ,
ଏ ଶୋଭାବନକୁ ମର୍ତ୍ତ୍ୟରେ ନାହିଁ ଦେଖିଛି ଦିନେ । ॥ ୪୮ ॥

ଅତି ଉଲ୍ଲାସରେ ଉର୍ବଶୀ ଚାହିଁ ଇନ୍ଦ୍ରଙ୍କୁ ହସେ,
ବଶ୍ୟ ଅବଶ୍ୟ ମୋ ହୋଇଲେ ଏହି ମର୍ତ୍ତ୍ୟ ତାପସେ । ॥ ୪୯ ॥

ବସନ ଭୂଷଣ ଉତ୍ତୀର୍ଣ୍ଣ କଲା ଚମ୍ପା ଚାଉରୀ,
ଉଚ୍ଚ ଭରଜକୁ ସ୍ପନ୍ଦିତ କଲା କାମ ଚାତୁରୀ । ॥ ୫୦ ॥

ବିପୁଳ-ନିତମ୍ବ-ଜଘନ କନକ ରମ୍ଭା ତରୁ,
ନୟନ କଟାକ୍ଷ ବାଣରେ ମଦନ ମରୁ ମରୁ । ॥ ୫୧ ॥

ମଞ୍ଚ ମଣ୍ଡଳରେ ଦର୍ଶକ ବୋଲନ୍ତି ବାହା ବାହା,
'କମର୍ଦ୍ଦ' କୌତୁକେ ବୋଲନ୍ତି ଖୋଲ ରଖିଛ ଯାହା । ॥ ୫୨ ॥

ଉନ୍ମୁକ୍ତ କର ତୁ 'ନିର୍ମୋକ' ନୃତ୍ୟ ଦେଖିବି ଆଉ,
ତନୁ ଉତ୍ତରୀଣ ତନୁ କୁ ଯେବେ ନିଃଶେଷ ହେଉ । ॥ ୫୩ ॥

କାମ-କେଳି-କଳା-କ୍ରୀଡାକୁ ଯାହା ସାଧିତ ଥିଲା,
କେଶରୀ ମଧ୍ୟମା ସୁଶୀଳା ଅଙ୍ଗ ଅବଶ ହେଲା । ॥ ୫୪ ॥

ରକ୍ତିମ ରଙ୍ଗରେ ଜର୍ଜର ହେଲା ନର୍ତ୍ତକୀ ମୁଖ,
ଦୂଷଣ ଲାଗଇ ଭୂଷଣ ଶୁଣି ମୁନିଙ୍କ ବାକ୍ୟ । ॥ ୫୫ ॥

ଅଶ୍ରୁ ବିଗଳିତ ନୟନ ଶୀର ନତ ପ୍ରତ୍ୟକ୍ଷ,
ସ୍ୱେଦ ବିନ୍ଦୁ କରତଳରେ ପୋଛେ ହୋଇ ନିରେଖ । ॥ ୫୬ ॥

ସ୍ଥିର ହେଲା କର ଚରଣ କଟି ଗ୍ରୀବା ଭୃ-ଭଙ୍ଗି,
ସ୍ଥିର ହେଲା ନଟୀ ନର୍ତ୍ତନ ବ୍ରୀଡା ମୁଖେ ଉଲଙ୍ଗି । ॥ ୫୭ ॥

ପଞ୍ଚ-ଭୂତ-ଯୁକ୍ତ ଏ କାୟା ମିଥ୍ୟା ମୃତ୍ତିକା ପିଣ୍ଡ,
ହାଡ-ମାଂସ-ରକ୍ତ ପୁଳାଏ ହୋଇ ଅଛନ୍ତି ରୁଣ୍ଡ । ॥ ୫୮ ॥

ଗମିଲେ ଦେବାଏ ତପସ୍ୱୀ ନିଜ ନିଜ ସଦନେ,
ସ୍ତମ୍ଭିତ ହେଲେ ଯେ ଉର୍ବଶୀ ନତ ମସ୍ତ ଲପନେ । ॥ ୫୯ ॥

ପ୍ରବୋଧିଲେ ଇନ୍ଦ୍ର ସୁନ୍ଦରୀ ଶାନ୍ତ ହୁଅ ଏଥର,
ମର୍ତ୍ତ୍ୟ ଲୋଭ ଛାଡି ଆନନ୍ଦେ ରହ ଗୀର୍ବାଣପୁର । ॥ ୬୦ ॥

କର ନାହିଁ କେବେ ରୂପକୁ ରଖି ଆମ୍ଭ ବଡିମା,
ବିହିତ ବିହିଛି ଅସାର ରୂପ-ବିତ୍ତ-ଗାରିମା । ॥ ୬୧ ॥

ଅମୃତପୁର, ଗୁଆମାଳ, ଭଦ୍ରକ
ମୋ.- ୯୯୩୬୬୪୪୨୪୫

❐❐❐

ଆଣ୍ଡ୍ରଏଡ଼ ମୋବାଇଲି

● ଅର୍ଜୁନ ଦାସ

ଆଣ୍ଡ୍ରଏଡ୍ ମୋବାଇଲି ଆସିଲା ଦିନୁ
ମୁଁ ବି ଅପଡେଟ ହେଇଛି
ନିଜ ମାତୃଭାଷା ପଛକୁ ପକାଇ
ମୋବାଇଲ ଭାଷା କହୁଛି ॥

ବାପାଙ୍କ ଡାକକୁ ମିସ୍ କଲ କୁହେ
ବୋଉର ଲଙ୍ଗରିଙ୍ଗ
ଘରଣୀ କହିଲେ ଅଫିସ ଯିବକି ନାହିଁ
କହେ ବନ୍ଦ ଆଜି ଆଉଟ ଗୋଇଙ୍ଗି ॥

ଘରଣୀ ବି ମୋହର କମ ନୁହଇ
ସେ ବି ଅପଡେଟ ହେଲାଣି
ପଇସା ତାଙ୍କୁ ମାଗିଲେ କହୁଛି
ଭାଲିଡ଼ିଟି ସରିଗଲାଣି ॥

ଝିଅକୁ ଯାଇକି ଘରେ ପଚାରିଲି
ବୋଉର କଣ ହେଇଛି
ମନକୁ କାହିଁକି ଏମିତି ଶୁଖାଇ
ଖଟରେ ପଡ଼ିକି ରହିଛି ॥

ବାରି ପଟେ ବରକୋଳି ତୋଳୁଥିଲା
ବିରୁଡ଼ି କେଞ୍ଚି ଦେଇଛି
ସେଥିପାଇଁ ମମି ଦିନସାରା ଆଜି
ଭାଇବ୍ରେଟ ମୋଡ଼ରେ ରହିଛି ॥

ଦିନସାରା ଆଜି ଉପାସେ ରହିକି
ରିଚାର୍ଜ ସରି ଯାଇଛି

ସେଥିପାଇଁ ସବୁ ଆଉଟ୍ ଗୋଇଙ୍ଗି
ଆଜି ତାରବନ୍ଦ ରହିଛି ॥

ବେଳା ଯଦି ତୁମ ଭଲ ଅଛି
ନୋ କଭରେଜ ଜୋନକୁ ଯାଅ
ନ ହେଲେ ପିଠିକୁ ସଜେଇ କି
ବେଲେଣା ଖାଇବାକୁ ରେଡ଼ି ହୁଅ ॥

ମୁଁ ବି ଜମା ଛାଡ଼ିବା ଲୋକ ନୁହେଁ
କଥାରେ ଦେଲି ମୁଁ କହି
ସିମକୁ ମୁହିଁ ରିଜେକ୍ଟ କରିକି
ନୂଆଟେ ଆଣିବି ଯାଇ ॥

କୋଡ଼କୁ ମୋର ବୁଝି ପାରିଲାନି
କହିଲା ଚିତ୍କାର କରି
କେଉଁ ସିମ ତମେ ରିଜେକ୍ଟ କରିବ
ନୂଆ କିମ୍ପା ଦରକାରି ॥

ଏମିତି ମଜାରେ କହୁଥିଲି ପରା
ସେମିତି ତ କିଛି ନାହିଁ
ଝିଅଟି ମୋହର ସାହସକୁ ଦେଖି
ହସେ ମୋ ମୁହଁକୁ ଚାହିଁ ॥

ଆଣ୍ଡ୍ରଏଡ୍ ସେଟ ଆସିଲା ପରେ
କିପାଡ଼ର ଯାହା ଅବସ୍ଥା
ମମି ତ ଘରକୁ ଆସିଲା ପରେ ବାପା
ବଦଳିଛି ତମ ବ୍ୟବସ୍ଥା ॥

ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧

❐❐❐

ସଭିଏଁ ବଡ଼ ଦିଶିଲେଣି

● ଅରୂପାନନ୍ଦ ପାଣିଗ୍ରାହୀ

ପୃଥିବୀଟି ଛୋଟ ବୋଲି
ସଭିଏଁ ବଡ଼ ଦିଶିଲେଣି

ମୋ ଖଟତଳେ ପାଚ୍ଛିଏ ପଣସ ମଞ୍ଜି
ଗଜା ହେଲେଣି
ରାତିଯାକ
ମୋ ଘୁଙ୍ଗୁଡ଼ି ଶୁଣି ଶୁଣି
ସେମାନେ ଗଜୁରୁଛନ୍ତି, ବଢୁଛନ୍ତି
ସକାଳକୁ
ଏତିକି ପଣସ ଗଛର ଗୋଟେ ଜଙ୍ଗଲରେ
ମୁଁ ଶୋଇଥିବି
ଶତୁଥିବି
ପୃଥିବୀ ଛୋଟ ଦିଶୁଥିବ
ସମସ୍ତେ ବଡ଼ ଦିଶୁଥିବେ

ପଣସପଟାର କବାଟ ଝୁଲୁଥିବ
ମୃଷାଛୁଆ ଓଡ଼ିଶାର ଛୋଟ ଗାଁର
ବିଲପାଖିଆ ଘରେ
ବହୁଦୂରରେ

ସେ କବାଟ ବଡ଼ ଦିଶିଲାଣି
ପଟା ଆଉ ପଟାର ମଝି ଫାଙ୍କରେ
ବେଲଅଠାର ବୋଳ ଲାଗି
ଶକତ ଅଛି
ଜେଜେବାପା ବେଲ ଖାଇଲେ

ଅଠା ବୋଳିଲେ କବାଟରେ
ପୁରୁଷ ପୁରୁଷକୁ ମଞ୍ଜି ସାଇତିଲେ
ଅନ୍ଧାରରେ
ଦେଶୀଧାନର ବିହନକୁ ବୁଣିଦେଲେ
ଶ୍ମଶାନରେ ।

ଦେଶୀଧାନ ଆମ ବିଲରେ ନାହିଁ
କି ଆମ ଅମାରରେ ନାହିଁ
ସିଏ ବଢୁଛି, ଫଳୁଛି, ଝଡୁଛି, ଶଢୁଚି,
ଗଜୁରୁଛି ଶ୍ମଶାନରେ,
ପଣସବଣର ଜଙ୍ଗଲରେ ।

ଚିତ୍ରସ୍ରୋତା ଚୂନଭାଟି କଲୋନୀ,
ଗୋପାଳଗାଁ, ବାଲେଶ୍ୱର- ୭୫୬୦୦୧

❐❐❐

ତମେ କିଏ ?

● **ଭଗବାନ ସାହୁ**

କିଏ ତମେ ଭାଙ୍ଗିବାକୁ ପରଂପରା
ରୀତିନୀତି ଧରମ ବିଶ୍ୱାସ,
ତମେ କିଏ ମନ, ବନ, ସଂସାର ଓ
ସବୁଜିମା କରିବାକୁ ଧ୍ୱଂସ ।

ତମେ କିଏ ଖେଳିବାକୁ
ରକ୍ତହୋରି ରାଜରାସ୍ତା ପରେ,
ତମେ କିଏ ଲୁଟିବାକୁ
ସିନ୍ଦୁର ସେନେହ ପ୍ରୀତି
ସୁଖଶାନ୍ତି ଦିନ ଦ୍ୱିପ୍ରହରେ ।

ତମେ କିଏ, କେ' ଦେଇଛି ଅନୁମତି
କିତି କିତି ଖେଳିବାକୁ
ନିତି ଏଇ ପ୍ରକୃତି ସାଥିରେ,
କିଏ ତୁମେ ଯୁଦ୍ଧଂ ଦେହି ଡାକିଦିଅ
ଅନ୍ଧ ହୋଇ ବାରୁଦ ଓ
ବଂଧୁକର ବୃଥା ଅହଂକାରେ ।

କିଏ ତୁମେ ଧରାକୁ ମଣୁଛ ସରା
କାହାବଳେ ଦେଖାଉଛ
ଆସ୍ପର୍ଦ୍ଧା ଓ ଗର୍ବ ଅହଂକାର,
ମିଳାଇଯିବ କ୍ଷଣିକେ
ଦମ୍ଭ ଆଭିଜାତ୍ୟ ଯେତେ
ପବନ ଟିକକ ଗଲେ-
ତମେ କିଏ ଭାବିବାକୁ
ନ ଥିବ ବି ବେଳ ।

ତୁରିନ୍ତିରା, ବାଲିପାଟଣା, ଭୁବନେଶ୍ୱର
ମୋ: ୮୨୪୯୨୪୮୬୧୨

❐❐❐

ବାଉଁଶରାଣୀ

● ଚିନ୍ତାମଣି ମହାଳିକ

ବାଉଁଶରାଣୀ

କଳ୍ପନାର ରାଣୀ ନୁହେଁ
ସତ ରାଣୀଟିଏ ନିଜ ଜୀବନ ଓ ଜୀବିକାର
ବଳୟ ଭିତରେ ।

ତା କଳା ମଚ ମଚ କବରୀରେ
ଟାହିଆ ପରି ଦୋହଲୁଛି
ରଙ୍ଗ ବେରଙ୍ଗ ଚଢ଼େଇର ପର
ଏବଂ ନିଟୋଳ ଦେହର ମାଂସପେଶୀକୁ
ଚାପି ରଖିଛି ଲୁଗା ପିନ୍ଧିବାର ସଯତ୍ନ କୌଶଳ ।
ଆଖିରେ ଆତ୍ମପ୍ରତ୍ୟୟର ଚମକ,
ଓଠରେ ବିଜୟିନୀ ହସର ଝଲକ,
ଉଦ୍ଧତ ଛାତି ଓ ଅଣ୍ଟାଭଙ୍ଗୀ ଚାଲିରୁ
ବେଶ ବାରି ହୋଇ ପଡୁଛି
ନିଜ କରାମତି ଅବ୍ୟର୍ଥ କୌଶଳ ।

ନାଉରୀର କାତ ପରି ଆପଣାର
ଏକାନ୍ତ ବିଶ୍ୱସ୍ତ ମସୃଣ ବାଉଁଶ ଆଗରେ ଚଢ଼ି
ବାଉଁଶରାଣୀ ଦେଖାଉଛି କିସମ କିସମ ଖେଳ,
ମରଦ ତା'ର ତଳେ ରହି ବାଜା ବଜାଉଛି
ଦେଖଣାହାଣୀଙ୍କ ରକ୍ତରେ ବେଳୁ ବେଳ
ଉତ୍ତୁଣ୍ଡାର ଉତ୍ତାପ ବଢୁଛି ।

ଦର୍ଶକ ଆଖିକୁ ଫାଂକି ଦେଇ ପାରୁନାହିଁ

ତା ଦେହରୁ ଛିଟିକି ପଡୁଥିବା ଖୋଲା ଅଂଶ :
ସ୍ତନ, ଜାନୁ, ନାଭିର ବଳୟ
ତଥାପି ସେ ସବୁକୁ ଖାତିର ନକରି
ଏକଲବ୍ୟ ପରି ତା ସାଧନାରେ
ସେ ଏକା ଏକା ଏକାନ୍ତ ବିଭୋର ।

ଖେଳର ଅନ୍ତିମ ଦୃଶ୍ୟରେ
ଆକାଶର ପେଟତଳେ ଝୁଲି ପଡ଼ିଥିବା
ଅସହାୟ ଖଣ୍ଡିଆ ଜହ୍ନଟେ ପରି
ବାଉଁଶ ଅଗରେ ନିଜକୁ ଝୁଲେଇ ଦେଇଛି
ବାଉଁଶରାଣୀ,
ସତେ ଯେମିତି ସୁଖ ସାଉଣ୍ଟୁଥିବା
କୌତୁହଳୀ ଆଖିଗୁଡ଼ିକୁ ସୂଚେଇ ଦେଉଛି:
କେବଳ ପେଟ ଚାଖଣ୍ଡକ ପାଇଁ
ମୋ ଜୀବନ ଓ ଯୌବନକୁ
ବାଉଁଶ ଅଗରେ ବନ୍ଧା ପକେଇ ଦେଇଛି ।

କାଶୀପୁର, ବଳରାମପୁର,
କେନ୍ଦୁଝରଗଡ଼,ପିନ୍ - ୭୫୮୦୦୧
ମୋ: ୮୨୪୯୧୭୦୧୦୬୭

❐❐❐

ଏକନ ପାଇଁ ଗୋଟିଏ ଉପକବିତା

● ଚକ୍ରଧର ପଣ୍ଡା

ଏକନ କହିଲେ
ଆମ ଗାଁ ମଧୁ ଦାଶଙ୍କ ମଝିଆଁପୁଅ,
ଭଲ ନାଁ ଏକାଦଶୀ
ତାଙ୍କରି ପାଇଁ ଆଜି ମୋଅର ଏ ଉପକବିତା
ଆଜ୍ଞା, ଆମ କବି ବନ୍ଧୁମାନେ
ବଡ଼ ବଡ଼ ହ୍ରଦ, ସମୁଦ୍ରକୁ ନେଇ
କବିତା ଲେଖନ୍ତି,
ଗାଁ ଗଣ୍ଡାର ଟୁବିଗଡ଼ିଆକୁ ପଚାରୁଛି କିଏ ?
ଅଥଚ, ଆମର ଖୁବ୍ ବେଶୀ କାମରେ ଆସନ୍ତି
ସେଇ ଟୁବିଗଡ଼ିଆମାନେ
ମୋର ଏ କବିତା ସେମିତି ଗୋଟିଏ
ଟୁବିଗଡ଼ିଆ ଏକନ ଦାଶ ପାଇଁ

ଶାନ୍ତ, ସରଳ, ଭଦ୍ର, ନମ୍ର
ମାଛିକୁ 'ମ' କହେ ନାହିଁ ଏକନ ଦାଶ
ରାଜନୀତି, ଫାଜନୀତି କିଛି ବି ପଶେ ନାହିଁ
ସଫେଦ ମୁଣ୍ଡରେ ତାଆର,
ଘରେ ତାଙ୍କର ଚାଉଳ, ପନିପରିବା
ତେଲଲୁଣ, ଜାଳକାଠ ଅଛି କି ନାହିଁ
ପିଲାମାନେ ପାଠଶାଠ ପଢୁଛନ୍ତି କି ନାହିଁ
ସେସବୁରେ ମୁଣ୍ଡ ଖେଳାନ୍ତିନାହିଁ କେତେବେଳେ
ସେ ଦାୟିତ୍ୱ ତାଙ୍କ ପତ୍ନୀଙ୍କର

ବଡ଼ି ଭୋରୁ ବିଛଣା ଛାଡ଼ନ୍ତି ଏକନ ଦାଶ

ନିତ୍ୟକର୍ମ ସାରି ବାହାରିପଡ଼ନ୍ତି କାମ ଉପରକୁ
ହାତରେ ଜଳଭର୍ତ୍ତି ନୋଟାଟିଏ
ସେଥିରେ କିଛି ତୁଳସୀପତ୍ର ଓ ଫୁଲ
ଆମ ଗାଁରୁ ଆରମ୍ଭ କରି
ଆଖପାଖ ଆଠଦଶଖଣ୍ଡ ଗାଁର ମଠମନ୍ଦିରରେ ପୂଜାପାଠ
ଘରୋଇ ଠାକୁର ବି ପୂଜା କରନ୍ତି
ଅନେକ ଘରେ
ଜ୍ୟେଷ୍ଠମାସ ମୁଣ୍ଡଫଟା ଖରାକୁ ଖାତର ନ ଥାଏ
ଶ୍ରାବଣ ଭାଦ୍ରବର ଢୁ ଢୁ ବର୍ଷାକୁ ଫୁଃ !

ଶୀତଦିନିଆ ହାଡ଼ଭଙ୍ଗା ଜାଡ଼
ଗୋଟାପଣେ ମଇତ୍ର ତାଙ୍କର
ସକାଳୁ ବାହାରିଯାଆନ୍ତି ଯେ
ଫେରିବା ବେଳକୁ ରାତି ନଅ କି ଦଶ
ବୟସ କଅଣ କମ କି ? ଏବେ ଛଅସ୍ତରୀ
ଦିନେ ଜରବାଧକ କଥା ବି ଏ କାନ ଶୁଣିନାହିଁ
ବାହନ କହିଲେ ଖଣ୍ଡେ ପୁରୁଣା ସାଇକେଲ
ମୁଣ୍ଡରେ ଟାହିଆ ଅନାବୃତ ପାଦ
ଦିନେ ବି ଅବହେଳା ନାହିଁ କର୍ତ୍ତବ୍ୟରେ
ଏମିତି ଏ ଆଖି ଦେଖିଆସୁଛି
ଆଜକୁ ପନ୍ଦର / କୋଡ଼ିଏ ବର୍ଷ ଧରି
ସାଧୁ, ସଜ୍ଜୋଟ ଏକନ ଦାଶ,
ସ୍ୱତନ୍ତ୍ର ଉପାଧି ତାଙ୍କର ତୁଣ୍ଡରେ ତୁଣ୍ଡରେ ଏକନ ନନା

ଯଜମାନ ଘରେ ସୁନାରୂପା, ଟଙ୍କାପଇସା ପଡ଼ିଥିବ- ସେସବୁକୁ ଛିଃ
ଏବେ ବି ଏମିତି କେତେକ
ମହାନ୍ ମଣିଷ ଅଛନ୍ତି ଆମ ଗହଣରେ
ତାଙ୍କୁ କେହି ଚିହ୍ନୁନାହିଁ କି ଜାଣୁନାହିଁ

ନା ଅଛି ତାଙ୍କ ପାଇଁ ମଞ୍ଚ, ନା ମାନପତ୍ର
ନା ପୁରସ୍କାର, ନା ଆଉକିଛି ସମ୍ମାନ !

ଯେଉଁମାନେ ଘରଭାଙ୍ଗନ୍ତି,
ଦେଶର ସମ୍ପତ୍ତି ଲୁଟିଖାଆନ୍ତି,
ନାରୀଧର୍ଷଣ, ବ୍ୟଭିଚାର ଇତ୍ୟାଦିରୁ
ମଜା ଉଠାନ୍ତି
ଗୋଟିଏ ଗାଁକୁ ପାଞ୍ଚଫାଳ କରନ୍ତି
ରାଜନୀତି ପାଇଁ, ଆପଣାର ସମ୍ଭୋଗ ପାଇଁ,
ଖୁନଖରାବ କରିବା ଯୋଜନାରେ
ମାତିଥାଆନ୍ତି ଦିନରାତି,
ସେଇମାନଙ୍କ ଗଳାରେ ତ ଫୁଲମାଳ !
ଏକନ ଦାଶ ଭଳି ସରଳ ନିରୀହ
ମହାନ ମୂଲ୍ୟବୋଧର ମଣିଷକୁ
ଚିହ୍ନୁଛି କିଏ, ଟାଣୁଛି କିଏ, ପଚାରୁଛି କିଏ ?

❐❐❐

ବିଦାୟ ସମ୍ବର୍ଦ୍ଧନା

● ଅର୍ଚ୍ଚନାମୟୀ ପଣ୍ଡା

ବିଦାୟଟା କେବେ ଶେଷ ନୁହେଁ
ଆରମ୍ଭର ଗୋଟେ କଥା
ବିଦାୟଟା କେବେ ବ୍ୟଥା ନୁହେଁ
ଜୀବନର ଏକ ଗାଥା ।
ବିଦାୟ, ସତେ ଅବା
ଭିଜା ଭିଜା ଦରଦର
ଗୋଟେ ମିଠା ମିଠା ଚୁମ୍ବନ
ଅହେତୁକ ଗୋଟେ ଶିହରଣ
ଅଭୁଲା ଛାତିଏ କମ୍ପନ ।

ଲୁହର ଟୋପାରେ
ଫୁଲତୋଡ଼ାର ସତେଜ ପାଖୁଡ଼ାରେ
ହୃଦୟର କଅଁଳ ଭାବନାରେ
ଲେଖାଯାଏ ବିଦାୟୀର ଭାଷଣ କବିତା
ଉପହାରମାନଙ୍କର ତମାମ୍ ସୌନ୍ଦର୍ଯ୍ୟରେ
ସତେ ଅବା ଲେଖାଥାଏ
ବିତିଥିବା ବିଗତର କଥା ।

ବିଦାୟକାଳୀନ ସମ୍ବର୍ଦ୍ଧନା
କ'ଣ ଗୋଟାଏ ଉଷୁମ ଆବେଗ
ଖୁବ୍ ଗୋଟେ ଭଲ ପାଇବାର ଭାଷା
ଆଞ୍ଜୁଳା ଆଞ୍ଜୁଳା କୋହ
ମୁଠା ମୁଠା ସ୍ମୃତି ଅନୁଭୂତି
ବାନ୍ଧିପକାଏ ଆପଣଙ୍କୁ

ମୋତେ ତାଙ୍କୁ
ଆମ ସଭିଙ୍କୁ ।

ସମ୍ବର୍ଦ୍ଧନା ସରିଯାଏ
ସରିଯାଏ ବାର୍ତ୍ତାଳାପ କଥାଭାଷା ଭୋଜିଭାଜ
ହେଲେ ଅପାସୋରା ରହିଯାଏ
ଏଇ କେଇଟି ମୁହୂର୍ତ୍ତ
ସତେ ଅବା ଅବସର ଜୀବନର
ଅସରା ସମ୍ପଦ ।

କ'ଣ ଥାଏ କେଜାଣି
ସେହି ମାନପତ୍ର ଚିତ୍ରପଟ
ଉତ୍ତରୀୟ କାନ୍ଥଘଣ୍ଟା
ଫୁଲଦାନୀ ଅବା ପେନ୍‌ଷ୍ଟାଣ୍ଡରେ
ଚାହିଁଦେଲେ ତ ବର୍ଷିଯାଏ
ଆକାଶଗୋଟାକ ଭଲପାଇବା
ମାଟିଯାକର ମମତା
ନଦୀଏ ଚହଲା ତରଙ୍ଗ
ସମୁଦ୍ରେ ଲୁହ ।

କିଏ ବା ଏଠି ବିଦାୟ ନିଏ ନାହିଁ
ବର୍ଷମାସ ଦିନଦଣ୍ଡ ସୂର୍ଯ୍ୟଚନ୍ଦ୍ର
ଅନନ୍ତର ଭସା ମେଘ
ପାଦପର ପକ୍ଷୀ
ରାଜା ପ୍ରଜା
ଗଛଠାରୁ କୀଟ
ସଭିଏଁ ଭିଜନ୍ତି
ବିଦାୟର ଏଇ ଅସ୍ତଗାମୀ ଲାଲିମାରେ

ଆଗକୁ ତ ଥାଏ ରାତିଏ ଅନ୍ଧାର ।

ତଥାପି ଅପେକ୍ଷା ଥାଏ
ଅବସର ଜୀବନର
ନୂଆ ସକାଳକୁ
ବସନ୍ତର ଆମ୍ରଡ଼ାଳରେ
କୋଇଲି କୁହୁକୁ
ଆଗାମୀର ଆବାହନୀକୁ
କାଲିର ସଂଗୀତରେ
ଜୀବନର ସଶବ୍ଦ ସୁଲଳିତ ଛନ୍ଦକୁ
ଇନ୍ଦ୍ରଧନୁର ବର୍ଷଣମୁଖୀ ରୂପରଙ୍ଗକୁ ।

ଅଧ୍ୟାପିକା, ଓଡ଼ିଆ ବିଭାଗ, ଶୈଳବାଳା ମହିଳା
ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ
ମୋ: ୯୮୪୩୦୦୯୮୪୮

❐❐❐